
# ଉତ୍କଳ ପ୍ରଭାତ

ବାରିପଦା ଆଶ୍ୱିନ, ୧୩୪୮



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 8482 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the **Mayurbhanj** Chronicle.*

SUBSCRIPTION

| | | | |
|---|---|---|---|
| *Annual* - | *Rs* | *1.0* | *(post free* |
| „ | „ | *1-4* | *with* |
| *Price per copy* | „ | *0-3* | |
| | „ | *0-5* | |

*Manager* N.

[illegible] A PRADEEP

# ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।



ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗ୍ରାମ (୪) ପାତୁଆଟୋଲ ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୬୬/୪ ଷ୍ଟ୍ରାଣ୍ଡରୋଡ଼, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣୀ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୂର ) ଏକ ତୋଲାକୁ—ଟ ୪୮ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୵ ଅଣା**

ଏହା ଚର୍ମ ରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।



## ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ୍

୧୦ ଟଙ୍କା, ୫୦ ଟଙ୍କା, ୧୦୦ ଟଙ୍କା ଓ ୫୦୦ ଟଙ୍କା ମୂଲ୍ୟର ସାର୍ଟିଫିକେଟମାନ ମିଳେ । ଦଶ ବର୍ଷ ପରେ ପ୍ରତି ୧୦ ଟଙ୍କାରେ ଟ ୧୩୵ ଲେଖାଏଁ ମିଳିବ । ପ୍ରତ୍ୟେକ ବ୍ୟକ୍ତି ଖୁବ୍ ବେଶୀ ହେଲେ ଟ ୫,୦୦୦ ଙ୍କାର ସାର୍ଟିଫିକେଟ ନେଇ ପାରିବେ । ନିକଟବର୍ତ୍ତୀ ପୋଷ୍ଟ ଅଫିସରେ କିମ୍ବା ବୋମ୍ବାଇ ରିଜର୍ଭ ବ୍ୟାଙ୍କରେ ଆବେଦନ କରନ୍ତୁ ।

## ଛ ବର୍ଷିଆ ବଣ୍ଡ୍

୧୦୦ ଟଙ୍କା କିମ୍ବା ଏହାର କୌଣସି ଗୁଣର ଡିଫେନ୍ସ ବଣ୍ଡ ମିଳୁଛି । ୧୯୪୬ ଅଗଷ୍ଟ ୧ ତାରିଖରେ ୧୦୧ ଟଙ୍କା ଲେଖାଏଁ ମିଳିବ । ଛଅ ମାସରେ ଶତକଡ଼ା ୩ ଟଙ୍କା ଲେଖାଏଁ ସୁଧ ମିଳିବ । ପ୍ରତ୍ୟେକ ବ୍ୟକ୍ତି ଯେତେ ଇଚ୍ଛା ସେତେ ମୂଲ୍ୟର ବଣ୍ଡ କିଣି ପାରିବେ । ଇମ୍ପିରିଏଲ ବ୍ୟାଙ୍କ, ରିଜାର୍ଭ ବ୍ୟାଙ୍କ କିମ୍ବା ଗଭର୍ଣ୍ଣମେଣ୍ଟ ଟ୍ରେଜେରିମାନଙ୍କରେ ଆବେଦନ କରନ୍ତୁ ।

## ସୁଧବିହୀନ ବଣ୍ଡ

ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବଣ୍ଡ ମିଳୁଛି, ତିନି ବର୍ଷ ପରେ ତାହାର ପୁରାପୁରି ଚୁକ୍ତି କରି ଦିଆଯିବ । ବର୍ଷକ ପରେ [illegible] ନୋଟିସ ଦେଇ ଟଙ୍କାର ଜରୁରି ଦରକାର ପ୍ରମାଣ କଲେ ଟଙ୍କା ଫେରସ୍ତ ମିଳି ପାରିବ । ଇମ୍ପିରିଏଲ [illegible] ର୍ଭ ବ୍ୟାଙ୍କ୍ କିମ୍ବା ଗଭର୍ଣ୍ଣମେଣ୍ଟ ଟ୍ରେଜେରିମାନଙ୍କରେ ଆବେଦନ କରନ୍ତୁ ।


Digitized by srujanika@gmail.com

# ଭଞ୍ଜପ୍ରଦୀପ

**ଦଶମ ଭାଗ** **୧ମ ସଂଖ୍ୟା**

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ମହାରାଜାଙ୍କ ଅଭିଭାଷଣ | | ୨ |
| ୨ । | ଓଡ଼ିଆ ସଂସ୍କୃତି | ଶ୍ରୀ ନବକିଶୋର ଦାସ, ବି.ଏ. | ୪ |
| ୩ । | ଅତୀତର ଅଭିଜ୍ଞାନ | ୰ ଜଗତ୍‌ମୋହନ ସେନ୍ ବି. ଏସ୍.ସି., ଡି. ଇଡ. | ୧୦ |
| ୪ । | ପ୍ରତିଦାନ ( କବିତା ) | ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ, ଏମ୍.ଏ., ଡି.ଇଡ. | ୧୫ |
| ୫ । | 'ହେମଶସ୍ୟ' ଓ 'ହେମଶସ୍ୟ'ର କବି | ଶ୍ରୀ ମହେଶ୍ୱର ନାୟକ, ବି.ଏ. | ୧୬ |
| ୬ । | ଚମ୍ପୂଦାନ ( ଗଳ୍ପ ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୮ |
| ୭ । | ଆଧୁନିକ ସାହିତ୍ୟ | ଶ୍ରୀ ଶଶିଭୂଷଣ ରାୟ | ୨୨ |
| ୮ । | ଜୈନଧର୍ମ (୨) | ଶ୍ରୀମତୀ ରାଜାରାଣୀ ଦେବୀ ବି.ଏ. ଓ ଶ୍ରୀ ଘନଶ୍ୟାମ ଦାସ, ବି.ଏ., (ଲଣ୍ଡନ) | ୨୪ |
| ୯ । | ବାୟୁ-ବରୁଣ-ବିଭ୍ରାଟ | ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ, ଏଲ୍. ଏମ୍. ଟି. | ୨୬ |
| ୧୦ । | ଦେଶୀୟ ରାଜ୍ୟ ସମାଗ୍ରହ | | ୨୯ |
| ୧୧ । | ସମ୍ବାଦ ଓ ସଙ୍କେତ | | ୩୨ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । | ରାଜପ୍ରାସାଦ ସଂଲଗ୍ନ "ବାଥ୍" | ପ୍ରଚ୍ଛଦପଟ |
| ୨ । | ଛାୟା ଓ ଚନ୍ଦ୍ରିକା—ଶିଳ୍ପୀ ଶ୍ରୀ ବିଦ୍ୟାଧର ବର୍ମା | ୧୨ ପୃଷ୍ଠାର ସମ୍ମୁଖ |
| ୩ । | ଏମିବାର ପରିବର୍ତ୍ତନ | ୧୧ |
| ୪ । | ମନୁଷ୍ୟ ଓ ପଶୁର କାନ ମଧ୍ୟରେ ସାଦୃଶ୍ୟ | ୧୩ |
| ୫ । | ସିମ୍ପାଞ୍ଜିର ତଳପାଟି ଓ ମନୁଷ୍ୟର ତଳପାଟି | ୧୩ |
| ୬ । | ବିଭିନ୍ନ ଜୀବମାନଙ୍କର କରୋଟିର ସୌସାଦୃଶ୍ୟ | |
| ୭ । | ବିଭିନ୍ନ ପ୍ରାଣୀମାନଙ୍କର ଭ୍ରୂଣ | |
| ୮ । | ସନ୍ଧିଗ୍ରାମର ଏକ ରବି କ୍ଷେତ | |
| ୯ । | ନୋଧନା ପୀଢ଼ର ଏକ ଗ୍ରାମର ଢଇମ୍ବାଛୋର ଅଖୁ କ୍ଷେତ | |
| ୧୦ । | ଶ୍ରୀରାମଚନ୍ଦ୍ର ଫୁଟବଲ ପ୍ରତିଯୋଗିତାର ଶେଷ ଉତ୍ସବରେ ଶ୍ରୀମନ୍ ମହାରାଜା ମହୋଦୟ ବିଜୟୀ ଶିଲ୍ଡ ପ୍ରଦାନ କରିବାର ଦୃଶ୍ୟ | |
| ୧୧ । | ସ୍ୱର୍ଗତ ଜଗତ୍ ମୋହନ ସେନ୍ | |


Digitized by srujanika@gmail.com



'ଛାୟା ଓ ଚନ୍ଦ୍ରିକା'

ଶିଳ୍ପୀ—ଶ୍ରୀ ଶମ୍ଭାଧର ବର୍ମା

ଜେ଼ନ୍ ପ୍ରେସ, ବାରପଦା ।

Digitized by srujanika@gmail.com

# ଭଞ୍ଜପ୍ରଦୀପ


**ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ**　　**ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ**

## ଦଶହରା ସଂଖ୍ୟା

| ଦଶମ ଭାଗ | ଆଶ୍ୱିନ, ସନ ୧୩୪୮ ସାଲ | ୧ମ ସଂଖ୍ୟା |
|---|---|---|


# ମହାରାଜାଙ୍କ ଅଭିଭାଷଣ *

ଆଜି ସନ୍ଧ୍ୟାରେ ଆମ୍ଭେମାନେ ଯେଉଁଥି ପାଇଁ ଏଠାରେ ସମବେତ ହୋଇଅଛୁଁ ତାହା ହେଉଛି ଇଉରୋପୀୟ ସମର। ଗତ କେତେ ବର୍ଷ ଧରି ଇଉରୋପର ରାଜନୀତିକ ଗଗନରେ ଭାବୀ ଝଡ଼ ତୋଫାନର ଅଶୁଭ ଲକ୍ଷଣ ସବୁ ପ୍ରକାଶ ପାଇଥିଲା। କିନ୍ତୁ ଯେଉଁମାନେ ୧୯୧୪ ସାଲ ମହାସମରର ବିଭୀଷିକା ଅନୁଭବ କରିଛନ୍ତି ସେମାନେ କ୍ୱଚିତ୍ ବିଶ୍ୱାସ କରିଥିବେ ଯେ କେହି ଜାଣି ଶୁଣି ଏପରି ଆଉ ଏକ ଯୁଦ୍ଧ ଆରମ୍ଭ କରିବ।

କିନ୍ତୁ ରାଜନୀତିକୁଶଳତାର ସମସ୍ତ ପ୍ରୟାସ, ସମରବିଜ୍ଞାନର ସମସ୍ତ ସତର୍କତା ପଣ୍ଡ ହୋଇଅଛି। ପ୍ରସିଦ୍ଧ ମେଜିନୋ ଲାଇନ ହୋଇଛି ଗୋଟାଏ ପ୍ରବଞ୍ଚନା, ହଲାଣ୍ଡର କେନାଲମାନ ଏକ ପ୍ରକାର ଫାନ୍ଦ ଏବଂ ଚେମ୍ବରଲେନଙ୍କ ଅପମାନ ହାସ୍ୟୋଦ୍ଦୀପକ ଅଥଚ ଦୁଃଖବ୍ୟଞ୍ଜକ ଏକ ପ୍ରହସନରେ ପରିଣତ ହୋଇଅଛି। ନାଜୀ ଜର୍ମାନୀର ସୈନ୍ୟ ପୋଲାଣ୍ଡର ସୀମା ଅତିକ୍ରମ କରିବାଠାରୁ ବର୍ଷେ ହୋଇଗଲା ଏବଂ ଆଜି ଇଉରୋପର ଅଧିକାଂଶ ଅଞ୍ଚଳ ତାର ରକ୍ତାକ୍ତ ପଦତଳେ ଲୁଣ୍ଠିତ ଓ ଧ୍ୱସ୍ତ। ନାଜୀ ଜର୍ମାନୀ ଓ ଫାସିଷ୍ଟ ଇଟାଲି ସଭ୍ୟତାକୁ ଦର୍ପିତ ଯୁଦ୍ଧ ଡକରା ଦେଇ ଅଛନ୍ତି; ଗଣତନ୍ତ୍ର ଓ ସ୍ୱାଧୀନତାକୁ ବ୍ୟଙ୍ଗ କରୁଅଛନ୍ତି ଏବଂ ଆଜି ସେମାନଙ୍କର ରକ୍ତରଞ୍ଜିତ ପତାକା ଇଉରୋପର ଅର୍ଦ୍ଧାଧିକ ଅଞ୍ଚଳରେ ଉଡ଼ୁଅଛି।

ବିଶ୍ୱବ୍ୟାପୀ ଦାସତ୍ୱ ସେମାନଙ୍କର ଲକ୍ଷ୍ୟ ଓ ଏହି ଲକ୍ଷ୍ୟ ସାଧନ ପାଇଁ ସେମାନେ ଶଠତା, ମିଥ୍ୟା, ନିଷ୍ଠୁରତା ଓ ପାଶବିକତା ଆଡ଼କୁ ଚାଲିବା ପାଇଁ ତିଳେ ହେଲେ ଦ୍ୱିଧା ବୋଧ କରି ନାହାନ୍ତି। ସଭ୍ୟଜଗତ୍ ସ୍ତବ୍ଧ ବିସ୍ମୟରେ ଅପ୍ରତ୍ୟାଶିତ ଆଘାତ ସହୁଛି ଏବଂ ଯେଉଁ ଭାବରେ ଏ ଦର୍ପିତ ଯୁଦ୍ଧ ଡକରା ଗ୍ରହଣ କରିବା କଥା ତାହା କରିବା ପାଇଁ ସମୟ ପାଇ ନାହିଁ। ଅନ୍ୟ ସମସ୍ତ ଦେଶ ଏହି ବିଦ୍ୟୁତ୍ ଯୁଦ୍ଧର ଶକ୍ତି ଓ ବେଗରେ ନମ୍ର, କେବଳ ଗଣତାନ୍ତ୍ରିକ ଇଂଲଣ୍ଡ ପର୍ବତ ପ୍ରାୟ ଅଟଳ ହୋଇ ଛିଡ଼ା ରହିଛି ଓ ତାର ତରୁଣ ବଂଶଧର ଆମେରିକାର ଯୁକ୍ତରାଜ୍ୟ ତାକୁ ଏଥିରେ ସାହାଯ୍ୟ ପ୍ରଦାନ କରୁଅଛି।

କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ମହା ସମରରେ ଏପରି କୌଣସି ସଭ୍ୟ ଦେଶ ନାହିଁ ଯାହା ଏଥିରୁ ଅଲଗା ରହି ନିର୍ଲିପ୍ତ ଦର୍ଶକ ଭାବରେ ଯୁଦ୍ଧ ଲକ୍ଷ୍ୟ କରୁଥିବ। ବର୍ତ୍ତମାନ ପ୍ରକୃତରେ ଯେଉଁ ଯୁଦ୍ଧ ଚାଲିଛି ସେଥିରେ ସେମାନେ ଯାହା ଦେଖୁଛନ୍ତି ତାହା ଦୁଇ ଜାତି

* ମୟୂରଭଞ୍ଜ କେନ୍ଦ୍ର ଯୁଦ୍ଧ ଉଦ୍ୟମ କମିଟିର ପ୍ରାରମ୍ଭିକ ଅଧିବେଶନରେ ପଠିତ।

Digitized by srujanika@gmail.com

ମଧ୍ୟରେ ଯୁଦ୍ଧ ନୁହେଁ ମାତ୍ର ତାହା ଆଦର୍ଶର ସଂଘର୍ଷ । ନାଜିବାଦ ଓ ଫାସିଜ୍‌ମ୍ ଗଣତନ୍ତ୍ରର ଆଦର୍ଶକୁ ଘୃଣା କରୁଅଛନ୍ତି, ସ୍ୱାଧୀନତାର ଆଦର୍ଶକୁ ବିଦ୍ରୂପ କରୁଅଛନ୍ତି ଅଥଚ ସେମାନଙ୍କ ସୈନ୍ୟ ବାଳକଙ୍କୁ ହତ୍ୟା କରି, ରମ୍ୟ ଦେଶକୁ ଓ ଆନନ୍ଦମୟ ପ୍ରାକୃତିକ ଦୃଶ୍ୟାବଳୀକୁ ବିନଷ୍ଟ ଓ ଧ୍ୱସ୍ତ କରି ଦର୍ପଭରା ବିଜୟ ବାର୍ତ୍ତା ବେତାର ଯନ୍ତ୍ରରେ ପ୍ରଚାର କରୁଅଛନ୍ତି । ପୃଥିବୀର ଏହି ସଙ୍କଟ ବେଳରେ ଯଦି ଆମ୍ଭେମାନେ ନିର୍ଲିପ୍ତ ଦର୍ଶକ ଭଳି ପଛଆଡ଼େ ହାତ ଛନ୍ଦି ଛିଡ଼ା ହେଉଁ ତାହାହେଲେ ଆମ୍ଭେମାନେ ଯେ କେବଳ ଅତି ଲଜ୍ଜାକର ସ୍ୱାର୍ଥପରତା ଦୋଷରେ ଅଭିଯୁକ୍ତ ହେବୁଁ ତାହା ନୁହେଁ ପୂର୍ବପୁରୁଷମାନେ ଯେଉଁ ଚିରସ୍ମରଣୀୟ ସଭ୍ୟତା ଆମ ହାତରେ ଦାନ କରି ଯାଇଅଛନ୍ତି ତାର ଯୋଗ୍ୟ ଦାୟାଦ ନୋହୁଁ ବୋଲି ମଧ୍ୟ ପରିଚୟ ଦେବୁଁ । ଏ ଭଳି ପୃଥକ୍ ହୋଇ ରହିବା ଅର୍ଥ ନାଜିବାଦ ଓ ଫାସିଜ୍‌ମ୍ ଯେଉଁ ମନୋଭାବର ପ୍ରତୀକ ତାହାକୁ ନୀରବରେ ମାନିନେବା । ଆମ୍ଭେମାନେ ତାହା କରି ପାରିବୁ ନାହିଁ । ଆମ୍ଭମାନଙ୍କ ଦେହରେ ପ୍ରବାହିତ ପୂର୍ବପୁରୁଷମାନଙ୍କ ରକ୍ତ ଆମ୍ଭମାନଙ୍କ ମନୋଭାବ ବ୍ୟକ୍ତ କରିବାକୁ ଏବଂ ଜାର୍ମାନୀ ଓ ଇଟାଲୀର ଆଦେଶରେ ମାନବ ଜାତି ଯେଉଁ ନିଷ୍ଠୁରତା ଓ ଅମାନୁଷିକ ଲାଞ୍ଛନା ଭୋଗୁଛି ତାର ପ୍ରତିରୋଧ କରିବାକୁ କହିବ ।

ସ୍ୱାର୍ଥପରତା ସର୍ବଦା ଅଦୂରଦର୍ଶୀ, ଏବଂ ଆମ୍ଭେମାନେ ରଣାଙ୍ଗନର ଦୂରରେ ରହିବା ଯୋଗୁଁ ଯେ ନିରାପଦ ବୋଲି ଭାବୁଁ ତେବେ ଗୋଟାଏ ବଡ଼ ଭୁଲ କରିବୁଁ । ଆପଣମାନେ ସମ୍ବାଦ ପତ୍ରରୁ ଜାଣିଥିବେ କିପରି ଯୁଦ୍ଧ ଧୀରେ ଅଥଚ ନିଶ୍ଚିତ ଭାବରେ ଭାରତ ଆଡ଼କୁ ମାଡ଼ି ଆସୁଛି । ଆଫ୍ରିକା ବର୍ତ୍ତମାନ ଯୁଦ୍ଧ ଆବର୍ତ୍ତ ମଧ୍ୟରେ ପଡ଼ି ଗଲାଣି । ଇଟାଲୀୟ ବୁଡ଼ା ଜାହାଜ ଭାରତ ମହାସାଗରରେ ବିଚରଣ କରୁଛି । ଜାପାନ, ଇଣ୍ଡୋଚାଇନାର ଦ୍ୱାର ଦେଶରେ ଆଘାତ କଲାଣି ଓ ଶ୍ୟାମ ଆଡ଼କୁ ନଜର ଦେଲାଣି । ଜାପାନ ଯଦି ଇଣ୍ଡୋଚାଇନା ଓ ଶ୍ୟାମକୁ ଆୟତ୍ତ କରିବାରେ ସଫଳ ହୁଏ ତେବେ ବ୍ରହ୍ମଦେଶ ଓ ଆସାମର ଶୈଳଶ୍ରେଣୀ ଭାରତର ସମତଳ ଦେଶ ଆଡ଼କୁ ତାକୁ ପ୍ରଲୋଭିତ କରିବ ଏବଂ ଯେ କୌଣସି ମୁହୂର୍ତ୍ତରେ ଅତି ନୃଶଂସ ଆଧୁନିକ ଯୁଦ୍ଧର ଦୌରାତ୍ମ୍ୟର କବଳରେ ଆମ୍ଭେମାନେ ପଡ଼ିଯିବୁଁ । ଏ ଅବସ୍ଥାରେ ଯୁଦ୍ଧରେ ବ୍ରିଟିଶର ବିଜୟ ପାଇଁ ଆମେ ଯେଉଁ ଉଦ୍ୟମ କରିବୁଁ ତାହା ଆମ ଦେଶର ରକ୍ଷା ପାଇଁ ମଧ୍ୟ ହେବ । ଆମ୍ଭମାନଙ୍କର ନିରାପତ୍ତା ଓ ଶାନ୍ତି ବ୍ରିଟିଶ ଅସ୍ତ୍ରର ବିଜୟରେ ନିର୍ଭର କରେ ଓ ଆମର ସ୍ୱାର୍ଥ ଗ୍ରେଟ୍‌ବ୍ରିଟେନର ସ୍ୱାର୍ଥ ସହିତ ଏ ଭଳି ଜଡ଼ିତ ଯେ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ଦେଖିବା କେବଳ ରାଜନୀତିକ ଅତିପାଣ୍ଡିତ୍ୟ ମାତ୍ର ।

ଯୁଦ୍ଧର ଦାୟିତ୍ୱ କଳନାର ଭାର ବର୍ତ୍ତମାନ ରାଜନୀତିକ ପଣ୍ଡିତଙ୍କ ହାତରେ ଛାଡ଼ ଦିଆଯାଉ । ସେମାନେ ନିଜ ମସ୍ତିଷ୍କରେ ଯୁଦ୍ଧ ଏଡ଼ିବା ନ ଏଡ଼ିବା କଥା ଭାବନ୍ତୁ । କାର୍ଯ୍ୟକାରୀ ମନୁଷ୍ୟ ହିସାବରେ ଆମ୍ଭେମାନେ ଯୁଦ୍ଧର ବିଜୟ ସହିତ ସମ୍ପୃକ୍ତ ଓ ନାଜୀ ଅଧିକାରର ଦୌରାତ୍ମ୍ୟରେ ବାସ କରୁଥିବା ସ୍ୱାଧୀନତାକାମୀଙ୍କ ଭୟର ନିରାକରଣହିଁ ଆମ୍ଭମାନଙ୍କ କର୍ତ୍ତବ୍ୟ । ଯୁଦ୍ଧ ଜୟ ଲାଗି ମନୁଷ୍ୟ ଓ ଅସ୍ତ୍ର ଉଭୟ ଦରକାର । ନାଜୀ ଜାର୍ମାନୀ ଓ ଫାସିଷ୍ଟ ଇଟାଲି ସକ୍ଷମଶରୀର ସବୁ ଲୋକଙ୍କୁ ସୈନ୍ୟ ଶ୍ରେଣୀଭୁକ୍ତ କରି ବହୁ ସଂଖ୍ୟାରେ ଯୁଦ୍ଧରେ ଲଗାଇ ଦେଇ ପାରିଛନ୍ତି । ବର୍ଷ ବର୍ଷ ଧରି ସେମାନେ ମାନବର ଧ୍ୱଂସ ସାଧନ ପାଇଁ ଅସ୍ତ୍ର ଶସ୍ତ୍ର ନିର୍ମାଣ କରୁ ଅଛନ୍ତି ଓ ସେମାନଙ୍କର ଧ୍ୱଂସ ଶକ୍ତି ବିରାଟ ଆକାର ଧାରଣ କରିଛି । ସେମାନେ ଜନଶକ୍ତି ଓ ଧନ ସମ୍ପତ୍ତି ଯେପରି ଅଜସ୍ର ଭାବରେ ଯୁଦ୍ଧକୁ ଫିଙ୍ଗି ଦେଇ ଅଛନ୍ତି ସେଥିରୁ କିଭଳି ଜୀବନମୂର୍ଚ୍ଛା ପଣ ରଖି ସେମାନେ ଖେଳୁ ଅଛନ୍ତି ତାହା ସୁସ୍ପଷ୍ଟ । ଆମ୍ଭେମାନେ ଯୁଦ୍ଧରେ ସେମାନଙ୍କ ଅପେକ୍ଷା ଅଧିକତର ଶକ୍ତି ନିୟୋଜିତ ନ କରିବା ପର୍ଯ୍ୟନ୍ତ ଆମ୍ଭର ଉଦ୍ଦେଶ୍ୟ ସଫଳ ହୋଇ ପାରିବ ନାହିଁ ।

ବର୍ଷ ବର୍ଷ ଧରି ଜାର୍ମାନଯୁବକ ବିକୃତ ଇତିହାସ ଓ ଅଳୀକ ଦର୍ଶନ ଶିଖି ଆସିଛି ଏବଂ ଯେଉଁ ଯୁବକମାନେ ଜାର୍ମାନୀ ପାଇଁ ଯୁଦ୍ଧ କରୁ ଅଛନ୍ତି ସେମାନେ ବିଶ୍ୱାସ କରନ୍ତି ଯେ ସେମାନେ ଦେଶର ଚରମ ମୁକ୍ତି ପାଇଁ ଓ ଜଗତରେ ତାଙ୍କ ଦେଶ ଲାଗି ଚଳନଯୋଗ୍ୟ ସ୍ଥାନ ପାଇବା ପାଇଁ ଲଢ଼ୁ ଅଛନ୍ତି । ସେମାନେ ଭାବନ୍ତି ଯେ ଚାରିଆଡ଼େ ବିକ୍ଷିପ୍ତ ସାମ୍ରାଜ୍ୟ ଏବଂ ହଲାଣ୍ଡ ଓ ଇଂଲଣ୍ଡର ପୃଥିବୀ ବ୍ୟାପୀ ବାଣିଜ୍ୟ ଗୋଟାଏ ପାପ ଓ ତାକୁ ଅକର୍ମଣ୍ୟ କରି ଶାନ୍ତି ବିଧାନ କରିବାକୁ ନାଜୀ ଜାର୍ମାନୀର ସୃଷ୍ଟି । ସେମାନେ ଭାବନ୍ତି, ଜାର୍ମାନୀର ମୁକ୍ତି ପାଇଁ ସେମାନେ ଏକ ପବିତ୍ର ଧର୍ମଯୁଦ୍ଧ କରୁ ଅଛନ୍ତି । ମାତ୍ର ଆମ୍ଭେମାନେ ପୃଥିବୀର ଇତିହାସ ସ୍ପଷ୍ଟତର ଆଲୋକରେ ପଢ଼ି ଦେଖୁଥାଉଁ ଯେ ନାଜୀ ଜାର୍ମାନୀ ପାପ ଶକ୍ତିର ଏକ ପ୍ରତୀକ । ତେଣୁ ଆମର ଉଦ୍ଦେଶ୍ୟର ପବିତ୍ରତାରେ ଆମର ଗଭୀର ବିଶ୍ୱାସ ଥିବା ଉଚିତ । ଦାସତ୍ୱର ବିଭୀଷିକା ଓ ସ୍ଖଳନରୁ ମନୁଷ୍ୟ ମନକୁ ମୁକ୍ତ ଦେବା ପାଇଁ ଆମେ ଯେ ଯୁଦ୍ଧ କରୁଛୁଁ ଏହା ହୃଦୟଙ୍ଗମ କରିବା ଉଚିତ । ହିଟ୍‌ଲର ଓ ମୁସୋଲିନୀ ପୃଥିବୀ ଉପରେ ଯେଉଁ ସମ୍ମୋହନ ଜାଲ ଦେଇ ଅଛନ୍ତି ତାକୁ ପ୍ରକୃତିର ଗୋଟିଏ ବିକୃତି ବୋଲି ଜ୍ଞାନ କରିବା ଉଚିତ । ସେ ଯେପରି ଗୋଟାଏ ପ୍ରଳୟ ଝଞ୍ଜା ବାୟୁ,—ଦୂର ଦିଗ୍‌ବଳୟର ଅଭ୍ୟନ୍ତରରୁ ବାହାରି ନିମିଷ ମଧ୍ୟରେ ମୃତ୍ୟୁ ଓ ଧ୍ୱଂସଲୀଳା ଲଗାଇ ଦେଉଛି । ଜାର୍ମାନୀର ଗଭୀର ଅରଣ୍ୟ ମଧ୍ୟରୁ ଓ ନିରାନନ୍ଦମୟ ଆକାଶ ତଳୁ ନାଜୀ ସୈନ୍ୟଦଳ ବାହାରି ଆଗ୍ନେୟଗିରିର ଉତ୍ତପ୍ତ ଚୁଲ୍ଲୀ ଯାହା ସ୍ପର୍ଶ କରୁ ଅଛନ୍ତି ତାକୁ ବିବର୍ଣ୍ଣ ଓ ବିଷଦଗ୍ଧ କରୁ ଅଛନ୍ତି । ପୋଲାଣ୍ଡ, ହଲାଣ୍ଡ, ନରଓ୍ୱେ, ଡେନମାର୍କ, ଲକ୍‌ସେନବର୍ଗ, ବେଲଜିୟମ ଓ ସୁରମ୍ୟ ଫ୍ରାନ୍ସ ଆଜି ବିଧ୍ୱସ୍ତ, ଜଡ଼ ଓ ମୂକ । କିନ୍ତୁ ନାଜୀ ଜାର୍ମାନୀ ମନୁଷ୍ୟ-ମନୋବିକାଶର ଅନ୍ତରାୟ ହୋଇ ତାର ସ୍ପୃହଣୀୟ ବିଭବ ନଷ୍ଟ କରି ଓ ନୈରାଶ୍ୟରେ ବୁଡ଼ାଇ ଦେଇ ମନୁଷ୍ୟ ଉପରେ ଚରମ ଅତ୍ୟାଚାର କରିଛି । ଏଣୁ ନାଜୀ

ଧ୍ୱଂସ ସ୍ରୋତର ଗତିରୋଧ କରିବାକୁ ଗଲାବେଳେ ଆମ୍ଭମାନଙ୍କୁ ଆମର ଉଦ୍ଦେଶ୍ୟର ପବିତ୍ରତାରେ ଅଟଳ ବିଶ୍ୱାସ ରଖି ଦଣ୍ଡାୟମାନ ହେବାକୁ ହେବ ।

ଅବୋଧ ରୁଷିଆ ଦୂରରେ ଥାଇ ମୁଖବିକୃତି କରିପାରେ । ମେରୁଦଣ୍ଡହୀନ ବଲକାନ୍ ଦିନକୁ ଦିନ ତାର ରାଜନୀତିକ ଚେହେରା ବଦଳାଇ ପାରେ ଏବଂ ଲୁବ୍ଧ ସୁବିଧାବାଦୀ ଜାପାନ ନୂତନ ଶିକାର ଆଶାରେ ତାର ପଞ୍ଝା ପ୍ରସାରିତ କରିପାରେ; କିନ୍ତୁ ଆମ୍ଭମାନଙ୍କର ଏହି ଅଟଳ ବିଶ୍ୱାସ ଥାଉ ଯେ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଆମ୍ଭେ ପରିଶେଷରେ ବିଜୟୀ ହେବୁ, ବୈଷୟିକ କ୍ଷମତା ଦ୍ୱାରା ନୁହେଁ । ପୂର୍ଣ୍ଣ-ସ୍ୱାଧୀନତା ଏବଂ ଆନନ୍ଦର ବାୟୁମଣ୍ଡଳ ବ୍ୟତୀତ ମନୁଷ୍ୟ ମନର ବିକାଶ ଅସମ୍ଭବ ଏବଂ ଏହି ସ୍ୱାଧୀନତା ପାଇଁ ଆମ୍ଭେମାନେ ଲଢ଼ୁଛୁଁ, ଏ ବିଶ୍ୱାସ ଆମର ନ ଆସିବା ଯାକେ ଆମର ସମସ୍ତ ଉଦ୍ୟମ ବିଫଳ ହେବ ଏବଂ ଲଜ୍ଜା ଓ ଅପମାନ ଭୋଗ କରାଇବ ।

ଏହି କାର୍ଯ୍ୟ ପାଇଁ ଆମ୍ଭେମାନେ ପୂର୍ଣ୍ଣ ତ୍ୟାଗ ଭାବରେ ଅନୁପ୍ରାଣିତ ହେବା ଆବଶ୍ୟକ । ଚାଲ, ଯୁଦ୍ଧର ବିଜୟ ଲାଗି ସର୍ବସ୍ୱ ତ୍ୟାଗ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ଏବଂ ମନୁଷ୍ୟକୁ ସ୍ୱାଧୀନତା ଆଣି ଦେବା ନିମିତ୍ତ ଯାବତୀୟ ଦୁଃଖ କଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ ହେବା । ଲକ୍ଷ୍ୟ ସିଦ୍ଧି ହେବା ପର୍ଯ୍ୟନ୍ତ ଅଧ୍ୟବସାୟ କରୁଥିବା । ଭାରତ କ'ଣ ଲାଭ କରିବ, ଏ ଜାତୀୟ ନିରସ ବିଚାର ଜର୍ମନ ରାଜନୀତିଜ୍ଞମାନେ ସେମାନଙ୍କର ଜଡ଼ ବୁଦ୍ଧିରେ କରୁଥାନ୍ତୁ । କିନ୍ତୁ ଆମ୍ଭେମାନେ ଯୁଦ୍ଧରେ ଜୟ କରିବୁ, ମନୁଷ୍ୟ ଜାତିର ସ୍ୱାଧୀନତା ଫେରାଇ ଆଣିବୁ, କୌଣସି ତ୍ୟାଗରୁ ପଛଘୁଞ୍ଚା ଦେବୁ ନାହିଁ ବା ଲକ୍ଷ୍ୟ ଲାଭ ନ ହେବା ଯାଏ କୌଣସି ବାଧାବିଘ୍ନ ଆଗରୁ ହଟିବୁ ନାହିଁ; ଏହି ଦୃଢ଼ ପ୍ରତିଜ୍ଞା ହୃଦୟରେ ରଖି ଚାଲ ଆମ୍ଭେମାନେ ଅଗ୍ରସର ହେବା ।

ମୁଁ ଜାଣେ ଆମ୍ଭେ ଭାରତୀୟ ଧନୀକ ଜାତି ନୋହୁଁ । କିନ୍ତୁ ଯଦି ପ୍ରତ୍ୟେକ ଭାରତବାସୀ ତାର ଗୃହ ଖର୍ଚ୍ଚର ହିସାବ ପରୀକ୍ଷା କରି ଦେଖେ ସେ ଦେଖିବ ଯେ ତାର କିଛି ନା କିଛି ବିଳାସ ବାବତରେ ଖର୍ଚ୍ଚ ହେଉଅଛି, ଏପରି କେତେକ ଅଧିକା ବାଜେ ଖର୍ଚ୍ଚ ହେଉଛି ଯାହାକୁ କ ସେ ନ କଲେ ବି ଚଳନ୍ତା । ପ୍ରତ୍ୟେକ ଲୋକ ଯଦି ତାର ବ୍ୟକ୍ତିଗତ ଖର୍ଚ୍ଚର ହିସାବ ତନ୍ନ ତନ୍ନ କରି ଦେଖେ ସେ ନିଶ୍ଚୟ ଏପରି ଅନେକ ଜିନିଷ ପାଇବ, ଯାହାକୁ ଛାଡି ଦେଲେ ବେଶ୍ ଚଳି ହେବ। ସେ ଯଦି ମାନବ ଜାତିର ହିତ ପାଇଁ, ସେ ବାବତ ଖର୍ଚ୍ଚମାନ ନ କରି ଉକ୍ତ ବଳକା ଅର୍ଥ ମାନବର ସ୍ୱାଧୀନତା ଓ ମନୁଷ୍ୟ ମନର ମୁକ୍ତି ଲାଭ ଉଦ୍ଦେଶ୍ୟରେ ବିନିଯୋଗ କରିବାକୁ ସ୍ଥିରସଂକଳ୍ପ ହୁଏ ତେବେ ମୋର ପୂର୍ଣ୍ଣ ବିଶ୍ୱାସ ପ୍ରତ୍ୟେକ ବ୍ୟକ୍ତି ଯଥାସମ୍ଭବ ତାହାର କ୍ଷୁଦ୍ର ଶକ୍ତିରେ ସାହାଯ୍ୟ କରିବାକୁ ସମର୍ଥ ହୋଇ ପାରିବ ଏହି କ୍ଷୁଦ୍ର ଶକ୍ତି-ଗୁଡ଼ିକର ସମଷ୍ଟିହିଁ ପରିଶେଷରେ ଏକ ବିରାଟ ଶକ୍ତି ହୋଇ ଉଠିବ ।

ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଚାଲ ବର୍ତ୍ତମାନ ଏହିଠାରେ ପ୍ରତିଜ୍ଞାବଦ୍ଧ ହେବା ଯେ ଆମ୍ଭେ ଏହିପରି କରିବୁଁ ଏବଂ ଯୁଦ୍ଧରେ ଜୟଲାଭ କରିବା ଯାଏ ଆମ୍ଭେମାନେ ଅବିଚଳିତ ଭାବରେ ସାହାଯ୍ୟ ଦେଉଥିବୁଁ, ତେବେ ଯାଇଁ ଆମ୍ଭେମାନେ ବିଜୟୀ ହେବୁଁ । ଆମ୍ଭେମାନେ ବର୍ତ୍ତମାନ କି ଅବସ୍ଥାରେ ଅଛୁଁ ତାହା ଉତ୍ତମରୂପେ ହୃଦୟଙ୍ଗମ କରିବା ଆବଶ୍ୟକ ।

ମାନବ-ସଭ୍ୟତାର ସ୍ତମ୍ଭସ୍ୱରୂପେ ଯାହାକୁ ଆମ୍ଭେ ଏତେଦିନ ଜ୍ଞାନ କରି ଆସିଅଛୁ ସେ ସବୁ ଆଜି ନାଜି ଜର୍ମାନୀର ରାକ୍ଷସ-ମାନଙ୍କର ବିକଟ ଅଟ୍ଟହାସ ମଧ୍ୟରେ ବୋମାବିଧ୍ୱସ୍ତ ଓ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଦିଗବିଦିଗରେ ନିକ୍ଷିପ୍ତ ହେଉଅଛି । ନାରୀ, ବୟସ୍କ, ରୁଗ୍ଣ ଓ ବିଦ୍ୱାନ୍ ପ୍ରତି ସମ୍ମାନ ଗଲାଣି, କଳା, ସାହିତ୍ୟ ଓ ପ୍ରତିଭାର ଆଦର ଗଲାଣି, ସତ୍ୟ, ସାଧୁତା, ନ୍ୟାୟବିଚାର ପ୍ରତି ଆସ୍ଥା ଗଲାଣି । ଆଜି ସେ ସ୍ଥାନରେ ବିଶ୍ୱବ୍ୟାପୀ ଅବିମିଶ୍ର ତ୍ରାସ ଓ ଅତ୍ୟାଚାର ରାଜତ୍ୱ କରୁଛି । ଆମ୍ଭମାନଙ୍କୁ ବର୍ତ୍ତମାନ ଅବସ୍ଥାର ବିପତ୍ତିର ଭୀଷଣତା ବିଚାର କରି ଏବଂ ଚତୁଃପାର୍ଶ୍ୱସ୍ଥ ନୈତିକ, ବୈଷୟିକ, ମାନସିକ ଓ ଆଧ୍ୟାତ୍ମିକ ଆପଦର ଗୁରୁତ୍ୱ ଉପଲବ୍ଧି କରି ଜାଗ୍ରତ ରହିବାକୁ ହେବ । ଚାଲ ସଂକଳ୍ପ କରି ଏ ସବୁ ବିପଦ୍ ଦୂର କରିବା ପାଇଁ ଅବିରାମ ଓ ଅକ୍ଳାନ୍ତ ଉଦ୍ୟମ କରିବା ; ଆମକୁ ଯେଉଁ କଦର୍ଯ୍ୟ କୁଟିଳ ଦୈତ୍ୟ ଘେରି ରହିଛନ୍ତି ସେମାନଙ୍କୁ ନିପାତ କରିବା ; ପୃଥିବୀରେ ଆଜି ଯେଉଁ ପାପଶକ୍ତି ସଜାଗ ତାର ମୂଳପୋଛ କରିବା ଏବଂ ମନୁଷ୍ୟ ଜାତିର ଈପ୍ସିତ ଆଦର୍ଶ, ଶାନ୍ତି ସ୍ୱାଧୀନତାର ଆଦର୍ଶ, ନ୍ୟାୟ ଓ ସାମ୍ୟନୀତିର ଆଦର୍ଶ ଫେରାଇ ଆଣିବା । ଆମର ସମସ୍ତ ତ୍ୟାଗ କଦାପି ବ୍ୟର୍ଥ ହେବ ନାହିଁ ।

ମୋର ଆଶା ମୁଁ ଆପଣମାନଙ୍କୁ ବୁଝାଇ ପାରିଛି ଯେ ବର୍ତ୍ତମାନ ସମସ୍ତ ଚେଷ୍ଟା ଯୁଦ୍ଧର ଜୟଲାଭ ପାଇଁ ବିନିଯୋଗ କରିବା ଏବଂ ଏ ସଙ୍କଟକାଳରେ ଇଂଲଣ୍ଡକୁ ଯଥାଶକ୍ତି ସାହାଯ୍ୟ କରିବା ଆମ୍ଭମାନଙ୍କ ଉଚିତ । ଆପଣମାନଙ୍କ ସ୍ମରଣ ଥିବ ଯେ ମହାମାନ୍ୟ ସମ୍ରାଟଙ୍କ ନିକଟରେ ମୁଁ ମୋର ବ୍ୟକ୍ତିଗତ ସେବା ଓ ରାଜ୍ୟର ସମସ୍ତ ଧନ ସମ୍ପତ୍ତି ଅର୍ପଣ କରି ସାରିଛି । ମୁଁ ଗୋଟିଏ ଉଡ଼ା ଜାହାଜ ଦାନ କରିଛି ଏବଂ ଅନ୍ୟାନ୍ୟ ସାହାଯ୍ୟ ଛଡ଼ା ଟ ୭୨,୫୦୦୯ ଙ୍କା ମୂଲ୍ୟର ଡିଫେନ୍ସ ବଣ୍ଡ କିଣି ସାରିଛି, ମୋର ବିଶ୍ୱାସ ଆପଣମାନେ ଆଜି ପୃଥିବୀର ଶାନ୍ତିତ୍ରାସ କରୁଥିବା ଫାସିଷ୍ଟ ବିରୁଦ୍ଧରେ ଅଭିଯାନ ଚଳାଇବା ପାଇଁ ଯଥାଶକ୍ତି ସାହାଯ୍ୟ କରିବେ । ବିପଦ୍ ଏକୁଟିଆ ହୋଇ ଆସେ ନାହିଁ । ବିଗତ ବନ୍ୟା ଫଳରେ ରାଜ୍ୟରେ ଯେଉଁ ବିପତ୍ତି ଘଟିଛି ତାହା ଆମ୍ଭମାନଙ୍କୁ ବିଚଳିତ କରି ପକାଇଛି । ଏହି ବନ୍ୟାରେ ରାଜ୍ୟର ରାସ୍ତାମାନ ଧୋଇ ଯାଇଛି; ପୋଲ ବନ୍ଧ ସବୁ ଭାଙ୍ଗି ଯାଇଛି; ଲୋକମାନେ ଗୃହଶୂନ୍ୟ ହୋଇ ଅଛନ୍ତି ଏବଂ ସେମାନଙ୍କ କ୍ଷେତର ଫସଲ ନଷ୍ଟ ହୋଇ ଯାଇଛି । ଏଣୁ ଆମ୍ଭେ ମୟୂରଭଞ୍ଜବାସୀ କେବଳ



Digitized by srujanika@gmail.com

ନାଜୀ ଶକ୍ତି ବିରୁଦ୍ଧରେ କାହିଁକି ନିଜର ଦ୍ୱାର ଦେଶରେ ପ୍ରକୃତିର ପ୍ରଳୟଲୀଳା ସମ୍ମୁଖରେ ସଂଗ୍ରାମ କରିବାକୁ ବାଧ୍ୟ ହୋଇଅଛନ୍ତି । ବର୍ତ୍ତମାନ ପୁଣି ବେଳ ଆସିଅଛି ଯେତେବେଳେ ଆମ୍ଭମାନଙ୍କୁ ଯୁଦ୍ଧର ଆସନ୍ନ ବିପଦ ବିରୁଦ୍ଧରେ ଶକ୍ତି କେନ୍ଦ୍ରୀଭୂତ କରିବାକୁ ହେବ ଏବଂ କେବଳ କଥାରେ ନୁହେଁ କାର୍ଯ୍ୟରେ ମଧ୍ୟ ଇଂଲଣ୍ଡକୁ ଯଥାସାଧ୍ୟ ସାହାଯ୍ୟ ଦେବାକୁ ହେବ । ଚାଲ, ମୋର ପୂର୍ବ ସ୍ୱୀକୃତି ମତେ ରାଜ୍ୟର ସକଳ ସମ୍ପଦ, ରାଜଭକ୍ତି, ନିଷ୍ଠା, ସାଧୁତା ଓ ତ୍ୟାଗ ଯଥାଶକ୍ତି ଅର୍ପଣ କରି ମହାମାନ୍ୟ ସମ୍ରାଟଙ୍କୁ ଏ ଯୁଦ୍ଧରେ ଜୟଶ୍ରୀ ମଣ୍ଡିତ କରିବା ଏବଂ ନାଜୀ ଆଦର୍ଶର ଉଚ୍ଛନ୍ନ ବିଷର ବିଲୋପ ସାଧନ କରିବା ।

# ଓଡ଼ିଆ ସଂସ୍କୃତି

**ଶ୍ରୀ ନବକିଶୋର ଦାସ**

ମନୁଷ୍ୟ ଜୀବନର ମୂଲ୍ୟ ନିର୍ଦ୍ଧାରଣ ତାହାର ବିକାଶର ଅନୁପାତ ଉପରେ ନିର୍ଭର କରେ । ଖାଇବା, ପିଇବା କିମ୍ବା ଗୃହର ଉନ୍ନତି ବିଧାନ କରିବା, ବାଣିଜ୍ୟର ସମ୍ପ୍ରସାରଣ ପାଇଁ ସମାଜର ଦଳେ ବ୍ୟକ୍ତି ଭାବିବାକୁ ବାଧ୍ୟ; ଏବଂ ଏଥିପାଇଁ ନୀତି ନିୟନ୍ତ୍ରଣ ଏବଂ ସଂଗଠନ ଯନ୍ତ୍ରକୁ ଯୋଜନା କରିବେ । ଏହା ମନୁଷ୍ୟର ପ୍ରାଥମିକ ପ୍ରୟୋଜନୀୟ ବିଷୟ । ମାତ୍ର ମଣିଷ କେବଳ ଏହି ପ୍ରାଥମିକ ପ୍ରୟୋଜନୀୟତାରେ ତାର ଦୃଷ୍ଟି ଆବଦ୍ଧ କରି ରହି ପାରି ନାହିଁ ଏବଂ ରହି ପାରିବ ନାହିଁ । ଅନ୍ତର-ମାନବ ଏମିତି ଏକ ବୃହତ୍ତର, ଉଚ୍ଚତର ଜୀବନ ପାଇଁ ଅନୁପ୍ରେରିତ ଯେ ସେହି ଜୀବନର ଉଚ୍ଚାଙ୍ଗ ଆଦର୍ଶ ବ୍ୟତୀତ ଏହା ତୃପ୍ତି ପାଇବ ନାହିଁ । ଏହି ଆଦର୍ଶ ଦିଗରେ ଗତିକୁ ଆମ୍ଭେମାନେ ସଂସ୍କୃତି କହିପାରୁଁ । ମାଇଲ ଖୁଣ୍ଟ ଦ୍ୱାରା ପଥର ଦୀର୍ଘତା ମପା ଗଲାଭଳି, ଆମ୍ଭେମାନେ ବିଭିନ୍ନ ଜାତିର ଆଦର୍ଶ-ଦିଗର ଗତିକୁ ସଂସ୍କୃତି-ମାନଦଣ୍ଡରେ ମାପି ପାରୁଁ । ଉଦାହରଣ ସ୍ୱରୂପ ଆମ୍ଭେମାନେ କୋଣାର୍କର ସୂର୍ଯ୍ୟାଚଳ ମନ୍ଦିରର ଚାରୁ କାରୁକଳାରୁ ଲାଙ୍ଗୁଳା ନରସିଂହ ଦେବଙ୍କ ସମୟର ଉତ୍କଳ-ସ୍ଥାପତ୍ୟର ଏକ ସୁଧାରଣା ମନରେ ଆଙ୍କିପାରୁଁ । କିମ୍ବା ଖିଚିଙ୍ଗର ନଟରାଜ ମୂର୍ତ୍ତିରୁ ଆମ୍ଭେମାନେ ଉତ୍କଳର ସେ ସମୟର ମୂର୍ତ୍ତି-ଗଠନ-କଳାର ଏକ ଧାରଣା କରିପାରୁଁ । ସଂସ୍କୃତିର ନିର୍ଦ୍ଧାରଣ, ଏକ କଠିନ ବ୍ୟାପାର, କାରଣ ସଂସ୍କୃତି ବଡ଼ ବ୍ୟାପକ ଏବଂ ଜଟିଳ ସାମାଜିକ ବିଭବ । ଏହାର ବ୍ୟାପକ ଗଣ୍ଡିରେ ବହୁ ମାନବିକ ବିକାଶର ସ୍ଥାନ ଅଛି । ସାହିତ୍ୟ, ସଙ୍ଗୀତ, କଳା, ନୀତିମୟ-ଜୀବନ, ଧର୍ମ, ଦର୍ଶନ ପ୍ରଭୃତି ନାନା ବିଭାଗରେ ଜାତି କେତେଦୂର ଅଗ୍ରସର ହୋଇଛି, ତାହା ତାହାର ସଂସ୍କୃତିରୁ ନିର୍ଦ୍ଧାରିତ ହେବ । ରାଜନୀତିକ ଇତିହାସ ଭଳି ସଂସ୍କୃତିମୂଳକ ଇତିହାସର ମଧ୍ୟ ଦେଶରେ ଖୁବ୍ ଆଲୋଚନା ହେବା ଉଚିତ । ମାତ୍ର ବିସ୍ମୟର କଥା ପୃଥିବୀର ପ୍ରାୟ ସବୁ ଦେଶରେ ଏହି ସଂସ୍କୃତିମୂଳକ ଇତିହାସ ପ୍ରାୟ ସ୍ୱତନ୍ତ୍ର ଭାବରେ ଲିପିବଦ୍ଧ ହୋଇ ନାହିଁ । କେବଳ 'ସାହିତ୍ୟ-ଇତିହାସ'ରୁ 'ସଂସ୍କୃତି'ର ସମ୍ୟକ୍ ଧାରଣା ଅସମ୍ଭବ । ଉତ୍କଳରେ 'ଓଡ଼ିଆ-ସାହିତ୍ୟ ଇତିହାସ' ମଧ୍ୟ ଆଜଯାଏ ଉଲ୍ଲେଖ ପାଇ ନାହିଁ । କିନ୍ତୁ ଏହିପରି ସଂସ୍କୃତିମୂଳକ ଇତିହାସ ପ୍ରଣୟନ ପାଇଁ ନାନା ଉପାଦାନ ଆମ ଦେଶରେ ଏବଂ ପୃଥିବୀର ବହୁଦେଶରେ ବିଦ୍ୟମାନ ଅଛି । 'ସଂସ୍କୃତି'ର ପୁଣି ବିଭାଗ ହୋଇଛି ଦେଶ, ଜାତି ଯେନ । ଭୌଗୋଳିକ ଅବସ୍ଥିତି, ରାଜନୀତିକ ସ୍ୱାତନ୍ତ୍ର୍ୟ ଏବଂ ଭାଷା, ଲିପିର ପାର୍ଥକ୍ୟ ପୃଥିବୀରେ ବହୁ 'ସଂସ୍କୃତି'ର ଜନ୍ମ ଦେଇଅଛି । ଆନ୍ତର୍ଜାତିକତା ଲାଗି ଯେପରି ଜାତୀୟତାର ପ୍ରୟୋଜନ, ସେହିପରି ବିଶ୍ୱ-ସଂସ୍କୃତି ଗଠନ ପାଇଁ ଅର୍ଥାତ୍ ମାନବ-ସମାଜର ଏକ ବିଶ୍ୱବ୍ୟାପୀ-ସଂସ୍କୃତିର ମୂଳପତ୍ତନ ନିମିତ୍ତ ଦେଶୀୟ ବା ଜାତୀୟ ସଂସ୍କୃତି ଲୋଡ଼ା । ଏହି ଜାତୀୟ-ସଂସ୍କୃତି-ସଂଗଠନ ଯେତିକି ସୁଦୃଢ଼ ମୂଳଦୁଆ ଉପରେ ସ୍ଥାପିତ ହେବ, ସେତିକି ପରିମାଣରେ ବିଶ୍ୱ-ସଂସ୍କୃତି ବିକଶିତ ଏବଂ ପରିପୂର୍ଣ୍ଣ ହେବ । ଉଦ୍ୟାନର ଯଦି କୌଣସି ଗୋଟିଏ ବୃକ୍ଷ ସୁନ୍ଦର ଏବଂ ସୁଗନ୍ଧ ଯୁକ୍ତ ଫୁଲରେ ଶୋଭିତ ହୁଏ, ତଦ୍ୱାରା ସମଗ୍ର ଉଦ୍ୟାନର ମର୍ଯ୍ୟାଦା, ମୂଲ୍ୟ ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି ପାଏ । ଏହି ଦୃଷ୍ଟିରୁ 'ଜାତୀୟ-ସଂସ୍କୃତି'ର ସ୍ଥାନ ରହିଛି ଓ ଏହାର ଅତୀତର ଆଲୋଚନା ବର୍ତ୍ତମାନ ବା ଭବିଷ୍ୟତ ପାଇଁ ନୀତି ନିୟନ୍ତ୍ରଣରେ ପ୍ରୟୋଜନୀୟ । ଏହି ଦିଗରୁ ଦେଖିଲେ 'ଓଡ଼ିଆ-ସଂସ୍କୃତି' ବିଷୟରେ ଏକ ସ୍ୱତନ୍ତ୍ର ଆଲୋଚନା ପାଇଁ ସ୍ପୃହା ଜାତ ହୁଏ ।

'ଓଡ଼ିଆସଂସ୍କୃତି' ଶବ୍ଦଟି ମଧ୍ୟ ବଡ଼ ବ୍ୟାପକ । ତେଣୁ ସଂସ୍କୃତିର ନାନା ବିଭାଗ ଦେଇ ସଂକ୍ଷେପରେ ଆଲୋଚନା କରିବା ସମୀଚୀନ ।

## ଓଡ଼ିଆ ସଂସ୍କୃତିର ଅତୀତ

ଅତୀତରୁ ବର୍ତ୍ତମାନ ଆଗତ । ସଂସ୍କୃତି ଏକ ବିଶେଷ ଯୁଗ ଆବଦ୍ଧ ସମ୍ପଦ ନୁହେଁ । ଏହାର ପ୍ରଭାବ ସମାଜ ଉପରେ



Digitized by srujanika@gmail.com

ନାନା ଯୁଗରେ ନାନା ଭାବରେ ପଡ଼େ । ରଚନା କାଳରେ ଜଗନ୍ନାଥ ଦାସଙ୍କ ଭାଗବତ ଯେଉଁ ପ୍ରଭାବ ଦେଶରେ ପକାଇଥିଲା ତାହାଠାରୁ ଯେ ବର୍ତ୍ତମାନ ଭାଗବତର ପ୍ରଭାବ ଊଣା ପଡ଼ିଯାଇଛି, କହି ହେବ ନାହିଁ । ମୋର ମତ ଯେ ରଚନା କାଳ ପରେ ଓ ଜଗନ୍ନାଥ ଦାସଙ୍କ ମୃତ୍ୟୁ ପରେ ଭାଗବତର ପ୍ରଭାବ ଉତ୍କଳରେ ଆହୁରି ବେଶି ପଡ଼ିଥିବ, ଏହାର ପ୍ରଚାରର ପ୍ରସାର ସଙ୍ଗେ ସଙ୍ଗେ । ଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର । ଓଡ଼ିଆ ସାହିତ୍ୟ 'କେଶବ କୋଇଲି' ଠାରୁ ଆଧୁନିକ 'ଗୀତି' କବିତା ଯାଏଁ ବହୁତ ସ୍ତର ଦେଇ ଆସିଛି । ଜାତିର ନାନା ସ୍ପନ୍ଦନ ଏବଂ ଅନୁଭୂତି ସାହିତ୍ୟ-ମୁକୁରରେ ପ୍ରତିବିମ୍ବିତ ହୋଇଅଛି । ଏହି ପ୍ରତିବିମ୍ବକୁ ବିଶ୍ଳେଷଣ କଲେ ଆମ୍ଭେମାନେ କଅଣ ଦେଖୁ ? ଓଡ଼ିଆ-ସାହିତ୍ୟରେ ତିନି ଗୋଟି ସ୍ତର ଦେଖିବାକୁ ମିଳେ । ଗୋଟିଏ ଗ୍ରାମ-ଜୀବନର ପ୍ରତିଛବି । ସାଧାରଣ ନର-ନାରୀଙ୍କ ସୁଖ, ଦୁଃଖ, ପ୍ରେମ, ବିରହ, ମିଳନ କିମ୍ବା ସେମାନଙ୍କ ଚିନ୍ତା କ୍ଷୁଦ୍ର କ୍ଷୁଦ୍ର ଗୀତ, କବିତାରେ ପ୍ରକାଶ ପାଇଛି । ଏହି ଗ୍ରାମ-ଜୀବନ-ମୂଳକ ସାହିତ୍ୟ ମଧ୍ୟ ବର୍ତ୍ତମାନ ବନ୍ଦ ହୋଇ ନାହିଁ । ଏହାକୁ ଲୋକ-ସାହିତ୍ୟ କୁହା ଯାଇପାରେ । ଏହି ଲୋକ-ସାହିତ୍ୟ ଆଜଯାଏ କେବଳ 'ସ୍ପନ୍ଦନ' ରାଜ୍ୟରେ ଆବଦ୍ଧ । "ଯାତ୍ରା" ଏହି ଲୋକ ସାହିତ୍ୟର ମଧ୍ୟ ଗୋଟିଏ ଅଚ୍ଛେଦ୍ୟ ବିଭାଗ । ଓଡ଼ିଆ 'ଯାତ୍ରା' କ୍ରମ-ଅଗ୍ରଗତି ପଥରେ ପ୍ରଧାବିତ । ଦ୍ୱିତୀୟରେ ଆମ୍ଭେମାନେ ଦେଖୁଁ ଧର୍ମ-ଭାବ । ଧର୍ମର ଭାବ ପ୍ରକାଶ ହୋଇଛି ଦୁଇ ପ୍ରକାରରେ ଗୀତ, ଚଉତିଶା, ଭଜନ ଏକ ଧରଣର ଧର୍ମ-ଭାବ-ବାହକ ଦ୍ୱିତୀୟରେ ପୁରାଣ । ପୁଣି ଏହି ଧର୍ମ-ଦର୍ଶନ-ଭାବ ବିକାଶର 'ବାହକ'ର ବେଶ ବଦଳିଛି । ବ୍ୟକ୍ତିଗତ ଧର୍ମାନୁଭୂତି ବର୍ତ୍ତମାନ ଗୀତି, କବିତା ମଧ୍ୟ ଦେଇ ପ୍ରକାଶ ପାଇଛି । ତୃତୀୟ ବିଭାଗ ହେଉଛି ପ୍ରେମ । ଉପେନ୍ଦ୍ର ଭଞ୍ଜଙ୍କ "କାବ୍ୟ-ଯୁଗ" ରେ ଏହାର ମଧ୍ୟଯୁଗ । ଏହାର ଆରମ୍ଭ ସେହି ଗ୍ରାମ୍ୟ କବିତାରେ ଏବଂ ଏହି ବିଭାଗର ବିକାଶ ମଧ୍ୟ ହେଉଛି ଆଧୁନିକ କାବ୍ୟ, କବିତା, ଗଳ୍ପ ଓ ଉପନ୍ୟାସରେ ।

ଏ ସଂକ୍ଷିପ୍ତ ବିଶ୍ଳେଷଣରୁ ସହଜରେ ଜଣା ଯିବ ଯେ ଓଡ଼ିଆ ସାହିତ୍ୟରେ ଅଭାବ କେଉଁଠି ? ତାହା ମୁଁ ପରେ ଆଲୋଚନା କରିବି । ସାହିତ୍ୟରେ ଜାତିର ସଂସ୍କୃତି ପରିଚୟ ଦେବାର ସବୁଠାରୁ ଶ୍ରେଷ୍ଠ ଅଭିବ୍ୟକ୍ତି । ଏହା ବ୍ୟତୀତ ସଙ୍ଗୀତ, ନୃତ୍ୟ, ସ୍ଥାପତ୍ୟ, ଚିତ୍ର, କଳା ଏବଂ ଧର୍ମ ପ୍ରଭୃତି ବିଭାଗମାନ ଅଛି । ଉତ୍କଳର ପ୍ରାଚୀନ ସଂସ୍କୃତିର ଆଲୋଚନା କରିବାକୁ ହେଲେ "ଧର୍ମ" ପ୍ରଥମେ ଆଲୋଚିତ ହେବା ବିଧେୟ ।

## ଧର୍ମ

ଓଡ଼ିଆ ଜାତୀୟତା ତଥା ସଂସ୍କୃତିର ଏକ ବିଶେଷତ୍ୱ ଯେ ଏହା ସମନ୍ୱୟ ଭାବର ବଡ଼ ଉପାସକ । ହିଂସା ଦ୍ୱେଷ ଏହି ଜାତିର ଜାତୀୟ ଜୀବନରେ ସେତେ ସ୍ଥାନ ପାଇନାହିଁ । ଅବଶ୍ୟ ରାଜାମାନେ ବିଭିନ୍ନ ସମୟରେ ଦିଗ୍‌-ବିଜୟ କରିଛନ୍ତି, ଓଡ଼ିଆ ପାଇକ ଗଙ୍ଗାଠାରୁ ଗୋଦାବରୀ ଯାଏଁ ବୀର-ଦର୍ପରେ ପାହୁଣ୍ଡ ପକାଇ ଯାଇଛି, ମାତ୍ର ସେ ବୀରତ୍ୱର କାହାଣୀ ଜାତିକୁ ସେତେ ସ୍ପର୍ଶ କରିନାହିଁ । ତାହାର ନମୁନା ଓଡ଼ିଆ ସାହିତ୍ୟ । 'ସମରତରଙ୍ଗ'କୁ ଛାଡ଼ିଦେଲେ ପ୍ରାଚୀନ ଓଡ଼ିଆ କବିତାରେ ସମରର ଚିତ୍ର ନାହିଁ । ରାଜପୁତାନାରେ ବୀରତ୍ୱବ୍ୟଞ୍ଜକ ଭାବ ଯେପରି ସେମାନଙ୍କ ଗ୍ରାମ୍ୟ-ଗାଥାରେ ପ୍ରାଧାନ୍ୟ ଲାଭକରି ପାରିଅଛି, ଓଡ଼ିଆରେ ତାହା ହୋଇ ନାହିଁ । କାରଣ ଦେଶଟା କୃଷିପ୍ରଧାନ ଦେଶ; କୃଷି ବ୍ୟତୀତ ବୋଇତ ଯୋଗେ ବାଣିଜ୍ୟ କରିଯିବା ସମୁଦ୍ର କୂଳ ଅଧିବାସୀଙ୍କର ପ୍ରଧାନ ବ୍ୟବସାୟ ଥିଲା । ତେଣୁ ଜାତିର ସାଧାରଣ ବ୍ୟକ୍ତି ଯୁଦ୍ଧ ଅପେକ୍ଷା ଶାନ୍ତିର ବିଶେଷ ପ୍ରିୟ ଥିଲେ; ସେମାନଙ୍କ ନିଜର ଜୀବନ-ସ୍ୱାର୍ଥ ଦିଗରୁ ଏବଂ ଏହି ଧନ. ଜନ, ଗୋପଲକ୍ଷ୍ମୀଙ୍କ ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରାଣକୁ ଧର୍ମ ଖୁବ୍‌ ଆକୃଷ୍ଟ କରିଥିଲା । ଉତ୍କଳରେ ପ୍ରାଚୀନ ବୌଦ୍ଧ-ଯୁଗର କୀର୍ତ୍ତି ସକଳ ଅନୁସନ୍ଧାନ କଲେ ଜଣାଯିବ ଯେ ବୌଦ୍ଧ-ଧର୍ମ ଏ ଦେଶରେ ଖୁବ୍‌ ପ୍ରସାର ଲାଭ୍‌ କରିଥିଲା । ବିହାର ଭଳି ଉତ୍କଳରେ କୃଷକ ଏବଂ ବଣିକ ସମ୍ପ୍ରଦାୟ ବୌଦ୍ଧ-ଧର୍ମ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ । ଅହିଂସାମୂଳକ ବୌଦ୍ଧ-ଧର୍ମର ଉପଦେଶାବଳୀ ନିଶ୍ଚୟ କୃଷକ କୁଳକୁ ସ୍ପର୍ଶ କରିଥିବ । ଅବଶ୍ୟ କ୍ଷତ୍ରିୟ ସମାଜ ଏଥିରେ କେତେଦୂର ପ୍ରଭାବିତ ହୋଇଥିବେ କହି ହେଉ ନାହିଁ । ତଥାପି ପ୍ରତାପରୁଦ୍ର ବୈଷ୍ଣବ ହେଲା ଭଳି କେହି ରାଜା ବୌଦ୍ଧ ଧର୍ମାବଲମ୍ବୀ ହୋଇ ନିଜ ରାଜ୍ୟର ନାମ "ବୌଦ" ( ବୌଦ୍ଧର ଅପଭ୍ରଂଶ ) ରଖିଥିବେ ।

ସେ ଯାହା ହେଉ କେବଳ ଉଦୟଗିରି, ଖଣ୍ଡଗିରି, ଧଉଳଗିରି ନୁହେଁ ଉତ୍କଳର ପ୍ରାୟ ସର୍ବତ୍ର ବୌଦ୍ଧ-ସ୍ମୃତି ବିରାଜିତ । ଏପରିକି ଅଭେଦ୍ୟ ଜଙ୍ଗଲମାନଙ୍କରେ ମଧ୍ୟ ଯେଉଁଠାରେ ହିନ୍ଦୁ ଦେବଦେବୀ ଅଛନ୍ତି ସେଠାରେ ବୌଦ୍ଧ-ସ୍ମୃତି ଅଦ୍ୟାପି ବର୍ତ୍ତମାନ । ଗ୍ରାମ ଅଭ୍ୟନ୍ତରରେ ମଧ୍ୟ ଏହି ଧର୍ମ-ସମ୍ପ୍ରଦାୟଙ୍କ ସ୍ମୃତି ଅଦ୍ୟାପି ରହିଅଛି । ଯାଜପୁରର ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଗ୍ରାମ ଗହଳରେ, ଲଳିତଗିରି, ଉଦୟଗିରି ଏବଂ ରତ୍ନଗିରିରେ ବୌଦ୍ଧ-ବିଶ୍ୱଭାରତୀ ପୁଷ୍ପକଗିରି (ବିହାର) ସ୍ଥାପିତ ହୋଇ ପାରିଥିଲା । ପାଟଣା ଗଡ଼ଜାତର ଦୁର୍ଭେଦ୍ୟ ଜଙ୍ଗଲରେ 'ହରଶଙ୍କର' ମନ୍ଦିରରେ କିମ୍ବା ମୟୂରଭଞ୍ଜର ଖିଚିଙ୍ଗରେ ମଧ୍ୟ ବୁଦ୍ଧ ମୂର୍ତ୍ତି ଆଜଯାଏ ବିରାଜମାନ କରୁଅଛି । ବୌଦ ରାଜ୍ୟର ଝାର ବଉଦିଆ ଖଣ୍ଡ ବଉଦିଆ ପ୍ରଭୃତି ସ୍ଥାନରେ ଯେ ବୌଦ୍ଧ କୀର୍ତ୍ତି ଥିଲା ଏହା ଅନୁମାନ କରିବା ସମୀଚୀନ । ବୌଦ୍ଧର ରାଜଧାନୀରେ ମଧ୍ୟ ଭୂମିତଳୁ ବୌଦ୍ଧ ମୂର୍ତ୍ତି ବାହାରୁଛି । ଏଥିରୁ ବେଶ ଅନୁମାନ ହେବ ଉତ୍କଳର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁ ଦିଗରେ ବୌଦ୍ଧ-ବାର୍ତ୍ତା ପହଞ୍ଚିଥିଲା । କେବଳ ସେତିକି ନୁହେଁ, ଓଡ଼ିଆ ନାବିକମାନେ ଏହି ଧର୍ମର ଗୁରୁ, ଭିକ୍ଷୁମାନଙ୍କୁ ତାମ୍ରଲିପ୍ତ ବନ୍ଦରରୁ



Digitized by srujanika@gmail.com

ସେମାନଙ୍କ ବୋଇତରେ ପୂର୍ବଦ୍ୱୀପପୁଞ୍ଜମାନଙ୍କୁ ଧର୍ମ ପ୍ରଚାର ନିମନ୍ତେ ନେଇ ଯାଇଥିବା ସମ୍ଭବପର । ଏଥିରୁ ପ୍ରତିପନ୍ନ ହେବ ଯେ ବୌଦ୍ଧ ଧର୍ମ ଉତ୍କଳରେ ବହୁଳ ଭାବରେ ପ୍ରଚାରିତ ହୋଇଥିଲା । ବହୁ ବୌଦ୍ଧଭିକ୍ଷୁ ବିଜନ ବନ ପ୍ରାନ୍ତରରେ କିମ୍ବା ଗିରି ଗୁହାରେ ବିହାର ନିର୍ମାଣ କରି ଧର୍ମ-ଜୀବନ ଯାପନ କରୁଥିଲେ ଏବଂ ଜଗନ୍ନାଥ-ମନ୍ଦିର ଏହିପରି ଏକ ବୌଦ୍ଧ ଅନୁଷ୍ଠାନ ବୋଲି କେହି କେହି ଅନୁମାନ କରି ପାରନ୍ତି । ଏହାର ପ୍ରମାଣ ସ୍ୱରୂପ ହିନ୍ଦୁମାନଙ୍କ ବୌଦ୍ଧ ଅବତାର ପରିକଳ୍ପନା ନୀଳାଚଳରେ ଆରୋପିତ ହୋଇଅଛି । କେବଳ ସେତିକି ନୁହେଁ, ରଥଯାତ୍ରା ଅଶୋକଙ୍କ ପରିକଳ୍ପିତ ଧର୍ମ-ଯାତ୍ରାର ପରିଣତି ବୋଲି ମୋର ମନେ ହୁଏ । ଅଶୋକ ଲୋକମାନଙ୍କ ମନ ପରିବର୍ତ୍ତନ ନିମିତ୍ତ ସାମରିକ ଉତ୍ସବ ପରିବର୍ତ୍ତେ ଏହି ଧର୍ମ-ଯାତ୍ରାର ପ୍ରଚଳନ କରିଥିଲେ । ରଥଯାତ୍ରା ତାହାର ସ୍ମୃତି ଆମକୁ ଦିଏ କି ନାହିଁ ଐତିହାସିକମାନେ ଗବେଷଣା କରିବେ । ଅତି ପୁରୀ ମନ୍ଦିରରେ ଜାତିଭେଦ ଲୋପ-ସାଧନ ନିଶ୍ଚୟ ଏକ ବୌଦ୍ଧ ପ୍ରଥା । ତେଣୁ ଜଗନ୍ନାଥ ପୀଠର ଆଲୋଚନା କଲେ ମନେ ହୁଏ ଏହା ପ୍ରଥମେ ଏକ ବୌଦ୍ଧ ଧର୍ମର ପୀଠ ଥିଲା । କେବଳ ବୌଦ୍ଧ ନୁହେଁ, ଏହା ପୂର୍ବରୁ ଜଗନ୍ନାଥ ଦ୍ରାବିଡ଼ମାନଙ୍କର ମଧ୍ୟ ଆରାଧ୍ୟ ଦେବତା ଥିଲେ । କାରଣ ଶବର ଏହାର ପ୍ରଥମ ପୂଜକ । କ୍ରମେ ହିନ୍ଦୁମାନେ ଭ୍ରାତୃତ୍ୱ ବନ୍ଧନରେ ଦ୍ରାବିଡ଼ ଏବଂ ବୌଦ୍ଧମାନଙ୍କୁ ହିନ୍ଦୁ ବନାଇବା ପାଇଁ ଜଗନ୍ନାଥ ପୀଠକୁ ହିନ୍ଦୁ ଧର୍ମର ଏକ ପ୍ରଧାନ ପୀଠରେ ପରିଣତ କରିଛନ୍ତି । ସେଥିପାଇଁ ମୋର ଦୃଢ଼ ବିଶ୍ୱାସ ଯେ ଜଗନ୍ନାଥ-ସଂସ୍କୃତିରେ ତିନୋଟି ସଂସ୍କୃତିର ସମ୍ମିଳନ ହୋଇଛି—ଦ୍ରାବିଡ଼, ବୌଦ୍ଧ ଏବଂ ହିନ୍ଦୁ ସଂସ୍କୃତି । କେବଳ ସେତିକି ନୁହେଁ ଜଗନ୍ନାଥ ଧାମ ଉତ୍କଳରେ ଯେପରି ଏକ ଶ୍ରେଷ୍ଠ ଧର୍ମ ସ୍ଥାନର ଆସନ ଲାଭ କରି ପାରିଛି ସମଗ୍ର ଭାରତକୁ ମଧ୍ୟ ସେହିପରି ପ୍ରଭାବିତ କରିବାକୁ ସକ୍ଷମ ହୋଇ ପାରିଛି । ଦ୍ୱାଦଶ ଶତାବ୍ଦୀରେ ମନ୍ଦିର ଗଢ଼ା ଯାଇ ସେ ଏତେ ପ୍ରଭାବ ସମଗ୍ର ଭାରତରେ ପକାଇ ପାରିବ, ସେ ବିଶ୍ୱାସ ମୋର ନାହିଁ । ସୀମାଚଳ କିମ୍ବା କୋଣାର୍କ ସେହି ଦିଗରୁ ନିମ୍ନ ସ୍ଥାନ ପାଇଅଛି । 'ନୀଳାଚଳ' ବହୁ କାଳରୁ ଅନ୍ୟ ଧର୍ମାବଲମ୍ବୀମାନଙ୍କ ତୀର୍ଥ କ୍ଷେତ୍ର ଥିବାରୁ ଏହାର ଖ୍ୟାତି ଯୁଗ ଯୁଗ ଧରି ଦେଶରେ ପ୍ରସାରିତ ହୋଇଥିଲା, ଶେଷରେ ହିନ୍ଦୁମାନେ ଏହାର ଶେଷ ଫଳ ଉପଭୋଗ କଲେ ।

ଜଗନ୍ନାଥ ସଂସ୍କୃତି ତେଣୁ ଓଡ଼ିଆ ସଂସ୍କୃତିର ଇତିହାସରେ ଏକ ବିଶେଷ କଥା । ଏହାର ସ୍ୱତନ୍ତ୍ର ଆଲୋଚନା ପାଇଁ ଗବେଷକମାନଙ୍କର ମନ ଦେବା ବିଧେୟ । ଏହା ଦ୍ୱାରା ଓଡ଼ିଆ ଜାତିର ଗୌରବ ବିକଶିତ ହେବ । ଜଗନ୍ନାଥ ସଂସ୍କୃତିର ଏକ ବିଶେଷ ବାର୍ତ୍ତା ନିଶ୍ଚୟ ଅଛି ଏବଂ ଏହା ନିଶ୍ଚୟ ସର୍ବଧର୍ମସମନ୍ୱୟ ବାର୍ତ୍ତା ; ଜାତିଭେଦର ଲୋପ ସାଧନ ; ଅର୍ଥାତ୍ ସାମ୍ୟ, ମୈତ୍ରୀ, ଏକତା ବା ଭ୍ରାତୃତ୍ୱ ସ୍ଥାପନ ଏହାର ବିଶିଷ୍ଟ ବାର୍ତ୍ତା । ହୁଏତ ଏହି କୌଶଳ ଅବଲମ୍ବନ ପାଇଁ ଆମ୍ଭେମାନେ ଶଙ୍କରଙ୍କୁ ସ୍ମରଣ କରିପାରୁ । ବୁଦ୍ଧଗୟାରେ ମଧ୍ୟ ଦେଖିଲି, ସେହି ଏକ କଥା । ପଣ୍ଡାମାନେ ସେଠାରେ ପ୍ରତ୍ୟେକ ବୁଦ୍ଧ, ମାୟାଦେବୀଙ୍କ ମୂର୍ତ୍ତିକୁ ଅନ୍ୟ ଗୋଟିଏ ହିନ୍ଦୁ ଦେବ ଦେବୀ ନାମରେ ପରିଚିତ କରାନ୍ତି । ଏବଂ ବୁଦ୍ଧଙ୍କୁ ଏକ "ହିନ୍ଦୁ ଅବତାର" କହି ବୌଦ୍ଧ ଧର୍ମର ବିଶିଷ୍ଟତାକୁ ହିନ୍ଦୁ ଧର୍ମରେ ସାମିଲ କରି ଦିଅନ୍ତି । ଏହା ଏକ ସୁନ୍ଦର କୌଶଳ । ସଂସ୍କୃତି ଇତିହାସରେ ଏମିତି ନାନା ପ୍ରଥା, ପର୍ବ, ପ୍ରଣାଳୀର ନମୁନା ମିଳିବ ; ଯେଉଁଠି ସଂସ୍କୃତିର ପ୍ରସାର ପାଇଁ ଏମିତି କୌଶଳ ମଧ୍ୟ ପ୍ରୟୋଜନ ହୋଇପଡ଼େ । ସେ ଯାହାହେଉ ଉତ୍କଳ ଧର୍ମ-ସଂସ୍କୃତି ବଡ଼ ଜଟିଳ । ଏଥିରେ ବୌଦ୍ଧ ପ୍ରଭାବ କେତେ, ହିନ୍ଦୁ ପ୍ରଭାବ କେତେ ବା ଦ୍ରାବିଡ଼ ପ୍ରଭାବ କେତେ ସଠିକ ଆଲୋଚନା ପାଇଁ ଏ ସ୍ଥାନ ନୁହେଁ ! ମାତ୍ର ଆମ୍ଭେମାନେ ସବୁ ଧର୍ମକୁ ସମ୍ମାନର ସହିତ ଗ୍ରହଣ କରିଛୁ ; ଅବଶ୍ୟ ହିନ୍ଦୁ ଧର୍ମର ପୁନରୁତ୍ଥାନ ବେଳେ ବୌଦ୍ଧ ତୀର୍ଥ ନିକଟରେ ଶୈବ କିମ୍ବା ବିଷ୍ଣୁ ତୀର୍ଥ ପ୍ରତିଷ୍ଠା କରି ଯାଇଛି, ତଥାପି ବୌଦ୍ଧମାନଙ୍କୁ କେଉଁଠାରେ ପୋଡ଼ି, ଜାଳି ମାରି ଦିଆଯାଇ ନାହିଁ । ଇଉରୋପୀୟ ଇତିହାସର ଧର୍ମର ନିର୍ଯାତନ ଉତ୍କଳ ତଥା ଭାରତର ଧର୍ମ ଇତିହାସକୁ କଳଙ୍କିତ କରି ନାହିଁ । ଏହି ଉଦାରତା ବା ସମନ୍ୱୟ ହେଲା ଆମ ଜାତୀୟ ସଂସ୍କୃତିର ଏକ ବିରାଟ ସମ୍ପଦ ।

## ସଙ୍ଗୀତ ଓ ନୃତ୍ୟ

ଓଡ଼ିଆ ସଙ୍ଗୀତରେ ଆମ୍ଭେମାନେ ସ୍ପଷ୍ଟ ତିନୋଟି ବିଭାଗ ଦେଖୁ । ପ୍ରଥମତଃ ଗ୍ରାମ୍ୟ-ଛନ୍ଦ, ଦ୍ୱିତୀୟରେ ଦକ୍ଷିଣୀ-ରାଗ-ରାଗିଣୀ ସଙ୍ଗୀତ, ତୃତୀୟରେ ଉତ୍ତର-ଭାରତୀୟ ସଙ୍ଗୀତ । ଉତ୍ତର-ଭାରତୀୟ ସଙ୍ଗୀତ କଳାର ଆମଦାନୀ ଅଳ୍ପ କେତେ ବର୍ଷ ହେବ; ନାଟ୍ୟକାର ରାମଶଙ୍କରଙ୍କ ପରେ । ଛନ୍ଦ-ସଙ୍ଗୀତ ଓଡ଼ିଆ ସଙ୍ଗୀତର କଳାର ଏକ ଦେଶଜ ବିକାଶ । ସେଥିପାଇଁ ଏହା ଜାତିର ସାଧାରଣଙ୍କ ପ୍ରାଣକୁ ଏତେ ସ୍ପର୍ଶ କରେ । ଏହି ସଙ୍ଗୀତର ବିକାଶ ସଙ୍ଗେ ସଙ୍ଗେ ନୃତ୍ୟର ପ୍ରକାଶ ହୋଇଛି । ଓଡ଼ିଆ ନୃତ୍ୟ କଳାର ପ୍ରଥମ ସ୍ତର ମୁଖାପିନ୍ଧା ନାଚରେ । ଏହାର ବିକାଶ ହୋଇଛି ଛଉନାଚରେ । ଛଉନାଚର ପ୍ରଥମ ଉତ୍ପତ୍ତି ସାମରିକ ଦଳରୁ । କ୍ରମେ ଏହା ଅନ୍ୟାନ୍ୟ ଶାନ୍ତ-ଭାବର ନୃତ୍ୟ-କଳାକୁ ଏହା ମଧ୍ୟରେ ଗ୍ରହଣ କରି ନେଇଅଛି । ଏହି ଛଉନାଚ କିପରି ବର୍ତ୍ତମାନ ଯୁଗରେ ମଧ୍ୟ ଜୀବନ୍ତ ଏବଂ ଚିତ୍ତାକର୍ଷକ ହୋଇ ପାରିଛି ତାର ପ୍ରମାଣ ପାଇଁ ସରେଇକଳା କିମ୍ବା ମୟୂରଭଞ୍ଜର ଛଉନାଚ ଦ୍ରଷ୍ଟବ୍ୟ । ମାତ୍ର ଏହା ବ୍ୟତୀତ 'ଗୋଟିପୁଅ ନାଚ' ଓଡ଼ିଆ ନୃତ୍ୟ-କଳାର ବହୁ କଳାସମ୍ପଦ ବଞ୍ଚାଇ ରଖିଛି । 'ଦେବଦାସୀ' 'ବାରାଙ୍ଗନା'ଙ୍କ ସ୍ଥାନ ଏହି "ଗୋଟିପୁଅ" କିପରି ଦଖଲ କଲେ, ସେ ବିଷୟରେ ଅନୁସନ୍ଧାନ କରିବା ବାଞ୍ଛନୀୟ । କିନ୍ତୁ ଏହି ନୃତ୍ୟ ଉପରେ ଯେ ଦକ୍ଷିଣୀ ସଙ୍ଗୀତର ପ୍ରଭାବ ଅଛି, ଏହା ସ୍ୱୀକାର କରିବାକୁ ହେବ । ଏହାକୁ କେହି କେହି 'ଦକ୍ଷିଣୀ ନାଚ' ମଧ୍ୟ କହନ୍ତି ।



Digitized by srujanika@gmail.com

ଦକ୍ଷିଣ ଓଡ଼ିଶାରୁ ଏହାର ଆରମ୍ଭ କିମ୍ବା ବିଶେଷ ପ୍ରସାର ବୋଲି ଏହାର ନାମ ଦକ୍ଷିଣୀ । କିମ୍ବା ଦକ୍ଷିଣ-ସଙ୍ଗୀତ ରାଗ-ରାଗିଣୀରେ ଏମାନେ ବିଶେଷ ଭାବରେ ସଙ୍ଗୀତ ଆବୃତ୍ତି କରୁ ଥିବାରୁ, ଏହା ଦକ୍ଷିଣୀନାଚ ବୋଲି କଥିତ ! ମାତ୍ର କେବଳ 'ଦକ୍ଷିଣୀରାଗ' ନୁହେଁ, ଏମାନେ ଓଡ଼ିଆ ଛାନ୍ଦ ମଧ୍ୟ ଗାନ କରି ବହୁତ ଭଙ୍ଗୀ ଦେଖାଇ ନାଚ ପାରନ୍ତି । ଏହି ଓଡ଼ିଆ ନୃତ୍ୟ ସମ୍ପଦର ବର୍ତ୍ତମାନ ଆଲୋଚନା ଏବଂ ପ୍ରାଚୀନ ଭାରତୀୟ ନୃତ୍ୟ-ଶାସ୍ତ୍ର ଅନୁଯାୟୀ ଏହାର 'ସଂସ୍କାର' ହେବା ବାଞ୍ଛନୀୟ ।

## ଶିଳ୍ପ ଓ ସ୍ଥାପତ୍ୟ

ସଂସ୍କୃତିର ଏହି ସୂକ୍ଷ୍ମ ବିଭବରେ ମଧ୍ୟ ଓଡ଼ିଆ ପଛରେ ପଡ଼ି ନଥିଲା । ଅନ୍ୟ କଳା-ଶିଳ୍ପ କିମ୍ବା ସ୍ଥାପତ୍ୟରେ ଓଡ଼ିଆ ବିଜ୍ଞାଣୀ ବିଶେଷ ପାରଦର୍ଶିତା ଲାଭ କରିଥିଲା । ଦଶମ ଠାରୁ ତ୍ରୟୋଦଶ ଶତାବ୍ଦି ମଧ୍ୟରେ ଓଡ଼ିଆ ଶିଳ୍ପ-ସ୍ଥାପତ୍ୟର ବିଶେଷ ବିକାଶ ସମ୍ଭବପର ହୋଇଥିଲା । ମାତ୍ର ଏହା ପୂର୍ବରୁ ମଧ୍ୟ ଓଡ଼ିଆ ଶିଳ୍ପ-ସ୍ଥାପତ୍ୟ କମ୍ ବିକଶିତ ହୋଇ ନ ଥିଲା । ବୌଦ୍ଧ ରାଜ୍ୟର ଚତୁର୍ଦ୍ଦିଗ ମନ୍ଦିର କିମ୍ବା ଖଣ୍ଡଗିରି, ଉଦୟଗିରି ପ୍ରଭୃତିର ବୌଦ୍ଧ-କୀର୍ତ୍ତି ଏବଂ ବିଭିନ୍ନ ବୌଦ୍ଧ-ମୂର୍ତ୍ତି ସକଳରୁ ଏହାର ବେଶ୍ ନମୁନା ମିଳେ । ଏହା ବ୍ୟତୀତ ପ୍ରସ୍ତର-ରଙ୍ଗ-ଚିତ୍ର (Rock-Painting) ମଧ୍ୟ କେନ୍ଦୁଝର ରାଜ୍ୟର ସୀତାବିଞ୍ଜରେ ଦେଖାଯାଏ । ଏହି ପାହାଡ଼, ଗିରି-ଗୁହା ବା ପ୍ରସ୍ତର ଖଣ୍ଡରେ ଓଡ଼ିଆ ବିଜ୍ଞାଣୀର ଯେଉଁ କାରୁକଳା ଫୁଟି ଉଠିଥିଲା, ତାହା ମଧ୍ୟ ପୁଣି ଅନ୍ୟ ଭାବରେ ତାଳ-ପତ୍ର ପୋଥିରେ ନାନା ଭାବରେ ଆତ୍ମପ୍ରକାଶ କରିଥିଲା । କିନ୍ତୁ କାଗଜରେ ରଙ୍ଗଚିତ୍ର ଏ ଦେଶରେ ନଥିଲା, କାରଣ କାଗଜର ପ୍ରଚଳନ ନଥିଲା । କିନ୍ତୁ ପଥର ବ୍ୟତୀତ ଶିଙ୍ଗ, ଦାନ୍ତ କିମ୍ବା କାଠରେ ମଧ୍ୟ କଳା ଫୁଟି ଉଠିଥିଲା ଅର୍ଥାତ୍ 'ସୌନ୍ଦର୍ଯ୍ୟ-ବୋଧ' ଓଡ଼ିଆ ଜୀବନକୁ ପ୍ରଭାବିତ କରିଥିଲା ।

## ଓଡ଼ିଆ ଘରେ ସୌନ୍ଦର୍ଯ୍ୟ ବୋଧ

କେବଳ ସେତିକି ନୁହେଁ ଏହି ସୌନ୍ଦର୍ଯ୍ୟ-ବୋଧର ବାଣୀ ଓଡ଼ିଆ ଗୃହମାନଙ୍କରେ ପହଞ୍ଚି ପାରିଥିଲା । ଏଥିପାଇଁ ନବବଧୂ "ଯୋଗ" (ଯୋଗ୍ୟତା) ପରୀକ୍ଷା ଗୋଟିଏ ବିବାହ ପରେ ଚିତ୍ରାଙ୍କଣର ଘଟଣା ଥିଲା । ଓଡ଼ିଆଣୀ ତାର ଘର କାନ୍ଥକୁ ନାନା ରଙ୍ଗ ଦେଇ ଚିତ୍ରିତ କରୁଥିଲା । ତାର ନିତ୍ୟ ବ୍ୟବହୃତ ଦ୍ରବ୍ୟ ସାମଗ୍ରୀ ମଧ୍ୟ ସୁନ୍ଦର ଏବଂ ନୟନ-ପ୍ରୀତିକର ହେଉଥିଲା । ଓଡ଼ିଆରେ ଉତ୍ସବ ସଙ୍ଗୀତମୟ ହୋଇଥିଲା, ଗୃହ ଏବଂ ଗ୍ରାମ-ଜୀବନରେ ନାନା ସ୍ତରରେ ସୌନ୍ଦର୍ଯ୍ୟ-ବୋଧର ବାଣୀ ପରିସ୍ଫୁଟ ହୋଇ ଉଠିଥିଲା । ନୃତ୍ୟ ମଧ୍ୟ କୁମାରୀମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲା । କୁମାର-ପୂର୍ଣ୍ଣିମା ଉତ୍ସବ ଏମିତି ଏକ ଲଳିତ-କଳାର ଉତ୍ସବ ଥିଲା । ଶୁକ୍ଳପକ୍ଷ ଚନ୍ଦ୍ରିମା-ନିଶାରେ ଗ୍ରାମର ବଧୂ ଏବଂ କନ୍ୟାଗଣ ଅଙ୍ଗନକୁ ଯେପରି ପୁଷ୍ପସମ୍ଭାରରେ ସଜ୍ଜିତ କରୁଥିଲେ ସେପରି ଗ୍ରାମ-ଦାଣ୍ଡକୁ ସେମାନଙ୍କ ସଙ୍ଗୀତ ଝଙ୍କାରରେ ପରିପୂର୍ଣ୍ଣ କରୁଥିଲେ ଏବଂ ଏହା ସଙ୍ଗେ ସଙ୍ଗେ ସେମାନଙ୍କ ପାଦର ଝୁମ୍ପିଆ ଶବ୍ଦରେ ଗ୍ରାମ-ଦାଣ୍ଡର ଧୂଳି ନୃତ୍ୟରତ ରହୁଥିଲା ।

## ଏ ଦେଶରେ ଆଦିମ-ଜୀବନ

ଓଡ଼ିଆଙ୍କ ବ୍ୟତୀତ ଉତ୍କଳ ଭୂଖଣ୍ଡରେ ବହୁ ଆଦିମ ନର, ନାରୀ ବସବାସ କରନ୍ତି । ସେମାନଙ୍କ ପ୍ରାଣ ମଧ୍ୟ ଏହି ସଂସ୍କୃତିମୂଳକ ଆନନ୍ଦ-ଉତ୍ସବରୁ ବିରତ ନୁହେଁ । ହୋ (କୋହ୍ଲ), ବାଥୁଡ଼ି, ସାନ୍ତାଳ, ଜୁଆଙ୍ଗ, କନ୍ଧ, ଭୂୟାଁ ପ୍ରଭୃତି ବିଭିନ୍ନ ଆଦିମ ଅଧିବାସୀଙ୍କ ସମାଜ-ଜୀବନ ପ୍ରତି ଲକ୍ଷ୍ୟ କଲେ ଜଣାଯିବ ଯେ ସେମାନେ ମଧ୍ୟ ସଙ୍ଗୀତ, ନୃତ୍ୟ ଏବଂ କଳା ସୃଷ୍ଟିରୁ ଏକାବେଳକେ ଦୂରରେ ନାହାନ୍ତି । ସେମାନଙ୍କ ମାନସିକ ବିକାଶ ଅନୁଯାୟୀ ଏବଂ ସେମାନଙ୍କ ବନ୍ୟ ବେଷ୍ଟନୀ ମଧ୍ୟରେ ଯାହା ସମ୍ଭବପର ତାହା ସେମାନେ ହାସଲ କରିଛନ୍ତି । ଜୁଆଙ୍ଗମାନଙ୍କ 'ପଡ଼ନୃତ୍ୟ' ବା "ଧାଙ୍ଗଡ଼ା ନୃତ୍ୟ", କନ୍ଧମାନଙ୍କ 'ଛାପ ନୃତ୍ୟ' କିମ୍ବା ଅନ୍ୟ-ମାନଙ୍କ 'କରମା ନୃତ୍ୟ' 'ଦଣ୍ଡ ନାଚ' ପ୍ରଭୃତି ନାନା ନୃତ୍ୟ-ସମ୍ପଦ ଆଧୁନିକ ଯୁଗରେ ମଧ୍ୟ ଉତ୍କଳର ଦେଶୀୟ ରାଜ୍ୟମାନଙ୍କରେ ବଞ୍ଚି ପାରିଅଛି । ଏହି ନୃତ୍ୟ ସଙ୍ଗେ ସଙ୍ଗେ ଏମାନଙ୍କର ସଙ୍ଗୀତ ଅଛି ଏବଂ ଏମାନଙ୍କ ବ୍ୟବହୃତ ଫାନିଆ, ବାଡ଼ି, ବଂଶୀ ପ୍ରଭୃତିରେ କିମ୍ବା କାନ୍ଥମାନଙ୍କରେ ମଧ୍ୟ ଏମାନଙ୍କ ସୌନ୍ଦର୍ଯ୍ୟ-ବୋଧର ବାର୍ତ୍ତା ମୂର୍ତ୍ତ ହୋଇ ଉଠିଛି । ଏହି ସମସ୍ତ ଅତୀତ ଆଲୋଚନାରୁ ସୁସ୍ପଷ୍ଟ ହୋଇ ଉଠିବ, କିପରି ସଂସ୍କୃତି ମଣିଷ ଜୀବନ ସହିତ ଗଭୀର ଭାବରେ ସଂପୃକ୍ତ; ଏବଂ କିପରି ନାନା ପର୍ବ, ସଙ୍ଗୀତ, ନୃତ୍ୟ, ସାହିତ୍ୟ ବା କଳା ମଧ୍ୟଦେଇ ଏହାର ପ୍ରକାଶ ଓ ବିକାଶ ଯୁଗ-ସ୍ରୋତରେ ସମ୍ଭବପର ହୋଇଅଛି । ଏହି ସମସ୍ତ ଉପାଦାନକୁ ଆମ ଆଖି ଆଗରେ ରଖି ଆଧୁନିକ ସଂସ୍କୃତିର ସଂଗଠନ ଚିନ୍ତା କରିବାକୁ ହେବ ।

## ବୃହତ୍ତର ଉତ୍କଳ

କେବଳ ସେତିକି ନୁହେଁ ଓଡ଼ିଆ ସଂସ୍କୃତିର ବୈଜ୍ଞାନିକ ଗବେଷଣା ନିମନ୍ତେ ଉତ୍କଳର ବହୁ ପ୍ରାଚୀନ ମନ୍ଦିର, ମୂର୍ତ୍ତି, ପୋଥି ଯେପରି ଆମକୁ ସାହାଯ୍ୟ କରିବ, ସେହିପରି ସୁଦୂର ପ୍ରାଚ୍ୟ ଦ୍ୱୀପପୁଞ୍ଜ, ସିଙ୍ଗାପୁର, ବ୍ରହ୍ମଦେଶ, ତିବ୍ବତ, ସିଂହଳ କିମ୍ବା ଚୀନ ଜାପାନରେ ଓଡ଼ିଆ ସଂସ୍କୃତିର ଯେ ଅବଶେଷ ରହିଛି ତାହାର ବୈଜ୍ଞାନିକ ଅନୁସନ୍ଧାନ ଏବଂ ଆଲୋଚନା ପ୍ରୟୋଜନ । ବୃହତ୍ତର ଉତ୍କଳର ଏହି ସଂସ୍କୃତିମୂଳକ ସ୍ମୃତି ଆମ୍ଭେମାନେ ଭୁଲି ପାରିବୁଁ ନାହିଁ,—ଆମ୍ଭମାନଙ୍କ ସଂସ୍କୃତିମୂଳକ ଇତିହାସକୁ ପୂର୍ଣ୍ଣ ଏବଂ ସ୍ୱର୍ଣ୍ଣାକ୍ଷରରେ ଲେଖିବା ପାଇଁ ।

## ସଂସ୍କୃତି ଓ ଏ ଯୁଗ

ଏ ଯୁଗ ଏକ ରାଜନୀତିକ-ବିକ୍ଷୋଭର ଯୁଗ । ଗୃହ ଶିଳ୍ପର ଦୈନ୍ୟ, ବହିର୍ବାଣିଜ୍ୟର ସଙ୍କୋଚନ, କୃଷିର ଦୁର୍ଗତି, ଲବଣ-

ଶିଳ୍ପର ବିନାଶ ଯେପରି ଜାତିକୁ ପଙ୍ଗୁ କରିଛି, ସେହିପରି ଅନ୍ୟ ଭାବରେ ନୂଆଯୁଗର ରାଜନୀତିକ ଚେତନା ଜାତିପ୍ରାଣକୁ ବିଦ୍ରୋହର ସମ୍ମୁଖୀନ କରିଅଛି । ବିଶେଷ ଭାବରେ ଇଂରେଜୀୟ ଶିକ୍ଷା ସମ୍ପର୍କରୁ ଜାତି ନିଜକୁ ଚିହ୍ନିବାକୁ ଯେତିକି ସଚେଷ୍ଟ ହୋଇଛି, ଜାତୀୟତା ଯେପରି ବୃଦ୍ଧି ପାଇଛି, ସେହି ପରିମାଣରେ ଜାତି ଅର୍ଥନୀତିକ ଦୈନ୍ୟରେ ମ୍ରିୟମାଣ ହେଉଛି । ଏ ଯୁଗରେ ତେଣୁ ଅର୍ଥନୀତିକ ସଂଗଠନ ଏବଂ ରାଜନୀତିକ ମତ ବାଦ ପ୍ରଭୃତି ବିଶେଷଭାବରେ ଜାତିର କଳ୍ପନାକୁ ସ୍ପର୍ଶ କରିବାକୁ ବାଧ୍ୟ । ମାତ୍ର ଜାତି ଏହି ଅର୍ଥନୀତିକ ସଂଗଠନ କିମ୍ବା ରାଜନୀତିକ କୁଆଶରେ ଆତ୍ମ-ଚେତନ ହରାଇ ସର୍ବଦା ରହି ପାରିବ ନାହିଁ । ଏହା ଜାତିକୁ ସବଳ କଲେ ମଧ୍ୟ ସଜୀବ କରିବ ନାହିଁ । ଜାତିର ଗଭୀର ଚେତନରେ ସଂସ୍କୃତି ଆତ୍ମାଭଳି କାର୍ଯ୍ୟ କରେ । ସଂସ୍କୃତି-ହୀନ ଜାତି ଆତ୍ମାହୀନ ଶବ ସଙ୍ଗେ ସମାନ ହୋଇ ପାରେ । ଏହା ଗୃଧ୍ର, ଶୃଗାଳଙ୍କ ଭକ୍ଷ୍ୟ ହୋଇ ପାରେ; ମାତ୍ର ଏହା ମନୁଷ୍ୟ ନୁହେଁ । ତେଣୁ ସଂସ୍କୃତି ପ୍ରତି ମଧ୍ୟ ଜାତିର ବହୁ କବି, ଲେଖକ ଓ ଭାବୁକଙ୍କ ଦୃଷ୍ଟି ପଡ଼ିଅଛି । ସଂସ୍କୃତି ବିଷୟକ ଆଲୋଚନା ସମୟୋପଯୋଗୀ କି ନା ଏପରି ବିଚାରିବା ବିଚାରହୀନତାର ପରିଚାୟକ । କେତେକ ଶିକ୍ଷିତ ବ୍ୟକ୍ତିଙ୍କର ଭ୍ରମ ଧାରଣା ଯେ କେବଳ ଏ ଯୁଗରେ ଯେଉଁମାନେ ଅନ୍ନବସ୍ତ୍ରର ସମାଧାନ କରି ଦେଇ ପାରିବେ ସେମାନେ ଯଥାର୍ଥ ଜାତୀୟ ବୀର । ଏହାଠାରୁ ବଡ଼ ଭୁଲ କିଛି ହୋଇ ନ ପାରେ । ମନୁଷ୍ୟ କେବଳ ଅନ୍ନବସ୍ତ୍ର ଲାଗି ଜୀବନ ଲାଭ କରି ନାହିଁ । ତାହାହେଲେ ଇଂଲଣ୍ଡରେ ଘୁଷୁରି କିମ୍ବା ସାହେବଙ୍କ କୋଠିରେ କୁକୁର ହୋଇ ଜନ୍ମ ଲାଭ କରିବା ପାଇଁ ମନୁଷ୍ୟ ସୁଖକର ମନେ କରନ୍ତା । ଏହା କିନ୍ତୁ ହୋଇନାହିଁ । ମନୁଷ୍ୟ ଜୀବନ ଏକ ମହତ୍ ଆଦର୍ଶର ଅନୁଧାବନ ପାଇଁ ଅଭିପ୍ରେତ । ସର୍ବାଙ୍ଗସୁନ୍ଦର ରାଷ୍ଟ୍ର ଅନ୍ନବସ୍ତ୍ର ସମସ୍ୟା ତୁଟାଇ ଦେଲେ ମଧ୍ୟ ସେଥିରେ ମନୁଷ୍ୟ ଶାନ୍ତ ହୋଇ ରହି ପାରିବ ନାହିଁ । ମନୁଷ୍ୟର ଜରା, ବ୍ୟାଧି, ମୃତ୍ୟୁ ଆସିବ । ମନୁଷ୍ୟର ଶୋକ ଦୂରୀକରଣ ପାଇଁ କିମ୍ବା ଏହାର ଚିତ୍ତକୁ ଗଭୀର ଆନନ୍ଦ ବା ସାନ୍ତ୍ୱନା ଦେବା ପାଇଁ କୌଣସି ରାଜନୀତିକ ରାଷ୍ଟ୍ରର କ୍ଷମତା ନାହିଁ । ମଣିଷର ଭାବରାଜ୍ୟରେ ବା ଗଭୀର ଚିତ୍ତ-ବୃତ୍ତି ଉପରେ ଅଧିକାର ସଂସ୍କୃତିର ।

## ଏ ଯୁଗର ଓଡ଼ିଆ ସଂସ୍କୃତି

ତେଣୁ ଏ ଯୁଗରେ ଓଡ଼ିଆ ସଂସ୍କୃତିର ନବ-ବାଣୀ ଉଚ୍ଚାରିତ ହୋଇଅଛି । ଓଡ଼ିଆ ସାହିତ୍ୟ ରାଧାନାଥଯୁଗ ପରେ ବହୁତ ଦୂରକୁ ଗତି କରି ଯାଇଅଛି । ରାଧାନାଥଙ୍କ ପରେ କାବ୍ୟ ଅପେକ୍ଷା ଏ ଦେଶରେ ପଦ୍ୟ ପ୍ରତି ସାହିତ୍ୟ ଗ୍ରାହକଙ୍କ ଦୃଷ୍ଟି ଆକର୍ଷିତ ହୋଇଥିଲା । ଏହି ଗଦ୍ୟ ପ୍ରୀତିର ପ୍ରଥମ ସୋପାନରୂପେ ଶିଶୁ-ସାହିତ୍ୟ ସୃଷ୍ଟି ହୋଇଥିଲା ଏବଂ କବିତା ରାଜ୍ୟରେ କାବ୍ୟରୁ 'ଗୀତି' ଯୁଗର ସୂତ୍ରପାତ ହୋଇଥିଲା । ସେହି ସମୟ ଓଡ଼ିଆ ସାହିତ୍ୟର ଏକ ନୀହାରିକା ଅବସ୍ଥା (Nabulous stage) । ଏକ ବୃହତ୍ ବିଶ୍ୱର ସୃଷ୍ଟି ପୂର୍ବରୁ ପ୍ରାକୃତିକ ଜଗତରେ ଏହି ନୀହାରିକା ଅବସ୍ଥା ସ୍ୱତଃ ଆସେ । ଏହି ନୀହାରିକା ଅବସ୍ଥା ଓଡ଼ିଆ ସାହିତ୍ୟର ପାର ହୋଇ ଯାଇଅଛି । ଏ ଅବସ୍ଥାରେ ମଧ୍ୟ କେତୋଟି କବି, ଲେଖକ ଉଜ୍ଜ୍ୱଳ ତାରକା ଭଳି ସେମାନଙ୍କ ଜ୍ୟୋତି ସାହିତ୍ୟ-ଗଗନରେ ପକାଇବାକୁ ଭୁଲି ନାହାନ୍ତି । କବି ନନ୍ଦକିଶୋର ବଳ, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଓ କାଳିନ୍ଦୀଚରଣ ସେମାନଙ୍କ ମଧ୍ୟରୁ ବିଶେଷ ଉଲ୍ଲେଖଯୋଗ୍ୟ । ନନ୍ଦକିଶୋର, କୁନ୍ତଳା କୁମାରୀଙ୍କ ପରେ ଯେଉଁ ସବୁଜ ସାହିତ୍ୟର ସୃଷ୍ଟି ହେଲା, ତାହା ମଧ୍ୟ ଏହି ନୀହାରିକା ଅବସ୍ଥାର ଆହୁରି ଟିକିଏ ଅଗ୍ରଗତି । କବି ବୈକୁଣ୍ଠ ନାଥ ଏବଂ କାଳିନ୍ଦୀଚରଣ ସେହି ସମୟର । ବର୍ତ୍ତମାନ ଏହା ପରେ ଓଡ଼ିଆ ସାହିତ୍ୟ ପୁଣି ଗତି କରି ଯାଇଛି । ଦୁଇଟି ସ୍ୱତନ୍ତ୍ର ଧାରା ବର୍ତ୍ତମାନ ସାହିତ୍ୟରେ ପ୍ରକାଶ ପାଇଛି । ଗୋଟିଏ ବାସ୍ତବତାର ନଗ୍ନପୂଜା, ବାସ୍ତବତାର ଜୟଗାଥା ଗାନ । ଏହାର ସ୍ୱରୂପ କବିତା ଏବଂ ଗଳ୍ପ ରାଜ୍ୟରେ ପଡ଼ିଅଛି । ଦ୍ୱିତୀୟରେ ଏହି ବାସ୍ତବତା ସଙ୍ଗେ ସଙ୍ଗେ ଆଦର୍ଶବାଦ ମୂଳକ ସାହିତ୍ୟ, ପ୍ରବନ୍ଧ ଓ ଗୀତି । ଆଦର୍ଶବାଦୀ ଲେଖକ, କବି କେଉଁଠି ବାସ୍ତବତାକୁ ଭୁଲି ନାହାନ୍ତି; କିନ୍ତୁ କେବଳ ନଗ୍ନ ବାସ୍ତବତା ମଧ୍ୟରେ ସେମାନେ ସେମାନଙ୍କ ପ୍ରାଣଟାକୁ ଶୁଷ୍କ, ଶୂନ୍ୟ କରି ଦେଇ 'ହାହାକାର ବାଣୀ' ଶୁଣାଇ ତୃପ୍ତି ପାଇ ନାହାନ୍ତି, ଆଦର୍ଶ-ବାଦୀ କବି ବା ଲେଖକଙ୍କ ଚିତ୍ତ, ଏହି ବାସ୍ତବତା ଏବଂ ବୈଚିତ୍ର୍ୟ ମଧ୍ୟରେ ଏକ ମଧୁର-ମିଳନ ପର୍ଯ୍ୟାୟ ପଶ୍ଚାତରେ ପ୍ରଧାବିତ (Harmony) । ଜୀବନର ସକଳ ସୁଖ-ଦୁଃଖ, ମିଳନ-ବିରହ, ପାପ-ପୁଣ୍ୟ ମଧ୍ୟରେ ଜୀବନକୁ ଛନ୍ଦମୟ କରିବା କିମ୍ବା ଜୀବନର ନଷ୍ଟ କଣ୍ଟା ଘା'ରେ ଚୂନ ଦେଇ ତାକୁ ଜଳାଇବା ପାଇଁ ଚେଷ୍ଟା ନ କରି ମନୁଷ୍ୟ ପ୍ରାଣରେ ଆଶା, ଶାନ୍ତି, ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଛନ୍ତି । ଗୀତି କବିତା ସଙ୍ଗେ ଗଦ୍ୟର ପ୍ରସାର, ପ୍ରଭୃତି ବଢ଼ିଅଛି । ଏକ ସ୍ପଷ୍ଟ ଦର୍ଶନ ମଧ୍ୟ ସୃଷ୍ଟି ହୋଇଯାଇଛି । ସଂସ୍କୃତିମୂଳକ ଆନ୍ଦୋଳନରେ ଦୁଇଟି ଭାବ-ଧାରା ମାନସିକ ରାଜ୍ୟରେ ଦ୍ୱନ୍ଦ୍ୱସୃଷ୍ଟି କରିବାରୁ ଚିନ୍ତା ଜଗତରେ ଏହି ବିପୁଳ ବିକାଶର ସମ୍ଭବ ହୋଇଛି । ଭାରତୀୟ ଦର୍ଶନ ଏବଂ 'ସତ୍ୟ-ଶିବ ଓ ସୁନ୍ଦର'ର ଅଭିବ୍ୟକ୍ତି ପୁଣି ନୂଆ ସାହିତ୍ୟ ତଥା ସଂସ୍କୃତିରେ ପ୍ରାଧାନ୍ୟ ଲାଭ କରିଛି ଓ କରିବ ।

ଏବଂ ଆଦର୍ଶ-ଦର୍ଶନ ସଙ୍ଗେ ସଙ୍ଗେ ବାସ୍ତବତା-ପ୍ରୀତି ଏବଂ ଜୀବନର ସକଳ ସମସ୍ୟାର ସମ୍ମୁଖୀନ ହେବାକୁ ଓଡ଼ିଆ ଭାବୁକ ବଳ ସଂଗ୍ରହ କରି ପାରିଛି । ଏହା ସଙ୍ଗେ ସଙ୍ଗେ ଶିକ୍ଷା ପ୍ରସାରିତ ହୋଇଛି । ପତ୍ରିକା ଏବଂ ସମ୍ବାଦ ପତ୍ର ସମାଜରେ ପ୍ରଚାରିତ ହୋଇଛି । ଏହା ଏକ ପରିସ୍ଥିତି । ଏହି ଓଡ଼ିଆ



Digitized by srujanika@gmail.com

ସଂସ୍କୃତି-ମୂଳକ ଉତ୍ସବର ଆରମ୍ଭ ମାତ୍ର—ଏହାର ଅଶେଷ ଅଙ୍କୁର ଉଜ୍ଜ୍ୱଳ ହେବ—ଏହାର ପ୍ରଭାବ, ପ୍ରସାର, ପ୍ରଚାର ଅଙ୍କୁର ବ୍ୟାପିବ, ଏହା ମୋର ଗଭୀର ବିଶ୍ୱାସ ।

## କେବଳ ସାହିତ୍ୟ ନୁହେଁ

କେବଳ ସାହିତ୍ୟ ନୁହେଁ—'ଚିତ୍ରକଳା'ରେ ମଧ୍ୟ କିଛି ନୂତନ ଯୁଗ ସୃଷ୍ଟି ହୋଇଛି । ବିମ୍ବାଧର ବର୍ମା, ଉପେନ୍ଦ୍ର ମହାରଥୀ ପ୍ରଭୃତି ଯଶସ୍ୱୀ ଚିତ୍ର-ଶିଳ୍ପୀମାନେ ଉତ୍କଳର ସୀମା ଡେଇଁ ସକଳ ଭାରତୀୟ ଚିତ୍ରକଳା-ପ୍ରଦର୍ଶନୀରେ ସମ୍ମାନ ଅର୍ଜନ କରିବାର ଭାଜନ ହୋଇଛନ୍ତି । ପୁଣି ପାଶ୍ଚାତ୍ୟକଳା-ମଣ୍ଡଳୀରେ ବିପିନବିହାରୀ ପ୍ରତିଛବି (Potrait) ଅଙ୍କନରେ ବିଶେଷ ଦକ୍ଷତା ଅର୍ଜନ କରିଛନ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ବ୍ୟବସାୟ-ମୂଳକ-ଚିତ୍ର, ବ୍ୟଙ୍ଗ-ଚିତ୍ର ପ୍ରଭୃତି ମଧ୍ୟ ପ୍ରକାଶ ପାଉଅଛି । ଏହି ସାହିତ୍ୟ, ଚିତ୍ର ବିଦ୍ୟା ସଙ୍ଗେ ସଙ୍ଗେ ଦେଶରେ ସଙ୍ଗୀତ ଏବଂ ନୃତ୍ୟ ପ୍ରତି ନାଗରିକମାନଙ୍କର ଚିତ୍ତ ଆକୃଷ୍ଟ ହୋଇ ପାରିଛି । କିନ୍ତୁ ଏହି ସବୁ ବିକାଶ ଯଥେଷ୍ଟ ନୁହେଁ । ସ୍ଥାୟୀ ରଙ୍ଗମଞ୍ଚ ଏବଂ ନାଟକ ସୃଷ୍ଟିରେ ଓଡ଼ିଆ ପଛେଇ ପଡ଼ିଛି ।

## ଅଭାବର ଦିଗ

କିନ୍ତୁ ଏହି ବିକାଶ-ପ୍ରଗତି ଦେଖି ବିଶେଷ ଆନନ୍ଦିତ ହେବାର କାରଣ କିଛି ନାହିଁ । କାରଣ ଉତ୍କଳରେ ଆଜି ଏପରି ଅବସ୍ଥା ପହଞ୍ଚି ନାହିଁ ଯେ ଯେଉଁଠାରେ ସାଧାରଣ ପ୍ରକାଶକ ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ପୁସ୍ତକ ପ୍ରକାଶ ପାଇଁ ଅକୁଣ୍ଠିତ ଚିତ୍ତରେ ଧନ-ବ୍ୟୟ କରିବାକୁ ଅଗ୍ରସର ହୋଇ ପଡ଼ିବ । କେବଳ ସେତିକି ନୁହେଁ, ଏ ଦେଶରେ ବହୁତ ସାହିତ୍ୟ-ପତ୍ରିକା ପ୍ରକାଶ ପାଉଥିଲେ ମଧ୍ୟ ଆଜିଯାଏଁ କୌଣସି ପତ୍ରିକା ସାହିତ୍ୟିକ କିମ୍ବା ଚିତ୍ର-ଶିଳ୍ପୀମାନଙ୍କୁ ଯଥାର୍ଥ ଅର୍ଥ ଦେବାକୁ ସମର୍ଥ ହୋଇନାହିଁ । ଆଜିଯାଏଁ କୌଣସି କବି, ଉପନ୍ୟାସ ଲେଖକ କେବଳ ସାହିତ୍ୟ-ସାଧନରୁ ଉପାର୍ଜନ କରି ଜୀବନ-ଧାରଣ କରିବାକୁ ଉତ୍କଳରେ ସକ୍ଷମ ହୋଇ ନାହାନ୍ତି । ଏହା କୌଣସି ବର୍ଦ୍ଧିଷ୍ଣୁ ଜାତି ପକ୍ଷରେ ଶୁଭ ଲକ୍ଷଣ ନୁହେଁ ଏପରି ଅବସ୍ଥା କାହିଁକି ହୋଇଛି ? ଯେଉଁ ଦେଶରେ ପଣ୍ଡିତ, କବି, ଲେଖକମାନେ ବହି ଛପିବାକୁ ବଡ଼ଲୋକ, ଧନୀକ ଓ ରାଜା, ମହାରାଜାଙ୍କ ଅନୁଗ୍ରହ ପ୍ରାର୍ଥୀ ହୁଅନ୍ତି ଏବଂ ବେଳେ ବେଳେ ସେମାନଙ୍କ ଠାରୁ ଅବହେଳା ମଧ୍ୟ ପାଆନ୍ତି, ସେ ଦେଶରେ ସଂସ୍କୃତିର ବିକାଶ କିପରି ହେବ ? ଯେଉଁ ଜଗତରେ ବର୍ଣ୍ଣାର୍ଡ଼ସ ବହି ଲେଖି ଲକ୍ଷ ଲକ୍ଷ ଟଙ୍କା ଅର୍ଜନ କରନ୍ତି, ସିନ୍‌କ୍ଲେୟାର ଲୁଇ ଖଣ୍ଡିଏ ବହି ଲେଖି ବଡ଼ଲୋକ ହୋଇ ପାରନ୍ତି ; ସେହି ଯୁଗରେ ଓଡ଼ିଆ କବି, ଲେଖକମାନେ ଯେ ନିଜକୁ ଏବଂ ନିଜର ଅବସ୍ଥାକୁ କି ଦୃଷ୍ଟିରେ ଦେଖୁଥିବେ, ତାହା ସହଜରେ ଅନୁମେୟ । ଅବଶ୍ୟ ଏହି ଅବସ୍ଥା ପାଇଁ ଆମ ଦେଶ ମଧ୍ୟ ବହୁ ପରିମାଣରେ ଦାୟୀ । ଅଶିକ୍ଷିତ ଜନତା ଏହାର ଏକ ବଡ଼ ପ୍ରତିବନ୍ଧକ, ମାତ୍ର ସେହି କାରଣ ଯଥେଷ୍ଟ ନୁହେଁ । ବର୍ତ୍ତମାନ ଦେଶର ଅବସ୍ଥାରେ ମଧ୍ୟ ବହୁତ ଅଗ୍ରଗତି ସମ୍ଭବପର ହୁଅନ୍ତା, ଯଦି ଶିକ୍ଷିତ ବ୍ୟକ୍ତି ପ୍ରତ୍ୟେକେ କିୟତ୍ ପରିମାଣରେ ଏହି ସଂସ୍କୃତିମୂଳକ ଦାୟିତ୍ୱ ବୁଝନ୍ତେ କିମ୍ବା ମାସିକ ପତ୍ରିକାର ସମ୍ପାଦକମାନେ ସହଯୋଗର ନୀତି ଅବଲମ୍ବନ କରନ୍ତେ; କିମ୍ବା ଦେଶରେ ସାହିତ୍ୟ ଓ ସଂସ୍କୃତିର ସୁପ୍ରଚାର ପାଇଁ ଶିକ୍ଷିତ ବ୍ୟକ୍ତିମାନେ ଟିକିଏ ଅଣ୍ଟା ଭିଡ଼ନ୍ତେ । ଆମ୍ଭମାନଙ୍କ ସାମାନ୍ୟ ସାମାନ୍ୟ ଚେଷ୍ଟାରେ ମିଳିତ ଫଳ ସ୍ୱରୂପ ଆମ୍ଭେମାନେ ଓଡ଼ିଆ ସଂସ୍କୃତିର ଏକ ବରିଷ୍ଠ ସ୍ୱର୍ଣ୍ଣମୟ ଯୁଗର ପୂର୍ଣ୍ଣ ବିକାଶ ଏବଂ ପରିପୁଷ୍ଟି ଦେଖି ପାଆନ୍ତେ । ଓଡ଼ିଆ ସାହିତ୍ୟ, ସଂଗୀତର ଶୁଭ ବାର୍ତ୍ତା କେବଳ ଏହି ପ୍ରାକୃତିକ ଉତ୍କଳରେ ନୁହେଁ, ପୃଥିବୀର ସମସ୍ତ ଦେଶରେ ପହଞ୍ଚି ପାରନ୍ତା । ବଙ୍ଗ ଅତୀତ 'ସାହିତ୍ୟ-ସମ୍ପଦ' ଶୂନ୍ୟ ହୋଇ ଶଏ ବର୍ଷ ମଧ୍ୟରେ ରବୀନ୍ଦ୍ର ନାଥଙ୍କୁ ଘେନି ଯାହା କରି ପାରିଛି, ଉତ୍କଳ ମଧ୍ୟ ତାହା କରି ପାରନ୍ତା, ବିଶାଳ ଏବଂ ସମୃଦ୍ଧିମନ୍ତ ଅତୀତ ସଂସ୍କୃତିର ଅଧିକାରୀ ହୋଇ ରବୀନ୍ଦ୍ର ନାଥଙ୍କ ମାନସିକ କ୍ଷମତା ବା ଅଧ୍ୟବସାୟ ଯେ ଉତ୍କଳ ଦେଶରେ ଆଜି ନାହିଁ ତାହା ନୁହେଁ । ସାଧନା ଏବଂ ଦୀର୍ଘ ଅଧ୍ୟବସାୟ ବଳରେ ଆଜି ରବୀନ୍ଦ୍ର ନାଥ, ରବୀନ୍ଦ୍ର ନାଥ । କିନ୍ତୁ ଆମ ଦେଶରେ ସେହି ଅବିଚ୍ଛିନ୍ନ ସାଧନା ଏବଂ ଅଧ୍ୟବସାୟ ପାଇଁ ପଥ ପରିଷ୍କାର କରି ଦେଲେ ଯେ ଉତ୍କଳର କବି, ଲେଖକ ବିଶ୍ୱଖ୍ୟାତି ଅର୍ଜନ କରି ପାରିବେ, ସେ ଦୃଢ଼ ବିଶ୍ୱାସ ହେବା ଉଚିତ । ଅବଶ୍ୟ ଏହା ଏକ ଆଶାବାଦୀର ବାଣୀ ।

## କର୍ମର ପନ୍ଥା

ଏହି ସମସ୍ତ ସଂସ୍କୃତିମୂଳକ କାର୍ଯ୍ୟ ପାଇଁ ଉତ୍କଳରେ ସବୁ ଶିକ୍ଷିତ ବ୍ୟକ୍ତିଙ୍କର ବିଶେଷ ଦାୟିତ୍ୱ ଅଛି । ଏବଂ କିପରି ଏହି ସଂସ୍କୃତିମୂଳକ ବାର୍ତ୍ତା ଗ୍ରାମମାନଙ୍କରେ ପହଞ୍ଚି ପାରିବ ଓ ଗ୍ରାମର ଅଧିବାସୀମାନେ କୃଷି ଓ ଶିଳ୍ପ ସଙ୍ଗେ ସଙ୍ଗେ ସାହିତ୍ୟ ସଙ୍ଗୀତ ଏବଂ କଳାର ଗ୍ରାହକ ଓ ସ୍ରଷ୍ଟା ହେବେ ଏଥିପାଇଁ ବିଶେଷ ଦୃଷ୍ଟି ଦେବାର ସମୟ ଉପସ୍ଥିତ ହୋଇଅଛି । ସାହିତ୍ୟ ଅଧିବେଶନ, କଳା-ପ୍ରଦର୍ଶନୀ, ଗ୍ରନ୍ଥ-ସପ୍ତାହ, ଆଲୋଚନା-ସଭା, ସଙ୍ଗୀତ ସମ୍ମିଳନୀ ଓ ପ୍ରତିଯୋଗିତା ସହିତ ଶାରୀରିକ ଏବଂ ମାନସିକ ଉଭୟବିଧ କ୍ରୀଡ଼ା ସଂଯୁକ୍ତ ହେବା ବିଧେୟ । ଆମ ଦେଶରେ ଯେଉଁ ସବୁ ପର୍ବ ଅଛି, ସେହି ପର୍ବମାନଙ୍କୁ ସଂଗଠିତ କଲେ ସହଜରେ କାର୍ଯ୍ୟ ହାସଲ ହୋଇ ପାରିବ । ଗ୍ରାମମାନଙ୍କରେ 'ରଜ ପର୍ବ' ଯେପରି ଆମର ଏକ ଜାତୀୟ ବାର୍ଷିକ କ୍ରୀଡ଼ା—ପ୍ରତିଯୋଗିତାର ଉତ୍ସବ ; ସେହିପରି ଏହା ସଙ୍ଗୀତ, ସାହିତ୍ୟ—ମିଳନର ଉତ୍ସବ ହୋଇ ପାରନ୍ତା । ଛାତ୍ର ମହଲରେ ଗଣେଶ ଚତୁର୍ଥୀ ଏବଂ ସରସ୍ୱତୀ ପୂଜା ବ୍ୟତୀତ ନାନା ସମୟରେ ଛାତ୍ର, ଶିକ୍ଷକମାନେ ସେମାନଙ୍କର ଅବସର ଏବଂ ଅବକାଶ ସମୟକୁ ଏହି ସଂସ୍କୃତିମୂଳକ କାର୍ଯ୍ୟ ପାଇଁ ନିୟୋଗ କରି ପାରନ୍ତି । ଆମ୍ଭମାନଙ୍କର ପ୍ରାଚୀନ ସଂସ୍କୃତିର ଯେଉଁ ସବୁ



Digitized by srujanika@gmail.com

ସମ୍ପଦ ଅଛି, ତାହା ସହଜରେ ଯେପରି ସଂଗୃହୀତ ହୋଇପାରିବ, ସେହିପରି ପୁଣି ଏହି ନବଯୁଗର ସଂସ୍କୃତିମୂଳକ ଆଲୋକ ଗ୍ରାମ-ମାନଙ୍କରେ ବିକୀରଣ କରି ଓଡ଼ିଆ ଜୀବନକୁ ସରସ, ସୁନ୍ଦର ଏବଂ ଋଦ୍ଧିମନ୍ତ କରି ଯାଇପାରେ—ଏହା ଏକ କାର୍ଯ୍ୟକରୀ କର୍ମ ପନ୍ଥା । ଏଥିପାଇଁ "ଓଡ଼ିଆ ସଂସ୍କୃତି ସମ୍ମିଳନୀ" ନାମକ ଏକ କେନ୍ଦ୍ର ଜାତୀୟ—ଅନୁଷ୍ଠାନ ଗଢ଼ି ତାହାର ଅଧିବେଶନ ପ୍ରତିବର୍ଷ ଓଡ଼ିଶା, ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ଏବଂ ଓଡ଼ିଶା ଦେଶୀୟ ରାଜ୍ୟମାନଙ୍କରେ ଡାକିବା ଉଚିତ । ଏହି କାର୍ଯ୍ୟ ଦିଗରେ କେନ୍ଦ୍ରୀୟ ଉତ୍କଳ ସାହିତ୍ୟ ସମାଜର ଗୁରୁ ଦାୟିତ୍ୱ ଅଛି । କେବଳ ସେତିକି ନୁହେଁ, 'ଉତ୍କଳ ସାହିତ୍ୟ ସମାଜ' ଜୀବନ୍ତ ଏବଂ କ୍ରିୟାଶୀଳ ହୋଇ ପାରିଲେ ଏହାର ଶାଖା, ପ୍ରଶାଖା ଦେଶସାରା ନାନା ସ୍ଥାନରେ ସ୍ଥାପିତ ହୋଇ ପାରନ୍ତା; ଏବଂ ସଂସ୍କୃତିମୂଳକ ସ୍ଥାୟୀ ଭାବରେ ଦେଶର ନାନା ସହରମାନଙ୍କରେ ଏହାର ଶାଖା ପ୍ରତିଷ୍ଠାନ ମଧ୍ୟ ଗଢ଼ା ଯାଇ ପାରନ୍ତା । କେବଳ ସେତିକି ନୁହେଁ; ଓଡ଼ିଆ ବହି, ମାସିକ ଓ ସାପ୍ତାହିକ ପତ୍ରିକାର ଦୋକାନ ଯେପରି ସବୁ କେନ୍ଦ୍ରସ୍ଥାନମାନଙ୍କରେ ସ୍ଥାପିତ ହୋଇପାରେ, ସେଥିପାଇଁ ତୀକ୍ଷ୍ଣ ଦୃଷ୍ଟି ଦେବା ବାଞ୍ଛନୀୟ । କାରଣ ଓଡ଼ିଶାରେ ଯେଉଁ ପାଠକପାଠିକା ବହି ଖଣ୍ଡିଏ କିଣିବା ପାଇଁ ମନରେ ଆଶା ପୋଷନ୍ତି, ସେମାନେ ସେମାନଙ୍କ ପ୍ରୟୋଜନାନୁଯାୟୀ ସମୟରେ ବହି ଖଣ୍ଡିଏ ପାଇ ପାରନ୍ତି ନାହିଁ । କଟକରୁ ଭି. ପି. ମଗାଇ ବହି ପଢ଼ିବାର ସ୍ପୃହା ଏ ଦେଶରେ କେତେକଙ୍କର ରହିବ ? କେବଳ ସେତିକି ନୁହେଁ ବହି ଏଜେଣ୍ଟଙ୍କର ମଧ୍ୟ ଗ୍ରାମେ ଗ୍ରାମେ ବୁଲି ଆଧୁନିକ ଓଡ଼ିଆ ବହି ବିକ୍ରି କରିବା ପାଇଁ ପ୍ରଚେଷ୍ଟା କରିବା ଉଚିତ । ମୋର ବିଶ୍ୱାସ ଏହାର ବ୍ୟବସାୟଗତ ଦିଗ ମଧ୍ୟ ଅଛି ।

'ଉତ୍କଳ ସାହିତ୍ୟ ସମାଜର' ତଥା ଅନ୍ୟାନ୍ୟ ଶାଖା ସାହିତ୍ୟ ସମାଜ ଏବଂ ଶିକ୍ଷିତ ବ୍ୟକ୍ତିଙ୍କର ଓଡ଼ିଆ ସଂସ୍କୃତି ଗଢ଼ିବାରେ ଯେଉଁ ସାମର୍ଥ୍ୟ ଏବଂ ଶକ୍ତି ଅଛି, ତାହାର ପୂର୍ଣ୍ଣ ପ୍ରକାଶ ହେବା ଉଚିତ । ଏବଂ ସାହିତ୍ୟ, ସଙ୍ଗୀତ କେବଳ ଅଭିଜାତ୍ୟର ଲକ୍ଷଣ ହୋଇ ନ ରହି ତାହାର ରସ-ସ୍ୱାଦ ସାଧାରଣ ଅଶିକ୍ଷିତ ବ୍ୟକ୍ତିଙ୍କ ପାଇବା ଉଚିତ । ଏଥିପାଇଁ ସାହିତ୍ୟ ବା ସଂସ୍କୃତି-ସମ୍ମିଳନୀ ଅଧିବେଶନକୁ ସେହିପରି ଲୋକପ୍ରିୟ କରି ଲୋକଚକ୍ଷୁର ସମକ୍ଷକୁ ଟାଣି ଆଣିବା ଉଚିତ । ଏହି ଦିଗରେ ଉତ୍କଳରେ ଯେତେ 'ସାହିତ୍ୟ-ସମାଜ' ଅଛି ସେମାନେ ଗତାନୁଗତିକ ପନ୍ଥାରେ ବାର୍ଷିକ ଅଧିବେଶନ ଡ଼କାଇ କେତୋଟି ପ୍ରବନ୍ଧ ପଢ଼ାଇ ଶୁଣିବା ବ୍ୟତୀତ ଆଉ କଅଣ ଅଭି-ମୁଖ୍ୟ ଦେଇଛନ୍ତି ତାହା ଜଣା ନାହିଁ ।

ଶେଷରେ ଓଡ଼ିଆ ସଂସ୍କୃତି-ସ୍ରଷ୍ଟା ଏବଂ ପ୍ରେମିକ, ଗ୍ରାହକ-ମାନଙ୍କୁ ବିନୀତ ଅନୁରୋଧ ଯେ ସେମାନେ ଜୀବନର ଯୁଗାର୍ଜ୍ଜନ-ଅର୍ଘ୍ୟ—ସଂସ୍କୃତି ପୁଷ୍ପାଞ୍ଜଳି ଜାତୀୟତା ମହାବେଦୀ ଉପରେ ଗଭୀର ଶ୍ରଦ୍ଧା ଏବଂ ସମ୍ମାନ ସହିତ ଢାଳି, ଓଡ଼ିଆ ଜାତୀୟତା ମହାସାଧନାକୁ ସୁନ୍ଦର, ସରସ ଓ ସଞ୍ଚିତ କରି, ସତ୍ୟ-ଶିବ-ସୁନ୍ଦରର ଅର୍ଚ୍ଚନା ପାଇଁ ଜାତୀୟ ଜୀବନକୁ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ନିଜର ଅନ୍ତରକୁ ଉନ୍ନତ ମହତ୍ ଆଦର୍ଶର ଉପଲବ୍ଧି ନିମିତ୍ତ ପ୍ରସାରିତ ଏବଂ ପ୍ରସ୍ତୁତ କରନ୍ତୁ । ଏହାହିଁ ଯୁଗେ ଯୁଗେ ସଂସ୍କୃତିର ଶ୍ରେଷ୍ଠ ଅଭିବ୍ୟକ୍ତି ।

# ଅତୀତର ଅଭିଜ୍ଞାନ

### ୬ ଜଗତ୍‌ମୋହନ ସେନ୍

"ଅଭିଜ୍ଞାନ" କଥାଟି ଠିକଏ କାବ୍ୟ-ଗନ୍ଧୀ । ସୁତରାଂ ପ୍ରଥମରୁ କହି ରଖିବା ଦରକାର ଯେ ଦୁଷ୍ମନ୍ତଙ୍କର ଅଭିଜ୍ଞାନ ଓ ଅତୀତର ଅଭିଜ୍ଞାନ ମଧ୍ୟରେ ଗୋଟିଏ ମୌଳିକ ପ୍ରଭେଦ ରହିଛି । ଅଭିଜ୍ଞାନର କଥା ଦୁଷ୍ମନ୍ତ ଭୁଲି ଯାଇଥିଲେ, ଶକୁନ୍ତଳା ଭୁଲି ନାହାନ୍ତି । କିନ୍ତୁ ଅତୀତ ବର୍ତ୍ତମାନକୁ ଯେଉଁ ଅଭିଜ୍ଞାନ ଦେଇଛି ଏବଂ ହୁଏତ ପ୍ରତି-ନିୟତ ଦେଉଛି, ତା କଥା ଅତୀତ ଭୁଲେ ନାହିଁ, ଭୁଲି ଯାଏ ବର୍ତ୍ତମାନ ।

ଅତୀତ ବର୍ତ୍ତମାନର ପ୍ରସୂତି । ନବଜାତକକୁ ଦେଖିବା ଲାଗି ଅତୀତ ବଞ୍ଚି ରହେନାହିଁ ସତ୍ୟ କିନ୍ତୁ ବର୍ତ୍ତମାନ ଜୀବନର ଅତି ତୁଚ୍ଛ ବିଷୟଟିକୁ ସୁଦ୍ଧା ଅବଲମ୍ବନ କରି ସେ ନିଜର ସ୍ମୃତି ଛାଡ଼ି ରଖି ଯିବାକୁ ଉତ୍ସୁକ । ଏହା ଚିରନ୍ତନ ଓ ସାର୍ବଜନୀନ ସତ୍ୟ । ବିଶ୍ୱ-ସଂସାରରେ ଆତ୍ମ-ଜନ୍ମ-ସମ୍ପୃକ୍ତ ନ ହୋଇ ଅଛି କିଏ? ସୁତରାଂ ଅତୀତକୁ ଦୋଷ ଦେବାର କଣ ଅଛି ?

ଅତୀତ କେତେବେଳେ ବା ବର୍ତ୍ତମାନର ଭିତ୍ତି, କେତେବେଳେ ବା ତାର ଅତି ତୁଚ୍ଛ ଅପ୍ରୟୋଜନୀୟ ଅବାଞ୍ଛିତ ଗଳଗଣ୍ଡ ମାତ୍ର । ତଥାପି ସେ ପ୍ରସୂତ ସନ୍ତାନରୂପୀ ବର୍ତ୍ତମାନକୁ ତାର ନିଜ ପଥରେ ଛାଡ଼ି ଦେବାକୁ ନାରାଜ । ସୁବିଧା ପାଇଲେ ପଛ ଅନ୍ତରାଳରେ ରହି ସୁଦ୍ଧା ସେ ଜୀବନ-ଚକ୍ର ମୋଡ଼ି ଦେଉଛି । କିନ୍ତୁ ବର୍ତ୍ତମାନ ତାହା ମାନିବ କି ?


ପ୍ରଜାପତି-ମାତା ସନ୍ତାନ ପାଳନ କରେ ନାହିଁ, ପ୍ରସୂତ ସନ୍ତାନଟିକୁ ଦେଖି ଯିବାର ସୌଭାଗ୍ୟ ତାର ଘଟେ ନାହିଁ; ଅଣ୍ଡ ପ୍ରସବର ଅଳ୍ପ ପରେ ତାର ଜୀବନର ପରିସମାପ୍ତି ହୁଏ ।



Digitized by srujanika@gmail.com

କିନ୍ତୁ ଆଶ୍ଚର୍ଯ୍ୟ ଏତିକି ଯେ ଯିବା ପୂର୍ବରୁ ସେ ଭାବୀ ବଂଶଧର-ଗୁଡ଼ିକର ଜୀବନ ରକ୍ଷାର ବନ୍ଦୋବସ୍ତ କରି ଯାଇଥାଏ । ପ୍ରସୂତ କୀଟଗୁଡ଼ିକ (larvæ) କଣ ଖାଇବେ ଏବଂ କିପରି ଶତ୍ରୁର କ୍ରୂର ଦୃଷ୍ଟିରୁ ଦୂରରେ ରହିବେ ସେ ଦାୟିତ୍ୱ ବସ୍ତୁତଃ ମାତାର । ଡିମ୍ବ ପ୍ରସବ ଲାଗି ସେ ଯେଉଁ ଉଦ୍ଭିଦଟି ସ୍ଥାନରୂପେ ବାଛିନିଏ ତାହାର ପତ୍ର ନବଜାତକର ଖାଦ୍ୟ ଏବଂ ସାଧାରଣତଃ କୀଟର ଦେହ ବର୍ଣ୍ଣ ସେ ପତ୍ରର ବର୍ଣ୍ଣ ପରି । ମାତା-ପ୍ରଜାପତି ଯେ ଜାଣିଶୁଣି ଏ କାର୍ଯ୍ୟଟି କରିଥାଏ ତାହା ନୁହେଁ, ସେ ଅତୀତର ଅନୁସରଣ କରେ ମାତ୍ର । ତାହାର ଏ ପ୍ରେରଣା ଅତୀତର ଦାନ ।

ଆମ୍ଭମାନଙ୍କର ଜୀବନରେ ମଧ୍ୟ ଅତୀତର କ୍ରିୟାକଳାପ ଏହି ଧରଣର । ଉଦାହରଣ ସ୍ୱରୂପ ଉଚ୍ଚ ଶ୍ରେଣୀର ଜୀବମାନଙ୍କର ଅନୁରାଗ-ବିରାଗର କଥା କହିଯାଇ ପାରେ । ବସ୍ତୁତଃ ମାନସିକ ଅନୁରାଗ ବା ବିରାଗର ଗୋଟିଏ ସୁନିର୍ଦ୍ଦିଷ୍ଟ ବୈଜ୍ଞାନିକ ଅର୍ଥ ଅଛି. ସାଧାରଣତଃ ଦେଖାଯିବ ଯେ ଯାହା ରୁଚିକର ତାହାହିଁ ହିତକର; ଏବଂ ଅରୁଚିକର ବିଷୟ ଅହିତକର ମଧ୍ୟ । ମୁଁ ସହଜ ସ୍ୱାଭାବିକ ମନ କଥା କହୁଛି.—ବିକୃତ ମନ ବା ବିକୃତ ରୁଚି ପ୍ରତି ଏ କଥା ନ ଖଟିପାରେ । ଏହି ଅନୁରାଗ ବା ବିରାଗର ମୂଳ କେଉଁଠାରେ ତାହା ଅନେକେ ଜାଣନ୍ତି ନାହିଁ । ଜୀବର ଜୀବନରେ ଅନୁରାଗ ବା ବିରାଗର ପ୍ରଥମ ସୂଚନା ଲକ୍ଷିତ ହୁଏ ଏମିବା (amœba) ନାମକ Protozoa (ପ୍ରାଥମିକ ଜୀବ)



ଏମିବାର ପରିବର୍ତ୍ତନ

ଶ୍ରେଣୀର ଜୀବମାନଙ୍କ ମଧ୍ୟରେ । ଏମିବା ଅତି କ୍ଷୁଦ୍ର ଜୀବ,—ଚର୍ମଚକ୍ଷୁର ଅଗୋଚର କହିଲେ ଚଳେ । ଜଲ ବିନ୍ଦୁ ପରି ଏହି ଜୀବଟିର ଦେହର ବ୍ୟାସ ଏକ ଇଞ୍ଚର ଶତତମ ଅଂଶ ମାତ୍ର । ରୋଗଜୀବାଣୁ-ଧ୍ୱଂସୀ ଶ୍ୱେତ ରକ୍ତକଣିକାଗୁଡ଼ିକ amœba ର ଅତି ନିକଟ ଜ୍ଞାତି । ବିଜ୍ଞାନୀ କହନ୍ତି amœba ପରି ଆମର ୧୦୮ପ୍ର-ପିତାମହ, ଅର୍ଥାତ୍ ପୁରାଣର ଭାଷାରେ ସମ୍ଭବତଃ ଦକ୍ଷ ପ୍ରଜାପତି—ଅବଶ୍ୟ ଛେଳିମୁଣ୍ଡିଆ ନୁହେଁ । କାରଣ amœba ପିଣ୍ଡ ସର୍ବସ୍ୱ, ହାତ-ଗୋଡ଼-ମୁଣ୍ଡ ପ୍ରଭୃତି କିଛି ତାର ନାହିଁ ।

ଏହି amœba ର ଅନୁରାଗ-ବିରାଗ ବିଷୟରେ ନିଜେ କିଛି ନ କହି ଜଣେ ବଡ଼ ବିଜ୍ଞାନୀଙ୍କର ପରୀକ୍ଷା ଫଳର ବିବୃତି ଉଦ୍ଧାର କରିବି,—

Professor Jennings tells the story of a large amœba (A) which went on the hunt after a small amœba (a); for it must be admitted that amœbae are sometimes Cannibals. The large A' overtook the small 'a' and engulfed it, but 'a used an opportunity afforded by 'A's' locomotion and escaped from its interior. Whereupon 'A' turned from its course and pursued 'a' which was captured a second time. But the small 'a' had the will to live, which we take to be different from a surface-tension phenomenon, and it escaped again—more of an agent an Jonah! It was not captured a third time. So here at the threshhold of life we find effective behaviour directed towards an end. [ *Pro. J. Arthur Thomson's New Natural History page 955* ].

ପୁଣି ଅନ୍ୟତ୍ର,—

The Amœba's, movements are very puzzling. They are not "anyhow" movements, for it often moves directly towards something attractive or away from something disagreeable; and when it is simply, it moves in a loose spiral like a corkscrew greatly elongated. A spiral course in swimming is illustrated by many animals and also by a swimmer who is blind folded. When the gliding amœba is carefully studied under the microscope, it shows particles on the upper surface disappearing over the front end, and after a short time re-appearing behind, to begin once more a forward journey. * * it would be very interesting if the Amœba flowing along or "rolling along" was a primæval anticipation of the "tank". [*Ibid page, 147*]

[ ମର୍ମ:—ପ୍ରୋଫେସର ଜେନିଂସ ନିମ୍ନଲିଖିତ ଗଳ୍ପଟି କହିଅଛନ୍ତି । ସେ ଥରେ ଦେଖିଲେ ଯେ ବଡ଼ ଏମିବାଟିଏ (କ) ଗୋଟିଏ ଛୋଟ ଏମିବାକୁ (ଖ) ଗିଳିଦେଲା । ଖ ସୁଯୋଗ ପାଇ କ – ର ଦେହ ମଧ୍ୟରୁ ବାହାରି ପଳାଇ ଗଲା । କ ପୁଣି ଯାଇ ତାକୁ ଦେହସାତ୍ କଲା । ଖ ପୁଣି କ—ର ଦେହରୁ ବାହାରି ପଳାଇ ଗଲା । କ ଆଉ ତାହାକୁ ଧରି ପାରି ନ ଥିଲା । ଏ କ୍ଷେତ୍ରରେ କ ଓ ଖ



Digitized by srujanika@gmail.com

ଉଭୟର କ୍ରିୟାକଳାପ ମଧ୍ୟରେ ଗୋଟିଏ ସୁନିର୍ଦ୍ଦିଷ୍ଟ ଅର୍ଥ ଥିବାର ଦେଖାଯାଏ । ଜୀବର ଜୀବନରେ ଉଦ୍ଦେଶ୍ୟ-ମୂଳକ କର୍ମ୍ମ-ପ୍ରଚେଷ୍ଟାର ସୂତ୍ରପାତ ସର୍ବ ପ୍ରଥମ ଏମିବାକୁ ଆଶ୍ରୟ କରି ହୋଇଥିଲା । ଏମିବାର ଭଲ ମନ୍ଦ ଅନୁଭବ କରିବାର କ୍ଷମତା ମଧ୍ୟ ଲକ୍ଷ୍ୟଣୀୟ । ଯାହା ଅବାଞ୍ଛନୀୟ ବା ଅପ୍ରିୟ ତହିଁରୁ ଦୂରରେ ରହିବାର ଚେଷ୍ଟା ମଧ୍ୟ ଏହି ପ୍ରାଚୀନ ଜୀବଟିର ଅନ୍ତର ବ୍ୟବହାରରେ ଲକ୍ଷ୍ୟ କରା ଯାଇଛି । ବାଟରେ ଅନିଷ୍ଟକର ବିଷୟ ଭେଟିଗଲେ ଏମିବା ତତ୍‌କ୍ଷଣାତ୍‌ ଅନ୍ୟବାଟେ ବାଟ ଖୋଜେ । * * * ଏମିବାର ଗତି ସହିତ ଆଧୁନିକ ଯୁଦ୍ଧଯାନ "ଟ୍ୟାଙ୍କ୍"ର ଗତିର ଯଥେଷ୍ଟ ସାଦୃଶ୍ୟ ଅଛି । ]

ଶେଷ କଥାଟିରେ ବିସ୍ମୟର ବିଷୟ କିଛି ନାହିଁ । କିଏ କହିବ ଯେ ପ୍ରକୃତି ଏହିରୂପେ ବିବିଧ ବିଷୟର ଧାରଣା ସମ୍ପୂର୍ଣ୍ଣ ଅଜ୍ଞାତସାରେ ଆମ୍ଭମାନଙ୍କ ମନରେ ସଞ୍ଚାରିତ କରନ୍ତି କି ନା । ସମସ୍ତେ ଜାଣନ୍ତି ଯେ ଉଡ଼ାଜାହାଜ ଓ ବୁଡ଼ା ଜାହାଜ ଗଢ଼ିବାର ପ୍ରେରଣା ପକ୍ଷୀ ଓ ମତ୍ସ୍ୟ ନିକଟରୁ ମନୁଷ୍ୟ ପାଇଛି । ପ୍ରକୃତି ରାଜ୍ୟର ବିବିଧ ବିଷୟ ପର୍ଯ୍ୟବେକ୍ଷଣ କଲେ ଏ କଥା ବାରଂବାର ମନକୁ ଆସିବ ଯେ ଦୁନିଆରେ ନୂଆ କଥା ବୋଲି କିଛି ନାହିଁ । ବେତାର ବାର୍ତ୍ତା ଏ ଯୁଗର ଗୋଟିଏ ବଡ଼ ବିସ୍ମୟ, କିନ୍ତୁ ଆମ୍ଭମାନଙ୍କୁ ନୂତନ ବୋଧ ହେଲେ ସୁଦ୍ଧା ପ୍ରକୃତିର ରାଜ୍ୟରେ ଯେ ବିଷୟଟି ନୂତନ ନୁହେଁ ତାହାର ପ୍ରମାଣ ମଧ୍ୟ ମିଳିଛି । ବୈଜ୍ଞାନିକମାନେ ଲକ୍ଷ୍ୟ କରି ଦେଖିଛନ୍ତି ଯେ ଏକ ଶ୍ରେଣୀର ମଥ୍‌ (ପ୍ରଜାପତି) ମଧ୍ୟରେ ପରସ୍ପର ପ୍ରତି ସଙ୍କେତ ପଠାଇବାର ଯେଉଁ ବ୍ୟବସ୍ଥା ଅଛି, ତାହାକୁ ବେତାର ବାର୍ତ୍ତା ଭିନ୍ନ ଅନ୍ୟ କିଛି କୁହା ଯାଇ ନ ପାରେ ।

ବସ୍ତୁତଃ ଅତୀତ, ବର୍ତ୍ତମାନ ମଧ୍ୟରେ ଯେ କେତେ ଭାବରେ ଆତ୍ମଗୋପନ କରି ରହେ ତାହା ସହଜେ ଜଣା ପଡ଼େନାହିଁ । ବର୍ତ୍ତମାନ ତାହା ସ୍ୱୀକାର କରିବାକୁ ମଧ୍ୟ ନାରାଜ । ଆଧୁନିକ ପେଟ୍ରୋମେକ୍ସ୍ ଆଲୋକ ନିଜକୁ ମୃତ୍-ପ୍ରଦୀପର ବଂଶଧର ବୋଲି ପରିଚୟ ଦେବାକୁ ରାଜି ହେବ କି ? ଅଥଚ ସେହି ଅବଜ୍ଞାତ ମାଟି ଦୀପ ଯେ ତାର ଜୀବନର ଭିତ୍ତି ଏକଥା ଅସ୍ୱୀକାର କରିବ ବା କିଏ ? ପେଟ୍ରୋମେକ୍ସ୍‌ର କଙ୍କାଳରେ ମୃତ-ପ୍ରଦୀପ ଅଜ୍ଞାତ-ବାସ କରୁଛି,—ସେ ସନ୍ଧାନ ପେଟ୍ରୋମେକ୍ସ୍ ଜାଣି ସୁଦ୍ଧା ନ ଜାଣିଲା ପରି । ସେହି ତେଲ, ସେହି ତେଲଧାର, ସେହି ବତୀ—,ପ୍ରଭେଦ କେବଳ ରୂପରେ ଅଧିକା । ଲାଗିଛି ଖାଚଟିଏ । କିନ୍ତୁ ସେ କଥା ମାନିବ କିଏ ? ଆଜିକାର ପେଟ୍ରୋମେକ୍ସ୍ ଶିକ୍ଷିତ ଆଲୋକ-ପ୍ରାପ୍ତ ମାର୍ଜ୍ଜିତରୁଚି ଯୁବକ,—ମୁଖରେ ମାନ୍‌ଟେଲ୍ ନାମକ ନିର୍ଧୂମ ହ୍ୟାଭାନା ଚୁରୁଟ, ଆଖିରେ ଡୁମ୍ ନାମଧେୟ ଚୋରିକ ଲେନ୍‌ସ୍‌ର ଚଷମା ପରିଧାନ । ରଜାର୍ଭଏର୍ ରୂପକ ଚକ୍ ଚକିଆ ବିଲାତି ସୁଟ୍, ହାତରେ ମିଟରର ହାତଘଡ଼ି, ପମ୍ପର ଛଡ଼ି, ରୁମାଲରେ ମେଥିଲେଟେଡ୍ ସ୍ପିରିଟ୍‌ର ଏସେନସ୍,—ତାର ପ୍ରତିଭାର ଦୀପ୍ତିରେ ସଭ୍ୟ-ଜଗତ୍ ଆଲୋକିତ; ବିରାଟ ଜନ-ସଭାରେ ସେ ବକ୍ତୃତା କରି ହାତତାଳି ପାଏ । ତେଣେ ଚଟା ଗାମୁଛା ପିନ୍ଧା, ମରହଟି ମଫସଲି ବୁଢ଼ା ମାଟି ଦୀପ—ତାର ଦୁଇ କଲରୁ ସଲ୍ ସଲ୍ ହୋଇ ଦୁର୍ଗନ୍ଧ ସୋରିଷ, ଜଡ଼ା କି କରଡ଼ା ତେଲ ନିଗିଡ଼ି ପଡ଼ୁଛି, ମାଟି ଘର କାନ୍ଥ ଗୃହଖଣ୍ଡର ଗଣ୍ଡିରେ ତାର ସବୁ ବିକ୍ରମ ସୀମାବଦ୍ଧ;—ଭାଗବତ ଟୁଙ୍ଗୀରେ ବସି "ଶୁଣ ପରୀକ୍ଷିତ ନରନାଥ" ପଢ଼େ । ପେଟ୍ରୋମାକ୍‌ସ୍ ତାକୁ ପୂର୍ବ ପୁରୁଷ ବୋଲି ମାନିବ କାହିଁକି ? କିନ୍ତୁ ପେଟ୍ରୋମାକ୍‌ସ୍ ତେଣିକି ଥାଉ, ମାଟିଦୀପ ମନକଲେ ଅତି ଆଧୁନିକ ବିଜୁଳି-ବତୀକୁ ମଧ୍ୟ ନିଜର ବଂଶଧର ବୋଲି ଦାବି କରିପାରେ ।


ଅତୀତ ଓ ବର୍ତ୍ତମାନ ମଧ୍ୟରେ ସମ୍ବନ୍ଧ ଏହି ଧରଣର । ପୂର୍ବେ କହିଛି, ଅତୀତ କେଉଁଠାରେ ବା ବର୍ତ୍ତମାନର ଭିତ୍ତି, କେତେବେଳେ ବା ଅବାଞ୍ଛିତ ଗଳଗଣ୍ଡ ମାତ୍ର । କିନ୍ତୁ ଏ କଥା ମଧ୍ୟ ଭୁଲିଲେ ଚଳିବ ନାହିଁ ଯେ ଯାହାକୁ ଆମ୍ଭେମାନେ ଅପ୍ରୟୋଜନୀୟ ଗଳଗଣ୍ଡ ବୋଲି ମନେ କରୁଁ ତାହାର ଯଥାର୍ଥ ପରିଚୟ ଜାଣିବାର ସୁଯୋଗ ଆମ୍ଭମାନଙ୍କର ଘଟିନାହିଁ । ସୁତରାଂ ଅତୀତର ଏହି ଅଭିଜ୍ଞାନଗୁଡ଼ିକୁ ଅପ୍ରୟୋଜନୀୟ କହିବା ଯୁକ୍ତିସଙ୍ଗତ କି ନା ତାହା ଆପଣମାନେ ବିଚାର କରିବେ । ଉଦାହରଣ ସ୍ୱରୂପ ନର ଦେହର କଥା ନିଆ ଯାଇ ପାରେ, କାରଣ ନର ଦେହ ପ୍ରକୃତିର ନବୀନତମ ସୃଷ୍ଟି,—ଅତି ଆଧୁନିକ ବିଜୁଳି ବତୀ ସହିତ ତୁଳନୀୟ । ବିଜ୍ଞାନ-ସମାଜ ଏ ପର୍ଯ୍ୟନ୍ତ ନର ଦେହରେ ୧୦୭ ଟି (୧୦୮ ହୋଇଥିଲେ ସଂଖ୍ୟା ପୂରିଥାଆନ୍ତା) ଅଭିଜ୍ଞାନ ଆବିଷ୍କାର କରିଅଛନ୍ତି । ବସ୍ତୁତଃ ଏ ଗୁଡ଼ିକର ବର୍ତ୍ତମାନ ଉପଯୋଗିତା ବିଷୟ କିଛି ଜଣା ପଡ଼ୁ ନାହିଁ, ଏବଂ ଏହା ମଧ୍ୟ ସତ୍ୟ ଯେ ଅବ୍ୟବହାର ହେତୁ ଏମାନେ ଏବେ ହୀନଦଶାପନ୍ନ ହୋଇ ରହିଛନ୍ତି । ସବୁଗୁଡ଼ିକର ପରିଚୟ ନେବାକୁ ହେଲେ ସ୍ଥାନାଭାବ ଘଟିବାର ସମ୍ଭାବନା । ସୁତରାଂ ବିଷୟଟି ବୁଝାଇବା ଲାଗି ଅଳ୍ପ କେତୋଟିର ଉଲ୍ଲେଖ କଲେ ଚଳିବ ।

ଇତର ପ୍ରାଣୀମାନଙ୍କର ଗୋଳିଆ କାନ ସମସ୍ତେ ଦେଖିଥିବେ । ଆମ୍ଭମାନଙ୍କର କାନ ଗୋଳିଆ ନୁହେଁ । କିନ୍ତୁ ଯେଉଁମାନେ ଆମ୍ଭମାନଙ୍କର ଉପୃଷ୍ଠ ହେତୁ ସେମାନଙ୍କର ଗୋଳିଆ କାନର ଚିହ୍ନଟି ଆମ କାନରୁ ବାଦ ଯାଇନାହିଁ (ପରବର୍ତ୍ତୀ ପୃଷ୍ଠାରେ ଥିବା ଚିତ୍ରରେ ଦେଖି ପାରିବେ) । ଏ ଚିହ୍ନଟି "Darwin's point" (ଡାରୁଇନ୍‌ସ୍‌ ପଏଣ୍ଟ) ନାମରେ ପରିଚିତ । ବିବର୍ତ୍ତନବାଦର ପ୍ରତିଷ୍ଠାତା ଚାର୍ଲସ୍ ଡାରୁଇନ୍‌ଙ୍କ ନାମାନୁସାରେ ଏ ନାମକରଣ ହୋଇଛି । ପଶୁ-ମାନଙ୍କ କାନ ପ୍ରଧାନତଃ ୭ଟି ପେଶୀ ଦ୍ୱାରା ଚାଳିତ, ସେମାନେ କାନକୁ ଇଚ୍ଛାନୁରୂପେ ଏଣେ ତେଣେ ମୋଡ଼ି ବା ବୁଲାଇ ପବନରୁ ଶବ୍ଦ ତରଙ୍ଗ ଧରି ଆସନ୍ନ ବିପଦ ବା ସଙ୍କେତ ବାର୍ତ୍ତା ପ୍ରତି ଅବହିତ ହୁଅନ୍ତି । ମଶା-ମାଛି ତଡ଼ିବାକୁ ହେଲେ ମଧ୍ୟ କାନର ଏହି ପ୍ରକାର



Digitized by srujanika@gmail.com

କାର୍ଯ୍ୟକାରିତା ଅନେକ ସାହାଯ୍ୟ କରିଥାଏ । ନର ଦେହର ଗଠନ ବୈଶିଷ୍ଟ୍ୟ ଓ ହାତ ଦୁଇଟିର କର୍ମ-କ୍ଷମତା ହେତୁ କାନର ପେଶୀ ଗୁଡ଼ିକ ଅକାମିକା, ସୁତରାଂ ଅଚଳ ହୋଇଯାଇଛି ।




ମନୁଷ୍ୟ ଓ ପଶୁର କାନ ମଧ୍ୟରେ ସାଦୃଶ୍ୟ

[ † ତୃତୀୟ ଅକ୍ଷି-ପକ୍ଷ୍ମବର ସ୍ମୃତିଚିହ୍ନ ]


ଆମ୍ଭେମାନେ ଇଚ୍ଛାନୁଯାୟୀ କାନକୁ ହଲାଇ ବା ବୁଲାଇ ପାରୁ-ନାହୁଁ । ତଥାପି ସମସ୍ତେ ହୁଏତ ଜାଣନ୍ତି ଯେ ଜଣେ ଅଧେ ଲୋକର ଏ କ୍ଷମତା ପୂର୍ଣ୍ଣ ବା ଅଂଶ ମାତ୍ରାରେ ଅଛି । ମୁଁ ନିଜେ ଅନ୍ତତଃ ଦୁଇ ଜଣଙ୍କୁ ଜାଣେ ଏବଂ ତୃତୀୟ ବ୍ୟକ୍ତି ବିଷୟ ପୋଥିରେ ଲେଖା ଥିବାର ଦେଖିଛି । ସୁତରାଂ ଉକ୍ତ ପେଶୀଗୁଡ଼ିକ ଯେ ଆମ କାନରୁ ସୁଦ୍ଧା ବାଦ ଯାଇନାହିଁ ସେ କଥା ବୁଝିବା କଷ୍ଟକର ନୁହେଁ ।

ଆମ୍ଭମାନଙ୍କର ଶ୍ୱ-ଦନ୍ତ ଆଉ ଗୋଟିଏ ଅଭିଜ୍ଞାନ । ଆମ୍ଭର କୌଣସି ପୂର୍ବ ପୁରୁଷ ଯେ ବାଘ-ବିରାଡ଼ି ଜାତୀୟ ମାଂସାଶୀ ଜୀବ

ସିମ୍ପାଞ୍ଜିର ତଳପାଟି



ମନୁଷ୍ୟର ତଳପାଟି



ଥିଲେ ତାହାର ପ୍ରମାଣ ଶ୍ୱ-ଦନ୍ତରୁ ମିଳିବ । ଆଜି ଝୋଣ ଓ କଞ୍ଚା ମାଂସ ବା ଅନ୍ୟ ଖାଦ୍ୟ ଖାଇବାର ଦରକାର ଆମର ନାହିଁ ।

ସୁତରାଂ ଶ୍ୱଦନ୍ତ ଚତୁଷ୍ଟୟର ମଧ୍ୟ ପ୍ରୟୋଜନର ପରିସମାପ୍ତି ଘଟିଛି । ତଥାପି ସେମାନେ ଆମର ମୁଖ ମଧ୍ୟରେ ରହିଛନ୍ତି,—କେବଳ ଅତୀତର ବାର୍ତ୍ତା ବହନ କରି ।

ଆମର ଅକ୍ଷି-ପକ୍ଷ୍ମବ ଯୋଡ଼ିଏ ମାତ୍ର । ସମସ୍ତେ ଲକ୍ଷ୍ୟ କରିଥିବେ କି ନା ଜାଣେ ନାହିଁ,—ପକ୍ଷୀମାନଙ୍କର ଅକ୍ଷି-ପକ୍ଷ୍ମବର ସଂଖ୍ୟା ତିନି । ଯେଉଁମାନେ ଶୁଆ ପାଳନ୍ତି ସେମାନେ ଅତି ସହଜରେ ଏହା ଦେଖି ପାରିବେ, କିମ୍ବା ଦେଖି ସାରିଥିବେ, କେବଳ ଏତିକି ମାତ୍ର ମନେ ପକାଇ ଦେଲେ ଚଳିବ ଯେ ଶୁଆର ଆଖି-ମୁଦିବା ଦୁଇ ପ୍ରକାର, ବେଳେ ବେଳେ ଆଖି ସମ୍ପୂର୍ଣ୍ଣ ମୁଦିଯାଏ, ପୁଣି ବେଳେ ବେଳେ ମେଲା ଆଖି ଉପରେ କେବଳ ଗୋଟିଏ ପର୍ଦ୍ଦାର ଆବରଣ ଦେଖାଯାଏ । ଦ୍ୱିତୀୟ ପ୍ରକାର ମୁଦିବା ତୃତୀୟ ଅକ୍ଷିପକ୍ଷ୍ମବର କାର୍ଯ୍ୟ । ଏ ତୃତୀୟ ଅକ୍ଷିପକ୍ଷ୍ମବ ଆମର ନାହିଁ, କିନ୍ତୁ ଆଖିପତାର ପାଖ କୋଣରେ ତାର ସ୍ମୃତି ଚିହ୍ନରୂପେ ଗୋଟିଏ ଛୋଟ ମାଂସ ପିଣ୍ଡ ଅଦ୍ୟାପି ବର୍ତ୍ତମାନ । ପକ୍ଷୀମାନେ ଯଦି ଆମର ପୂର୍ବ-ପୁରୁଷର ନିକଟ ଜ୍ଞାତି ବୋଲି ଗୌରବ କରନ୍ତି ତେବେ ସେ କଥା ଅସ୍ୱୀକାର କରିବାକୁ ଆମର ବାଟ ନାହିଁ ।

ଏହା ଭିନ୍ନ ଦେହର ଲୋମ, ଲାଙ୍ଗୁଳାସ୍ଥି, ଦେହ ମଧ୍ୟସ୍ଥ ଭର୍ମି-ଫର୍ମ ଆପେଣ୍ଡିକ୍ସ (Vermiform appendix—ଯହିଁରେ କ୍ଷତ ହେଲେ ସଂନ୍ୟାସ ରୋଗ ହୁଏ), ଗୋଡ଼ର କାଣି ଅଙ୍ଗୁଠି ପ୍ରଭୃତି ମୋଟ ୧୦୭ଟି ଚିହ୍ନ ଆମ ଦେହରେ ମିଳିପାରେ । ବର୍ତ୍ତମାନ ସେମାନଙ୍କର ଅନ୍ୟ ପ୍ରକାର କାର୍ଯ୍ୟକାରିତା ଆମକୁ ଜଣା ନାହିଁ, କେବଳ ଏତିକି ମାତ୍ର କୁହା ଯାଇପାରେ ଯେ ଏମାନେ ଆମର ଅତୀତ ଇତିହାସର ସାକ୍ଷୀ,—ଇତର ପ୍ରାଣୀମାନଙ୍କୁ ଆମର ପୂର୍ବ-ପୁରୁଷର ଅତି ନିକଟ କୁଟୁମ୍ବ ବୋଲି ପ୍ରମାଣ କରିବା ଲାଗି ଅଛନ୍ତି । ଡାରୁଇନ୍ ଏମାନଙ୍କୁ 'doubt'ର 'b', 'reign'ର 'g' ଏବଂ 'leopard'ର 'o' ସହିତ ତୁଳନା କରିଛନ୍ତି ।


ବର୍ତ୍ତମାନର ଭିତ୍ତିରୂପେ ଅତୀତର ଯେଉଁ ରୂପ ଦେଖାଯିବ ତାହା ଅତି କୌତୂହଳୋଦ୍ଦୀପକ । ମତ୍ସ୍ୟ ଦେହରୁ ଆରମ୍ଭ କରି ନର ଦେହ ପର୍ଯ୍ୟନ୍ତ ସବୁ ମେରୁଦଣ୍ଡୀ ପ୍ରାଣୀର କଙ୍କାଳ ପରୀକ୍ଷା କଲେ ଦେଖାଯିବ ଯେ ସବୁ ଗୁଡ଼ିକ ଏକ ଛାଞ୍ଚରେ ଗଢ଼ା । କରୋଟିର ଗଠନ ବହୁ ପରିମାଣରେ ମିଳିଯିବ ଏବଂ ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକ ମଧ୍ୟ ଏକ ପ୍ରକାରର ବୋଲି ଜଣା ପଡ଼ିବ । ଉପରୁ ଦେଖିଲେ ଯେଉଁ ଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ବୋଲି ପ୍ରତୀୟମାନ ହୁଏ, କଙ୍କାଳ ପରୀକ୍ଷା କଲେ ଦେଖାଯିବ ମୂଳତଃ ସେଗୁଡ଼ିକ ଅଭିନ୍ନ ପ୍ରଭେଦ କେବଳ ଭିନ୍ନ ପ୍ରୟୋଗ ହେତୁ ଆକାରରେ । କେତେକ ସ୍ଥଳରେ ଗୋଟିଏ ଦୁଇଟି ଅଙ୍ଗ ବା ପ୍ରତ୍ୟଙ୍ଗ ଲୋପ ପାଇଥିବାର ଦେଖା ଯାଇପାରେ । କିନ୍ତୁ ସେ ସବୁ କ୍ଷେତ୍ରରେ ଲୁପ୍ତ ଅଙ୍ଗର ଚିହ୍ନ ବର୍ତ୍ତମାନ ଥିବାର ସମ୍ଭାବନା ବେଶି । ସାପର ହାତ ଗୋଡ଼ ନାହିଁ ସତ୍ୟ, କିନ୍ତୁ ତଳ ପେଟର କାତି ପରୀକ୍ଷା କଲେ ଲୁପ୍ତ ଅଙ୍ଗଗୁଡ଼ିକର ଚିହ୍ନ ସ୍ପଷ୍ଟ ଧରା ପଡ଼ିବ । କେଲାମାନେ



ଗ

Digitized by srujanika@gmail.com


ଅନେକ ସମୟରେ ସାପର ପେଟ ତଳେ ଯୋଡ଼ିଏ କଣ୍ଟା ଥିବାର ଦେଖାନ୍ତି ଓ ସେ ଯୋଡ଼ିକୁ ବିଷ-କଣ୍ଟା ବୋଲି ପରିଚିତ କରନ୍ତି । ବସ୍ତୁତଃ ସେ ଦୁଇଟି ଲୁପ୍ତ ପଦଦ୍ୱୟର ଚିହ୍ନ ! ସେହିପରି ମନୁଷ୍ୟର



ବିଭିନ୍ନ ଜୀବମାନଙ୍କର କରୋଟିର ଦୃଷ୍ଟାନ୍ତ

ଲାଙ୍ଗୁଳ ନ ଥିଲେ ସୁଦ୍ଧା କ୍ଷୁଦ୍ର ଲାଙ୍ଗୁଳାସ୍ଥି (Coccyx) ବିଲୁପ୍ତ ଅଙ୍ଗର ଆଭାସ ଦେଇଥାଏ । ଏ ଧରଣର ବ୍ୟତିକ୍ରମ ବାଦ ଦେଲେ ଦେଖାଯିବ ଯେ ମାଛର ଦୁଇ ଯୋଡ଼ା ଡେଣା, ପକ୍ଷୀର ଡେଣା ଓ ଗୋଡ଼, ପଶୁମାନଙ୍କର ଚାରୋଟି ପାଦ ଏବଂ ମନୁଷ୍ୟର ହାତ-ଗୋଡ଼ ମୂଳତଃ ଅଭିନ୍ନ ।


ଏହି ପ୍ରସଙ୍ଗରେ ଡାକ୍ତର ଷ୍ଟାନ୍‌ଲି ହଲ୍‌ଙ୍କର (Dr. Stanley Hall) ପୁନରାବର୍ତ୍ତନବାଦର (Theory of Recapitulation




ବିଭିନ୍ନ ପ୍ରାଣୀମାନଙ୍କର ଭ୍ରୂଣ

(୧) ଏଣ୍ଡୁଅ (୨) କଚ୍ଛପ (୩) କୁକୁଡ଼ା (୪) ଘୁଷୁରି (୫) ବଳଦ (୬) ଶଶା

or Culture Epoch Theory) ଟିକିଏ ଆଲୋଚନା ଆବଶ୍ୟକ । ସେ କହନ୍ତି ଯେ ଭ୍ରୂଣ ଅବସ୍ଥାରେ ପ୍ରଥମ ନଅ ମାସ ପର୍ଯ୍ୟନ୍ତ ମାନବ ଶିଶୁର ଦୈହିକ ବିକାଶ ଲକ୍ଷ୍ୟ କଲେ ଦେଖାଯିବ ଯେ ବିଭିନ୍ନ ଅବସ୍ଥାରେ ମତ୍ସ୍ୟ, ସରୀସୃପ ଓ ଇତର ସ୍ତନ୍ୟପାୟୀ ଜୀବ ପ୍ରଭୃତି ବିଭିନ୍ନ ପ୍ରକାର ଭ୍ରୂଣ ସହିତ ତାହାର ଯଥେଷ୍ଟ ସାଦୃଶ୍ୟ ଅଛି । ଅର୍ଥାତ୍ ମାନବ କେବଳ ମାନବ କାହିଁକି, ପ୍ରତ୍ୟେକ ଜୀବ ତାହାର ଅତୀତ ଇତିହାସର ପୁନରାବୃତ୍ତି କରିଥାଏ । ଏ




ମନୁଷ୍ୟର ଭ୍ରୂଣ

କଥା ଯେ କି ପରିମାଣରେ ଯଥାର୍ଥ ତାହା ବିଭିନ୍ନ ଭ୍ରୂଣର ଚିତ୍ର ଗୁଡ଼ିକ ଦେଖିଲେ ଜଣା ପଡ଼ିବ । ଲାଙ୍ଗୁଳାସ୍ଥି ପ୍ରାପ୍ତବୟସ୍କ ମନୁଷ୍ୟଠାରେ ଲୁଚି ରହିଥାଏ । କିନ୍ତୁ ଭ୍ରୂଣର ଲାଙ୍ଗୁଳ ଅତି ସ୍ପଷ୍ଟ ।

ଜନ୍ମ ପରେ ସୁଦ୍ଧା ଶିଶୁର ଦୈହିକ ଗଠନ ଓ ଆଚାର ବ୍ୟବହାର ବାନରକୁ ସ୍ମରଣ କରାଇ ଦିଏ । ବାନର ଶିଶୁ ପିଲା ଦିନରୁ ମାଆକୁ ଜାପଟି ଧରିବାରେ ଅଭ୍ୟସ୍ତ, ତେଣୁ ସ୍ୱଭାବତଃ ତାହାର ମୁଠାରେ ଯଥେଷ୍ଟ ଜୋର ଥାଏ । ମାନବ ଶିଶୁ ମଧ୍ୟ ମୁଠାରେ ଯଥେଷ୍ଟ ଜୋର ଦେଖାଇ ପାରେ । ଡାକ୍ତର ଲୁଇ ରବିନ୍‌ସନ୍ ପରୀକ୍ଷା କରି ଦେଖିଛନ୍ତି ଯେ ତିନି ସପ୍ତାହ ବୟଃକ୍ରମ ବେଳେ ଶିଶୁ ବାଡ଼ି ଖଣ୍ଡେ ଧରି ପ୍ରାୟ ଦୁଇ ମିନିଟ କାଳ ଝୁଲି ରହିପାରେ । ସେ କହନ୍ତି ମୁଷ୍ଟି ଶିଥିଳ ନ ହେବା ପର୍ଯ୍ୟନ୍ତ ଉଭୟ ଚିହ୍ନ ଅଧିକାଂଶ ଶିଶୁଠାରେ ଦେଖାଯାଏ ନାହିଁ । କେଉଁ ସୁଦୂର ଅତୀତରେ ମାନବ ଶିଶୁ ମଧ୍ୟ ବାନର ଶିଶୁ ପରି ଜନନୀର ଦେହରେ ଜଡ଼ି ରହୁଥିଲା, ଆଜି ସୁଦ୍ଧା ସେ ସ୍ମୃତି ତାର ଯାଇ ନାହିଁ ।

ଏପରି ଅନେକ ସ୍ମୃତି ଯେ ମନୁଷ୍ୟର ଯାଇ ନାହିଁ ତାହାର ପ୍ରମାଣ ଖୋଜିବା ଲାଗି ବେଶି ଦୂର ଯିବାର ପ୍ରୟୋଜନ ନାହିଁ । ଛୋଟ ପିଲାଙ୍କର "ମାଙ୍କଡ଼ା" ବୁଦ୍ଧି ଆମ୍ଭମାନଙ୍କର ସୁପରିଚିତ ।



Digitized by srujanika@gmail.com

ପୁଣି ଏପରି ମଧ୍ୟ ଦେଖା ଯାଏ ଯେ ଦୁର୍ଭିକ୍ଷ ବେଳେ ପୁଷ୍ଟି ଅଭାବରୁ ଯେଉଁ ପିଲାଗୁଡ଼ିକ ଅପରିଣତ ଦେହ ଘେନି ଭୂମିଷ୍ଠ ହୁଅନ୍ତି ସେମାନଙ୍କର ଚେହେରା ସହିତ ବାନର ଶିଶୁର ଯଥେଷ୍ଟ ସାଦୃଶ୍ୟ ଥାଏ । ଯୁଦ୍ଧବେଳେ ଗୋଳା-ଆଘାତ ଫଳରେ ସ୍ନାୟବିକ ବିକାର ଘଟିଲେ ଅନେକ ଲୋକର କ୍ରିୟାକଳାପରେ ପଶୁବତ୍ ଆଚରଣ ସ୍ପଷ୍ଟ ଜଣା ପଡ଼େ ।

ଉଦାହରଣ ଅନେକ ଦିଆ ଯାଇ ପାରେ, କିନ୍ତୁ ପ୍ରବନ୍ଧର କଳେବର ବୃଦ୍ଧି ବାଞ୍ଛନୀୟ ନୁହେଁ । ପୂର୍ବୋକ୍ତ ଉଦାହରଣଗୁଡ଼ିକରୁ ବେଶ ବୁଝାଯିବ ଅତୀତ କିପରି ଓତଃପ୍ରୋତ ଭାବରେ ବର୍ତ୍ତମାନ ସହିତ ମିଶି ରହିଛି । ଅତୀତକୁ ବାଦ ଦେଇ ବର୍ତ୍ତମାନ ରହି ପାରେ ନା । ବର୍ତ୍ତମାନ ଉଚ୍ଛୃଙ୍ଖଳ ପୁତ୍ର ପରି, ଭବିଷ୍ୟତ୍ ପ୍ରତି ତାର ଦୃଷ୍ଟି, ସେ ସର୍ବଦା ଆଗେଇ ଯିବାକୁ ଉତ୍ସୁକ,—ଗୋଡ଼ ଖାଲରେ ପଡ଼ିବ କି ଢ଼ିପରେ ପଡ଼ିବ ସେ କଥା ଭାବିବା ତାର ପ୍ରକୃତିବିରୁଦ୍ଧ । ଅତୀତ ଅଭିଜ୍ଞ ପିତା ପରି ବାରଂବାର ପଛକୁ ଓଟାରି ତାର ଗତି ନିୟନ୍ତ୍ରିତ କରି ସଙ୍ଗେ ସଙ୍ଗେ ଚାଲିଛି । ଯାହାର ଶେଷ କାହିଁ କିଏ କହିବ ?*

# ପ୍ରତିଦାନ

**ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ**

ଧନୀର ଦୁଆରେ ଗରିବ ଆସିଲା ଦିନେ ;
ବାବୁ ସେତେବେଳେ ଖେଳୁଥିଲେ ବସି ପଶା;
କରୁଣ କାତର କଣ୍ଠେ କହିଲା ଡାକି,
"ଦିଅ ଦାତା, ମୁଠେ ଉଡ଼ିଲାଣି ମୋର ହଂସା !"

ଖେଳ ସେତେବେଳେ ଆସୁ ଥିଲା ଭଲ ଜମି,
ଗରିବ ମାଗୁଣି ବେସୁରା ବାଜିଲା କାନେ,
"ଭିକ୍ଷା ଦବାର ବେଳ ନୁହେ ଏହିକ୍ଷଣି !"
କହିଲେ ସାଥିଙ୍କୁ କ୍ଷଣକାଳ ଅବସାନେ ।

ଶୁଣି ଏହା ଦୁଃଖେ ଭିକାରୀ କହିଲା, "ବାବୁ,
ବେଳ ଅବେଳ କି ମାନଇ ପେଟର ଜ୍ୱାଳା ?
ଦୁଆରେ ଦୁଆରେ ସକାଳୁଁ ବୁଲୁଛି ଆଜି,
ପୂରି ନାହିଁ ଦେଖ ଅଧା ଏ ଭିକ୍ଷାଡାଲା !"

ମଲ୍ଲ ସେହିକାଳେ ବାବୁଙ୍କର ସାରଥିଏ;
ଚମକି ଉଠିଲେ, କ୍ରୋଧ କମ୍ପିତ କରେ
ମଲ୍ଲ ଗୋଟିଟିକି ତ୍ୱରିତେ ଉଠାଇ ନେଇ,
ନିକ୍ଷେପ କଲେ ଗରିବ ଭିକାରୀ'ପରେ ।

କାଠର ଗୋଟିଟା ସବେଗେ କ୍ଷଣକେ ଯାଇ
ସଜୋରେ ବାଜିଲା ଭିକାରୀ ଲଲାଟଭାଗେ !
ଝର ଝର ହୋଇ ଝରିଲା ରକତ ଧାରା
ରଞ୍ଜିତ କଲା ଦେହର୍ଣ୍ଣା ଲୋହିତ ରାଗେ !

"ବେଳ ଅବେଳର ଚେତାଟା ହୋଇବ ଏବେ !"
କଉତୁକେ ହସି କୁହାଟିଲେ ସାଥିଦଳ
ବ୍ୟଥିତର ଦୁଃଖେ "ଆହା" ନ କହିଲେ କେହି
ନୋହିଲା କାହାର ଆଖି ଥରେ ଛଳ ଛଳ !

ଫେରି ଯାଉଁ ଯାଉଁ ଭିକାରୀ କହିଲା ଧୀରେ;
"ମାଗି ଥିଲି ବାବୁ, ପୋଡ଼ା ପେଟ ଲାଗି ସିନା,
ବଦଳେ ତାହାର ଦେଲ ଯା' କପାଳେ ଲେଖି,
ଘେନିଲି ତାହାକୁ, ତାହା ଯେ ରକତେ କଣା !

"ଗରିବଟା ମୁହିଁ, ଅଛି ବା ମୋହର କଣ ?
ଆଖିର ଏ ଲୁହ, ରକତ ଏ କପାଳର,
ବଡ଼ଲୋକ ପାଦେ ରହିଲା ସେତିକି ଭେଟି,
ସେତିକି ଛଡ଼ା ତ ନାହିଁ କିଛି ଗରିବର !"

---

*ଲେଖକ ଏ ଆଲୋଚନା-ମୂଳକ ପ୍ରବନ୍ଧଟିକୁ ସ୍ୱହସ୍ତ ଅଙ୍କିତ ଛବି ଗୁଡ଼ିକ ସହିତ 'ଉତ୍କଳପ୍ରଦୀପ'ରେ ପ୍ରକାଶ କରିବାକୁ ଦେଇଥିଲେ । ପ୍ରବନ୍ଧଟି ଅସମ୍ପୂର୍ଣ୍ଣ ହେଲେହେଁ ଏହାର ପରବର୍ତ୍ତୀ ସଂଖ୍ୟାମାନଙ୍କରେ ଧାରାବାହିକ ରୂପେ ପ୍ରକାଶ କରିବାର ଅଭିଳାଷ ମଧ୍ୟ ଜଣାଇଥିଲେ । ମାତ୍ର ଛବି ଗୁଡ଼ିକ ବ୍ଲକ୍ ହେଉଥିବା ସମୟରେ ତାଙ୍କର ଅକାଳ-ବିୟୋଗ ଘଟିଲା । ସୁତରାଂ ଏ ପ୍ରବନ୍ଧ ଏତିକିରେ ରହିଛି । ଲେଖକଙ୍କର ଜଣେ ପ୍ରିୟ ବନ୍ଧୁ ଛବି ଗୁଡ଼ିକର ନାମକରଣ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି । ସ. ପ.



Digitized by srujanika@gmail.com

# 'ହେମଶସ୍ୟ' ଓ 'ହେମଶସ୍ୟ'ର କବି

ଶ୍ରୀ ମହେଶ୍ୱର ନାୟକ

ତରୁଣ କବିର ବିଗ୍ରହ ଆଶା ଦିନେ ଭାଷାଖୋଜି ନ ପାଇ ମଳୟ ରଥରେ ବସି ଜ୍ୟୋତ୍ସ୍ନା ତଟିନୀ ତରଙ୍ଗରେ ଚୁମ୍ବନ ଅନ୍ୱେଷଣ କରି ବୁଲିଥିଲା. ଖାଲି ସେତିକରେ ତୃପ୍ତ ନ ହୋଇ ଆତ୍ମସମର୍ଥନ ପାଇଁ ନୀତିଶାସ୍ତ୍ରର ପରିଧିକୁ ପରିବ୍ୟାପ୍ତ କରି ଗାଇଥିଲା—

"ପ୍ରେମ କି ଥରେ ଆସି ଥରକେ ହୁଏ ଶେଷ
ଜଣକୁ ଦେଲେ ଥରେ ନ ରହେ ଅବଶେଷ ?"

ବିଗ୍ରହ ଆଶାର ଏଇଯେ ଅସୀମ ପରିବ୍ୟାପ୍ତି ତାର ପୁଣି ଏମିତି ଆକସ୍ମିକ ସଂକୋଚନ ଘଟି ଶେଷରେ ଏକମାତ୍ର ବିନ୍ଦୁରେ କେନ୍ଦ୍ରୀଭୂତ ହେବ 'ଧୂପ'ର କୃଚିତ ପାଠକ ଏହା କଳନା କରିଥିବେ । ଏଣୁ ବିଶ୍ୱାସ ହୁଏନା 'ଧୂପ'ର କବି 'ହେମଶସ୍ୟ'ର କବି ହୋଇ ପାରନ୍ତି ବୋଲି । କିନ୍ତୁ 'ହେମଶସ୍ୟର' ପ୍ରାରମ୍ଭରୁହିଁ ତ ଏହି ଅଭାବନୀୟ ପରିବର୍ତ୍ତନର ପୂର୍ବସୂଚନା ମିଳେ ।

କେତେଗୋଟି ଚତୁର୍ଦ୍ଦଶପଂକ୍ତିବିଶିଷ୍ଟ କବିତାର ସମାହାରରେ 'ହେମଶସ୍ୟ'ର ଅଙ୍ଗ ପରିଗଠିତ । ଚତୁର୍ଦ୍ଦଶ ପଂକ୍ତିରେ ଲେଖା ହେଲେହେଁ ଏ ଗୁଡ଼ିକ ସନେଟ ନୁହେ କବି ପ୍ରଥମରୁ କହିଛନ୍ତି, କିନ୍ତୁ ଏ ବିଷୟରେ ମୁଁ ତାଙ୍କ ସଙ୍ଗେ ଏକମତ ହୋଇ ପାରିଲି ନାହିଁ, ଯେହେତୁ ଚତୁର୍ଦ୍ଦଶ ପଂକ୍ତିର ଅବସ୍ଥିତିହିଁ ତ ସନେଟର ପ୍ରଥମ ଏବଂ ମୌଳିକ ବିଶେଷତ୍ୱ । ସନେଟ୍ ଛନ୍ଦରେ କବିତା ଲେଖିବାର ରୀତି ଏ ଦେଶର ନୁହେ । ଏହା ଇଉରୋପୀୟ, ଆମ ଦେଶରେ ଏହାର ଆମଦାନୀ ଇଂରେଜୀ ସାହିତ୍ୟର ଛଳିଆରେ । ସୁତରାଂ କବିତାଗୁଡ଼ିକର ସନେଟତ୍ୱ ବିଚାର କରିବାକୁ ଗଲେ ସେହି ବିଦେଶୀୟ କବିଙ୍କ ହାତରେ ଏହାର କ୍ରମବିକାଶ କିପରି ସାଧିତ ହୋଇଅଛି ତାହାହିଁ ଆମ୍ଭମାନଙ୍କର ଅନୁସରଣୀୟ । Petrarch, Dante, Tasso ପ୍ରଭୃତି କବିମାନେ ଇଟାଲୀୟ ସନେଟର ଯେଉଁ ପ୍ରଥମ ରୂପ ଦେଇଥିଲେ, ଇଂରେଜୀ ସନେଟ ଲେଖକଙ୍କ ହାତରେ ତାର ଆକାରଗତ କୌଣସି ପରିବର୍ତ୍ତନ ଘଟି ନ ଥିଲେ ହେଁ ପରମ୍ପରାକ୍ରମେ ପ୍ରକାରର ଯେ ବିଶିଷ୍ଟ ପରିବର୍ତ୍ତନ ସଂସାଧିତ ହୋଇଅଛି, ତାହା ଇଂରେଜୀ ସାହିତ୍ୟିକ କାହାରିକି ଅବିଦିତ ନାହିଁ । Spenser, Shakespeare ଙ୍କ ଠାରୁ ଆରମ୍ଭ କରି Wordsworth, Keats, Rossetti ପ୍ରଭୃତି ସମସ୍ତେ ଉଚ୍ଚଦରର ସନେଟ୍ ଲେଖିଥିଲେହେଁ ସମସ୍ତଙ୍କ ଅପେକ୍ଷା ମିଲଟନ୍‌ଙ୍କ ସନେଟହିଁ ଛନ୍ଦବିନ୍ୟାସ ଓ ପଦମିଳନରେ ଇଟାଲୀୟ ସନେଟର ଅପେକ୍ଷାକୃତ ନିକଟରେ । ତଥାପି ଇଟାଲୀୟ ପନ୍ଥାଠାରୁ ଏହାଙ୍କର ପନ୍ଥା ସ୍ୱତନ୍ତ୍ର । ଗୋଟାଏ ଗତାନୁଗତିକ ପନ୍ଥା ପରିହାର କରି ସନେଟକୁ ଇଚ୍ଛାନୁଯାୟୀ ନବନବରୂପ ଦେବାର ଇଂରେଜ କବିଗଣଙ୍କର ଏହି ଯେ ସ୍ୱାତନ୍ତ୍ର୍ୟ, ଏଥିରୁ କହିବାର ଯଥେଷ୍ଟ ସାହସ ଜନ୍ମେ ଯେ ମୂଳପିଣ୍ଡକୁ ଅକ୍ଷୁର୍ଣ୍ଣ ରଖି ଭିନ୍ନ ଭିନ୍ନ ରୂପରେ ସନେଟର ଅବତାରଣା କରାଯାଇ ପାରେ, ଯଦି ଆତ୍ମପର୍ଯ୍ୟାପ୍ତିରେ କିଛି ବାଧା ନ ଘଟେ । ଏ ହିସାବରେ ଦେଖିବାକୁ ଗଲେ 'ହେମଶସ୍ୟ'ର ପ୍ରତି କବିତା ସନେଟ୍ ଶ୍ରେଣୀର ଅନ୍ତର୍ଗତ ନୁହେଁ ବୋଲି କହି ହେବ ନାହିଁ ।

'ହେମଶସ୍ୟ' କବିତାଗୁଚ୍ଛ, ଆଖ୍ୟାୟିକା ନୁହେଁ । ପ୍ରତ୍ୟେକ କବିତାର ଉପଜୀବ୍ୟ ଅନ୍ୟଠାରୁ ସ୍ୱତନ୍ତ୍ର; ମଧ୍ୟ ପ୍ରତ୍ୟେକଟିର ଅଭିବ୍ୟଞ୍ଜନା ସେଇଠିରେହିଁ ସମାପ୍ତି ଲଭିଛି, ତଥାପି କବିଙ୍କର ଅଜ୍ଞାତରେ ହେଉ ବା ଜ୍ଞାତସାରରେ ହେଉ, କବିତାଗୁଡ଼ିକରେ ଯେଉଁ ପାରମ୍ପରିକ ସୂତ୍ରଟିଏ ରହି ଯାଇଛି ସେଥିରୁ ମନେହୁଏ ସମସ୍ତ ଗ୍ରନ୍ଥଟି ଗୋଟିଏ କ୍ଷୁଦ୍ର କାବ୍ୟ—ପ୍ରତି କବିତାଖଣ୍ଡ ଯାହାର ଗୋଟାଏ ଗୋଟାଏ ପରିପୂର୍ଣ୍ଣ ସର୍ଗ ।

ଅନ୍ୟଦୃଷ୍ଟିରୁ 'ହେମଶସ୍ୟ'କୁ ଆଇଡିଲ୍‌ସ୍ (Idylls) ଶ୍ରେଣୀୟ ବୋଲି ପରିଗଣିତ କଲେ ମଧ୍ୟ ଭ୍ରାନ୍ତିର ଆଶଙ୍କା ରହିବ ନାହିଁ ।

କବିତାଗୁଡିକରେ ପ୍ରାଣର ସ୍ରୋତ ହେଉଛି ପ୍ରେମ । ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ପ୍ରତ୍ୟେକ କବିତା ସେଇ ପ୍ରେମ-କମଣ୍ଡଳୁର ବାରିଦ୍ୱାରା ପରିସିକ୍ତ ହୋଇ ଉଠିଛି । ଜ୍ୟୋତିଷିକ ଚନ୍ଦ୍ରଶେଖର ଓ ଦୁଃଖୀବନ୍ଧୁ ଗୋପବନ୍ଧୁଙ୍କର ଗୁଣାବଳୀ, ରୂପକାର ରାଧାନାଥଙ୍କ ଚଳିକା ଏସବୁ ପ୍ରିୟା ନିକଟରେ ପରିଚିତ କରାଇବାର ଛଳ କରି ବଡ଼ ସୁକୌଶଳ ସହିତ କବି ପ୍ରେମର ଜୟଧ୍ୱଜା ଟେକିଛନ୍ତି, ପ୍ରେମ-କବିତା କଥାଟି ନ କହିବାହିଁ ଭଲ ।

କବିଙ୍କ 'ତରୁଣ କବିର ଆଶା'ରେ ଓ ଅନ୍ୟାନ୍ୟ କେତେକ ଲେଖାରେ ଅଶ୍ଳୀଳତାର ଛାପ ଦେଖିବାକୁ ପାଇ ବହୁ ରୁଚିଧ୍ୱଜୀଙ୍କ ଲେଖନୀରୁ ଯେଉଁ ଅଗ୍ନ୍ୟୁଦ୍‌ଗାର ହୋଇଥିଲା 'ଧୂପ' ଏବଂ 'ପୁଷ୍ପିତା'ର ପ୍ରକାଶରେ ତାର ଉତ୍କଟତା ଚରମ ପରିଣତିରେ ପହଞ୍ଚିବାର କଥା, ତାହା ହେବାକୁ ବେଶି ଦିନ ଡେରି ମଧ୍ୟ ହେଲା ନାହିଁ । ହେଲେ କଣ ହେବ ପରସ୍ପର ଆକର୍ଷଣର ମୋହିନୀ ଜଗତର ତରୁଣ ତରୁଣୀ ପ୍ରାଣରେ ଯେତେଦିନ ଯାଏ ତାର କାର୍ଯ୍ୟ କରିବାରେ ନିରସ୍ତ ନ ହୋଇଛି, ସେତେ-ଦିନ କବିର ଲେଖନୀଚାଳନାକୁ ଜବରଦସ୍ତି ନିରୋଧ କରାଗଲେ ମଧ୍ୟ ଅନ୍ତଃସ୍ରୋତା ଫଲଗୁ ପରି ସେହି ମୋହର ତରଳ ସ୍ରୋତ ଭିତରେ ଭିତରେ ଚିରଦିନ କବିତା ହୋଇ ଫୁଟୁଥିବ—ଏ ନିଶ୍ଚିତ କଥା । ସେ ଯାହା ହେଉ ଅଗ୍ନିର ଦାହିକାଶକ୍ତି



Digitized by srujanika@gmail.com

ଧୂଳି ଯେଉଁ ବିଶେଷରେ କଷଟିର କାର୍ଯ୍ୟ କରିଥାଏ । ଅମ୍ଭମାନଙ୍କ ତରୁଣ କବିଙ୍କ ନିକଟରେ ସେହି ବିରୁଦ୍ଧ ସମାଲୋଚନା କଷଟିର କାର୍ଯ୍ୟ କରିଛି, ଯାହାର ଫଳରେ ଅମ୍ଭେମାନେ ପାଇଛୁଁ ‘ହେମଶସ୍ୟ’ ।

‘ଧୂପ’ରେ ଅମ୍ଭେମାନେ ଦେଖୁଁ ପ୍ରଥମ ଯୌବନର ଅସ୍ଥିର, ଅଦମ୍ୟ ଉନ୍ମାଦନା; ‘ପୁଷ୍ପିତା’ର କଳ୍ପନାଗ୍ରଭୂମିରେ ଅମ୍ଭେମାନେ ପାଉଁ ଫଗୁଣର ବାସନ୍ତିକ ଆବେଶ. ଆଉ ‘ହେମଶସ୍ୟ’? ସେ ହିଏ ଶସ୍ୟଗୁଚ୍ଛର ସଫଳ ଶ୍ରୀ ।

ମତଦ୍ୱୈଧ ଘଟିଲେ ମଧ୍ୟ ମନୋରାଜ୍ୟରେ ପ୍ରେମର ଯେ ପ୍ରାଧାନ୍ୟ, ତାର ସତ୍ୟତା କେହି ଅସ୍ୱୀକାର ବା ଅପ୍ରମାଣିତ କରି ନାହାନ୍ତି; ଭାବପ୍ରବଣ ଯୌବନର ପ୍ରାକ୍କାଳରେ ଏହି ପ୍ରାଧାନ୍ୟର ପ୍ରତିପତ୍ତି ସବୁଠୁଁ ବେଶି । ଉଦ୍‌ବେଳିତ ହୃଦୟର ଏଇଯେ ଉନ୍ମୁଖ ଉଚ୍ଛ୍ୱାସ, ତାର ମୁକ୍ତ ପ୍ରବାହକୁ ବାଧ୍ୟ କରିବା ଯଦି ହୁଏ ଅପରାଧ ତେବେ ସେ ଅପରାଧ ବିଶ୍ୱର କବିର ନୁହେଁ, ହତଭାଗିନୀ କଳାର; ଯେହେତୁ କଳା ସମାଜର ଅନୁମୋଦିତ ବା ଲୋକସମ୍ମତ ନୀତିଶାସ୍ତ୍ରର ନିଗଡ଼ ମାନି ଚାଲିବାକୁ ନାରାଜ । ଆଦର୍ଶବାଦର ପରିପୂର୍ଣ୍ଣତା ତ ମାନବର ନୁହେ, ଦୁର୍ବଳତା ହେଉଅଛି ମାନବର । ଆଉ ଯୌବନର ଏଇ ସଦାକ୍ରିୟ ଆକାଂକ୍ଷାକୁ ଦୁର୍ବଳତା ବୋଲି ମାନି ନେବା କହିବାକୁ ହେବ ତାହା ଯଥାର୍ଥ, ନିତ୍ୟ ସତ୍ୟ—ତାର ରୂପ ଯେ ଦେଇ ପାରନ୍ତି ସେଇ ହେଉଛନ୍ତି ବାସ୍ତବ କାରିଗର । ଏସବୁ ସତ୍ତ୍ୱେ ଯୁବକଜନଦୁର୍ଲଭ ନିରାଟ ବାସ୍ତବର ଭିତ୍ତି ଉପରେ ସ୍ଥାପିତ ‘ଧୂପ’ର କବିତା ଗୁଡ଼ିକୁ ଉଚ୍ଛୃଙ୍ଖଳତାର ବା ଯଥେଚ୍ଛାଚାରିତାର ପ୍ରଶ୍ରୟୀ ବୋଲି କହି ଯେଉଁମାନେ ନାସିକା କୁଞ୍ଚନ କରନ୍ତି, ସେମାନଙ୍କ ମଧ୍ୟରୁ କେହି କେହି ‘ହେମଶସ୍ୟ’ରେ ପରିଣତ ଜୀବନର କେନ୍ଦ୍ରୀଭୂତ ପ୍ରେମ ଦେଖି ସ୍ୱସ୍ତିର ନିଃଶ୍ୱାସ ମାରିବା ସୁଖର କଥା । କିନ୍ତୁ ନିଷ୍କପଟ ସ୍ୱୀକୃତିରେ ମଧ୍ୟ ଯେଉଁମାନେ ଉତ୍କଟ ଇନ୍ଦ୍ରିୟାଶକ୍ତିର ଗନ୍ଧ ଖୋଜି ବାହାର କରିବାର ପକ୍ଷପାତୀ, ତାଙ୍କର ଏତିକି ମନେ ରଖିବା ଉଚିତ—କଳା ନେ କଳା ଅର୍ଥାତ୍ ଗୁଣଧର୍ମର ଅକୃତ୍ରିମ ଉଦ୍ଗିରଣ ।

ପରିଣୟ ସଙ୍ଗେ ସଙ୍ଗେ ତରୁଣ ପ୍ରାଣରେ ଯେଉଁ ଦୁର୍ଦ୍ଦମ ପ୍ରେମାକାଂକ୍ଷା ଜାଗି ଉଠେ, ନବୋଢ଼ା ପ୍ରିୟାର ଅନୁରକ୍ତି ଠାରେ ଆତ୍ମୋତ୍ସର୍ଗ କରିବା ଦ୍ୱାରା ତରୁଣ ତାର ଅଭିଷେକ କରେ । ଏହି ଅଭିଷେକର ପ୍ରଶସ୍ତି ହିଁ ‘ହେମ-ଶସ୍ୟ’ରେ ଆତ୍ମପ୍ରକାଶ କରିଛି । ଜଗତର ତରୁଣ-ସମାଜ ଯାହା ଏତେଦିନ କେବଳ ନିଜେ ଭୋଗ କରି ସନ୍ତୁଷ୍ଟ ଥିଲା, ମାୟାଧର ଦେଲେ ତାକୁ ରୂପ । ସମ୍ଭୋଗର ଆତ୍ମପ୍ରସାଦରେ ସମସ୍ତେ ତୃପ୍ତ । କିନ୍ତୁ କେତେଜଣ ଏ ସୁବିଧା ଅନ୍ୟକୁ ଦିଅନ୍ତି, ଅପର ମଧ୍ୟ ଏ ଆତ୍ମପ୍ରସାଦର ଭାଗୀ ହୋଇ ଆନନ୍ଦ ଉପଲବ୍ଧି କରୁ ବୋଲି । ଏଣୁ ଏଇ ଅଚଳ ପଥର ପ୍ରଥମ ପଥିକ (ଅନ୍ତତଃ ଆଧୁନିକ ଯୁଗରେ) ମାୟାଧର ବୋଲି କହିବା ଅଯୌକ୍ତିକ ନୁହେ । ବରଂ ଏହା ସ୍ୱୀକାର ନ କରିବା ପୂଜ୍ୟପୂଜାର ବ୍ୟତିକ୍ରମ ।

ପ୍ରିୟ ଓ ପ୍ରେୟସୀଙ୍କ ବିଶ୍ରମ୍ଭାଳାପ ମଧ୍ୟରେ ସାମନ୍ତ ସିଂହାରଙ୍କ ଆଦର୍ଶରେ କବି ପ୍ରେମର ସଂଜ୍ଞା ଦେବାକୁ ଯାଇ କହିଛନ୍ତି, ‘ପ୍ରେମନାମ ପରିପୂର୍ତ୍ତି ଆତ୍ମ-ସମର୍ପଣ’ । ତରୁଣତରୁଣୀଙ୍କ ଅନ୍ୟୋନ୍ୟ ଆକର୍ଷଣ ଯଦି ରୂପରେ ଶେଷ ହୁଏ, ତାହା ପ୍ରେମ ନୁହେ, ନିକୃଷ୍ଟ ସମ୍ଭୋଗ ।

“…………ଦେହ ଅବସାନେ
ଯେ ମିଳନ ପ୍ରତିଷ୍ଠିତ ଅନ୍ୟୋନ୍ୟ କଲ୍ୟାଣେ
ସେହି ସେ ପ୍ରକୃତ ପ୍ରେମ ।”

ପ୍ରେମର ଏହି ଯେ ମହୋଦାର ଆଦର୍ଶ ତାହା ଏଇ କବିତା ଗ୍ରନ୍ଥର ପ୍ରତ୍ୟେକ କବିତାରେ ଅଳ୍ପ ବହୁତ ଫୁଟାଇ ମଧ୍ୟ କବି ବର୍ତ୍ତମାନ ସତ୍ୟର ଅବମାନନା କରି ନାହାନ୍ତି । ଆଦର୍ଶବାଦୀର ଆସନରେ ବସି, ସେ ଯଦି କେବଳ ଅତୀନ୍ଦ୍ରିୟ ରାଜ୍ୟର କଥା କହୁଥାନ୍ତେ, ତେବେ ତାଙ୍କ କବିତା କେବଳ ଜଣ କେତେକଙ୍କର ହୋଇ ରହିଥାନ୍ତା । କିନ୍ତୁ ଏ କବି ଉପସ୍ଥିତ ଜଗତର । ସେ ଚାହାନ୍ତି ପୂର୍ବୋକ୍ତ ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖି ପ୍ରଣୟୀ ପ୍ରଣୟିନୀ ଦୁହେଁ ‘ନେତ୍ର-କୋଣେ ନେତ୍ରକୋଣ ରଖି’ ଦୁଇ ଆତ୍ମାର ନୀରବ ମିଳନରେ, ଏକମାତ୍ର ସତ୍ୟ ସୁଖ ଭୁଞ୍ଜିବେ । ସଂସାରର ଦୁଃଖ ଦୁର୍ଗତିରେ ପରାହତ ପ୍ରଣୟୀ ଯଦି ଭଗ୍ନଜାନୁ ହୋଇ ଗୃହକୁ ଫେରେ ତେବେ ପ୍ରଣୟିନୀର ପ୍ରେମାଶ୍ଳେଷ ହେବ ତାର ଶ୍ରେଷ୍ଠ ସମ୍ମାନ । ଅନୁଭୂତରାଜ୍ୟର ଭିତ୍ତି ଉପରେ ଆଦର୍ଶର ପ୍ରତିଷ୍ଠାନ—ତାର ଫଳ ସିନା ପ୍ରତ୍ୟକ୍ଷ । ଆଦର୍ଶକୁ ଲକ୍ଷ୍ୟ ରଖି ଘଟିତବ୍ୟ ବିଷୟର ନିୟନ୍ତ୍ରଣ ଯେମିତି ଅଳୀକ, ସେଇ ସଂକ୍ରାନ୍ତ କବିତା ସେମିତି ନିଷ୍ଫଳ । କବି ମଧ୍ୟ ସେମିତି ହାସ୍ୟାସ୍ପଦ ।

ଏ ପ୍ରଣୟ କାହାଣୀ ପରିଣୀତ ଜୀବନର କାହାଣୀ । କିନ୍ତୁ ଏ କି ଗୋଟିଏ ଜୀବନର କାହାଣୀ ? ନା ବନମାଳତୀର ସୌରଭ ପରି ବଣରେ ନୀରବରେ ଝରୁଥିବା ଅଗଣିତ ପରିଣୀତ ଜୀବନର ଉଚ୍ଛ୍ୱସିତ ଉନ୍ମାଦନା—ସାଧାରଣଲୋକ ଯାର ସନ୍ଧାନ ପାଏନା । ମଞ୍ଜରୀ-ସ୍ତବକନମ୍ରା କଳ୍ପଲତା ହଠେ କୁଟୀର ବାୟୁକୁ ସୌରଭ-ପୂର୍ଣ୍ଣ କରି ଯେଉଁ ନବ ଦୃଷ୍ଟି ଦିଏ ସେଇଥିରେ ଅବଜ୍ଞାତ ଓ ଅବହେଳିତ ମଧ୍ୟ ପ୍ରିୟ ହୋଇଉଠେ, ପ୍ରିୟ ତ ପ୍ରିୟତର ହେବାର କଥା । ସବୁ ଯେପରି ସେଇ ସୌରଭରେ ସୁରଭିତ, କାଉଁରୀ ସ୍ପର୍ଶରେ ସବୁଥିରେ ଯେପରି ଅନନ୍ତ ବସନ୍ତ ।

ଅଜ୍ଞ ଅନାଦୃତ ଏଇ ପରିବାରିକ ଖୋଲି, ‘ହେମଶସ୍ୟ’ର କବି ଗୋଟିଏ ପରିଣୀତ ଜୀବନର କାହାଣୀ ଶୁଣାଇବାକୁ ଯାଇ Banquo's Light ସାହାଯ୍ୟରେ ଯେପରି ସହସ୍ର ଜୀବନର ଗୀତ ଗୁଞ୍ଜନମୟ ହୃଦୟରାଜି ଛୁଡ଼ା କରାଇଛନ୍ତି ।

ପ୍ରଣୟକୁ କେବଳ ପ୍ରଣୟ ରୂପରେ ଯେ କେଇଜଣ ଦେଖନ୍ତି, ସେମାନଙ୍କ ସଂଖ୍ୟା ନିତାନ୍ତ ବେଶି ହେଉ ବା ନ ହେଉ, ଏଇ



Digitized by srujanika@gmail.com

ନିଗୂଢ଼ ସତ୍ୟଟିକୁ ପ୍ରକାଶ କରିବାର ଯେ ସାହସିକତା ତା କେବଳ ମାୟାଧରଙ୍କର ଅଛି । ରୁଚିପର୍ଣ୍ଣାଙ୍କ ବିଦ୍ରୂପ ସହି ମଧ୍ୟ ସେ ଅନୁସନ୍ଧାନୀ, ସତ୍ୟପର୍ଣ୍ଣା । କବି ପକ୍ଷରେ ଏତିକି ଯଥେଷ୍ଟ । ପ୍ରଣୟର ଅଭିଷେକ ପ୍ରତିଷ୍ଠାନ ପାଇଁ ଦିନେ ଯେ ନାନା ଭାବରେ ଜୀବନର ନାନା ରସ ସଂଗ୍ରହ କରିବାକୁ ଅତିମାତ୍ରାରେ ବ୍ୟଗ୍ର ହୋଇ ଉଠିଥାଏ ସେ ମଧ୍ୟ ଜଣେ ପ୍ରଣୟିନୀର ଉପେକ୍ଷା ଆଶଙ୍କା କରି ତାର ସ୍ପର୍ଶ ସୀମା ରଚେ ଏବଂ ଦୂରରୁ ଅନ୍ତରରେ ତାକୁ ଅଭିଷିକ୍ତ କରି ଅନୁରାଗ ଢାଳିଦିଏ, ଯେତେ ଦିନଯାଏ ସେହି ଜୀବନ୍ତ ପ୍ରଣୟିନୀ ଉପେକ୍ଷିତ ପ୍ରଣୟୀର ପ୍ରଣୟ-ଯାଗ ଉଦ୍‌ଯାପନ କରାଇବା ନିମନ୍ତେ ସିଂହାସନରୁ ଓହ୍ଲାଇ ଆସିନାହିଁ । ବହିର୍ମୁଖୀ ସ୍ରୋତର ଏଇ ଐକାନ୍ତିକତାରେ ପ୍ରଶ୍ନ ଉଠିବାର କଥା, କିନ୍ତୁ 'ଅଭିମାନ'ରେ କବି ତାର ପ୍ରତ୍ୟୁତ୍ତର ଦେଇସାରି ଅନୁରୋଧ କରିଛନ୍ତି ।

"ପଙ୍କରୁ ପଙ୍କଜ ଏଥି ଫୁଟାଇବା ଆସ
ଦୁଃଖ ମଧ୍ୟେ ଏ ଜୀବନ ହେଉ ସାଧି ରାସ ।"

ପ୍ରଣୟ ଲାଗି ଯେ ପ୍ରଣୟ ଏଇଟା ହେଉଛି 'ହେମଶସ୍ୟ'ର ନିଜସ୍ୱ । ଏଥିରେ କଳୁଷ କାଳିମା ଲେପିବା କେବଳ ରକ୍ଷଣଶୀଳତାର ଅମୂଳକ ଈର୍ଷା ।

ଆତ୍ମାର ସୌନ୍ଦର୍ଯ୍ୟ ଯେ ସବୁଠାରେ ଉଚ୍ଚସ୍ତରର, ତାର ପରିଚୟ 'ହେମଶସ୍ୟ'ର କବିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶରେ ଦେଖାଇ ଦେବାକୁ ହେବନାହିଁ । ପ୍ରାୟ ପ୍ରତି କବିତାରେ ଏହି ସୂକ୍ଷ୍ମ ଆଧ୍ୟାତ୍ମିକତା ଅଳ୍ପ ବହୁତ ପରିସ୍ଫୁଟ । ତଥାପି ଦୋଷ ହେଉ ବା ଗୁଣ ହେଉ ରକ୍ତ ମାଂସରେ ଗଢ଼ା ମାନବର ପ୍ରଣୟ ଯେ ଇନ୍ଦ୍ରିୟର ରୂପାତୀତ ସ୍ପନ୍ଦନ ନୁହେ ଏକଥା ସ୍ୱୀକାର କରି କବି ମନସ୍ତତ୍ତ୍ୱର ପରିଚୟ ଦେଇଛନ୍ତି ଏବଂ ମାନବିକତା ସଙ୍ଗେ ଆଧ୍ୟାତ୍ମିକତାର ଏ ଯେ ଅବିଚ୍ଛିନ୍ନ ସଂଯୋଗ ତାର ପ୍ରଚାରର ପଥ ସୁଗମ କରି ନିଜର ଆସନକୁ ନିଶ୍ଚିତ କରି ନେଇଛନ୍ତି । ବିଚାର କରି ବସିଲେ ଦେଖାଯାଏ କବି Keats ଙ୍କ ସନେଟର ଭାବଧାରା ସଙ୍ଗେ ମାୟାଧରଙ୍କ ସନେଟର ଭାବଧାରାର ବହୁ ନିକଟ ସାମଞ୍ଜସ୍ୟ ରହିଛି ।

ପ୍ରଣୟର ଏ ଅବାଧ ଭାଷାଦାନ କବିତା ମାୟାଧରଙ୍କ ଲେଖନୀ ସ୍ପର୍ଶରେ ଉଗ୍ର ମେଲି ତରଳ ଜ୍ୟୋତ୍ସ୍ନାର ସ୍ୱପ୍ନ ସୃଷ୍ଟି କରିଛି ।

# ଚକ୍ଷୁଦାନ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

କେତେ ଦିନର କଥା, କେଉଁ ଅତୀତ ଯୁଗର କଥା । ସେ ଦିନର ଗଛ ପତର ବି ନାହିଁ । ସତ କି ମିଛ ସାକ୍ଷୀ ଦେବାକୁ କେହି ନାହିଁ । କେଉଁ ଇତିହାସରେ ନାହିଁ—କେଉଁ ପୋଥି ପୁରାଣରେ ନାହିଁ । ଖାଲି ଲୋକମୁହଁରୁ ଶୁଣିବା କଥା । କିଏ ବିଶ୍ୱାସ କରେ କିଏ ବା ନ କରେ । କିନ୍ତୁ କେତେ ଯୁଗ ବିତି ଗଲାଣି, କାହାର ବିଶ୍ୱାସ ଅବିଶ୍ୱାସକୁ ଅପେକ୍ଷା ନ କରି ଏ କଥାଟି ଖାଲି ଯା' ତୁଣ୍ଡରୁ ତା ତୁଣ୍ଡ, ତା ତୁଣ୍ଡରୁ ଯା ତୁଣ୍ଡ, ଏମିତି କରି ଅମର ହୋଇ ବଞ୍ଚି ରହିଛି—କଥାଟି ଛୋଟ । ନିହାତି ସାମାନ୍ୟ ।

ରାଜକନ୍ୟା ପ୍ରିୟମ୍ବଦାଙ୍କର ସ୍ୱୟମ୍ବର । କେଉଁ ଦେଶର ରାଜା କେ ଜାଣି ! ଗୋଟିଏ ଥିଲା ରାଜା; ତାର ଗୋଟିଏ ସୁନାଲକ୍ଷ୍ମୀ ଝିଅ ଥିଲା । ଆମେ ଆଈ କୋଳରେ ମୁହଁ ଗୁଞ୍ଜି ଗପ କହିବା ପାଇଁ ଅଳି ଅଝଟ କରିବା ଦିନୁ ଆଜଯାକେ ଗପଟିକୁ ଏଇ ଧାରାରେ ଶୁଣି ଆସିଛୁଁ । କେଉଁ ରାଜ୍ୟ, କେଉଁ ରାଜା ଆମେ ସେ ସବୁ କିଛି ଜାଣୁନା ।

ଝିଅଟି ଭାରି ସୁନ୍ଦରୀ—ବଡ଼ ଗୁଣର—ଆଉ ବଡ଼ ମିଠା କଥା । ସେଥିପାଇଁ ତା' ନାଁ ରଖିଥିଲେ ପ୍ରିୟମ୍ବଦା ।

ପ୍ରିୟମ୍ବଦାର ଛାତି ଯେଉଁ ଦିନ ଲଜ୍ଜା ଆଉ ଭୟର ବନ୍ଧ ଭାଙ୍ଗି ନିହାତି ଅଣଆୟତ୍ତ ହୋଇ ପଡ଼ିଲା, ସେଦିନ ପ୍ରିୟମ୍ବଦା ନିଜକୁ ଦେଖି ନିଜେ ଚମକି ପଡ଼ିଲା । ତାର ଡୋଳା ଚଞ୍ଚଳ ହୋଇ ଉଠିଛି । ସେ ଆଉ ମନା ମାନୁ ନାହିଁ । ତାର ଗତି ଅଳସ ହୋଇ ପଡ଼ୁଛି । ତାର ଠାଣି ଭଙ୍ଗିମ । ତାର ଜଘନ ଘନୀଭୂତ । ପ୍ରକୃତିର ନିୟମକୁ ସମୁଦାୟ ପୃଥିବୀ ଯେପରି ଲଙ୍ଘନ କରିବାକୁ ଉଦ୍ୟତ ।

ରାଜକୁମାରୀ ଏକା ରହିଲେ ଭୟ ଲାଗେ । ଏକୁଟିଆ ଶୋଇଲେ ସ୍ୱପ୍ନ ଦେଖି ଡରନ୍ତି । ଏକା ଉପବନରେ ମଧୁପ ଗୁଡ଼ାକ ଅସ୍ଥିର କରିପକାନ୍ତି । ଏକୁଟିଆ ବସିଲେ ରାଜକୁମାରୀ ଅତିଶୟ ନୀରବ ବିଷଣ୍ଣ ଦେଖାଯାନ୍ତି ।

ସ୍ୱୟମ୍ବର ଦିନ ଅନେକ ଅନେକ ରାଜ୍ୟର ରାଜକୁମାରମାନେ ସଭାସ୍ଥଳରେ ଠୁଳ ହେବାର କଥା । କିନ୍ତୁ ରାଜକୁମାରୀ ତହିଁରେ ଆପତ୍ତି ଜଣାଇଲେ । ଆପତ୍ତିର କାରଣ ହେଲା ଯେ ତାଙ୍କ ମତରେ ସେ ଯାହାକୁ ପତିରୂପେ ବରଣ କରିବେ, ତାର ମର୍ଯ୍ୟାଦା ରାଜକୁମାରୀଙ୍କର ମର୍ଯ୍ୟାଦା ଠାରୁ ଅଧିକ । ତେଣୁ ତାଙ୍କର ଭାବୀ ସ୍ୱାମୀ ତାଙ୍କର ଦ୍ୱାରସ୍ଥ ହେବାକୁ ସେ ନିଜ ପକ୍ଷରେ ଅଗୌରବ



Digitized by srujanika@gmail.com

ବୋଲି ମନେ କରନ୍ତି । ଅତଏବ ପ୍ରସ୍ତାବ ହେଲା ଯେ, ରାଜକୁମାରମାନଙ୍କର ଚିତ୍ରପଟ ସବୁ ରାଜ୍ୟର ପ୍ରତିନିଧିମାନେ ଆଣନ୍ତୁ । ରାଜକୁମାରୀ ଚିତ୍ରପଟ ଦେଖି ପତି ବରଣ କରିବେ ।

ତାହାହିଁ ହେଲା । ଅଙ୍ଗ, ବଙ୍ଗ, ମଗଧ, କଳିଙ୍ଗ ହେଉ କିମ୍ବା ଯେ କୌଣସି ରାଜ୍ୟ ହେଉ, ସେତେବେଳେ ଯେଉଁ ରାଜ୍ୟମାନଙ୍କର ଅସ୍ତିତ୍ୱ ଥିଲା ସବୁ ରାଜ୍ୟରୁ ରାଜପ୍ରତିନିଧିମାନେ ଯେଉଁ ରାଜ୍ୟର ରାଜକୁମାରଙ୍କ ଚିତ୍ରପଟ ସବୁ ସମବେତ ହେଲେ ।

ସଭାଗୃହ ବହୁ ରାଜକୁମାରଙ୍କର ଚିତ୍ରପଟରେ ସୁଶୋଭିତ ହେଲା ! ରାଜକୁମାରୀ ଅନ୍ତରାଳରେ ରହି ରାଜକୁମାରମାନଙ୍କର ପ୍ରତିକୃତି ଦେଖିବାକୁ ଲାଗିଲେ । ପରିଚାରିକା ଗୋଟି ଗୋଟି କରି ସମସ୍ତଙ୍କର ପରିଚୟ ଦେବାକୁ ଲାଗିଲା । ରାଜା ଓ ରାଣୀଙ୍କର ଇଙ୍ଗିତ ଅନୁସାରେ ପରିଚାରିକା ପ୍ରତ୍ୟେକ ରାଜକୁମାରଙ୍କର ଗୁଣ ଓ ବିଶିଷ୍ଟ କ୍ଷମତା ବା ଦକ୍ଷତା ସମ୍ବନ୍ଧରେ ଊଣା ଅଧିକ କରି କୀର୍ତ୍ତନ ମଧ୍ୟ କଲା । ରାଜକୁମାରୀ ସମସ୍ତ ପ୍ରଶସ୍ତି ଶ୍ରବଣ କରି ପରିଚାରିକାକୁ ପଚାରିଲେ. 'ସଖି, ସେହି କୋଣରେ ଯେଉଁ ଚିତ୍ରପଟଟି ତଳେ ପଡ଼ି ଯାଇଛି, ସେ କାହାର ?'

'ସେ ଗୋଟିଏ ଅନ୍ଧ ରାଜକୁମାର ଭଦ୍ରେ ! ରାଜା ତାହା ଜାଣି ପାରି ଅବଜ୍ଞା କରି ତଳେ ଫିଙ୍ଗି ଦେଇଛନ୍ତି । ସେ ଜେମାଙ୍କର ଉପଯୁକ୍ତ ପାତ୍ର ହୋଇ ନ ପାରେ ' ପରିଚାରିକା ଉତ୍ତର ଦେଲା ।

ବୋଧହୁଏ ଏଇଠାରେ ପାଠକମାନେ ଗଳ୍ପର ଏକ ଅସ୍ୱାଭାବିକ ଅଂଶକୁ ଅନୁମାନ କରି ପଚାରିବେ—'ରାଜକୁମାରୀ ବୋଧହୁଏ ସେହି ଅନ୍ଧ ରାଜକୁମାର ଗଳାରେ ବରଣମାଳା ଦେଲେ ?'

ପ୍ରକୃତରେ ତାହାହିଁ ।

ସଭାସ୍ଥ ସମସ୍ତ ବ୍ୟକ୍ତି ଚକିତ । ଅତି ରାଜା—ରାଣୀ—ଏମାନଙ୍କର ମନୋଭାବ ଏ ସ୍ଥଳରେ ଚିତ୍ରଣ କରିବାର ବିଶେଷ ଆବଶ୍ୟକତା ନାହିଁ ।

* * * *

ଆଜି ତାର ଚକ୍ଷୁଦାନ ହେବ । ବିଧାତା ତାକୁ ଯେଉଁ ଅମୂଲ୍ୟ ପଦାର୍ଥରୁ ବଞ୍ଚିତ କରିଛନ୍ତି, ଆଜି ମନୁଷ୍ୟ, ସାମାନ୍ୟ ମନୁଷ୍ୟ ତାକୁ ସେହି ଅତୁଳ ସମ୍ପତ୍ତିର ଅଧିକାରୀ କରିବ । ସେ ଆଜି ଦେଖିବ । ତାର ଅନ୍ଧ ପଟଳୀ ଖୋଲି ଯିବ । ତାର ଅନ୍ଧକାର—ପୂର୍ଣ୍ଣ ଜୀବନ ନୂତନ ଆଲୋକରେ ଉଦ୍ଭାସିତ ହୋଇ ଉଠିବ । ସେ ଦେଖିବ—ସେ ଆଜି ଦେଖି ପାରିବ—ସତ ସତ ସେ ଆଜି ଦେଖି ପାରିବ—ବାସ୍ତବରେ ଆଜି ପ୍ରଥମଥର ସେ ନିଜ ଆଖିରେ ଦେଖିବ—ପ୍ରିୟମ୍ବଦାକୁ ଦେଖିବ—ପୃଥିବୀକୁ ଦେଖିବ—ଆକାଶକୁ ଦେଖିବ—ସୂର୍ଯ୍ୟ ଚନ୍ଦ୍ର କେତେ କ'ଣ !

ପ୍ରିୟମ୍ବଦାର ସେ କୋମଳ ମୁଖମଣ୍ଡଳ—ଯାହାକୁ ସେ ଛାତି ଉପରେ ରଖି କେତେ ଅଜସ୍ର ଲୁହ ବୁହାଇଛି—ନିଜେ କାନ୍ଦିଛି—ପ୍ରିୟମ୍ବଦାକୁ କନ୍ଦାଇଛି, ପ୍ରିୟମ୍ବଦାର ସେ ସୁଚିକ୍କଣ ସୁଦୀର୍ଘ କେଶ, ପ୍ରିୟମ୍ବଦାର ମୁଣ୍ଡ ତା କୋଳରେ ଥୋଇ ଯାହାକୁ ସେ ଅସଂଖ୍ୟ ବାର ସାଉଁଳାଇ ଦେଇଛି—ଅଧିକ ନରମ କରିଛି; ପ୍ରିୟମ୍ବଦାର ସେ ସ୍ଫୀତ ବକ୍ଷ, ଯାହାକୁ ସେ ନିଜର ବକ୍ଷ ଉପରେ ଯାକି ଧରି ଅଗଣିତ ମୁହୂର୍ତ୍ତ ଉନ୍ମତ୍ତ ହୋଇ ଉଠିଛି. ପ୍ରିୟମ୍ବଦାର ସେ ଅଧର, ଅଜସ୍ର ଚୁମ୍ବନରେ ଯାହାର ଅସରନ୍ତି ମାଧୁରୀ ସେ ଶୋଷଣ କରିଛି, ସେ ସବୁ ଆଜି ତା ଆଗରେ ସତ୍ୟ ସୁନ୍ଦର ଜ୍ୱଳନ୍ତ ହୋଇ ଉଠିବ—କଳ୍ପନା ଆଜି ବାସ୍ତବରେ ପରିଣତ ହେବ—ସେ ଆଜି ଆକାଶ ଦେଖିବ—ପୃଥିବୀ ଦେଖିବ, ଜଳ ଦେଖିବ, ସ୍ଥଳ ଦେଖିବ, ସୂର୍ଯ୍ୟ, ଚନ୍ଦ୍ର, ଅନିଳ, ଅନଳ—କେତେ କଣ ଦେଖିବ ! ଆନନ୍ଦ—ଆନନ୍ଦ—ଆଜି କେବଳ ଆନନ୍ଦ ।

ପ୍ରିୟମ୍ବଦା ଆସି ଡାକି ଦିଏ—ଉଠ, ସକାଳ ହେଲଣି । ଜନ୍ମକାଳରୁ ଆଜିଯାଏ ସେ କେବଳ ଏଇ କଥାହିଁ ଶୁଣି ଆସିଛି । କିନ୍ତୁ ସକାଳଟା ଯେ କ'ଣ ସେ କେମିତି ଜାଣିବ ? ସୂର୍ଯ୍ୟ ଉଦୟ ହୁଅନ୍ତି—ସେ ସୂର୍ଯ୍ୟଟା କେତେ ବଡ଼, ସେ କେତେ ଦୂରରେ ଉଦୟ ହୁଅନ୍ତି—ତା' ସେ ବୁଝିବ କେମିତି ? ସୂର୍ଯ୍ୟର ଉତ୍ତାପ ପ୍ରଖର ହେଲେ ସେ ଅନୁଭବ କରେ—ଅଗ୍ନିର ତାପ ମଧ୍ୟ ଅନୁଭବ କରେ—ପାର୍ଥକ୍ୟ କ'ଣ ?

ପ୍ରିୟମ୍ବଦା କାନ୍ଦେ—ତାର କୋଳରେ ସେ ମୁହଁ ଲୁଚାଇ କାନ୍ଦେ । କହେ—ନା-ନା—ଆଉ ସହ୍ୟ କରି ପାରିବି ନାହିଁ—ଏ ଚନ୍ଦ୍ର କିରଣ ଆଉ ସହ୍ୟ କରି ପାରିବି ନାହିଁ—ମୁଁ ଅନ୍ଧାରକୁ ଯିବି—ମୋତେ ଅନ୍ଧାରକୁ ନେଇ ଯାଅ ।

ପୁଣି ମଥା ଟେକି ଆବେଗଭରା କଣ୍ଠରେ କହେ—ତାର ଚିବୁକ ଧରି କହେ—ଚାହିଁ—ଚାହିଁ—ଭଲ କରି ଚାହିଁ—ଦେଖିବ—ଟିକିଏ—ଚାହିଁ—ଖୁବ୍ ଭଲ କରି—ଦେଖିଲ ?—ଦେଖିଲ ?—କିଛି ଦିଶୁ ନାହିଁ ?—ଦେଖ, କି ସୁନ୍ଦର ଚନ୍ଦ୍ର—କେତେ ନିର୍ମଳ କିରଣ—କିଛି ଦେଖି ପାରୁନାହିଁ ?

ସେ ଚାହେଁ—ତୀକ୍ଷ୍ଣ ଭାବରେ ଚାହେଁ—ସେଇ ଅନ୍ଧାର—ଶିରାର ତନ୍ତ୍ରୀ ଗୁଡ଼ାକ ଛିଡ଼ି ଯାଉ ଥିବା ଭଳି କଷ୍ଟ ହୁଏ । ସେ ମସ୍ତକ ଅବନତ କରେ । ପ୍ରିୟମ୍ବଦା କ୍ଲାନ୍ତ ଶିଶୁ ଭଳି କାନ୍ଦେ । ଚନ୍ଦ୍ର କିରଣରେ ତାର ଦେହର ଗୋଟିଏ ମଧୁର ଅନୁଭୂତି ଉଭାଇ ଯାଇ ଦାରୁଣ ଯନ୍ତ୍ରଣା ହୁଏ ।

ଆଜି ସେ ସେଇ ଚନ୍ଦ୍ରକୁ ଦେଖିବ, ଆଜି ସେ ତାର କିରଣ ନିଜ ଦେହ ଉପରେ, ପ୍ରିୟମ୍ବଦାର ଦେହ ଉପରେ ଦେଖିବ—କି ଆନନ୍ଦ—କି ଆନନ୍ଦ ।

ପ୍ରିୟମ୍ବଦା କାନ୍ଦେ । ତାର ଆଖିର ଜଳ ଉଷ୍ଣ । କିନ୍ତୁ ଉଷ୍ଣ ଜଳର ଅନୁଭୂତି ଠାରୁ ତା ଭିତରେ ଏତେ ପାର୍ଥକ୍ୟ । ଆଜି ସେ ଉଭୟକୁ ତୁଳନା କରି ଦେଖିବ ।

ପ୍ରିୟମ୍ବଦାକୁ ଚାହିଁ କହିବ ପ୍ରିୟମ୍ବଦା, ସତ ସତ ତୁମେ ଏତେ ସୁନ୍ଦର—ତୁମର କେଶ, ତୁମର ଅଧର ବାସ୍ତବିକ ଏତେ ସୁନ୍ଦର !



Digitized by srujanika@gmail.com

ସେ ଚନ୍ଦ୍ରମାକୁ ଓ ପ୍ରିୟମ୍ବଦାର ମୁଖକୁ ଚାହିଁ କିଏ ଅଧିକ ସୁନ୍ଦର ଦେଖିବ । ପଦ୍ମ ପାଖୁଡ଼ାକୁ ଆଣି ସେ ପ୍ରିୟମ୍ବଦାର ଚକ୍ଷୁ ନିକଟରେ ଧରି ନିରୀକ୍ଷଣ କରିବ କିଏ ଅଧିକ ମନୋରମ । ଭ୍ରମରର ବର୍ଣ୍ଣକୁ ଚାହିଁ ସେ ନିର୍ଣ୍ଣୟ କରିବ ପ୍ରିୟମ୍ବଦାର କେଶ ଓ ଭ୍ରମର ମଧ୍ୟରେ କିଏ ଅଧିକ ଘନକୃଷ୍ଣ । ପ୍ରିୟମ୍ବଦା ନିଶ୍ଚୟ ଜୟ କରିବ—ପ୍ରିୟମ୍ବଦା ନିଶ୍ଚୟ ଅଧିକ ସୁନ୍ଦର ହେବ । ସେ ପ୍ରିୟମ୍ବଦାକୁ ଡାକି କହିବ, ପ୍ରିୟମ୍ବଦା ବାସ୍ତବିକ ତମେ ସୁନ୍ଦର—ପୃଥିବୀର ସର୍ବଶ୍ରେଷ୍ଠ ସୁନ୍ଦରୀ । ପ୍ରିୟମ୍ବଦାକୁ ସେ ଦେଖିବ—ପ୍ରିୟମ୍ବଦାର ନୟନ ଉପରେ ସେ ତାର ନୟନ ନିବେଶ କରିବ—ଅଧର ଉପରେ ଅଧର ଥାପନା କରିବ, ବକ୍ଷରେ ବକ୍ଷ ଯୋଜନା କରି ଆଲିଙ୍ଗନ କରିବ—କି ଆନନ୍ଦ—କି ଆନନ୍ଦ !

ସେ ଆନନ୍ଦରେ ନାଚି ଉଠିଲା । ୨୦ ଦିନ ବିତି ଯାଇଛି । ଆଉ ଗୋଟିଏ ଦିନ—ନା—ନା -ଗୋଟିଏ ରାତ୍ରି ମାତ୍ର । ଆଜି ରାତ୍ରିର ଅବସାନ ହେଲେ ପୂର୍ଣ୍ଣ ୨୧ ଦିନ ହେବ । କାଲି ସୂର୍ଯ୍ୟୋଦୟ ହେବାମାତ୍ରେ ସେ ତାର ଅକ୍ଷି ପଟଳୀ ଖୋଲି ଦେବ । ସନ୍ନ୍ୟାସୀର ଆଜ୍ଞା କଦାପି ଅନ୍ୟଥା ହେବ ନାହିଁ । କାଲି ପ୍ରଭାତ ହେବାମାତ୍ରେ ପ୍ରିୟମ୍ବଦା ତାର ଚକ୍ଷୁର ବନ୍ଧନ ଖୋଲିଦେବ । ସେ ପ୍ରଥମେ ଚାହିଁବ ପ୍ରିୟମ୍ବଦାକୁ । କ'ଣ କହି ସେ ତାର କୃତଜ୍ଞତା ଜଣାଇବ ? କ'ଣ ଦେଇ ସେ ତାର ଉପକାର ଶୋଧ କରିବ ?

ପ୍ରିୟମ୍ବଦା—ପ୍ରିୟମ୍ବଦା !! ତାର ଅନ୍ତର ଚିତ୍କାରକରି ଉଠିଲା । ପ୍ରିୟମ୍ବଦା ମାନବୀ ନୁହେ, ଦେବୀ ।

ଗୋଟିଏ ଅନ୍ଧ, ଅବମାନିତ, ଅବହେଳିତ, ଘୃଣିତ ରାଜକୁମାରକୁ ସେ ବିବାହ କଲା କାହିଁକି ?

ତା ପରେ ଏ କଷ୍ଟ ସେ ଇଚ୍ଛା କରି ବରଣ କରୁଛି କାହିଁକି ? ଏକ ବର୍ଷ, ଦୀର୍ଘ ଏକ ବର୍ଷ ସେ ଏକ ସନ୍ଧ୍ୟା ସାମାନ୍ୟ ଫଳ-ମୂଳ ଆହାର କରି ତପସ୍ୟା କଲା—ଋଷି ପଦରେ ସେବା ଅର୍ପଣ କରି ବର ଆଣିଲା । ଆଜ୍ଞା ହେଲା—ପ୍ରିୟମ୍ବଦା ୨୧ ଦିନ ନିରାହାର ଉପବାସ କରିବ ଆଉ ତା' ଆଖିରେ ଅକ୍ଷିପଟଳୀ ବନ୍ଧା ହେବ । ୨୧ ଦିନ ଅନ୍ତେ ପ୍ରତ୍ୟୁଷରେ ତାର ଅକ୍ଷିପଟଳୀ ଖୋଲି ଦେଲେ ସେ ତାର ଦୃଷ୍ଟିଶକ୍ତି ଫେରି ପାଇବ । ୨୦ ଦିନ ଯାଇଛି । ଆଜି ୨୧ ଦିନର ରାତ୍ରି । ପ୍ରିୟମ୍ବଦା ଅନାହାରରେ ଶଯ୍ୟାଶାୟୀ । ସେ ବେଳେ ବେଳେ ପ୍ରିୟମ୍ବଦାର ଉପରେ ହାତ ଦେଇ ଦେଖୁଥାଏ, ଆଉ ବେଳେ ବେଳେ ତାର ପଟି ଉପରେ ।

ଆଉ ନିଦ ହେଲା ନାହିଁ । ନିଦ କୁଆଡ଼େ ଉଭେଇ ଗଲା ସେ ଦିନ । ଏଇ ଅକ୍ଷିପଟଳୀଟା ଏତେ କଷ୍ଟ ଦେବ ବୋଲି କିଏ ଜାଣିଥିଲା! ଅନ୍ଧର ପୁଣି ଅକ୍ଷି ପଟଳୀରେ କି କଷ୍ଟ ! ଲୋକେ ଶୁଣିଲେ ହସିବେ । କିନ୍ତୁ ସତକୁସତ ଆଜି ତାର ବଡ଼ କଷ୍ଟ, ସେହି ଅକ୍ଷିପଟଳୀଟା ପାଇଁ ତାର ସେତିକି କଷ୍ଟ । ୨୦ ରାତି ଯାଇଛି, ଏମିତି କଷ୍ଟ ତାର କେବେ ହୋଇନାହିଁ । ସେ ଯେତେ ଚେଷ୍ଟା କଲା ନିଦ ହେଲା ନାହିଁ । ରାତିଟା ବି ଏତେ ବଡ଼ ଯେ, ସେ ବି ପାହିବାକୁ ନାହିଁ । ପ୍ରିୟମ୍ବଦା ଆସି ରାତି ପାହିଲାଣି ଉଠ ବୋଲି କହୁ ନାହିଁ । ୨୦ ରାତି ଗଲାଣି, ଆଜି ରାତିଟା ଯେମିତି ସେ ୨୦ ଟା ଯାକ ରାତି ମିଶେଇ ଦେଲେ ଯେତେ ହେବ ତାଠୁଁ ବି ଅଧିକ ବଡ଼ । ଯେଉଁ ପଟି ସେ ୨୦ ଦିନ ୨୦ ରାତି ବାନ୍ଧି ଆସିଛି—ଗୋଟିଏ ପଟି ବାନ୍ଧିଛି ବୋଲି ହୁଏତ ତାର ଖିଆଲ ବି ନଥିଲା—ଆଜି ସେଇ ପଟିଟା ଯିମିତି ଶହ ଶହ ମହଣ ଓଜନ ହୋଇ ଯାଇଛି । ତାର ସମଗ୍ର ଶିର—ସମସ୍ତ ଦେହଟା ଯାକ ଖାଲି ପଟିରେ ବନ୍ଧା ହୋଇ ପଡ଼ିଛି ଯେପରି । ତାର ନିଶ୍ୱାସ ରୁଦ୍ଧ ହୋଇ ଯାଉଥିଲା । ଶ୍ୱାସ ପ୍ରଶ୍ୱାସ ନେବା ତା ପକ୍ଷରେ ଭାରି କଷ୍ଟ ବୋଧ ହେଉଥିଲା ।

ସେ ବଡ଼ ବ୍ୟସ୍ତ ହୋଇ ବିଛଣାରୁ ଉଠି ଏଣେତେଣେ ବୁଲିଲା । ପ୍ରିୟମ୍ବଦାକୁ ଜଗାଇଲା ନାହିଁ । ତାର ଏତେବଡ଼ ଅସ୍ଥିରତା ସେ କାହାରିକୁ, ଏପରି କି ପ୍ରିୟମ୍ବଦାକୁ ଜଣାଇବାକୁ ମଧ୍ୟ ଲଜ୍ଜା ବୋଧ କଲା ।

କିନ୍ତୁ ତଥାପି ସେ ଯନ୍ତ୍ରଣାର ଊଣା ହେଲା ନାହିଁ । ସେ ପୁଣି ଯାଇ ବିଛଣାରେ ଶୋଇଲା । ଟିକିଏ କ୍ଲାନ୍ତ ବୋଧ ହେଲା ତାକୁ । ମସ୍ତିଷ୍କ ମଧ୍ୟରେ ଗୋଟିଏ ଅବସନ୍ନତା ଛୋଟି ଗଲା । ପତା ତାର ଟିକିଏ ଅଳସ ହୋଇ ପଡ଼ିଲା ।

ତାର ଭିତରେ—ସେଇ ଛୋଟ ନିଦରେ ସେ ଦେଖିଲା ଏକ ସ୍ୱପ୍ନ—ଅଦ୍ଭୁତ ସ୍ୱପ୍ନ ।

ଗୋଟିଏ ପ୍ରକାଣ୍ଡ ଗୋଲାକାର ଘନୀଭୂତ ଅନ୍ଧକାର । ତାର ଅଭ୍ୟନ୍ତର ଅନ୍ଧକାର ଠାରୁ ଅଧିକ ଅନ୍ଧକାର ଗୋଟିଏ ପ୍ରଚଣ୍ଡ ବସ୍ତୁ ତା ପାଖକୁ ଆସୁଛି—ସେ ସୂର୍ଯ୍ୟ—ଆରେ ଜଳି ଗଲା ଯେ ସେ । ସେ ସୂର୍ଯ୍ୟଙ୍କ ଠାରୁ ଦଉଡ଼ି ପଳାଇଲା । ଗଛ ପତ୍ର ଅନ୍ତରାଳରେ ଲୁଚି ପଡ଼ିବ ବୋଲି ।

ପୁଣି ଆଉ ଗୋଟିଏ ଫିକାସିଆ ଗୋଲ ବସ୍ତୁ । ହାତରେ ସେ ତାକୁ ଧରିଲା—ବଡ଼ କୋମଳ, ବଡ଼ ନରମ ଲାଗୁ ଥାଏ ହାତକୁ । ସେ ଡାକିଲା ପ୍ରିୟମ୍ବଦା ! ପ୍ରିୟମ୍ବଦା ! ପ୍ରିୟମ୍ବଦା ଆସିବା ଯାଏଁ ସେ ରହିଲା ନାହିଁ । ତା ହାତରୁ ଖସି ପଡ଼ି ଅନ୍ଧକାର ସମୁଦ୍ର ଭିତରେ ସେ କୁଆଡ଼େ ବୁଡ଼ିଗଲା । ପ୍ରିୟମ୍ବଦା ଆସିଲା ।

"ପ୍ରିୟମ୍ବଦା ! ପ୍ରିୟମ୍ବଦା ! ନା—ନା ତୁ ପ୍ରିୟମ୍ବଦା ନୋହୁଁ । ପ୍ରିୟମ୍ବଦା ଭାରି ସୁନ୍ଦର । ତୁ ପଥର ଭଳି ଗୋଟିଏ ଅନ୍ଧକାରମୟ ସ୍ତୂପ । ତୁ ପ୍ରିୟମ୍ବଦା ନୋହୁଁ—କଦାପି ନୋହୁଁ —ତୁ ଯା ମୋ ଆଗରୁ" ସେ ସ୍ୱପ୍ନରେ କହିଲା ।

ସ୍ୱପନର ପ୍ରିୟମ୍ବଦା ଉତ୍ତର ଦେଲା—"ହଁ ପ୍ରିୟ—ମୁଁ ପ୍ରିୟମ୍ବଦା—ମୁଁ ତମର ସେଇ ପ୍ରିୟମ୍ବଦା— ମୁଁ ସୁନ୍ଦର ନ ହୋଇ ପାରେଁ—ମୁଁ କୁତ୍ସିତ ଯେତେ ଅସୁନ୍ଦର ହୁଏଁ ପଛେ—ମୋତେ ତମେ ଗ୍ରହଣ କର, ତମ ପଦତଳରେ ସ୍ଥାନ ଦିଅ ମୋତେ ପ୍ରଭୋ ! ତୁମ ବିନା ଯେ ମୋହର ଅନ୍ୟ ଗତି ନାହିଁ ।"



Digitized by srujanika@gmail.com

'ନା—ନା—ତୁ ପ୍ରତାରଣା କରୁଛୁ, ତୁ କଦାପି ପ୍ରିୟମ୍ବଦା ହୋଇ ନ ପାରୁ । ପ୍ରିୟମ୍ବଦା ଏଡ଼େ କୁତ୍ସିତ ହୋଇ ନ ପାରେ ପ୍ରିୟମ୍ବଦା କଦାପି ଅନ୍ଧକାର ହୋଇ ନ ପାରେ । ପ୍ରିୟମ୍ବଦା ଉଜ୍ଜ୍ୱଳ, ପ୍ରିୟମ୍ବଦା କାନ୍ତ--କମନୀୟ । ମୁଁ ତାର ଉଜ୍ଜ୍ୱଳତା ଅବଶ୍ୟ ଦେଖିନାହିଁ—କିନ୍ତୁ ସେ ଭାରି ଉଜ୍ଜ୍ୱଳ, ସୂର୍ଯ୍ୟ ଚନ୍ଦ୍ରଠାରୁ ମଧ୍ୟ ଅଧିକ ଉଜ୍ଜ୍ୱଳ—ଯା—ଯା ତୁ ଯାଦୁକରୀ ପଳା ଏଠୁ । ତୁ ପ୍ରିୟମ୍ବଦା ହୋଇ ନ ପାରୁ । ପ୍ରିୟମ୍ବଦା ହୋଇଛି ଶୋଇଛି ଦେଖ—କେଡ଼େ କୋମଳ ତାର ଦେହ—'

ତାର ନିଦ ଭାଙ୍ଗିଗଲା । ଦେଖିଲା ପ୍ରିୟମ୍ବଦା ଉପରେ ତାର ହାତ ପଡ଼ିଛି ।

ତାର ରାଗ ହେଲା । ସେ ବୁଝିପାରିଲା ନାହିଁ ଯେ ସେ ସ୍ୱପ୍ନ ଦେଖୁଥିଲା । ତାର ମନେ ହେଲା ଗୋଟାଏ କିଏ ମାୟାବିନୀ ତାର ଦୃଷ୍ଟିଶକ୍ତି ଫେରି ଆସିଛି ଜାଣି ତାକୁ ଭୁଲାଉଥିଲା—ତାକୁ ବିବାହ ହେବାକୁ ପ୍ରବର୍ତ୍ତାଉ ଥିଲା ।

'ଦେଖିବୁ ମୋ ପ୍ରିୟମ୍ବଦାକୁ' କହି ସେ ପ୍ରିୟମ୍ବଦାକୁ ହଲାଇ ଡାକିଲା—'ପ୍ରିୟମ୍ବଦା !—ପ୍ରିୟମ୍ବଦା ! ଉଠ—ଉଠ—ବୋଧହୁଏ ରାତି ପାହିଲାଣି—'

'ଓଃ—୬୧ ଦିନ କାଳ ଉପବାସ—ଥକାରେ ଶୋଇ ପଡ଼ିଛି । ମୁଁ ନିଜେ ଆଖିରୁ ପଟି ଖୋଲି ଦେଖାଇ ଦେବି ତୋତେ, କୁହୁକିନୀ ପ୍ରିୟମ୍ବଦା ମୋର କେଡ଼େ ସୁନ୍ଦର ।'

ସେ ନିଜ ହାତରେ ଖଣ୍ଡ ଖଣ୍ଡ କରି ଛ ଖଣ୍ଡ ପଟି ଖୋଲିଲା । ଶେଷ ଖଣ୍ଡକ ଖୋଲି ସେ ଦୂରକୁ ଫିଙ୍ଗି ଦେଇ ପତାକୁ ଖୁବ୍ ପ୍ରସାରିତ କରି ଚାହିଁଲା ।—

'ଏ କ'ଣ ! ଏ ଯେ ସେଇ ଅନ୍ଧକାର ! ପ୍ରିୟମ୍ବଦା ! ପ୍ରିୟମ୍ବଦା !' ସେ ଚିତ୍କାର କରି ଉଠିଲା—ପ୍ରିୟମ୍ବଦାର ଖୁବ୍ ନିକଟକୁ ସେ ମୁହଁ ନେଇ ଚାହିଁଲା—ଏ ଯେ ସେଇ ମାୟାବିନୀ—ଏ ତ ପ୍ରିୟମ୍ବଦା ନୁହେଁ ।

ପ୍ରିୟମ୍ବଦା ! ପ୍ରିୟମ୍ବଦା ! ସେ ତାର ସ୍ୱରରେ ଚିତ୍କାର କଲା । ନିଘଞ୍ଚ ଅରଣ୍ୟାନୀର ପତ୍ରକୁଟୀର ପ୍ରକମ୍ପିତ ହେଲା ।

ଏତେ ଦିନର ତପସ୍ୟା—ଏତେ ଦିନର ସାଧନା ସମସ୍ତ ବିଫଳ ହେଲା ?

ସେ କାହାକୁ ଡାକିବ ଏ ଦୁଃଖରେ ? ତା ପାଖରେ ଆଜି ଯେ ତାର ପ୍ରିୟମ୍ବଦା ନାହିଁ ।

ସେ ପାଗଳ ପରି ଏଣେ ତେଣେ ବିଚରଣ କରିବାକୁ ଲାଗିଲା ।

*　　*　　*　　*

ପ୍ରିୟମ୍ବଦା, ରାଜକୁମାର, ଦ୍ୱାରମୁକ୍ତ କର—ପ୍ରଭାତ ହେଲା ! ସନ୍ନ୍ୟାସୀ ଆସି ଦ୍ୱାରଦେଶରେ ଆହ୍ୱାନ କଲେ ।

'ପ୍ରଭାତ ହେଲା ?' ରାଜକୁମାର ଚମକି ପଡ଼ିଲେ । ସେ ତେବେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବନ୍ଧନ ମୋଚନ କରିଛି ?

'ରାଜକୁମାର ! ରାଜକୁମାର !' ପୁଣି ସନ୍ନ୍ୟାସୀ ଡାକଲେ । ରାଜକୁମାର ଧୀରେ ଯାଇ ଦ୍ୱାର ଉନ୍ମୁକ୍ତ କଲେ ।

'ଦେଖି ପାରୁଛନ୍ତି ରାଜକୁମାର ?'

'ନା—ମୁଁ ଅପରାଧ କରିଛି ଗୁରୁଦେବ !'

'ବୁଝିଛି, ତମେ ସମୟ ଅସନ୍ନ ପୂର୍ବରୁ ବନ୍ଧନ ମୋଚନ କରିଛ, ପ୍ରିୟମ୍ବଦା. ଏଇ ସାମାନ୍ୟ ଦାୟିତ୍ୱ ବହନ କରି ପାରିଲ ନାହିଁ ?

କିନ୍ତୁ ପ୍ରିୟମ୍ବଦା ନ ଥିଲା । ପ୍ରିୟମ୍ବଦାର ମୃତ ଦେହ ତୃଣଶଯ୍ୟା ପରେ ସତୀତ୍ୱର ଗୌରବରେ ଦୀପ୍ତ ହୋଇ ଉଠିଥିଲା ।

'ରାଜକୁମାର ! ଚକ୍ଷୁ ଚାହିଁ ?'

'ମୋର ଯେ ଚକ୍ଷୁଦାନ ହୋଇଛି ଗୁରୁଦେବ ! ମୁଁ ଯେ ସମସ୍ତ ଦେଖି ପାରୁଛି । ସେହିଠାରେ ଆପଣ ଠିଆ ହୋଇଛନ୍ତି । ମୋ ପାଖରେ ପ୍ରିୟମ୍ବଦା—ଅଦୂରରେ ବାଳସୂର୍ଯ୍ୟ—ତାର କିରଣ ମୋର ପ୍ରତି ଲୋମକୂପରେ ପୂର୍ଣ୍ଣ ରହିଛି—ମୁଁ ଯେ ସବୁ ଦେଖି ପାରୁଛି—ସବୁ ଉପଲବ୍ଧି କରି ପାରୁଛି ଗୁରୁଦେବ ! ଆପଣଙ୍କର ଅଶେଷ କରୁଣା । ମୋର ଅନ୍ୟ ଚକ୍ଷୁର ପ୍ରୟୋଜନ ନାହିଁ ।" କହି ରାଜକୁମାର ସନ୍ନ୍ୟାସୀ ପଦରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ।

*　　*　　*　　*

ଆଜିଯାଏ ସେଇ ନିବିଡ଼ ଅରଣ୍ୟ ଅଛି । ଯେତେ ଧୀର ଭାବରେ କଥା କହିଲେ ମଧ୍ୟ ସେଠାରେ ଗୋଟାଏ ତୁମୂଳ ଶବ୍ଦ ଉଠେ । କେତେ ଲକ୍ଷ, କେତେ ସହସ୍ର ବର୍ଷ ଗଲାଣି, ଲୋକେ କହନ୍ତି ରାଜକୁମାରଙ୍କର ଅତୃପ୍ତ ଆତ୍ମା ଏବେ ବି ସେଇ ଜଙ୍ଗଲ ଭିତରେ ବିଚରଣ କରେ । ଯେଉଁ ପାର୍ବତ୍ୟ ଜାତିର ଲୋକେ ରାଜକୁମାରଙ୍କୁ ଦେଖିଥିଲେ ଆଜି ତାଙ୍କର ବଂଶଧରମାନେ ଅଛନ୍ତି । ଯେତେବେଳେ ସେହି ଅଗ୍ନାଗ୍ନି ବନସ୍ତର ଅନ୍ଧକାରକୁ ଆକାଶର କାଳିଆ ବଉଦ ଆହୁରି ଅନ୍ଧାର କରି ପକାଏ, ପବନ ଯେତେବେଳେ ଅନ୍ଧ ହୋଇ ଗଛ ବୁରୁଛ ସବୁ ଦଲ୍‌ମାଡ଼ୁଲ କରି ବୁଲେ, ଆଉ ତା'ରି ଭିତରେ ଯେତେବେଳେ ବେଳେ-ବେଳେ ବିଜୁଳିର ଚମକ ଲାଗିଯାଏ, ପାହାଡ଼ୀ ସ୍ତ୍ରୀ ପୁରୁଷ ସେତେବେଳେ ପରସ୍ପରକୁ ଗାଢ଼ ଆଲିଙ୍ଗନ କରି କହନ୍ତି—ହୋଇଛି, ଅନ୍ଧ ରାଜକୁମାରର ଚକ୍ଷୁ । ପାହାଡ଼ୀ ଶିଶୁ ମା' ବୁକୁରେ ମୁହଁ ଲୁଚାଇ କହେ—ହୋଇଲୋ ମା, ରାଜକୁମାର ଚାହିଁଲା ।



Digitized by srujanika@gmail.com

# ଆଧୁନିକ ସାହିତ୍ୟ

**ଶ୍ରୀ ଶଶିଭୂଷଣ ରାୟ**

ଆଧୁନିକ ଇଉରୋପୀୟ ସାହିତ୍ୟ କହେ—ବର୍ତ୍ତମାନକୁ କେବଳ ବର୍ତ୍ତମାନ ବୋଲି ଜାଣିବାକୁ ହେବ, ଯାହା-ଅଛି କେବଳ ତାହା ମଧ୍ୟରେହିଁ ସମ୍ପୂର୍ଣ୍ଣ ଭାବରେ ଦେଖିବାକୁ ହେବ । ବ୍ୟକ୍ତି କୌଣସି ସ୍ଥାନରେ ଯେପରି ସେହି ଦେଖିବା ଉପରେ ନିଜର ବୁଦ୍ଧି କିମ୍ବା ସଂସ୍କାର ଯୋଗକରି ନ ଦିଏ ।

ଅଥଚ, ଯେ ଦେଖୁଅଛି ତାହାକୁ ଛାଡ଼ିଦେଇ କୌଣସି ପ୍ରକାର ଦେଖିବାହିଁ କଦାଚ ସମ୍ଭବପର ହୁଏ ନାହିଁ । ବିଜ୍ଞାନ ବ୍ୟକ୍ତି-ନିରପେକ୍ଷ ଭାବରେ ଦେଖିବାର ଚେଷ୍ଟା କଲେହେଁ ତାହା ମଧ୍ୟରେ ବ୍ୟକ୍ତିତ୍ୱହିଁ ମୂଳ । ବ୍ୟକ୍ତିହିଁ କଳ୍ପନା କରେ, ଘଟଣାପୁଞ୍ଜ ସଙ୍ଗରେ ତାହାକୁ ନାନା ପରୀକ୍ଷା ଦ୍ୱାରା ମିଳାଇବାର ଚେଷ୍ଟା କରେ । ଏହା ବ୍ୟତୀତ ସବୁ କଳ୍ପନା ମଧ୍ୟରେ ତାହାର ଏହି ବିଶ୍ୱାସ ଥାଏ ଯେ ପ୍ରକୃତି ମଧ୍ୟରେ ଅଖଣ୍ଡ ନିୟମର ଐକ୍ୟ ନିହିତ ଭାବରେ ସର୍ବଦା ରହିଅଛି, କେଉଁଠାରେ ଏହାର ବ୍ୟତିକ୍ରମ ନାହିଁ । ଏହି ବିଶ୍ୱାସଟିକୁ ସ୍ୱତଃସିଦ୍ଧ ସତ୍ୟରୂପେ ମାନିନେଇ ସେ କାର୍ଯ୍ୟ କରିଥାଏ । ସୁତରାଂ ବିଜ୍ଞାନରୁ ବ୍ୟକ୍ତିକୁ ଏକାବେଳକେ ନିର୍ବାସିତ କରିବା ସମ୍ଭବପର ନୁହେଁ ।

ସାହିତ୍ୟ ବିଜ୍ଞାନ ଅପେକ୍ଷା ବ୍ୟକ୍ତିତ୍ୱକୁ ଉଡ଼ାଇ ଦେବାକୁ ଆହୁରି ଅକ୍ଷମ, କାରଣ ସାହିତ୍ୟର ପ୍ରଧାନ ଅବଲମ୍ବନ ଭାବ-ଜ୍ଞାନ ନୁହେଁ । ବରଂ ଜ୍ଞାନ ବ୍ୟକ୍ତିର ଜ୍ଞାତୃତ୍ୱ ବ୍ୟତୀତ ଅନ୍ୟ କୌଣସି ବିଷୟରେ ବ୍ୟକ୍ତି ସାପେକ୍ଷ ନୁହେଁ, କିନ୍ତୁ ଭାବ ବ୍ୟକ୍ତିକୁ ସର୍ବତୋଭାବରେ ଆଶ୍ରୟ ନ କରି ଛିଡ଼ା ହୋଇ ନ ପାରେ । ବ୍ୟକ୍ତିତ୍ୱ-ବିହୀନ ଭାବ ମରୀଚିକା ମାତ୍ର । ବ୍ୟକ୍ତିହିଁ ଭାବର ପ୍ରାଣ । ତେବେ ଏ କଥାର ଅର୍ଥ କଅଣ ଯେ ଆଧୁନିକ ସାହିତ୍ୟ ବ୍ୟକ୍ତିତ୍ୱକୁ କାଟିଦେଇ ଭାବକୁ ସର୍ବପ୍ରକାର ସଂସ୍କାରବର୍ଜିତ ବାସ୍ତବରୂପେ ପ୍ରକାଶ କରୁଅଛି ? ଏହାର ପ୍ରକୃତ ଅର୍ଥ ଏହି ଯେ ଆଧୁନିକ ଯୁଗରେ ନାନା କାରଣରୁ ବ୍ୟକ୍ତି ମଧ୍ୟରେ ଗୋଟିଏ ଅଦ୍ଭୁତ ପରିବର୍ତ୍ତନ ଘଟିଅଛି । ପୂର୍ବେ କ୍ଷୁଦ୍ର ଦେଶରେ, କ୍ଷୁଦ୍ର ସମାଜରେ ଆବଦ୍ଧ ରହିଥିବା ହେତୁ ମନୁଷ୍ୟର ମନ ଯେଉଁ ଭାବରେ ସଙ୍କୁଚିତ ହୋଇ ରହୁଥିଲା ବର୍ତ୍ତମାନ କାଳରେ ସେ ଭାବରେ ରହି ପାରୁନାହିଁ ; ଅଜ୍ଞାତରେ ବା ଜ୍ଞାତସାରରେ ବର୍ତ୍ତମାନ ତାହାର ସମସ୍ତ ଚିନ୍ତା ବିଶ୍ୱ-ବ୍ୟାପକତ୍ୱ ଲାଭ କରୁଅଛି । ବିଶ୍ୱର ସର୍ବତ୍ର ମନର ପବନ ପ୍ରବାହିତ ହେଉଅଛି ।

ପୂର୍ବେ ଯେଉଁମାନେ ଭାବୁକ ଅଥବା ମନୀଷୀ ଥିଲେ, ସେମାନଙ୍କର ଏହି ଦୈଶିକ ଓ କାଳର ସଂସ୍କାରରୁ ଊର୍ଦ୍ଧ୍ୱକୁ ଉଠିବା ନିମନ୍ତେ ବିଶେଷ ପ୍ରୟାସ ହେଉଥିଲା—ନିତ୍ୟ କାଳର ସତ୍ୟକୁ ମୋହବିମୁକ୍ତ ଉଦାର ଦୃଷ୍ଟିରେ ଦର୍ଶନ କରିବା ନିମନ୍ତେ କଠିନ ସାଧନାରେ ରତ ରହିବାକୁ ହେଉଥିଲା—ତଥାପି ସକଳ ସମୟରେ ଯେ ସେମାନେ ବିଶ୍ୱ-ଭାବରେ ବିଶ୍ୱ-ବୋଧରେ ପରିପୂର୍ଣ୍ଣ ହୋଇଅଛନ୍ତି ତାହା ନୁହେଁ, ସେମାନଙ୍କର ରଚନାରେ ଅନେକ ବିଷୟ ସନ୍ନିବିଷ୍ଟ—ଯାହା ସାମୟିକ, ଯାହା ସେହି ଦେଶ ମଧ୍ୟରେ ଆବଦ୍ଧ । ବର୍ତ୍ତମାନ ଯୁଗରେ ଜଗତର ସର୍ବତ୍ର ଗତାୟାତର ସୁଯୋଗ ମିଳି ଯିବାରୁ, ସମସ୍ତ ଜଗତର ସମ୍ବାଦ ପ୍ରତ୍ୟହ ପ୍ରତ୍ୟେକ ମନୁଷ୍ୟର ଗୋଚର ହେବାରୁ ସାଧନାର ସେହି ସମସ୍ତ କାଠିନ୍ୟ ରହିତ ହୋଇଅଛି । ସଂସ୍କାରର ଆବର୍ଜନା ତିରୋହିତ ହୋଇ ସତ୍ୟ ଦୃଷ୍ଟିରେ ସମସ୍ତ ଦ୍ରବ୍ୟକୁ ଦେଖିବା ସହଜ ହୋଇଅଛି ।

ଏ କଥା ଆମ୍ଭେମାନେ ସ୍ୱୀକାର କରୁଁ । କିନ୍ତୁ ଆଧୁନିକତାର ଜୟଧ୍ୱଜ ଯେଉଁମାନେ ପାଶ୍ଚାତ୍ୟ ଦେଶରେ ଉଠାଇ ଅଛନ୍ତି ସେମାନେ ଏ କଥାଟିକୁ ସମ୍ପୂର୍ଣ୍ଣରୂପେ ସ୍ୱୀକାର କରିବାକୁ ଅନିଚ୍ଛୁକ । ସେମାନେ କହନ୍ତି ବିଜ୍ଞାନ ଯେପରି ବସ୍ତୁ-ରାଜ୍ୟର ସତ୍ୟକୁ ଅବ୍ୟବହିତ ଭାବରେ ଦେଖିଥାଏ, ନିଜର କୌଣସି ମତ ଅଥବା ସଂସ୍କାର ତାହା ଉପରେ ଆରୋପ କରେ ନାହିଁ, ଆମ୍ଭେମାନେ ସେହିପରି ଭାବରାଜ୍ୟର ସତ୍ୟକୁ ଅବ୍ୟବହିତ ଭାବରେ ପ୍ରକାଶ କରିବାକୁ ଆରମ୍ଭ କରିଅଛୁଁ—ଏ ଯୁଗରେ ଭାବ କୌଣସି ବ୍ୟକ୍ତି ବିଶେଷର ମାର୍କାମରା ନୁହେଁ, ତାହା ଭାବ ମାତ୍ର । ସେ ବାସ୍ତବ ଭାବ, ଅବଚ୍ଛିନ୍ନ ଭାବ । ପ୍ରାଚୀନ ସଙ୍ଗରେ ବର୍ତ୍ତମାନର ଏହି ସ୍ଥାନରେ ନାଡ଼ୀର ଯୋଗ ବିଚ୍ଛିନ୍ନ ହୋଇଅଛି । ଇଉରୋପ ଓ ଆମେରିକାର ଲୋକଙ୍କ ମନରେ ଏହି ଭାବ ରହିଛି ଯେ ସେମାନେ ଅତ୍ୟନ୍ତ ନୂତନ ସୁତରାଂ ପ୍ରାଚୀନ ଠାରୁ ଅନେକ ବଡ଼ । ମାତ୍ର ମନୁଷ୍ୟପ୍ରକୃତି କିପରି ନୂତନ ହୋଇ ଯାଇଅଛି ତାହା ବୁଝିବା କଠିନ । "ନୂତନ" ଏହି ଶବ୍ଦଟି ବୋଧହୁଏ ଆଧୁନିକ ମନ ଉପରେ ଗୋଟିଏ ମୋହ ବିସ୍ତାର କରିଅଛି ।

ଏହାର ଗୋଟିଏ କାରଣ ଆଧୁନିକ ଯୁଗର ଅଭିବ୍ୟକ୍ତିବାଦର ତତ୍ତ୍ୱ । ଅଭିବ୍ୟକ୍ତିବାଦ କହେ ଯେ ଗୋଟିଏ ଗୋଟିଏ ବିଶେଷ ଜାତି (species) କେବଳ ସାନ ଅବସ୍ଥା ଛାଡ଼ି ବଡ଼ ଅବସ୍ଥାରେ ଏବଂ ସରଳ ଅବସ୍ଥା ଛାଡ଼ି ଜଟିଳ ଅବସ୍ଥାରେ ପରିଣତି ଲାଭ କରୁଅଛି । ଏହି ପରିଣତି ନିମନ୍ତେ ତାହାକୁ ଅନବରତ ସଂଗ୍ରାମ କରିବାକୁ ହେଉଅଛି, ପ୍ରାକୃତିକ ନିର୍ବାଚନରେ ଯେ ଯୋଗ୍ୟତମ ବୋଲି ସ୍ଥିର ହେଉଅଛି ସେହି କେବଳ ବର୍ତ୍ତି ଯାଉଅଛି, ଅନ୍ୟ ଜାତି ହୁଏତ ପଡ଼ି ଯାଉଅଛି କିମ୍ବା ପଡ଼ି ରହୁଅଛି, ଏପରି ଭାବରେ ପୃଥିବୀରେ ଜୀବାଣୁ ଠାରୁ ମନୁଷ୍ୟ ପର୍ଯ୍ୟନ୍ତ ଏତେ ବିଚିତ୍ର ଜାତିର ଉଦ୍ଭବ ହୋଇଅଛି । ବର୍ତ୍ତମାନ ସେ ପରିଣାମର ସଂଗ୍ରାମ ବନ୍ଦ ହୋଇନାହିଁ, ବର୍ତ୍ତମାନ ପୁଣି ମନୁଷ୍ୟ ଜାତି ମଧ୍ୟରେ ସେହି ପରିଣାମ ନିମନ୍ତେ ସଂଗ୍ରାମ ଚାଲିଅଛି ।



Digitized by srujanika@gmail.com

ସୁତରାଂ ସମାଜରେ ଯେତେବେଳେ ସେହି ସଂଗ୍ରାମ ଚାଲିଅଛି ସେତେବେଳେ ପ୍ରତିଯୋଗିତାର ସହଯୋଗରୁ ଏଠାରେ ମଧ୍ୟ ଯୋଗ୍ୟତମର ଉଦ୍‌ବର୍ତ୍ତନ ଘଟି ଯାଉଅଛି । କେହି ସମାଜରେ ଏକ ସ୍ୱାର୍ଥ ସହିତ ଅନ୍ୟ ସ୍ୱାର୍ଥ ଏକ ଦଳ ସହିତ ଅନ୍ୟ ଦଳର ସଂଗ୍ରାମ ଚାଲିଅଛି । ସେହି ସଂଗ୍ରାମ ଘଟିବାକୁ ଦେବାହିଁ ଭଲ—ସମସ୍ତଙ୍କୁ ବଞ୍ଚାଇବା ସକାଶେ କୃତ୍ରିମ ଉପାୟରେ ନିୟମ ପ୍ରଭୃତି ରଚନା କରି ଯେଉଁ ସମାଜ-ବ୍ୟବସ୍ଥା ପ୍ରାଚ୍ୟଦେଶ ପ୍ରଭୃତିରେ ପ୍ରବର୍ତ୍ତିତ ରହିଅଛି ଏବଂ ବହୁକାଳ ପର୍ଯ୍ୟନ୍ତ ଇଂରେଜରେ ମଧ୍ୟ ପ୍ରବର୍ତ୍ତିତ ରହିଥିଲା, ତାହା ବାହାରରୁ ଶାସନ ଦ୍ୱାରା ବ୍ୟକ୍ତିଙ୍କୁ ଏବଂ ସ୍ୱାଧୀନତାକୁ ଆଘାତ କରିଥାଏ—ଏଥିରେ ବ୍ୟକ୍ତିର ପତନ ଅନିବାର୍ଯ୍ୟ । ଅତଏବ ବ୍ୟକ୍ତିଙ୍କୁ ପୂର୍ଣ୍ଣ ମାତ୍ରାରେ ସ୍ୱାଧୀନତା ଦେବାହିଁ ସମାଜ ଅଭିବ୍ୟକ୍ତିର ଶେଷ କଥା । ଯେଉଁମାନେ ଅଭିବ୍ୟକ୍ତିବାଦକୁ ସମାଜ ପର୍ଯ୍ୟନ୍ତ ଖଟାଇଅଛନ୍ତି, ସେମାନଙ୍କର ମୋଟ କଥାଟିକ ଏତିକ:—ସମସ୍ତ ଇତିହାସକୁ ସେମାନେ ଗୋଟିଏ ପରିବର୍ତ୍ତନ-ପରମ୍ପରା ରୂପେ ଦେଖନ୍ତି, ଯେପରି ବୃକ୍ଷଜୀବନ, ସରୀସୃପଜୀବନ ଏବଂ ଜନ୍ତୁଜୀବନ ପ୍ରଭୃତି । ଅଭିବ୍ୟକ୍ତିର ମଧ୍ୟ ସୋପାନପରମ୍ପରା ରହିଅଛି, ଇତିହାସରେ ମଧ୍ୟ ସେହିରୂପ ଯୁଗେ ଯୁଗେ ଏକ ଅବସ୍ଥା ଅତିକ୍ରମ କରି ଅବସ୍ଥାନ୍ତର ହେଉଅଛି ଏବଂ ଏହି ପ୍ରକାରରେ ମନର ପରିଣାମ କ୍ରମଶଃ ଅଗ୍ରସର ହେଉଅଛି ।

ଏହି ବୈଜ୍ଞାନିକତତ୍ତ୍ୱ ଦ୍ୱାରା ଇଂରେଜ ଏବଂ ଆମେରିକା ଏ ଭଳି ଆବିଷ୍ଟ ହୋଇ ରହିଅଛନ୍ତି ଯେ ସେମାନେ ଉପସ୍ଥିତ ବ୍ୟତୀତ ଅନ୍ୟ କାହାକୁ ବଡ଼ ବୋଲି ସ୍ୱୀକାର କରିବାକୁ ନାରାଜ । ମଧ୍ୟକାଳର ଯେ କୌଣସି ଆଦର୍ଶ ରହିପାରେ; ସେହି ଆଦର୍ଶକୁ ଉପଲବ୍ଧି କରିବା ସକାଶେ ପ୍ରତିଯୁଗରେ ବିଚିତ୍ର ଭାବରେ ଚେଷ୍ଟା ଚାଲିଅଛି ଏବଂ ଏହା ସକାଶେ ପ୍ରତ୍ୟେକ ଯୁଗରେହିଁ ଏ ଭଳି କିଛି ବିଶେଷ ଭାବରେ ସାର୍ଥକତା ଅଛି, ଯାହା ଅନ୍ୟ ଯୁଗରେ ନାହିଁ ଏବଂ ଆଧୁନିକ ଯୁଗର ଯେବେ କୌଣସି ବଡ଼ ସାଧନା ଥାଏ ତେବେ ତାହା ଏହି ଯେ ସେହି ସମସ୍ତ ଯୁଗଭାବ ଓ ଯୁଗ ଚେଷ୍ଟାକୁ ଗ୍ରଥିତ କରି ବିଶ୍ୱମାନବଙ୍କୁ ଅଖଣ୍ଡ ଭାବରେ ଦେଖିବାର ଗୋଟିଏ ପ୍ରୟାସ ତାହା ମଧ୍ୟରେ ବିଦ୍ୟମାନ । ଏ କଥା ବର୍ତ୍ତମାନାଭିମାନୀ ଇଂରେଜ ଓ ଆମେରିକା ବିସ୍ମୃତ ହୋଇ ଅଛନ୍ତି । କି ରାଷ୍ଟ୍ର, କି ସାହିତ୍ୟ, କି ବିଜ୍ଞାନରେ ସେମାନେ କେବଳ ଉପସ୍ଥିତକୁ ଦେଖାଇ କହନ୍ତି—ଏହି, ଏହି ପ୍ରଭୃତି । ଅଥଚ ଆଧୁନିକ ବିଜ୍ଞାନ ଅଭିବ୍ୟକ୍ତିକୁ କେବଳ ଅଲଗା ଅଲଗା ଜାତିର (species) ସ୍ୱତନ୍ତ୍ର ଅଭିବ୍ୟକ୍ତି ବୋଲି ସ୍ୱୀକାର କରେ ନାହିଁ । ହାତର ଅଭିବ୍ୟକ୍ତି, ଗୋଡ଼ର ଅଭିବ୍ୟକ୍ତି, ଇନ୍ଦ୍ରିୟର ଅଭିବ୍ୟକ୍ତି ଏ ସବୁ ସତନ୍ତ୍ର ସ୍ୱତନ୍ତ୍ର ଘଟି ନାହିଁ, ସମସ୍ତ ଶରୀରର ଅଭିବ୍ୟକ୍ତି ସଙ୍ଗରେ ଏକହିଁ ସମୟରେ ଘଟିଅଛି । ସେହିପରି ଅଂଶ ସହିତ ଅଂଶର, ଏକ ସହିତ ଅନ୍ୟର ଅଙ୍ଗାଙ୍ଗୀ ଭାବରେ ଯେଉଁ ଅଭିବ୍ୟକ୍ତି ତାହାକୁହିଁ ଆଧୁନିକ ଶାସ୍ତ୍ର ଅଭିବ୍ୟକ୍ତି ବୋଲି କହୁଅଛି । ଅର୍ଥାତ୍ ଅଭିବ୍ୟକ୍ତି ମୂଳରେ କେବଳ ସ୍ୱାର୍ଥ ନାହିଁ, ସାମାଜିକ ଭାବହିଁ ବିଦ୍ୟମାନ । ଜନ୍ତୁମାନଙ୍କ ମଧ୍ୟରେ ମଧ୍ୟ ଏହି ସାମାଜିକ ଭାବ ଦୃଷ୍ଟ ହୁଏ । ସମାଜର ଅଭିବ୍ୟକ୍ତି ମଧ୍ୟ ଏହି ଦିଗରୁ ପାଠ କଲେ କେବଳ ଏକ ଜାତି ସହିତ ଅନ୍ୟର ଏବଂ ଏକହିଁ ଜାତି ମଧ୍ୟରେ ଏକ ଦଳ ସହିତ ଅନ୍ୟର ବିରୋଧ ଓ ସଂଗ୍ରାମର ଦୃଶ୍ୟ ଜାଗି ଉଠିବ ନାହିଁ । ପ୍ରତ୍ୟେକ ସଙ୍ଗରେ ପ୍ରତ୍ୟେକ ଅଙ୍ଗାଙ୍ଗୀ ଭାବରେ ମିଶି ଅଭିବ୍ୟକ୍ତ ହୋଇ ଉଠୁଅଛି । ଆଧୁନିକ ଇଂରେଜୀ ଶାସ୍ତ୍ର ଏହାକୁ Organic Evolution ବୋଲି କହି ଥାଆନ୍ତି ।

ଉପସ୍ଥିତକୁ ବଡ଼ କରିବା ସକାଶେ ରାଷ୍ଟ୍ର ଓ ବିଜ୍ଞାନରେ ସବୁଠାରେହିଁ ଇଂରେଜକୁ ଚିନ୍ତା କରିବାକୁ ହେଉଅଛି । ଯେପରି ବ୍ୟକ୍ତିର ସ୍ୱତନ୍ତ୍ର ଉତ୍କର୍ଷସାଧନ ପ୍ରଭାବରୁ ମୂଳଧନ ଓ ମୂଲ ମଜୁରିର ବିରୋଧ ଏତେ ପ୍ରବଳ ହୋଇ ଉଠିଅଛି ଯେ ବ୍ୟକ୍ତି-ଗତ ସ୍ୱାଧୀନତାକୁ ହରଣ କରି ସାମାଜିକ ଭାବରେ ସମସ୍ତ ବାଣିଜ୍ୟ ବ୍ୟବସାୟକୁ ବାନ୍ଧି ଦେବାର ସଂକଳ୍ପ ଚାଲିଅଛି । ବ୍ୟକ୍ତିରେ କେବେହେଁ ସବୁ ଶେଷ ହୋଇ ନ ପାରେ—ଆଧୁନିକ ସମାଜତତ୍ତ୍ୱର ଏହାହିଁ ସଦର ଘୋଷଣା ।

ବିଜ୍ଞାନରେ ମଧ୍ୟ ଏହା ଘଟିଅଛି । ଜଡ଼ତତ୍ତ୍ୱ ସହିତ ସତ୍ତ୍ୱର, ଶରୀରତତ୍ତ୍ୱ ସଙ୍ଗରେ ମନସ୍ତତ୍ତ୍ୱର କେବଳ ବିରୋଧ ଲାଗି ରହିଅଛି—କାରଣ ପ୍ରତ୍ୟେକହିଁ ଯେଉଁଠାରେ ଯେଉଁଟିକ ଦେଖୁଅଛି ସେହି ଦେଖାକୁହିଁ ସେ ପର୍ଯ୍ୟାପ୍ତ ଜ୍ଞାନ କରୁଅଛି । ସମସ୍ତ ଖଣ୍ଡତତ୍ତ୍ୱ ଯେ ଏକ ମହାତତ୍ତ୍ୱରେ ପର୍ଯ୍ୟବସିତ ହେବ, ଏ କଥା କାହାର ମସ୍ତିଷ୍କରେ ପ୍ରବେଶ ଲାଭ କରୁନାହିଁ ।

ସାହିତ୍ୟରେ ମଧ୍ୟ ସେହି ଖଣ୍ଡତା ଇଂରେଜକୁ ଆକ୍ରମଣ କରିଅଛି । ସେଠାରେ ପୂର୍ବତନ ସାହିତ୍ୟକୁ ସଂସ୍କାରର କମ୍ପା ବାସ୍ତବର ସାହିତ୍ୟ ନୁହେ ବୋଲି ଉଡ଼ାଇ ଦେବାର ଚେଷ୍ଟା ସୁସ୍ପଷ୍ଟ । ଅତ୍ୟନ୍ତ ବାସ୍ତବିକତା, ସଂସ୍କାର-ମୁକ୍ତ ବାସ୍ତବିକତା ଲାଭ କରିବା ଅବଶ୍ୟ ଦୁରୂହ । ଜୀବନ ସ୍ୱଭାବତଃହିଁ ରହସ୍ୟମୟ । ତେଣୁ ଜଗତରେ ନାନା ମନୁଷ୍ୟର ଯେ ନାନା ପ୍ରକାର ସୃଷ୍ଟି ଗଠିତ ହେବ ଏବଂ ତାହା ନବ ନବ ବିସ୍ମୟଜନକ ବୈଚିତ୍ର୍ୟ ଉତ୍ପାଦନ କରିବ—ଏହାର ଗତିରୋଧ କରିବା କାହାର ସାଧ୍ୟାୟତ୍ତ ନୁହେ । ସେହି ଚଞ୍ଚଳ, ଆନ୍ଦୋଳିତ, ପରିବର୍ତ୍ତମାନ ଜୀବନକୁ ସାହିତ୍ୟ ଅହରହ ପ୍ରତିବିମ୍ବିତ କରି ଚାଲୁଅଛି—କୌଣସି ମତ ଅଥବା ସଂସ୍କାରକୁ ଅବଲମ୍ବନ କରୁନାହିଁ । ବର୍ତ୍ତମାନ ପ୍ରଶ୍ନ ଏତିକ ଯେ ଏହି ବାସ୍ତବବୋଧ ପ୍ରତ୍ୟେକଟି ସ୍ୱତନ୍ତ୍ର ବିଶେଷକୁ ବିଶେଷରୂପେ ଦେଖୁଅଛି, କମ୍ପା ପ୍ରତ୍ୟେକଙ୍କୁ ସମସ୍ତଙ୍କ ସମ୍ବନ୍ଧରେ ଓ ସମସ୍ତଙ୍କୁ ପ୍ରତ୍ୟେକର ସମ୍ବନ୍ଧରେ ଅବିଚ୍ଛିନ୍ନ ଏକ ଓ ବୃହତ୍‌ରୂପେ ଦେଖୁଅଛି ।

ବାସ୍ତବକୁ କେବଳ ବାସ୍ତବରୂପେ ଦେଖିଲେ କୌଣସି ପ୍ରକାରରେ ସମ୍ପୂର୍ଣ୍ଣ ଦେଖିବା ହୋଇ ନ ଥାଏ । ବାସ୍ତବକୁ ଭୂମା ମଧ୍ୟରେ ପରିବ୍ୟାପ୍ତ ପରିପୂର୍ଣ୍ଣ କରି ଦେଖିଲେ ସଂସ୍କାରର ବନ୍ଧନ ଦୂର ହୁଏ, ନୋହିଲେ ଏକ ସଂସ୍କାର ପରିବର୍ତ୍ତରେ ଅନ୍ୟ ସଂସ୍କାର ବସାଇ ଦିଆଯାଏ । ଆମ୍ଭମାନଙ୍କ ଚିନ୍ତାରେ ଯେ



Digitized by srujanika@gmail.com

ଦ୍ୱୈତ ବିରୋଧ ରହିଅଛି—ବାହାରର ପ୍ରତିଯୋଗୀ ଅନ୍ତର, ଅନ୍ତରର ପ୍ରତିଯୋଗୀ ବାହାର; ପ୍ରକୃତିର ପ୍ରତିଯୋଗୀ ଆତ୍ମା, ଆତ୍ମାର ପ୍ରତିଯୋଗୀ ପ୍ରକୃତି; ସାନ୍ତର ପ୍ରତିଯୋଗୀ ଅନନ୍ତ, ଅନନ୍ତର ପ୍ରତିଯୋଗୀ ସାନ୍ତ,—ପୂର୍ବତନ ତତ୍ତ୍ୱରେ ଏହି ବିରୋଧ ସ୍ପଷ୍ଟ ଭାବରେ ସ୍ୱୀକୃତ ହୋଇ ନ ଥିଲା। ବର୍ତ୍ତମାନ ସମନ୍ୱୟର ଯୁଗରେ ଏକକୁ ଅନ୍ୟ ମଧ୍ୟରେ ଅଖଣ୍ଡ ଅଦ୍ୱୈତ-ରୂପେ ଦେଖିବାର କଥା ଉଠିଅଛି। ବାସ୍ତବ ସାହିତ୍ୟକୁ ମଧ୍ୟ ସେପରି ଏହି ବିରୋଧର ସମାଧାନ କରି ବାସ୍ତବକୁ ଭୂମା କରିବାକୁ ହେବ। ଏହାହେଲେ ଯାହା ବାସ୍ତବବୋଧ ଅଥବା ବିଶ୍ୱବୋଧ ଭାବରେ ସୃଷ୍ଟି ହୋଇଅଛି ତାହା ତାହାର ଚରମ ଚରିତାର୍ଥତାରେ ଉପନୀତ ହେବ। ସେତେବେଳେ ପ୍ରାଚୀନ ଓ ଆଧୁନିକ ସାହିତ୍ୟରେ କେବଳ ବିରୋଧ କଳ୍ପିତ ହେବ ନାହିଁ। ସମସ୍ତ ମାନବ ଚେଷ୍ଟା ମଧ୍ୟରେ ସାହିତ୍ୟହିଁ ଆଧୁନିକ—ଚିରନ୍ତନ ଆଧୁନିକ; କାରଣ ସେ ପ୍ରୟୋଜନ ଦ୍ୱାରା ଖଣ୍ଡିତ ନୁହେଁ; ସେ କେବଳମାତ୍ର ପରମାନନ୍ଦର ସ୍ୱତୋଭାସିତ ପ୍ରକାଶ—ସେତେବେଳେ ଏହି କଥା ବୁଝିବାର ସମୟ ଆସିବ।

# ଜୈନ ଧର୍ମ

## (୨)

ଶ୍ରୀମତୀ ରାଜାରାଣୀ ଦେବୀ ଓ ଶ୍ରୀ ଘନଶ୍ୟାମ ଦାସ

### ଉତ୍କଳରେ ଜୈନଧର୍ମ

ବହୁଦିନ ପୂର୍ବରୁ ଜୈନଧର୍ମ ଓଡ଼ିଶାରେ ପ୍ରଚଳିତ ହୋଇ ଥିଲେହେଁ କିପରି ଭାବରେ, କେଉଁ ସମୟରେ ଓ କାହା ଦ୍ୱାରା ପ୍ରଚଳିତ ହୋଇଥିଲା ତାହା ନିର୍ଣ୍ଣୟ କରିବା ସହଜ ନୁହେଁ। ଉଦୟଗିରି, ଚଉଦ୍ୱାର ଓ ଜାଜପୁରରେ କେତେକ ଜୈନ ମନ୍ଦିର ଅଛି। ପୁରୀ ଜିଲ୍ଲା ଓ କଟକ ଜିଲ୍ଲାରୁ କେତେକ ପ୍ରସ୍ତର ଓ ପିତ୍ତଳ ନିର୍ମିତ ତୀର୍ଥଙ୍କର ବହୁ ପୁରାତନ ମୂର୍ତ୍ତି ସଂଗୃହୀତ ହୋଇ ଓଡ଼ିଶା ପ୍ରାଦେଶିକ ଶିଳ୍ପାଗାରରେ ରକ୍ଷିତ ହୋଇଅଛି। ପୁରୀ ମନ୍ଦିରର ଦକ୍ଷିଣ ଦ୍ୱାରରେ ଗୋଟିଏ ଶ୍ଳେଟ ମୁଗୁନି ପ୍ରସ୍ତର ନିର୍ମିତ ତୀର୍ଥଙ୍କର ମୂର୍ତ୍ତି ମନ୍ଦିର ଗାତ୍ରରେ ରଖା ଯାଇଅଛି। ପ୍ରାକୃତିକ ଉତ୍କଳର ବଡ଼ମ୍ବା ଓ ବାଙ୍କି ଅଞ୍ଚଳରେ କେତେକ ସରାକ ନାମଧେୟ ଜାତି ଅଛନ୍ତି। ସରାକ ଶବ୍ଦଟି ସଂସ୍କୃତ ଶ୍ରାବକ ଶବ୍ଦର ଅପଭ୍ରଂଶ ବୋଲି ମନେ ହୁଏ। ସରାକମାନଙ୍କୁ କେହି କେହି ଐତିହାସିକ ବୌଦ୍ଧ ଓ ଅନ୍ୟମାନେ ଜୈନ ବୋଲି ପ୍ରମାଣ କରିଅଛନ୍ତି। ଭୁବନ-ବିଖ୍ୟାତ ଉତ୍କଳ-ସମ୍ରାଟ ଖାରବେଳ ଜୈନଧର୍ମାବଲମ୍ବୀ ଥିଲେ ଓ ବିହାର ଜୟ କରି ସେଠାରୁ ବିଖ୍ୟାତ ତୀର୍ଥଙ୍କର ମୂର୍ତ୍ତି ଓଡ଼ିଶାକୁ ନେଇ ଆସିଥିଲେ। ଅଧ୍ୟାପକ ଶ୍ରୀ ବିନାୟକ ମିଶ୍ର ମୟୂରଭଞ୍ଜ କ୍ରନିକଲରେ ଶ୍ରୀ ଜଗନ୍ନାଥ ବିଗ୍ରହଙ୍କୁ ଜୈନତୀର୍ଥଙ୍କର ରୂପେ ପ୍ରତିପାଦନ କରିବାକୁ ଯୁକ୍ତିଯୁକ୍ତ ପ୍ରମାଣ ଦେଖାଇ ଅଛନ୍ତି। କେହି କେହି ଐତିହାସିକ ଜଗନ୍ନାଥଙ୍କୁ ଗୌତମବୁଦ୍ଧ, କେହି କେହି ବା ଆଦିବୁଦ୍ଧ ରୂପେ ଚିହ୍ନିତ କରିବାର ଚେଷ୍ଟା କରି ଅଛନ୍ତି। ଏ କ୍ଷୁଦ୍ର ପ୍ରବନ୍ଧରେ ଜଗନ୍ନାଥ ବୌଦ୍ଧ କି ଜୈନ ବା ହିନ୍ଦୁ ଦେବତା ତାହା ଚର୍ଚ୍ଚା କରିବା ସମୀଚୀନ ନୁହେଁ। ବାରାନ୍ତରେ ଏ ବିଷୟର ଅବତାରଣା କରିବାର ବାସନା ରହିଲା।

୨୪ ଜଣ ତୀର୍ଥଙ୍କରମାନଙ୍କ ସଂକ୍ଷିପ୍ତ ପରିଚୟ:—

| ତୀର୍ଥଙ୍କରଙ୍କ ନାମ | ତୀର୍ଥଙ୍କରଙ୍କ ବାହନ ବା ଚିହ୍ନ |
|---|---|
| ୧। ଋଷଭଦେବ, ବୃଷଭଦେବ ବା ଆଦିନାଥ | ଷଣ୍ଢ |
| ୨। ଅଜିତନାଥ | ହସ୍ତୀ |
| ୩। ସମ୍ଭବନାଥ | ଘୋଟକ |
| ୪। ଅଭିନନ୍ଦନ | ମର୍କଟ |
| ୫। ସୁମତିନାଥ | ଲାଲ ହଂସ |
| ୬। ପଦ୍ମପ୍ରଭ | ପଦ୍ମକଳି |
| ୭। ସୁପାର୍ଶ୍ୱନାଥ | ସ୍ୱସ୍ତିକ ଚିହ୍ନ |
| ୮। ଚନ୍ଦ୍ରପ୍ରଭ | ଚନ୍ଦ୍ର |
| ୯। ସୁବିଧିନାଥ ବା ପୁଷ୍ପଦନ୍ତ | ମକର |
| ୧୦। ଶୀତଳନାଥ | ଶ୍ରୀବତ୍ସ ମୂର୍ତ୍ତି |
| ୧୧। ଶ୍ରେୟାଂଶନାଥ ବା ଶ୍ରେୟାଂଷ | ଗଣ୍ଡାର |
| ୧୨। ବାସୁ ପୂଜ୍ୟ | ପାଣିପୋଡ଼ |
| ୧୩। ବିମଳନାଥ ... | ବରାହ |
| ୧୪। ଅନନ୍ତନାଥ ବା ଅନନ୍ତଜିତ୍ ... | ବାଜ ପକ୍ଷୀ |
| ୧୫। ଧର୍ମନାଥ ... | ବଜ୍ର |
| ୧୬। ଶାନ୍ତିନାଥ | ହରିଣ |
| ୧୭। କୁନ୍ଥୁନାଥ | ଛାଗଲ |
| ୧୮। ଅରନାଥ | ନନ୍ଦ୍ୟାବର୍ତ୍ତ ଚିହ୍ନ କିମ୍ବା ମତ୍ସ୍ୟ |
| ୧୯। ମଲ୍ଲିନାଥ | କଳଶ |
| ୨୦। ମୁନିସୁବ୍ରତ ... | କଚ୍ଛପ |
| ୨୧। ନମିନାଥ ବା ନମି ବା ନମେଶ୍ୱର | ନୀଳ କଇଁ |
| ୨୨। ନେମିନାଥ ବା ଅରିଷ୍ଟ ନେମି | ଶଙ୍ଖ |
| ୨୩। ପାର୍ଶ୍ୱନାଥ ... | ସର୍ପ |
| ୨୪। ମହାବୀର ବା ବର୍ଦ୍ଧମାନ ବା ବୀର | ସିଂହ |



Digitized by srujanika@gmail.com

(ଆଜାନୁଲମ୍ବିତ ବାହୁ, ନଗ୍ନ ବା ବସ୍ତ୍ରପରିହିତ ତୀର୍ଥଙ୍କର ମୂର୍ତ୍ତିର ଆସନ ତଳେ ଥିବା ଉକ୍ତ ବାହନ ବା ଚିହ୍ନରୁ ତୀର୍ଥଙ୍କରମାନଙ୍କ ପରିଚୟ ମିଳିବ)

ତୀର୍ଥଙ୍କରମାନଙ୍କର ରଙ୍ଗ, ଉଚ୍ଚତା, ବୟସ, ଶାସନ-ଦେବତା ବା ପାର୍ଶ୍ୱଦେବତାରେ ବିଭିନ୍ନତା ରହିଛି । ମୁନୀଶ୍ୱର ଓ ନେମିନାଥଙ୍କ ଛଡ଼ା ଅନ୍ୟ ସମସ୍ତ ତୀର୍ଥଙ୍କର ଇକ୍ଷ୍ୱାକୁ କୁଳରେ ଜାତ ହୋଇଥିଲେ । ମୁନୀଶ୍ୱର ଓ ନେମିନାଥ ହରିବଂଶ ସମ୍ଭୂତ । ସମସ୍ତେ ନିଜ ଜନ୍ମଭୂମିରେ ଦୀକ୍ଷା ଗ୍ରହଣ କରିଥିଲେ ଓ ସେହି ସ୍ଥାନରେ ଜ୍ଞାନ ବା କୈବଲ୍ୟ ଲାଭ କରିଥିଲେ । କେବଳ ଋଷଭଦେବ ପୁରିମାତାଲରେ, ନେମି ଗିରନାରରେ ଓ ମହାବୀର ରାଜପାଇଲକା ନଦୀରେ କୈବଲ୍ୟ ଲାଭ କରିଥିଲେ ।

୨୦ ଜଣ ତୀର୍ଥଙ୍କର ସମେତଶିଖର ବା ପାର୍ଶ୍ୱନାଥ ପାହାଡ଼ରେ (ଛୋଟନାଗପୁର) ମୋକ୍ଷ ପାଇଥିଲେ ବା ଇହଧାମ ତ୍ୟାଗ କରିଥିଲେ । କେବଳ ଋଷଭଦେବ ଅଷ୍ଟାପାଦରେ ଅର୍ଥାତ୍ ଗୁଜରାଟର ଶତ୍ରୁଞ୍ଜୟ ନାମକ ସ୍ଥାନରେ, ବାସୁପୂଜ୍ୟ ଚମ୍ପା-ପୁରୀରେ, ନେମିନାଥ ଗିରନାର୍ ପର୍ବତରେ ଓ ମହାବୀର ପାବାପୁରୀରେ ପଞ୍ଚତ୍ୱ ପ୍ରାପ୍ତ ହୋଇଥିଲେ । ଏ ସମସ୍ତ ବିବରଣ ଜୈନ ଧର୍ମଗ୍ରନ୍ଥ 'ଅଭିଦାନ ଚିନ୍ତାମଣି'ରେ ଲିଖିତ ଅଛି । ଦ୍ୱାଦଶ ଶତାବ୍ଦିର ଶେଷ ଭାଗରେ ହେମଚନ୍ଦ୍ରଙ୍କ ଦ୍ୱାରା ଏ ଗ୍ରନ୍ଥ ରଚିତ ହୋଇଥିଲା । ଉକ୍ତ ଗ୍ରନ୍ଥରୁ ତୀର୍ଥଙ୍କରଙ୍କର ନିମ୍ନ ପରିଚୟ ମିଳେ ।

୧ । ଋଷଭଦେବ ନାଭିରାଜ ଓ ମରୁଦେବୀ ଔରସରେ କୋଶଳ ବା ଅଯୋଧ୍ୟାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଅନ୍ୟ ନାମ କୌଶଳିକ ଏବଂ ପାର୍ଶ୍ୱଦେବତାଙ୍କ ନାମ ଗୋମୁଖ ଓ ଚକ୍ରେଶ୍ୱରୀ ।

୨ । ଅଜିତନାଥଙ୍କ ପିତାମାତା—ଜିତଶତ୍ରୁ ଓ ବିଜୟା—ଶ୍ୱେତାମ୍ବର ଜୈନମାନଙ୍କ ମତରେ ତାଙ୍କର ପାର୍ଶ୍ୱଦେବତାଙ୍କ ନାମ ମହାଯକ୍ଷ ଓ ଅଜିତବଳା । କିନ୍ତୁ ଦିଗମ୍ବରମାନଙ୍କ ମତରେ ମହାଯକ୍ଷ ଓ ରୋହିଣୀ ଯକ୍ଷୀ ।

୩ । ସମ୍ଭବନାଥଙ୍କ ପିତାମାତା—ଜିତାରି ଓ ସେନା । ତାଙ୍କର ପାର୍ଶ୍ୱଦେବତା ତ୍ରିମୁଖ ଓ ଦୁରିତାରି (ଶ୍ୱେତାମ୍ବର) । ତ୍ରିମୁଖ ଓ ପ୍ରଜ୍ଞାପ୍ତି—(ଦିଗମ୍ବର) ।

୪ । ସୁପାର୍ଶ୍ୱନାଥଙ୍କ ପିତାମାତା—ପ୍ରତିଷ୍ଠରାଜ ଓ ପୃଥ୍ୱୀ ।
ପାର୍ଶ୍ୱଦେବତା—ମାତଙ୍ଗ ଓ ଶାନ୍ତା (ଶ୍ୱେତାମ୍ବର)
ବରନନ୍ଦି ଓ କାଳୀ (ଦିଗମ୍ବର)

୫ । ଚନ୍ଦ୍ରପ୍ରଭ—ପିତାମାତା—ମହାସେନ ରାଜ ଓ ଲକ୍ଷ୍ମଣା ।
ପାର୍ଶ୍ୱଦେବତା— ବିଜୟ ଓ ଭ୍ରୁକୁଟି (ଶ୍ୱେତାମ୍ବର)
ଶ୍ୟାମ ବା ବିଜୟ ଓ ଜ୍ୱାଲାମାଳିନୀ (ଦିଗମ୍ବର)

୬ । ଧର୍ମନାଥ—ପିତାମାତା—ଭାନୁରାଜ ଓ ସୁବ୍ରତା
ପାର୍ଶ୍ୱଦେବତା—କିନ୍ନର ଓ କନ୍ଦର୍ପା (ଶ୍ୱେତାମ୍ବର)
„ —କିନ୍ନର ଓ ମାନସୀ (ଦିଗମ୍ବର)

୭ । ଶାନ୍ତିନାଥ—ପିତାମାତା—ବିଶ୍ୱସେନ ଓ ଅଚିରା—
ପାର୍ଶ୍ୱଦେବତା—ଗରୁଡ଼ ଓ ନିର୍ବାଣି (ଶ୍ୱେତାମ୍ବର)
„ —କିଂପୁରୁଷ ଓ ମହାମାନସୀ (ଦିଗମ୍ବର)

୮ । ଅରନାଥ—ପିତାମାତା—ସୁଦର୍ଶନ ଓ ଦେବୀରାଣୀ
ପାର୍ଶ୍ୱଦେବତା—ଯକ୍ଷେତ ଓ ଧାରଣୀ (ଶ୍ୱେତାମ୍ବର)
„ —କେନ୍ଦ୍ର ଓ ଅଜିତା (ଦିଗମ୍ବର)

୯ । ମଲ୍ଲିନାଥ—ପିତାମାତା—କୁମ୍ଭରାଜ ଓ ପ୍ରଭାବତୀ
ପାର୍ଶ୍ୱଦେବତା—କୁବେର ଓ ଧରଣୀପ୍ରିୟା (ଶ୍ୱେତାମ୍ବର)
„ —କୁବେର ଓ ଅପରାଜିତା (ଦିଗମ୍ବର)

୧୦ । ନେମିନାଥ ବା ଅରିଷ୍ଟନେମି—ପିତାମାତା—ସମୁଦ୍ର ବିଜୟ ଓ ଶିବଦେବୀ
ପାର୍ଶ୍ୱଦେବତା—ଗୋମେଧ ଓ ଅମ୍ବିକା (ଶ୍ୱେତାମ୍ବର)
„ —ସର୍ବାର୍ଣ୍ଣ ଓ କୁଷ୍ମାଣ୍ଡିନୀ (ଦିଗମ୍ବର)

୧୧ । ପାର୍ଶ୍ୱନାଥ—ପିତାମାତା—ଅଶ୍ୱସେନରାଜ ଓ ବାମାଦେବୀ
ପାର୍ଶ୍ୱଦେବତା—ପାର୍ଶ୍ୱଯକ୍ଷ ବା ଧରଣେନ୍ଦ୍ର ଓ ପଦ୍ମାବତୀ

୧୨ । ମହାବୀର—ପିତାମାତା—ସିଦ୍ଧାର୍ଥରାଜ ବା ଶ୍ରେୟାଂସ ବା ଯଶସ୍ୱୀ ଓ ତ୍ରିଶଳା ବା ବିଦେହଦିନ୍ନା ବା ପ୍ରିୟକାରିଣୀ—

ପାର୍ଶ୍ୱଦେବତା—ମାତଙ୍ଗ ଓ ସିଦ୍ଧାୟିକା—

ଉପରୋକ୍ତ ପାର୍ଶ୍ୱଦେବତାଙ୍କ ନାମ ସହିତ କେତେ ଜଣ ହିନ୍ଦୁ ଦେବଦେବୀମାନଙ୍କର ନାମର ସୌସାଦୃଶ୍ୟ ଅଛି ଯଥା—

—ମାତଙ୍ଗ, କାଳୀ, ବିଜୟ, ଭ୍ରୁକୁଟି, ମାନସୀ—
—ଗରୁଡ଼, କୁବେର, ଅପରାଜିତା ଓ ଅମ୍ବିକା—

ପ୍ରତ୍ୟେକ ଜୈନତୀର୍ଥଙ୍କର ମୂର୍ତ୍ତିଙ୍କ ଆସନର ଦୁଇ ପାର୍ଶ୍ୱରେ ପାର୍ଶ୍ୱ ଦେବତା ଦୁଇଜଣ ଖୋଦିତ ହୁଅନ୍ତି । ଜୈନ ପୁରାଣରେ କିପରି ପାର୍ଶ୍ୱ ଦେବତାମାନେ ତୀର୍ଥଙ୍କରମାନଙ୍କ ସହିତ ମିଳିତ ହେଲେ ସେ ବିଷୟରେ କୌତୂହଳପ୍ରଦ ଗଳ୍ପ ବର୍ଣ୍ଣିତ ହୋଇଅଛି । ତହିଁରୁ କେବଳ ଗୋଟିଏ ମାତ୍ର ଗଳ୍ପ ନିମ୍ନରେ ଉଦ୍ଧୃତ ହେଲା । ମରୁଭୂତି ଓ କମଠ ନାମକ ଦୁଇ ଜଣ ଭାଇ ଥିଲେ । ସେ ଦୁହେଁ ଅଷ୍ଟଜନ୍ମ ପର୍ଯ୍ୟନ୍ତ ଉଭୟେ ଉଭୟଙ୍କ ପ୍ରତି ଶତ୍ରୁତାଚରଣ କରି ଜାତ ହୋଇଥିଲେ । ଶେଷ ଜନ୍ମରେ ସେ ଦୁହେଁ ପାର୍ଶ୍ୱନାଥ ଓ ସମ୍ବରଦେବ ନାମରେ ଜନ୍ମଗ୍ରହଣ କଲେ । ପଞ୍ଚାଗ୍ନି ପୂଜା କରିବା ପାଇଁ ଜଣେ ପାଷଣ୍ଡ ବୃକ୍ଷ ଛେଦନ କରୁ କରୁ ପାର୍ଶ୍ୱନାଥଙ୍କ ନିଷେଧ ସତ୍ତ୍ୱେ ବୃକ୍ଷସ୍ଥିତ ଦଣ୍ଡିଏ ସର୍ପଙ୍କୁ ଦ୍ୱିଖଣ୍ଡିତ କଲା । ଏହା

ଦେଖି ପାର୍ଶ୍ୱନାଥ ପଞ୍ଚମନ୍ତ୍ର ପାଠକରି ଦୁଇଟି ସର୍ପଙ୍କୁ ଜୀବଦାନ କଲେ । କିଛିକାଳ ପରେ ଉପରୋକ୍ତ ଦୁଇଟି ସର୍ପ ପଞ୍ଚତ୍ୱ ପ୍ରାପ୍ତ-ହୋଇ ପାତାଳ ଲୋକରେ ଧରଣେନ୍ଦ୍ର ବା ନାଗେନ୍ଦ୍ରଯକ୍ଷ ଓ ପଦ୍ମାବତୀ ଯକ୍ଷିଣୀ ନାମରେ ଜନ୍ମଲାଭ କଲେ । ଯେତେବେଳେ ଶମ୍ବରଦେବ ବା ମେଘକୁମାର ଭୀଷଣ ଝଡ଼ ପେଶି କାୟୋତ୍ସର୍ଗ. ତପଧ୍ୟାନମଗ୍ନ, ସ୍ଥାଣୁବତ୍ ଅଚଳ ଅଟଳ ପାର୍ଶ୍ୱନାଥଙ୍କୁ ଆକ୍ରମଣ କଲା ସେତେବେଳେ ପାତାଳସ୍ଥିତ ଧରଣେନ୍ଦ୍ରଙ୍କ ଆସନ କମ୍ପିତ ହେଲା ଓ ସେ ନାଗ ବା ଯକ୍ଷ ନିଜ ସହଧର୍ମିଣୀ ସହିତ ସେମାନଙ୍କର ପୂର୍ବ ଜନ୍ମର ରକ୍ଷାକାରୀଙ୍କ ସାହାଯ୍ୟାର୍ଥେ ପ୍ରବେଶ କଲେ । ଧରଣେନ୍ଦ୍ର ତାଙ୍କର ବହୁ ଫେଣାରେ ପାର୍ଶ୍ୱନାଥଙ୍କ ମସ୍ତକ ଆବରଣ କଲେ । ପଦ୍ମାବତୀ ଯକ୍ଷିଣୀ ଗୋଟିଏ ଶ୍ୱେତ ଆତପତ୍ର (ଛତା) ପାର୍ଶ୍ୱନାଥଙ୍କ ମସ୍ତକୋପରି ଧାରଣ କରି ତାଙ୍କୁ ରକ୍ଷା କଲେ । ଏହି ସମୟରୁ ଧରଣେନ୍ଦ୍ର ଓ ପଦ୍ମାବତୀ ପାର୍ଶ୍ୱନାଥଙ୍କ ଚିର ସହଚର ବା ପାର୍ଶ୍ୱ ଦେବତା ରୂପେ ବିରାଜମାନ କଲେ । ଏହି ହେତୁରୁ ପାର୍ଶ୍ୱନାଥଙ୍କ ପାଷାଣ ବା ଧାତୁନିର୍ମିତ ମୂର୍ତ୍ତିରେ ମସ୍ତକୋପରି ସର୍ପ-ଫଣା (ଶେଷ ଫଣି) ଖୋଦିତ ହୋଇଥାଏ ।

ଜୈନଧର୍ମାବଲମ୍ବୀମାନଙ୍କ ପ୍ରଧାନ ପୂଜ୍ୟ ହେଉଛନ୍ତି ଏହି ୨୪ ଜଣ ତୀର୍ଥଙ୍କର । ଏମାନଙ୍କ ପରେ ଆଉ କେତେ ଜଣ ଉପଦେବତା ମଧ୍ୟ ଜୈନମାନଙ୍କ ପୂଜ୍ୟ । ଏହି ଉପଦେବତା-ମାନେ ଚାରି ଭାଗରେ ବିଭକ୍ତ ଯଥା (୧) ବୈମାନିକ (୨) ବ୍ୟନ୍ତର (୩) କଳ୍ପର (୪) ଭୁବନପତି ବା ଭୌମେୟିକ ।

ଜୈନମାନେ ନାନା ଗଣ, କୁଳ, ଶାଖା ଓ ଗଚ୍ଛରେ ବିଭକ୍ତ । ମହାବୀରଙ୍କ ମୃତ୍ୟୁର କେତେକ ବର୍ଷ ପୂର୍ବେ ସେ ମଗଧକୁ ଯାଇ ସେଠାରେ କେତେଜଣ ଜ୍ଞାନୀ ବ୍ରାହ୍ମଣଙ୍କୁ ସ୍ୱଧର୍ମରେ ଦୀକ୍ଷିତ କଲେ । ଦୀକ୍ଷିତ ବ୍ରାହ୍ମଣମାନଙ୍କ ସଂଖ୍ୟା ଏଗାର ଜଣ ଓ ଏହିମାନେ ପରେ ଜୈନ ପୁରାଣମାନଙ୍କର ଗଣଧର ବୋଲି ପରିଚିତ ହେଲେ । ସେମାନଙ୍କର ନାମ ହେଉଛି ୧ ଇନ୍ଦ୍ରଭୂତି ବା ଗୌତମ ୨ ଅଗ୍ନିଭୂତି ୩ ବାୟୁଭୂତି ୪ ବ୍ୟକ୍ତ ୫ ସୁଧର୍ମନ ୬ ମଣ୍ଡିତ ୭ ମୌର୍ଯ୍ୟପୁତ୍ର ୮ ଅକମ୍ପିତ ୯ ଅଚଳଭ୍ରାତ ୧୦ ମେତାର୍ଯ୍ୟ ୧୧ ପ୍ରଭାସ । ଏହି ୧୧ ଜଣ ବ୍ରାହ୍ମଣ ୯ଟି ଗଣ ବା ଶିକ୍ଷା ମାର୍ଗ ପ୍ରତିଷ୍ଠା କଲେ । ଅକମ୍ପିତ ଓ ଅଚଳଭ୍ରାତ ଏକ ଶିକ୍ଷା ଦେଲେ । ମେତାର୍ଯ୍ୟ ଓ ପ୍ରଭାସ ମଧ୍ୟ ଅନ୍ୟ ଏକ ଶିକ୍ଷା ମାର୍ଗ ପ୍ରଚାର କଲେ । କାଳକ୍ରମେ ଏହି ୧୧ ଗଣ ବା ଶିକ୍ଷାମାର୍ଗରୁ ଆହୁରି ଅନେକ ଶିକ୍ଷା ମାର୍ଗ ବାହାରିଲା ଏବଂ ତନ୍ମଧ୍ୟରୁ ନାନା କୁଳ ଓ ଶାଖା ଜାତ ହେଲା । କୁଳର ଅର୍ଥ ଅଧ୍ୟାପକ କୁଳ ବା ସମୂହ ଓ ଶାଖାର ଅର୍ଥ ଅଧ୍ୟାପକ କୁଳର ଏକ ଶାଖା । ଖ୍ରୀ: ଅ: ଦଶମ ଶତାବ୍ଦିର ମଧ୍ୟ ଭାଗରେ ସମୁଦାୟ ଜୈନସମ୍ପ୍ରଦାୟ ୮୪ ଭାଗରେ ବିଭକ୍ତ ହେଲା । କେତେକ ଜୈନଧର୍ମାବଲମ୍ବୀମାନଙ୍କ ମତରେ ପ୍ରଥମ ଏଗାର ଗଣଧର-ମାନେ ମହାବୀରଙ୍କ ପ୍ରଧାନ ଶିଷ୍ୟ ଥିବାରୁ ସେମାନେ ମଧ୍ୟ ପୂଜ୍ୟ ।

# ବାୟୁ ବରୁଣ ବିଭା

**ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ**

ବାହନମ୍ ବୃଷଭୋ ଯସ୍ୟ
ବାସୁକୀ କଣ୍ଠଭୂଷଣମ୍
ବାମେ ଶକ୍ତିଧରମ୍ ଦେବମ୍
ବ କାରାୟ ନମୋନମଃ

ବିଶ୍ୱମ୍ଭର, ବାରୁଣୀ-ବିରୂପାକ୍ଷ ! ବରେଇପାଣି ବାରପାତ-ବିବ୍ରତ ବିଷକଣ୍ଠ-ବୈଶ୍ୱ-ବିଜୟ-ବାନା-ବିଭଙ୍ଗୀ ବୀରଭୂମିର ବାରିପଦାସ୍ଥ ବିଦ୍ୟାମନ୍ଦିରରେ, ବାରଖୁଣ୍ଟିଆ-ବନ୍ଦିତା—ବୀଣା-ପାଣିଙ୍କ ବାର୍ଷିକ ବରଣ ପାଇଁ ବିପ୍ରବର ବରଣୀୟ ବରବକ୍ତା ବଡ ଦାଣ୍ଡର ବଡ ପଣ୍ଡିତ ବସୁବନ୍ତ ବୟସ୍କ ନୀଳକଣ୍ଠଙ୍କୁ ବଡ ବିରାଡରେ ବର ଅଛୁଁ—ବୃଷଭାଷଣରେ ବିନୀତ ବିଜ୍ଞପ୍ତି, ବାଞ୍ଛାବଟ ବାଞ୍ଛାପୂରଣେ ବିଘ୍ନ ବିନାଶ କର ।

ବୃଷଭାସନ ! ବାୟୁ-ବରୁଣ-ବିଭାର ବିକାଶ ବା ବିଳାସ ତୁମର ବିରାଗ ବିନାଶନ, ବିଷକଣ୍ଠେ ଧାରଣ ବା ବ୍ୟୋମକେଶ ବେଶରେ । ବୈଶେଷିକରେ ବାୟୁ ବିଷୟ ବର୍ଣ୍ଣିତ ଅଛି—ବାୟୁ ସପ୍ତ ବେଗ :—ଆବହ, ପ୍ରବହ, ଉଦ୍‌ବହ, ସଂବହ, ବିବହ, ପରିବହ ଓ ପରାବହ ।

ବାୟୁ ବ୍ୟୋମରେ, ବିଳସତ୍ତ୍ୱରେ, ବିନଧି, ବସୁଧା, ବେଷ୍ଟିତା ବା ବିପ୍ରଲବ୍ଧା ବାସରେ, ବନ ବିବରରେ, ବିଶ୍ୱବ୍ରହ୍ମାଣ୍ଡରେ ବ୍ୟାପିଛି । ବୀରବର, ବାଳକ, ବାବର, ବିଶାର, ବକ, ବାସୁକୀ, ବିରଞ୍ଚି କେହି ବାୟୁବିନା ଦଣ୍ଡେ ବଞ୍ଚିବେ ନାହିଁ । ବାୟୁମଣ୍ଡଳରେ ବସୁଧା ବୁଡ଼ିଛି—ବାରିରେ ବିଶାରିବତ୍ । ବସୁଧାପୃଷ୍ଠରୁ ବାୟୁର ବ୍ୟାପ୍ତି ବହୁଦୂର—ବାରପଦାରୁ ବୋଷ୍ଟନ୍ ବା ବେଜି । ବାୟୁ ବୃପବିଶିଷ୍ଟ—ବିକ୍ଷିପ୍ତ ବାୟୁକଣା—ବୋଝବହି ବୃପା ବିପଦରୁ ବ୍ୟାହତ ଦେଉଛି । ବାୟୁର ବୃପମାନ ଯନ୍ତ୍ର, ବେରୋମିଟର ବାୟୁର ବିଭିନ୍ନ ବେଗ ବ୍ୟକ୍ତ କରେ । ବିଷୁବ ଉତ୍ତାପ ବା ବରଫାବସ୍ଥାରେ ବାୟୁର ବିଭିନ୍ନ ବର୍ତ୍ତନ ଘଟେ—ବାଣିଜ୍ୟ ବାୟୁ —Belt of calm, Brave West, ବର୍ଷାବାହୀ ମନସୁନ୍

Bora ଓ Blizzard ଆଦ ବହୁବଧ ବାୟୁ ବହୁଅଛ—ବାତାବର୍ତ୍ତରେ —Buys Ballot's law ବା ବିଧାନରେ ବାୟୁ ବହ ବଧିମତ ବର୍ଷୁ ଅଛ ବଶେଷତଃ ବଡ଼ଦେଉଳ ଦେଶରେ । ବାୟୁ ବେଳେ ବନର୍ମୃ, ବନତ, ବେଳେ ବଦ୍ରୋହୀ ବନଦ-ନନାଦରେ ପ୍ରବଳ ଝଞ୍ଜା ବୁହାଇ ବଜ୍ରକ୍କି ସୃଷ୍ଟି କରେ । ବେଳେ ବେଳେ ବଡ଼ ଧୀର ବାଭୂଳ ନ ହୋଇ ବଶ୍ରାନ୍ତ ଓ ବମୋହନ ବେଶରେ ମୁଗ୍ଧ କରାଏ । ବାୟୁ ବାସବନ୍ଧ, ବାର୍ତ୍ତା ଶଂବାହୀ । ବଡ଼ ଚଞ୍ଚଳ ଶବ୍ଦ ବହନ କରେ—ବାୟୁ ବଦ୍ୟୁତ ବଳାସରେ ବେତାରରେ ବର୍ଲିନ. ବ୍ରାଜିଲ. ବ୍ରେନ, ବ୍ରିଟେନ ବେବଲୋନ, ବମ୍ବେ, ବାଉପଦା ବା ବଗଶ୍ରାମନଲଗଡ଼ର ବ୍ୟବଧାନ-ଶରହୃତଭାବେ ବାଗବତଣ୍ଡା, ବାର୍ତ୍ତା ବା ବକ୍ତୃତା ବରାବର ବହନ କରୁଛ । ବେଲୁନରେ ବିମାନ ବିହାର, ବ୍ୟୋମଯାନରେ ବ୍ରେନ. ବର୍ଲିନ, ବକ୍ସ-ଷକ୍ତିର ବିହାଦ୍ଵନ୍ଦ-ବରାହବରେ ବିପ୍ଲବ ବର୍ଦ୍ଧିତ ହେବାରୁ ବୈବସ୍ୱତପୁର ବିପନ୍ନ ଭାବୁଛି । ବାଗ୍ନାଧ ଗଲେ ବାୟୁବାହୀ "ବେଗ" (air bag) ବହ ବିଦ୍ଧକର ବୈଜ୍ଞାନିକ ବ୍ୟାପାରରେ ବ୍ୟାପୃତ ଦେଖି ବାଉରୁଦବାର୍ସ ବିଗ୍‌କ୍ସେନ ବିସ୍ମିତ । ବନ୍ଧୁକ ବିସ୍ଫୋଟକ ବାୟୁଦ୍ୱାରା ବିସ୍ତାରିତ ହୁଏ । ବାତକମ୍ପନରେ ବାଦ୍ୟଯନ୍ତ୍ର, ବାତବିବର୍ତ୍ତନରେ ବାତଚକ୍ରଦ୍ୱାରା ବ୍ୟବସାୟ ବାଣିଜ୍ୟ ହୁଏ । ବାୟୁମଣ୍ଡଳ ବ୍ୟାପି ଥିବାରୁ ବସ୍ତୁମାନ ବିପନ୍ନ ନୁହେ । ବାୟୁ ବିବର୍ଣ୍ଣ, ବସ୍ୱାଦ, ବର୍ଣ୍ଣବିହୀନ ବା ବିମିଶ୍ର ବସ୍ତୁ । ବାୟୁ ବିଶ୍ରାମଶୂନ୍ୟରେ ବିବ୍ରତ କର୍ମରେ ବରାବର ବଦ୍ଧମାନ । ବାୟୁ ବିଭିନ୍ନ ବସ୍ତୁବିଶିଷ୍ଟ । ବିଶ୍ଳେଷଣରେ ବିଶିଷ୍ଟ ବୈଜ୍ଞାନିକ ବ୍ୟାରନ ବୁନ୍‌ସେନ୍ ବିଜ୍ଞପ୍ତି ବାହାର କର ବିସ୍ମିତ କଲେ, ବାୟୁ ବନା ବଞ୍ଚିବା ବ୍ୟର୍ଥ ଭାବନା । ବମୁକ୍ତ, ବଶୁଦ୍ଧ, ବସ୍ତୃତ, ବଲୋଡ଼ିତ ବାୟୁ ବଶେଷ ଉପକାରୀ, ବ୍ୟାଧି ବଦୂରିତକାରୀ । ବାୟୁ ସାଧନାରେ ବୈରାଗୀ ବଜନ ବଦିନରେ ବସୁଧା ତଳେ ବଶୁଷ୍କ ହୋଇ ବହୁକାଳ ବଞ୍ଚିଥିଲେ ।

ବକୃତ ବଦୂଷିତ ବନ୍ଧ ବାୟୁରେ ବସନ୍ତ, ବାତକଫ, ବଷମ ଜ୍ୱର, ବାୟୁଶୂଳ, ବେକଗ୍ରନ୍ଥି-ବ୍ୟଥା, ବ୍ୟତିବ୍ୟସ୍ତକାରୀ ଶ୍ୱାସ, ବରୋଚକ ଅମାଶୟ, ବନାର୍ଣ୍ଣ ଉପଥିରଅଦ ବ୍ୟାଧି ବହପାତ କରେ । ବ୍ୟୋମକେଶ ବଜର୍ମ୍ମା ଯକ୍ଷ୍ମା ବ୍ୟାପେ ।

ବାୟୁରେ ବଭାବସୁବଭା ବଚ୍ଛୁରିତ ହେବାରୁ ବର୍ଷ୍ଯାର୍ଣ୍ଣି ବ୍ୟୋମ ନୀଳବେଶରେ ବମୋହିତ କର ବ୍ୟାସକୁଟ ଦେଖାଏ ।

ବ୍ରହ୍ମା ବଲ୍‌ବଲେଇଲେ ବେଦ । ବେଦୋପନିଷାଦାଦ ବଦନ୍ତ ବସ୍ତୃତ ବାଉଥିରେ ବାୟୁ ବଶ୍ୱ-ବ୍ରହ୍ମାଣ୍ଡ ବରାସିତ । ବାଇବେଲ୍ ବୋଲନ୍ତ, ବହୁବାର୍ଣ୍ଣରେ ବଭା-ବସୁଧା-ବଭାବନ୍ଧୁ ବରାଜନ୍ତ, ଦବା ବଭାବସୀ ବଉନ୍ତ । ବୈଜ୍ଞାନିକ ବୋଲନ୍ତ, ବସୁଧା ବନ୍ଧି ବବ୍ରାଜିତ, ବନ୍ଦ୍ୱଳ, ଦ୍ରବୀଭୂତ । ବହୁଦନ ବଜନ, ବନ୍ଦ୍ରମବଛି, ବାରବ୍ୟାପ୍ତ ରହିଲା—କ୍ରମେ ବସୁନ୍ଧରା ବାନଂତ ତାପ ହେବାରୁ ବାରୁଦ୍ଧ ବନସ୍ପତ. ବପିନ ବହୁଳ ହେବାରୁ ବାସୋପଯୋଗୀ ହେଲା ।

ବଭା ବ୍ୟତରେକେ ବଞ୍ଚିବା ବାତୁଳତା—ବଳୟ ବଳମ୍ବ ବସ୍ଥାନ-ବଭାବସ୍ତୁ, ବଧି ବୁଧାଦ—ଚନ୍ଦ୍ର, ବମ୍ବାଟ (ଛାୟାପଥ) ନକ୍ଷତ୍ରାଦ ବଜ୍ଜ୍ୱଳ ରେଡ଼ିୟମ, ଅରୋରା ବୋରଆଲିଶ, ବଲୋଳ ବଦ୍ୟୁଚ୍ଛଟା, ବର୍ତ୍ତିକା. ବକଟେ ଖଦ୍ୟୋତ ବ ବଭା-ବତରଣ ବଳାର୍ଯ୍ୟ ବଭା ବନ୍ଧଗତ ବିଶିଷ୍ଟ । ବନ୍ଧବଭା ବସମ୍ଭାରରେ ବବଧ ବଚନ୍ଦ ବମ୍ ବମିତ ହୁଏ । ବାୟସ୍କୋପ, ବଦ୍ୟୁତ୍ ବିକମ୍ପନରେ ବିମ୍ବାର୍ଣ୍ଣରେ ବିଶ ବିମୁଗ୍ଧ—

ବିଂଶଭାଗର ବିଶ୍ୱାସଘାତକତା ବିଡ଼ାଳ ପରି ବୃଦ୍ଧ ବହୁମୂଲ୍ୟ ବା ବକଟେ ବସ୍ତୁ ଉଦରସ୍ଥ କର ବିନ୍ଦୁ-ବିସର୍ଗ ଅବଗତ ବନ୍ଦ କରବା. ବ୍ଲାଉଜ, ବ୍ରେସଲେଟ-ବ୍ରୋଚ-ବେଜିଟ୍ ବିଟର୍ଷାର ବିଡ଼ାଳକର ବିଗୁପ୍ତ ବ୍ୟାପାର ବାବଜନେନ୍ଦ୍ର ଭ୍ରୁଣ. ବିଷମବ୍ୟାଧି ଛବି, ବିଶୁତ ଜାର୍ତ୍ତି Ronten ବଭାରେ ବଜତଲେ ବାଷିତ କରାଇ ବିଭ୍ରମ, ବିଭ୍ରାଟ ବିରା ଜତ ଓ ବିଚକ୍ରିତ କରାଇ ବିଶ୍ରାମ ବର୍ତ୍ତ ଛ । ବିଭାବସୁ ବଦ୍ୟୁଚ୍ଛଟାର ବିଭିନ୍ନ ବର୍ଣ୍ଣ-ବିଳାସରେ ବିଭିନ୍ନ ବିକଟ ବ୍ୟାଧିର ବିନାଶ ଘଟାଉଛ । ବକଟେ ବାଳକ. ବଟୁ, ବୃଦ୍ଧ, ବଦ୍ଧସବତବବଳାର୍ଯ୍ୟ ବ୍ୟସନୀ ବ୍ୟାଧିରେ ବୀକ୍ଷଣାର୍ଙ୍ଗବକୃତ, ବଶେଷତଃ ବୀକ୍ଷାବେକ୍ଷଣ ବନ୍ଦ କର ବହିଯାନ୍ତ । ବଭାବାହୀ ପ୍ରତକ୍ଷୁ ବା ଦୂରବୀକ୍ଷଣ ଯନ୍ତ୍ରରେ ବହୁ ବ୍ୟବଧାନ ବା ବମାନବାର୍ଯ୍ୟ ବୁଧାଦ ବଦୃଷ୍ଟ ହୋଇ ବସ୍ମୟ ବୃଦ୍ଧି କରୁଛନ୍ତ ।

ବଲୋଳନରେ ବଳାସ ବରାମରେ ବଭାର ପରାବର୍ତ୍ତିତାପଦ୍ଧତ ବଚନ୍ଦ ବଭବରେ ବୈଜ୍ଞାନିକ ବଚନ୍ଦକର୍ମୀ Baptista Porta ଫଟୋଗ୍ରାଫି ବକାଶ କର ବମୁଗ୍ଧ କଲେ ।

ବଭବର୍ତ୍ତିନୀ, ବକ୍ଷ-ବସନ-ବରଙ୍ଗ, ବରାଙ୍ଗ, ବଦନବନୋଦ ଭ୍ରୂବଳାସରେ ବମୋହିତଚତ୍ତ ବଭମାନବ ବହ୍ନଲାନୁଧାବନ ପ୍ରାୟ ବନପିଅସି ବରୁଣ ବଭ୍ରାନ୍ତରେ ବାସ୍ତବତାହୀନ ମରୀଚିକା ବରଣରେ ବ୍ୟଗ୍ର ଧାବନ କର ବଫଳ ପ୍ରୟାସ କର ବଷଣ୍ଣ ବଦନରେ ବସେ ।

ବଭକ୍ତତ୍ତ୍ୱରେ ବଷମ ବ୍ୟାଖ୍ୟା ଭାବେ ନାହିଁ । ବୈବସ୍ୱତମନୁ ବରୁଣଙ୍କ ବତୃତ ବକରଛନ୍ତ । ବନବେଷ୍ଟିତ ବସୁଧା—ବାରରାଶିରେ ବଲୋଳିତ ବାରଜବତ୍ । ବରୁଣାଳୟରେ ବାଣକସେନ ବାରରୁଦ୍ଧ ବଧାନରେ ବାସୁକ ବର୍ତ୍ତମାନରେ ବାରୁଣିସହ ବାହୁବେଷ୍ଟନରେ ବଲମ୍ବଶ୍ରାମବ୍ୟସ୍ତ । ବସ୍ତୁତଃ ବନ, ବାରଥିରେ ବକର୍ତ୍ତନ ବଚ୍ଛୁରିତ ବଭାବସମ୍ଭାରରେ ବାଷ୍ପ ହୋଇ ବାୟୁସହ ବମାନ ବହାର, ବନଦନନାଦ କର



Digitized by srujanika@gmail.com

ବଉ୍ଦାସନ ଗୌରୀଶଙ୍କରରେ ବସେ । ବାୟୁରେ ଜଳ ବିନ୍ଦୁ ହୋଇ କୁଜ୍ଝଟିକା ବରଫଖିଲା ବା ବୃହତ୍ ହିମଗିରିରେ ବିରାଜିତ ହୁଏ । ବରଫ ବେଷ୍ଟନୀରେ ବସି—ବିଗଳିତ ହୋଇ ବୃଜ୍ଞାନ ବିଷାଳନୀ ଗଙ୍ଗା ଯମୁନା ବେଶରେ ବଦ୍ରୀନାଥ ବିଲୋକନରେ ବିଘ୍ନବାଟ ବିବିକ୍ତ କରାଏ ।

ବିଦେଶରେ ବୃହତ୍ "ଆଇସ୍‌ବାର୍ଗ" ରୂପେ ବାରିଧି ବକ୍ଷରେ ବହୁ ବିଶାଳ "Bank of New found land" ବନାଇ ବିଶାଳ ବିନାଶର ବସୁଧାଶ୍ରେଷ୍ଠ ବାଣିଜ୍ୟ ବସତ କରାଉଛି ।

ବୃଷ୍ଟିରେ ବାରିଧାରା ବାରିବାହିକା ନଦୀରେ ବଙ୍ଗୋପସାଗରୋଦରେ ବିଲୀନ । ବିନ୍ଧ୍ୟାଚଳ, ବିବର୍ଦ୍ଧମାନ ଷ୍ଟେନ ବାରିଝରରେ ବଡ଼ ବଡ଼ ବ୍ୟାଧି ବିଲୁପ୍ତ ହେଉଛି ।

ବୈଦେହୀ କୁଣ୍ଡ (ସୀତା କୁଣ୍ଡ), ବିରାଟ ହିମାନ ମେସ୍‌କୋଟିନ ବଡ଼-ଠାକୁରଙ୍କ ବାଟସ୍ଥ ଅଟେ ଓ ବରକତାର ବିଷମ ଉଷ୍ଣବାରି ବାରିବର ବହୁ ବିଷମ ବ୍ୟାଧିବ୍ୟସ୍ତଙ୍କୁ ବରାଭୟ ଦେଉଅଛି । ଏବଂବିଧରେ ବନ ବହୁ ବେଶରେ ବଳସନ୍ନ, ବସୁଧା ଓ ବିହାୟସରେ ବିହାର ବିବ୍ରତ । ବନ ବେନିବସ୍ତୁ $H_2O$ ବିନିଯୋଗରେ ବିଗ୍ରହ ବାନ । ବହୁ ପୂର୍ବେ ବିକରବିଖ୍ୟାତ ଭୂରିଷ୍ଟରେ ବ୍ରିଟିଶ ବିଷୟ୍ ବିଶ୍ୱ-ବିଦ୍ୟାଳୟରେ ବିଦ୍ୟାଦାନ କରୁଥିଲେ । ବହିରେ ବନୋପୃଷ୍ଠର ବୈଜ୍ଞାନିକ ବିଜ୍ଞାପ୍ତି $H_2O$ ବିଖ୍ୟାତ କଲେ । ସେତେବେଳେ ବାଦସାହ ଅବଦୁଲ ହମିଦ ବେନ (ଯୁଗ୍ମ ଅବଦୁଲ ହମିଦ) ବେହରଣରେ ବିରାଜିତ ଥିଲେ । ବିଜ୍ଞାନ ବିରହିତ ବ୍ୟକ୍ତି ବୁଝିଲେ "H 2" ବାଦସାହା ଯୁଗ୍ମ ହାମିଦ—"O" ବୁଝିଲେ ବେକୁଫ, ବେକାର, ବେକାମିକା, ବେକରାମତିଆ ବା ବେଇଜ୍ଜତଦାର ବ୍ୟର୍ଥ ବୁଝିଲେ, ଶାରବର ବାଦସାହା ଅବଦୁଲ ହାମିଦ ବେକୁଫ, ବେକାର, ବେକାମିକା, ବେକରାମତିଆ ବେଇଜ୍ଜତଦାର । ତାଙ୍କୁ ବେକଦର ବସିବା-ଦେଶରୁ ବାହାର କର । ବଡ଼ ବଡ଼ ବିଶ୍ୱରବାର୍ଗୀଶ ବିବେଚନା କଲେ ବେଇମାନ, ବେଇଜ୍ଜତଦାର, ବେନସାପି, ବେବୁଝିଆ ବିଦ୍ୟାଳୟରେ ବିପ୍ଳବବାଦ ବୁଣୁଛନ୍ତି—ବେକବୁଲ ବସିବା ସ୍ଥାନରୁ ବାହାର କର—ବାଡ଼ିଆ ପୁଲିଶଙ୍କୁ ବଡାଅ ବେକରେ ବାଡ଼ ବସାନ୍ତୁ । ବନର ଏ ବ୍ୟର୍ଥବାଦ । ବନ ବିନା କେହି ବର୍ତ୍ତିବେ ନାହିଁ—ବ୍ୟବସାୟ ବାଣିଜ୍ୟ—ବଣବିଲ—ବିଳାସବ୍ୟସନ ବ୍ୟର୍ଥ ହେବ—ବଡ଼ବାନଳ ଜଳିବ—ବିଶୁଦ୍ଧ ବନରେ ବିନିର୍ମଳ ହୋଇ ବସ୍ତ୍ରବନ୍ତ ଅସ୍ତ୍ରବନ୍ତ ହୋଇ ବିଜୟ ବୈଜୟନ୍ତୀ ଉଡ଼ାଇବ—ବିଷାକ୍ତ ବନରେ ବିସୂଚିକା, ବସନ୍ତ—ବିଶ୍ରୀ-ଆମାଶୟ, ବିବର୍ଣ୍ଣିକାଗ୍ରୀ କୃମି, ବିକୃତ ଗଳଗଣ୍ଡ—ବିକାର-ବାଧା ଆନ୍ତ୍ରିକ ଜ୍ୱର ହୁଏ ।

ବାୟୁ-ବରୁଣ-ବିଭା ଓ ବିଦ୍ୟୁତର ବିନିଯୋଗରେ ବ୍ୟାଧିବାହୀ ହୋଇ ମଧ ବିଶିଷ୍ଟ ବିଧାନରେ ବହୁବିଧ ରୋଗ-ଜୀବାଣୁ ବିନଷ୍ଟ ହୁଅନ୍ତି । ବିଜ୍ଞ ବୋଲେ, ବାୟୁ-ବରୁଣ ବିକର୍ତ୍ତନ ବେକାଇ-ଦାରେ—ବାରମାସିଆ ବେଟିଆ ପରି ବେଗାରି କରୁ ଥିଲେ—ବର୍ତ୍ତମାନ ବାୟୁ-ବରୁଣ-ବିଭା ବିଦ୍ୟୁତ୍ ବିନିଯୋଗରେ ବିରାଟ ବିକଟ ବ୍ୟାପାର ଘଟାଉଛନ୍ତି । ବିହାୟସରେ ବୈରୀ ବିନାଶନରେ ବ୍ରିଟିଶ ବିପକ୍ଷଧ୍ୱଂସୀ ବ୍ୟୋମଯାନରେ ବିପତ୍ ପ୍ରତିକାର ପାଇଁ ବ୍ୟସ୍ତ—ବୋଥାନିଆ ବଲଟିକ—ବ୍ରିଟିଶ ଓ ଉତ୍ତର ବାରିଧିରେ ବାରିନଧି ତଳେ ବିସ୍ଫୋରଣରେ ବାରି-ବୈରୀ-ବ୍ୟସ୍ତ—ବଲଟିକ ଓ ଉତ୍ତର ବାରିଧି ବିପ୍ରାବିତ ସ୍ଥଳରେ ବୈରୀ-ଭୀତ ବିରହିତ ପାଇଁ ବସୁଧା ବିଦାରି ବିବର ବାସର-ବ୍ୟବସ୍ଥା ଓ ବନ୍ଧୁକ ବୋମା ବିଭ୍ରାଟରେ ବିଷବାଷ୍ପ ବିରୋଧ ବ୍ୟବସ୍ଥାର ବ୍ୟାପାର ଚାଲିଛି । ବିଭୋ ! ବୈରି ବିନାଶନ ହେଉ—ବିଜୟ ବୈଜୟନ୍ତୀ ଉଡ଼ୁ । ବାୟୁ ବରୁଣ ବିଭାର ବିଶୁଦ୍ଧ ବ୍ୟବହାରରେ ବିଶ୍ୱ ବିଶ୍ରାନ୍ତି—ବିରାମ ଓ ଚିର ବିରାଜିତ ଶାନ୍ତିପାଉ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## କୋଚିନ

### ବିକଳାଙ୍ଗମାନଙ୍କ ପାଇଁ ଶିଳ୍ପ-ଅନୁଷ୍ଠାନ

ଇଂଲଣ୍ଡର ସେଣ୍ଟ୍ ଡାନଷ୍ଟାନ୍ ଅନୁଷ୍ଠାନର ଆଦର୍ଶରେ କୋଚିନ ସରକାର ଅଲୱାଏ ନିକଟ କୁନ୍ନାକୁଲମ ଠାରେ ବିକଳାଙ୍ଗମାନଙ୍କ ପାଇଁ ଏକ ଶିଳ୍ପ-ଅନୁଷ୍ଠାନ ଖୋଲିଅଛନ୍ତି । ଏହି ଅନୁଷ୍ଠାନର ପରିଚାଳନା ଭାର ମିଷ୍ଟର କେ. ଟି. ମେଥ୍ୟୁ ଗ୍ରହଣ କରିଅଛନ୍ତି । ସେ ବର୍ତ୍ତମାନ ଅନ୍ଧ ଏବଂ ବଧିରମାନଙ୍କ ପାଇଁ ଅନ୍ୟ ଦୁଇ-ଗୋଟି ପୃଥକ ଅନୁଷ୍ଠାନ ଚଳାଉଅଛନ୍ତି । ଉପରୋକ୍ତ ଧରଣର ଅନୁଷ୍ଠାନ ଭାରତରେ ଏହାହିଁ ପ୍ରଥମ ଏବଂ ଏଠାରେ ମଣିଣୀ ବୁଣା, କାଗଜ ତିଆରି, ସିଲାଇ ଓ ସୂତା କର୍ମ, ମହୁମାଛି ଓ ପକ୍ଷୀ ପାଳନ ସମ୍ବନ୍ଧରେ ଶିକ୍ଷା ଦିଆ ଯାଉଅଛି । ଯେଉଁମାନେ ଏହି ଅନୁଷ୍ଠାନରେ ପୂର୍ଣ୍ଣଶିକ୍ଷା ଲାଭ କରିବେ ସେମାନେ ନିଜ ନିଜର ଜୀବନଯାତ୍ରା ନିର୍ବାହ କରିବା ସଙ୍ଗେ ସଙ୍ଗେ ଗ୍ରାମ ସଂଗଠନ କାର୍ଯ୍ୟରେ ମଧ୍ୟ ଉପଦେଶ ଦେଇ ପାରିବାର ଓ ଉକ୍ତ କାର୍ଯ୍ୟର ପୁରୋଧା ମଧ୍ୟ ହୋଇ ପାରିବାର ଆଶା କରା ଯାଉଅଛି । ଅନେକ ଅନ୍ଧ ଏବଂ କେତେକ ବଧିର ଓ ମୂକ ଉକ୍ତ ଅନୁଷ୍ଠାନରେ ଯୋଗ ଦେଇ ଶିକ୍ଷା ଗ୍ରହଣ କରୁଅଛନ୍ତି ।

## ହାଇଦ୍ରାବାଦ

### ଯକ୍ଷ୍ମା ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ-ନିବାସ

ହାଇଦ୍ରାବାଦର ନିଜାମ ତାଙ୍କ ରାଜଧାନୀର ୮୦ ମାଇଲ ଦୂରବର୍ତ୍ତୀ ଅନାଥଗିରିଠାରେ ଯକ୍ଷ୍ମା ରୋଗୀଙ୍କ ପାଇଁ ଗୋଟିଏ ସ୍ୱାସ୍ଥ୍ୟ-ନିବାସ ନିର୍ମାଣର ପ୍ରସ୍ତାବ ମଞ୍ଜୁର କରିଅଛନ୍ତି । ଲେଡି ଲିନ୍‌ଲିଥ୍‌ଗୋ ଯକ୍ଷ୍ମା ପାଣ୍ଠିରୁ ୫୨ ଲକ୍ଷ ଟଙ୍କା ମିଶାଇ ଏଥିରେ ସର୍ବମୋଟ ୧୬୨ ଲକ୍ଷ ଟଙ୍କା ବ୍ୟୟିତ ହେବ । ଭାରତର ଟିଉବାର କୁଲୋସିସ୍ କମିଶନର ଡାକ୍ତର ଫ୍ରିମଣ୍ଟ ମୋଲାରଙ୍କ ସହିତ ପରାମର୍ଶ କରି ଉକ୍ତ ସ୍ୱାସ୍ଥ୍ୟ-ନିବାସର ନକ୍ସା ପ୍ରସ୍ତୁତ କରା ଯାଇଅଛି ।

ଏହାର କାର୍ଯ୍ୟ ଦୁଇ ବର୍ଷ ମଧ୍ୟରେ ଶେଷ ହେବ ଓ ଏଥିରେ ଅନେକ ଗୁଡ଼ିଏ ରୋଗୀ ନିବାସ ରହିବ । ପ୍ରତ୍ୟେକରେ ୪୦ ଜଣ ରୋଗୀ ରହିବା ଭଳିଆ ୩ ଗୋଟି ସାଧାରଣ ନିବାସ, କେବଳ ଜଣେ ମାତ୍ର ରୋଗୀ ରହି ପାରିବା ପାଇଁ ୮୦ ଗୋଟି ଓ ଦୁଇ ଜଣ ରୋଗୀ ରହି ପାରିବା ଭଳି ୫ ଗୋଟି ଓ ଚାରି ଜଣ ରୋଗୀ ରହିବା ଭଳି ୪ ଗୋଟି ନିବାସ ରହିବ ।

ଉପରୋକ୍ତ ସ୍ୱାସ୍ଥ୍ୟ-ନିବାସ ନିର୍ମାଣ ବ୍ୟତୀତ ଯକ୍ଷ୍ମା ନିବାରଣ କାର୍ଯ୍ୟର ଭବିଷ୍ୟତ ପ୍ରସାର ପାଇଁ ପ୍ରତ୍ୟେକ ଜିଲ୍ଲାର କେନ୍ଦ୍ର-ମାନଙ୍କରେ ଚିକିତ୍ସାଳୟ ସ୍ଥାପନ କରା ଯାଉଅଛି । ସମଗ୍ର ରାଜ୍ୟରେ ବର୍ତ୍ତମାନ ଯେଉଁ ୧୫୦ ଗୋଟି ଚିକିତ୍ସାଳୟ ଅଛି ସେ ଗୁଡ଼ିକରେ ମଧ୍ୟ ଯକ୍ଷ୍ମା ରୋଗୀମାନେ ଚିକିତ୍ସିତ ହେବାର ବନ୍ଦୋବସ୍ତ ରହିଅଛି ।

### ବାଳିକାମାନଙ୍କ ପାଇଁ ଶିଳ୍ପ ବିଦ୍ୟାଳୟ

ସାଧାରଣ ଶିକ୍ଷା ସଙ୍ଗେ ସଙ୍ଗେ ଶିଳ୍ପ-ଶିକ୍ଷା ଦେବା ଉଦ୍ଦେଶ୍ୟରେ ହାଇଦ୍ରାବାଦ ସହରରେ ବାଳିକାମାନଙ୍କ ପାଇଁ ଗୋଟିଏ ଶିଳ୍ପ-ବିଦ୍ୟାଳୟ ସ୍ଥାପିତ ହୋଇ ଅଛି । ଯେଉଁ ବାଳିକାମାନେ ପ୍ରାଥମିକ ଶିକ୍ଷା ଶେଷ କରିଅଛନ୍ତି ସେମାନଙ୍କୁ ଏଠାରେ ଦୁଇ ବର୍ଷ ପାଇଁ ବିନା ଖର୍ଚ୍ଚରେ ଶିଳ୍ପ, ରନ୍ଧନ, ଜରିକାମ ଓ ଗାର୍ହସ୍ଥ୍ୟ ବିଜ୍ଞାନ ସମ୍ବନ୍ଧରେ ଶିକ୍ଷା ଦିଆଯିବ । ଶିକ୍ଷା ଶେଷରେ ସେମାନଙ୍କୁ ଉପାଧି ମଧ୍ୟ ମିଳିବାର ବ୍ୟବସ୍ଥା କରା ଯାଇଅଛି ।

## ଇନ୍ଦୋର

### ପକ୍ଷୀ ପାଳନ ଯୋଜନା

ହୋଲକାର ସରକାର ପକ୍ଷୀ ପାଳନ ପାଇଁ ଟ ୫୫,୦୦୦ ଙ୍କାର ଏକ ଯୋଜନା ମଞ୍ଜୁର କରି ଅଛନ୍ତି । ପ୍ରସ୍ତାବିତ ଫାର୍ମଟି ସିମରୋଲ ଠାରେ ଥିବା ଗୋ-ପାଳନ ଫାର୍ମ ନିକଟରେ ସ୍ଥାପିତ ହେବ । ଲେଘୋର (ଧଳା) ଓ ମାଇନର୍କା (କଳା) ଜାତୀୟ କୁକ୍କୁଟ ଉତ୍ପାଦନ ପାଇଁ ବିଶେଷ ଦୃଷ୍ଟି ଦିଆଯିବ । ଏହାଦ୍ୱାରା ସ୍ଥାନୀୟ ପକ୍ଷୀଗୁଡ଼ିକର ଉନ୍ନତି ସଙ୍ଗେ ସଙ୍ଗେ ପ୍ରଚୁର ପରିମାଣରେ ଅଣ୍ଡା ମଧ୍ୟ ମିଳି ପାରିବାର ଆଶା କରାଯାଏ । ଏହା ଭିଲ ଓ ବେରେଲା ଜାତିର ଲୋକଙ୍କୁ ଏକ ଲାଭଜନକ ଆନୁଷଙ୍ଗିକ ଶିଳ୍ପ ଯୋଗାଇବ ।

ଏହା ଛଡ଼ା ସରକାର ଭଲ ଜାତିର ମେଣ୍ଢା କିଣିବା ପାଇଁ ଟ ୫୦୦ ଙ୍କା ମଞ୍ଜୁର କରିଅଛନ୍ତି । ସ୍ଥାନୀୟ ମେଷ ଓ ପଶମର ଉନ୍ନତି ପାଇଁ ସେ ଗୁଡ଼ିକୁ ମେଷପାଳକମାନଙ୍କ ମଧ୍ୟରେ ବାଣ୍ଟି ଦିଆ ଯିବାର ବ୍ୟବସ୍ଥା ହୋଇଅଛି ।

### ଶିଳ୍ପ ପ୍ରସାର

ହୋଲକାର ସରକାର ରାଜ୍ୟ ମଧ୍ୟରେ ଗୋଟିଏ ବଡ଼ ଚିନି କଳ ଖୋଲିବାର ପ୍ରସ୍ତାବ ମଞ୍ଜୁର କରି ଅଛନ୍ତି । ଏହି କଳରୁ ପ୍ରତିଦିନ ୪୦୦ ରୁ ୬୦୦ ଟନ ପର୍ଯ୍ୟନ୍ତ ଚିନି ପ୍ରସ୍ତୁତ ହୋଇ ପାରିବ । ଚିନି କଳର ମାଲିକଙ୍କୁ ସରକାର କେତେଗୁଡ଼ିଏ

ସୁବିଧା ଦେବେ । କାରଖାନା ବସାଇବା ପାଇଁ ବିନାମୂଲ୍ୟରେ ଆବଶ୍ୟକୀୟ ଜମି ତାଙ୍କୁ ମିଳିବ ଓ ସେ ୬୦ ବର୍ଷ ପାଇଁ କାରଖାନାର ପଟ୍ଟା ପାଇବେ । କଳକାରଖାନା ପାଇଁ ତାଙ୍କୁ ବାଣିଜ୍ୟ ଶୁଳ୍କ ଦେବାରୁ ଅବ୍ୟାହତି ଦିଆଯିବ । ସରକାର ଉପରୋକ୍ତ ଯେଉଁ ସୁବିଧାଗୁଡ଼ିକ ଦେବାର ମଞ୍ଜୁର କରିଅଛନ୍ତି ତାହା ମୂଳରେ ଏକ ଉଦ୍ଦେଶ୍ୟ ନିହିତ ଅଛି । ଚିନି କଳ ବସିବା ସଙ୍ଗେ ସଙ୍ଗେ ରାଜ୍ୟ ମଧ୍ୟରେ ଆଖୁ ଚାଷର ପ୍ରସାର ହେବ ଓ ତଦ୍ଦ୍ୱାରା ପ୍ରଜାମାନେ ଲାଭବାନ୍ ହେବେ ।

ଏହାଛଡ଼ା ସରକାର ବିସ୍ତୃତ ସ୍ଲେଟ୍ ପଥରର ଖଣିଗୁଡ଼ିକ ପଟ୍ଟା ଦେବାର ଓ ପିପିଲିଆ ନିକଟରେ ଗୋଟିଏ ସ୍ଲେଟ୍ କାରଖାନା ଖୋଲିବାର ମଞ୍ଜୁର କରିଅଛନ୍ତି । ଏହି କାରଖାନାଟି ଭାରତ-ମଧ୍ୟରେ ଏକ ବୃହତ୍ କାରଖାନା ହେବ । ଏଥିରେ ରାଜ୍ୟର ପ୍ରାୟ ୧,୦୦୦ ଲୋକ ନିଯୁକ୍ତ ହୋଇ ପାରିବେ ବୋଲି ଆଶା କରାଯାଏ । ଝାଉଁଳ, ଘର ଛପରରେ ଓ ଛାତରେ ବ୍ୟବହାରୋପଯୋଗୀ ସ୍ଲେଟ୍ ବ୍ୟତୀତ ଏହି କାରଖାନାରେ ପ୍ରତିଦିନ ୧୦,୦୦୦ ଲେଖାଏ ସ୍କୁଲ ସ୍ଲେଟ୍ ପ୍ରସ୍ତୁତ ହୋଇ ପାରିବ ।

## ଜୟପୁର

### ଚଳନ୍ତି ଔଷଧାଳୟ

ଜୟପୁର ସରକାର ମଫସଲର ଲୋକମାନଙ୍କର ଚିକିତ୍ସାଲାଭର ସୁବିଧା ପାଇଁ ପରୀକ୍ଷା ସ୍ୱରୂପ ୧ ବର୍ଷ ନିମନ୍ତେ ଗୋଟିଏ ଚଳନ୍ତି ଔଷଧାଳୟର ବ୍ୟବସ୍ଥା କରି ସେଥିର ବ୍ୟୟଲାଗି ଟ୧୧,୬୦୦୯ଙ୍କା ମଞ୍ଜୁର କରିଅଛନ୍ତି ।

ମଫସଲର ଯେଉଁ ଅଞ୍ଚଳରେ ଚିକିତ୍ସାର ସାହାଯ୍ୟ ଖୁବ୍ ବେଶି ଲୋଡ଼ା ସେହି ସ୍ଥାନ ଏହି ଔଷଧାଳୟର କେନ୍ଦ୍ର ହେବ ଏବଂ ଜିଲ୍ଲାର ନାଜିମଙ୍କର ପରାମର୍ଶ ଅନୁସାରେ ଏହାର ଗସ୍ତ ପ୍ରଣାଳୀ ଠିକ କରାଯିବ ।

## ଯୋଧପୁର

### ଆୟୁର୍ବେଦୀୟ ଚିକିତ୍ସାର ଉନ୍ନତି

ପଲ୍ଲୀବାସୀମାନଙ୍କର ଚିକିତ୍ସାର ସୁବିଧା ପାଇଁ ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀର ଉନ୍ନତି ବିଷୟରେ କେନ୍ଦ୍ର-ପରାମର୍ଶଦାତା-ବୋର୍ଡ ଯେଉଁ ସୁପାରିସ୍ ଦେଇଥିଲେ ତାହା ଯୋଧପୁର ସରକାର ଗ୍ରହଣ କରିଅଛନ୍ତି । ଉପଯୁକ୍ତ ଓ ଅଭିଜ୍ଞ ବୈଦ୍ୟ ନିର୍ବାଚନ କରିବା ପାଇଁ ୫ ଜଣ ବୈଦ୍ୟ ଏବଂ ଜଣେ ସରକାରୀ ଓ ଜଣେ ବେସରକାରୀ ସଭ୍ୟଙ୍କୁ ନେଇ ଗୋଟିଏ ବୋର୍ଡ ଗଠିତ ହୋଇଅଛି । ବୈଦ୍ୟମାନେ ଗରିବମାନଙ୍କୁ ବିନାମୂଲ୍ୟରେ ଚିକିତ୍ସା କରିବାର ପ୍ରତିଶ୍ରୁତି ଦେବେ ଓ ସେମାନଙ୍କୁ ମାସିକ ଟ୧୦ ଙ୍କା ଲେଖାଏଁ ଭତ୍ତା ଓ ଔଷଧାଦିର ବ୍ୟୟ ନିର୍ବାହ ପାଇଁ ବାର୍ଷିକ ଟ୧୦୦ଙ୍କା ଲେଖାଏଁ ଦିଆଯିବ । ଯେଉଁ ଜିଲ୍ଲାର ଲୋକ ସଂଖ୍ୟା ୧ ଲକ୍ଷରୁ ବେଶି ସେଠାରେ ୪ ଜଣ ବୈଦ୍ୟ ରହିବେ, ୫୦ ହଜାରରୁ ବେଶି ଲୋକସଂଖ୍ୟା ଥିବା ଜିଲ୍ଲାରେ ୩ ଜଣ ଓ ଏହାଠାରୁ କମ୍ ଲୋକ ସଂଖ୍ୟା ବିଶିଷ୍ଟ ଜିଲ୍ଲାମାନଙ୍କରେ ୨ ଜଣ ଲେଖାଏଁ ବୈଦ୍ୟ ରହିବେ ।

### ଗୋପାଳନାଗାର

ପ୍ରଧାନ ଗୋ-ପାଳନ-ବିଶାରଦ ଯୋଧପୁର ପାଇଁ ଗୋଟିଏ ଆଧୁନିକ ଧରଣର ଗୋପାଳନାଗାରର ନକ୍ସା କରି ଦେଇଅଛନ୍ତି । ଟ୧,୨୫,୦୦୦ଙ୍କା ବ୍ୟୟରେ ଗୋଟିଏ ଗୃହ ନିର୍ମାଣ ହୋଇଛି । ପ୍ରତ୍ୟେକ ଦିନ ୨୦୦ ପାଉଣ୍ଡ ଦୁଧ ବୋତଲରେ ଭର୍ତ୍ତିକରି ଗଚ୍ଛିତ କରିପାରିବା ଭଳି ଆବଶ୍ୟକୀୟ କଳ ଯନ୍ତ୍ର ସ୍ଥାପନର ବ୍ୟବସ୍ଥା ହୋଇଅଛି । କଳକୁ ଆବଶ୍ୟକ ପରିମାଣ ଦୁଧ ଯୋଗାଇବା ପାଇଁ ଗୋଠରେ ଅତି ୩୦୦ ଗାଈ ଅଧିକା ରଖାଯିବାର ବନ୍ଦୋବସ୍ତ ହୋଇଅଛି ।

ରାଜ୍ୟରେ ତିନି ଗୋଟି ବିସ୍ତୃତ ଘାସର କ୍ଷେତ୍ର ରହିଅଛି । ସେ ଗୁଡ଼ିକର ମୋଟ କ୍ଷେତ୍ରଫଳ ୩୬,୮୭ ବିଘା । ପରୀକ୍ଷା ସ୍ୱରୂପ ସେହି ଜମିରେ ଯେଉଁ ଘାସ ଚାଷ କରାଯାଇଥିଲା ତାହା ବେଶ୍ ସନ୍ତୋଷଜନକ ହୋଇଛି । ଗବାଦି ପଶୁମାନଙ୍କର ଖାଦ୍ୟ ସମସ୍ୟା ସମାଧାନ କରିବା ପାଇଁ ଭାରତସରକାରଙ୍କଠାରୁ ଏ ସମ୍ବନ୍ଧରେ ପରାମର୍ଶ ନିଆ ଯାଉଅଛି । ସରକାର ଶୀଘ୍ର ଆଧୁନିକ ପ୍ରଣାଳୀ ଅନୁଯାୟୀ ଉକ୍ତ ଫାର୍ମଗୁଡ଼ିକର ସଂସ୍କାର କରିବାର ବ୍ୟବସ୍ଥା କରୁଅଛନ୍ତି ।

## କାଶ୍ମୀର

### ଶିଳ୍ପ-ସମ୍ପ୍ରଦାୟ

କାଶ୍ମୀର ସରକାର ତାଙ୍କ ରାଜ୍ୟ ମଧ୍ୟରେ ଶିଳ୍ପ-ସମ୍ପ୍ରଦାୟ ଗଠନ କରିବାର ପ୍ରସ୍ତାବ ମଞ୍ଜୁର କରି ଅଛନ୍ତି । ଏରୂପ ସମ୍ପ୍ରଦାୟ ବୋଧହୁଏ ଭାରତରେ ଏହାହିଁ ପ୍ରଥମ । ଶିଳ୍ପୀମାନଙ୍କୁ ତାଙ୍କ କାର୍ଯ୍ୟରେ ପ୍ରବୀଣତା ଲାଭ କରିବା ପାଇଁ ଓ ତାଙ୍କର ବ୍ୟବସାୟ ଗଢ଼ିବା ପାଇଁ ସୁବିଧା ଯୋଗାଇବା ଉକ୍ତ ସମ୍ପ୍ରଦାୟର ଉଦ୍ଦେଶ୍ୟ । ସମବାୟ ନୀତିରେ ଅଂଶ, ଋଣ ଓ ଅମାନତ ଦ୍ୱାରା ବ୍ୟବସାୟ ପାଇଁ ମୂଳଧନ ସଂଗୃହୀତ ହେବ । ବ୍ୟବସାୟଲବ୍ଧ ଲାଭ ସମ୍ପ୍ରଦାୟର ସଭ୍ୟମାନଙ୍କ ମଧ୍ୟରେ ବଣ୍ଟାଯିବ ।

### ଶିଶୁହତ୍ୟା ନିବାରଣର ପ୍ରତିକାର

କାଶ୍ମୀରର ଶାସନ ରିପୋର୍ଟରୁ ଜଣାଯାଏ ଯେ ବାଳିକା ଶିଶୁ ହତ୍ୟାର କୁପ୍ରଥା ଯୋଗୁଁ ରାଜପୁତମାନଙ୍କ ମଧ୍ୟରେ ବାଳିକା ସଂଖ୍ୟାର ଯଥେଷ୍ଟ ନ୍ୟୂନତା ଦେଖା ଯାଉଅଛି ଓ ସେଥିପାଇଁ ତାହାର ନିବାରଣ ନିମନ୍ତେ ମହାରାଜା ମହୋଦୟ ରାଜପୁତ ଗ୍ରାମ-ମାନଙ୍କରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ସଂପୃକ୍ତ ଗ୍ରାମବାସୀମାନଙ୍କ ଖର୍ଚ୍ଚରେ ପୃଥକ୍ ପୋଲିସ ଫଉଜ ରହିବାର ଆଦେଶ କରିଅଛନ୍ତି । ଜିଲ୍ଲା ଓ ଗ୍ରାମ୍ୟ କର୍ମଚାରୀମାନଙ୍କୁ ମଧ୍ୟ ଏ ସମ୍ବନ୍ଧରେ ବିହିତ ଉପଦେଶ ଦିଆଯାଇଅଛି ।

ମହାରାଜା ମହୋଦୟ ଅଧିକନ୍ତୁ ମଧ୍ୟ ଆଦେଶ କରିଅଛନ୍ତି ଯେ ପ୍ରତ୍ୟେକ ନବଜାତ ଶିଶୁର ପିତା ଏକ ଏକର ଲେଖାଏ ଜମି



Digitized by srujanika@gmail.com

ପାଇବେ. ମାତ୍ର ୩ ବର୍ଷ ପୂର୍ବରୁ ଯଦି ଶିଶୁର ମୃତ୍ୟୁ ଘଟେ ସେହି ଜମି ତାଙ୍କଠାରୁ ଫେରାଇ ନିଆ ଯିବ । ଉପରୋକ୍ତ ବିଧାନର ଉଦ୍ଦେଶ୍ୟ ଏବଂ ଏହି ଅନ୍ୟାପ୍ୟ କାର୍ଯ୍ୟର ପରିଣାମ ସାଧାରଣଙ୍କୁ ବୁଝାଇ ଦେବା ପାଇଁ ପୁସ୍ତିକାମାନ ରାଜ୍ୟର ଚାରିଆଡ଼େ ବଣ୍ଟା ଯାଇଅଛି ।

## ମହୀଶୂର

### ମହାରାଜାଙ୍କ ପରଲୋକ

ମହୀଶୂରର ମହାରାଜା କର୍ଣ୍ଣେଲ ସାର୍ ଶ୍ରୀ କୃଷ୍ଣରାଜା ଓ୍ୟାଦିଆର ବାହାଦୂର ଜି. ସି. ଏସ୍. ଆଇ., ଜି. ବି. ଇ., ଗତ ଅଗଷ୍ଟ ମାସ ୩ ତାରିଖ ଶନିବାର ଦିନ ବାଙ୍ଗାଲୋର ଠାରେ ପରଲୋକ ଗମନ କଲେ । ଏହି ଶୋକ ସମ୍ବାଦ ପାଇ ୫ ତାରିଖ ଦିନ ମୟୂରଭଞ୍ଜ ରାଜ୍ୟର ସମସ୍ତ କଚେରୀ, ଅଫିସ ଓ ଅନୁଷ୍ଠାନମାନ ସ୍ୱର୍ଗତ ମହାରାଜାଙ୍କ ପ୍ରତି ସମ୍ମାନ ଦେଖାଇବା ଲାଗି ବନ୍ଦ ଥିଲା ।

ସ୍ୱର୍ଗତ ମହାରାଜା ଜଣେ ନିଷ୍ଠାପର ହିନ୍ଦୁ ଥିଲେ ଓ ତାଙ୍କର ସ୍ୱଭାବ ବଡ଼ ସରଳ ଥିଲା । ସେ ଜଣେ ଭଲ ଅଶ୍ୱାରୋହୀ ଥିଲେ ଏବଂ ଟେନିସ୍ କ୍ରୀଡ଼ାରେ ତାଙ୍କର ବିଶେଷ ଖ୍ୟାତି ଥିଲା । ସେ ଜଣେ ସୁଦକ୍ଷ ଗାୟକ ମଧ ଥିଲେ । ସେ ଭାରତର ଚାରିଆଡ଼େ ଭ୍ରମଣ କରିଥିଲେ ଏବଂ ୧୯୩୧ ସାଲରେ ହିମାଳୟର ତୀର୍ଥ ଗୁଡ଼ିକ ପର୍ଯ୍ୟଟନ କରିଥିଲେ । ୧୯୩୬ ମସିହାରେ ସେ ଇଂଲଣ୍ଡ ଯାତ୍ରା କରିଥିଲେ ଓ ଏହି ପର୍ଯ୍ୟଟନ କାଳ ମଧ୍ୟରେ ସେ ତାଙ୍କ ରାଜ୍ୟରୁ ନେଇ ଥିବା ଖାଦ୍ୟ ଖାଇ ଓ ଗଙ୍ଗା ଜଳ ପାନ କରି କଟାଇ ଥିଲେ ।

ସ୍ୱର୍ଗୀୟ ମହାରାଜାଙ୍କର ଦୀର୍ଘ ରାଜତ୍ୱ କାଳରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଅଛି । ଶିବସମୁଦ୍ରମ ବୈଦ୍ୟୁତିକ ଯୋଜନା, କାନମ୍ବାଦି ଜଳସେଚନ ଯୋଜନା ଭଦ୍ରାବତୀ ଲୌହ କାରଖାନା ଓ ଗ୍ରାମସଂଗଠନ ପ୍ରଭୃତି ନାନା କାର୍ଯ୍ୟ ଯୋଗୁଁ ମହୀଶୂର ଭାରତର ସୁଶାସିତ ଓ ଆଦର୍ଶ ଦେଶୀୟ ରାଜ୍ୟ ଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି ।

ନିଷ୍ଠାପର ହିନ୍ଦୁ ହେଲେହେଁ ସମସ୍ତ ଧର୍ମାବଲମ୍ବୀଙ୍କୁ ସେ ସମାନ ଚକ୍ଷୁରେ ଦେଖୁଥିଲେ ଓ ମନ୍ଦିର, ଗିର୍ଜା ଓ ମସଜିଦ୍‌ଗୁଡ଼ିକୁ ସେ ତାଙ୍କର ନିଜ ଧନରୁ ମୁକ୍ତ ହସ୍ତରେ ଦାନ ଦେଉଥିଲେ ।

ମହାରାଜା ନିଃସନ୍ତାନ ଥିଲେ । ତାଙ୍କର ଭ୍ରାତା ଯୁବରାଜ ଚଳିତ ବର୍ଷାରମ୍ଭରେ ପରଲୋକ ଗମନ କରିଥିଲେ । ସ୍ୱର୍ଗତ ଯୁବରାଜଙ୍କର ପୁତ୍ର ବର୍ତ୍ତମାନ ରାଜସିଂହାସନର ଉତ୍ତରାଧିକାରୀ ।

### ନୂତନ ମହାରାଜା

ଗତ ସେପ୍ଟେମ୍ବର ମାସ ୮ ତାରିଖ ରବିବାର ଘ ୧୦।୧୫ ମିନିଟରେ ମହୀଶୂରର ମହାରାଜା ଶ୍ରୀ ଜୟ ଚାମରାଜ ଓ୍ୟାଦିୟାରଙ୍କର ପଟ୍ଟାଭିଷେକମ୍ ବା ଅଭିଷେକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଯେଉଁ ରତ୍ନଖଚିତ ସିଂହାସନ ଏକଦା ବିଜୟ-ନଗରର ସମ୍ରାଟମାନଙ୍କର ଅଧିକୃତ ଥିଲା ସେହି ସିଂହାସନରେ ମହାରାଜା ମହୋଦୟ ଅଧିଷ୍ଠିତ ହେବା ସଙ୍ଗେ ସଙ୍ଗେ ରାଜ୍ୟର ୨୧ ଗୋଟି ତୋପ ସଲାମି ଦିଆ ଯାଇଥିଲା ଏବଂ ବ୍ୟାଣ୍ଡ ବାଦ୍ୟରେ ଜାତୀୟ ଗୀତ ବାଜିଥିଲା । ରାଜ୍ୟର ଦେବାନ ଓ ସୈନ୍ୟ ବିଭାଗର କର୍ମଚାରୀମାନେ ଏବଂ ସରଦାର ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ. ମହାରାଜାଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । କୌଳିକ ପ୍ରଥାନୁଯାୟୀ ଫୁଲ ଓ ଅତର ବିତରଣ ପରେ ଉତ୍ସବ ସମାପ୍ତ ହୋଇଥିଲା ।

ସିଂହାସନ ଆରୋହଣ ପୂର୍ବରୁ ଦିବା ୧୦ ଘଟିକା ସମୟରେ ମହାରାଜା ମହୋଦୟ ଏକ ଘୋଷଣାରେ ପ୍ରଜାମାନଙ୍କୁ ତାଙ୍କର ଅଭିବାଦନ ଜଣାଇ ଥିଲେ ଏବଂ ତାଙ୍କର ପୂର୍ବପୁରୁଷମାନଙ୍କର ଉତ୍ତରାଧିକାରୀରୂପେ ସେ ରାଜ୍ୟରେ ଶାନ୍ତି ସ୍ଥାପନ କରି ପ୍ରଜା-ସାଧାରଣଙ୍କ ଉନ୍ନତି ସାଧନ କରିବାର ଦୃଢ଼ ସଙ୍କଳ୍ପ ଗ୍ରହଣ କରି-ଅଛନ୍ତି ବୋଲି ସେମାନଙ୍କୁ ଜଣାଇ ଥିଲେ ।

## ତ୍ରିବାଙ୍କୁଡ଼

### ବିଶ୍ୱ-ବିଦ୍ୟାଳୟ ସମ୍ମେଳନ

ଭାରତର ପ୍ରଧାନ ବିଚାରପତି ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାଇସ୍-ଚାନସେଲର ସାର୍ ମରିସ୍ ଗାୟାର ଗତ ଅଗଷ୍ଟ ମାସ ୨୪ ତାରିଖରେ ତ୍ରିବାଙ୍କୁଡ଼ ବିଶ୍ୱବିଦ୍ୟାଳୟ ସମ୍ମେଳନ ଉଦ୍‌ଘାଟନ କରିଥିଲେ ।

ସେ ଭାରତୀୟ ଛାତ୍ର ଜୀବନର ପ୍ରୟୋଜନୀୟ ଏକତା ବିଷୟରେ ଜୋର ଦେଇ କହିଥିଲେ ଯେ ସେ ଭାରତୀୟ ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ଯେତେ ବେଶି ଜ୍ଞାନ ଲାଭ କରୁଛନ୍ତି ସେତେ ବେଶି ଭାରତୀୟ ଛାତ୍ରମାନଙ୍କ ସ୍ୱାର୍ଥର ଐକ୍ୟ ଉପଲବ୍ଧି କରି ପାରୁଛନ୍ତି ।

ଅଧିକନ୍ତୁ ସେ କହିଲେ ଯେ ବ୍ରିଟିଶ ଭାରତରେ ହେଉ ବା ଦେଶୀୟ ରାଜ୍ୟମାନଙ୍କରେ ହେଉ ଭାରତୀୟ ଛାତ୍ରମାନେ ଏକ ଲକ୍ଷ୍ୟ, ଏକ ଆଦର୍ଶ, ଏକ ପ୍ରକାର ସ୍ୱଦେଶ ପ୍ରୀତି ଦ୍ୱାରା ଏବଂ ସେମାନଙ୍କର ଭବିଷ୍ୟତ ବୃହତ୍ତର ଜୀବନ ପାଇଁ ନିଜକୁ ଯୋଗ୍ୟ କରିବାର ସଙ୍କଳ୍ପ ଦ୍ୱାରା ଅନୁପ୍ରାଣିତ ହୋଇଅଛନ୍ତି ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ବନ୍ୟା ପ୍ରତିକାର

ମୟୂରଭଞ୍ଜ ସରକାର ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କର ସାହାଯ୍ୟ ପାଇଁ ନାନା ଉପାୟ ଅବଲମ୍ବନ କରିଥିଲେ । ତୁରନ୍ତ ସାହାଯ୍ୟ ଯୋଗାଇବା ପାଇଁ ବିପନ୍ନ ଅଞ୍ଚଳରୁ କେତେଗୋଟି କେନ୍ଦ୍ରରେ ବିଭକ୍ତ କରାଯାଇ ସେଠା ଲୋକମାନଙ୍କୁ ଏକ ସପ୍ତାହରୁ ଅଧିକ କାଳ ଖାଦ୍ୟ ସାମଗ୍ରୀମାନ ଦିଆ ଯାଇଥିଲା । ସରକାରୀ ଇସ୍ତାହାରରୁ ଜଣାଯାଏ ଯେ ବିଭିନ୍ନ ସାହାଯ୍ୟ କେନ୍ଦ୍ରରୁ ମୋଟରେ ୮,୪୭୯ ପରିବାର ଖାଦ୍ୟ ପାଇଥିଲେ । ଉକ୍ତ ସାହାଯ୍ୟ-କେନ୍ଦ୍ର ଗୁଡ଼ିକରୁ ଜଣ ପିଛା ଯେତେ ଦିନ ପର୍ଯ୍ୟନ୍ତ ଉପରୋକ୍ତ ସାହାଯ୍ୟ ଦିଆ ଯାଇଥିଲା ତାହାର ହିସବରୁ ଜଣାଯାଏ ଯେ ସମସ୍ତ ସମୁଦାୟ ମଧ୍ୟରେ ମୋଟରେ ୪୧,୮୬୭ ଜଣ ବ୍ୟକ୍ତି ଖୋରାକ ପାଇଥିଲେ ।

ଲୋକସାଧାରଣଙ୍କ ଉଦ୍ଯୋଗରେ ବେଲପାଳଠାରେ ଏକ ସାହାଯ୍ୟ-କେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠାରୁ ଯେଉଁମାନେ ସାହାଯ୍ୟ ଲାଭ କରିଥିଲେ ସେମାନଙ୍କ ସଂଖ୍ୟା ଉପରୋକ୍ତ ହିସାବର ଅନ୍ତର୍ଭୁକ୍ତ ନୁହେଁ । ରାଜ୍ୟର ଫରେଷ୍ଟ ଡିପାର୍ଟମେଣ୍ଟ ବାରିପଦାରେ ଯେଉଁ ସାହାଯ୍ୟ-କେନ୍ଦ୍ର ଖୋଲିଥିଲେ ତାହା ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ଚାଲିଥିଲା ।

ରାଜ୍ୟର ଯେଉଁ ଅଞ୍ଚଳ ଗୁଡ଼ିକରେ ବନ୍ୟା ଯୋଗୁଁ ରାସ୍ତା ଓ ପୋଲ ସବୁ ଧୋଇ ଯାଇଥିଲା ସେ ଗୁଡ଼ିକର ମରାମତି ଓ ସଂସ୍କାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ହେତୁ ମୋଠାକାର ଅନେକ ଲୋକ କାର୍ଯ୍ୟ ପାଇଥିଲେ । ଏହି ରୂପ ପ୍ରାୟ ୧୫ ଦିନ ମଧ୍ୟରେ ବିପନ୍ନ ଲୋକଙ୍କର ଖାଦ୍ୟ ସମସ୍ୟାର ସମାଧାନ କରା ଯାଇ ପାରିଥିଲା ।

ମନୁଷ୍ୟ ଓ ଗୃହପାଳିତ ପଶୁମାନଙ୍କ ମଧ୍ୟରେ ଯେପରି କୌଣସି ସଂକ୍ରାମକ ରୋଗ ଦେଖା ନ ଦିଏ ସେଥିପାଇଁ ବହୁତ ବ୍ୟବସ୍ଥା କରା ଯାଇଥିଲା ।

ଯେଉଁ ଅଞ୍ଚଳରେ ବନ୍ୟାଯୋଗୁଁ ବିଶେଷ କ୍ଷତି ହୋଇ ଥିଲା ସେଠାରେ କିପରି ଭାବରେ ସାହାଯ୍ୟ ଦିଆ ଯାଉଅଛି ଓ ଆଉ କ'ଣ ପ୍ରତିକାର ଆବଶ୍ୟକ ତାହା ତୁରନ୍ତ ଜାଣିବା ପାଇଁ ଦେବାନ ସାହେବ ସେ ଅଞ୍ଚଳଗୁଡ଼ିକ ପରିଦର୍ଶନ କରିଥିଲେ । ମହାରାଜା ମହୋଦୟ ବ୍ୟକ୍ତିଗତ ମନୋଯୋଗ ଦେଇ ବନ୍ୟା ରିପୋର୍ଟ ପାଠ କରିଥିଲେ ଏବଂ ଯେଉଁ ଗରିବ ଗୃହସ୍ଥମାନଙ୍କର ଫସଲ ଧୋଇରେ ଯାଇଛି ସେମାନଙ୍କୁ ତକାବି-ଋଣ ଦେବାପାଇଁ ବାର ହଜାର ଟଙ୍କା ମଞ୍ଜୁର କରିଥିଲେ । କୃଷକମାନଙ୍କ ମଧ୍ୟରେ ତିନି ହଜାର ଟଙ୍କା ବଣ୍ଟା ଯିବାର ବ୍ୟବସ୍ଥା ହୋଇଥିଲା । ଯେଉଁ ଜମିରେ ଏ ବର୍ଷ ଆଉ ଧାନ ଫସଲ ହେବାର ସମ୍ଭାବନା ନାହିଁ ସେଗୁଡ଼ିକରେ ରବି ଫସଲ ଉତ୍ପାଦନ ପାଇଁ ଗୃହସ୍ଥମାନଙ୍କୁ ଉପଯୁକ୍ତ ବିହନ ଯୋଗାଇ ଦେବାର ବନ୍ଦୋବସ୍ତ ମଧ୍ୟ କରା ଯାଇଥିଲା ।

ଯେଉଁ ଗ୍ରାମ ଗୁଡ଼ିକ ବନ୍ୟାରେ ବୁଡ଼ିଯିବାର ଆଶଙ୍କା ରହିଛି ସେଗୁଡ଼ିକ ନିରାପଦ ସ୍ଥାନକୁ ଉଠାଇ ଆଣିବା ଓ କେନାଲ, ବନ୍ଧ ଇତ୍ୟାଦି ମରାମତି କରାଯିବା ବିଷୟ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି ।

## ପ୍ରତ୍ନତାତ୍ତ୍ୱିକ ଆବିଷ୍କାର

ଖଡ଼କେଇ ନଦୀର ବନ୍ୟା ଫଳରେ ଯେପରି ୬୦୦ ଟି ପ୍ରାଚୀନ ରୌପ୍ୟ ମୁଦ୍ରା ମିଳିଥିଲା ମୟୂରଭଞ୍ଜର ପୂର୍ବାଂଶରେ ବଲଙ୍ଗ ନଦୀର ବନ୍ୟା ଫଳରେ ମଧ୍ୟ କେତେଗୁଡ଼ିଏ ଐତିହାସିକ ମୁଦ୍ରା ଓ ମୂର୍ତ୍ତି ମିଳିଅଛି । ଷ୍ଟେଟ ଆରକିଓଲଜିଷ୍ଟଙ୍କ ରିପୋର୍ଟରୁ ଜଣାଯାଏ ଯେ ବଡ଼ସାହି ଥାନା ଇଲାକା ଖୁଣ୍ଟାପାଳ ଗ୍ରାମ ନିକଟରେ ବନ୍ୟାଜଳ ବଲଙ୍ଗ ନଦୀର ଦକ୍ଷିଣ କୂଳ ଧୋଇ ନେଇଯିବା ଫଳରେ କେତେଗୁଡ଼ିଏ ପିତ୍ତଳର ଜୈନ ତୀର୍ଥଙ୍କର ଓ ଶାସନ-ଦେବୀଙ୍କ ମୂର୍ତ୍ତି ଆବିଷ୍କୃତ ଓ ସଂଗୃହୀତ ହୋଇଅଛି । କୂଳର ମାଟି ଧୋଇ ଯିବାରେ ଯେଉଁ ପୁରୁଣା ଇଟାଗାନ୍ଥଣି ଦେଖା ଯାଉଅଛି ତାହା ଖୋଲାଗଲେ ଦଶମ ଓ ଏକାଦଶ ଶତାବ୍ଦୀର ମୂଲ୍ୟବାନ ସ୍ମୃତିଚିହ୍ନ ମଧ୍ୟ ପାଇବାର ଆଶା କରାଯାଏ ।


ଉକ୍ତ ସ୍ଥାନର ପ୍ରାୟ ୫ ମାଇଲ ତଳକୁ ଶେରସାହଙ୍କ ଅମଳର ୧୭ ଗୋଟି ରୌପ୍ୟ-ମୁଦ୍ରା ମିଳିଅଛି । ଏହି ମୁଦ୍ରା ଗୁଡ଼ିକ ଗୋଟିଏ ମାଟିର ପାତ୍ର ଭିତରେ ଥିଲା । ବନ୍ୟା ଛାଡ଼ିଯିବା ପରେ ଡଙ୍ଗରା ଗ୍ରାମର ଜଣେ କୃଷକ ଦୈବାତ୍ ଉପସ୍ଥିତ ହୋଇ ପାତ୍ରଟି ମାଟିରେ ଲାଗି ରହିଥିବାର ଦେଖି କୌତୂହଳ ବଶତଃ ବାଡ଼ିରେ ଠୁଙ୍କି ଦେଲା । ପାତ୍ରଟି ଭାଙ୍ଗି ଯିବାରୁ ମୁଦ୍ରା-ଗୁଡ଼ିକ ଦେଖାଗଲା ।



Digitized by srujanika@gmail.com


## କୃଷିକାର୍ଯ୍ୟର ଉନ୍ନତି

ମୟୂରଭଞ୍ଜ ସରକାର କୃଷି ବିଭାଗର କାର୍ଯ୍ୟର ପରିସର କ୍ରମଶଃ ପାଞ୍ଚପୀଠ ଓ ବାମନଘାଟି ସବ୍‌ଡିଭିଜନ ପର୍ଯ୍ୟନ୍ତ ବଢାଇ ଦେବାର ସ୍ଥିର କରିଅଛନ୍ତି । ପୂର୍ଣ୍ଣଚନ୍ଦ୍ର-ସ୍ମୃତି-ବୃତ୍ତିପାଣ୍ଠିରୁ



ସଂକର୍ଗ୍ରାମର ଏକ ରବି କ୍ଷେତ । ଡେଭଲପ୍‌ମେଣ୍ଟ ବିଭାଗର ଡାଇରେକ୍ଟର ମହୋଦୟ ସାନ୍ତାଳ କୃଷକମାନଙ୍କ ସହିତ ଆଳାପ କରୁଅଛନ୍ତି ।

ସାହାଯ୍ୟ ପାଇ କୃଷିଶିକ୍ଷା ଗ୍ରହଣ କରିଥିବା ଦୁଇଜଣ ଛାତ୍ରଙ୍କୁ ଏହି ସବଡିଭିଜନ ଦ୍ୱୟରେ କାର୍ଯ୍ୟ କରିବା ପାଇଁ କୃଷି ଓଭରସିଅର ରୂପେ ନିଯୁକ୍ତ କରାଯାଇଅଛି ।



କୋଧନା ପୀଢ଼ର ଏକ ଗ୍ରାମରେ ବନ୍ଧା ଜଳ ସେଚନରେ ହୋଇଥିବା ୨୧୩ ନମ୍ବର କଇମ୍ବାଟୋର ଆଖୁ କ୍ଷେତ ।

ଉକ୍ତ ବିଭାଗର କାର୍ଯ୍ୟ ବର୍ତ୍ତମାନ କେବଳ ସଦର ଓ କପ୍ତିପଦା ସବଡିଭିଜନ ମଧ୍ୟରେ ପରୀକ୍ଷାସ୍ୱରୂପ ଆବଦ୍ଧ ଅଛି । ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ ଶିକ୍ଷା ଦେବା ଓ ମୂଲ୍ୟବାନ ଫସଲ ଗୁଡିକୁ ଲୋକମାନଙ୍କ ମଧ୍ୟରେ ଆଦରଣୀୟ କରିବା ଦିଗରେ କୃଷି ବିଭାଗ ବିଶେଷ କୃତକାର୍ଯ୍ୟ ହୋଇ ଥିବାର ଅନୁମିତ ହୁଏ ।

## ମୟୂରଭଞ୍ଜର ଅର୍ଥନୈତିକ ପରାମର୍ଶଦାତା

ଡକ୍ଟର ଏସ୍. ମୁଖାର୍ଜି, ଏମ୍. ଏ. (କେଲ), ଡକ୍ଟର-ଏସ-ଲେଟ୍ରେସ (ପାରି) ଗତ ଅଗଷ୍ଟ ମାସ ୨୭ ତାରିଖ ଠାରୁ ମୟୂରଭଞ୍ଜର ଅର୍ଥନୈତିକ ପରାମର୍ଶଦାତା ନିଯୁକ୍ତ ହୋଇଅଛନ୍ତି ।

## ମହାରାଣୀଙ୍କ ଦାନ

ମୟୂରଭଞ୍ଜର ମାନନୀୟା ବଡ଼ ମହାରାଣୀ (ପୁଣ୍ୟଶ୍ଳୋକ ସ୍ୱର୍ଗତ ଲେଫ୍‌ଟେନେଣ୍ଟ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ପତ୍ନୀ) ଅଳ୍ପଦିନ ହେଲା ବାରିପଦାର ଜେନାନା ହାସପାତାଳକୁ ରୋଗୀମାନଙ୍କର ଚିତ୍ତବିନୋଦନ ପାଇଁ ଗୋଟିଏ ଉତ୍କୃଷ୍ଟ ଧରଣର ରେଡ଼ିଓ ଦାନ କରିଅଛନ୍ତି । ରୋଗରୁ ଆରୋଗ୍ୟ ଲାଭ ପାଇଁ ଆନନ୍ଦ ଓ ଶାନ୍ତି ଲୋଡ଼ା । ରୋଗୀମାନେ ନିଜ ନିଜର ଘରଦ୍ୱାର ଓ ବନ୍ଧୁ-ବାନ୍ଧବ ମାନଙ୍କୁ ଛାଡ଼ି ହାସପାତାଲରେ ଥିଲାବେଳେ ଏବଂ ଉଭୟ ମାନସିକ ଓ ଶାରୀରିକ ଅବସାଦ ଭୋଗ କରୁଥିଲା ବେଳେ ଏହି ବେତାରଯନ୍ତ୍ରରୁ ସେମାନେ କଥଞ୍ଚିତ୍ ଆନନ୍ଦ ଓ ଶାନ୍ତି ପାଇ ପାରିବେ ଏଥିରେ ସନ୍ଦେହ ନାହିଁ ।

ଉକ୍ତ ହାସପାତାଳଟି ୧୯୩୮ ସାଲରେ ଟ ୭୦,୮୩୫ ଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ଓ ସେହିବର୍ଷ ସେପ୍ଟେମ୍ବର ୬ ତାରିଖରେ ମାନନୀୟା ମହାରାଣୀ ତାହାର ଦ୍ୱାରୋଦ୍‌ଘାଟନ କାର୍ଯ୍ୟ ସମ୍ପାଦନ କରିଥିଲେ । ହାସପାତାଳଟି ଗୋଟିଏ ଦୋତାଲା କୋଠାରେ ଅବସ୍ଥିତ ଏବଂ ଆଧୁନିକ ସକଳ ସାଜସରଞ୍ଜାମରେ ପରିପୂର୍ଣ୍ଣ । ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ଏହା ଏ ଧରଣର ଏକ ବିଶିଷ୍ଟ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନାହିଁ ।

## ଗ୍ରାମ-ସଂଗଠନ ଶିକ୍ଷା

କୃଷି ଓ କୁଟୀର-ଶିଳ୍ପ ଶିକ୍ଷା ଲାଭ କରିବା ନିମିତ୍ତ ଗୋସାବା ଗ୍ରାମ ସଂଗଠନ ଅନୁଷ୍ଠାନର ୬୦ ଜଣ ଛାତ୍ର କେତେକ ଶିକ୍ଷକଙ୍କ ସହିତ ଗତ ଅଗଷ୍ଟ ୧୮ ତାରିଖରେ ବାରିପଦାରେ ପହଞ୍ଚିଥିଲେ । ଷ୍ଟେଟର କୃଷି ଓ ଶିଳ୍ପ ବିଭାଗ ସେମାନଙ୍କର ଶିକ୍ଷାର ସୁବନ୍ଦୋବସ୍ତ କରି ଦେଇଥିଲେ । ଶିକ୍ଷା ଉଦ୍ଦେଶ୍ୟରେ ରାଜ୍ୟରେ ଭ୍ରମଣ କରିବା ସମୟ ମଧ୍ୟରେ ସେମାନେ ପୂର୍ଣ୍ଣଚନ୍ଦ୍ର ଶିଳ୍ପସଦନ, ବାରିପଦା କେନ୍ଦ୍ର ଜେଲ ଓ ତତ୍‌ସଲଗ୍ନ ଗୋପାଳନାଗାର ଓ ପକ୍ଷୀପାଳନ କେନ୍ଦ୍ର, ରାଣୀବାଗ ବଗିଚା, ଶ୍ୟାମାଖୁଣ୍ଟା ଓ ତଖତ୍‌ପୁର କୃଷି ଫାର୍ମ, ଚନ୍ଦନପୁର ଲୁଗାବୁଣା କେନ୍ଦ୍ର ଓ ଅନ୍ୟାନ୍ୟ ଶିକ୍ଷାପ୍ରଦ ଅନୁଷ୍ଠାନ ଗୁଡ଼ିକ ଦେଖିଥିଲେ ।




Digitized by srujanika@gmail.com

## ଫୁଟବଲ ଖେଳ

ମୟୂରଭଞ୍ଜ ଏଥ୍‌ଲେଟିକ ଏସୋସିଏସନଙ୍କ ଉଦ୍ୟୋଗରେ ଏବର୍ଷ ପୂର୍ଣ୍ଣଚନ୍ଦ୍ର-ସ୍ମୃତି-ଫୁଟବଲ କ୍ରୀଡ଼ା-ପ୍ରତିଯୋଗିତା ଓ ଶ୍ରୀରାମଚନ୍ଦ୍ର ସ୍ମୃତି-କ୍ରୀଡ଼ା-ପ୍ରତିଯୋଗିତା ଯଥାକ୍ରମେ ଅଗଷ୍ଟ ୧୬ ଓ ୧୫ ତାରିଖରେ ଆରମ୍ଭ ହୋଇଥିଲା । ପୁରୀ ଜିଲ୍ଲାସ୍କୁଲ, ବାଲେଶ୍ୱର ଖ୍ରୀଷ୍ଟିଆନ ହାଇସ୍କୁଲ, କଟକ ମୋସଲେମ୍ ସେମିନାରୀକୁ ନେଇ ମୋଟରେ ୫ ଟି ଟିମ୍ ସ୍କୁଲ ପ୍ରତିଯୋଗିତାରେ ଯୋଗ ଦେଇଥିଲେ । ଏହାର ଶେଷ ଖେଳ କଟକ ମୋସଲେମ୍ ସେମିନାରୀ ଓ ବାରିପଦା ହାଇସ୍କୁଲ (ଏ) ମଧ୍ୟରେ ହୋଇଥିଲା । ମୋସଲେମ ସେମିନାରୀ ବାରିପଦାକୁ ଗୋଟିଏ ଗୋଲରେ ଜିତି ଶିଲ୍ଡ ନେଲେ । ଖେଳ ଆରମ୍ଭ ହେବାର ବାର ମିନିଟ ପରେ ମୋସଲେମ ସେମିନାରୀ ଟିମର ସେଣ୍ଟାର ଫରୱାର୍ଡ଼ ଏ. ମଜିଦ ମଝି ପଡ଼ିଆରୁ ବଲ ନେଇ ଓ ବିପକ୍ଷମାନଙ୍କୁ କୌଶଳର ସହିତ ଅତିକ୍ରମ କରି ଗୋଲଟି ଦେଇଥିଲେ ।

ଶ୍ରୀଯୁକ୍ତ ଲାଲମୋହନ ପତିଙ୍କ କ୍ଷୁଦ୍ର ବକ୍ତୃତା ପରେ ମୟୂରଭଞ୍ଜର ଦେବାନ ମେଜର ବି. ପି. ପାଣ୍ଡେ ବିଜେତାମାନଙ୍କୁ ଶିଲ୍ଡ ପ୍ରଦାନ କରିଥିଲେ ।



ଶ୍ରୀରାମଚନ୍ଦ୍ର ଫୁଟବଲ ପ୍ରତିଯୋଗିତାର ଶେଷ ଉତ୍ସବରେ ଶ୍ରୀମନ୍ ମହାରାଜା ମହୋଦୟ ବିଜେତାମାନଙ୍କୁ ଶିଲ୍ଡ ପ୍ରଦାନ କରିଥିଲେ ।

ଶ୍ରୀରାମଚନ୍ଦ୍ର-ସ୍ମୃତି-ଫୁଟବଲ ପ୍ରତିଯୋଗିତାରେ ଏବର୍ଷ ୨୧ ଗୋଟି ଟିମ୍ ଯୋଗ ଦେଇଥିଲେ । ଗତବର୍ଷ ଏ ପ୍ରତିଯୋଗିତାରେ ୧୮ ଟି ଟିମ୍ ଯୋଗ ଦେଇଥିଲେ । ସ୍ଥାନୀୟ ୭ ଗୋଟି ଟିମ୍ ଛଡ଼ା କଟକ, ବାଲେଶ୍ୱର, ଗୁରୁମହିଷାଣୀ, ଜାମସେଦପୁର ଓ ଖଡ଼ଗପୁରର ଟିମ୍‌ଗୁଡ଼ିକ ଉପରୋକ୍ତ ୨୧ ଟି ଟିମର ଅନ୍ତର୍ଭୁକ୍ତ ।

ଏ ପ୍ରତିଯୋଗିତାର ଶେଷ ଖେଳ ସେପ୍ଟେମ୍ବର ୭ ତାରିଖରେ ହୋଇଥିଲା । ଶ୍ରୀମନ୍ ମହାରାଜା ମହୋଦୟ, ରାଜ୍ୟମନ୍ତ୍ରୀ ସାହେବ, ଦେବାନ ସାହେବ ଓ ବହୁ ସଂଖ୍ୟକ ଦର୍ଶକ ଖେଳ ପଡ଼ିଆରେ ଉପସ୍ଥିତ ଥିଲେ । ଖଡ଼ଗପୁର ଇଣ୍ଡିଆନ ସ୍ପୋର୍ଟିଂ (ଏ) ଓ ଜାମସେଦପୁର ଅଲ୍ଡ ସ୍ପୋର୍ଟିଂ ଇଉନିୟନ ମଧ୍ୟରେ ଏହି ଖେଳ ହୋଇଥିଲା । ଇଣ୍ଡିଆନ ସ୍ପୋର୍ଟିଂ ଟିମର ଖେଳ ବେଶ୍ କୌଶଳ ପୂର୍ଣ୍ଣ ଓ ଉନ୍ନତ ଥିଲା ଏବଂ ସେମାନେ ଅକ୍ଲେଶରେ ବିପକ୍ଷମାନଙ୍କୁ ୩ ଗୋଟି ଗୋଲ ଦେଇ ଜିତିଲେ । ସେମାନଙ୍କର ଫରୱାର୍ଡ଼ ଯୋଶେଫ୍ (Left in) ସମସ୍ତ ଖେଳୁଆଡ଼ଙ୍କ ମଧ୍ୟରେ ଶ୍ରେଷ୍ଠ ଓ ସେ ୩ ଗୋଟି ଯାକ ଗୋଲ ଦେବାରେ ସହାୟତା କରିଥିଲେ ।

ଖେଳ ଶେଷରେ ଶ୍ରୀମନ୍ ମହାରାଜା ମହୋଦୟ ବିଜେତାମାନଙ୍କୁ ଶିଲ୍ଡ ପ୍ରଦାନ କରିଥିଲେ ।



Digitized by srujanika@gmail.com

ବ୍ରାହ୍ମଣଘାଟୀ ସବ୍-ଡିଭିଜନର କେନ୍ଦ୍ର ରାଇରଙ୍ଗପୁର ଠାରେ ଧୃତିଚନ୍ଦ୍ର ମେମୋରିଏଲ କବ ତରଫରୁ ଅଉ ଏକ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା ।

## ଯୁଦ୍ଧ-ପାଣ୍ଠି ପାଇଁ ଫୁଟବଲ ଖେଳ

ଶ୍ରୀମନ୍ ମହାରାଜା ମହୋଦୟଙ୍କ ଅନୁକୂଲ୍ୟରେ ଯୁଦ୍ଧ-ପାଣ୍ଠିକୁ ସାହାଯ୍ୟ କରିବା ପାଇଁ କଲିକତାର ବିଖ୍ୟାତ ଏରିଆନ ଟିମ ଓ ମୟୂରଭଞ୍ଜ ଏଥ୍‌ଲେଟିକ ଏସୋସିଏସନର ୧୧ ଜଣ ଶ୍ରେଷ୍ଠ ଖେଳାଳୀଙ୍କୁ ନେଇ ସେପ୍ଟେମ୍ବର ମାସ ୮ ତାରିଖରେ ଗୋଟିଏ ପ୍ରଦର୍ଶନୀ ଖେଳ ହୋଇଥିଲା । ଅନେକ ଲୋକ ଏହି ଖେଳ ଦେଖିବାକୁ ଆସିଥିଲେ ଓ ଦର୍ଶକମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖା ଯାଇଥିଲା । ଶେଷ ମୁହୂର୍ତ୍ତରେ ଗୋଟିଏ ଗୋଲ ଦେଇ ସ୍ଥାନୀୟ ଟିମ ଜିତିଲେ ।

ଶ୍ରୀମନ୍ ମହାରାଜା ମହୋଦୟ ଉଭୟ ଟିମ୍‌ର ଖେଳୁଆଡ଼ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ଜାତୀୟ ପ୍ରାର୍ଥନା ଦିବସ

ସେପ୍ଟେମ୍ବର ୮ ତାରିଖ ରବିବାର (ଯୁଦ୍ଧ ଆରମ୍ଭ ହେବାର ବର୍ଷକ ପରେ ପ୍ରଥମ ରବିବାର) ଜାତୀୟ ପ୍ରାର୍ଥନା ଦିବସ ରୂପେ ସର୍ବତ୍ର ପାଳନ କରିବା ପାଇଁ ମହାମହିମ ଭାରତ ସମ୍ରାଟ ଯେଉଁ ଆଦେଶ ଦେଇଥିଲେ ତଦନୁଯାୟୀ ମୟୂରଭଞ୍ଜ ବ୍ରିଟିଶ ରାଜ୍ୟ-ଗୋଷ୍ଠୀ ସହିତ ଉକ୍ତ ଦିନକୁ ବିଶେଷ ପବିତ୍ରତାର ସହିତ ପାଳନ କରିଥିଲେ ।

ମନ୍ଦିରମାନଙ୍କରେ ପୂଜା ହୋଇଥିଲା ଏବଂ ରାଜ୍ୟର ପ୍ରତ୍ୟେକ ଧର୍ମାନୁଷ୍ଠାନରେ ନାତ୍ସୀ ଅତ୍ୟାଚାରର ଧ୍ୱଂସ ଓ ବ୍ରିଟିଶ ଶକ୍ତିର ବିଜୟ ପାଇଁ ପ୍ରାର୍ଥନା କରା ଯାଇଥିଲା । ହିନ୍ଦୁମାନେ ଜଗନ୍ନାଥ ମନ୍ଦିରରେ ସମବେତ ହୋଇ ପ୍ରାର୍ଥନା କରିଥିଲେ । ବାରିପଦାର ମସଜିଦ୍ ଆଲୋକମାଳାରେ ବିଭୂଷିତ ହୋଇଥିଲା ଏବଂ ସେଠାରେ ଗରିବମାନଙ୍କ ମଧ୍ୟରେ ଫଳ ଓ ମିଷ୍ଟାନ୍ନ ବଣ୍ଟା ଯାଇଥିଲା ।

## ମହାରାଜାଙ୍କ ନିବେଦନ

ସେପ୍ଟେମ୍ବର ୭ ତାରିଖ ଶନିବାର ଦିନ ସେକ୍ରେଟେରିଏଟ୍ ପ୍ରକୋଷ୍ଠରେ ଶ୍ରୀମନ୍ ମହାରାଜା ମହୋଦୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଯୁଦ୍ଧ ଉଦ୍ୟମ ଦିଗରେ ଅଧିକତର ସାହାଯ୍ୟ କରିବା ପାଇଁ ସେ ପ୍ରଜାମାନଙ୍କୁ ନିବେଦନ କରି ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଥିଲେ ।

"ଏହି ଗୁରୁତ୍ୱପୂର୍ଣ୍ଣ ମହା ସମରରେ ଏପରି କୌଣସି ସଭ୍ୟ ଦେଶ ନାହିଁ ଯାହା ଏଥିରୁ ଅଲଗା ରହି ନିର୍ଲିପ୍ତ ଦର୍ଶକ ଭାବରେ ଯୁଦ୍ଧ ଲକ୍ଷ୍ୟ କରୁଥିବ । ବର୍ତ୍ତମାନ ପ୍ରକୃତରେ ଯେଉଁ ଯୁଦ୍ଧ ଚାଲିଛି ତାହା ଦୁଇ ଜାତି ମଧ୍ୟରେ ଯୁଦ୍ଧ ନୁହେଁ ମାତ୍ର ତାହା ଆଦର୍ଶର ସଂଘର୍ଷ ।"

ସେ ଆହୁରି ମଧ୍ୟ କହିଲେ "ଯୁଦ୍ଧର ଦାୟିତ୍ୱ କଳନାର ଭାର ବର୍ତ୍ତମାନ ରାଜନୀତିକ ପଣ୍ଡିତଙ୍କ ହାତରେ ଛାଡ଼ି ଦିଆଯାଉ । ସେମାନେ ନିଜ ମସ୍ତିଷ୍କରେ ଯୁଦ୍ଧ ଏଡ଼ିବା ନ ଏଡ଼ିବା କଥା ଭାବନ୍ତୁ । କାର୍ଯ୍ୟକାରୀ ମନୁଷ୍ୟ ହିସାବରେ ଆମ୍ଭେମାନେ ଯୁଦ୍ଧର ବିଜୟ ସହିତ ସମ୍ପୃକ୍ତ ଓ ନାତ୍ସୀ ଅଧିକାର ଦୌରାତ୍ମ୍ୟରେ ବାସ କରୁଥିବା ସ୍ୱାଧୀନତାକାମୀ ବ୍ୟକ୍ତିଙ୍କ ଭୟର ନିରାକରଣହିଁ ଆମ୍ଭମାନଙ୍କ କର୍ତ୍ତବ୍ୟ ।"

"ଏ ଅବସ୍ଥାରେ ଯୁଦ୍ଧରେ ବ୍ରିଟିଶର ବିଜୟ ପାଇଁ ଆମେ ଯେଉଁ ଉଦ୍ୟମ କରିବୁଁ ତା ଆମ ଦେଶର ରକ୍ଷାପାଇଁ ମଧ୍ୟ ହେବ । ଆମ୍ଭମାନଙ୍କର ନିରାପତ୍ତା ଓ ଶାନ୍ତି ବ୍ରିଟିଶ ଅସ୍ତ୍ରର ବିଜୟରେ ନିର୍ଭର କରେ ଓ ଆମର ସ୍ୱାର୍ଥ ଗ୍ରେଟ ବ୍ରିଟେନର ସ୍ୱାର୍ଥ ସହିତ ଏଭଳି ଜଡ଼ିତ ଯେ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ଦେଖିବା କେବଳ ରାଜନୀତିକ ଅତିପାଣ୍ଡିତ୍ୟ ମାତ୍ର ।"

ଏ ପ୍ରସଙ୍ଗରେ ଶ୍ରୀମନ୍ ମହାରାଜା ମହୋଦୟ ଜଣାଇଥିଲେ ଯେ ସେ ମହାମାନ୍ୟ ସମ୍ରାଟଙ୍କ ନିକଟରେ ତାଙ୍କର ବ୍ୟକ୍ତିଗତ ସେବା ଓ ରାଜ୍ୟର ସମସ୍ତ ଧନ ସମ୍ପତ୍ତି ଅର୍ପଣ କରିଅଛନ୍ତି । ସେ ଗୋଟିଏ ଉଡ଼ାଜାହାଜ ଦାନ କରିଅଛନ୍ତି ଏବଂ ଅନ୍ୟାନ୍ୟ କେତେକ ଦାନ ଛଡ଼ା ଟ ୭୨,୫୦୦ ଙ୍କା ମୂଲ୍ୟର ଭାରତ-ରକ୍ଷା-ଋଣ କ୍ରୟ କରି ସାରିଛନ୍ତି ।

ଯୁଦ୍ଧ ଉଦ୍ୟମ କାର୍ଯ୍ୟ ପାଇଁ ଏହି ସଭାରେ ମହାରାଜାଙ୍କ ସଭାପତିତ୍ୱରେ ଯେଉଁ କମିଟି ଗଠିତ ହେଲା ତହିଁରେ ମେଜର ବି. ପି. ପାଣ୍ଡେ ଉପ-ସଭାପତି ଏବଂ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଏସ. ମୁଖାର୍ଜି, ଚିଫ୍ ରେଭିନ୍ୟୁ ଅଫିସର ମୌଲବି ମହମ୍ମଦ ଗିଆସୁଦ୍ଦିନ ଓ ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟର ଡାଇରେକ୍ଟର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ ସଭ୍ୟରୂପେ ରହିଲେ । ଏହି କମିଟିକୁ ବିଭିନ୍ନ ଗୋଷ୍ଠୀ ଓ ସ୍ୱାର୍ଥର ପ୍ରତିନିଧିମୂଳକ କରିବା ଉଦ୍ଦେଶ୍ୟରେ ଅନ୍ୟ ସଭ୍ୟ କମିଟିଭୁକ୍ତ କରିବା ଲାଗି ସଭ୍ୟମାନଙ୍କୁ ଅଧିକାର ଦିଆଗଲା ।

ମହାରାଜାଙ୍କର ପୂର୍ଣ୍ଣ ଅଭିଭାଷଣ ଏହି ସଂଖ୍ୟାର ଅନ୍ୟତ୍ର ପ୍ରକାଶିତ ହୋଇଅଛି ।

## ମହାମହିମ ଭାରତ ସମ୍ରାଟଙ୍କଠାକୁ ମହାରାଜାଙ୍କର ଅଭିନନ୍ଦନ ବାର୍ତ୍ତା

ଜର୍ମାନ ଉଡ଼ାଜାହାଜ ଦ୍ୱାରା ବାକିଂହାମ ରାଜପ୍ରାସାଦରେ ବୋମା ବର୍ଷଣ ରୂପ ବିପତ୍ତିରୁ ସମ୍ରାଟ ଓ ସାମ୍ରାଜ୍ଞୀ ନିରାପଦରେ ରକ୍ଷାଲାଭ କରିଥିବାରୁ ମହାରାଜା ମହୋଦୟ ନିଜର ଓ ପ୍ରଜାମାନଙ୍କର ଗଭୀର ଆନନ୍ଦ ଓ ଅଭିନନ୍ଦନ ବାର୍ତ୍ତା ସମ୍ରାଟ ଓ ସମ୍ରାଜ୍ଞୀଙ୍କୁ ଜଣାଇ ଦେବା ପାଇଁ ବଡ଼ଲାଟଙ୍କୁ ଅନୁରୋଧ କରି ଏକ ପତ୍ର ଲେଖିଅଛନ୍ତି ।

## ମୟୂରଭଞ୍ଜ କେନ୍ଦ୍ର-ଯୁଦ୍ଧ-ଉଦ୍ୟମ କମିଟିର ବୈଠକ

ଗତ ସେପ୍ଟେମ୍ବର ମାସ ୨୩ ତାରିଖରେ ମୟୂରଭଞ୍ଜ ଷ୍ଟେଟ୍ ସେକ୍ରେଟେରିଏଟ୍‌ରେ ରାଜ୍ୟର ସବୁ ଗୋଷ୍ଠୀ, ସମ୍ପ୍ରଦାୟ ଓ ସ୍ୱାର୍ଥର ୪୧ ଜଣ ସଭ୍ୟଙ୍କ, ଘେନ ମୟୂରଭଞ୍ଜ ଯୁଦ୍ଧ-ଉଦ୍ୟମ

କମିଟିର ଗୋଟିଏ ବୈଠକ ହୋଇଥିଲା । ଶ୍ରୀମନ୍ ମହାରାଜା ମହୋଦୟ ସଭାପତି ହୋଇଥିଲେ ।

ଏ ସମ୍ପର୍କରେ ଇତିପୂର୍ବେ ଯେଉଁ ସଭା ହୋଇଥିଲା ସେଥିରେ ମହାରାଜା ମହୋଦୟ ଯେଉଁ ଅଭିଭାଷଣ ଦେଇଥିଲେ ତାହା ଉଭୟ ଇଂରାଜି ଓ ଓଡ଼ିଆ ଭାଷାରେ ପୁସ୍ତିକାକାରରେ ଛପା ହୋଇ ସଭ୍ୟମାନଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ଦେବାନ ମେଜର ବି. ପି. ପାଣ୍ଡେ ତାଙ୍କର ପ୍ରାରମ୍ଭିକ ମନ୍ତବ୍ୟରେ ଉକ୍ତ ଅଭିଭାଷଣ ପ୍ରତି ସଭ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ମହାରାଜା ମହୋଦୟଙ୍କ କଥା କାର୍ଯ୍ୟରେ ପରିଣତ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିବାଲାଗି ସେମାନଙ୍କୁ ଅନୁରୋଧ କରିଥିଲେ । ସେ କହିଲେ "ମନୁଷ୍ୟ, ଅର୍ଥ, ଅସ୍ତ୍ର ଶସ୍ତ୍ର ଓ ନୈତିକତାଦ୍ୱାରା ଯୁଦ୍ଧକୁ ସାହାଯ୍ୟ କରା ଯାଇପାରେ ।" ନୈତିକତା ରକ୍ଷା ଲାଗି ପ୍ରଚାରର ଆବଶ୍ୟକତା ମଧ୍ୟ ସେ ବୁଝାଇଥିଲେ ଓ ତତ୍ପରେ ସେ ମୟୂରଭଞ୍ଜ ଯୁଦ୍ଧ-ଉଦ୍ୟମ ପାଣ୍ଠିକୁ ଶ୍ରୀମନ୍ ମହାରାଜା ମହୋଦୟଙ୍କର ଟ୧୦୦୧ଙ୍କା ଓ ନିଜର ଟ୬୫୦ଙ୍କା ପରିମାଣର ଦାନ ଘୋଷଣା କରିଥିଲେ ।

ତତ୍ପରେ ଏହି ସଭା ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସଙ୍କ ଦ୍ୱାରା ପ୍ରସ୍ତାବିତ ଓ ଯଥାକ୍ରମେ ଶ୍ରୀଯୁକ୍ତ ଲାଲମୋହନ ପତି ଏବଂ ଶ୍ରୀଯୁକ୍ତ ସୁରେଶଚନ୍ଦ୍ର ଦାସଙ୍କ ଦ୍ୱାରା ଅନୁମୋଦିତ ଓ ସମର୍ଥିତ ଏକ କର୍ମ ପନ୍ଥା ଗ୍ରହଣ କରିଥିଲେ । ଏହି କର୍ମପନ୍ଥା ଅନୁସାରେ ରାଜ୍ୟର ଚାରି ସବ-ଡିଭିଜନରେ ଚାରୋଟି ଉପସମିତି ଗଠିତ ହେବ । ତହିଁରେ ୫ରୁ ୭ ଜଣ ପର୍ଯ୍ୟନ୍ତ ସଭ୍ୟ ରହିବେ ଏବଂ ସବ୍‌ଡିଭିଜନାଲ୍ ଅଫିସର ସଭାପତି ହେବେ ।

କାର୍ଯ୍ୟର ସୁପରିଚାଳନା ପାଇଁ କର୍ମପନ୍ଥାନୁଯାୟୀ କାର୍ଯ୍ୟ ନିର୍ବାହ କରିବା ନିମିତ୍ତ ୯ ଜଣ ନିର୍ବାଚିତ ସଭ୍ୟଙ୍କୁ ନେଇ ଗୋଟିଏ କାର୍ଯ୍ୟ-ନିର୍ବାହକ ସମିତି ଗଠିତ ହେଲା । ତହିଁରେ ଦେବାନ ସାହେବ ସଭାପତି ଓ ଅର୍ଥନୈତିକ ପରାମର୍ଶଦାତା ଉପ-ସଭାପତି, ମୌଲବି ମହମ୍ମଦ ଜାଇନୁଦ୍ଦିନ ଓ ଶ୍ରୀଯୁକ୍ତ ରାଧା ଗୋବିନ୍ଦ ଦାସ ଯୁଗ୍ମ ସମ୍ପାଦକ ଏବଂ ମିଷ୍ଟର୍ ଏଫ୍. ବି. ଗେଲଆଡ କୋଷାଧ୍ୟକ୍ଷ ହେଲେ ।

ଦେବାନ ସାହେବ ସଭା ତରଫରୁ ମହାରାଜାଙ୍କୁ ଧନ୍ୟବାଦ ଅର୍ପଣ କଲେ । ପରଶେଷରେ ସଭାସ୍ଥଳରେ ଉପସ୍ଥିତ ସଭ୍ୟମାନଙ୍କ ଅଙ୍ଗୀକୃତ ଦାନର ପରିମାଣ ଟ ୬,୧୯୯ ଙ୍କା ବୋଲି ଘୋଷଣା କରା ଯାଇଥିଲା ।

## ଶୋକ ସମ୍ବାଦ

ନନ୍ଦଗାଁ ଷ୍ଟେଟ୍‌ର ରାଜା ମହନ୍ତ ଶ୍ରୀ ସର୍ବେଶ୍ୱର ଦାସ ସେପ୍ଟେମ୍ବର ମାସ ୧୮ ତାରିଖରେ କଲିକତାଠାରେ ଇହଲୀଳା ସାଙ୍ଗ କଲେ । ତାଙ୍କର ଏହି ଅସାମୟିକ ମୃତ୍ୟୁରେ ଆମ୍ଭେମାନେ ଗଭୀର ଦୁଃଖ ପ୍ରକାଶ କରୁଅଛୁଁ ଏବଂ ରାଣୀ ସାହେବା ଓ ତାଙ୍କର ଶୋକସନ୍ତପ୍ତ ପରିବାରଙ୍କୁ ଗଭୀର ସମବେଦନା ଜ୍ଞାପନ କରୁଅଛୁଁ । ସ୍ୱର୍ଗତ ଆତ୍ମା ଚିରଶାନ୍ତି ଭୋଗକରୁ, ଏହାହିଁ ଆମ୍ଭମାନଙ୍କର ଭଗବାନଙ୍କ ଠାରେ ପ୍ରାର୍ଥନା ।

## ସ୍ୱର୍ଗତ ଜଗତ୍‌ମୋହନ୍ ସେନ୍

ଗତ ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ବାରିପଦା ଉଚ୍ଚ-ଇଂରେଜି ବିଦ୍ୟାଳୟର ସହକାରୀ ଶିକ୍ଷକ ବାବୁ ଜଗତ୍ ମୋହନ ସେନଙ୍କ ୩୫ ବର୍ଷ ବୟସରେ ଅକାଳ ଓ ଆକସ୍ମିକ ବିୟୋଗ ଘଟି ଯାଇଅଛି । ତାଙ୍କର ବିୟୋଗରେ କେବଳ ବାରିପଦା ହାଇ ସ୍କୁଲ୍ କାହିଁକି ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କର ପ୍ରଭୂତ ଅପୂରଣୀୟ କ୍ଷତି ହୋଇଅଛି । ତାଙ୍କର ଜନ୍ମସ୍ଥାନ କଟକ ଜିଲ୍ଲା । ମାତ୍ର ଅଳ୍ପଦିନ ତଳେ ସେ ମୟୂରଭଞ୍ଜର ଚାକରୀରେ ନିଯୁକ୍ତ ହୋଇଥିଲେ । କିନ୍ତୁ ସେହି ସ୍ୱଳ୍ପ କାଳ ମଧ୍ୟରେ ନାନାସଦ୍‌ଗୁଣ ଓ ପ୍ରତିଭା ଦ୍ୱାରା ସେ ଲୋକପ୍ରିୟ ହୋଇ ପାରିଥିଲେ । ସେ ଅର୍ଥ ପାଇଁ ଚାକିରି ଗ୍ରହଣ କରି ନ ଥିଲେ । ତାଙ୍କ ଜୀବନର ପ୍ରିୟତମ ବିଳାସ ଯେଉଁ ସାହିତ୍ୟ ସେବା ତାହା ସାଧନ କରିବା ପାଇଁ ଶିକ୍ଷକତା କାର୍ଯ୍ୟ ତାଙ୍କୁ ସୁଯୋଗ ଓ ଅବକାଶ



ସ୍ୱର୍ଗତ ଜଗତ୍ ମୋହନ ସେନ୍

ଦେଉଥିଲା । ସେ ବିଜ୍ଞାନ ଗ୍ରେଜୁଏଟ୍ ହେଲେ ହେଁ ସୂକ୍ଷ୍ମକଳା ଓ ସାହିତ୍ୟ ଚର୍ଚ୍ଚାରେ ତାଙ୍କର ଦକ୍ଷତା ଥିଲା । ସଂସ୍କୃତ, ବଙ୍ଗଳା ଓ ଓଡ଼ିଆ ଏ ତିନୋଟି ଭାଷା ସେ ସମାନ ଭାବରେ ଆୟତ୍ତ କରିଥିଲେ । ଓଡିଆ ଓ ବଙ୍ଗଳା ଉଭୟ ସାହିତ୍ୟର ନାନା ବିଭାଗରେ ସେ ଲେଖନୀ ଚାଳନା କରି ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଲେଖାର ମନୋହର ଶୈଳୀ, ମାଧୁର୍ଯ୍ୟ ଓ ହାସ୍ୟରସ ଦ୍ୱାରା ସମୃଦ୍ଧି ଲଭିଥିଲା । ଏକାଧାରରେ ଶିଳ୍ପୀ ଓ କଳା-ସମାଲୋଚକ ଥିବାରୁ ଅନେକ ପତ୍ରିକାରେ ତାଙ୍କ ଲେଖା ସ୍ଥାନ ପାଇଥିଲା । ଆମ୍ଭମାନଙ୍କର ଏହି ତ୍ରୈମାସିକ ପତ୍ରିକାର ଅନ୍ୟତ୍ର ତାଙ୍କର ଶେଷ ଲେଖା ପ୍ରକାଶିତ ହୋଇଅଛି । ମାତ୍ର ଏଣିକି ଏ ପତ୍ରିକା [illegible]ଗତ ବାବୁଙ୍କର ମୂଲ୍ୟବାନ୍ ଚିତ୍ର ଓ ପ୍ରବନ୍ଧରୁ ଚିରକାଳ [illegible] ବଞ୍ଚିତ ହୋଇ ରହିବ ।

ମୟୂରଭଞ୍ଜ ଷ୍ଟେଟ ପ୍ରେସରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

# CALCITHRIC VITAMIN 'D'

*Triple Salts of Calcium with 25 Units of Vitamin 'D'*

*for*

RICKETS, SCROFULA, TUBERCULOSIS AND

**ALL WASTING DISEASES**

# EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

---

## ଦେଶ ରକ୍ଷା ନିମନ୍ତେ ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରନ୍ତୁ

ଡିଫେନ୍ସ ଲୋନ କିଣିଲେ ଆପଣ ଦେଶ ରକ୍ଷା ବ୍ୟବସ୍ଥାରେ ସାହାଯ୍ୟ କରି ପାରିବେ । ଆପଣଙ୍କର ଦେଶ ସୁରକ୍ଷିତ ହେଲେ ଆପଣଙ୍କର ଘର, ପରିବାର-ବର୍ଗ ଓ ବିଷୟ-ସମ୍ପତ୍ତି ନିରାପଦ ରହିବ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରିବା ସର୍ବାପେକ୍ଷା ନିରାପଦ, କାରଣ ସୁଧ ସହ ପରିଶୋଧର ଦାୟିତ୍ୱ ଗଭର୍ଣ୍ଣମେଣ୍ଟ ନେଇ ଅଛନ୍ତି । ଏଥିରେ ଅର୍ଥ ନିୟୋଗ କଲେ ଦେଶ-ସେବା ଓ ସଞ୍ଚିତ ଅର୍ଥର ନିରାପତ୍ତା ଏହି ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ଏଥିଲାଗି ଆପଣଙ୍କୁ କୌଣସି ପ୍ରକାର ସ୍ୱାର୍ଥତ୍ୟାଗ କରିବାକୁ ହେବ ନାହିଁ । ଏହା ଆପଣଙ୍କର ଅର୍ଥ ସଞ୍ଚୟରେ ସାହାଯ୍ୟ କରିବ ଏବଂ ଶେୟାର ବଜାରରେ ହ୍ରାସବୃଦ୍ଧିର ସହିତ ଏହାର କୌଣସି ସମ୍ବନ୍ଧ ରହିବ ନାହିଁ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କଲେ ଆପଣ, ଆପଣଙ୍କର ଅର୍ଥ, ପରିବାର-ବର୍ଗ ଓ ଦେଶ ସମସ୍ତ ସୁରକ୍ଷିତ ହେବ ।

---

# BHOLANATH DUTT & SONS

## THE PREMIER PAPER HOUSE OF INDIA

...: "PRIVILEGE" CALCUTTA. - PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*Branches* :—134 & 135 Old China Bazar Street, Calcutta. 64 Harrison Road, Calcutta. ...t Road, Allahabad. Chawk Benares. 58 Patuatuly, Dacca.

# ମୟୂରଭଞ୍ଜର

ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

## ମୟୂରଭଞ୍ଜର ବୁଣା କାମ

ଅନେକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ** ଓ **ସୂତା** ନିର୍ମିତ ପଦାର୍ଥମାନ

## କୁଟୀର ଶିଳ୍ପ

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**

୨। ତନ୍ତ ବୁଣା **ଟର୍କି ଗଦି** ଏବଂ **ବିଛୁଣା ଗଦି**

୩। କପାସୂତାର **ଗାଲିଚା** ଓ ଅଭଙ୍ଗା କଣ୍ଢେଇ

୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

## ବନ୍ୟଜାତ ଦ୍ରବ୍ୟ

୧। **ହାତୀଦାନ୍ତ**

୨। **ବୋଟେଗଇ ଟସର**

୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

Digitized by srujanika@gmail.com

# ଭଞ୍ଜପ୍ରଭାତ

ବାରିପଦା, ପୌଷ ୧୩୪୮



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW SANITARY ENGINEERS — CALCUTTA

**Mayurbhanj Law Reporter**

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

**J. N. CHUNDER & BROS.**

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual* - | *Rs. 0-12-0* | *(post free)* |
| | *1-4-0* | *(with postage* |
| *Price per copy ,,* | *0-3-0* | *[illegible] free)* |
| *,,* | *0-5-0* | *(with [illegible]* |

*Manager*—N. C. SA[illegible]YAL,

Digitized by srujanika@gmail.com

# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।



ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗାଙ୍ଗ୍ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୭୭/୪ ଷ୍ଟ୍ରାଣ୍ଡରୋଡ଼, ବୁର୍ରାବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟେଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୁର ) ଏକ ତୋଳାକୁ—୪୯୦ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—୪ ୨୪ ଅଣା**

ଏହା ଚର୍ମ୍ମରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


## ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ୍

୧୦ ଟଙ୍କା, ୫୦ ଟଙ୍କା, ୧୦୦ ଟଙ୍କା ଓ ୫୦୦ ଟଙ୍କା ମୂଲ୍ୟର ସାର୍ଟିଫିକେଟମାନ ମିଳେ । ଦଶ ବର୍ଷ ପରେ ପ୍ରତି ୧୦ ଟଙ୍କାରେ ଟ୧୩।୵ ଲେଖାଏଁ ମିଳିବ । ପ୍ରତ୍ୟେକ ବ୍ୟକ୍ତି ଖୁବ୍ ବେଶୀ ହେଲେ ଟ୫,୦୦୦ ଙ୍କାର ସାର୍ଟିଫିକେଟ ନେଇ ପାରିବେ । ନିକଟବର୍ତ୍ତୀ ପୋଷ୍ଟ ଅଫିସରେ କିମ୍ବା ବୋମ୍ବାଇ ରିଜର୍ଭ ବ୍ୟାଙ୍କରେ ଆବେଦନ କରନ୍ତୁ ।

## ଛ ବର୍ଷିଆ ବଣ୍ଡ

୧୦୦ ଟଙ୍କା କିମ୍ବା ଏହାର କୌଣସି ଗୁଣର ଡିଫେନ୍ସ ବଣ୍ଡ ମିଳୁଛି । ୧୯୪୬ ଅଗଷ୍ଟ ୧ ତାରିଖରେ ୧୦୧ ଟଙ୍କା ଲେଖାଏଁ ମିଳିବ । ଛଅ ମାସରେ ଶତକଡ଼ା ୩ ଟଙ୍କା ଲେଖାଏଁ ସୁଧ ମିଳିବ । ପ୍ରତ୍ୟେକ ବ୍ୟକ୍ତି ଯେତେ ଇଚ୍ଛା ସେତେ ମୂଲ୍ୟର ବଣ୍ଡ କିଣି ପାରିବେ । ଇମ୍ପିରିଏଲ ବ୍ୟାଙ୍କ, ରିଜାର୍ଭ ବ୍ୟାଙ୍କ କିମ୍ବା ଗଭର୍ଣ୍ଣମେଣ୍ଟ ଟ୍ରେଜେରିମାନଙ୍କରେ ଆବେଦନ କରନ୍ତୁ ।

## ସୁଧବିହୀନ ବଣ୍ଡ

୫୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବଣ୍ଡ ମିଳୁଛି, ତିନି ବର୍ଷ ପରେ ତାହାର ପୁରସ୍କାର ଚୂକ୍ତି କରି ଦିଆଯିବ । ବର୍ଷକ ପରେ ୩ ମାସ ପୂର୍ବରୁ ନୋଟିସ ଦେଇ ଟଙ୍କାର ଜରୁରି ଦରକାର ପ୍ରମାଣ କଲେ ଟଙ୍କା ଫେରସ୍ତ ମିଳି ପାରିବ । ଇମ୍ପିରିଏଲ ବ୍ୟାଙ୍କ୍, ରିଜାର୍ଭ ବ୍ୟାଙ୍କ୍ କିମ୍ବା ଗଭର୍ଣ୍ଣମେଣ୍ଟ ଟ୍ରେଜେରିମାନଙ୍କରେ ଆବେଦନ କରନ୍ତୁ ।

Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ଦଶମ ଭାଗ ୨ୟ ସଂଖ୍ୟା

## ସୂଚୀ-ପତ୍ର

| | | | ପୃଷ୍ଠା |
|---|---|---|---|
| ୧ । | ଓଡ଼ିଆ ନାଟକର ନାଟ୍ୟଶାଳା ସହିତ ସମ୍ପର୍କ | ଅଧ୍ୟାପକ ଗିରିଜାଶଙ୍କର ରାୟ, ଏମ୍.ଏ. | ୧ |
| ୨ । | ଉତ୍କଳ ମଧୁପ | ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ, ବି.ଏ. (ଲଣ୍ଡନ) | ୧୦ |
| ୩ । | ନାରୀ ଓ ସମାଜ | ଶ୍ରୀ ନବକିଶୋର ଦାସ, ବି.ଏ. | ୧୫ |
| ୪ । | ଅଦନ ମେଘ ( କବିତା ) | ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ, ଏମ୍.ଏ., ଡି.ଇଡି. | ୧୯ |
| ୫ । | ଜୀବନର ମୋହ | ଶ୍ରୀ ମହେଶ୍ୱର ନାୟକ, ବି.ଏ. | ୨୦ |
| ୬ । | ଦେଶୀୟ ରାଜ୍ୟ ସମାଚାର | | ୨୩ |
| ୭ । | ସମ୍ବାଦ ଓ ସଙ୍କେତ | | ୨୭ |

## ଚିତ୍ର-ସୂଚୀ

| | | |
|---|---|---|
| ୧ । | ବାରିପଦା ଜଗନ୍ନାଥ ମନ୍ଦିର ଓ ସନ୍ନିକଟସ୍ଥ ହେମସାଗର ପୁଷ୍କରିଣୀର ଦୃଶ୍ୟ | ପ୍ରଚ୍ଛଦପଟ |
| ୨ । | ଶ୍ରୀମନ୍ ମହାରାଜା ମହୋଦୟ ରେସିଡେଣ୍ଟ ସାହେବ ଓ ମିସେସ୍ ବାର୍ଟନଙ୍କୁ ସମ୍ବର୍ଦ୍ଧନା କରି ଭୋଜିକୁ ନେଇଯାଉଥିବାର ଦୃଶ୍ୟ | ୨୮ |
| ୩ । | କୁଟାଇଗୁଣ୍ଡୀ ମନ୍ଦିରର ଦୃଶ୍ୟ | ୨୭ |
| ୪ । | ଖନନ ପୂର୍ବରୁ ଖିଚିଙ୍ଗ ଠାକୁରାଣୀଙ୍କ ବେଢ଼ାର ଦୃଶ୍ୟ | ୨୯ |
| ୫ । | ଖିଚିଙ୍ଗ ବଡ଼ ଦେଉଳର ପୁନର୍ନିର୍ମାଣ କାଳୀନ ଦୃଶ୍ୟ | ୩୦ |
| ୬ । | „ „ „ „ ଅନ୍ୟ ଗୋଟିଏ ଦୃଶ୍ୟ | ୩୧ |
| ୭ । | ବଡ଼ ଦେଉଳର କାରୁକାର୍ଯ୍ୟ ଖୋଦିତ ତୋରଣ | ୩୧ |

———0———

Digitized by srujanika@gmail.com

# ସହକାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ

ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

## ମକର ସଂଖ୍ୟା

| ଦଶମ ଭାଗ | ପୌଷ, ସନ ୧୩୪୮ ସାଲ | ୨ୟ ସଂଖ୍ୟା |
|---|---|---|


# ଓଡ଼ିଆ ନାଟକର ନାଟ୍ୟଶାଳା ସହିତ ସମ୍ପର୍କ


ଶ୍ରୀ ଗିରିଜାଶଙ୍କର ରାୟ


ନାଟକ ଲେଖା ହୁଏ ପ୍ରଧାନତଃ ଅଭିନୟ ସକାଶେ ଓ ଅଭିନୟକାଳୀନ ବାସ୍ତବତା ଓ ରସ ପ୍ରକାଶ କ୍ଷମତା ଦ୍ୱାରା ଏହାର ଭଲ ମନ୍ଦ ନିର୍ଣ୍ଣୟ କରାଯାଇଥାଏ । ନାଟକ ସାହିତ୍ୟ ରୂପରେ ଅବସର ସମୟରେ ପାଠ୍ୟ ହେଲେହେଁ ଅଭିନୟ ଦ୍ୱାରାହିଁ ଏହାର ରସ ପୂର୍ଣ୍ଣଭାବରେ ଗ୍ରହଣ କରିବା ସମ୍ଭବପର ଓ ନାଟକର ଉତ୍କର୍ଷତା ଅଭିନୟସୌଷ୍ଠବ ଉପରେ ଅନେକାଂଶରେ ନିର୍ଭର କରେ । ନାଟ୍ୟକାର ଏଥି ସକାଶେ ପ୍ରଯୋଜକ ଓ ଅଭିନେତାମାନଙ୍କର ସାହାଯ୍ୟ ଲାଭ କରିବା ନିମନ୍ତେ ଏକାନ୍ତ ଉତ୍ସୁକ, କାରଣ ଅଭିନୟ ଚିତ୍ତାକର୍ଷକ ନ ହେଲେ କିମ୍ବା ଦୃଶ୍ୟପଟର ପ୍ରଯୋଜନା ବିଧିଅନୁସାରେ ନ ହେଲେ ସରସ ନାଟକ ମଧ୍ୟ ନୀରସ ହୋଇ ପଡ଼େ । ଅଭିନେତା ଗୋଟିଏ ସାଧାରଣ ବାକ୍ୟ ମଧ୍ୟରେ ରସସଞ୍ଚାର କରିପାରେ; ଗୋଟିଏ ଅତି ସାଧାରଣ ଦୃଶ୍ୟ ମଧ୍ୟରେ ପ୍ରାଣର ଉନ୍ମାଦନା ଜନ୍ମାଇ ପାରେ ଓ ଦର୍ଶକମାନଙ୍କ ମନରେ ଉତ୍ତେଜନା ଓ ଚିତ୍ତଚାଞ୍ଚଲ୍ୟ ମଧ୍ୟ ଜାତ କରିପାରେ । ନିଜର ଅଙ୍ଗ ଭଙ୍ଗୀ ଦ୍ୱାରା, କଥା କହିବାର ରୀତି ଦ୍ୱାରା, ନାନା ପ୍ରକାର ଅଭିନୟସୌଷ୍ଠବ ଦ୍ୱାରା ଅଭିନେତା ନାଟକର ରସବସ୍ତୁକୁ ଦର୍ଶକମାନଙ୍କର ହୃଦୟଗ୍ରାହୀ କରିବାକୁ ସକ୍ଷମ ହୁଏ ଓ ଏହି ସବୁ ସାହାଯ୍ୟ ନାଟ୍ୟକାର ଅତି କୃତଜ୍ଞ ଚିତ୍ତରେ ଗ୍ରହଣ କରି ଓ ପାଇବାର ଆଶା କରି ନାଟକ ରଚନାରେ ପ୍ରବୃତ୍ତ ହୋଇଥାଏ । ଏଣୁ ନାଟକକୁ ବିଚାର କରିବା ସମୟରେ କେବଳ ସେମାନଙ୍କୁ ସାହିତ୍ୟ ଭାବରେ ଆଲୋଚନା କରିବା ଉଚିତ ନୁହେଁ, ଅଭିନୟକାଳରେ ସେଥିରେ ଯେ ପ୍ରକାର କଳାର ନିଦର୍ଶନ ପ୍ରଦର୍ଶିତ ହୋଇଥାଏ ସେ ଦିଗରୁ ସେମାନଙ୍କୁ ବିଚାର କରିବାକୁ ହେବ ।

ଅବଶ୍ୟ ନାଟକ ଅଭିନୟ କରିବା ସମୟରେ ରଙ୍ଗମଞ୍ଚରେ କେତେଗୁଡ଼ିଏ ରୀତି ଅନୁସୃତ ହୋଇଥାଏ ଓ ନାଟ୍ୟକାର ଏବଂ ଦର୍ଶକ ଉଭୟେ ଏହି ରୀତି (Convention) ଗୁଡ଼ିକୁ ସ୍ୱୀକାର କରି ନେଇ ନାଟକ ରଚନା ଓ ଉପଭୋଗ କରିଥାନ୍ତି । ଏହି ରୀତି ଗୁଡ଼ିକ ଅବାସ୍ତବ ହେଲେହେଁ ଓ କ୍ରମଶଃ ଅଭିନୟର ଉତ୍କର୍ଷ ଏବଂ ପ୍ରଯୋଜନର ପାରିପାଟି ଦ୍ୱାରା ଏମାନଙ୍କର ବ୍ୟବହାର କ୍ରମଶଃ କମି ଯାଉଥିଲେହେଁ ଓଡ଼ିଆ ନାଟକରେ ବର୍ତ୍ତମାନ ମଧ୍ୟ ଏହିପରି


Digitized by srujanika@gmail.com

ନାନା ଦୋଷ ଦେଖା ଯାଇଥାଏ । 'ଧ୍ରୁବଚରିତ'ରେ ଧ୍ରୁବ ନାୟକ । ତାହାର ବୟସ ପାଞ୍ଚ ବର୍ଷ ଓ ତାହାର ବୟସ ବିଷୟରେ ନିଶ୍ଚିତ ଇଙ୍ଗିତ ଦେବା ନିମନ୍ତେ ନାଟ୍ୟକାର ଦ୍ୱିତୀୟ ଅଙ୍କର ପ୍ରଥମ ଦୃଶ୍ୟରେ ସ୍ଥିର ଇଙ୍ଗିତ ଦେଇଅଛନ୍ତି, ଯଥା—ଧ୍ରୁବର ବାପା କୁଆଡ଼େ ରାଜଦରବାରରେ ଥାଏ—ଆଜି ଏ ପାଞ୍ଚ ବର୍ଷ ଭିତରେ ଦିନେ ହେଲେ ପୁଅକୁ ଦେଖିବାକୁ ଆସିଲା ନାହିଁ ( ପୃ ୬୨ ); ପୁଣି "ଆଜିକୁ ଠିକ ପାଞ୍ଚ ବର୍ଷ ଅତୀତ ହୋଇଗଲା" ( ପୃ ୬୩ )... "ଆଜିକୁ ପାଞ୍ଚ ବର୍ଷ ପୂର୍ବେ ଥରେ ମାତ୍ର ପ୍ରାଣେଶ୍ୱରଙ୍କ ସହିତ ଦୈବ ଯୋଗରୁ ସାକ୍ଷାତ୍ ହୋଇଥିଲା ।" (ପୃ ୬୩) ଅର୍ଥାତ ଧ୍ରୁବର ବୟସ ଯେ ପାଞ୍ଚ ବର୍ଷରୁ କମ ସେ ବିଷୟ ନାଟ୍ୟକାର ଦର୍ଶକମାନଙ୍କୁ ସ୍ମରଣ କରାଇ ଦେଇଅଛନ୍ତି । ମାତ୍ର ଅଭିନୟ ସମୟରେ ଧ୍ରୁବରେ ଯେଉଁ ସବୁ ଭୂମିକା ଅଭିନୟ କରିବାକୁ ହେବ ତାହା ରଙ୍ଗମଞ୍ଚରେ ଠିକ ଏହି ବୟସର ବାଳକ ଦ୍ୱାରା ଅଭିନୀତ ହେବା କେବେହେଁ ସମ୍ଭବ ହେବ ନାହିଁ । ଏଠାରେ ଅଭିନୟ ଓ ନାଟକୀୟ କଥା ମଧ୍ୟରେ ପାର୍ଥକ୍ୟ ଥିଲେହେଁ ରଙ୍ଗମଞ୍ଚର ରୀତି ଅନୁସାରେ ଦର୍ଶକମାନେ ଯେ କୌଣସି ବାଳକ ଅଭିନେତାକୁ ଗ୍ରହଣ କରିନେଇଥାନ୍ତି । ପୁଣି ସେହି ନାଟକରେ ଉତ୍ତମର ବୟସ ଛ ବର୍ଷ ( ମାଳତୀ—ଶୁଣିଚ ତାକୁ କୁଆଡ଼େ ମୋଟେ ପାଞ୍ଚ ବର୍ଷ, ଆମ ଯୁବରାଜଙ୍କୁ ଛ ବର୍ଷ ହେବ (ପୃ ୬୯) । ମାତ୍ର ଦ୍ୱିତୀୟ ଅଙ୍କର ଚତୁର୍ଥ ଦୃଶ୍ୟରେ ଉତ୍ତମ କହୁଚି "ସେ ଦିନ ପୁରାଣରେ ପଢିଲି ଜୀବହିଂସା କରିବା ମହାପାପ"—ଏହି କଥାଭିତ୍ତି ଅବାସ୍ତବ ବୋଲି ବୋଧ ହେଲେହେଁ ଦର୍ଶକମାନେ ଏହା ଗ୍ରହଣ କରି ନେବାରେ କୁଣ୍ଠିତ ହୁଅନ୍ତି ନାହିଁ । ଦେବତାମାନଙ୍କର ଭୂମିକା ଅଭିନୟ କରିବା ବିଷୟରେ ମଧ୍ୟ କେତେକ ଗୁଡିଏ ରୀତି ପ୍ରଚଳିତ ଅଛି । ଦେବତାମାନଙ୍କୁ ରଙ୍ଗମଞ୍ଚ ଉପରେ ସାଧାରଣ ମାନବ ରୂପରେ ଅବତୀର୍ଣ୍ଣ ହେବା ଦେଖିବାରେ ଦର୍ଶକମାନେ ଅଭ୍ୟସ୍ତ, ଏଣୁ ଇନ୍ଦ୍ର, ବରୁଣ, ମହାଦେବ, ବ୍ରହ୍ମା, ନାରଦ, ପାର୍ବତୀ, ଦୁର୍ଗା ପ୍ରଭୃତି ନାନା ଦେବଦେବୀମାନଙ୍କୁ ରଙ୍ଗମଞ୍ଚ ଉପରେ ସାଧାରଣ ମାନବମାନଙ୍କପରି ଅଭିନୟ କରିବା ନିତାନ୍ତ ଅବାସ୍ତବ ହେଲେହେଁ ମେଘନାଦବଧ, ସୁଭଦ୍ରାର୍ଜ୍ଜୁନ ପ୍ରଭୃତି ଅନେକ ନାଟକରେ ଦେବତାମାନଙ୍କୁ ନେଇ ଅନେକ ଦୃଶ୍ୟ ରଚନା କରା ଯାଇଅଛି ଓ ସେମାନଙ୍କର ଭୂମିକା ଅଭିନୟ କରିବା ସମୟରେ ଦର୍ଶକମାନେ ତାହାର ଅବାସ୍ତବତା ନିଜ ଅଭ୍ୟାସ ଯୋଗୁଁ ଉପଲବ୍ଧି କରିପାରନ୍ତି ନାହିଁ । ଦେବତାମାନେ ଆସି ବର ଦେବା, ସେମାନଙ୍କର ଉପାସନା କରିବା ଦ୍ୱାରା ଇଷ୍ଟସିଦ୍ଧିରେ ସାହାଯ୍ୟ ଲାଭ କରିବା, ସେମାନଙ୍କ ସାହାଯ୍ୟରେ ବର୍ଲାଭ୍ଯାନ ହେବା, ସେମାନଙ୍କୁ ସ୍ତବଆଦି ଦ୍ୱାରା ତୁଷ୍ଟ କରିବା ପ୍ରଭୃତି ପୁରାଣଆଦିରେ ବର୍ଣ୍ଣିତ ବିଷୟବସ୍ତୁ ଓଡ଼ିଆ ନାଟକ ଅଭିନୟ ଦର୍ଶନ କରିବା ବ୍ୟକ୍ତିମାନଙ୍କଠାରେ ଏତେ ଦୂର ସୁପ୍ରଚଳିତ ଯେ ସେମାନେ ନାଟକ ଅଭିନୟ ସମୟରେ ଏପରି ଦୃଶ୍ୟମାନଙ୍କର ଅବାସ୍ତବତା ସମ୍ବନ୍ଧରେ ଆଦୌ ତର୍କ ଉଠାନ୍ତି ନାହିଁ ଓ ଏଗୁଡିକୁ ବାସ୍ତବ ବୋଲି ଗ୍ରହଣ କରିବାରେ ଦ୍ୱିଧା କରନ୍ତି ନାହିଁ । ପୁଣି କେତେକ ନାଟକରେ (ଯଥା, କାର୍ତ୍ତବୀର୍ଯ୍ୟ, ଭୀଷ୍ମାର୍ଜ୍ଜୁନ ) ନିୟତି, ରାଜଲକ୍ଷ୍ମୀ, ମାୟାଦେବୀ ପ୍ରଭୃତି ଦେବୀମାନଙ୍କର ସଙ୍ଗୀତ ଗାଇବା ମଧ୍ୟ ନାଟକୀୟ ରୀତି ରୂପେ ଗ୍ରହଣ କରା ଯାଇପାରେ । ନିୟତି ପ୍ରବେଶ କରି ଗୀତ ଗାଇ ପ୍ରସ୍ଥାନ କରିବା ଓ ଦର୍ଶକମାନଙ୍କୁ ଭାଗ୍ୟର ଅପରିବର୍ତ୍ତନୀୟତା ଓ କୌଣସି ସମୃଦ୍ଧ ଲୋକର ନିକଟ ଭବିଷ୍ୟତରେ ପତନର ସମ୍ଭାବ୍ୟତା ବିଷୟ ସଜାଗ କରିବା ନିମନ୍ତେ ନିୟତିର ଆବିର୍ଭାବ ମଧ୍ୟ ନାଟକୀୟ ରୀତି ରୂପେ ଓଡ଼ିଆ ନାଟକରେ ବ୍ୟବହୃତ ହେଉଅଛି ଓ ଏକ ଦିଗରେ ଏହି ଦୃଶ୍ୟରେ ସଙ୍ଗୀତ ପୂରାଇବାର ସୁବିଧା ରହିଅଛି ଓ ଅନ୍ୟ ଦିଗରେ ନାଟ୍ୟକାରଙ୍କୁ ନାଟକୀୟ କଥାବସ୍ତୁ ଉପରେ ସମାଲୋଚନା କରିବାର ଅବସର ମଧ୍ୟ ମିଳୁଅଛି । ଏଣୁ ଏପରି ବ୍ୟବହାର ଅନେକ ନାଟ୍ୟକାରଙ୍କର ଗୋଟିଏ ପ୍ରିୟ ରୀତି ରୂପରେ ଦେଖା ଯାଇଥାଏ ।

ଏହି ସବୁ ଦେବଚରିତ୍ରମାନଙ୍କ ଭିନ୍ନ କେତେକ ସାଧାରଣ ନାଟକୀୟ ଚରିତ୍ର ମଧ୍ୟ ରୀତିମତ ଭାବରେ ବ୍ୟବହୃତ ହୋଇଥାଏ । ଯେଉଁଠାରେ ରାଜାଙ୍କର ଭୂମିକା ଅଛି ସେଠାରେ ସାଧାରଣତଃ ମନ୍ତ୍ରୀ, ସେନାପତି ଓ ବିଦୂଷକ ଚରିତ୍ର ମଧ୍ୟ ଅଛି, ବିଦୂଷକର ଭୋଜନ ବିଳାସକୁ ଅବଲମ୍ବନ କରି ହାସ୍ୟ ପରିହାସର ଅବସର ମଧ୍ୟ ଅଛି । ଯେଉଁଠାରେ ନାୟିକାର ଭୂମିକା ଅଛି ସେଠାରେ ସଖୀମାନଙ୍କର ନୃତ୍ୟଗୀତ ଓ କୁସୁମଚୟନ ପ୍ରଭୃତି କ୍ରିୟାମାନଙ୍କର ମଧ୍ୟ ବର୍ଣ୍ଣନା ଅଛି । ଯେଉଁଠାରେ ସୈନିକ, ନାଗରିକ ପ୍ରଭୃତି ଲୋକଙ୍କର ଭୂମିକା ଅଛି ସେଠାରେ ସେ ଗୁଡିକ ଦ୍ୱାରା ହାସ୍ୟରସର ଅବତାରଣା କରା ଯାଇଥାଏ । ଏହିପରି ବର୍ଣ୍ଣନା ଓଡିଆ ନାଟକରେ ନାନା ସ୍ଥାନରେ ଦେଖା ଯାଇଥାଏ । ଏ ଗୁଡିକ ମଧ୍ୟ ରୀତି ମାତ୍ର ଓ ଦର୍ଶକମାନେ ଏହି ସବୁ ରୀତିମାନଙ୍କରେ ଏତେ ଅଭ୍ୟସ୍ତ ଯେ ଅଭିନୟ କାଳରେ ସେମାନେ ଏହିପରି ବ୍ୟାଖ୍ୟାନ ଆଶା କରିଥାନ୍ତି । ବାସ୍ତବିକ ଏହି ସବୁ ରୀତିମାନଙ୍କ ମଧ୍ୟରୁ ପ୍ରଥମ ଦୁଇଟି ସଂସ୍କୃତ ନାଟକରୁ ଓଡିଆକୁ ଆସିଅଛି ଓ ତୃତୀୟଟି ବଙ୍ଗଳା ନାଟକରେ ଏହିପରି ବ୍ୟବହାର ଦ୍ୱାରା ଓଡିଆରେ ପ୍ରବିଷ୍ଟ ହୋଇଅଛି । ସୈନିକମାନେ ସର୍ବଦା ଭୀରୁ, ପ୍ରହରୀମାନେ ସର୍ବଦା ନିଦ୍ରାଳୁ ଓ କର୍ମବିମୁଖ, ନାଗରିକମାନେ ସର୍ବଦା ଭୟତ୍ରସ୍ତ; ଏହା ଦର୍ଶକମାନେ କେବଳ ଏହି ରୀତିର ଅଭ୍ୟାସ ଯୋଗୁଁ ଗ୍ରହଣ କରି ନେଇଥାନ୍ତି । ଓଡିଆ ନାଟକମାନଙ୍କରେ ଏହି ପ୍ରଚଳିତ ରୀତି ଗୁଡିକ ହାସ୍ୟରସର ପ୍ରଧାନ ଅବଲମ୍ବନ ।

ନାଟକୀୟ ଚରିତ୍ର ଗୁଡିକ ଯେଉଁ ଭାଷା ବ୍ୟବହାର କରନ୍ତି ସେଥିରେ ମଧ୍ୟ କେତେକ ରୀତି ଦେଖା ଯାଇଥାଏ । ଦେବତାମାନେ ମର୍ତ୍ତ୍ୟର ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ବିଶୁଦ୍ଧ ଓଡ଼ିଆରେ କଥାବାର୍ତ୍ତା କରିବା ଏହିପରି ଗୋଟିଏ ରୀତି ମାତ୍ର ଓ ଦର୍ଶକମାନେ ଏଥିରେ ଏତେଦୂର ଅଭ୍ୟସ୍ତ ଯେ ସେମାନେ ଏହାର ଅସମୀଚୀନତା ଓ ଅବାସ୍ତବତା ପ୍ରତି ଆଦୌ ଅବହିତ ନ ହୋଇ ଦେବତାମାନଙ୍କର ଓଡିଆ ଭାଷାର କଥୋପକଥନକୁ ବାସ୍ତବ ବୋଲି



Digitized by srujanika@gmail.com

ଗ୍ରହଣ କରିଥାନ୍ତି । ଏହିପରି ଯେଉଁ ସ୍ଥାନରେ ବିଦେଶୀୟ ଲୋକ ନାଟକରେ ପ୍ରବିଷ୍ଟ ହୁଅନ୍ତି ସେଠାରେ ମଧ୍ୟ ଏହି ରୀତି ଯୋଗୁଁ ସେମାନଙ୍କ ମୁଖରେ ଓଡ଼ିଆ ଭାଷାର ବ୍ୟବହାର କରି ଯାଇଥାଏ । ଗୌଡ଼ବିଜେତାରେ ଇସମାଇଲ, ହୋସେନଖାଁ, ଜୋଲେଖା, ସୁଲତାନା ପ୍ରଭୃତି ଯେତେବେଳେ ନିଜ ନିଜ ମଧ୍ୟରେ ଓଡ଼ିଆରେ କଥାବାର୍ତ୍ତା କରନ୍ତି ଓ ରଙ୍ଗମଞ୍ଚରେ ବିଶୁଦ୍ଧ ଓଡ଼ିଆ ଭାଷାର ବ୍ୟବହାର କରନ୍ତି ତେତେବେଳେ ସେ ସବୁ ଦୃଶ୍ୟର ଅବାସ୍ତବତା କାହାର ଦୃଷ୍ଟି ଆକର୍ଷଣ କରେ ନାହିଁ, କାରଣ ତାହା ଗୋଟିଏ ମଞ୍ଚର ରୀତି ଓ ଏହିପରି ରୀତି ନ ଥିଲେ ଏମାନଙ୍କୁ ଅବଲମ୍ବନ କରି ନାଟକ ରଚନା କରିବା ସମ୍ଭବପର ହୁଅନ୍ତା ନାହିଁ । ଓଡ଼ିଆ ନାଟକମାନଙ୍କ ମଧ୍ୟରେ ପ୍ରଥମରେ 'କଳିକାଳ'ରେ ଏହିପରି ବିଜାତୀୟ ଚରିତ୍ର ( କାବୁଲିବାଲା. ଡାକ୍ତର ସାହେବ, ଅବଦୁଲ୍ଲା ) ମାନଙ୍କର ଚିତ୍ରଣ ସମୟରେ ସେମାନଙ୍କ ମୁଖରେ ଜାତୀୟ ଭାଷା ଦିଆ ଯାଇଥିଲା ଓ ସେହି କାରଣରୁ ସେମାନଙ୍କୁ ଅତିଅଳ୍ପ କଥାର ଭୂମିକାମାନ ଦିଆ ଯାଇଥିଲା । ଏପରି କି ଗୋଟିଏ ଦୃଶ୍ୟରେ ଜଜସାହେବ କେବଳ 'ଫାସି' ଏହି ଗୋଟିଏ ଶବ୍ଦ ଉଚ୍ଚାରଣ କରିବାର ନାଟକରେ ଲେଖାଯାଇଅଛି । ମାତ୍ର ପରବର୍ତ୍ତୀ ନାଟକମାନଙ୍କରେ ବିଜାତୀୟ ଲୋକଙ୍କୁ ଅଧିକ ଭୂମିକା ଦେବା ପ୍ରୟୋଜନ ହେବାରୁ ଓ ସେମାନଙ୍କୁ ଅବଲମ୍ବନ କରି ନାଟକ ରଚନା କରିବା ପ୍ରୟୋଜନ ହେବାରୁ 'ଗୌଡ଼ବିଜେତା', 'ମୀରକାସିମ' 'ତାଜମହଲ' 'ଉତ୍କଳ ଗୌରବ' ପ୍ରଭୃତି ନାଟକମାନଙ୍କରେ ସେମାନଙ୍କୁ ବିଶୁଦ୍ଧ ଓଡ଼ିଆ ଭାଷାରେ କଥୋପକଥନ କରିବା ନାଟ୍ୟକାର ଚିତ୍ରିତ କରିଅଛନ୍ତି ଓ ଏହା ଅବାସ୍ତବ ହେଲେହେଁ ନାଟକୀୟ ରୀତି ରୂପରେ ଆଜିକାଲି ପ୍ରଚଳିତ ହୋଇଅଛି । କେବଳ ନାଟକୀୟ ଚରିତ୍ର ଗୁଡିକ ଯେ ବିଜାତୀୟ ତାହା ନିର୍ଦ୍ଦେଶ କରିବା କାରଣ କେତେକ ସ୍ଥାନରେ ଭାଷାଗତ ଇଙ୍ଗିତ ଦିଆ ଯାଇଅଛି, ଯଥା ଗୌଡ଼ବିଜେତା ( ପୃ ୬୦) ଇସମାଇଲ—କାଫେର, କାମଫତେ ଗାଜୀସାହେବ ( ପୃ ୧୦୧) ନସୀବ ଯିସକା ଖରାପ ଉସ୍‌କୁ ରଖନେବାଲା ହୁନିଆମେ କୋନହେ, ଖୋଦା ! ଆଲ୍ଲା ଆପ ବଡ଼ ମେହେରବାନ (ପୃ ୧୦୧) । ମୀରକାସିମରେ ମଧ୍ୟ ଏହିପରି ଇଙ୍ଗିତ ସ୍ଥାନେ ସ୍ଥାନେ ମିଳେ ଯଥା "ଯଦି ବେହେସ୍ତ ଛାଡ଼ି ଚିରକାଳ ଦୋଜକ୍‌ରେ ବାସ କରିବାକୁ ହୁଏ'' (ପୃ ୫) ''କିଛି ନୁହେଁ ବେଟା । କସୁର ଜାହାଁପାନା, ବନ୍ଦେଗି ବାଦସା ବିଦାୟ' ( ପୃ ୧୯ ), ପ୍ରଭୃତି ଓଡ଼ିଆ ଭାଷାରେ ଏହିପରି ନାନା ସ୍ଥାନରେ ଯବନ ଶବ୍ଦମାନଙ୍କୁ ଅନୁପ୍ରବିଷ୍ଟ କରାଇ ଚତୁର ନାଟ୍ୟକାରମାନେ ନାଟକୀୟ ଭୂମିକାରେ ଯବନ ଅବତୀର୍ଣ୍ଣ ହୋଇଅଛି ଏହା ଦର୍ଶକମାନଙ୍କୁ ସ୍ମରଣ କରାଇ ଦେଇଥାନ୍ତି । ଯବନ ଭାଷାର ବ୍ୟବହାର ବିଷୟରେ ଆଉ ଗୋଟିଏ ରୀତି ମଧ୍ୟ ଦେଖାଯାଏ । ସାଧାରଣତଃ ଦର୍ଶକମାନେ ଯେଉଁ ପ୍ରହସନ ପ୍ରଭୃତିରେ ଅଭ୍ୟସ୍ତ ସେମାନେ ହିନ୍ଦୀ କଥା ବ୍ୟବହାର କରନ୍ତି ଓ ସେମାନଙ୍କ ମଧ୍ୟରେ ଓଡ଼ିଆ ସେତେ ପ୍ରଚଳିତ ନୁହେଁ । ସେଥି ସକାଶରୁ ଯେଉଁଠାରେ ପ୍ରହସନମାନଙ୍କର ଚିତ୍ର ଦିଆ ଯାଇଅଛି ସେଠାରେ ନାଟ୍ୟଶାଳାର ରୀତି ଅନୁସାରେ ଦର୍ଶକମାନେ ହିନ୍ଦୀକଥା ଆଶା କରିଥାନ୍ତି ଓ 'ସୁଦାମା' ଓ 'ପ୍ରଭାସ ମିଳନ'ରେ ଯେଉଁ ନାଟକୀୟ କାଳକୁ ନିର୍ଦ୍ଦେଶ କରୁଅଛି ସେ କାଳରେ ହିନ୍ଦୀ ଭାଷାର ବ୍ୟବହାର ଅବାସ୍ତବ ହେଲେହେଁ ଏହି ରୀତି ଯୋଗରୁ ଦର୍ଶକମାନେ ତାହାର ଅବାସ୍ତବତା ପ୍ରତି ଅବହିତ ହୁଅନ୍ତି ନାହିଁ ଓ ନାଟ୍ୟକାରମାନେ ମଧ୍ୟ ଏହି ରୀତିକୁ ଅବଲମ୍ବନ କରି ତାହା ବ୍ୟବହାର କରି ଅଛନ୍ତି ।

ନାଟକରେ ଯେଉଁଠାରେ ସାହେବମାନଙ୍କର ଚିତ୍ର ଦିଆ ଯାଇଅଛି ସେଠାରେ ସେମାନଙ୍କ ମୁଖରେ ବିକୃତ ଓଡ଼ିଆ ଭାଷାର ବ୍ୟବହାର କରିବାହିଁ ରଙ୍ଗମଞ୍ଚର ରୀତି ଓ 'ଯୁଗଧର୍ମ' 'ସୁଶୀଳା' ପ୍ରଭୃତିରେ ଏହି ରୀତି ଅନୁସୃତ ହୋଇଅଛି । ଏହି ରୀତି ପ୍ରଚଳିତ ଥିବାରୁ 'ଲୀଳାବତୀ' ନାଟକରେ ମେଜେଷ୍ଟର ସାହେବଙ୍କ ମୁଖରେ ବିଶୁଦ୍ଧ ଓଡ଼ିଆ ଭାଷା ବ୍ୟବହାର କରାଇ ନାଟ୍ୟକାର "ଏ ମେଜେଷ୍ଟର ସାହେବଟି ବଡ଼ ଭଲ ହାକିମ—ଓଡ଼ିଆ କହିବାରେ ତାଙ୍କ ପାଟି ଆଦୌ ଲାଗୁ ନାହିଁ" (ପୃ ୮୦) । ଏହି କଥାଟି ଅନ୍ୟ ଗୋଟିଏ ଚରିତ୍ର ମୁଖରେ ଦେଇ ଏହିପରି ଭାଷାର ବ୍ୟବହାରକୁ ସମର୍ଥନ କରୁଅଛନ୍ତି । ମାତ୍ର 'କଟକ ବିଜୟ' ନାଟକରେ ଇଂରାଜ ଚରିତ୍ରମାନଙ୍କୁ ବିଶୁଦ୍ଧ ଓଡ଼ିଆ ଅମିତ୍ରାକ୍ଷର ଛନ୍ଦରେ କଥା କହିବାର ଦେଖି ସେ ସବୁ ଦୃଶ୍ୟର ଅବାସ୍ତବତା ଆମ୍ଭେମାନେ ପ୍ରଚଳିତ ନାଟ୍ୟରୀତି ଯୋଗୁଁ ପାସୋରି ଯାଉଁ । ଭାଷାଗତ ଏହି ରୀତିଟି କେବଳ ଅଭ୍ୟାସ ବଶରେ ଆମ୍ଭମାନଙ୍କ ମନରେ ଆଘାତ କରିବାକୁ ସକ୍ଷମ ହୁଏ ନାହିଁ ଓ ଏହିସବୁ ବ୍ୟବହାର ଓଡ଼ିଆ ନାଟକରେ ସୁପ୍ରଚଳିତ । ପୂର୍ବେ ଯେଉଁ ନାଟକମାନଙ୍କରେ ଇଂରାଜମାନଙ୍କ ମୁଖରେ ବିକୃତ ଓଡ଼ିଆ ଭାଷାର ବ୍ୟବହାର ହେଉଥିଲା ସେହି ସ୍ଥାନରେ ଆଜିକାଲି କ୍ରମଶଃ ବିଶୁଦ୍ଧ ଇଂରାଜୀ ଭାଷା ବ୍ୟବହାର କରିବା ପ୍ରଚଳିତ ରୀତି ହୋଇଅଛି ଓ ଏହି ରୀତି ଦେଶରେ ଇଂରାଜୀ ଶିକ୍ଷାର ବିସ୍ତାର ଯୋଗୁଁ ଓ ଦର୍ଶକମାନଙ୍କର ଇଂରାଜୀ ଭାଷା ବୁଝିବାର ସାମର୍ଥ୍ୟରୁ ଘଟିଅଛି ବୋଲି ଗ୍ରହଣ କରିବାକୁ ହେବ । ଏ ବିଷୟରେ 'ଚରଣୀ', 'ମାଷ୍ଟର ବାବୁ' 'ପରୀକ୍ଷାର ଫଳ' ପ୍ରଭୃତି ନାଟକରେ ବ୍ୟବହୃତ ଭାଷା ଉଦାହରଣ ସ୍ଥଳ ଓ 'ହିନ୍ଦୁ ରମଣୀ'ରେ ବ୍ୟବହୃତ ଭାଷା ଓ ତହିଁରେ ଥିବା ଇଂରାଜୀ ମିଶ୍ରିତ duet ମଧ୍ୟ ଏହି ଇଙ୍ଗିତ କରୁଅଛି ।

ନାଟକର ଚରିତ୍ରମାନଙ୍କର ଜାତିଗତ ଭାଷାକୁ ଛାଡ଼ି ଦେଲେ, ଅଭିନୟ ସମୟରେ ଅନ୍ୟ କେତେକ ଗୁଡ଼ିଏ ଭାଷାଗତ ରୀତି ଦେଖା ଯାଇଥାଏ । ରଙ୍ଗମଞ୍ଚ ଉପରେ କୌଣସି ଅଭିନେତା ମୁମୂର୍ଷୁର ଶଯ୍ୟାରେ ଶାୟିତ ହୋଇ ଯେତେବେଳେ କେତେକ ଶବ୍ଦ ଉଚ୍ଚାରଣ କରନ୍ତି ତେତେବେଳେ ସେହି ଭାଷାର ଅବାସ୍ତବତା ପ୍ରତି ଦର୍ଶକମାନେ ଅବହିତ ହୁଅନ୍ତି ନାହିଁ । ହେମମାଳୀ ରୋଗକ୍ଲିଷ୍ଟ, ତାହାର ମୃତ୍ୟୁ ଆସନ୍ନ, କିନ୍ତୁ ସେ ଅବସ୍ଥାରେ ସେ ଲୀଳାବତୀକୁ କେତେକ ଉପଦେଶ ଦେଉଅଛି ଓ



Digitized by srujanika@gmail.com

ନାଟ୍ୟକାର ଅଭିନୟ ନିର୍ଦ୍ଦେଶରେ "ଧୀରେ ଧୀରେ" "କ୍ଷୀଣ ସ୍ୱରେ" ପ୍ରଭୃତି ନିର୍ଦ୍ଦେଶ ଦେଇଥିଲେହେଁ ତାଙ୍କର କଥା ରଙ୍ଗମଞ୍ଚରେ ବସି ଥିବା ଦର୍ଶକମାନଙ୍କର କର୍ଣ୍ଣଗୋଚର ହେବ । ଏହିପରି ଜୋରରେ ଅଭିନୟ ସମୟରେ ଅଭିନୀତ ହୋଇଥାଏ ଓ ତାହା ଅବାସ୍ତବ ହେଲେହେଁ ଦର୍ଶକମାନେ ହେମମାଳିନୀର କଥା ଶୁଣିବାକୁ ଉନ୍ମୁଖ ଥିବାରୁ ଏହି ଅବାସ୍ତବତାକୁ ଦୂଷଣୀୟ ମନେ କରିବାର ଅବସର ପାଆନ୍ତି ନାହିଁ । ଅସନ୍ନ-ମୃତ୍ୟୁ ରୋଗୀର ଏହିପରି ପ୍ରକାଶ୍ୟ ରଙ୍ଗମଞ୍ଚରେ କଥା କହିବା ଓ ମୁମୂର୍ଷୁ ବ୍ୟକ୍ତିର ଅଫଲଗ୍ନ ଭାବରେ ମାତ୍ର ଉଚ୍ଚସ୍ୱରରେ କେତେ ଗୁଡ଼ିଏ କଥା ଉଚ୍ଚାରଣ କରି ମୃତ୍ୟୁକୁ ଆଲିଙ୍ଗନ କରିବାର ଅଭିନୟ ଏହିପରି ଗୋଟିଏ ମଞ୍ଚର ରୀତି ମାତ୍ର ଓ ଅନେକ ନାଟକରେ ଏହିପରି ପ୍ରଚଳିତ ରୀତିର ବ୍ୟବହାର ଦେଖା ଯାଇଥାଏ । ନାଟକରେ ଅମିତ୍ରାକ୍ଷରର ବ୍ୟବହାର ମଧ୍ୟ ଏହିପରି ଗୋଟିଏ ରୀତି ବୋଲି ଗଣନା କରା ଯାଇପାରେ । ବାସ୍ତବରେ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର ଏତେ ଅବାସ୍ତବ ଯେ ସେଥିରେ ଦର୍ଶକମାନେ ଅଭ୍ୟସ୍ତ ନ ହେଲେ ଓ ତାକୁ ପ୍ରଚଳିତ ରୀତି ବୋଲି ଗ୍ରହଣ କରି ନେବାକୁ ମୂଳରୁ ସ୍ୱୀକୃତ ନ ହେଲେ ସେପରି ଛନ୍ଦର ବ୍ୟବହାର କେବେହେଁ ବାସ୍ତବ ବୋଲି ମନେ ହୋଇ ନ ପାରେ । 'ଚୈତନ୍ୟଲୀଳା'ରେ ଶ୍ରୀନିବାସଙ୍କ ଗୃହରେ କୀର୍ତ୍ତନ ହେବାର ବ୍ୟବସ୍ଥା ହୋଇଅଛି । ଶ୍ରୀନିବାସ ଏଥିପାଇଁ ବ୍ୟସ୍ତ, ମାତ୍ର ତାଙ୍କର ପୁତ୍ର ବିଷମ ରୋଗରେ ଆକ୍ରାନ୍ତ ଓ ମରଣାପନ୍ନ । ଏହି ସମୟରେ ତାଙ୍କର ସ୍ତ୍ରୀ ଏକମାତ୍ର ପୁତ୍ରର ଚିକିତ୍ସା କରିବା ପାଇଁ ତାଙ୍କୁ ଅନୁରୋଧ କରିବା ନିମନ୍ତେ ରଙ୍ଗମଞ୍ଚରେ ପ୍ରବେଶ କରି 'ବ୍ୟସ୍ତଭାବରେ' ତାଙ୍କୁ କହୁ ଅଛନ୍ତି "ସହିବାକୁ ହେବ ଯେବେ ରହିବ ସଂସାରେ ॥ ପଥର ଗ୍ରହଙ୍କ କରି କେ କରେ ବାରଣ ? ପୁରୁଷାର୍ଥ ପ୍ରୟୋଜନ ସଂସାର କ୍ଷେତ୍ରରେ ॥ ଜାଣିବ କିପରି ବିଧି ବାମ କି ଅବାମ ? ବିଧି ଚାହିଁଲେ ଖାଲି ଶସ୍ୟ ନ ମିଳିବ ॥ ନ କଲେ କରମ ଚେଷ୍ଟା କରମକୁ କେବେ ॥ ନ ପାଏଟି ସୁଖ । ନଷ୍ଟ ନ କର ସମୟ । ବେଳ ଥାଉଁ ପ୍ରତିକାର କର ବୈଦ୍ୟ ଲୋଡ଼ ।" ଏହି ପଦ୍ୟମୟ ଭାଷା ଅନ୍ତରର ଉତ୍ତେଜନାର ପରିଚୟ ଦେଉନାହିଁ ଓ ବାସ୍ତବ ମଧ୍ୟ ନୁହେଁ, କିନ୍ତୁ ଏହାର ବ୍ୟବହାର କେବଳ ରୀତି ରୂପରେ ପ୍ରଚଳିତ ଓ ଏହାର ଅବାସ୍ତବତା ଦେଖି ନାଟ୍ୟକାରମାନେ ଭଙ୍ଗ ଅମିତ୍ରାକ୍ଷର ବ୍ୟବହାର କରିଅଛନ୍ତି ଓ କ୍ରମଶଃ କେବଳ ଗଦ୍ୟରେ ନାଟକ ଲେଖିବା ରୀତି ମଧ୍ୟ ପ୍ରଚଳିତ ହୋଇଅଛି । ତେବେ ମଧ୍ୟ ଯେଉଁ ସ୍ଥାନରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ଦେଖାଯାଏ ତାହା ରୀତି ରୂପରେ ଗ୍ରହଣ କରିବାରେ ବର୍ତ୍ତମାନ ମଧ୍ୟ ବାଧା ନାହିଁ । ବାସ୍ତବରେ ନାଟକରେ ଅମିତ୍ରାକ୍ଷର ଛନ୍ଦର ବ୍ୟବହାର ସେକ୍ସପିଅରଙ୍କ ଯୁଗରୁ ଗୋଟିଏ ପ୍ରଚଳିତ ରୀତି ରୂପରେ ବ୍ୟବହୃତ ଓ ଏହି ରୀତିକୁ ଅବାସ୍ତବ ବୋଲି ଜାଣି ମଧ୍ୟ ନାଟ୍ୟକାରମାନେ ନିଜର ଲେଖାର ଗୌରବ ନିମନ୍ତେ ବ୍ୟବହାର କରିଥାନ୍ତି ଓ ଏଥିରେ ଅଭ୍ୟସ୍ତ ହୋଇ ଥିବାରୁ ଦର୍ଶକମାନେ ମଧ୍ୟ ଏହାର ଅବାସ୍ତବତା ଭୁଲିଯାନ୍ତି ।

କେତେକ ଓଡ଼ିଆ ନାଟକରେ 'ଦୈବବାଣୀ' ପ୍ରଭୃତିର ମଧ୍ୟ ବ୍ୟବହାର ଦେଖାଯାଏ ଓ ବାସ୍ତବରେ ପୁରାଣାଦିରେ ଏପରି ଦୈବବାଣୀର ଉଲ୍ଲେଖ ଥିବାରୁ ଏହାର ଅବାସ୍ତବତା ପ୍ରତି ଅବହିତ ନ ହୋଇ ଦର୍ଶକମାନେ ଏହାକୁ ପ୍ରଚଳିତ ରୀତି ରୂପରେ ଗ୍ରହଣ କରି ନେଇଥାନ୍ତି । କିନ୍ତୁ ଅଭିନୟ ସମୟରେ ଏହା ଘେନି ନାନା ଅସୁବିଧା ଉପସ୍ଥିତ ହୁଏ । ଦୈବବାଣୀ ନେପଥ୍ୟରୁ ଉଚ୍ଚାରିତ ହେବା କଥା, ମାତ୍ର ଏହି ଉଚ୍ଚାରିତ ବାଣୀ, କିଏ କହୁଅଛି ଏ ବିଷୟରେ ଦର୍ଶକମାନଙ୍କର ସନ୍ଦେହ ହେବା ସ୍ୱାଭାବିକ, କାରଣ ପାଠ କରିବା ସମୟରେ ନାଟ୍ୟକାରର ନିର୍ଦ୍ଦେଶ ସମ୍ମୁଖରେ ଥିବାରୁ ପାଠକର ଭ୍ରମ ହୋଇପାରେ ନାହିଁ, ମାତ୍ର ଅଭିନୟ ଦର୍ଶନ ସମୟରେ ଏପରି ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ । ଏହି କାରଣରୁ ନାଟ୍ୟକାରମାନଙ୍କୁ ଦର୍ଶକମାନଙ୍କର ଅନୁଧାବନ କରିବାରେ ସାହାଯ୍ୟ କରିବା ନିମନ୍ତେ କେତେକ ଉପାୟ ଅବଲମ୍ବନ କରିବାକୁ ହୋଇଅଛି, ଯଥା—କାର୍ତ୍ତବୀର୍ଯ୍ୟ 'ପୃ ୯୫) "ଦୈବବାଣୀ—ପଦ୍ମିନୀ ବିନାଶ ହୁଅ ନା । ଛଦ୍ମ ବେଶରେ ଅବନ୍ତୀକୁ ଯାଅ"....ଇତ୍ୟାଦି । "ପଦ୍ମିନୀ—ଏ କାହାର ଆଦେଶ ? ଦେବବାଣୀ ? କଅଣ କରିବି ? ବାଟ ଯେ ଜାଣେ ନାଁ" ଏହିପରି କହିବା ଦ୍ୱାରା ଦର୍ଶକମାନଙ୍କୁ ପୂର୍ବକଥା ଗୁଡ଼ିକ ଯେ ଦୈବବାଣୀ ତାହାର ସୁସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଉଅଛି । ଏହିପରି 'ସାବିତ୍ରୀ'ରେ ମଧ୍ୟ (ପୃ ୮୯) 'ତଥାସ୍ତୁ ତଥାସ୍ତୁ' ଏହି ଦୈବବାଣୀ ଶୁଣି ସାବିତ୍ରୀ "କାହାର ଆଶ୍ୱାସନା ବାକ୍ୟ ଏହି ? ବିବେକ ?" ଏହିପରି କହିବା ଦ୍ୱାରା ଏହି ବାକ୍ୟମାନଙ୍କର ଅପାର୍ଥିବତା ଦର୍ଶକମାନଙ୍କ ମନରେ ସୁସ୍ପଷ୍ଟ ଭାବରେ ବଦ୍ଧ କରୁଅଛି । ସେହି ପୁସ୍ତକରେ ଅନ୍ୟ ଏକ ସ୍ଥାନରେ ଗଜପତି ମଧ୍ୟ ଏହିପରି ଦୈବ-ବାଣୀ ଶୁଣି ସନ୍ତ୍ରସ୍ତ ହେବାର ବର୍ଣ୍ଣନା କରା ଯାଇଅଛି ଓ ଅଭିନୟ କାଳରେ ଦୈବବାଣୀ ଗୁଡ଼ିକ ନେପଥ୍ୟରୁ ଉଚ୍ଚାରିତ ହେଉଥିବା ସ୍ଥଳେ ଏହିପରି ଇଙ୍ଗିତ ଦେବା ଯୁକ୍ତିଯୁକ୍ତ ।

ଓଡ଼ିଆ ନାଟକରେ 'ସ୍ୱଗତଃ' 'ଜନାନ୍ତିକେ' ପ୍ରଭୃତି ଅନ୍ୟ କେତେକ ଗୁଡ଼ିଏ ପ୍ରଚଳିତ ରୀତି ମଧ୍ୟ ଅଛି ଓ ଏହି ରୀତି ଗୁଡ଼ିକର ଅବାସ୍ତବତା କ୍ରମଶଃ ଅଭିନୟ ସମୟରେ ଲୋକଙ୍କର ଅପ୍ରୀତିକର ହେବାରୁ ତାହା ଆଧୁନିକ ନାଟକମାନଙ୍କରେ ପରିହୃତ ହେଉଅଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ନାଟକମାନଙ୍କରେ ସ୍ୱଗତଃର ବ୍ୟବହାର ଗୋଟିଏ ପ୍ରଧାନ ଓ ପ୍ରସିଦ୍ଧ ରୀତି । କୌଣସି ନାଟକୀୟ ଚରିତ୍ରର ମନରେ କୌଣସି ଦ୍ୱନ୍ଦ୍ୱ ଜାତ ହେଲେ, କୌଣସି କଥା-ବସ୍ତୁ ଉପରେ ଅନ୍ୟର ଅଶ୍ରାବ୍ୟ ରୂପରେ କିଛି ମନ୍ତବ୍ୟ କରିବାକୁ ହେଲେ, କୌଣସି ଗୁପ୍ତ ଷଡ଼ଯନ୍ତ୍ରକୁ ପ୍ରକାଶ କରିବାକୁ ହେଲେ ବା କୌଣସି ମାନସିକ ଭାବକୁ ଦର୍ଶକମାନଙ୍କ ସମ୍ମୁଖରେ ସବିସ୍ତାରେ ବର୍ଣ୍ଣନା କରିବାକୁ ହେଲେ 'ସ୍ୱଗତଃ'ହିଁ ଏକମାତ୍ର ଉପାୟ ଓ ସଂସ୍କୃତ ନାଟକମାନଙ୍କ ଯୁଗରୁ ଏହା ନାଟକର ଗୋଟିଏ ପ୍ରଧାନ ରୀତି ରୂପରେ ବ୍ୟବହୃତ ହେଉଅଛି । ନାଟ୍ୟକାରମାନେ ଏହାର ଅବାସ୍ତବତା ଉପଲବ୍ଧି କରନ୍ତି ।



Digitized by srujanika@gmail.com

ଦର୍ଶକମାନେ ମଧ୍ୟ ଏହାର ଅବାସ୍ତବତା ଅନୁଭବ କରନ୍ତି କିନ୍ତୁ ଏହା ଗୋଟିଏ ରୀତି ଥିବା ସ୍ଥଳେ ଏହାର ବ୍ୟବହାର ବା ପ୍ରୟୋଗ ଦୂଷ୍ୟ ବୋଲି କେହି ମନେ କରନ୍ତି ନାହିଁ । ଦୁଇଜଣ ନାଟକୀୟ ଚରିତ୍ର କଥାବାର୍ତ୍ତା କରୁଅଛନ୍ତି, ହଠାତ୍ ତାଙ୍କ ମଧ୍ୟରୁ ଜଣେ ଗୋଟିଏ ସ୍ୱଗତୋକ୍ତି କଲା, ଦର୍ଶକମାନେ ସମସ୍ତେ ତାହା ଶୁଣି ପାରିଲେ । ମାତ୍ର ରଙ୍ଗମଞ୍ଚରେ ଥିବା ଅନ୍ୟ ଚରିତ୍ରଟି ତାହା ଶୁଣି ପାରିଲା ନାହିଁ । ଏହାଠାରୁ ହାସ୍ୟକର ଆଉ କଣ ହୋଇପାରେ ? ପୁନଶ୍ଚ କୌଣସି ନାଟକୀୟ ଚରିତ୍ର ଅଭିନୟ ସମୟରେ ଯାହା କହିଲା ତାହା 'ସ୍ୱଗତଃ' କି 'ପ୍ରକାଶ୍ୟ' ତାହା ଦର୍ଶକମାନେ କିପରି ବୁଝି ପାରିବେ ? ଏହିସବୁ କାରଣରୁ ସ୍ୱଗତଃ ବ୍ୟବହୃତ ହେଉଥିଲେ ମଧ୍ୟ ଅନେକ ସ୍ଥାନରେ ଅନେକ ପ୍ରକାର ଇଙ୍ଗିତ ଦ୍ୱାରା ପରି ମୁହୂର୍ତ୍ତରେ ଏହାର 'ସ୍ୱଗତଃ'ତ୍ୱ ଦର୍ଶକମାନଙ୍କୁ ସ୍ପଷ୍ଟ ଭାବରେ ବୁଝାଇ ଦିଆ ଯାଇଥାଏ । 'କଳି କାଳ'ରେ (ପୃ ୧୮୮) କୃଷ୍ଣଚରଣ ଯେତେବେଳେ ଇନ୍ସପେକ୍ଟରଙ୍କର କଥାର ଜବାବରେ 'ସ୍ୱଗତଃ' କହିଲେ "ହାୟ ! ଏହା ଆଗେ ନ ମଲି କାହିଁକି" ଇନ୍ସପେକ୍ଟର କହିଲେ—"ଉଏଲ । ମୁଁ ମେ ଜବାବ ନେହିଁ ?......" ଅର୍ଥାତ୍ ଏଥିପୂର୍ବରେ କୃଷ୍ଣଚରଣ ଯାହା କହିଲେ ତାହା ଯେ ସ୍ୱଗତଃ ଓ ଇନ୍ସପେକ୍ଟର ତାହା ଶୁଣି ନାହାନ୍ତି ଏହାର ଇଙ୍ଗିତ ଦିଆଗଲା । ଏହିପରି 'ମେଘନାଦ ବଧ'ରେ (ପୃ ୪୧) ହନୁମାନ ଯେତେବେଳେ ୮୯ ଧାଡ଼ି ସ୍ୱଗତୋକ୍ତି କଲେ ତାହା ଦର୍ଶକମାନେ ଶୁଣିଲା ପରେ ପ୍ରମୀଳା ତାଙ୍କୁ ପଚାରିଲେ "କିରେ ଏପରି ନିର୍ବାକ୍ ଭାବରେ ଛିଡ଼ା ହେଲୁ ଯେ ?" 'ସତ୍ୟବିଜୟ' ନାଟକରେ (ପୃ ୧୯) ଏହିପରି ନଗରୀର ସ୍ୱଗତୋକ୍ତି ପରେ ପ୍ରକାଶ୍ୟରେ 'ହିଁ' କହିବା ପରେ ଭୈରବ କହିଲା "ଘଡ଼ିଏ ଭାବି ଭାବି କହିଲୁ 'ହିଁ'." ଏହିସବୁ ଇଙ୍ଗିତ ଦ୍ୱାରା ଅଭିନୟ କାଳରେ ସ୍ୱଗତୋକ୍ତି ଗୁଡ଼ିକ ଅନ୍ୟ ଚରିତ୍ରର ଅଗୋଚରରେ କୁହା ଯାଇଥିବାର ସ୍ପଷ୍ଟ ପ୍ରକାଶ କରାଯାଏ । 'ହିନ୍ଦୁରମଣୀ'ରେ (ପୃ ୮୩) କୁମୁଦିନୀ ସ୍ୱଗତଃ "ଦ୍ୱିଚାରିଣୀ କଳଙ୍କିନୀ ପୁଣି ଆଶା ପୋଷଣ କରୁଛି ! ଓଃ କି ଘୃଣା !" କହିବା ପରେ ପେଷ୍ଟ୍ରର ମାଇତି କହିଲେ "ନୀରବ କାହିଁକି ହେଲି ?" ଓ ସେହି ପୁସ୍ତକରେ (ପୃ ୬୭) ଗୋବିନ୍ଦ ସ୍ୱଗତଃ ଅନେକ କଥା କହିବା ପରେ ମୋହିନୀ କହୁଛି "ସାଙ୍ଗ, ଭାବୁଛ କଣ ?" ଏହିପରି ଭାବରେ ସ୍ୱଗତୋକ୍ତି ଗୁଡ଼ିକ ଯେ ଦର୍ଶକମାନଙ୍କ ପକ୍ଷରେ ସୁସ୍ପଷ୍ଟ ଇଙ୍ଗିତ ଦ୍ୱାରା ନିର୍ଦ୍ଦେଶ କରି ଦିଆ ଯାଇଥାଏ ତାହା କେବଳ ଅଭିନୟକାଳୀନ ଅବାସ୍ତବତାକୁ ଘୋଡ଼ାଇବା ନିମନ୍ତେ ।

ପୁଣି କେତେକ ସ୍ଥାନରେ ଏପରି ନିର୍ଦ୍ଦେଶ ଦ୍ୱାରା ମଧ୍ୟ ସନ୍ତୁଷ୍ଟ ନ ହୋଇ ସ୍ୱଗତୋକ୍ତି ଯେ ରଙ୍ଗମଞ୍ଚରେ ଥିବା ଅନ୍ୟାନ୍ୟ ଚରିତ୍ରର ଶ୍ରୁତିଗୋଚର ହୋଇଅଛି ମାତ୍ର ସେ ତାହାର ମର୍ମ ଗ୍ରହଣ କରି ପାରିନାହିଁ ଏହିପରି ଭାବରେ ବର୍ଣ୍ଣନା କରି ଯାଇଥାଏ । 'ସଂସାର ଚିତ୍ର'ରେ ସଦାନନ୍ଦ ଯେତେବେଳେ ନିଜର ଘର ସମ୍ମୁଖ ଦେଇ ସାଧାରଣ କଏଦୀ ରୂପରେ ଜେଲକୁ ନୀତ ହେଉଅଛି ସେତେବେଳେ ନିଜର ଘର ଓ ଅନ୍ୟାନ୍ୟ ସ୍ଥାନ ଦେଖି ଅତି ଦୁଃଖରେ ଅଭିଭୂତ ହୋଇ ଏକ ଅତି ଦୀର୍ଘ ସ୍ୱଗତୋକ୍ତି କରିଥିଲେ ଓ ଏହି ସ୍ୱଗତୋକ୍ତିକୁ ଲକ୍ଷ୍ୟ କରି କନେଷ୍ଟବଲ କହୁଅଛି—"ଅରେ ଚଲୋ ଜଲଦି, ବକ୍‌ବକ୍ ପିଛେ କରୋଗେ" ଏଠାରେ ସ୍ୱଗତୋକ୍ତିକୁ ମୌନ ହୋଇ ରହିବା ରୂପରେ ବର୍ଣ୍ଣନା କରି ନ ଯାଇ ଏହାର ଶବ୍ଦକୁ କନେଷ୍ଟବଲ ଶୁଣି ପାରିଅଛି ଅଥଚ ଏହାର ମର୍ମ ଗ୍ରହଣ କରି ପାରିନାହିଁ ଏହାହିଁ ନାଟ୍ୟକାର ନିର୍ଦ୍ଦେଶିତ କରୁଅଛନ୍ତି । ଏହିପରି 'ଗୋବିନ୍ଦ ବିଦ୍ୟାଧର' ନାଟକର (ପୃ ୧୫) ଗୋବର୍ଦ୍ଧନ ଯେତେବେଳେ ସ୍ୱଗତୋକ୍ତି କରୁଅଛି ତାହାପରେ ଗୋବିନ୍ଦ "ନିଜେ ନିଜେ କଣ ବକୁଛି ପାଗଳ" ଏହିପରି କହିବା ଦ୍ୱାରା ଠିକ୍ ପୂର୍ବ ଲିଖିତ ନିର୍ଦ୍ଦେଶହିଁ ସୂଚିତ ହେଉଅଛି । 'ବସନ୍ତ ଲତିକା' ନାଟକରେ ଏହି ଉଭୟବିଧ ନିର୍ଦ୍ଦେଶ ଏକତ୍ରରେ ମିଳିଥାଏ । ୧୪ ପୃଷ୍ଠାରେ ରାଣୀ ଗୋଟିଏ ଅତି ଦୀର୍ଘ ଏକ ପୃଷ୍ଠା ବ୍ୟାପୀ ସ୍ୱଗତୋକ୍ତି କରୁଅଛନ୍ତି ଓ ଅନେକ ବେଳ ପର୍ଯ୍ୟନ୍ତ ନାଟକୀୟ କାର୍ଯ୍ୟ ରଙ୍ଗମଞ୍ଚରେ ବନ୍ଦ ରହିଅଛି ମାତ୍ର ଏହି ଦୀର୍ଘ ସ୍ୱଗତୋକ୍ତିର ଅବ୍ୟବହିତ ପରେ ବସନ୍ତ କହୁଅଛି "ମା ! ଅନେକବାର ମୁଁ ଆପଣଙ୍କର ଏପରି ମୌନଭାବ ଅବଲୋକନ କଲିଣି" କିନ୍ତୁ ୯୧ ପୃଷ୍ଠାରେ ଚେଲା ସ୍ୱଗତୋକ୍ତି କରିବା ପରି ବାବାଜି-"ଅରେ କ୍ୟା ବଡ଼ ବଡ଼ ହୋତା ?" ଏହିପରି କହୁଅଛି ଅର୍ଥାତ୍ ଗୋଟିଏ ସ୍ୱଗତୋକ୍ତି ମୌନ ଓ ନୀରବ ଏବଂ ଅନ୍ୟଟି ସଶବ୍ଦ ଓ ଅନୁପଲବ୍ଧ ଏହାହିଁ ସୂଚିତ ହେଉଅଛି । 'ସତ୍ୟବିଜୟ'ରେ ଜଜ ରାୟ ଲେଖିବା ସମୟରେ ଅନ୍ୟ କିଛି ନାଟକୀୟ କାର୍ଯ୍ୟ ରଙ୍ଗମଞ୍ଚରେ ହେଉ ନ ଥିବା ସ୍ଥଳେ କାର୍ଯ୍ୟଶୂନ୍ୟ ସମୟକୁ ନାଟ୍ୟକାର ଗୋଟିଏ ସ୍ୱଗତୋକ୍ତି ଦ୍ୱାରା ପୂରଣ କରିଅଛନ୍ତି ଓ ଏହି ସମୟରେ ଏପ୍ରକାର ସ୍ୱଗତୋକ୍ତି ମଧ୍ୟ ଗୋଟିଏ ରୀତି ହୋଇ ପଡ଼ିଅଛି କାରଣ ଏହି ସମୟରେ ମାନସିକ ଉତ୍ତେଜନା ଓ ଦ୍ୱନ୍ଦ୍ୱ ନିର୍ଦ୍ଦେଶ କରିବା ନାଟ୍ୟକାର ପକ୍ଷରେ ଅନ୍ୟ ଉପାୟରେ ସମ୍ଭବ ନୁହେଁ । ବାସ୍ତବରେ ଅନେକ ସମୟରେ ମାନସିକ ଦ୍ୱନ୍ଦ୍ୱ ଦେଖାଇବା ନିମନ୍ତେ ସ୍ୱଗତୋକ୍ତି ଛଡ଼ା ଅନ୍ୟ ଉପାୟ ନ ଥାଏ ଓ ନାଟ୍ୟକାରମାନେ ବାଧ୍ୟ ହୋଇ ଏହି ବହୁ କାଳ ପ୍ରଚଳିତ ରୀତିର ଆଶ୍ରୟ ଗ୍ରହଣ କରିଥାନ୍ତି । ପରଶୁରାମଙ୍କୁ ଯେତେବେଳେ ଜମଦଗ୍ନି ମାତୃହତ୍ୟା କରିବା ନିମନ୍ତେ ଆଦେଶ ଦେଲେ ସେତେବେଳେ ତାଙ୍କ ମନରେ ମାତୃସ୍ନେହ ଓ ପିତୃବାକ୍ୟ ପାଳନ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଜାତ ହେଲା ତାହା ଦେଖାଇବା ନିମନ୍ତେ ନାଟ୍ୟକାର ସ୍ୱଗତୋକ୍ତିର ଆଶ୍ରୟ ନେଇଅଛନ୍ତି ଓ ପରଶୁରାମ (ପୃ ୫୩) "ଏଣେ ମାତୃଭକ୍ତି ସମୁଦ୍ରର ତରଙ୍ଗ ଉତ୍ତାଳ, ତେଣେ ପିତୃ କ୍ରୋଧ ପାବକର ଉତ୍ତାପ ଭୀଷଣ ! ଯିବି କାହିଁ ? ଜୀବନର ସନ୍ଧି ସ୍ଥଳେ ପଡ଼ିଅଛି ଆଜି ।" ଏହିସବୁ ବାକ୍ୟ ଦ୍ୱାରା ନିଜର ମାନସିକ ଦ୍ୱନ୍ଦ୍ୱ ପ୍ରକାଶ କରୁଅଛନ୍ତି । 'ସୁର୍ଣ୍ଣଲତା'ରେ (ପୃ ୬୮) ମଧ୍ୟ ସେହିପରି ପରମାନନ୍ଦଙ୍କ ସ୍ୱଗତୋକ୍ତିରେ "ବିଷମ ସଙ୍କଟ । ଏଣେ ପତ୍ନୀଙ୍କର ଏ ଜୁଲୁମ ତେଣେ ଜ୍ୟେଷ୍ଠ ଭ୍ରାତା ! ତାଙ୍କର ସ୍ନେହ ! ତାଙ୍କର ଯତ୍ନ" ଏହିପରି ବାକ୍ୟମାନଙ୍କ

ଦ୍ୱାରା ମାନସିକ ଦ୍ୱନ୍ଦ୍ୱ ସୂଚିତ ହେଉଅଛି । ବାସ୍ତବରେ ମାନସିକ ଦ୍ୱନ୍ଦ୍ୱ ପ୍ରକାଶ କରିବା ନିମନ୍ତେ ସ୍ୱଗତୋକ୍ତିର ଏତେ ବ୍ୟବହାର ହୋଇଥାଏ ଓ ସେକ୍ସପିଅରଙ୍କର Hamlet ରେ ଲିଖିତ To be or not to be ପରେ ଏହା ନାଟ୍ୟକାରମାନଙ୍କର ଏତେ ପ୍ରିୟ ରୀତି ରୂପରେ ବ୍ୟବହୃତ ହୋଇଥାଏ ଯେ ଏହାର ଅନ୍ୟାନ୍ୟ ଉଦାହରଣ ଦେବା ନିଷ୍ପ୍ରୟୋଜନ । ଅନେକ ସମୟରେ କୌଣସି ଚରିତ୍ରର ବାସ୍ତବ ମନୋଭାବ ଓ ଭବିଷ୍ୟତରେ ସେ କିପରି ଭାବରେ କାର୍ଯ୍ୟ କରିବ ବା ବର୍ତ୍ତମାନ କାର୍ଯ୍ୟ ବିଷୟରେ ତାର ମତାମତ ଜ୍ଞାପନ କରିବା ନିମନ୍ତେ ମଧ ସ୍ୱଗତୋକ୍ତିର ପ୍ରୟୋଜନ ହୋଇଥାଏ । ଓଡ଼ିଆ ନାଟକରେ ଏହାର ଅନେକ ଉଦାହରଣ ଆମ୍ଭେମାନେ ପାଇ ଥାଉଁ ଓ ସଂସ୍କୃତ ନାଟକରେ ପ୍ରଚଳିତ ରୀତିର ଅନୁକରଣରେ ଏ ସମସ୍ତ ଲିଖିତ । 'ଯୁଗଧର୍ମ'ରେ (ପୃ ୬୮) ହରିଦାସ ଏହିପରି ବ୍ରାହ୍ମ ବିବାହ ପଦ୍ଧତି ଉପରେ ନିଜର ସମାଲୋଚନା ସ୍ୱଗତୋକ୍ତି ଦ୍ୱାରା ପ୍ରକାଶ କରୁଅଛନ୍ତି, ରାଣୀ ଭବିଷ୍ୟତରେ ତାର ମାତାର ଅନୁମତି ଯେକ ରାଧା ମାତା ସଙ୍ଗରେ ରୂପ ଦେଖିବାକୁ ଯିବାର ବନ୍ଦୋବସ୍ତ କରିବାର ଇଚ୍ଛା ଦର୍ଶକମାନଙ୍କୁ ସ୍ୱଗତୋକ୍ତି ଦ୍ୱାରା (ପୃ ୫୮) ଜଣାଇ ଦେଉଅଛି ଓ ଉଦ୍ଧବ ଦାସ ଚନ୍ଦନ ସମ୍ବନ୍ଧରେ ନିଜର ବାସ୍ତବ ମନୋଭାବ ଏହିପରି (ପୃ ୬୨୦) ସ୍ୱଗତୋକ୍ତି ଦ୍ୱାରା ପ୍ରକାଶ କରୁଅଛି । କେତେକ ସ୍ଥାନରେ ପୁଣି ନାଟକମାନଙ୍କରେ ଗୋଟିଏ ଚରିତ୍ର ନିଜର କଥିତ ବାକ୍ୟମାନଙ୍କରୁ କେତେକ ଅଂଶ ପ୍ରକାଶ୍ୟରେ ଓ କେତେକ ସ୍ୱଗତୋକ୍ତି ଦ୍ୱାରା ପ୍ରକାଶ କରିବାର ନିର୍ଦ୍ଦେଶ ଦିଆଯାଇଥାଏ ଓ ଏ ଗୁଡ଼ିକର ଯଥାଯଥ ଅଭିନୟ କରିବା କଷ୍ଟକର ମାତ୍ର ଏହା ମଧ ସଂସ୍କୃତ ନାଟକର ରୀତି ଅନୁସାରେ ଲେଖା ହୋଇଥାଏ ଓ ଏହା ରଙ୍ଗମଞ୍ଚ ରୀତି ଥିବାରୁ ଏହାର ଅବାସ୍ତବତା ଦର୍ଶକମାନଙ୍କ ମନରେ ଆଘାତ ଜାତ କରେ ନାହିଁ । ଉଦାହରଣ ସ୍ୱରୂପ 'ସୁଭଦ୍ରାର୍ଜୁନ'ରେ (ପୃ ୬୫) ଅନାଥର "(ସ୍ୱଗତଃ) ଏତେ ବକଟେ ପିଲା କଥା ଶୁଣ । ଏ ଯେପରି ସ୍ୱର୍ଗରୁ ଠାଣି ଆଣୁଛି ! "କିଏ ଏ ଛଦ୍ମବେଶୀ ? (ପ୍ରକାଶ୍ୟେ) ଭୁମ୍ଭର ପରିଚୟ କଣ ବାଳକ ?" ଲିଖିତ ହୋଇପାରେ ଓ ଏହିପରି ଉଦାହରଣ ଅନ୍ୟାନ୍ୟ ନାଟକରେ ମଧ ଅନେକ ସ୍ଥାନରେ ମିଳି ପାରିବ । ସ୍ୱଗତୋକ୍ତି ଗୋଟିଏ ନାଟକୀୟ ରୀତି ରୂପରେ ପରିଗଣିତ ହୋଇଥିଲେହେଁ ତାହାର ସଂଯତ ବ୍ୟବହାର ଆବଶ୍ୟକ ଓ ଓଡ଼ିଆ ନାଟକରେ ତାହାର ଯେପରି ବହୁଳ ବ୍ୟବହାର ଦେଖାଯାଏ ତାହା ସର୍ବଦା ସମର୍ଥନଯୋଗ୍ୟ ନୁହେଁ । 'ସୁର୍ଣ୍ଣଲୀ' (ପୃ ୧୬)ରେ ସ୍ୱର୍ଣ୍ଣମର୍ଯ୍ୟାଙ୍କ ସ୍ୱଗତୋକ୍ତି ବାସ୍ତବରେ ହାସ୍ୟରସର ଅବତାରଣା କରୁଅଛି ଓ ତାହାର ବିଶେଷ ପ୍ରୟୋଜନ ନାହିଁ । ପୁଣି 'ଧ୍ରୁବ ତପସ୍ୟା'ରେ (ପୃ ୩୬) ଅଗାଧୁ ଠକ୍କା ବିଷୟରେ ଯେଉଁ ସ୍ୱଗତୋକ୍ତି କରୁଅଛି ତାହା ମଧ ନାଟ୍ୟକଳା ଦୃଷ୍ଟିରୁ ନିଷ୍ପ୍ରୟୋଜନ । 'ସୁଦାମା' (ପୃ ୬୬) ଓ 'ବଲ୍ଲମଙ୍ଗଳ'ରେ (ପୃ ୧୧) ଯେଉଁ ସ୍ୱଗତୋକ୍ତିମାନ ବ୍ୟବହାର କରା ଯାଇଅଛି ସେ ସବୁ ଅଭିନେତା ନିଜର ଅଭିନୟକୌଶଳ ଓ ଯଥାଯଥ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରକାଶ କରିପାରେ ଓ ଅନେକ ସ୍ଥାନରେ ଏହି ସ୍ୱଗତୋକ୍ତି ଏକାନ୍ତ ନିଷ୍ପ୍ରୟୋଜନ ବୋଲି ବୋଧ ହୋଇଥାଏ । ଯାହା ହେଉ ଆଧୁନିକ ନାଟକମାନଙ୍କରେ ଏହାର ବ୍ୟବହାର ସ୍ୱତଃ କମି ଯାଉଥିବା ସ୍ଥଳେ ଏହାର ବିଶଦ ଆଲୋଚନା କରିବାର ପ୍ରୟୋଜନ ନାହିଁ ।

ଓଡ଼ିଆ ନାଟକର ଆଉ ଗୋଟିଏ ରଙ୍ଗମଞ୍ଚର ରୀତି ଏହି ଯେ ଏଥିରେ ଯୁଦ୍ଧ କ୍ଷେତ୍ରରେ ପରସ୍ପର ଯୁଦ୍ଧ କରୁଥିବା ସେନାନାୟକ ବା ରାଜାମାନଙ୍କର ଭେଟ ହୋଇ ସେମାନଙ୍କର କଥାବାର୍ତ୍ତା ଦ୍ୱାରା ବୀର ରସର ଅବତାରଣା ହୋଇଥାଏ । ବାସ୍ତବରେ କିନ୍ତୁ ତାହା ଏହିପରି ଘଟେ ନାହିଁ । ଯୁଦ୍ଧକାଳୀନ ବୀର ରସରେ ଉକ୍ତି ପ୍ରତ୍ୟୁକ୍ତି ବାସ୍ତବରେ ରଙ୍ଗରେ ଅବାସ୍ତବ ବୋଲି ପ୍ରତୀୟମାନ ହୋଇ ହାସ୍ୟର ଉଦ୍ରେକ କରିବା ସମ୍ଭବ । ମାତ୍ର ଏହା ପ୍ରଚଳିତ ରୀତି ରୂପରେ ବ୍ୟବହୃତ ହେଉ ଥିବାରୁ ଏହିପରି ଦୃଶ୍ୟର ଅବାସ୍ତବତା ଦର୍ଶକମାନେ ସହ୍ୟ କରିଯାନ୍ତି । ଏପରି କି ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ ନ ହୋଇ ଏହା ଅତ୍ୟନ୍ତ ଦୀର୍ଘ ବକ୍ତୃତା କ୍ଷେତ୍ର ବା ପ୍ରେମିକପ୍ରେମିକାମାନଙ୍କର ମିଳନ କ୍ଷେତ୍ର ନିମନ୍ତେ ଅନେକ ସ୍ଥାନରେ ଅଭିପ୍ରେତ ବୋଲି ମନେ ହୁଏ । 'କାର୍ତ୍ତବୀର୍ଯ୍ୟ' (ପୃ ୬୫) ନାଟକରେ ଯୁଦ୍ଧକ୍ଷେତ୍ରରେ କାର୍ତ୍ତବୀର୍ଯ୍ୟ ଓ ମହେନ୍ଦ୍ରରାଣୀ ବହୁକ୍ଷଣ ବୀର ରସରେ କଥାବାର୍ତ୍ତା କରୁଥିବାର ଉଲ୍ଲେଖ କରା ଯାଇଅଛି ଓ ଏହି ଦୃଶ୍ୟରେ ଘଟଣାକାର୍ଯ୍ୟ ଅପେକ୍ଷା କଥା ଅଧିକ । 'କେଶରୀଗଙ୍ଗ'ରେ ଏହିପରି ରଙ୍ଗମଞ୍ଚରେ ସୈନିକମାନଙ୍କର କଥାବାର୍ତ୍ତା ଓ 'ପୁରୁଷୋତ୍ତମଦେବ'ରେ ଯୁଦ୍ଧକ୍ଷେତ୍ରରେ ପଦ୍ମିନୀ ଓ ପୁରୁଷୋତ୍ତମଦେବଙ୍କର ଭେଟ ଉଦାହରଣ ସ୍ୱରୂପ ଉଲ୍ଲେଖ କରା ଯାଇପାରେ । ସଂସ୍କୃତ ନାଟକରେ ଯୁଦ୍ଧର ଚିତ୍ର ରଙ୍ଗମଞ୍ଚରେ ପ୍ରଦର୍ଶନ କରିବା ନିଷିଦ୍ଧ ଓ ଏହି ରୀତିର ଅନୁସରଣ କରି ଓଡ଼ିଆ ନାଟକରେ ଯୁଦ୍ଧର ପ୍ରତ୍ୟକ୍ଷ ଅଭିନୟ କରା ନ ଯାଇ ନାଟକମାନଙ୍କରେ ଯୁଦ୍ଧର ବର୍ଣ୍ଣନା ମାତ୍ର ଅନେକ କ୍ଷେତ୍ରରେ ଦିଆ ଯାଇଥାଏ । 'ପୁରୁଷୋତ୍ତମ ଦେବ'ରେ (ପୃ ୧୪୪) ମର୍ଦ୍ଦା ସିଡ଼ିରେ ଉଠି କାର୍ତ୍ତିକ ରାଏଙ୍କ ଯୁଦ୍ଧ ବର୍ଣ୍ଣନା କରୁଅଛନ୍ତି । 'ଭୀଷ୍ମାର୍ଜୁନ'ରେ ମଧ ସଞ୍ଜୟ ଧୃତରାଷ୍ଟ୍ରଙ୍କ ନିକଟରେ କୁରୁକ୍ଷେତ୍ର ଯୁଦ୍ଧର ବର୍ଣ୍ଣନା କରୁଅଛନ୍ତି ମାତ୍ର ଅନ୍ୟ ଅନେକ ନାଟକରେ ବାସ୍ତବ ଯୁଦ୍ଧ ରଙ୍ଗମଞ୍ଚରେ ଅଭିନୀତ ହୋଇଥାଏ ଓ ଏହି ଅଭିନୟର ଅବାସ୍ତବତା ପ୍ରତି ଦର୍ଶକମାନେ ଅବହିତ ହୁଅନ୍ତି ନାହିଁ ।

କିନ୍ତୁ ସଂସ୍କୃତ ଅଳଂକାର ଶାସ୍ତ୍ରର ଅନୁମୋଦନ ଆଜିକାଲି ନାଟକରେ ଦେଖାଯାଏ ନାହିଁ । ଏଣୁ ପ୍ରକାଶ୍ୟ ରଙ୍ଗମଞ୍ଚରେ ହତ୍ୟା (କଳିକାଳ, ପୃ ୧୮୬), ଆତ୍ମହତ୍ୟା (ତାରାବାଇ, ପୃ ୭୦), ଆଲିଙ୍ଗନ, ଚୁମ୍ବନ ପ୍ରଭୃତି (ସାବିତ୍ରୀ, ପୃ ୧୦୦) ଅଭିନୀତ ହୋଇଥାଏ ଓ ଅନେକ ସମୟରେ ଏହି ଦୃଶ୍ୟ ଗୁଡ଼ିକ ବିଭତ୍ସ ହେଲେହେଁ କେବଳ ଅଭିନୟ କାଳୀନ ସାମୟିକ ଉତ୍ତେଜନା ସୃଷ୍ଟି କରିବା ନିମନ୍ତେ ନାଟ୍ୟକାର ବ୍ୟବହାର କରିଥାନ୍ତି । 'ଗୌଡ଼ବିଜୟ'ରେ ଏହିପରି ଗୋଟିଏ ଦୃଶ୍ୟରେ ଅନେକ ଲୋକଙ୍କୁ ପିସ୍ତଲ ଦ୍ୱାରା



Digitized by srujanika@gmail.com

# ଓଡ଼ିଆ ନାଟକର ନାଟ୍ୟଶାଳା ସହିତ ସମ୍ପର୍କ

ଗୋଟିକ ପରେ ଗୋଟିଏ ହତ୍ୟା କରିବା ଦୃଶ୍ୟ ସନ୍ନିବେଶିତ ହୋଇଅଛି (ପୃ ୧୬୩)। ଅନେକ ସମୟରେ ଉତ୍ତେଜନା ସୃଷ୍ଟି କରିବା ନିମନ୍ତେ ନାଟ୍ୟକାର ଅଭିନୟକାଳୀନ ଅସୁବିଧା ସମ୍ପୂର୍ଣ୍ଣ ଭାବେ ବିସ୍ମୃତ ହୋଇଥାନ୍ତି। ଏହାର ଉଦାହରଣ ମଧ୍ୟ ଓଡ଼ିଆ ନାଟକରେ ବିରଳ ନୁହେଁ। 'କଳିକାଳ' (ପୃ ୧୮୬)ରେ କୃଷ୍ଣଚରଣ ନିଦ୍ରିତା ପାର୍ବତୀଙ୍କୁ ଅସ୍ତ୍ର ଏକ ଘେଣ୍ଟ ଦେଇ କହୁଅଛନ୍ତି 'ବସ୍ ମୁଣ୍ଡ ଛିଣ୍ଡି ଗଲା' କିନ୍ତୁ ଅଭିନୟ ସମୟରେ ଏହିପରି ମସ୍ତକ ବିଚ୍ୟୁତିର ଅଭିନୟ କିପରି ଭାବରେ ସମ୍ଭବ ? ପୁଣି 'ଗୋବିନ୍ଦ ବିଦ୍ୟାଧର' ନାଟକରେ ଗୋବର୍ଦ୍ଧନ (ପୃ ୬୮) ଜନ୍ମେଜୟ ଦେବର ଛିନ୍ନ ମସ୍ତକ ଘେନି ରଙ୍ଗମଞ୍ଚ ମଧ୍ୟରେ ପ୍ରବେଶ କରିବାର ଚିତ୍ର ଦିଆ ଯାଇଅଛି ଓ ଅନେକ ବେଳ ପର୍ଯ୍ୟନ୍ତ ଏହି ଛିନ୍ନ ମସ୍ତକ ତା ହାତରେ ରହିଅଛି। ଏହା ମଧ୍ୟ ଅଭିନୟ ସମୟରେ ଯଥାଯଥ ଓ ବାସ୍ତବ ରୂପରେ ପ୍ରଦର୍ଶନ କରିବାରେ ନାନା ଅସୁବିଧା ରହିଅଛି।

ବାସ୍ତବିକ ଅନେକ ସମୟରେ ଅଭିନୟ କାଳରେ କିପରି ଅସୁବିଧା ଘଟି ପାରେ ଓ ରଙ୍ଗମଞ୍ଚରେ ଗୋଟିଏ ଦୃଶ୍ୟ କିପରି ଭାବରେ ଅଭିନୀତ ହୋଇପାରେ ତାହାର ବିଚାର ନ କରି ଅନେକ ଗୁଡ଼ିଏ ଚିତ୍ର କେବଳ picturesque effect ସକାଶେ ନାଟକମାନଙ୍କରେ ଦିଆ ଯାଇଅଛି ଓ ଯେଉଁମାନେ ରଙ୍ଗମଞ୍ଚ ସହିତ ଅନେକ ଦିନ ସମ୍ପୃକ୍ତ ଏପରି ଲେଖକମାନଙ୍କ ନାଟକରେ ମଧ୍ୟ ଏହିପରି ଦୃଶ୍ୟମାନ ସମୟ ସମୟରେ ମିଳିଥାଏ। ପ୍ରୟୋଜକର ଶୃଙ୍ଖଳା ଦ୍ୱାରା କେତେକ ଗୁଡ଼ିଏ ଦୃଶ୍ୟ ଦେଖାଇବା ସମ୍ଭବ ହେଲେହେଁ ସେ ଦୃଶ୍ୟ ଗୁଡ଼ିକର pictorial value ଛଡ଼ା କୌଣସି ସ୍ଥାୟୀ ମୂଲ୍ୟ ନାହିଁ। ବଙ୍ଗଳାରେ ୨୯ ଡିସେମ୍ବର ୧୮୭୫ ମସିହାରେ Great National Theatre ର 'ସ୍ୱରକରୁଣ୍ଡ' ନାଟକର ଅଭିନୟର ବିଜ୍ଞାପନରେ 'Railway Train on the stage' ଏହିପରି ବିଜ୍ଞାପନ ଦିଆ ଯାଇଥିଲା ଓ ରେଳଗାଡ଼ି ସେ ସମୟରେ ନୂତନ ଥିବାରୁ ରଙ୍ଗମଞ୍ଚରେ ଏହାର ଅଭିନୟ ଦୃଶ୍ୟ କେବଳ pictorial value ସକାଶେ ଗୃହୀତ ହୋଇଥିଲା। ମାତ୍ର ଅଶ୍ୱିନୀ ବାବୁ 'ହିନ୍ଦୁରମଣୀ'ର ଦ୍ୱିତୀୟ ଅଙ୍କର ଷଷ୍ଠ ଦୃଶ୍ୟରେ ଚଳନ୍ତା ରେଳଗାଡ଼ିର ଗୋଟିଏ ସେକେଣ୍ଡ କ୍ଲାସ compartment କୁ ଅଭିନୟ ସ୍ଥାନ ବୋଲି ନିର୍ଦ୍ଦେଶିତ କରିଅଛନ୍ତି ମାତ୍ର ବାସ୍ତବ ରଙ୍ଗମଞ୍ଚରେ ଏ ଦୃଶ୍ୟ ଦେଖାଇବା ଅତ୍ୟନ୍ତ କଠିନ ଓ ଅନ୍ୟ କୌଣସି ନାଟକରେ ମୁଁ ଏହି ଚଳନ୍ତ ରେଳଗାଡ଼ିର ଉଲ୍ଲେଖ ପାଇ ନାହିଁ। ମାତ୍ର "ମେଘନାଦ ଶକ୍ତି ପ୍ରହାର କରିବା ଓ ଲକ୍ଷ୍ମଣ ନାନା ଅସ୍ତ୍ରଦ୍ୱାରା ତାହା ପ୍ରତିରୋଧ କରିବାର ଚିତ୍ର" (ପୃ ୮୫, ମେଘନାଦ ବଧ) "ହନୁମାନଙ୍କୁ ବାଟୁଳି ପ୍ରହାର କରିବା ଓ ହନୁମାନର ପର୍ବତସହ ଆକାଶରୁ ପତନ" ( ମେଘନାଦ ବଧ, ପୃ ୮୯ ) ଓ ଚିତା ଜଳିବା ଓ ପ୍ରମିଳାର ଜ୍ୱଳନ୍ତ ଚିତାରେ ପ୍ରବେଶ ଓ ସୁବର୍ଣ୍ଣ ରଥୋପରି ସ୍ୱର୍ଗକୁ ଗମନ (ମେଘନାଦ ବଧ) ପ୍ରଭୃତି ବାସ୍ତବ ରଙ୍ଗମଞ୍ଚରେ ଅଭିନୟ ଦ୍ୱାରା ପ୍ରକାଶ କରିବା ଦୁଃସାଧ୍ୟ। ଜ୍ୱଳନ୍ତ ଚିତାରେ ପ୍ରବେଶ ଚିତ୍ର ଅନ୍ୟ ଅନେକ ନାଟକରେ ମଧ୍ୟ ସନ୍ନିବେଶିତ ହୋଇଅଛି। 'ଫସାରଚର୍ଯ୍ୟା' (ପୃ ୮୭)ରେ କୁନ୍ତଳା "ଚିତା ମଧ୍ୟରେ ପ୍ରବେଶ" 'ଚିତାରେ ଅଗ୍ନି ସଂଯୋଗ କରୁ କରୁ' 'ଭସ୍ମ ହେଉ ଦେହ ପ୍ରାଣ ହେ ଯୁବକଗଣ। ଅନ୍ତେ ମାଗୁଛି, ଛାଡ଼ ବିବାହର ପଣ" କହି ଚିତା ପ୍ରଜ୍ୱଳିତ ଓ ଉକ୍ତ ପଦ୍ୟଟି ଅଗ୍ନି ଅକ୍ଷରରେ ଚିତାରେ ପ୍ରତିଫଳିତ ହେବା ଦୃଶ୍ୟ ସନ୍ନିବେଶିତ ହୋଇଅଛି ଓ 'ତାରିବାଟ'ରେ ( ପୃ ୮୯ ) ମଧ୍ୟ ଜ୍ୱଳନ୍ତ ଚିତା ମଧ୍ୟକୁ ତାରିବାଇ ଡେଇଁ ପଡିଲେ ଏହି ଦୃଶ୍ୟ ପ୍ରଦର୍ଶିତ ହୋଇଅଛି।

ଜ୍ୱଳନ୍ତ ଚିତା ମଧ୍ୟରେ ପ୍ରବେଶ ଅନୁକରଣରେ ନଦୀ ବକ୍ଷରେ ପତନ ମଧ୍ୟ ରଙ୍ଗମଞ୍ଚରେ ଅଭିନୀତ ହେବା ନିର୍ଦ୍ଦେଶିତ ହୋଇଥାଏ। 'ଗୌଡ଼ବିଜେତା' ( ପୃ ୧୦୫ )ରେ "ସୈନ୍ୟଗଣ ନଦୀ ବକ୍ଷରେ ଡେଇଁ ପଡିଲେ। ନଦୀର ଅପର ପାର୍ଶ୍ୱରେ ତୀରରେ ଶତ୍ରୁଗଣ ସୈନ୍ୟ ଶାନ୍ତିର ଶୟନ କରିବା କାଷ୍ଠାସନ ବହନ କରି ରଙ୍ଗଭୂମିରେ ପ୍ରବେଶ ଚିତ୍ର ନଦୀର ଦୁଇ କୂଳରେ ଘଟୁଥିବା କାର୍ଯ୍ୟ ଏକାବେଳକେ ରଙ୍ଗମଞ୍ଚରେ ପ୍ରଦର୍ଶନ କରିବା ଯେ କେତେ ଦୂର ଦୁରୂହ ତାହା ସମସ୍ତେ ଅନୁଧାବନ କରି ପାରିବେ। 'କଟକ ବିଜୟ'ରେ ହ୍ରଦ ମଧ୍ୟରେ ସୈନ୍ୟମାନଙ୍କର ଡଙ୍ଗା ଅତିକ୍ରମଣ, 'କୋଣାର୍କ'ରେ ଧର୍ମାର ସମୁଦ୍ର ବକ୍ଷକୁ ଡେଇଁ ପଡିବା ଓ ପରବର୍ତ୍ତୀ ଦୃଶ୍ୟରେ ସମୁଦ୍ରର ଜଳ ବୃଦ୍ଧିପ୍ରାପ୍ତ ହୋଇ ଧର୍ମା ଓ ସରର ଶବ ଦୁଇଟିକୁ ଭସାଇ ନେଇଯିବା ପ୍ରଭୃତି ଦୃଶ୍ୟ ରଙ୍ଗମଞ୍ଚରେ ବାସ୍ତବ ଭାବରେ ଅଭିନୟ କରିବା ସୁକଠିନ।

ପୁଣି ନୈସର୍ଗିକ ଚରିତ୍ରମାନଙ୍କର ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ଦୃଶ୍ୟ ମଧ୍ୟ ଅନେକ ସମୟରେ ଅସୁବିଧା ସୃଷ୍ଟି କରିଥାଏ। 'ରୁକ୍ମିଣୀ' ନାଟକ (ପୃ ୯୩)ରେ ଗରୁଡ଼ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ଦୃଶ୍ୟ ପ୍ରଦର୍ଶିତ ହୋଇଅଛି। 'ସୀତା ବିବାହ'ରେ (ପୃ ୭୩) ଊର୍ଦ୍ଧ୍ୱରୁ ଅପ୍ସରାମାନେ ଗୀତ ଗାଇବା ଦୃଶ୍ୟ, 'ସୁଭଦ୍ରାର୍ଜ୍ଜୁନ'ରେ କୃଷ୍ଣ ସମୁଦ୍ର ଗର୍ଭରୁ ଉଠି ନିଜର କଥା କହିବା ଦୃଶ୍ୟ (ପୃ ୯୮) 'ଭୀଷ୍ମାର୍ଜ୍ଜୁନ'ରେ (ଶେଷ ଦୃଶ୍ୟ) ସହସା ଅର୍ଜ୍ଜୁନଙ୍କର ଶର ନିକ୍ଷେପ ଓ ପାତାଳରୁ ଜଳ ଉଠି ଭୀଷ୍ମଙ୍କର ମୁଖରେ ପଡ଼ିବା, 'ରଘୁଅରକ୍ଷିତ'ରେ (ପୃ ୬୮) ଶୂନ୍ୟରେ ରଘୁର ଯୋଗାରୂଢ଼ କାୟା ଭାସି ଉଠିବା ଦୃଶ୍ୟ, ସାବିତ୍ରୀ ରେ ସାବିତ୍ରୀଦେବୀଙ୍କର ଯଜ୍ଞ ସ୍ଥାନରେ ପ୍ରଜ୍ୱଳିତ ଅଗ୍ନି ମଧ୍ୟରୁ ଅବତୀର୍ଣ୍ଣ ହୋଇ ରାଜାଙ୍କୁ ବର ପ୍ରଦାନ ଦୃଶ୍ୟ ମଧ୍ୟ ରଙ୍ଗମଞ୍ଚରେ ଯଥାଯଥ ଭାବରେ ପ୍ରଦର୍ଶନ କରିବା ସୁକଠିନ। ସ୍ୱର୍ଗୀୟ ଅଭିରାମଭଞ୍ଜ 'ସୀତା ବିବାହ' ନାଟକର ସମାଲୋଚନା ଓ ମୁଖବନ୍ଧରେ ଲେଖିଥିଲେ ଯେ ଦୃଶ୍ୟକାବ୍ୟର ସାରବତ୍ତା ଓ ମହିମା ଏକା କଳ୍ପନା ଦ୍ୱାରା କଳନା କରା ଯାଇପାରେ। ଅଭିନୟ ଦ୍ୱାରା ତାହାର ଶତାଂଶର ପ୍ରକାଶ ସୁଦୂରପରାହତ। ଓଡ଼ିଆ ନାଟକମାନଙ୍କ ମଧ୍ୟରୁ ଅଧିକାଂଶ ଏହିପରି କଳ୍ପନାକୁ ଭିତ୍ତି କରି ଲିଖିତ ହୋଇ ଥିବାରୁ ସେମାନଙ୍କର ଅଭିନୟ ସୌକର୍ଯ୍ୟ ପ୍ରତି



Digitized by srujanika@gmail.com

ଲେଖକମାନେ ସେତେ ଅବହିତ ଥିଲା ପରି ବୋଧ ହେଉନାହିଁ । ବାସ୍ତବରେ 'କୋଣାର୍କ'ରେ (ପୃ ୬୩) ଧର୍ମ୍ମ ନିଦ୍ରାଭିଭୂତ ହୋଇ ସ୍ୱପ୍ନ ଦେଖିବାର ଯେଉଁ ଚିତ୍ର ପ୍ରଦର୍ଶିତ ହୋଇଅଛି ଓ 'ଓଡିଆ ଝିଅ'ରେ ରଙ୍ଗମଞ୍ଚ ଉପରେ ଘୋଡ଼ା ବାନ୍ଧି ରଖି (ପୃ ୯୩) ଘୋଡ଼ା ଉପରେ ଚଢ଼ି ବସିବାର ଯେଉଁ ଚିତ୍ରର ଉଲ୍ଲେଖ କରାଯାଇଅଛି ତାହା ଅଭିନୟ ସମୟରେ ବାସ୍ତବ କରି ପାରିବା ସୁକଠିନ ।

ଅଭିନୟ ସମୟରେ ରଙ୍ଗମଞ୍ଚରେ ହେଉଥିବା କାର୍ଯ୍ୟାବଳୀ ଓ ବାକ୍ୟ ଦ୍ୱାରା ନାଟ୍ୟକାର ନିଜର ମନୋଭାବ ବ୍ୟକ୍ତ କରିଥାନ୍ତି । ସେ ନିଜେ ଯବନିକାର ଅନ୍ତରାଳରେ ଥାଇ ଚରିତ୍ରମାନଙ୍କୁ ନିଜ ନିଜର ଅନ୍ତର୍ନିହିତ ଭାବ ପ୍ରକାଶ କରିବା ନିମନ୍ତେ ଛାଡ଼ି ଦିଅନ୍ତି । ଏହାହିଁ ନାଟକ ରଚନାର ଗୋଟିଏ ପ୍ରଧାନ ନିୟମ । କିନ୍ତୁ ଓଡ଼ିଆ ନାଟକରେ ନାଟ୍ୟକାର ଏହି ନିୟମର ବଶବର୍ତ୍ତୀ ହୋଇ ମୁଖ୍ୟତଃ ପ୍ରକାଶ୍ୟରେ ଲୋକମାନଙ୍କୁ କିଛି ନ କହିଲେହେଁ ନାନା ଉପାୟରେ ନାଟକୀୟ କଥା ଉପରେ ନିଜର ଟୀକା ଦେବାରେ ବିରତ ହୁଅନ୍ତି ନାହିଁ । ଏହିସବୁ ଉପାୟମାନଙ୍କ ମଧ୍ୟରୁ ପ୍ରଧାନ ନାଟକୀୟ ସଙ୍ଗୀତ । ରାମଶଙ୍କର ବାବୁ ତାଙ୍କ ନାଟକରେ ଏଥି ସକାଶେ ଅଦୃଶ୍ୟ କୁମାରୀଙ୍କର ଆବିର୍ଭାବ କଳ୍ପନା କରିଥିଲେ ଓ ଏହି ଅଦୃଷ୍ଟ କୁମାରୀମାନଙ୍କ ଦ୍ୱାରା ପୂର୍ବ ଦୃଶ୍ୟମାନଙ୍କରେ ବର୍ଣ୍ଣିତ ବିଷୟମାନଙ୍କ ଉପରେ ନିଜର ଟୀକା ଟିପ୍ପଣି ଦେଉଥିଲେ । ଗ୍ରୀକମାନଙ୍କ ନାଟକରେ ଏହି ରୀତିର ବ୍ୟବହାର ଥିଲା । ତାଙ୍କ ନାଟକରେ ଗୋଟିଏ ଅଙ୍କର ଅଭିନୟ ପରେ ଅନ୍ୟ ଅଙ୍କ ଆରମ୍ଭ ହେବା ପୂର୍ବରୁ Chorusର ଗାୟିକାମାନେ ପୂର୍ବବର୍ତ୍ତୀ ଅଙ୍କର କାର୍ଯ୍ୟ ଉପରେ ଲେଖକର ଟୀକା ସ୍ପଷ୍ଟ ଭାବରେ ଦେଉଥିଲେ ଓ ଏହା ଦ୍ୱାରା ନାଟକୀୟ କଥାବସ୍ତୁ ପ୍ରତି ଲେଖକର ଭାବ ସହଜରେ ଜଣା ପଡ଼ୁ ଥିଲା । ସେକ୍ସପିଅରଙ୍କର ନାଟକମାନଙ୍କରେ ଏହି ରୀତି ଆଦୌ ଅନୁସରଣ କରା ଯାଉ ନ ଥିଲା ମାତ୍ର ରାମଶଙ୍କର ବାବୁ 'ବିଷ ମୋଦକ' ନାଟକ ପରେ ପ୍ରତ୍ୟେକ ନାଟକରେ ପ୍ରତ୍ୟେକ ଅଙ୍କ ଶେଷରେ ଏହିପରି ଗୀତ ସଂଯୋଜିତ କରି ସେହି ଗୀତମାନଙ୍କ ଦ୍ୱାରା ପୂର୍ବ ଅଙ୍କରେ ଥିବା କାର୍ଯ୍ୟ ଉପରେ ନିଜର ଟୀକା ପ୍ରକାଶ କରୁଥିଲେ ଅର୍ଥାତ୍ ରଙ୍ଗମଞ୍ଚ ଉପରେ ଦର୍ଶକ ଓ ନାଟ୍ୟକାର ମଧ୍ୟରେ ସାକ୍ଷାତ୍ ସମ୍ବନ୍ଧ ସ୍ଥାପନ କରିବା ନିମନ୍ତେ ପ୍ରୟାସ କରୁଥିଲେ । ମାତ୍ର ଅନ୍ୟ ଅନେକ ନାଟକରେ ଏହି ରୀତି ଅନୁସୃତ ହୋଇଥିଲେହେଁ ଆଧୁନିକ ନାଟକମାନଙ୍କରେ ଏହି ସାକ୍ଷାତ୍ ସମ୍ବନ୍ଧ ସ୍ଥାପନର ପ୍ରୟାସକୁ ଲେଖକମାନେ ଅନୁସରଣ କରୁ ନାହାନ୍ତି ଓ ଆଧୁନିକ ନାଟକମାନଙ୍କରେ ଏହିପରି ଟୀକା ଦେବା ମଧ୍ୟ ଆଦରଣୀୟ ହେଉ ନାହିଁ ।

ନାଟକ ପାଠ କରିବା ସମୟରେ ଆମ୍ଭମାନଙ୍କ ମନ ତାହାର ଭାଷା ଦ୍ୱାରା ଆକୃଷ୍ଟ ହୁଏ । ଅଭିନୟ ସମୟରେ ରଙ୍ଗମଞ୍ଚରେ ଅଭିନୀତ ହେଉ ଥିବା କାର୍ଯ୍ୟ ଓ କଥିତ ହେଉଥିବା ଭାଷା ଉଭୟେ ଯୁଗପତ୍ ଆମ୍ଭମାନଙ୍କର ମନ ଆକୃଷ୍ଟ କରିଥାନ୍ତି । ଏଣୁ ନାଟକର ପ୍ରତ୍ୟେକ ଦୃଶ୍ୟରେ କଥା ଓ କାର୍ଯ୍ୟ ମଧ୍ୟରେ ସାମଞ୍ଜସ୍ୟ ଓ ସମତା ରହିବା ବିଧେୟ । ମାତ୍ର ଓଡିଆ ନାଟକର ଅନେକ ଗୁଡ଼ିଏ ଦୃଶ୍ୟରେ କଥାର ବାହୁଲ୍ୟ ଓ କାର୍ଯ୍ୟର ଅଳ୍ପତା ଦେଖା ଯାଇ ଥାଏ । 'ସୁଶୀଳା' (ପୃ ୪୩)ରେ ସଦାଶିବ ପାଗଳା କେବଳ ଗୋଟିଏ ଲମ୍ବ ସ୍ୱଗତୋକ୍ତି କରୁଅଛି ଓ ଏହି ସ୍ୱଗତୋକ୍ତି ମଧ୍ୟରେ କାର୍ଯ୍ୟର କୌଣସି ଅବସର ନାହିଁ । 'ଭୀଷ୍ମାର୍ଜ୍ଜୁନ' (ପୃ ୧୩୯)ରେ ଏହିପରି କେବଳ ଗୋଟିଏ ସଙ୍ଗୀତ ଦ୍ୱାରା ଗୋଟିଏ ଦୃଶ୍ୟ କଳ୍ପିତ ହୋଇଅଛି ଓ 'ପୁରୁଷୋତ୍ତମ ଦେବ'ରେ ( ପୃ ୯୬ ) ମଧ୍ୟ ଏହିପରି ଗୋଟିଏ ଗୀତରେ ଗୋଟିଏ ଦୃଶ୍ୟ ପର୍ଯ୍ୟବସିତ ହୋଇଅଛି । 'ଧ୍ରୁବ ଚରିତ'ରେ (ପୃ ୬୫) କେବଳ ଚାରିଗୋଟି ନାଟକୀୟ ଚରିତ୍ର ଭିନ୍ନ ଭିନ୍ନ ସମୟରେ ପ୍ରବେଶ କରି ଚାରୋଟି ସ୍ୱଗତୋକ୍ତି ଦ୍ୱାରା ନିଜ ନିଜ ମନୋଭାବ ପ୍ରକାଶ କରୁଅଛନ୍ତି ଓ ରଙ୍ଗମଞ୍ଚରେ କୌଣସି କାର୍ଯ୍ୟ ହେଉ ନାହିଁ । 'ବିଲ୍ୱମଙ୍ଗଳ'ର ତୃତୀୟ ଅଙ୍କର ପ୍ରଥମ ଦୃଶ୍ୟରେ ଏହିପରି ରଙ୍ଗମଞ୍ଚରେ କୌଣସି କାର୍ଯ୍ୟ ହେବାର ପ୍ରକାଶ କରାଯାଇ ନାହିଁ । ବାସ୍ତବରେ ଗୋଟିଏ ସ୍ୱଗତୋକ୍ତି ବା ଗୋଟିଏ ସଙ୍ଗୀତରେ ଗୋଟିଏ ଦୃଶ୍ୟକୁ ସମ୍ପୂର୍ଣ୍ଣ କରିଦେବା କେବେହେଁ ନାଟକୀୟ କଳା ଦୃଷ୍ଟିରୁ ସମୀଚୀନ ହୋଇ ନ ପାରେ । ଏହିପରି 'ଗୌଡ଼ବିଜେତା'ରେ ନେପଥ୍ୟରୁ ସଙ୍ଗୀତ ଗାନ ହେଉଥିବା ସମୟରେ ରଙ୍ଗମଞ୍ଚରେ ଥିବା ଅଭିନେତାମାନେ ନିଶ୍ଚେଷ୍ଟ ଓ ନିଷ୍କ୍ରିୟ ହୋଇ ରହିବା ଦୃଶ୍ୟ ମଧ୍ୟ ନାଟ୍ୟକଳାନୁମୋଦିତ ନୁହେଁ । କେତେକ କ୍ଷେତ୍ରରେ ପୁଣି କିଛି ସମୟ ପର୍ଯ୍ୟନ୍ତ ରଙ୍ଗମଞ୍ଚରେ କୌଣସି ଅଭିନେତା ନ ଥାଇ ମଞ୍ଚଟି ଶୂନ୍ୟ ଥିବାର ମଧ୍ୟ ଦେଖାଯାଏ । 'କାର୍ତ୍ତବୀର୍ଯ୍ୟ' ( ପୃ ୫୩ )ରେ ଏହିପରି ପରଶୁରାମ ନିଜ ମାତାଙ୍କୁ ହତ୍ୟା କରିବାକୁ ଯିବାର କିଛିକ୍ଷଣ ପରେ ଶବରମାନେ ପ୍ରବେଶ କଲେ । ଏଣୁ ଏହି ସମୟଟି ନାଟ୍ୟଶାଳା ସମ୍ପୂର୍ଣ୍ଣ ଶୂନ୍ୟ ରହିଥିଲା ଓ 'ମାଷ୍ଟର ବାବୁ' ( ପୃ ୧୯ ) ରେ ମଧ୍ୟ କିଛିକ୍ଷଣ ପର୍ଯ୍ୟନ୍ତ ରଙ୍ଗମଞ୍ଚଟି ଶୂନ୍ୟ ରହିବା ଦୃଶ୍ୟ ଦେଖାଯାଉଅଛି । 'କଳିକାଳ' ( ପୃ ୧୮୫ )ରେ ମଞ୍ଚ ଶୂନ୍ୟ ନ ହେଲେହେଁ କିୟତ୍‌କ୍ଷଣ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ମଞ୍ଚଉପରେ ଘଟୁ ନ ଥିବାରୁ ନେପଥ୍ୟେ ଗୋଟିଏ ଗୀତ କଳ୍ପିତ ହୋଇଅଛି । ଏହି ସବୁ ଦୃଶ୍ୟରେ କାର୍ଯ୍ୟ ଅଭାବ ଥିବାରୁ କଥା ଓ କାର୍ଯ୍ୟ ମଧ୍ୟରେ ସମତା ରକ୍ଷିତ ହେଉ ନାହିଁ । ପୁଣି 'ହିନ୍ଦୁରମଣୀ' ( ପୃ ୭୪ )ରେ ରଙ୍ଗମଞ୍ଚଉପରେ ଅନେକ ଗୁଡ଼ିଏ କାର୍ଯ୍ୟ ଘଟୁଥିଲେହେଁ ସେଥିର ଆନୁଷଙ୍ଗିକ କଥାମାନ ନ ଥିବାରୁ ତହିଁରେ ମଧ୍ୟ ସମତା ରକ୍ଷିତ ହେଉ ନାହିଁ ।

ଅଭିନୟ ସୌକର୍ଯ୍ୟ ଲାଗି ନାଟକମାନଙ୍କରେ ଅଭିନୟକାଳୀନ ନିର୍ଦ୍ଦେଶ ସନ୍ନିବେଶିତ କରିବା ବିଧି ଓ ଏହି ନିର୍ଦ୍ଦେଶମାନଙ୍କରୁ ପାଠକମାନେ ନିଜର କଳ୍ପନା ଦ୍ୱାରା ନାଟକର ଅଭିନୟକୁ ପୁନର୍ଗଠିତ କରି ନେଇ ପାରିବେ । ଆଧୁନିକ ନାଟକମାନଙ୍କରେ ବିଶଦ ଭାବରେ ଅଭିନୟ ନିର୍ଦ୍ଦେଶ ଦେବା ବିଧି ଓ ଏହି ରୀତି ବର୍ତ୍ତମାନ ପ୍ରଚଳିତ ଇଂରାଜୀ ନାଟକମାନଙ୍କର ଅନୁକରଣରେ ଦିଆଯାଉଅଛି । 'ପାଇକପୁଅ', 'ଇରାନୀ', 'ତାଜମହଲ'

ପ୍ରଭୃତିରେ ନାନା ଇଙ୍ଗିତ, ନାନା ନିର୍ଦ୍ଦେଶ ଦ୍ୱାରା ସାମାନ୍ୟ କଥା ଗୁଡ଼ିକର ନାଟକୀୟ ଭାବ ପ୍ରକାଶ କରିବାର କ୍ଷମତା ପ୍ରଦର୍ଶିତ ହୋଇଅଛି ଓ ଏହି ନିର୍ଦ୍ଦେଶମାନ ନ ଥିଲେ ନାଟକର ରସ ଗ୍ରହଣ ସମ୍ଭବ ହୁଅନ୍ତା ନାହିଁ। କିନ୍ତୁ ଅନେକ ସ୍ଥାନରେ ଅଭିନୟ ନିର୍ଦ୍ଦେଶ ଗୁଡ଼ିକ ଯଥାଯଥ ଭାବରେ ସନ୍ନିବେଶିତ ହୋଇ ନାହିଁ ଓ ଅଭିନୟ ସମୟରେ ଅଭିନେତାମାନେ ଏହି ନିର୍ଦ୍ଦେଶମାନଙ୍କୁ ଉପେକ୍ଷା କରି ଅନ୍ୟ ପ୍ରକାରରେ ଅଭିନୟ କରିବା ଦେଖା ଯାଇଥାଏ। 'ତାରିବାଇ'ରେ (ପୃ ୪୫) ତାରିବାଇଙ୍କର କପୋଳଯୁଗ ସମୟ ସମୟରେ ଈଷତ୍ ଆରକ୍ତିମ ହୋଇ ଉଠୁଥିଲା ବୋଲି ନିର୍ଦ୍ଦେଶ ଦିଆଯାଇଅଛି। ଏହା ଅଭିନୟ ସମୟରେ ପ୍ରଦର୍ଶନ କରିବା ସମ୍ଭବ କି? 'ଚୈତନ୍ୟ ଲୀଳା'ରେ (ପୃ ୨୭୧) ଅଦ୍ୱୈତ ଚୈତନ୍ୟଙ୍କ ହାତ ଧରିବା ସମୟରେ ସେ ନିଶ୍ୱାସ ମୁଷ୍ଟିଘାତରୁ ବିରତ ହୋଇଥିବେ ମାତ୍ର ତାଙ୍କର ପରବର୍ତ୍ତୀ କଥାର ଆରମ୍ଭରେ ଏହିପରି ବିରତ ହେବା ନିର୍ଦ୍ଦେଶିତ ହୋଇଅଛି। 'ଭଞ୍ଜଭୂକଙ୍ଗ'ରେ (ପୃ ୧୮) ଉତ୍ତେଜିତଭାବେ ଏହିପରି ନିର୍ଦ୍ଦେଶ ଦିଆଯାଇଅଛି ମାତ୍ର ଯେଉଁ ଭାଷାର ବ୍ୟବହାର କରାଯାଇଅଛି ତାହା ଉତ୍ତେଜନାମୟ ନୁହେ। ଯାହା ହେଉ ଏହିପରି ନିର୍ଦ୍ଦେଶ ଦ୍ୱାରା ନାଟକଟି ପାଠ କରିବା ସମୟରେ ଓ ଅଭିନୟ କରିବା ସମୟରେ ତାହାର ରସ ଗ୍ରହଣ କରିବାରେ ବିଶେଷ ସାହାଯ୍ୟ ହୋଇଥାଏ। ଏଣୁ ଏ ପ୍ରକାର ନିର୍ଦ୍ଦେଶ ନାଟକରେ ବାଞ୍ଛନୀୟ।

ଅଭିନୟ ସମୟରେ ଅଭିନୟକାଳ ଓ ବାସ୍ତବ କାଳ ମଧ୍ୟରେ କିଞ୍ଚିତ୍ ସମତା ରହିବା ମଧ୍ୟ ଆବଶ୍ୟକ। କାରଣ ତା ନ ହେଲେ ନାଟକଟି ରଙ୍ଗମଞ୍ଚରେ ଅବାସ୍ତବ ବୋଧ ହେବ। ପ୍ରତ୍ୟେକ ନାଟକରେ ଦୁଇ ଗୋଟି କାଳ ବିଷୟରେ ଅବହିତ ହେବାକୁ ହୁଏ। ନାଟକରେ ବର୍ଣ୍ଣିତ ବିଷୟ ଗୁଡ଼ିକ ବହୁ ଦିନ, ବହୁ ବର୍ଷ ଧରି ଘଟି ଥାଇ ପାରେ ମାତ୍ର ସେମାନଙ୍କର ଅଭିନୟ କାଳରେ ତିନି ଚାରି ଘଣ୍ଟା ମଧ୍ୟରେ ସେମାନଙ୍କର ଚିତ୍ରାଙ୍କନ ଶେଷ କରିବାକୁ ହୁଏ ଓ ନାଟ୍ୟକାର ଦର୍ଶକମାନଙ୍କ ମନରେ ଏକ ଭ୍ରାନ୍ତି ଜାତ କରାଇ ଏହି ଦୁଇ ଗୋଟି ସମୟ ମଧ୍ୟରେ ପାର୍ଥକ୍ୟ ପ୍ରତି ତାଙ୍କୁ ଅନ୍ଧ କରିଥାନ୍ତି। ଅବଶ୍ୟ ସମଗ୍ର ନାଟକର କାଳ ସମଗ୍ର ଅଭିନୟ କାଳ ଠାରୁ ପୃଥକ୍ ହେଲେହେଁ ପ୍ରତ୍ୟେକ ଦୃଶ୍ୟର ବର୍ଣ୍ଣିତ କାଳ ଓ ଅଭିନୟ କାଳ ମଧ୍ୟରେ ଠିକ୍ ସମତା ରହିବା ବାଞ୍ଛନୀୟ। 'ଦେଶର ଡାକ' ନାଟକରେ ସ୍କୁଲର ପିଲାମାନେ ଖେଳିବା ନିମନ୍ତେ ସମବେତ ହେଲେ। ଖେଳ ହେଲା ନାହିଁ, କେତେକ ଅନ୍ୟ ବିଷୟର କଥା ବାର୍ତ୍ତା ହେଉଁ ହେଉଁ କ୍ଲାଶର ଘଣ୍ଟା ପଡ଼ିଲା। ଏହି ଦୃଶ୍ୟରେ ଅଭିନୟ ସକାଶେ ଠିକ୍ ୧୫ ମିନିଟ ପ୍ରୟୋଜନ ଓ ଏଥିରେ ଠିକ୍ ୧୫ ମିନିଟର ଘଟଣାହିଁ ବର୍ଣ୍ଣିତ ହୋଇଅଛି। ଏହିପରି ଠିକ୍ ସମତା ଅବଶ୍ୟ ପ୍ରତ୍ୟେକ ନାଟକରେ ନାହିଁ କିନ୍ତୁ ସାଧାରଣତଃ ଗୋଟିଏ ବିଶେଷ ଦୃଶ୍ୟର ଅଭିନୟ କାଳ ଓ ବାସ୍ତବ କାଳ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ ନାହିଁ। କିନ୍ତୁ ସମ୍ପୂର୍ଣ୍ଣ ନାଟକରେ ଅଭିନୟ କାଳ ଓ ବାସ୍ତବ କାଳ ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖା ଯାଇଥାଏ। ଯେଉଁ ସ୍ଥାନରେ ଲେଖକ ଏହି ପାର୍ଥକ୍ୟକୁ ନିଜର ରଚନାକୌଶଳ ଦ୍ୱାରା ଢାଙ୍କି ରଖି ଦର୍ଶକମାନଙ୍କ ମନରେ ଭ୍ରାନ୍ତି ଜାତ କରିବାକୁ ସକ୍ଷମ ହୁଅନ୍ତି ସେଠାରେ ନାଟକଟି ରଙ୍ଗମଞ୍ଚରେ ଉତ୍ତମ ହୋଇଥାଏ। ଯେଉଁଠି ସେପରି ଭ୍ରାନ୍ତି ଜାତ କରିବାକୁ ନାଟ୍ୟକାର ଅକ୍ଷମ ହୁଅନ୍ତି ସେଠାରେ ନାଟକଟିର ଅଭିନୟ ପ୍ରୀତିକର ହୁଏ ନାହିଁ। 'ଯୁଗଧର୍ମ'ର କଥାବସ୍ତୁର ଆରମ୍ଭ ଅକ୍ଷୟ ତୃତୀୟା ଦିନ। ଚତୁର୍ଥ ଅଭିନୟର ଦ୍ୱିତୀୟ ଦୃଶ୍ୟ ଚନ୍ଦନର ଭଉଁରି ଦିନ ଅର୍ଥାତ୍ ପ୍ରଥମ ଓ ଶେଷ ଅଭିନୟ ମଧ୍ୟରେ ବ୍ୟବଧାନ ମାତ୍ର ୨୦ ଦିନ। ଅବଶ୍ୟ ଚତୁର୍ଥ ଓ ପଞ୍ଚମ ଅଭିନୟମାନଙ୍କ ମଧ୍ୟରେ ଦୁଇ ତିନି ମାସର ବ୍ୟବଧାନ କଳ୍ପିତ ହୋଇ ପାରେ ମାତ୍ର ଗୋଟିଏ ପୂର୍ଣ୍ଣାଙ୍ଗ ନାଟକ ପକ୍ଷରେ ଏହି କାଳ ଯଥାର୍ଥ ହୋଇଅଛି। 'ବୁଢ଼ାବର' 'ବିଷମୋଦକ' ପ୍ରଭୃତିରେ ବର୍ଣ୍ଣିତ କାଳ ମଧ୍ୟ ଏହିପରି ଦୁଇ ତିନି ମାସ ମଧ୍ୟରେ କିମ୍ବା ଏକ ବର୍ଷ ମଧ୍ୟରେ ଧରି ଯାଇପାରେ; ମାତ୍ର 'ଚୈତନ୍ୟ ଲୀଳା'ରେ ଚୈତନ୍ୟ ଦେବଙ୍କର ଜୀବନର ବହୁଳାଂଶ ପ୍ରଦର୍ଶିତ ହୋଇଅଛି। ଅଶ୍ୱିନୀ ବାବୁଙ୍କ ନାଟକମାନଙ୍କ ମଧ୍ୟରେ 'ସେଓଜି'ରେ କାଳ ଏକ ବର୍ଷ ମଧ୍ୟରେ ବୋଲି ସ୍ପଷ୍ଟ ଉଲ୍ଲେଖିତ ଅଛି। ପୁଣି କେତେକ ନାଟକରେ ବାସ୍ତବ କାଳକୁ ଅତ୍ୟନ୍ତ ସଂକ୍ଷିପ୍ତ କରାଯାଇଅଛି। 'ଇରାଣୀ'ରେ ବର୍ଣ୍ଣିତ ଘଟଣାମାନ ଗୋଟିଏ ଦିନର ଉଷା, ସନ୍ଧ୍ୟା ପରେ ଓ ଶେଷ ଯାମରେ ଘଟି ଥିବାର ଓ 'ପାଇକ ପୁଅ'ର ଘଟଣାମାନ ଉଷା, ମଧ୍ୟାହ୍ନ ଓ ସନ୍ଧ୍ୟାରେ ଘଟି ଥିବାର ସ୍ପଷ୍ଟ ଇଙ୍ଗିତ ଦିଆ ଯାଇଅଛି। କିନ୍ତୁ 'ତାଜମହଲ'ର ଘଟଣା ବହୁ ବର୍ଷବ୍ୟାପୀ। ତାହା ତାଜମହଲର କୈଶୋରରେ ଆରମ୍ଭ, ତାହାର ଯୌବନ, ତାହାର ପାଞ୍ଚୋଟି ପୁତ୍ର ଜାତ ହେବା ଓ ପରେ ତାହାର ମୃତ୍ୟୁରେ ସମାପ୍ତ। ପୁଣି 'ସାବିତ୍ରୀ'ରେ ସାବିତ୍ରୀର ଜନ୍ମର ପୂର୍ବ ବୃତ୍ତାନ୍ତ ନେଇ ନାଟକଟି ଆରମ୍ଭ କରା ଯାଇଅଛି। ସାବିତ୍ରୀ ଜନ୍ମ ହେଲା ପରେ ବହୁ ବର୍ଷ ଅତୀତ ହୋଇଗଲା, ତାହାର ବିବାହ ନିମନ୍ତେ ପିତା ମାତା ଉଦ୍‌ବିଗ୍ନ ହେଲେ, ତାହାର ସ୍ୱୟମ୍ବର, ବିବାହ, ବିବାହର ଏକ ବର୍ଷ ପରେ ସତ୍ୟବାନର ମୃତ୍ୟୁ ଓ ସାବିତ୍ରୀର ଅଲୌକିକ ପତିଭକ୍ତି ଦ୍ୱାରା ସତ୍ୟବାନର ପୁନର୍ଜୀବନ ଲାଭ ବର୍ଣ୍ଣିତ ହୋଇଅଛି ଓ 'ଭୀଷ୍ମ'ରେ ମଧ୍ୟ ଭୀଷ୍ମଙ୍କର ବାଲ୍ୟକାଳୀନ ପ୍ରତିଜ୍ଞା ଠାରୁ ଆରମ୍ଭ କରି ଶରଶଯ୍ୟାରେ ମୃତ୍ୟୁ ପର୍ଯ୍ୟନ୍ତ ପୁରାଣବର୍ଣ୍ଣିତ ମତେ ଦଶ ସହସ୍ର ବର୍ଷର ବର୍ଣ୍ଣନା ଦିଆ ଯାଇଅଛି। ରଙ୍ଗମଞ୍ଚରେ ଏହିପରି ବହୁ ବର୍ଷବ୍ୟାପୀ ଘଟଣା ବର୍ଣ୍ଣନା କରିବା ଓ ଅଭିନୟରେ ପ୍ରଦର୍ଶନ କରିବା ସମୟରେ ତାହାର ଅବାସ୍ତବତା ସହଜରେ ଲୋକଙ୍କର ଅପ୍ରୀତିକର ହୁଏ ଓ ବାସ୍ତବତାର ଭ୍ରାନ୍ତିକୁ ଭାଙ୍ଗି ଦିଏ। କିନ୍ତୁ ଆଧୁନିକ ନାଟକମାନଙ୍କରେ ବହୁ ବର୍ଷବ୍ୟାପୀ ଏହିପରି ଘଟଣା ସମାବେଶ ପରିହୃତ ହେଉଅଛି ଓ ବର୍ଣ୍ଣିତ କାଳ ଓ ଅଭିନୟ କାଳ ମଧ୍ୟରେ ସମତା ରକ୍ଷା ଦିଗରେ ନାଟ୍ୟକାରମାନେ ଅଧିକ ତତ୍ପର ହେଉଅଛନ୍ତି।



Digitized by srujanika@gmail.com

ଅଭିନୟ ସମୟରେ ଆଉ ଗୋଟିଏ ବିଷୟ ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ଆକୃଷ୍ଟ ହୋଇଥାଏ । ଏହା ଛଦ୍ମବେଶ ଓ ଓଡ଼ିଆ ନାଟକମାନଙ୍କର ବହୁ ସ୍ଥାନରେ ଏହି ରୀତିର ବ୍ୟବହାର ଦେଖାଯାଏ । ଓଡ଼ିଆ ନାଟକରେ 'ବୃନ୍ଦାବନ' (୧୮୯୬)ରେ ଏହାର ଆରମ୍ଭ ଓ ସେଥିରେ ଜଗନ୍ନାଥ, ମାନଗୋବିନ୍ଦ, ସୁଦର୍ଶନ, ନନ୍ଦକିଶୋର, ଶମ୍ଭୁ ଓ ଲୋକନାଥ ନର୍ତ୍ତକୀ ଓ ସେମାନଙ୍କ ସଙ୍ଗୀରୂପରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ପରେ ହାସ୍ୟରସର ସୃଷ୍ଟି କରିଥିଲେ, ସେକ୍‌ସପିଅର ଓ ତତ୍‌କାଳୀନ ଅନ୍ୟାନ୍ୟ ନାଟକମାନଙ୍କରେ ଏହି ଛଦ୍ମବେଶ ଗ୍ରହଣ ରୀତି ବହୁବାର ବ୍ୟବହୃତ ହୋଇଅଛି ଓ ଓଡ଼ିଆ ନାଟକରେ ମଧ୍ୟ ଏହି ରୀତିର ପ୍ରଚଳନ ଦେଖାଯାଏ । 'କାନ୍ତିକୌମୁଦୀ'ରେ ପଦ୍ମିନୀ ପଦ୍ମନାଭରୂପରେ ମଞ୍ଚରେ ଅବତୀର୍ଣ୍ଣ ହେଲେ ଓ ନିଜର ଛଦ୍ମବେଶ ବିଷୟ ଓ ବାସ୍ତବ ପରିଚୟ ବିଷୟରେ ନାନା ଇଙ୍ଗିତ ଦେଇ ରଙ୍ଗମଞ୍ଚରେ ତାହା ବାସ୍ତବ କରପାରିଅଛି । ଏହାପରେ 'ଗୌଡ଼ବିଜୟ'ରେ ଶାନ୍ତ ଗ୍ରାବା ବେଶରେ ପିସ୍ତଲ ଗୁଳଖାଇ ମଧ୍ୟ ପରବର୍ତ୍ତୀ ଦୃଶ୍ୟରେ ଶାନ୍ତନୁରୂପରେ ମଞ୍ଚରେ ଅବତୀର୍ଣ୍ଣ ହୋଇଅଛି ଓ ନିଜର ଉଦ୍ଧାର ବିଷୟରେ କୈଫିୟତ ମଧ୍ୟ ଦେଇଅଛି । 'ସୁଶୀଳା'ରେ ନାୟିକା ସୁଶୀଳା ଭୋଗବଳରୂପରେ ଅବତୀର୍ଣ୍ଣ ହୋଇ S. Das ସାହେବଙ୍କୁ ନିଜର ପ୍ରୀତି ଓ ସ୍ନେହ ଦ୍ୱାରା ସିଦ୍ଧେଶ୍ୱରରୂପରେ ପରିଣତ କରିବାକୁ ସକ୍ଷମ ହୋଇଅଛି । ଏହି ନାଟକମାନଙ୍କରେ ସ୍ତ୍ରୀ ପୁରୁଷର ଛଦ୍ମବେଶ ଧରି ନିଜର ପ୍ରେମାସ୍ପଦଙ୍କୁ ନାନା ବିପଦରୁ ଉଦ୍ଧାର କରିବାକୁ ସକ୍ଷମ ହୋଇଅଛି । ମାତ୍ର 'ସତ୍ୟ ବିଜୟ'ରେ ଶମ୍ଭୁ ନାରୀ ବେଶରେ ରଙ୍ଗମଞ୍ଚରେ ପ୍ରବେଶ କରୁଅଛି (ପୃ ୬୦) । 'ସୁଭଦ୍ରାର୍ଜ୍ଜୁନ'ରେ ଜଣେ ଦାଢ଼ି ଥିବା ବ୍ୟକ୍ତିଙ୍କୁ ସ୍ତ୍ରୀ ବେଶରେ କନ୍ୟା ସାଜ କରାଇ ତାହା ଦ୍ୱାରା ହାସ୍ୟରସର ଉଦ୍ରେକ କରିବାର ଚେଷ୍ଟା କରାଯାଇଅଛି ଓ 'ଉତ୍କଳ ଗୌରବ'ରେ ମଧ୍ୟ ପ୍ରଧାନତଃ ହାସ୍ୟରସ ଉଦ୍ରେକ କରିବା ନିମନ୍ତେ ସମରେନ୍ଦ୍ର ଚମ୍ପା ବେଶରେ ଓ ଚମ୍ପା ସମରେନ୍ଦ୍ର ବେଶରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ନାଟ୍ୟକାର ପରିକଳ୍ପନା କରିଅଛନ୍ତି । ଏହି ଛଦ୍ମବେଶ ଗୁଡ଼ିକ ରଙ୍ଗମଞ୍ଚରେ ଅଭିନୟ କାଳୀନ କୌତୂହଳ ଉଦ୍ରେକ କରୁଥିବାରୁ ଓ ଏହା ଦ୍ୱାରା ହାସ୍ୟରସର ଅବତାରଣା କରିବା ସମ୍ଭବ ହେଉଥିବାରୁ ଓଡ଼ିଆ ନାଟକମାନଙ୍କରେ ଏହାର ଏପରି ବ୍ୟବହାର ଦେଖାଯାଇଥାଏ ।

# 'ଉତ୍କଳ-ମଧୁପ'

ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ

( ୧ )

ସ୍ୱର୍ଗୀୟ ମୃତ୍ୟୁଞ୍ଜୟ ରଥ "ଊନବିଂଶ ଶତାବ୍ଦୀର ଉତ୍କଳ-ପତ୍ରିକା" ନାମକ ପ୍ରବନ୍ଧରେ ୪୦ଟି ପତ୍ର ପତ୍ରିକାର ନାମ ଉଲ୍ଲେଖ କରିଅଛନ୍ତି । ସେ ଗୁଡ଼ିକ ମଧ୍ୟରୁ କେତେ ଖଣ୍ଡ ଓଡ଼ିଶା ଗଭର୍ଣ୍ଣମେଣ୍ଟ ଟ୍ରାନ୍ସଲେଟରଙ୍କ ଅଫିସରେ ରକ୍ଷିତ ଥିବାର ଜଣାଯାଏ । ବାକି ଅଧିକାଂଶ ଖଣ୍ଡିଆ ଭୂତରେ ଶୁଖିଲା ପତ୍ର ଉଡ଼ିଲା ପରି ଉଡ଼ି ଉଡ଼ି କାହିଁ କେଉଁଠି ପଡ଼ିଛି ତା'ର ଠିକଣା ନାହିଁ । ସେ ସ୍ଥାନ ଗୁଡ଼ିକ ଠିକ କରିବା କାଠିକର ପାଠ । ପୁଣି ଏଭଳି ପତ୍ରିକା ଖଣ୍ଡିଏ ପଢ଼ିବାକୁ ପାଇବା ଅତି ସୌଭାଗ୍ୟର କଥା ବୋଲି ବୁଝିବାକୁ ହେବ । "ଉତ୍କଳ-ପ୍ରଭା" ନାମକ ପ୍ରବନ୍ଧରେ ଏ ପତ୍ରିକା ସମ୍ବନ୍ଧରେ କେତେକ କଥା ଲେଖା ହୋଇଥିଲା । ଏହା ବର୍ତ୍ତମାନ ବାରିପଦାରେ ବାରିପଦା ଜୁବିଲି ଲାଇବ୍ରେରିରେ ଅଛି । ଭଗବାନ ସବୁଦିନେ ଏହାକୁ ଏହିପରି ବାରିପଦାରେ ରଖିଥାନ୍ତୁ । ଏବେ ମୋର ପୂଜନୀୟ ଅଧ୍ୟାପକ ଶ୍ରୀ ଗିରିଜାଶଙ୍କର ରାୟଙ୍କ ସୌଜନ୍ୟରୁ 'ଉତ୍କଳ-ମଧୁପ' ନାମକ ପତ୍ରିକାର କେତୋଟି ସଂଖ୍ୟା ପଢ଼ିବାର ସୌଭାଗ୍ୟ ମୋତେ ମିଳିଥିଲା । ଏଥିପାଇଁ ଲେଖକ ତାଙ୍କୁ ନିଜର ଆନ୍ତରିକ ଭକ୍ତି ଓ କୃତଜ୍ଞତା ଜ୍ଞାପନ କରି ଏ ପ୍ରବନ୍ଧଟି ଲେଖିବାକୁ ସାହସ କରୁଛି ।

୧୮୭୮ ମସିହାର ବୈଶାଖ ମାସରେ 'ଉତ୍କଳ-ମଧୁପ' ପ୍ରଥମ ଭାଗର ପ୍ରଥମ ସଂଖ୍ୟା କଟକ ପ୍ରିଣ୍ଟିଂ କମ୍ପାନି ପ୍ରେସ୍‌ରୁ ବାହାରିଥିଲା । ପତ୍ରିକାର ଆଗ ପାଖ ମଲାଟର ଉପରଭାଗରେ ଗୋଟିଏ ଲେଖାଏଁ ଧାଡ଼ି ହିସାବରେ ନିମ୍ନଲିଖିତ ଶ୍ଳୋକଟି ଲେଖାଥିଲା:—

କାବ୍ୟୋତ୍କୃଷ୍ଟାଙ୍ଗ ଚକ୍ରୋଲ୍ଲସିତ କୁବଲୟୋଦେଷ ନିର୍ହୃତ୍ୟସାରଂ
କୃଷ୍ଟାଙ୍ଗା କେତକୀନାକଳିତସୁରଚିରା ମୁକ୍ତହସ୍ତାଂ ପଦାଳୀଂ ।
ପ୍ରାପ୍ତୋତ୍ସାହୋତ୍କଳାନାମପି ଲଳିତକଲୈର୍ନିନ୍ଦୟିତ୍ୱେ ବିଗୃହ୍ୟଂ
ସଦ୍ବଂଶାଦେଃ ପ୍ରସୂତୋ ବିଜୟତୁ ମଧୁପଃ ସିଞ୍ଚତେ ହୃଦ୍‌ଗୁହାୟାଂ ।

୧୮୭୯ ମସିହାର 'ଉତ୍କଳ-ମଧୁପ'ର ଦ୍ୱିତୀୟ ଭାଗରେ ଉପରୋକ୍ତ ଶ୍ଳୋକ ପରିବର୍ତ୍ତେ ନିମ୍ନଲିଖିତ ଶ୍ଳୋକଟି ପୂର୍ବପରି ଲେଖା ହୋଇଥିଲା ।

ଖ୍ୟାତୋତ୍କଳୀୟ କବି କାବ୍ୟ ପ୍ରସୂନ ସଙ୍ଘାତ୍
ପୀତ୍ୱା ମଧୂନି ମଧୁରାଣି ପ୍ରଫୁଲ୍ଲଚିତ୍ତଃ ।
ସଂଖ୍ୟାବତାଂ ସୁରସଭାବବିଦାଂ ସମାଜେ
ବିସ୍ତୃଣ୍ୟତେ ହି ମଧୁପୋ ନବଜାତପକ୍ଷଃ ॥

ଉଲ୍ଲିଖିତ ଶ୍ଳୋକ ଦ୍ୱୟରୁ 'ମଧୁପ'ର ମହତ୍ ଉଦ୍ଦେଶ୍ୟ ବେଶ ଜଣାପଡ଼େ । ଏହାର ପରମାୟୁ ପ୍ରାୟ ଦୁଇ ବର୍ଷ । ୧୮୮୦ ମସିହାର ବୈଶାଖ ବେଳକୁ ମଧୁପ ପକ୍ଷଚ୍ୟୁତ ଓ ମୁମୂର୍ଷୁ ।



Digitized by srujanika@gmail.com

'ମଧୁପ'ର ଅକାର ପ୍ରାୟ ବିଶ୍ୱନାଥ କରଙ୍କ 'ଉତ୍କଳ-ସାହିତ୍ୟ' ପରି । ପ୍ରଥମ ଭାଗ ପ୍ରଥମ ସଂଖ୍ୟା ଆଗ ପାଖ ମଲାଟରେ ନିମ୍ନଲିଖିତ ଭାବେ ଲେଖାଥିଲା:—

( ଶିରୋଦେଶରେ ଶ୍ଳୋକର ଶିରଟି ଧାଡ଼ି )

ପ୍ରଥମ ଭାଗ　　　　　　　　　　ପ୍ରଥମ ସଂଖ୍ୟା

**ଉତ୍କଳ ମଧୁପ**

ମାସିକ ପତ୍ର ଓ ସମାଲୋଚନା ।

——0——

ବୈଶାଖ ଶକାବ୍ଦ ୧୮୦୦

——0——

ବିଷୟ.....................ଓ.......................ପୃଷ୍ଠା

CUTTACK

Printed by the Cuttack Printing Company

1878

ମଲାଟର ଆଗ ପାଖର ଦ୍ୱିତୀୟ ପୃଷ୍ଠାରେ 'ମଧୁପ'ର ନିୟମାବଳୀ, ମୂଲ୍ୟ ଇତ୍ୟାଦି ଉତ୍କଳ-ସଭାର ·ସମ୍ପାଦକଙ୍କ ସ୍ୱାକ୍ଷର-ସହ ବାହାରୁଥିଲା । ପଛ ପାଖର ବାହାର ପୃଷ୍ଠାରେ ଗ୍ରାହକମାନଙ୍କପ୍ରତି ବିଜ୍ଞାପନ ଓ ସାଧାରଣ ବିଜ୍ଞାପନ ଇତ୍ୟାଦି ଛପା ଯାଉଥିଲା ଓ ଭିତର ପୃଷ୍ଠାରେ ମୂଲ୍ୟ ପ୍ରାପ୍ତି ସ୍ୱୀକାର କରି ଯାଉଥିଲା । ଲେଖକମାନଙ୍କ ନାମ ଦେବା ସମ୍ବନ୍ଧରେ 'ମଧୁପ' ବଡ଼ ସଂକୋଚ ବୋଧ କରୁଥିଲା ପରି ମନେହୁଏ, କାରଣ ମାସିକ ସଂଖ୍ୟା ଗୁଡ଼ିକର ସୂଚୀପତ୍ରରେ ତ ଲେଖକମାନଙ୍କ ନାମ ଦିଆ ଯାଉ ନ ଥିଲା, ବାର୍ଷିକ ସୂଚୀପତ୍ରରେ ମଧ ଲେଖକମାନଙ୍କର ନାମ ଦେବା ଲାଗି 'ମଧୁପ' ଅନିଚ୍ଛୁକ । ଲେଖକ ନିଜ ନାମ ଲୁଚାଇବାର କାରଣ ଅନେକ । ତା ମଧ୍ୟରୁ କେଉଁ କେଉଁ କାରଣରୁ ସ୍ୱୟଂ ରାମଶଙ୍କର ଓ ମଧୁସୂଦନ ନିଜ ନାମ ଲୁଚାଇ ଥିଲେ ଅଥବା ସଙ୍କେତରେ ଲେଖି ଥିଲେ ଭାବି ଠିକ୍ କରିବା କଠିନ । ଶ୍ୟାମସୁନ୍ଦର ରାୟ ଚୌଧୁରୀ ନିଜର ନାମ ଦେଇ ଯେବେ ତାଙ୍କର 'ଜୀବନମାତ୍ରା' ପ୍ରବନ୍ଧ ପ୍ରକାଶ କରାଇଲେ ତେବେ 'ସୌଦାମିନୀ' ଉପନ୍ୟାସର ଲେଖକ ନିଜର ନାମ ଲୁଚାଇବା ତାଙ୍କ ମହତ୍ ନମ୍ରତାର ପରିଚୟ ଦେଉଛି ବୋଲି ବୁଝିବାକୁ ହେବ ।

'ମଧୁପ'ର ପ୍ରଥମ ବର୍ଷରେ ୨୯ଟି ବିଷୟ ପ୍ରକାଶିତ ହୋଇଥିଲା । ଏଗୁଡ଼ିକ ପୃଷ୍ଠାଙ୍କ ସହିତ ସେ ବର୍ଷର ୧୧।୧୨ ସଂଖ୍ୟାର ଅନୁକ୍ରମଣିକାରେ ଲେଖା ଯାଇଅଛି । ପତ୍ରିକାଟିର ବାର୍ଷିକ ମୂଲ୍ୟ ଅଗ୍ରୀମ ଦେୟ ଟ୧।, ପରେ ଦେଲେ ଟ୨। । ଡାକମାସୁଲ ଟ୦।୵ ସ୍ୱତନ୍ତ୍ର । ପ୍ରତି ଖଣ୍ଡର ମୂଲ୍ୟ ଟ୦। । ପତ୍ରିକାଟିର ଆକାର ଅନୁପାତରେ ମୂଲ୍ୟ କିଞ୍ଚିତ୍ ଅଧିକ ଥିଲା ପରି ମନେହୁଏ । ଅବଶ୍ୟ ପତ୍ରିକାରେ ପ୍ରକାଶିତ ବିଷୟ ଗୁଡ଼ିକର ମୂଲ୍ୟ ଏଠାରେ ବିବେଚନା କରି ଯାଉନାହିଁ । 'ମଧୁପ' ଗୋଟିଏ ମାସିକ ପତ୍ରିକା ବୋଲି ଲୁହା ଯାଉଥିଲେହେଁ ପ୍ରାୟ ପ୍ରତି ଦୁଇ ମାସରେ ବାହାରୁ ଥିଲା । ଖଣ୍ଡିଏ 'ଉତ୍କଳ-ପ୍ରଭା' ଯେତେ ବଡ଼ 'ମଧୁପ' ତା'ଠାରୁ ସାନ । ତେଣୁ ପତ୍ରିକାଟିକୁ ଟ୦। ପଇସା ଦେଇ କିଣିବା ଲୋକ ସେ କାଳରେ କେତେ ଜଣ ? ଏ କାଳରେ ମଧ କେତେଜଣ ଦେଶପ୍ରେମୀ ସାହିତ୍ୟ ରସିକ ଏଭଳି ପତ୍ରିକାକୁ କିଣିବାକୁ ବାହାରିବେ ?

'ମଧୁପ'ର ପ୍ରଥମ ସମ୍ପାଦକ ଉତ୍କଳ ସଭାର ତତ୍କାଳୀନ ସମ୍ପାଦକ ଗୋପାଳଚନ୍ଦ୍ର ଦତ୍ତ । ୧୮୭୯ ମସିହା ପତ୍ରିକାଟିର ଦ୍ୱିତୀୟ ଭାଗର ପ୍ରଥମ ସଂଖ୍ୟା ଠାରୁ ଏହାର ସମ୍ପାଦକ ହେଲେ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ଅଭିନ୍ନ ନାୟକ ହେଲେ ଏହାର ସହକାରୀ ସମ୍ପାଦକ । ଓଡ଼ିଆ ସାହିତ୍ୟରେ ବିଶେଷତଃ ଓଡ଼ିଶାର ପତ୍ର ପତ୍ରିକାମାନଙ୍କରେ ଏ ଦୁଇଜଣ ସୁପରିଚିତ । ପ୍ରଥମ ବର୍ଷରେ ଯୋଗେନ୍ଦ୍ର ନାରାୟଣ ବକ୍ସି 'ମଧୁପ'ର ମେନେଜର ଥିଲେ, ମାତ୍ର ଦ୍ୱିତୀୟ ବର୍ଷରେ ତାହାଙ୍କୁ ଉକ୍ତ ପଦରୁ ରହିତ କରି ଯାଇଥିଲା ।

'ଉତ୍କଳ-ମଧୁପ' ଗୋଟିଏ ମାସିକ ପତ୍ରିକା ଓ ସମାଲୋଚନା । ଏହାର ପ୍ରକାଶ ପୂର୍ବରୁ କଟକ ନଗରୀରେ 'ଉତ୍କଳ-ହିତୈଷିଣୀ', 'ଉତ୍କଳ-ପୁତ୍ର', 'ସ୍ୱଦେଶୀ' ଓ 'ଶିକ୍ଷକ ଓ ଧର୍ମବୋଧିନୀ' ନାମକ ମାସିକ ପତ୍ରିକାମାନ କିଛି ଦିନ ପାଇଁ ଦେଖା ଦେଇ ମୃତ୍ୟୁ ମୁଖରେ ପତିତ ହୋଇଥିଲେ । ତତ୍କାଳୀନ ଓଡ଼ିଆ ମାସିକ ପତ୍ରିକା ଗୁଡ଼ିକର ଏ ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖି ସୁଦ୍ଧା ରାମଶଙ୍କରଙ୍କ 'ମଧୁପ' ପ୍ରଚାର ତାଙ୍କର ଅଦମ୍ୟ ଉତ୍ସାହ ଓ ସାହିତ୍ୟ ପ୍ରୀତି ସୂଚାଉ ଅଛି । ପାଣ୍ଡି-ସଂଗ୍ରାହକ, ସୁଲେଖକ ଓ ପତ୍ରିକା ପ୍ରଚାରକ ଭାବରେ ସେ ଥିଲେ ଏହାର ପ୍ରଧାନ କର୍ତ୍ତା । ଓଡ଼ିଆ ସାହିତ୍ୟ, ଶିକ୍ଷା, ଧର୍ମ, ଦର୍ଶନ ଓ ସାମାଜିକ ଆଚାର ବ୍ୟବହାରରେ ମାର୍ଜିତ ରୁଚି ପ୍ରସାର କରାଇବା ତାଙ୍କର ଆଦର୍ଶ, ଆଉ 'ମଧୁପ'କୁ ସେ ଏହି ଆଦର୍ଶରେ ଗଢି ଥିଲେ ।

ପରବର୍ତ୍ତୀ କାଳର 'ଇନ୍ଦ୍ରଧନୁ' ତୁମୁଳ ସଂଗ୍ରାମ କରି ଯେଉଁ ଅଶ୍ଳୀଳତା ବିନାଶ କରି ପାରି ନ ଥିଲା, 'ମଧୁପ' ଶାନ୍ତିମୟ ପ୍ରଚାର ଦ୍ୱାରା ସେଥିରେ ଅନେକ ପରିମାଣରେ କୃତକାର୍ଯ୍ୟ ହୋଇଥିଲା । "ରସିକ ତୋଷକ ଲାବଣ୍ୟବତୀ" ଓ "ତ୍ରୈଲୋକ୍ୟମୋହିନୀ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ" ସଂକ୍ଷିପ୍ତ ସମାଲୋଚନା ଓ ଟୀକାସହ ପ୍ରକାଶ କରିବାର ଉଦ୍ଦେଶ୍ୟ ଏପରି ଉତ୍କୃଷ୍ଟ ଆଦିରସାତ୍ମକ ଗ୍ରନ୍ଥ ପ୍ରତି ସ୍ୱାର୍ଥୀ ଅନୁରାଗ ଥିବା ବ୍ୟକ୍ତିମାନଙ୍କ ମନକୁ ପରିବର୍ତ୍ତିତ କରାଇବା । ତା' ନ ହେଲେ ଏପରି କାବ୍ୟକୁ ପ୍ରକାଶ କଲେ ସମାଜକୁ ଅଶ୍ଳୀଳତା ଶିକ୍ଷା ଦିଆଯିବା ଛଡ଼ା ଆଉ କିଛି ନୁହେଁ, ଆଉ 'ମଧୁପ'ର ଆଦର୍ଶ ଠିକ୍ ଏହାର ବିପରୀତ । ଏଥିରେ ପ୍ରକାଶିତ ବିଷୟ ଗୁଡ଼ି ପାଠ କଲେ ଏକଥା ଭଲ ରୂପେ ବୁଝାଯିବ ।

( ୨ )

'ଉତ୍କଳ-ମଧୁପ'ରେ ପ୍ରକାଶିତ ବିଷୟମାନଙ୍କ ମଧ୍ୟରେ ଉପେନ୍ଦ୍ରଭଞ୍ଜଙ୍କର 'ଲାବଣ୍ୟବତୀ' ଓ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' କାବ୍ୟଦ୍ୱୟ ଟୀକାସହ ପ୍ରକାଶିତ ହୋଇଥିଲା । କାବ୍ୟ ଦୁଇଟିର ମୁଦ୍ରଣ ଶେଷ ହୋଇଗଲେ ତାହାର ବିସ୍ତୃତ ସମାଲୋଚନା କରିବାର ଥିଲା । ମାତ୍ର 'ମଧୁପ'ର ଅକାଳ ପତନ ଯୋଗୁଁ ଏହା ହୋଇ



Digitized by srujanika@gmail.com

ପାରିଲା ନାହିଁ । ପତ୍ରିକାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାମଶଙ୍କର ରାୟଙ୍କ 'ସୌଦାମିନୀ' ପ୍ରତି ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶିତ ହୋଇଥିଲା । ମାତ୍ର ଉପନ୍ୟାସଟି ଶେଷ ନ ହେଉଣୁ ପତ୍ରିକାର ଶେଷ ହେଲା । ପୁଣି ତାଙ୍କ 'ପ୍ରେମତରଙ୍ଗ ଗାଥା' ଏହାର ଏକାଧିକ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ସମାଲୋଚନା ମଧ୍ୟରୁ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦ ଶର୍ମାଙ୍କ ଦ୍ୱାରା ଉତ୍କଳ ଭାଷାରେ ଅନୁବାଦିତ 'ଶୁଦ୍ଧିଚନ୍ଦ୍ରିକା' ଓ ତ୍ରିବିକ୍ରମ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ମୂଳ ସଂସ୍କୃତ ଗ୍ରନ୍ଥରୁ ଅନୁବାଦିତ ଓ ଭଗବାନ ଦାସଙ୍କ ଦ୍ୱାରା ପ୍ରକାଶିତ ଶ୍ରୀମଦ୍‌ଭାଗବତ (ପ୍ରଥମ ସ୍କନ୍ଧ) ପୁସ୍ତକଦ୍ୱୟର ସମ୍ପାଦକୀୟ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ । ୧୮୭୯ ମସିହାରେ କଟକର ତଦାନୀନ୍ତନ ସିଭିଲ୍ ସର୍ଜନ ମେଜର ଡବ୍ଲିଉ. ଡି. ଷ୍ଟୁୁଆର୍ଟଙ୍କ 'ଓଡ଼ିଆ ପଦାର୍ଥ ବିଜ୍ଞାନ' କଟକ ମିସନ ପ୍ରେସ୍‌ରେ ମୁଦ୍ରିତ ହୋଇ ପ୍ରକାଶିତ ହୋଇଥିଲା । ସର୍ଜନ ମହାଶୟଙ୍କ ଇଂରେଜୀ ବୈଜ୍ଞାନିକ ଶବ୍ଦମାନଙ୍କର ଓଡ଼ିଆ ଅନୁବାଦ ପ୍ରତି ସମ୍ପାଦକ ଯେଉଁ ହାସ୍ୟରସାତ୍ମକ ମନ୍ତବ୍ୟ ପ୍ରକାଶ କରିଥିଲେ ତାହା ତତ୍କାଳୀନ ଉତ୍କଳୀୟ ସୁଧୀମାନଙ୍କ ଏ ପୁସ୍ତକ ପ୍ରତି ଧାରଣା ସୂଚାଇ ଦେଉଛି । ରାଜା ବୈକୁଣ୍ଠ ନାଥ ଦେଙ୍କ 'ଅବଧାନ ଦୀପିକା' ସେ କାଳର ଓଡ଼ିଆ ଅବଧାନମାନଙ୍କ ଶିକ୍ଷାପ୍ରଣାଳୀ ବିରୁଦ୍ଧରେ ଲିଖିତ ଏତିକି ମାତ୍ର ବୁଝା ଯାଇପାରେ । ୧୮୮୦ ମସିହାରେ ପ୍ୟାରୀମୋହନ ତାଙ୍କର "ଓଡ଼ିଶାର ଇତିହାସ" ପ୍ରକାଶ କଲେ । 'ମଧୁପ' ସମ୍ପାଦକଙ୍କ ମନ୍ତବ୍ୟ ପଢ଼ିଲେ ଏ ପୁସ୍ତକର ତତ୍କାଳୀନ ମହତ୍ତ୍ୱ ଭଲରୂପେ ହୃଦୟଙ୍ଗମ କରାଯାଇ ପାରେ । ପ୍ୟାରୀମୋହନ ଓଡ଼ିଶାର ପ୍ରଥମ ଐତିହାସିକ କହିଲେ ଅତ୍ୟୁକ୍ତି ହେବନାହିଁ । ଆଜିକାଲି ଏ ଦେଶର ଅନେକ ଇତିହାସ ଲେଖା ଗଲାଣି, ମାତ୍ର ପ୍ୟାରୀମୋହନଙ୍କ ଇତିହାସ ଭଳି ପୁସ୍ତକ ଖଣ୍ଡିଏ କାହିଁ ?

ଉକ୍ତୀୟ କାବ୍ୟଦ୍ୱୟ ବ୍ୟତୀତ 'ମଧୁପ'ରେ ପ୍ରକାଶିତ ବିଷୟମାନଙ୍କୁ ନିମ୍ନଲିଖିତ ତିନି ଶ୍ରେଣୀରେ ଭାଗ କରା ଯାଇପାରେ:—

(କ) କବିତା ।
(ଖ) ଉପନ୍ୟାସ ।
(ଗ) ରଚନା, ପ୍ରବନ୍ଧ ଓ ସମ୍ପାଦକୀୟ ।

ରାମଶଙ୍କର ୧୯୩୦ ମସିହାରେ ପ୍ରକାଶିତ ତାଙ୍କ ଗ୍ରନ୍ଥାବଳୀର ଭୂମିକାରେ କହିଛନ୍ତି "ମୁଁ ଯେତେବେଳେ ୨୦ ବର୍ଷ ବୟସରେ କଟକ ରେଭେନ୍ସା କଲେଜରେ ପଢ଼ୁଥିଲି ସେତେବେଳେ ଓଡ଼ିଶାରେ ମାସିକ ପତ୍ରିକାର ଅଭାବ ଦେଖି 'ଉତ୍କଳ-ମଧୁପ' ନାମରେ ମାସିକ ପତ୍ରିକା ବାହାର କଲି ଏବଂ ତହିଁରେ ମୋର ନବରଚିତ ପ୍ରେମତରଙ୍ଗଗାଥା ଓ ସୌଦାମିନୀ ଉପନ୍ୟାସ ଧାରାବାହିକ ରୂପେ ବାହାର ଥିଲା । ଗ୍ରନ୍ଥାବଳୀରେ ପ୍ରକାଶିତ 'ପ୍ରେମତରଙ୍ଗ'ର ପ୍ରଥମ ସର୍ଗ ପତ୍ରିକା ପ୍ରକାଶିତ ପ୍ରଥମ ସର୍ଗ ଅପେକ୍ଷା ଅନେକ ବିଷୟରେ ଭିନ୍ନ । ଗ୍ରନ୍ଥାବଳୀରେ ୧୭ଟି ଶ୍ଳୋକ ଅଧିକା ଦିଆଯାଇଛି ଏବଂ ଅନ୍ୟାନ୍ୟ ଅନେକ ଶ୍ଳୋକର ପରିବର୍ତ୍ତନ କରା ହୋଇଅଛି । ଗ୍ରନ୍ଥାବଳୀର ୩-୪, ୯-୧୧, ୧୭-୧୮, ୨୯-୩୮ ଶ୍ଳୋକମାନ ପତ୍ରିକାରେ ନାହିଁ ।

ପୁଣି ପତ୍ରିକାର "ସଖି ! ବଦନ ଚନ୍ଦ୍ରମଣ୍ଡଳ ଲୋ;
ଦେଖି ଧୈର୍ଯ୍ୟ ହରିବ ବଳ ଲୋ ।"
ଠାରୁ—"ସଖି ! ଶ୍ରୀପାଦ ଉପମା ହୀନ ଲୋ;
ଦେଖି ପାଦପଦ୍ମେ ଏହି ଦୀନ ଲୋ !"

ପର୍ଯ୍ୟନ୍ତ ଗ୍ରନ୍ଥାବଳୀରେ ନାହିଁ । ଗ୍ରନ୍ଥାବଳୀର ୨୮ଶ ଶ୍ଳୋକର ଶେଷ ଧାଡ଼ି

"ଉଠି ଧିରେ ଧିରେ ବସେ ତା ଉପରେ
ଦେଖଇ ଚୌଦିଗ ରଙ୍ଗେ,"

ପରିବର୍ତ୍ତେ ପତ୍ରିକାରେ

"ଉଠିଲା ସତ୍ୱରେ, ମଗ୍ନ ପ୍ରେମଭରେ
ପ୍ରେମଗୀତ ସୁତରଙ୍ଗେ ।"

ଏଠାରେ ପ୍ରେମିକା ମୁଖରେ ପ୍ରେମିକର ଚନ୍ଦ୍ରବଦନ, ଭ୍ରୂଧନୁ, ନୟନବାଣ, ବିମ୍ବଓଷ୍ଠ, ନାସାତିଳଫୁଲ, ରମ୍ଭାଉରୁ, ପାଦପଦ୍ମ ଇତ୍ୟାଦିର ବର୍ଣ୍ଣନାକୁ ଗ୍ରନ୍ଥାବଳୀରୁ ବାଦ୍‌ଦେଇ କବି ତାହା ପରିବର୍ତ୍ତେ ପ୍ରେମିକର ସମୁଦ୍ର ଦର୍ଶନରେ ସ୍ୱାଭାବିକ ବିରହ ଭାବକୁ ପ୍ରକାଶ କରିଅଛନ୍ତି । ଏହାଦ୍ୱାରା କବିତାଟି ଅଧିକ ଉପାଦେୟ ଓ ସ୍ୱାଭାବିକ ହୋଇଅଛି । ପ୍ରଥମେ ବହୁକାଳ ପ୍ରଚଳିତ ଜଣା ଶୁଣା ଉପମା ଦ୍ୱାରା ବାହାରର ରୂପବର୍ଣ୍ଣନାଠାରୁ ଭିତରର ଭାବବର୍ଣ୍ଣନାରେ ଅଧିକ କବିତ୍ୱ ରହିବାର କଥା । ଦ୍ୱିତୀୟତଃ ବିରହୀ ନାୟକ ନିଜର ରୂପ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଆକାଶ ବାଣୀ ଶୁଣିବାଠାରୁ ପ୍ରାକୃତିକ ଦୃଶ୍ୟ ଦେଖି ନିଜ ବିରହଭାବ ପ୍ରକାଶ କରିବା ଅଧିକ ସ୍ୱାଭାବିକ । ଏ ଦୁଇ କଥା ରାମଶଙ୍କର 'ପ୍ରେମତରଙ୍ଗ' ଆଦ୍ୟ ରଚନାର କିଛି କାଳ ପରେ ଉପଲବ୍ଧି କରିଥିଲେ ଏବଂ ତଦନୁଯାୟୀ କବିତାଟିରେ ପରିବର୍ତ୍ତନ କରିଥିଲେ ।

'ମଧୁପ'ର ଦୁଇଟି ସଂଖ୍ୟାରେ ମଧୁସୂଦନଙ୍କ 'ଜୀବନ-ଚିନ୍ତା' ପ୍ରକାଶ ଶେଷ ହୋଇଥିଲା । ଏଥିରେ କବି ନିଜର ନାମକୁ ଶ୍ରୀ ମ—ଏହିପରି ଲେଖିଥିଲେ । 'ଜୀବନ-ଚିନ୍ତା' ଓଡ଼ିଆରେ 'ମୋହମୁଦ୍ଗର' । ଏ ଭାବ ପ୍ରତ୍ୟେକ ମନୁଷ୍ୟ ମନରେ ଅନ୍ତତଃ ଥରେ ହେଲେ ଉଦୟ ହୋଇଥାଏ । ତେଣୁ ପ୍ରତ୍ୟେକ ମନୁଷ୍ୟ ଏଥିରେ ନିଜ ଜୀବନ-ଚିନ୍ତାର ସାଦୃଶ୍ୟ ଦେଖିବା ସ୍ୱାଭାବିକ । 'କାଳରାତ୍ରି' ଶୀର୍ଷକ କବିତାଟିର ଭାବ ଠିକ 'ଜୀବନ ଚିନ୍ତା' ପରି, ମାତ୍ର କବି ହିସାବରେ ଏହାର ଲେଖକ ମଧୁସୂଦନଙ୍କ ତେର ନିମ୍ନରେ । ଏଥିରୁ ଗୋଟିଏ ଶ୍ଳୋକ ଉଦ୍ଧାର କଲେ 'ଜୀବନ ଚିନ୍ତା' ସହିତ ଏହାର ସାଦୃଶ୍ୟ ବେଶ୍ ବୁଝାଯିବ ।

ବିଷମ ଜଞ୍ଜାଳ ! ଶୁଣ କ୍ରନ୍ଦନ ଚହଳ
ବିଷମୟ, ସ୍ତବ୍ଧ କର୍ଣ୍ଣ ଶୁଣି ସେ ଗହଳ ।
ବାଜେ ହୃଦେ ଅବିରତ—
ବିଷଶେଲ ଯେହ୍ନେ ସତ !
ପରାଣ ଆକୁଳ କରେ । କାରଣ ପ୍ରବଳ—
ପରାକ୍ରମି ପ୍ରତିକାର ଅପଣେ ବିକଳ ।



Digitized by srujanika@gmail.com

'ବନ୍ଧୁଠାରୁ ବିଦାୟ ଗ୍ରହଣ' ପଦ୍ୟଟି ସଙ୍ଗୀତମୟ ଓ ଉଚ୍ଚ-ଭାବାପନ୍ନ । ପ୍ରତ୍ୟେକ ଶ୍ଳୋକର ଶେଷ ଭାଗରେ 'ତେତେବେଳେ ବନ୍ଧୁ ତୋତେ ସ୍ମରଣ କରିବି' ଧାଡ଼ିଟି ହୃଦୟସ୍ପର୍ଶୀ । ଲେଖନ-ଭଙ୍ଗୀ ବ୍ୟାସ କବିଙ୍କ "ଆହା ଆହା କାହିଁ ଗଲ" ପଦ୍ୟଟିକୁ ମନେ ପକାଇ ଦିଏ ।

"ଋତୁରାଜ ବସନ୍ତର ହେଲେ ଆଗମନ
କୋକିଳ ପଞ୍ଚମସ୍ୱରେ କରୁଥିବ ଗାନ ।
ବୃକ୍ଷ-ଲତା-କୁଞ୍ଜ ଯେବେ ପଲ୍ଲବେ ଆବୃତ
ନାନା ପୁଷ୍ପ ମକରନ୍ଦେ ଦିଗ ଆମୋଦିତ ।
ସେ କାଳେ ମୃଦୁ ପବନ ଯେବେ ସେବୁ ଥିବି
ତେତେବେଳେ ବନ୍ଧୁ ତୋତେ ସ୍ମରଣ କରିବି ।"

'ନିଶୀଥେ କୋକିଳ'ରେ କବିଙ୍କର ଉଦ୍‌ବୋଧନ ଅଛି, ମାତ୍ର ତାହାର ପ୍ରକାଶ ପାଇଁ କବିଙ୍କର ଭାଷା ଅକୁଳାଣ ।

ଯେଣୁ "ଶୋଇଛି ଜଗତ ନାହିଁ କିଛି ରବ
ଭବ କୋଳାହଳ ହୋଇଛି ନୀରବ ।"
ସଙ୍ଗେ— "ବେହେଲା ସାରଙ୍ଗ ଏସ୍ରାଜ ସେତାର,
ହାର ମାନି ଯାଏ ରବାବ ଝଙ୍କାର ।
ହାରମୋନିୟମ୍ ସ୍ୱର ପିଆନୋ ଟେବସ୍ୱର
କି ଛାର ଡୁମ୍ବୁର୍, ତାନ ଲୟ୍‌ଭାର"ର

ମିଶ୍ରଣ । 'ମଧୁପ'ରେ ଆଉ ଯେଉଁ ଯେଉଁ କବିତାମାନ ପ୍ରକାଶିତ ହୋଇଥିଲା ଅଧିକାଂଶର ସ୍ୱର ପ୍ରାୟ ଏହିପରି ଉଚ୍ଚ । ମହତ୍ ଭାବକୁ ପ୍ରଶଂସା କରି କବିମାନେ ସମାଜର ରୁଚି ପରିବର୍ତ୍ତନ କରନ୍ତି । ନୀଚ ଭାବକୁ ନିନ୍ଦା କରି ମଧ୍ୟ କେତେକେ ଉଚ୍ଚ ଆଦର୍ଶ ଲାଭ କରିବାକୁ ଚେଷ୍ଟା କରନ୍ତି । ସେଥିପାଇଁ ଜଣେ କବି ବେଶ୍ୟା ଦ୍ୱାରରେ ଧନୀର ଅବସ୍ଥା ଏହିପରି ବର୍ଣ୍ଣନା କରିଛନ୍ତି:—

"ମଧୁର ବଚନ ପୁଣି ମନ୍ଦ ମନ୍ଦ ହସ
ଅଧୀନତା ସ୍ୱୀକାରରେ ହରନ୍ତି ମାନସ,
ଉକାଶି ବେଶରେ ଶେଷେ,
ଭୁଲାଇବେ ଦେଶେ ଦେଶେ,
ରହି ନିଜ ଅଧୀନରେ ବିଷମ ଯନ୍ତ୍ରଣା,
କରିବେ ଉଆଣ ଅବା କେ କରେ କଳନା ।"

ମଦ, ଗଞ୍ଜା, ବେଶ୍ୟାଦ୍ୱାର ବିରୁଦ୍ଧରେ ଲିଖିତ ଏହିପରି ଅନେକ ପଦ୍ୟ 'ମଧୁପ'ରେ ପ୍ରକାଶ ପାଇଥିଲା ।

ରାମଶଙ୍କରଙ୍କ 'ସୌଦାମିନୀ' ଉପନ୍ୟାସ 'ମଧୁପ'ରେ ଶେଷ ହୋଇଥିଲେ ଓଡ଼ିଆରେ ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ହୋଇଥାନ୍ତା । ମାତ୍ର ତାହା ହୋଇ ପାରିଲା ନାହିଁ । 'ସୌଦାମିନୀ' ଗୋଟିଏ ଐତିହାସିକ ଉପନ୍ୟାସ । ଆଲ୍ଲାଉଦ୍ଦିନଙ୍କ ରାଜପୁତାନା ବିଶେଷତଃ ଚିତୋର, ରାଜଗଡ଼, ଉଜ୍ଜୟିନୀ ଆକ୍ରମଣ ବିଷୟରେ ଲିଖିତ । ଆଲ୍ଲାଉଦ୍ଦିନ ଅସଂଖ୍ୟ ସୈନ୍ୟ ନେଇ ଉଜ୍ଜୟିନୀର ରାଜପୁତ ରାଜା ଓ ତାଙ୍କ ସ୍ତ୍ରୀ ପଦ୍ମାବତୀଙ୍କୁ ହତ କଲେ । ପରେ ଦ୍ୱାର ଘୋଡ଼ ପକାଇଲେ । ମୃତ ରାଣୀଙ୍କ ଜ୍ୟେଷ୍ଠ ପୁତ୍ର ସେନାପତି ଜୟସିଂହ ବହୁକାଳ ଏକାକୀ ଯୁଦ୍ଧ କରି ନ ପାରି ବଣକୁ ପଳାଇ ଗଲେ ଏବଂ ସେଠାରେ ତାଙ୍କର ଆବାଲ୍ୟ ସଙ୍ଗୀ ପ୍ରଣୟିନୀ ସୌଦାମିନୀର ଭେଟ ପାଇ ଉତ୍ଫୁଲ୍ଲ ଆଶ୍ୱସ୍ତ ହେଲେ । ଏପରି ସମୟରେ ମୁସଲମାନ ସୈନ୍ୟମାନେ ସେ ଦୁଇ ଜଣଙ୍କୁ ଆକ୍ରମଣ କଲେ ଏବଂ ସୌଦାମିନୀକୁ ଧରି ବଳାତ୍କାରରେ ଦିଲ୍ଲୀ ଦରବାରକୁ ପଠାଇ ଦେଲେ । ଯୁଦ୍ଧ ଶେଷ ହେଲାରୁ ଜୟସିଂହ ଦେଖିଲେ ସୌଦାମିନୀ ସେଠାରେ ନାହାନ୍ତି । ସେ ଘନ ଘନ ଚିତ୍କାର କରି କ୍ରନ୍ଦନ କଲେ, ଶେଷରେ ଅତି କ୍ଲାନ୍ତ ହୋଇ ମୂର୍ଚ୍ଛାଗତ ହେଲେ । ଏହି ସମୟରେ ଜଣେ ମଳିନବେଶା ଯୁବତୀ ସ୍ତ୍ରୀ ତାଙ୍କ ନିକଟରେ ଉପସ୍ଥିତ ହୋଇ ସେବା ଶୁଶ୍ରୂଷା ଦ୍ୱାରା ତାଙ୍କ ସଂଜ୍ଞା ଲାଭ କରାଇଲେ । ରମଣୀର ନାମ ଆନନ୍ଦମୟୀ, ତାଙ୍କ ସ୍ୱାମୀ ଚନ୍ଦ୍ରବିଳାସ ମୁସଲମାନଙ୍କ ସହିତ ଯୁଦ୍ଧ କରି ଅରଣ୍ୟରେ ପଥଭ୍ରଷ୍ଟ ହୋଇ ଥିବାର ସମ୍ଭାବନା । ତାଙ୍କ ଦୁଃଖରେ ଦନ୍‌ଗରପୁର ରାଜା ସତ୍ୟସିଂହ ରାୟଙ୍କ କନ୍ୟା କୁସୁମକୁମାରୀ ଏକାନ୍ତ ଦୁଃଖିତା । ସେ ପ୍ରତିଜ୍ଞା କରିଛନ୍ତି କି ଆନନ୍ଦମୟୀ ଚନ୍ଦ୍ରକଳାଙ୍କୁ ନ ପାଇବା ପର୍ଯ୍ୟନ୍ତ ସେ ବିବାହ କରିବେ ନାହିଁ । ଏହିପରି ଭାବରେ ଏ ଦୁଇ ରମଣୀ ପରସ୍ପର ସହାନୁଭୂତିଜନିତ ଦୁଃଖରେ କାଳ କାଟୁଛନ୍ତି ଜାଣି ଜୟସିଂହ ଚନ୍ଦ୍ରକଳାଙ୍କ ଅନ୍ୱେଷଣ କରିବା ପାଇଁ ଗଭୀର ବନକୁ ବାହାରି ଗଲେ । .....ଉପନ୍ୟାସଟି ଶେଷ ହୋଇଥିଲେ କି ଆକାର ଧାରଣ କରିଥାନ୍ତା ତାହା ଠିକ୍ କରିବା କଠିନ । ମାତ୍ର ରାମଶଙ୍କରଙ୍କ ଯେ ଉପନ୍ୟାସଟିର ଶେଷରେ ଏ ପ୍ରେମିକ ପ୍ରେମିକାଙ୍କ ଶୁଭମିଳନ ଘଟାଇ ଥାନ୍ତେ ଏହା ବେଶ୍ ଅନୁମେୟ ।

'ସୌଦାମିନୀ'ର ରଚନାକୌଶଳ ସଂସ୍କୃତ 'ଦଶ କୁମାର ଚରିତ' ପରି ମନେ ହୁଏ । ଏଥିରେ ଦେବତା, ମନୁଷ୍ୟ ଓ ଇତର ଜୀବଜନ୍ତୁମାନେ ମଧ୍ୟ ନିଜ ନିଜର ଅଭିନୟ କରିଅଛନ୍ତି । ସ୍ୱର ସବୁବେଳେ କରୁଣ । ଉପନ୍ୟାସ ସାରା ସ୍ଥାନେ ସ୍ଥାନେ ସଙ୍ଗୀତର ସମାବେଶ ଏ କରୁଣତାକୁ ବଢ଼ାଇ ଦେଇଛି । ରାମଶଙ୍କର ବଡ଼ ସଙ୍ଗୀତପ୍ରିୟ, ବିଶେଷତଃ ତାଙ୍କ ଯୌବନରେ ସଙ୍ଗୀତ ବିନା ସେ ଦିନେ ହେଲେ ସନ୍ତୁଷ୍ଟ ହୋଇ ରହି ପାରୁ ନ ଥିଲେ । ସେଥିପାଇଁ ଉପନ୍ୟାସର ବର୍ଣ୍ଣନା ମଧ୍ୟରେ ସେ ସଙ୍ଗୀତ ଲେଖିବାକୁ ଭୁଲି ନାହାନ୍ତି । 'ଉତ୍କଳ-ପ୍ରଭା'ରେ ପ୍ରକାଶିତ ତାଙ୍କର 'ବିବାସିନୀ' ଉପନ୍ୟାସରେ କିନ୍ତୁ ସେ ଏ ପନ୍ଥା ଅନୁସରଣ କରି ନାହାନ୍ତି, କାରଣ ବୟସ ଓ ସାହିତ୍ୟିକ ଅନୁଭୂତିର ବୃଦ୍ଧି ସଙ୍ଗେ ସଙ୍ଗେ ସେ ବୁଝି ପାରିଥିଲେ ଯେ ସଙ୍ଗୀତର ପ୍ରକୃଷ୍ଟ ସ୍ଥାନ ନାଟକରେ, ଉପନ୍ୟାସରେ ନୁହେଁ ।

'ମଧୁପ'ରେ କେତେଗୁଡ଼ିଏ ଐତିହାସିକ, ଦାର୍ଶନିକ, ନୈତିକ ବା ସାମାଜିକ ପ୍ରବନ୍ଧ ପ୍ରକାଶିତ ହୋଇ ଥିଲା । ସେ ଗୁଡ଼ିକ ମଧ୍ୟରେ 'ଦ୍ୱିତୀୟ ଶିଖ ଯୁଦ୍ଧ,' 'ଜୀବନସାଥୀ' 'ଗୋଟିଏ ଘଟଣା' ପ୍ରଭୃତି ପ୍ରବନ୍ଧ କେତୋଟି ଉଲ୍ଲେଖଯୋଗ୍ୟ । ଫକୀର ମୋହନ



Digitized by srujanika@gmail.com

ସେ ସମୟରେ ଢେଙ୍କାନାଳରେ ଏସିଷ୍ଟେଣ୍ଟ ମେନେଜର କରୁଥାନ୍ତି । ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ବାଲ୍ମୀକି ରାମାୟଣର ଓଡ଼ିଆ ପଦ୍ୟାନୁବାଦରେ ଏ ସମୟରେ ସୀମାବଦ୍ଧ ଥିଲା । ରାଧାନାଥ ଏ ସମୟରେ ଓଡ଼ିଶା ଶିକ୍ଷା-ବିଭାଗର ଜଏଣ୍ଟ ଇନ୍‌ସ୍ପେକ୍ଟର୍ ହୋଇ ଶିକ୍ଷାର ଉନ୍ନତି ସାଧନରେ ବ୍ୟସ୍ତ । ଏ ସମୟରେ ତାଙ୍କ ଓଡ଼ିଆ-ସାହିତ୍ୟ ଅନୁରାଗ ପ୍ରାୟ ନୋଟ-ବୁକ୍ ମଧ୍ୟରେ । ମଧୁସୂଦନ ସେ ସମୟରେ ଶିକ୍ଷକତା କରୁଥିଲେ; ଅତି ସାହିତ୍ୟ-ଚର୍ଚ୍ଚା ପାଇଁ ଯଥେଷ୍ଟ ଅବସର ପାଉଥିଲେ । ତେଣୁ ଉକ୍ତ କବିଙ୍କର କେତୋଟି କବିତା ଏଥିରେ ପ୍ରକାଶିତ ହୋଇଥିଲା ।

'ମଧୁପ'ର ପତନର ପ୍ରଧାନ କାରଣ ଅର୍ଥାଭାବ ଏବଂ ଅଧିକାଂଶ ଗ୍ରାହକମାନଙ୍କର ଦେୟ ଦେବାରେ ହେଳା । ଫକୀର-ମୋହନ, ରାଧାନାଥ, ମଧୁସୂଦନ ପ୍ରଭୃତି ସାହିତ୍ୟସେବୀମାନେ ଏବଂ ମହାରାଜା କୃଷ୍ଣଚନ୍ଦ୍ର, ରାଜା ବୈକୁଣ୍ଠ ନାଥ ପ୍ରଭୃତି ସାହିତ୍ୟ ରସିକ ମାନେ ଏହାକୁ ଯଥ୍‌କିଞ୍ଚିତ ଆର୍ଥିକ ସାହାଯ୍ୟ ଦେଉଥିଲେ । ତେବେ ମଧ୍ୟ ଏହାର ଆର୍ଥିକ ଦୁରବସ୍ଥା ଘୁଞ୍ଚିଲା ନାହିଁ । ସମ୍ପାଦକ-ମାନେ ବହୁବାର 'ଭଦ୍ରତା ତ୍ୟାଗ' କଲେ ମଧ୍ୟ ପତ୍ରିକାର ମୂଲ୍ୟ ଅନେକ ଗ୍ରାହକଙ୍କ ପାଖରୁ ମିଳିଲା ନାହିଁ । ଦ୍ୱିତୀୟ ଭାଗର କାର୍ତ୍ତିକ ଓ ମାର୍ଗଶୀର ସଂଖ୍ୟା ଦୁଇଟି ସେହି ବର୍ଷ ଚୈତ୍ର ମାସରେ ଏକତ୍ର ବାହାରିବାରୁ ସମ୍ପାଦକଦ୍ୱୟ ହତାଶ ହୋଇ ଲେଖିଥିଲେ "ଗ୍ରାହକ ମହାଶୟ ଗଣ ! ଆପଣମାନଙ୍କର ବେଅନୁଗ୍ରହରୁ 'ମଧୁପ'ର ଏ ହାଲ ସିନା ! ଚାରି ପାଞ୍ଚ ମାସରେ ଦୁଇ ଖଣ୍ଡ ଅତି କଷ୍ଟରେ ବାହାରିଲା ।" ଏହାର ଅଳ୍ପ କାଳ ପରେ ପତ୍ରିକାଟି ମୃତ୍ୟୁମୁଖରେ ପତିତ ହେଲା ।

( ୩ )

ଅଧ୍ୟାପକ ଗିରିଜାଶଙ୍କର ରାୟଙ୍କ ପାଖରେ ଥିବା 'ଉତ୍କଳ ମଧୁପ'ର ସଂଖ୍ୟାଗୁଡ଼ିକରେ ଗୋଟିଏ ପ୍ରଧାନ ବିଶେଷତ୍ୱ ଅଛି । ସୌଦାମିନୀ ଉପନ୍ୟାସରେ ରାମଶଙ୍କରଙ୍କ ସ୍ୱହସ୍ତ ଲିଖିତ ଅନେକ ପରିବର୍ତ୍ତନ ଦେଖାଯାଏ । ଅଧ୍ୟାପକ ରାୟ ମହାଶୟ କହନ୍ତି, ୧୯୦୪ ମସିହାରେ ରାମଶଙ୍କର ପୂର୍ବ ଲେଖା ସଂଶୋଧନ କରି ଓ ଉପନ୍ୟାସଟି ସମାପ୍ତ କରି ପ୍ରକାଶ କରିବାକୁ ମନସ୍ଥ କରିଥିଲେ । ତେଣୁ ପ୍ରାୟ ୨୫ ବର୍ଷ ପୂର୍ବେ ଲିଖିତ ଗଦ୍ୟ ଭାଷାକୁ ତତ୍କାଳୀନ ପାଠକର ରୁଚି ଓ ଓଡ଼ିଆ ଗଦ୍ୟଶୈଳୀ ଅନୁସାରେ ପରିବର୍ତ୍ତନ କରିଥିଲେ । ନିମ୍ନରେ କେତୋଟି ଉଦାହରଣ ଦିଆଗଲା । ବନ୍ଧନୀ ମଧ୍ୟସ୍ଥ ଅଂଶ ସ୍ୱୟଂ ରାମଶଙ୍କରଙ୍କ ଦ୍ୱାରା କଟା ହୋଇଅଛି ଏବଂ ଉଦ୍ଧୃତ ଚିହ୍ନ ମଧ୍ୟରେ ରହିଥିବା ଅଂଶ ସଂଯୁକ୍ତ ହୋଇଅଛି ।

୧ । ଦିନ ଆମ୍ଭର ନୁହେ, ନା ତୁମର ନୁହେ । ସେ ଆପେ ଆସେ, ଆପେ ଯାଏ । ତାହାକୁ ଡାକିଲେ ଆସିବ ନାହିଁ, ନା କହିଲେ ଯିବ ନାହିଁ । (ଆଉ) ଯେଉଁ ଲୋକ ଦିନକୁ ଚିହ୍ନି ଅଛି ସେହି ଲୋକ ପୃଥିବୀରେ ଧନ୍ୟ ।

୨ । ଶରୀରଧା (ରି) "ରୀ"

୩ । କେତେକ ଦିନ ଅତୀତ ହେଲା । ଦିନେ ରାଜା ରାଜ-ସଭାରେ ପାତ୍ର, ମନ୍ତ୍ରୀ ଓ ସଭାସଦ୍‌ମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ (ନଗରର) "ରାଜ୍ୟର" ଶାସନ ବୃତ୍ତାନ୍ତ ଶୁଣୁଛନ୍ତି, ଆଉ ଜୟସିଂହ (ରାଜାଙ୍କ) ନିକଟରେ "ଦଣ୍ଡାୟମାନ ହୋଇ" ଅଛନ୍ତି—ଏମନ୍ତ ସମୟରେ ଜଣେ କଟୁଆଳ ଧାଇଁ ଧାଇଁ ହୋଇ ଆସି ସଭାରେ ଉପସ୍ଥିତ ହେଲା । (କଟୁଆଳର) "ତାହାର" ମୁଖ ଦେଖି ସମସ୍ତେ ଅମଙ୍ଗଳ ବାର୍ତ୍ତାର ଆଶଙ୍କା କଲେ ।

୪ । କେବଳ ପ୍ରତିଜ୍ଞା ନୁହେ, କୋରାନ୍ (ଛୁଇଁ) "ଧରିକରି" ଶପଥ କରିବାରେ ତ୍ରୁଟି କଲେ ନାହିଁ) ହୋଇ ନ ଥିଲା ।

୫ । (କାମଦେବଙ୍କ)ର କ୍ରୀତଦାସ ଆଲ୍ଲାଉଦ୍ଦିନ ପ୍ରତିଜ୍ଞାର ବଶବର୍ତ୍ତୀ ହୋଇ ରାଜଗଡ଼ ଆଡ଼କୁ ଯାତ୍ରା କଲେ । (ଓ) ସେ ସ୍ଥାନ ଏକ ମୁହୂର୍ତ୍ତରେ ଅଧିକୃତ ହେଲା । ତହୁଁ ଆପଣାର ସେନା ସହିତରେ ଉଜ୍ଜୟିନୀ ଆଡ଼କୁ ଚାଲିଲେ । ବଳଆର ପତି ଦୁର୍ଦ୍ଧର୍ଷ ଗଡ଼କୁ ରକ୍ଷା କରୁଥିଲେ କିନ୍ତୁ ଆଲ୍ଲାଉଦ୍ଦିନଙ୍କ ଅସଂଖ୍ୟ ସୈନ୍ୟ (ଙ୍କ) "ସମକ୍ଷରେ" ତାହାଙ୍କର ସୈନ୍ୟ "ଯେତେ ପରାକ୍ରମ ଥିଲେ ମଧ୍ୟ" ଏକଦଳ ସାମାନ୍ୟ ଲୋକପରି (ଦେଖାଯାନ୍ତି, ପରାକ୍ରମରେ ଯାହା ଥାଉ) ।

୬ । ଯେବେ ଅଭାଗିନୀର କାର୍ଯ୍ୟ କୌଣସି ପ୍ରକାରେ ଦୂଷଣୀୟ (ଅଟଇ) "ହୋଇଥାଏ", ଆପଣ ତାହା କ୍ଷମା କରିବେ ।

୭ । (କିଣ) "କି"; ରକ୍ତ (ର) "ସହିତ"; ଲୋକଙ୍କ (ର) ଇଚ୍ଛାନୁଯାୟୀ ।

୮ । ସଂଯୋଜକ ଅବ୍ୟୟ 'ଆଉ' କଟା ହୋଇ ତା ସ୍ଥାନରେ ଏବଂ, ଓ, ମାତ୍ର ଇତ୍ୟାଦି ।

୧୮୫୦ ମସିହାରୁ ଓଡ଼ିଶାରେ ସାହିତ୍ୟ ପ୍ରେରଣା ଯଥେଷ୍ଟ ଦେଖା ଦେଲାଣି । ବ୍ୟକ୍ତିଗତ ଅଧ୍ୟବସାୟରେ ଅନେକ ବହିପତ୍ର, ସମ୍ବାଦପତ୍ର ପ୍ରକାଶିତ ହେଲାଣି । ତେବେ ମଧ୍ୟ ଏ ସମସ୍ତ ସମୁଦ୍ରକୁ ଶଙ୍ଖେ ପାଣି ପରି । ବିଶାଳ ଓଡ଼ିଆ ସାହିତ୍ୟସାଗର ପଡ଼ି ରହିଛି । ତାକୁ କେହି ଦେଖି ନାହାଁନ୍ତି । ଯେଉଁମାନେ ଦେଖନ୍ତେ ଅବା ଦେଖାନ୍ତେ ସେମାନଙ୍କର କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ । ତେଣୁ ସାଧାରଣ ପାଠକର କ୍ଷୋଭ !



Digitized by srujanika@gmail.com

# ନାରୀ ଓ ସମାଜ

ଶ୍ରୀ ନବକିଶୋର ଦାସ

୧ । ସମାଜର ବ୍ୟାପକତା—

'ସମାଜ' କହିଲେ 'ବ୍ରାହ୍ମଣ' 'କରଣ' କିମ୍ବା 'ଖଣ୍ଡାୟତ' ସମାଜ ବୁଝାଏ ନାହିଁ । ଏହା ଅତି ସଙ୍କୀର୍ଣ୍ଣ ଧାରଣା । ମାତ୍ର ଆମ ଦେଶରେ 'ସମାଜ' କହିଲେ ଲୋକେ ଏହାହିଁ ବୁଝନ୍ତି । ସମାଜ ମାନବ-ସମାଜ-ବ୍ୟାପୀ ହେବା ଉଚିତ । ବିଶ୍ୱବ୍ୟାପୀ ମଣିଷ ସମାଜରୁ ଆଜ କୌଣସି ଗ୍ରାମର ଗୃହୀ ମଧ୍ୟ ନିଜକୁ ଅଲଗା କରି ରଖି ପାରିବ ନାହିଁ । ଜଣା କିମ୍ବା ଅଜଣା ଭାବରେ ଏହି ବିଶ୍ୱ-ଭାବ ଆମ ଜୀବନକୁ ପ୍ରଭାବିତ କରିଚି, ଏହାକୁ ଅସ୍ୱୀକାର କରିବାର ଦୃଢ଼ତା କୌଣସି ଆଖି ଥିଲା ମଣିଷର ନ ଥିବ । ବିଶ୍ୱ-ସମାଜ ବା ସକଳ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏହି ଯେଉଁ ମାନବ-ସମାଜର ପରିକଳ୍ପନା ତାହା କଅଣ ଧର୍ମଦର୍ଶନ ସମର୍ଥନ କରେ ନାହିଁ ? ଦୁଇ ଦିଗରୁ ଆମ୍ଭେମାନେ ଏହି ବିଶ୍ୱବ୍ୟାପୀ ସମାଜରୁ ଆମ୍ଭମାନଙ୍କୁ ଅଲଗା କରି ପାରିବା ନାହିଁ ।

ଧର୍ମ ଦିଗରୁ ଦେଖିଲେ—ହିନ୍ଦୁ ଧର୍ମ ଏକ ବିଶ୍ୱବ୍ୟାପୀ ଅତି-ଚେତନରେ ବିଶ୍ୱାସ କରେ । ତେଣୁ ହିନ୍ଦୁ ତାହାର ଦେବତାକୁ କେବଳ ବ୍ରାହ୍ମଣ, କରଣ କିମ୍ବା ଖଣ୍ଡାୟତଙ୍କ ମଧ୍ୟରେ ଦେଖେ ନାହିଁ । ତେବେ ଯଦି ଆମ୍ଭେମାନେ ଯଥାର୍ଥ ଧାର୍ମିକ, ତେବେ ବିଶ୍ୱବ୍ୟାପୀ ସମାଜ ସ୍ୱୀକାର କରିବାକୁ ଆମ୍ଭେମାନେ ବାଧ୍ୟ । କେବଳ ହିନ୍ଦୁଧର୍ମ ନୁହେଁ, ଇସଲାମର ବିଶ୍ୱବ୍ୟାପୀ ଭ୍ରାତୃତ୍ୱ କିମ୍ବା ଖ୍ରୀଷ୍ଟିୟାନଙ୍କ ଅନାଦି ପିତାମାତାଙ୍କ ପୁତ୍ରକନ୍ୟା କିମ୍ବା ବୌଦ୍ଧର ଜାତିଶୂନ୍ୟ ନୀତିପଦ୍ଧତି ସବୁଠି ଏହି କ୍ଷୁଦ୍ର ଭେଦର ଲୋପସାଧନ । କ୍ଷୁଦ୍ର ନୁହେଁ, ବୃହତ୍ତରହିଁ ଆନନ୍ଦଦାୟକ । କରଣ, ବ୍ରାହ୍ମଣ, ଖଣ୍ଡାୟତ ନୁହେଁ, ଓଡ଼ିଆ, ବଙ୍ଗାଳି, ତେଲୁଗୁ ନୁହେଁ, ସମଗ୍ର ମାନବ ସମାଜର ପରିକଳ୍ପନା ମନରେ ପୋଷିବା କେବଳ ଏ ଯୁଗର ନୁହେଁ, ଅତି ପ୍ରାଚୀନତମ ଯୁଗର ମଧ୍ୟ ଶ୍ରେଷ୍ଠ ବାଣୀ ।

ଆଉ ଯେଉଁମାନେ ନାସ୍ତିକ ସେମାନଙ୍କ ଆଗରେ ରାଜନୀତି ଏବଂ ଅର୍ଥନୀତିକ ଦାବୀ ଏତେ ବଡ଼ ଯେ ସେମାନେ ଏ ବ୍ୟୋମଯାନ ଯୁଗରେ ବିଶ୍ୱବ୍ୟାପୀ ସମାଜ ସ୍ୱୀକାର କରିବାକୁ ବାଧ୍ୟ । ବିଶ୍ୱବ୍ୟାପୀ ରାଷ୍ଟ୍ରସଂଘ (world federation) କିମ୍ବା ଏକ ପୃଥିବୀବ୍ୟାପୀ ରାଜ-ତନ୍ତ୍ର ପ୍ରତିଷ୍ଠିତ ନ ହେଲେ ମଧ୍ୟ, ଅର୍ଥନୀତି ଜଗତରେ ପ୍ରତ୍ୟେକ ଦେଶ ପ୍ରତ୍ୟେକ ଦେଶ ସହିତ ଏପରି ଛନ୍ଦା ଏବଂ ବୈଜ୍ଞାନିକ ଉଦ୍ଭାବନ ଫଳରେ ମଣିଷର ଚେତନ, ମନ ଏବଂ ପ୍ରାଣ ଏତେ ବ୍ୟାପକ ହୋଇ ପଡ଼ିଚି ଯେ ଅତି ବାସ୍ତବ କ୍ଷେତ୍ରରେ ମଧ୍ୟ ସେ ନିଜକୁ କରଣ, ବ୍ରାହ୍ମଣ, ଖଣ୍ଡାୟତ ସମାଜରେ ଆଉ ଆବଦ୍ଧ କରି ରଖି ପାରିବ ନାହିଁ । ତେଣୁ 'ସମାଜ' ବୋଇଲେ ଯଦି ମଣିଷ ସମାଜ ବୁଝାଏ ଏଥିରେ କେହି ଆମ ଦେଶର ସମାଜପତି ବିଚଳିତ ନ ହେବା ଉଚିତ । ଏବଂ ସେମାନଙ୍କ କ୍ଷୁଦ୍ର ଚେତନକୁ ବ୍ୟୋମଯାନରୁ ବୋମା ମାଡ଼ି ଭଲ ଚୁରମାର କରି ଦେବା ଉଚିତ । ଏ ସମାଜକୁ ଆଖି ଆଗରେ ରଖି 'ନାରୀ'ର ଆଲୋଚନା ମୁଁ ବାଛିବି ।

୨ । ମଣିଷ ପରିସ୍ଥିତିର ପୁତ୍ତଳିକା—

ପୁଣି ଆଉ ଗୋଟିଏ କଥା ଏଠାରେ କହିବାର ଅଛି । ମଣିଷ ବିଶ୍ୱବ୍ୟାପୀ ହେଲେହେଁ ମଣିଷ ପରିସ୍ଥିତି ଏଡ଼ାଇ ପାରିବ ନାହିଁ । କଥାଟା ଟିକିଏ ଖୋଲି କହିବା ଉଚିତ । ଗତ ମହା ଯୁଦ୍ଧରେ ଅର୍ଥାତ୍ ୧୯୧୪ ଠାରୁ ୧୯୧୮ ଯାଏ ଯେଉଁ ଭୀଷଣ ମହାସମର ଇଉରୋପରେ ହୋଇ ଥିଲା ତହିଁରେ ସେ ଦେଶରେ ଏକ ପରିସ୍ଥିତି ସୃଷ୍ଟି ହେଲା, ଯାହାକୁ ସମାଜ ଭୁଲି ପାରିଲା ନାହିଁ । ଉଦାହରଣ ସ୍ୱରୂପ ସି. ଇ. ଏମ୍. ଜୋଡ଼ଙ୍କ ଭାଷାରେ କହିଲେ କଥାଟା ଅଧିକ ପରିଷ୍କୁଟ ହେବ ।

"All that they have succeeded in getting are widows, taxes, wooden legs and debt."

ଅର୍ଥାତ୍ ଯୁଦ୍ଧର ଫଳ ଯାହା ଫଳିଲା ତାହା ହେଉଚି ବୈଧବ୍ୟ, ଖଜଣା ବୃଦ୍ଧି, କାଠଗୋଡ଼ ଏବଂ ଋଣ ।" ମୋର ଏହି ଦୃଷ୍ଟାନ୍ତ ଦେବାର କାରଣ ଯୁଦ୍ଧ ଇଉରୋପୀୟ ସମାଜ ଉପରେ କିପରି ପ୍ରଭାବ ପକାଇଚି । ଏ ପରିସ୍ଥିତି ଭାରତରେ ନାହିଁ । ବର୍ତ୍ତମାନ ଚୀନରେ ମଧ୍ୟ ଜାପାନ ଯୁଦ୍ଧ ଏକ ସ୍ୱତନ୍ତ୍ର ପରିସ୍ଥିତି ସୃଷ୍ଟି କରିଚି । ଆମ ଦେଶରେ କଂଗ୍ରେସ ଆନ୍ଦୋଳନ ମଧ୍ୟ ଆମ ସମାଜରେ ନାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିସ୍ଥିତି ସୃଷ୍ଟି କରିଥିଲା । ମଣିଷ ଯେ ଏକ ପରିସ୍ଥିତିର ପୁତ୍ତଳିକା, ଏହା ଆମର ପ୍ରଥମରୁ ମନେ ରଖିବା ଉଚିତ ।

ଯୁଦ୍ଧ ଏବଂ ଇଉରୋପୀୟ ନାରୀ—

ଏହି ପରିସ୍ଥିତିର ପରିଣାମ-ସମସ୍ୟାଟାକୁ ଭଲ ଭାବରେ ବୁଝିବାକୁ ହେଲେ, ଆମକୁ ଇଉରୋପୀୟ ସମାଜ ଉପରେ ଯୁଦ୍ଧର ଛାୟା ଟିକିଏ ଅନୁସରଣ କରିବାକୁ ହେବ । ମୁଁ ପୁଣି ଇଂଲଣ୍ଡର ପ୍ରସିଦ୍ଧ ଦାର୍ଶନିକ ଏବଂ ରାଜନୀତିଜ୍ଞ ସି. ଇ. ଏମ୍. ଜୋଡ଼ଙ୍କ କେତୋଟି ଧାଡ଼ି ପ୍ରତି ଆମ ଦେଶର ପାଠକ ପାଠିକାମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି:—

"The daughters of the aristocratic poor paraded their attractions before the fishy eyes of the newly enriched...."

ଯୁଦ୍ଧ ଫଳରେ ଗରିବ ଖାନଦାନ ଘରର ଝିଅମାନେ ନୂଆ ଧନୀ ହୋଇଥିବା ବ୍ୟକ୍ତିଙ୍କ ସମ୍ମୁଖରେ ସେମାନଙ୍କ ରୂପ-ପସରା



Digitized by srujanika@gmail.com

ମେଳାଇ ବସିବାକୁ ବାଧ୍ୟ ହୋଇଥିଲେ, ପୁଣି ସେ ଲେଖିଛନ୍ତି,
" Young women 'gave' themselves as a public duty to those who were fighting to preserve their virtue and to many who were not"...
ଯେଉଁମାନେ ନାରୀମାନଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ଯୁଦ୍ଧ କରୁଥିଲେ ସେମାନଙ୍କୁ ଯୁବତୀମାନେ ସେମାନଙ୍କ ଯୌବନ ଅବାଧରେ ଉପଭୋଗ କରିବାକୁ ସଚେଇ ହୋଇଥିଲେ । ଅନେକ ବାହାର ଲୋକ ମଧ୍ୟ ଏହି ଉପଭୋଗରେ ଭାଗିଦାର ହୋଇଥିଲେ । କେବଳ ଏତିକି ନୁହେଁ, ଏହି ଚିତ୍ରର ଅନ୍ୟ ଦିଗ ଅଛି । ୧୯୧୮ରେ ସନ୍ଧି ହେଲା ବେଳେ ଏକ ଇଂରାଜୀ ଖବର କାଗଜ ଲେଖିଥିଲେ,
"An English newspaper which commanded one of the largest circulations in the country, advocated the killing of German women in order that fewer little Huns might be born in the future."
ଅର୍ଥାତ ଏକ ପ୍ରଭାବଶାଳୀ ଇଂରାଜୀ ଖବର କାଗଜ ଜର୍ମାନ ନାରୀମାନଙ୍କୁ ମାରି ଦେବାକୁ ପରାମର୍ଶ ଦେଇଥିଲେ ।

ମୋର ଏହି ସବୁ ଦୃଷ୍ଟାନ୍ତ ଦେବାର ଉଦ୍ଦେଶ୍ୟ ଇଉରୋପୀୟ 'ସମାଜ'ରେ ନାରୀର ସ୍ଥାନ କେଉଁଠି ଆମ୍ଭମାନଙ୍କର ଜାଣିବା ଉଚିତ । କେବଳ ସେତିକି ନୁହେଁ । ଯୁଦ୍ଧରେ ନାରୀମାନଙ୍କ ଯୋଗ ଦେବା ବିଷୟରେ ମିସେସ୍ ଇ. ଅଲେକ୍, ଟୁଇଡ଼ି ତାହାଙ୍କ "ନାରୀ ଏବଂ ସୈନ୍ୟ" ( Women and Soldiers ) ବହିରେ ଲେଖିଥିଲେ,
"Let us put the whole nation from sixteen to sixty under conscription—men and women alike, so that babies by dozens may be born into a better disciplined world"
ଅର୍ଥାତ୍ ଷୋଳ ବର୍ଷରୁ ଷାଠିଏ ବର୍ଷ ଯାଏ ସମସ୍ତ ନରନାରୀଙ୍କୁ ବାଧ୍ୟତା ମୂଳକ ଯୁଦ୍ଧବିଦ୍ୟା ଶିକ୍ଷା ଦିଅ; ତାହାହେଲେ ଭଲ ଛୁଆ ସବୁ ଜନ୍ମ ହେବେ । କେବଳ ଏତିକି ନୁହେଁ ଯୁଦ୍ଧରେ ଜର୍ମାନମାନେ ହାରନ୍ତୁ, ଏଥିପାଇଁ ଗୀର୍ଜାଘର ନାରୀମାନଙ୍କ ଦ୍ୱାରା ପୂର୍ଣ୍ଣ ହେଉଥିଲା ଏବଂ ସେମାନେ ପ୍ରାଣପୂର୍ଣ୍ଣ ପ୍ରାର୍ଥନା ମଧ୍ୟ ଏଥିପାଇଁ କରୁଥିଲେ ।

ପୁଣି ଏହି ଚିତ୍ରର ଅନ୍ୟଦିଗ ଆମ୍ଭେମାନେ ନାତ୍ସୀରାଷ୍ଟ୍ରରେ ଶୁଣୁ ।
"There is no higher or finer privilege for a woman than that of sending her children to War."
ନାଜୀ ହେର ହିଟଲର ବଜ୍ରଗମ୍ଭୀର ସ୍ୱରରେ କହିଛନ୍ତି, "ଯୁଦ୍ଧକୁ ସନ୍ତାନମାନଙ୍କୁ ପଠାଇବା ଛଡ଼ା ନାରୀର ଆଉ ଉଚ୍ଚତର କିମ୍ବା ଉନ୍ନତତର ସୁଯୋଗ ନାହିଁ ।"

ଏହି ଦିଗଟାକୁ, ଏବଂ ଇଉରୋପୀୟ ସମାଜର 'ପରିସ୍ଥିତିକୁ' ବୁଝିବା ପାଇଁ ଆଉ କେତେ ଗୁଡ଼ିଏ ଘଟଣା ଆମ ପ୍ରାଚ୍ୟ-ପାଠକ-ପାଠିକାମାନଙ୍କୁ ସାହାଯ୍ୟ କରିବ । ବର୍ତ୍ତମାନ ଯୁଦ୍ଧର ହିସାବ ତ ବର୍ତ୍ତମାନ 'ନୀଳବହି'ରେ ସ୍ଥାନ ପାଇ ନାହିଁ । ମାତ୍ର ଗଲା ମହାଯୁଦ୍ଧରେ ୨୮ ଅଯୁତ ଲୋକ ମରିଥିଲେ—୧୦ ଅଯୁତ ସୈନ୍ୟ ଏବଂ ୧୩ ଅଯୁତ ସାଧାରଣ ନାଗରିକ । ଏହା ବ୍ୟତୀତ ୨୩ ଅଯୁତ ସୈନ୍ୟ ଆହତ ହୋଇଥିଲେ କିମ୍ବା ହଜିଥିଲେ । ୯ ଅଯୁତ ଶିଶୁ ନାଶ ହୋଇଥିଲେ ଏବଂ ୧୦ ଅଯୁତ ଲୋକ ଗୃହଶୂନ୍ୟ ହୋଇ ପରଦେଶରେ ଆଶ୍ରା ନେଇଥିଲେ ( ଛତରିଆ ହୋଇଥିଲେ ) । ଏଥିରୁ ବେଶ୍ ବୁଝାଯିବ ଇଉରୋପୀୟ ନାରୀଙ୍କ ପରିସ୍ଥିତିରେ ପଡ଼ି ପଦାକୁ ବାହାରି ନର୍ସ, ଟାଇପିଷ୍ଟ, ଶିକ୍ଷକ ହେବାଠାରୁ ବାରୁଦ କାରଖାନାରେ କୁଲିକାମ କରିବାକୁ ବାଧ୍ୟ ହେଉଛନ୍ତି ।

### ଇଉରୋପୀୟ ସମାଜରେ ନାରୀ—

ମୁଁ ଅତୀତ ଇଉରୋପୀୟ ସମାଜରେ ନାରୀର ସ୍ଥାନ ପ୍ରସଙ୍ଗ ଏଠାରେ କହୁନାହିଁ । ଆମଦେଶରେ ନାନା ସଭାରେ, ନାନା ସ୍ଥାନରେ ଆମପାଖୁଆ ନାରୀମାନେ ଇଉରୋପର ଦୃଷ୍ଟାନ୍ତ ଆମ ଆଖି ଆଗରେ ରଖନ୍ତି । ଇଉରୋପୀୟ ନାରୀମାନେ ସିଗାରେଟ ଟାଣି ପୁରୁଷଙ୍କ ହାତ ଧରି ସାନ୍ଧ୍ୟ-ଭ୍ରମଣକୁ ଯାଉଛନ୍ତି, ଉଚ୍ଚ ହିଲ୍ ଦିଆ ଯୋତା ପିନ୍ଧୁଛନ୍ତି, ମୁହଁରେ ସ୍ନୋ, ପାଉଡର ବୋଳୁଛନ୍ତି, ହାତରେ 'ଭାନିଟିବ୍ୟାଗ' ଧରୁଛନ୍ତି, ଓଠରେ 'ଲିପ୍‌ଷ୍ଟିକ୍' ଘଷୁଛନ୍ତି, 'ବବ୍‌ଡ ହେୟାର' ରଖୁଛନ୍ତି, ପାଠ ପଢୁଛନ୍ତି, ପୁରୁଷ ସଙ୍ଗେ ମିଶି ପରଦା ଛାଡ଼ୁଛନ୍ତି, ପୁରୁଷ ସହିତ ନାନା କାମରେ ପ୍ରତି-ଯୋଗିତାରେ ଯୋଗ ଦେଉଛନ୍ତି, ପ୍ରେମ-ବିବାହ କରୁଛନ୍ତି, ଛାଡ଼ପତ୍ର ମଧ୍ୟ ଦେଉଛନ୍ତି କିମ୍ବା ଯୁବତୀମାନେ ପରୀକ୍ଷା ବିବାହ ବା Experimental marriage କରୁଛନ୍ତି, ଇତ୍ୟାଦି । ଏସବୁ ଆଦର୍ଶ ଦୂର ପାହାଡ଼ ସୁନ୍ଦର ନୀତିରେ ଆମ ଦେଶରେ ମଧ୍ୟ ବେଳେ ବେଳେ "ମହାଆଦର୍ଶ" ରୂପେ ଛିଡ଼ା ହେଉଛି । ଯେତେବେଳେ ପ୍ରଥମରୁ 'ସମାଜ' ପରିକଳ୍ପନାରେ 'ପ୍ରାଚ୍ୟ' 'ପାଶ୍ଚାତ୍ୟ' ଉଭୟ-ବିଧ ଦେଶମାନଙ୍କୁ ଧରା ଯାଇ ଅଛି, ତେଣୁ ଇଉରୋପୀୟ ସମାଜକୁ ମଧ୍ୟ ଆମକୁ ହଠାତ୍ ଛାଡ଼ି ଦେଲେ ଚଳିବ ନାହିଁ ।

ଆଜି ଇଉରୋପରେ ଏ ଯେଉଁ ନାରୀର ପ୍ରଗତି ବା ଦୁର୍ଗତି ଉପରେ 'ପରିସ୍ଥିତି'ର ପ୍ରଭାବ କେତେ ତାହା ଟିକିଏ ତଳେଇ ଦେଖିବା ଉଚିତ । ଏଥିପାଇଁ ଯୁଦ୍ଧର ବିବରଣୀ ପ୍ରବନ୍ଧର ପ୍ରଥମେ ପାଠିକ ପାଠିକାମାନଙ୍କୁ ଦିଆ ଯାଇଥିଲା ।

### ଆଧୁନିକ ଭାରତୀୟ ନାରୀ—

ଆଚ୍ଛା, ଆଧୁନିକ ଭାରତୀୟ ନାରୀର ଅବସ୍ଥା କଅଣ ? ଏହି ଭାରତୀୟ ନାରୀ କଥା ଭାବିଲେ ଆଗକୁ ଦୁଇଟି ଶ୍ରେଣୀର ନାରୀଙ୍କ କଥା ଭାବିବାକୁ ପଡ଼ିବ । ଅବଶ୍ୟ ନାରୀଙ୍କ ମଧ୍ୟରେ ଏହି ଶ୍ରେଣୀ ବିଭାଗ ସୃଷ୍ଟି କରି ମୁଁ ଶ୍ରେଣୀ-ସଂଘର୍ଷର ସ୍ୱପ୍ନ ଦେଖୁନାହିଁ, କିନ୍ତୁ ବର୍ତ୍ତମାନ ଆମ ଭାରତୀୟ ସମାଜରେ ଦୁଇଟି ଶ୍ରେଣୀର ନାରୀ



Digitized by srujanika@gmail.com

ଅଛନ୍ତି । ଗୋଟିଏ ଗ୍ରାମ ପ୍ରତି ଦୃଷ୍ଟି ଦେଲେ କଥାଟି ସୁସ୍ପଷ୍ଟ ହୋଇ ଉଠିବ ।

### (କ) ସାଧାରଣ ଶ୍ରେଣୀର ନାରୀ—

ଗ୍ରାମରେ ପାଣ, କଣ୍ଡରା, ହାଡ଼ି, ଧୋବା, ବାଉରି, ଭଣ୍ଡାରୀ, ହୋ, ସାନ୍ତାଳ, ବାଥୁଡ଼ି ପ୍ରଭୃତି ଶ୍ରେଣୀର ନାରୀଙ୍କ ସ୍ଥାନ ଆମ ଦେଶରେ କଅଣ ? ଏମାନଙ୍କ ସଂଖ୍ୟା ଅବଶ୍ୟ ମଧ୍ୟବିତ୍ତ ଶ୍ରେଣୀର ନାରୀଙ୍କ ଠାରୁ ଖୁବ୍ ବେଶୀ ଏବଂ ଏମାନଙ୍କ ଅବସ୍ଥା ମଧ୍ୟ ମଧ୍ୟବିତ୍ତ ଶ୍ରେଣୀର ନାରୀଙ୍କ ଠାରୁ ସ୍ୱତନ୍ତ୍ର ।

୧ । ଏମାନେ ପ୍ରାୟ ଅଶିକ୍ଷିତା ଅର୍ଥାତ୍ ଅକ୍ଷର ଶିକ୍ଷା-ବର୍ଜିତା ।

୨ । ମାତ୍ର ଏମାନଙ୍କୁ କଠିନ ଶାରୀରିକ ପରିଶ୍ରମ କରିବାକୁ ପଡ଼େ । ଏମାନେ କାଠ କାଟନ୍ତି, ବଣକୁ ଯାଆନ୍ତି, ବିଲରେ ଧାନ ବାଛନ୍ତି, ପୁଣି ଘରେ ଗୋବରେଇ କରନ୍ତି ଓ ପିଲା ପାଳନ୍ତି । ଏମାନେ ପୁରୁଷଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ସଙ୍ଗେ ପୁରୁଷ ସଙ୍ଗରେ କାନ୍ଧ ମିଳାଇ ଅର୍ଜନ କରନ୍ତି, ନୋହିଲେ ଏମାନଙ୍କ ସଂସାର ଚଳେ ନାହିଁ ।

୧ । ଏମାନଙ୍କର ପରଦା ପ୍ରଥା ନାହିଁ ।

୨ । ଏମାନେ ମଧ୍ୟବିତ୍ତ ଶ୍ରେଣୀର ନାରୀଙ୍କ ଠାରୁ ଅଧିକ ସୁସ୍ଥକାୟ ଏବଂ ଅଧିକ ପୁତ୍ର କନ୍ୟାର ମା ହୁଅନ୍ତି ।

୩ । କିନ୍ତୁ ଏମାନଙ୍କର ଆର୍ଥିକ ଅଭାବ ଖୁବ୍ ବେଶୀ ।

### (ଖ) ମଧ୍ୟବିତ୍ତ ଶ୍ରେଣୀର ଭାରତୀୟ ନାରୀ—

୧ । 'କରଣ', 'ବ୍ରାହ୍ମଣ', ଖଣ୍ଡାୟତ ପ୍ରଭୃତି ମଧ୍ୟବିତ୍ତ ଲୋକଙ୍କର ସ୍ତ୍ରୀମାନେ ସାଧାରଣତଃ ଏହି ସାଧାରଣ ନାରୀଙ୍କ ଠାରୁ ଭାରତରେ ଟିକିଏ ସ୍ୱଚ୍ଛନ୍ଦରେ ଥାଆନ୍ତି ।

୨ । ଏମାନଙ୍କ ମଧ୍ୟରୁ କେତେକ ଶିକ୍ଷିତା । ଓଡ଼ିଶାରେ ଏହା ଶତକଡ଼ା ଦୁଇଜଣ ହୋଇ ପାରେ । ହିବାକୁଡ଼ରେ ଶତକଡ଼ା ୨୦ ଜଣ ଯାଏ ଯାଇ ପାରେ ।

୩ । ଏମାନେ ଘରେ ଘରକାମ ବ୍ୟତୀତ ବାହାରେ ଶାରୀରିକ ପରିଶ୍ରମ କରନ୍ତି ନାହିଁ । କେହି କେହି ଘରେ ଘର କାମରେ ମଧ୍ୟ ଯୋଗ ଦେବାର ସୁବିଧା ସୁଯୋଗ ଖୁସିରେ ହରାନ୍ତି ।

୪ । ଏମାନଙ୍କର ପରଦା ପ୍ରଥା ଅଛି ।

୫ । ଏମାନଙ୍କର ଶାରୀରିକ ରୋଗ ସାଧାରଣ ନାରୀଙ୍କ ଠାରୁ ହୁଏତ ବେଶୀ ହେବ ।

୬ । ଏମାନଙ୍କର ମଧ୍ୟ ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ, ମାତ୍ର ମୁସଲମାନ ନାରୀଙ୍କର ଅଛି ।

ଏହା ବ୍ୟତୀତ ଆଉ ଗୋଟିଏ ଶ୍ରେଣୀର ନାରୀଙ୍କ ନାମ ମଧ୍ୟ ଏଠାରେ ଦେବା ଦରକାର । ଏମାନଙ୍କୁ 'ସହର-ନାରୀ' ଆଖ୍ୟା ଦିଆଯାଇ ପାରେ । ଏମାନେକୁ ଆଉ 'ଆଧୁନିକା' ?

### (ଗ) ସହର-ନାରୀ ବା 'ଆଧୁନିକା'—

୧ । ଏମାନେ ଶିକ୍ଷିତା, ଅର୍ଥାତ୍ ଇଂରେଜୀ ପାଠ ପଢ଼ିଛନ୍ତି ।

୨ । ଏମାନେ ସ୍ନୋ, ପାଉଡର ବ୍ୟବହାର କରନ୍ତି, ଲିପ୍‌ଷ୍ଟିକ ଓଠରେ ଘଷନ୍ତି, ଉଚ୍ଚ ହିଲର ଜୋତା ପିନ୍ଧନ୍ତି, ଛତା ଧରନ୍ତି, ହାତରେ 'ବ୍ୟାଗ' ଧରନ୍ତି; ଏହା ଭିତରେ କ'ଣ ଅଛି କେହି କହି ହେବ ନାହିଁ ।

୩ । ଏମାନେ ମାତ୍ର ଶାଢ଼ୀ ପିନ୍ଧନ୍ତି ! କିନ୍ତୁ ଏମାନଙ୍କ ଅଳ୍ପ ବୟସ୍କା କନ୍ୟାମାନେ "ଫର୍କ" ପିନ୍ଧି ଇଉରୋପୀୟ ରୁଚିଟାକୁ ପଦାରେ ଜାହିର କରନ୍ତି ।

୪ । ଏମାନଙ୍କ ମଧ୍ୟରୁ ଅନେକ ସଭା ସମିତିରେ ଯୋଗ ଦିଅନ୍ତି, ବକ୍ତୃତା ଦିଅନ୍ତି, ମାଷ୍ଟ୍ରାଣୀ, ଡାକ୍ତରାଣୀ, ନର୍ସ ପ୍ରଭୃତି ହୁଅନ୍ତି ।

୫ । ଏମାନେ ନିଜ ହାତରେ ଘର କାମ ପ୍ରାୟ କରନ୍ତି ନାହିଁ ।

୬ । ଏମାନଙ୍କର ପରଦା ପ୍ରଥା ନାହିଁ । ହୁଏତ କେହି କେହି 'ଆଧୁନିକା' ଏହି ଗୁଣରୁ କୌଣସି ଗୁଣରେ ପାରଦର୍ଶିନୀ ହୋଇ ନ ପାରନ୍ତି ।

### ଇଉରୋପୀୟ ଏବଂ ଭାରତୀୟ ନାରୀଙ୍କ ତୁଳନା—

ମୁଁ ଦୁଇଟି ଗୋଲାର୍ଦ୍ଧର ଏକ ସଂକ୍ଷିପ୍ତ ଚିତ୍ର ଦେଲି । ଏଥିରୁ ପାଠକ ପାଠିକାମାନେ ସହଜରେ ଜାଣି ପାରିବେ ପରିସ୍ଥିତି କିପରି ସମାଜରେ ପ୍ରତ୍ୟେକ ନାରୀଙ୍କ ଜୀବନକୁ ପ୍ରଭାବିତ କରିଛି । ଆମ ଭିତରୁ ଯେଉଁମାନେ ଇଉରୋପୀୟ ନାରୀଙ୍କ ବାହାରେ କାମ କରିବା ସମ୍ବାଦ ଶୁଣି ତନ୍ମୟ ହୋଇ ଥାଆନ୍ତି, ସେମାନେ ଆଖି ଖୋଲି ଦେଖନ୍ତି ନାହିଁ ଯେ ଆମ ଗ୍ରାମରେ, ସହରରେ ଏମିତି ହଜାର ହଜାର ନାରୀ ପ୍ରତ୍ୟହ କାମ କରି ପେଟ ପୋଷୁଛନ୍ତି । ଗାଁରେ ଗଉଡୁଣୀ ଦହି ପସରା ମୁଣ୍ଡାଇ ଦୁଆର ଦୁଆର ଯାଏ, ଗୁଡ଼ିଆଣୀ ମୁଢ଼ୀ ଝୋଟାଇ ଦେଇ ଗାଁରେ ସକାଳେ ହାଜର ହୁଏ; ହୋ, ସାନ୍ତାଳ ନାରୀମାନେ କେବଳ ବିଲ କାମ ନୁହେଁ, ସିଂହଭୂମି କାରଖାନାରେ ମଧ୍ୟ "ରେଜା" ହୋଇ କାମ କରି ପେଟ ପୋଷନ୍ତି ଏବଂ ଯେଉଁ 'ବ୍ୟଭିଚାର' ଶବ୍ଦ ଆମ୍ଭେମାନେ ପାଶ୍ଚାତ୍ୟ ନାରୀଙ୍କ ନାମ ସଙ୍ଗେ ଆଣି ନାସିକା କୁଞ୍ଚନ କରୁଁ, ଆମ ଦେଶରେ ବହୁତ ନାରୀ ଅବାଧରେ ପଇସା ପାଇଁ, 'ଅର୍ଥ' ବୋତଲକ ପାଇଁ, କିମ୍ବା ହାଣ୍ଡିଆ ବେଲାଙ୍କ ପାଇଁ, କିମ୍ବା ମନ ଖୁସିରେ ଫୁଲମାଳ ଟାଏ ପାଇଁ ମନଫୁର୍ତ୍ତି କରନ୍ତି । ଇଉରୋପୀୟ ନାରୀ-ଜୀବନ-ପର୍ଯ୍ୟାୟ ଯେ ଆମ ଦେଶରୁ ପୂର୍ଣ୍ଣ ପୃଥକ୍, କିମ୍ବା ଆମ ଦେଶର ନାରୀ ଜୀବନ ଯେ ଇଉରୋପୀୟ ସମାଜରେ ପୂର୍ଣ୍ଣ ଅପରିଚିତ, ଏ ବିଷୟରେ ମୋର ସ୍ପଷ୍ଟ ମତ ଏହି ଯେ ବିଶ୍ୱ-ସମାଜରେ ନାରୀ-ଜୀବନର ସକଳ ବିଭାବ ପ୍ରାଚ୍ୟ, ପାଶ୍ଚାତ୍ୟ ନିର୍ବିଶେଷରେ ରହିଛି ।



ଙ

Digitized by srujanika@gmail.com

### ନାରୀତ୍ୱର ବିକାଶ—

ନାରୀର ନିରଭିଳ ଏକ ବ୍ୟକ୍ତିତ୍ୱ ଅଛି । ପରିସ୍ଥିତିର ସକଳ ବନ୍ଧନ ମଧ୍ୟରେ ଏହାର ବିକାଶ ପାଇଁ ସମାଜରେ ସ୍ୱାଧୀନତା ଥିବା ଲୋଡ଼ା । ନାରୀ କଅଣ ଏହି ସ୍ୱାଧୀନତା ସମାଜରେ ପାଉ ନାହିଁ ? ଏହି ପ୍ରଶ୍ନର ଉତ୍ତର ଦେବାକୁ ହେଲେ ଆମ ଦେଶର ନାରୀ ଆନ୍ଦୋଳନର ନୀତି ଏବଂ ଆଦର୍ଶର ଟିକିଏ ବିଶ୍ଳେଷଣ କରିବା ଉଚିତ । ସାଧାରଣତଃ ନାରୀ ଆନ୍ଦୋଳନରେ ଏହିସବୁ ଜୁହା ଉଠେ:—

୧ । ନାରୀଙ୍କୁ ଶିକ୍ଷା ଦିଅ ।

୨ । ପରଦା ଭାଙ୍ଗି ଦିଅ ।

୩ । ସମ୍ପତ୍ତିରେ ଅଧିକାରଣୀ କରି ଦିଅ ( ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ) ।

୪ । ରାଜନୀତିରେ ସମାନ ଅଧିକାର ଦିଅ ।

୫ । ଗୃହର ପ୍ରବୃତ୍ତିରେ ମଧ୍ୟ ନାରୀର ଦାବୀ ସ୍ୱୀକାର କର ।

ଯେଉଁମାନେ ଏ ଦେଶରେ ନାରୀ ଅନ୍ଦୋଳନ ଚଳାନ୍ତି, ସେମାନେ ପ୍ରାୟ କ୍ରନ୍ଦନ ପାଆନ୍ତି ନରଙ୍କୁ ନାରୀଙ୍କ ଏହି କଳ୍ପିତ ଅଧୋଗତି ପାଇଁ ଦାୟୀ କରି । କେଉଁ ଶ୍ରେଣୀର ନାରୀ ଏହି ଜୁହା ଉଠାନ୍ତି ? ସେମାନେ ଏ ଦେଶର ବହୁସଂଖ୍ୟକ ସାଧାରଣ ନାରୀ ନୁହନ୍ତି; ଏହି ମଧ୍ୟବିତ୍ତ ଶ୍ରେଣୀର ପାଠୋଇ ନାରୀ । ଯଦି ଏହି ସବୁ ଦାବୀ ହାସଲ କଲେ ଭାରତରେ ମଧ୍ୟବିତ୍ତ ନାରୀ-ବ୍ୟକ୍ତିତ୍ୱର ବିକାଶ ହେବ, ତେବେ ଏ ଗୁଡ଼ିକ ଭାରତୀୟ ସମାଜ ଶୀଘ୍ର ଏମାନଙ୍କୁ ଦେଇ ଦେବା ଉଚିତ । ଏଥିରେ ଦେଇ ଦେବା ଅପେକ୍ଷା, ଉପଯୁକ୍ତ ହୋଇ ଗ୍ରହଣ କରିବା ପ୍ରଶ୍ନ ବେଶୀ । ଉଦାହରଣ ସ୍ୱରୂପ ଯଦି ଜଣେ ମଧ୍ୟବିତ୍ତ ଶ୍ରେଣୀର ନାରୀ ପରଦାରେ ନ ରହନ୍ତି, କିମ୍ବା ଓଢ଼ଣା ନ ଟାଣନ୍ତି କେହି ବାଧ କରି ସେହି ନାରୀଙ୍କୁ ମୁହଁରେ ଓଢ଼ଣା ପକାଇ ନ ପାରନ୍ତି । ଅବଶ୍ୟ ମୁଁ ସ୍ୱୀକାର କରୁଛି, ଏହି ବିକାଶ ବା ଦାବୀ ହାସଲ ପାଇଁ ସଂଘର୍ଷ ଉପୁଜି ପାରେ । ସଂଘର୍ଷ ନେଇ ହିଁ ବିକାଶ ସମ୍ଭବପର ହୁଏ ।

### ଆଦର୍ଶ କଅଣ ?

ପରିସ୍ଥିତି ନାରୀଙ୍କୁ କିରାଣୀ କରିଛି, ପୁଣି ଗୃହ ବଟିଗୃହ ଭୁଲ କରିଛି ଏବଂ ରେଙ୍ଗୁନ ଓ କଲିକତାରେ ବେଶ୍ୟା ହେବାକୁ ବାଧ କରିଛି । ପରିସ୍ଥିତିର ଗୃହଟିକୁ ଭୁଲି ଯିବା ଅନୁଚିତ । ଏହି ପରିସ୍ଥିତି ସର୍ବଦା ନାରୀଜୀବନକୁ ସମାଜରେ ନିୟନ୍ତ୍ରଣ କରିବ । କିନ୍ତୁ ଆଦର୍ଶ ଦୁଇଟି:—(୧) ସୁସଂଯତ ଗୃହ ଗଠନ ଏବଂ (୨) ମାନବ ସମାଜର ବୃଦ୍ଧି ଏବଂ ରକ୍ଷଣାବେକ୍ଷଣ । ମୋ ମତରେ ନାରୀର ଏହି ଦୁଇଟି ଆଦର୍ଶ ବିଶ୍ୱ-ସମାଜରେ ମଧ୍ୟ ଆରୋପ କରି ଯାଇପାରେ । ପୁଣି ଏହି ଦୁଇଟି ଆଦର୍ଶ କିମିତି ନାନା ପରିସ୍ଥିତିରେ ଫୁଟି ଉଠିବ ତାହା ଦେଖିବା ଉଚିତ ।

### ନାରୀର ଶିକ୍ଷା—

ଆଦର୍ଶ ଆଲୋଚନା କରିବା ସଙ୍ଗେ ସଙ୍ଗେ ଶିକ୍ଷା କଥାଟା ଭାବିବା ଉଚିତ । କାରଣ ଶିକ୍ଷା ଏକ ଆଦର୍ଶ-ଅଭିମୁଖୀ । ଅନ୍ତରମାନବର ସ୍ୱାଧୀନ ବିକାଶ ଯେ ଶିକ୍ଷା ଦେଇପାରେ, ତାହାହିଁ ପ୍ରକୃତ ଶିକ୍ଷା । ଏହି ନୀତି ଦିଗରୁ ପାଶ୍ଚାତ୍ୟ ଏବଂ ଭାରତର ନାରୀ-ଶିକ୍ଷାକୁ ବିଶ୍ଳେଷଣ କରିବା ଉଚିତ । ପାଶ୍ଚାତ୍ୟକୁ ଏଠାରେ ମୁଁ ବାଦ ଦେବି । କାରଣ ଯାହା ନିକଟତର ସମସ୍ୟା ସେଥିପ୍ରତି ଆମ ଦେଶର ନରନାରୀଙ୍କ ଦୃଷ୍ଟି ଆକର୍ଷଣ କରିବି ।

୧ । ଆମ ଦେଶର ବର୍ତ୍ତମାନ ନାରୀଶିକ୍ଷା ଏକଦମ୍ ଭୁଲ ନୀତିରେ ପରିଚାଳିତ ।

୨ । ଏହାର କାରଣ ମୁଁ ଦେଉଛି । ଏ ସମ୍ପର୍କରେ ଆଦର୍ଶଟିକୁ ଆଖି ଆଗରେ ରଖିବାକୁ ହେବ ।

(କ) ଏହା ସୁଗୃହିଣୀ ହେବାକୁ ଶିକ୍ଷା ଦିଏ ନାହିଁ ।

(ଖ) କିମ୍ବା ଏହା ଶିଶୁର ଲାଳନପାଳନ ଶିକ୍ଷା ଦିଏ ନାହିଁ ।

(ଗ) ନାରୀଶିକ୍ଷାର ଆବେଷ୍ଟନୀ ଆମ ଦେଶର ବାଳିକା ବିଦ୍ୟାଳୟମାନଙ୍କରେ ନ ଥାଏ ।

ଭାରତୀୟ ବାଳିକା ବିଦ୍ୟାଳୟରେ ଯେଉଁମାନେ ଶିକ୍ଷାଦାନର ଭାର ଗ୍ରହଣ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ 'ମିସ୍' ବା କୁମାରୀ । ଅର୍ଥାତ୍ ସେମାନଙ୍କର ସଂସାର ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ କିଛି ନାହିଁ ବୋଲି ଧରିବାକୁ ହେବ । ବାଞ୍ଝ ମାଇକିନା ପ୍ରସବ-ବେଦନା ଜାଣିବ କୁଆଡ଼ୁ ? କଥାଟା ଅବଶ୍ୟ ଟିକିଏ କଡ଼ା । ମାତ୍ର ଘଟଣା ଏହିଆ । ଏମାନଙ୍କର ଘର ନ ଥାଏ କିମ୍ବା ଶିଶୁ ନ ଥାନ୍ତି । ତେଣୁ ଏମାନେ ସୁଗୃହିଣୀ କିମ୍ବା ଶିଶୁ ଲାଳନ ପାଳନର କି ଆଦର୍ଶ ବାଳିକାମାନଙ୍କୁ ଶିକ୍ଷା ଦେବେ ? ହୁଏ ତ ବାଳିକା ସ୍କୁଲରେ ପଢ଼ିବା ଅର୍ଥ ଆମ ଦେଶରେ ଫର୍କ ପିନ୍ଧିବା, ଜୋତା ମାଡ଼ିବା, ଚକୁଣ କରି ବେଣୀ ପକାଇବା କିମ୍ବା ଗୋଟିଏ ବହି ହାତରେ ଧରି ପ୍ରତ୍ୟହ ସ୍କୁଲକୁ ଯିବା କେବଳ ବୁଝାଏ । କଅଣ ପଢ଼ା ଯାଏ, କିମ୍ବା ବାଳିକାମାନେ ସେ ବିଷୟଗୁଡ଼ିକୁ କେତେ ଦୂର ଗ୍ରହଣ କରି ଉପକାର ପାଉଛନ୍ତି, ଏ ଦିଗରେ ଦେଶରେ ଚିନ୍ତା ଜାଗ୍ରତ ହେଲା ଭଳି ସୂଚନା ମିଳୁନାହିଁ । ବାଳିକା ସ୍କୁଲକୁ ଝିଅ ପଠାଇବା ଗୋଟିଏ ଫେସନ ହୋଇଛି । ଅମୁକ ଡେପୁଟି ବାବୁଙ୍କ ଝିଅ ଯାଉଛନ୍ତି, ଅତଏବ ଅମୁକ କିରାଣୀ ବାବୁ ମଧ୍ୟ ଝିଅ ପଠାଇବାର ଲୋଭ ସମ୍ବରଣ କରି ପାରନ୍ତି ନାହିଁ । କଥାଟା କେତେଦୂର ଅପ୍ରିୟ ହୋଇପାରେ, ମାତ୍ର ସତ୍ୟ ।

ଅତଏବ ଭାରତୀୟ ନାରୀମାନଙ୍କର ଶିକ୍ଷା ପ୍ରଣାଳୀ ଯେ ସର୍ବାଦୌ ବଦଳିବା ଦରକାର, ଏଥିରେ ମତଭେଦ ନାହିଁ । ନାରୀ ସମାଜର ଉତ୍ସ ସ୍ୱରୂପ । ଅର୍ଥାତ୍ କୌଣସି ସମାଜ ତାର ମାମାନଙ୍କଠାରୁ ବେଶୀ ଉପରକୁ ଯାଇ ନ ପାରେ, ଯେପରି ନଦୀ ଉତ୍ପତ୍ତିସ୍ଥଳ ଝରଣା ଠାରୁ ବେଶୀ ଉଚ୍ଚ ଭୂମିରେ ବହି ନ ପାରେ । ତେଣୁ ଏହି ନାରୀ-ଆନ୍ଦୋଳନର ସବୁଠାରୁ ଦାୟିତ୍ୱପୂର୍ଣ୍ଣ ଏବଂ



Digitized by srujanika@gmail.com

ଶୁଭପ୍ରଦ ପାହାଚ ହେଉଚି ବର୍ତ୍ତମାନ ପ୍ରଚଳିତ ନାରୀ ଶିକ୍ଷା ବିରୁଦ୍ଧରେ ପ୍ରଚାର ଏବଂ ଏହାର ପରିବର୍ତ୍ତନ ପାଇଁ ଅଣ୍ଟାଭିଡ଼ିବା । କିନ୍ତୁ ଆମ ନାରୀ ଆନ୍ଦୋଳନକାରୀମାନେ ଏ ବିଷୟରେ ପ୍ରାୟ ନିଶ୍ଚେଷ୍ଟ । କାରଣ ଯଦି ପୁରୁଷଙ୍କ ଉପରେ ଦୋଷାରୋପ କରି ଟାଉନହଲ ସଭାରେ ତାଳି ପଡ଼ିଲା, ତେବେ ନାରୀ-ଆନ୍ଦୋଳନ ହୋଇଗଲା । ଏ ଶିକ୍ଷାର ଗତି ବା ଅଭିମୁଖ୍ୟ କଅଣ ହେବ, ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା ପାଇଁ ଏ କ୍ଷେତ୍ର ନୁହେଁ । ସୂଚନାମାତ୍ର ଦିଆଗଲା ।

ନାରୀ ସଂଗଠନର ସୂତ୍ର—

ପରଦା ଉଠିବ, ନାରୀମାନେ ସ୍ୱାଧୀନ ହେବେ, ରାଜନୈତିକ ଦାବୀ ହାସଲ କରିବେ ; ଭଲ କଥା । ମାତ୍ର ଶତକଡ଼ା କେତେ ଜଣ ନାରୀ ଏ ସୁବିଧା ପାଇବେ ? ନାରୀ ଆନ୍ଦୋଳନ ଲୋକ-ଆନ୍ଦୋଳନରେ ପରିଣତ ହୋଇ ନାହିଁ । ଏ ଦେଶରେ ସେଥି ପାଇଁ ସଂଗଠନ ନାହିଁ । ଆଧୁନିକ ଆଧୁନିକାମାନେ ଗଭର୍ଣ୍ଣର ସାହେବଙ୍କ ପତ୍ନୀ କିମ୍ବା କେଉଁ ମହାରାଣୀଙ୍କ ସଭାପତିତ୍ୱରେ ସହରରେ ନିବଡ଼ ପରଦା ( ଉଚ୍ଚ ପାଚେରୀ କିମ୍ବା ବନ୍ଦହଲ ପରଦା ଟଣା) ମଧ୍ୟରେ ସଭା କରନ୍ତୁ, ନାରୀ ଆନ୍ଦୋଳନ ଚଳାନ୍ତୁ, ଯୁଦ୍ଧପାଣ୍ଠି ଅସୁଲ କରନ୍ତୁ, କେହି କମ୍ଫଟ ଖଣ୍ଡେ କିମ୍ବା ରୁମାଲରେ ଫୁଲଟାଏ ବୁଣନ୍ତୁ, ମାତ୍ର ଏହି ଆନ୍ଦୋଳନ ଦେଶର ନାରୀଙ୍କ ପ୍ରାଣକୁ ଛୁଏଁ ନାହିଁ । ଯେଉଁ ନାରୀମାନେ କଂଗ୍ରେସ ମହଲରେ ରାଜନୀତି ସମ୍ପର୍କରେ ଅଛନ୍ତି, ସେମାନେ ମଧ୍ୟ ଏ ଦିଗରେ ବହୁତ ଦୂର ଯିବା ଭଲ ମନେ ହେଉ ନାହିଁ । ନାରୀମାନଙ୍କ ମଧ୍ୟରେ ଅଛୁଆଁ ଭାବ ଅଛି ; ତାହାର ପରିଚୟ ମୁଁ ପାଇଚି । ଅର୍ଥାତ୍ ମୁନସଫଙ୍କ ସ୍ତ୍ରୀ ସାଧାରଣ ଶିକ୍ଷକଙ୍କ ପତ୍ନୀ ସହିତ ମିଶିବାକୁ ସେତେ ଇଚ୍ଛୁକ ନୁହେଁ, ଆଉ ଚଷା, ଗଉଡ଼, ହୋ, ସାନ୍ତାଳ ଯାଏଁ କଥାଟା କାହିଁକି ନେବା ? ଏ ପରିସ୍ଥିତି । ତେଣୁ ପନ୍ଥା କଅଣ ଏବଂ କିପରି ନାରୀ ଆନ୍ଦୋଳନ ଏ ଦେଶରେ ଚଳାଯିବ, ଏଥିପାଇଁ ନାରୀଙ୍କ ଚିରକଳ୍ପିତ ଶତ୍ରୁ (?) ନରମାନେ ବାଟ ଫିଟାଇବେ କି ନା କେହି ବଳିଷ୍ଠ ନାରୀନେତ୍ରୀ ଏ ଦିଗରେ ନେତୃତ୍ୱ ବରଣ କରିବେ, ଦେଖିବାର ଅଛି ।

ଶେଷସୂଚନା—

ଏ ପ୍ରବନ୍ଧରେ ନାରୀସମସ୍ୟାର ସମାଧାନର ବାଟ ଫିଟାଇବା ମୋର ଉଦ୍ଦେଶ୍ୟ ନୁହେଁ ସମସ୍ୟାଟା କଅଣ ଏହାର କେତେ ଗୁଡ଼ିଏ ମୌଳିକ ପରିସ୍ଥିତି ଏବଂ ବାସ୍ତବ ଘଟଣା ମାତ୍ର ସୂଚନା ଦିଆଗଲା । ଆମ ଦେଶର ସମାଜ-ସଂସ୍କାରକମାନେ ସମସ୍ୟାଟାକୁ ଗମ୍ଭୀର ଭାବରେ ଭାବନ୍ତୁ ।

# ଅଦିନ ମେଘ

ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ

( ୧ )

ଫଗୁଣରେ ଆଜି ଶ୍ରାବଣର ସମାରୋହ,
ନୀଳ ଆକାଶରେ କଳା ବଉଦର ମେଳା;
କୁହୁଧ୍ୱନି ଆଜି ନ ରଚେ ମଧୁର ମୋହ,
କେକା ରବେ ଆଜି କାନନ ମୁଖର ହେଲା ।

( ୨ )

ଚହଟାଇ ନବ ଚୂତମୁକୁଳର ବାସ
ମଧୁର ମଳୟ ଧୀରେ ଆଜି ବହେ ନାହିଁ;
ଶୀକର ଶୀତଳ ଝଞ୍ଜାର ଖର ଶ୍ୱାସ
ବହିଯାଏ କେଣେ ମହାବେଗେ ସାଇଁ ସାଇଁ ।

( ୩ )

ଗୋପନେ ନିହିତ ମାଟି ତଳେ ବୀଜରାଶି;
କହେ ଯାଇ ତହିଁ ଅଦିନ ବରଷା ଧାରା,
"ପିଅ ଅମୃତ, ଜାଗ ଅନ୍ଧାରବାସୀ !
ଆସ ଆଲୋକକୁ ଛାଡ଼ି ଏ ତାମସ କାରା !"

( ୪ )

କ୍ଷିମୂଳ କହଇ ଅଦୂର ପଳାଶେ ଚାହିଁ,
"ଆମ ଫୁଲହାଟେ ଗନ୍ଧ କି ସଜନି ଭାଙ୍ଗି ?"
ନୀପ କହେ, "କିଅ, ସାରାତନୁ କାହିଁ ପାଇଁ
ଅଜଣା ପୁଲକେ ଶୀତେଇ ଉଠୁଛି ଆଜି ?"

( ୫ )

ନବୀନ କବି ବାତାୟନ ପାଶେ ସୁଖେ
ବସି ରହେ ଚାହିଁ ବାହାରର ଅନ୍ଧାରେ;
ବିଜୁଳି ଚମକେ ଚାହେଁ ଥରେ ପ୍ରିୟାମୁଖେ,
ଚାହେଁ ପରକ୍ଷଣେ ଅଦିନର ବରଷାରେ ।



Digitized by srujanika@gmail.com

# ଜୀବନର ମୋହ

ଶ୍ରୀ ମହେଶ୍ୱର ନାୟକ

ସୁନାର ସଂସାର ଯାହାକୁ କହନ୍ତି ଶୈଳ ଜୀବନରେ ତାହା ସାର୍ଥକ ହୋଇଥିଲା । ଷୋଳ ପଣ ନ ହେଉ, ଅନେକାଂଶ । ବିବାହ ତାର ଘଟିଥିଲା, ରୋମାଣ୍ଟିକ୍ ମତଗତର ତରୁଣ ଯେମିତି ସର୍ବାନ୍ତଃକରଣରେ ଚାହିଁଥାନ୍ତି ସେମିତି ନୁହେଁ, ପ୍ରାୟ ମାମୁଲି ଧରଣରେ । ତଥାପି ରୂପସୀ, ଶିକ୍ଷିତା, ଲଜ୍ଜାବନମ୍ରା ସର୍ବୋପରି ରସପ୍ରାଣା ବରବଧୂଟି ସେ ଆବିଷ୍କାର କରି ପାରିଥିଲା ତା କାମନାର କାବ୍ୟନାୟିକା । ସୁତରାଂ ବିବାହିତ ଜୀବନର ପୂରା ଗୋଟାଏ ବର୍ଷ ଗୋଟାଏ ରାତିର ସୁଖ ନିଦ୍ରା ପରି ଯେ ଏଡ଼େ ଚଞ୍ଚଳ, ଏଡ଼େ ଅଜ୍ଞାତରେ ପାହିଗଲା ସେ ମୋଟେ ବୁଝିନି । କେବଳ ସେ ଅନୁଭବ କରିଛି, ଏହା ଅରୂପ, ଅତଳସ୍ପର୍ଶ ଅଥଚ ସଙ୍ଗୀତର ମୂର୍ଚ୍ଛନା ପରି, ଫୁଲର ସୌରଭ ପରି, ସତ୍ୟ, ଚିରନ୍ତନ, ମଧୁର ଓ ମାଦକତାମୟ । ଦୁଇଟି ଜୀବନସ୍ରୋତର ଏକପ୍ରାଣତାରେ ମର-ସୁଖବିରାଗିଣୀ ନିୟତିର ସୁଦ୍ଧା ହୁଏତ ହସିବାକୁ ସାହସ କୁଳାଇ ନ ଥିବ । କିନ୍ତୁ ଜଗତର ଦୁର୍ଭାଗ୍ୟ, ତାର ଗତି ସବୁଦିନେ କୁଟିଳ ।

ବିବାହବାର୍ଷିକୀ ଯାଉଁ ନ ଯାଉଁ ଶୈଳ ହେଲା ସାଗର ପାରିର ଦେଶାନ୍ତରୀ । ଯୁଦ୍ଧ ମାଷ୍ଟର ହିସାବରେ ନିଜକୁ ଉପଯୋଗୀ କରିବାକୁ ତାକୁ ଯିବାକୁ ପଡ଼ିଲା ସିଙ୍ଗାପୁର । ବିଦାୟ ଦିନର ପୂର୍ବ ରାତିଟି ଅଶ୍ରୁପିଚ୍ଛିଳ ମାନଅଭିମାନରେ ଶ୍ରାବଣ ମେଘ ପରି ଝରଝର ହୋଇ ଉଠିଥିଲା । ବିରହକାତର ମୁଖ ଖଣ୍ଡି ସ୍ୱାମୀର ବକ୍ଷ ଭିତରେ ଲୁଚାଇ ସୁନନ୍ଦା ରାତି ତମାମ୍ ବାଷ୍ପକ୍ଲିଷ୍ଟ କଣ୍ଠରେ ଖାଲି କହୁଥିଲା, "କେମିତି ମୁଁ ବଞ୍ଚେ" । କବି ନ ହେଲେ ମଧ୍ୟ ଶୈଳ ଥିଲା ଭାବୁକ । ଅଶ୍ରୁଭାରରେ ସେ ବି କମ ଆତୁର ହେବାର କଥା ନୁହେଁ । ଆଶ୍ୱାସନା ଆସିବ କେଉଁ ପକ୍ଷରୁ ?

ସିନ୍ଧୁର ଅସୀମ ନୀଳିମା ଭିତରେ ମଧ୍ୟ ଠାବ ଖୋଜିବା ମନୁଷ୍ୟର ପ୍ରକୃତି । ଆଶାୟିନୀ ସୁନନ୍ଦାକୁ ବଞ୍ଚିବାକୁ ହେଲା; ଅସହ ବେଦନାର ସୀମାରେଖା ତଳେ ପ୍ରିୟର ସେଇ ଆଲୋକଚ୍ଛଟାଟିକ ପାଇଁ ।

ନବ ଦମ୍ପତିଙ୍କ ପ୍ରୀତିର ନିବିଡ଼ତାରେ ଯେଉଁ ଜଣକ ସବୁଠୁଁ ବେଶୀ ଅସହିଷ୍ଣୁ ହୋଇ ଉଠିଥିଲେ, ସେ ଆଉ କେହି ନୁହନ୍ତି—ନିଜେ ଶୈଳର ମା । ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ କାନ୍ଥବାଡ଼କୁ ଶୁଣାଇ ଶୁଣାଇ କେତେ ଥର ସେ ନିଜର ଅସହିଷ୍ଣୁ ପଣ ଦେଖାଇ କହିଛନ୍ତି, "ମା ଲୋ ମା, କିଏ କ'ଣ କେବେ ଆଉ ନୂଆ ହୋଇ ବାହା ହୋଇ ନାହିଁ"; କିନ୍ତୁ ସ୍ୱାମୀ ସୋହାଗକୁ ସମ୍ବଳ କରି ବିଭୋର ସୁନନ୍ଦା ଏ ବଳଭଅଁ କଥାକୁ କେବେ କାନ ଦେଇ ନାହିଁ । ଘରର ଅନ୍ୟ ବିଷୟଧନ୍ଦା ପ୍ରତି ଶୈଳ ସବୁଦିନେ ଉଦାସୀନ ; ନୋହିଲେ ମା'ଙ୍କର ଏ ଅନୁଚିତ ଉପରେ ପଡ଼ିବା ପ୍ରବୃତ୍ତି ନେଇ ତୁମୁଳ କାଣ୍ଡ କିଛି ଘଟାଇ ନ ଥାନ୍ତା ଏମିତି ନୁହେଁ । ସୁନନ୍ଦାର ମଧ୍ୟ ପ୍ରକୃତି ନୁହେଁ ସୂତାଖିଅକୁ ଅହୁର ଅଡ଼ୁଆ ଭିତରକୁ ଟାଣିନେବ । ସ୍ୱାମୀ ପରି ସେ ଶାନ୍ତିପ୍ରିୟ ହୋଇ ନ ଥିଲେ କେଉଁ ଦିନ ହୁଏତ ଏଇ କଥା ତାଙ୍କ କୋମଳ ପ୍ରାଣରେ ଗୋଟାଏ ଅଲିଭା ବେଦନାର ଦାଗ ଆଙ୍କି ଦେଇଥାନ୍ତା ।

ଶୈଳ ହୃଦୟରେ ଯେଉଁ ନିଆଁ ଭିତରେ ଭିତରେ ଜୁହୁଳୁଥିଲା, ଶୈଳ ଘର ଛାଡ଼ିବାର ଦିନଟିଏ ନ ଯାଉଣୁ ତାହା ବାହାରକୁ ନିର୍ଗତ ହେବାର ସୁବିଧା ପାଇଲା ଠିକ୍ ସେମିତି ବେଗରେ ଯେମିତି ରୁଦ୍ଧବାଷ୍ପ ବାଟ ପାଇଲେ ଠେଲି ଉପରକୁ ଉଠେ ।

ଏହାର ପ୍ରଥମ ନିଦର୍ଶନ ସୁନନ୍ଦା ପାଇଲା ତା ବିରହିଣୀ-ଜୀବନର ପ୍ରାରମ୍ଭରେ ହିଁ । ସ୍ୱାମୀଙ୍କ ବିଦାୟ ବେଳାରେ ସେ ଛାତିକି ପଥର କରି ଅଶ୍ରୁରୋଧ କରିଥିଲା । କିନ୍ତୁ ଏକାନ୍ତ ବିଛଣାଟିରେ ଯାଇ ପଡ଼ିବା ମାତ୍ରେ ତାର ସକଳ ପ୍ରୟାସକୁ ପଣ୍ଡ କରି ଆଖିରୁ ଛୁଟିଲା ଧାରା ଶ୍ରାବଣ । ସେ ସେତିକି ମନେ କଲା ଆଜି ତାର ଛିନ୍ନ ପାଲ ତରଣୀ ଅଧପଥରେ ପରିତ୍ୟକ୍ତ, ନିଃସହାୟ, ସେତିକି ତାର ଶୋକର କୋହ ତୀବ୍ର ହୋଇ ଉଠିଲା ।

ଶାଶୁ ତାର ବୋଧହୁଏ ସେ ଆଡ଼ୁ ପ୍ରସ୍ତୁତ ହୋଇ ଆସିଥିଲେ । ଝଡ଼ ପରି ଘର ଭିତରେ ପ୍ରବେଶ କରି କହି ଉଠିଲେ, "ଶୈଳକୁ କ'ଣ ମୁଁ ଜନ୍ମ କରି ନାହିଁ ନା ମୋ ଆଖିରେ ପାଣି ନାହିଁ ? ଅମଙ୍ଗଳୀଟା କୋଠିକାର, ପିଲାଟା ଗାଁ ମୁଣ୍ଡ ପହଞ୍ଚୁଁ ନ ପହଞ୍ଚୁଁ ଘର ଭସାଇ ସାଇଲାଣି । ବର୍ଷଟା ସାରା ତ କାନପଣନ୍ତରେ ବାନ୍ଧି ପିଲାଟାକୁ ଏମିତି କଲୁ ଯେ, ଘର ଦ୍ୱାର ବିଷୟ ବାସନା କିଛି ବୁଝା ସୁଝା କରାଇ ଦେଲୁ ନାହିଁ । ଶେଷରେ ମା ବାପଠୁଁ ବି ଛଡ଼ାଇ ନେଲୁ, ଏଇଲେ ବାହାରୁଛି ସୋଅଗ । ଉଠ୍, ଏମିତି କାନ୍ଦି ମୋ ପୁଅର ଅମଙ୍ଗଳ ଯଦି ଡ଼ାକିଆଣୁ, ତେବେ କହି ରଖୁଛି ତୋର ଦିନେ କି ମୋର ଦିନେ ।" ଅଧିକ ହୁଏତ କେତେ କ'ଣ କହି ଏତେ ଦିନର ମନଓର ମେଣ୍ଟାଇ ଥାନ୍ତେ । ବାହାରେ 'ମାଉସୀ, ମାଉସୀ' ଡ଼ାକ ଶୁଣି ସେ ଯେମିତି ଆସିଥିଲେ ସେମିତି ଝଡ଼ ବେଗରେ ବାହାରି ଯାଇ ଜିଭ କାମୁଡ଼ି ଦେଖିଲେ ପଡ଼ୋଶୀ ପଦ୍ମନାଭ ବାବୁଙ୍କ ପୁଅ ରାଜୀବ ।

ଯାକୁ ଯେ ଦେଖି ପାରେ ନା ତାର କର୍ମକଳାପରେ ତ୍ରୁଟି ଥାଉ ନ ଥାଉ, ସବୁ ପଦାକୁ ବାହାରେ ଦୁର୍ଗୁଣ ହୋଇ । ସୁନନ୍ଦା ପ୍ରାଣପଣ ଖୋଜିବାକୁ ଚେଷ୍ଟା କରିଛି ତାର ଅପରାଧ କେଉଁଟି ; କ'ଣ କଲେ ଶାଶୁଙ୍କ ମନ ନେଇ ଚଳି ପାରିବ । କିନ୍ତୁ ପାଇଛି କ'ଣ ? ନିର୍ଦ୍ଦୟ ଗଞ୍ଜଣା । ସ୍ୱାମୀବିରହିଣୀ ସେ, ଅଥଚ



Digitized by srujanika@gmail.com

ସ୍ୱାମୀଙ୍କ ସ୍ମୃତିଟିକୁ ମନକୁ ଆଣି ଟିକିଏ ଶାନ୍ତି ପାଇବ ଏତିକି ଅଧିକାର ତାର ନାହିଁ । ଭଗ୍ନହୃଦୟରେ ସେ କେତେ ଥର ଏତିକଥା ଭାବିଛି, ଆଜି ଭାବି ଭାବି ତା ଭିତରର ନିସ୍ପୃହା ନାରୀ ଥରେ ଥରେ ବିଦ୍ରୋହ କରିବାକୁ ତେଜି ଉଠିଛି । କିନ୍ତୁ ସେ ଭୁଲିଯାଏ !!!

ନିତାନ୍ତ ମନ୍ଥର ଗତି କରି ଦୁଃଖ ଦିନମାନ ତାର ଗଳିଲା । ନିର୍ଯ୍ୟାତନର ମାତ୍ରା ବଢ଼ି ଚାଲିବା ସଙ୍ଗେ ସଙ୍ଗେ ସେଇ ପରିମାଣରେ ତାର ଅତି ପ୍ରିୟ ସୁଖର ଦିନ ଗୁଡିକ ବହୁ ଦିନ ପଛରେ ପଡିଲା ସ୍ୱପ୍ନ ପରି ଅସ୍ପଷ୍ଟ ହୋଇ ଉଠୁଥିଲା । କେହି ଦେଖୁ ନ ଦେଖୁ ଏଠା ନିଷ୍ଠୁର ରୂପେ ସତ ଯେ, ମେଘୁଆ ସଞ୍ଜର ଶେଷ ରାଗ ପରି ତା ମୁଖଖଣ୍ଡ ହୋଇ ଉଠୁଥିଲା କ୍ରମମଳିନ କ୍ରମବିବର୍ଣ୍ଣ ।

ଦୁର୍ଦ୍ଦିନର ସହାନୁଭୂତି ପରି ବେଳ ଅବେଳରେ ସୁନନ୍ଦାର ଆଗେ ଠିଆ ହୁଏ ଆସି ରାଜୀବ । ବିବ୍ରତା ଦୁଃଖିନୀର ନିଃସହାୟ ଦଶା ଦେଖି କରୁଣା ଜନ୍ମେ ରାଜୀବର ! କେଉଁଲେଇ ଦୁଇ ଚାରି କଥା କହି ଅଭାଗିନୀକୁ ସାନ୍ତ୍ୱନା ଦେବାର ଲୋଭ ସେ ଅନେକ ସମୟରେ ସମ୍ଭାଳି ପାରେ ନା ! କ'ଣ ହେବ ? ଭିତରଟା ଯାର ଗୋଟାଯାକେ ତରଳ ଅଗ୍ନିସ୍ରୋତ ବାହାରର କ୍ଷଣିକ ପ୍ରଲେପ କେତେଟା ତାର ଉପଶମ ଆଣିବାକୁ ସମର୍ଥ ହେବ ? ସୁନନ୍ଦା ପୁଣି ବାଲ୍ୟରୁ ଟିକିଏ ଅଭିମାନିନୀ । ଦୁର୍ଦ୍ଦଶାର ଦୁହାଇ ଦେଇ ପରର ଅଯାଚିତ କରୁଣା ଆକର୍ଷଣ କରିବାର ହୀନତାକୁ ସେ ହାଡ଼େ ହାଡ଼େ ଚିଡ଼େ । ସ୍ୱାମୀଙ୍କ ବିଦେଶ ବାସ ଦିନଠାରୁ ତାର ନିଃସଙ୍ଗ ସଂସାରର ଗତି କପଟ ତାର ଗୋଟାଏ ଛୋଟ ଇତିହାସ ତା ଭଗ୍ନୀପତି ନିକଟକୁ ଚିଠିରେ ଜଣାଇ ଥିଲା । ଫଳରେ ପ୍ରସ୍ତାବ ମଧ୍ୟ ଆସିଥିଲା ସୁନନ୍ଦା ଯଦି ରାଜି ହୁଏ, ଭଗ୍ନୀପତି କମ୍ପାନିର ମେନେଜିଂ ଡିରେକ୍ଟରଙ୍କ ଠାରୁ ଦୁଇ ଦିନ ଛୁଟି ନେଇ ଆସି ତାକୁ ନେଇ ଯିବେ । କିନ୍ତୁ ଆତ୍ମସମ୍ମାନ ଉପରେ ଅତ୍ୟନ୍ତ ନିର୍ଭରଶୀଳା ସୁନନ୍ଦା ତାର ଉତ୍ତର ଦେଇଥିଲା ଅନ୍ୟ ପ୍ରକାରେ । ସେଇ ସୁନନ୍ଦା ଫେର ହେବ କ'ଣ ନା ରାଜୀବର କୃପାପ୍ରାର୍ଥୀ ? ରାଜୀବ ଯେ ଏଇ ବିବାହ ପୂର୍ବରୁ ଦେବତା ପରି ସ୍ୱାମୀ ଶୈଳକୁ ନିଷ୍ଠୁର ଚରିତ୍ର ରୂପେ ଠିଆ କରାଇ ବିବାହ ଭଙ୍ଗାଇବାର ଚେଷ୍ଟାରେ କମ୍ ଶ୍ରମ ପାଇ ନାହିଁ ?

ସୁନନ୍ଦା ଆୟାସସହ ଆପଣାକୁ ଏକାକିନୀ କରି ରଖିବାର ଯତ୍ନବତୀ ହୁଏ ।

ରାତିରେ ବିଛଣା ଧରି ଶୋଇବାକୁ ଯାଇ ସେ ଦେଖେ ଆଖିରେ ନିଦ ଆଣିବାକୁ ତାକୁ ଅତିମାତ୍ର ପରିଶ୍ରମ କରିବାକୁ ପଡ଼ୁଛି । ଚିନ୍ତା ଭାବନା ତାର ଯା କିଛି, ସବୁ ଯେପରି ମୂର୍ତ୍ତି ଧରି ଏଇ ଶୋଇଲା ସମୟଟାକୁହିଁ ଠିକ ବସିଥାନ୍ତି ତାକୁ ଆକ୍ରମଣ କରିବାକୁ । ଅନିଚ୍ଛା ସତ୍ତ୍ୱେ ମଧ୍ୟ ତାକୁ ଭାବିବାକୁ ହୁଏ, "କ'ଣ ଯାଏ ଆସେ ରାଜୀବର ଯେ ସେ ଆସି ଅନୁଚିତ କରୁଣା କରିଯିବ" ଜୋର କରି ସେ ଏ ଚିନ୍ତାକୁ ଦୂରକୁ ଠେଲି ଦିଏ । ଶାଶୁଙ୍କ ପାହାନ୍ତିଆ ଗର୍ଜନରେ ନିଦ ଭାଙ୍ଗିଲାକୁ ଦେଖେ ଯେଉଁ କେତେ ଖଣ୍ଡି ଚିଠି ସେ ସ୍ୱାମୀଙ୍କ ନିକଟରୁ ପ୍ରଥମ ପ୍ରଥମ ପାଇଥିଲା ପ୍ରତ୍ୟେକ ଛନ୍ଦ ସେଗୁଡ଼ିକର ମୁଖସ୍ଥ ହୋଇ ପଡ଼ିଥିଲେ ସୁଦ୍ଧା ସେଇ ଗୁଡ଼ିକରୁ ଖୋଲି ଗୋଟିଏ କି ଦୁଇଟା ତା ଛାତିର ସ୍ପନ୍ଦନ ସଙ୍ଗେ ଉଠୁଛି ପଡ଼ୁଛି । ପ୍ରଭାତରୁହିଁ ଦିବାର ସୂଚନା ଜାଣି ସେ ବିଛଣା ଛାଡ଼େ ।

ସୁନନ୍ଦାର ସହିଷ୍ଣୁପଣ ଦେଖି ରାଜୀବ ସୁଦ୍ଧା ବିସ୍ମିତ ହୋଇଥିଲା । ଦିନେ ସେ କହିବାକୁ ବାଧ୍ୟ ହୋଇଥିଲା, "ତୁମେ ଯା ସହିଲଣି ବୋହୂ, ମର୍ତ୍ତ୍ୟର କୌଣସି ନାରୀ ତା ସହିବ ନାହିଁ ।" ସେଇ ଦିନ କେବଳ ତାର ଶୁଷ୍କ ମୁଖରେ ହସ ଦେଖା ଦେଇଥିଲା, ତାଚ୍ଛିଲ୍ୟର ହସ । ଏଇ କଥା ନେଇ ପରେ ସେ ଏକାନ୍ତରେ ବସି ଭାବିଲା, "ମୋର ସ୍ଥାନ ଯେ ଅଧିକାର କରିଥାନ୍ତା ତାର ଯେଉଁଠି ଏ ସଂସାରଛଡ଼ା ଆଚରଣ, ସେଠି ଦୂର ସମ୍ପର୍କୀୟ ରାଜୀବର ଏ ଦରଦ କାହିଁକି ?"

ଭାର ଅତିରିକ୍ତ ହେଲେ ଧରଣୀ ସୁଦ୍ଧା କମ୍ପେ ବୋଲି ପ୍ରାଚୀନ ବିଶ୍ୱାସୀ କହେ । ସୁନନ୍ଦା ତ ସହଜେ ମାନବୀ । ସହିଷ୍ଣୁତାର ବନ୍ଧ ତାର ଦିନେ ଯେ ଭାଙ୍ଗିବ ଏଥିରେ ଆଉ ବିଚିତ୍ର କ'ଣ ?

ଶିଙ୍ଗାପୁରର ଅଦୂରରେ ଜାହାଜ ବୁଡ଼ିବାର ଖବର ରାଜୀବହିଁ ପ୍ରଥମେ ଆଣେ । ସମ୍ବାଦଟା ହୁଏତ କାହାର ଦୃଷ୍ଟି ଆକର୍ଷଣ କରି ନ ଥାନ୍ତା । କିନ୍ତୁ ଜାହାଜ ଯାତ୍ରୀଙ୍କ ଭିତରୁ ଯେଉଁମାନଙ୍କ ପତ୍ତା କିଛି ମିଳୁ ନ ଥିବାର ସମ୍ବାଦ ପ୍ରକାଶ ପାଇଥିଲା, ତା ଭିତରେ ଶୈଳର ନାମହିଁ ଥିଲା ପ୍ରଥମ । ଦିଗ୍‌ବଳୟ ତଳେ ଯେଉଁ ଆଲୋକ ରେଖାକୁ ସମ୍ବଳ କରି ସୁନନ୍ଦା ସହସ୍ର ନିର୍ଯ୍ୟାତନ ଭିତରେ ମରିବାର ପ୍ରଲୋଭନରୁ ନିଜକୁ ସମ୍ଭାଳି ରଖିଥିଲା, ସେଇଟିକି ତା ଆଖି ଆଗରୁ ଏମିତି ହଠାତ୍ ଲିଭି ଯିବ ସେ କଳ୍ପନା କରି ନ ଥିଲା । ଠିଆରୁ ତଳେ ପଡ଼ି ଯାଇ ସେ ଦେଖିଲା କେବଳ ଅନ୍ଧକାର, ହାତରେ ଛୁଇଁ ପାରିବା ଭଳି ଅଗଣିତ ଅମାବାସ୍ୟାର ଦୁଲକରା ଅନ୍ଧକାର । ତା ଶାଶୁ ଦେବୀଙ୍କ ଆଖିରେ କିନ୍ତୁ ଜଳଝରଣ ପରିବର୍ତ୍ତରେ ଅଗ୍ନିସ୍ଫୁରଣ, ଯାହା ଦେଖି ରାଜୀବକୁ ସୁଦ୍ଧା ତ୍ରସ୍ତ ହୋଇ ପଛଘୁଞ୍ଚା ଦେବାକୁ ହେଲା । ଝଞ୍ଜାଟାର ବାତାବରଣକୁ ଧ୍ୱନିତ କରି ଶୁଭୁଥିଲା, "ବାହାର ମୋ ଘରୁ ଅଲକ୍ଷଣୀ, ଥର ଥର କରି କହିଲି ଆଖିରୁ ପାଣି ଗଡ଼େଇ ମୋ ପୁଅର ଯିବା ବାଟରେ କଣ୍ଟା ପକାନା । ସରଗଚନ୍ଦ ପରି ଗୁଣବନ୍ତ ପୁଅ ମୋର ଘର ଅନ୍ଧାର କରି ଚାଲିଗଲା ସର୍ବନାଶୀ ତୋର ଆଖି ପାଣିରେ ବୁଡ଼ି ମରିବାକୁ । ଏମିତି କାଳସର୍ପକୁ ଆଣି ଘରେ ପୋଷିଲି । ତୋତେ କି ମରଣ ନାହିଁକି, ବୁଢ଼ୀମାଟା ବେଳକୁ ଯମର ଆଖି ଫୁଟିଥାଏ । ମୋର ଆଗରେ ମୋ କୋଟିନିଧି—ହାୟରେ କପାଳ !" ଏତିକି ବେଳେ ଯାଇ ତାଙ୍କ ଆଖିର ଅଗ୍ନିରାଶି ତରଳ ସ୍ରୋତ ହୋଇ ଅଶ୍ରୁ ରୂପେ ଦେଖାଦେଲା । ରାଜୀବର ମାତା ଆସି ବୁଝାଶୁଝା କରି ତାଙ୍କୁ ଧରି ଅନ୍ୟତ୍ର ନେଇ ଗଲେ । "ନା, ଅମଙ୍ଗଳୀଟା ମୋ ଘରୁ ବାହାରିବ ତ ବାହାରିବ



Digitized by srujanika@gmail.com

ନ ହେଲେ ଅନ୍ନଜଳ ଛାଡ଼ ଅଜାଠୁଁ ମୁଁ ବାଉଳୀ ଠାକୁରାଣୀ ନିକଟରେ ଅଧା ପଡ଼ିଲି ।" ଏଇ ପ୍ରତିଜ୍ଞାର ଉଚ୍ଚବାଚରେ ଚାରି ପାଖର ପବନ ମଧ୍ୟ ଥରି ଉଠୁଥିଲା ।

ତିନି ବର୍ଷ ପରେ ରେଙ୍ଗୁନର ଆସିଷ୍ଟାଣ୍ଟ ଡ଼କ୍‌ୟାର୍ଡ଼ ମାଷ୍ଟର ଆସି ଶୁଣିଲେ ସୁନନ୍ଦା ତିନିବର୍ଷ ଆଗରୁ ନିରୁଦ୍ଦେଶ ।।

* * * *

ଟୀ ବଗିଚାର ଗଳ୍ପ କେଇଟା ବର୍ଷର ଦୁର୍ଗତି ପରେ ତାର ସୁଦଶା ଅଦୂର ଭବିଷ୍ୟତରେ ଫେରିଯିବ ଏ ଦୁରାଶା କରିବାକୁ ସ୍ୱୟଂ ମେନେଜର ନିଜଓ୍ୱାନ ସାହେବଙ୍କ ସୁଦ୍ଧା ସାହସ ନ ଥିଲା । ତଥାପି ସୌଭାଗ୍ୟ ଫେରିଲା—ଅଲ୍ପ ନିଜଓ୍ୱାନୀଙ୍କ ବିବାହ ପରେ ପରେ । ନିଜଓ୍ୱାନୀ ସୁଶ୍ରୀ, ବଳିଷ୍ଠ, ମୁଖମଣ୍ଡଳ ଦୃଢ଼ପ୍ରତିଜ୍ଞତା ଓ ତୀକ୍ଷ୍ଣ ଆଖି ଯୋଡ଼କ ବୁଦ୍ଧିମତ୍ତାର ପରିଚାୟକ । ବମ୍ବେର କେଉଁ ଅଖ୍ୟାତ ପଲ୍ଲୀରେ ତାଙ୍କର ଜନ୍ମ ସେ ନିଜେ ଜାଣନ୍ତି ନାହିଁ । ତାଙ୍କର ସମୁଦାୟ ଶିକ୍ଷାଦୀକ୍ଷାର ମୂଳରେ ଥିଲା ପାଦ୍ରୀ ରବର୍ଟସନ ସାହେବଙ୍କ ପୁତ୍ରନିର୍ବିଶେଷରେ କ୍ଳାନ୍ତିହୀନ ଯତ୍ନ ଓ ଅଦମ୍ୟ ଆଗ୍ରହ । ପାଦ୍ରୀ ସାହେବଙ୍କ ଚେଷ୍ଟାରେହିଁ ନିଜଓ୍ୱାନୀ ଆଜି ଉଇଲସନ ପ୍ଲାଣ୍ଟେସନର ମେନେଜର । ଦୁଇ ବର୍ଷ ତଳେ ତାଙ୍କ ତୀକ୍ଷ୍ଣଦୃଷ୍ଟି ପଡ଼ିଥିଲା ଟୀ ବଗିଚାର ଜଣେ ମଳିନା ଅଥଚ ରୂପସୀ ତରୁଣୀ ଉପରେ । ସାଧାରଣ କୁଲିରମଣୀଠାରୁ ଏ ତରୁଣୀଟି କ'ଣ ବୈଶିଷ୍ଟ୍ୟ ଥିଲା କେଜାଣି, ତିନିଟା ମାସ ନ ଯାଉଣୁ ସେହି ରମଣୀହିଁ ନିଜଓ୍ୱାନୀ-ବଧୂ ରୂପେ ମେନେଜରଙ୍କ ବଙ୍ଗଳା ଘରଟିକୁ ଲୀଳାଚଞ୍ଚଳ କଲେ । ତା'ର ପରେ ପରେହିଁ ପ୍ଲାଣ୍ଟେସନର ଲାଭସ୍ଫୀତ ହିସାବରେ ଆଶାତୀତ ବଳକା ଦେଖି ହେତୁବାଦୀ ନିଜଓ୍ୱାନୀଙ୍କ ମାନିବାକୁ ହୋଇଥିଲା ଏ ସୌଭାଗ୍ୟ ବୋଧହୁଏ ନବୋଢ଼ା ପତ୍ନୀଙ୍କ ଦାନ । ପତ୍ନୀପ୍ରତି ସେ ଯେତିକି ଆକୃଷ୍ଟ ହେଲେ, ସେତିକି ବୁଝିଲେ ତାଙ୍କର ଦାନ ଅପାତ୍ରରେ ପଡ଼ି ନାହିଁ । ପ୍ଲାଣ୍ଟେସନଟି ତ ହସିଲା, ଭାଗ୍ୟବତୀର ଆଦର ଆପ୍ୟାୟନ ପ୍ଲାଣ୍ଟେସନର ପ୍ରତି ଅଧିବାସୀ ଯେପରି ପ୍ରତି କ୍ଷେତ୍ରରେ ଅଯାଚିତ ପାଇବାକୁ ଲାଗିଲେ ।

* * * *

ଟୀ କାରବାରର ଏକ କଂଗ୍ରେସ ଉପଲକ୍ଷରେ ନିଜଓ୍ୱାନୀ ଯାଇଥିଲେ କଲିକତା । ସନ୍ଧ୍ୟାଗମ ପାଇଁ ବେଶୀ ବିଳମ୍ବ ନଥିଲା । ଗୋଟାଏ ନୂଆ କାର୍ ଆସି ନିଜଓ୍ୱାନୀ ବଙ୍ଗଳା ଫାଟକ ପାଖରେ ଠିଆ ହେଲା । ସ୍ଥୂଳଶୁଳ ଇଂରେଜ ଜଣେ କାର୍‌ରୁ ଓହ୍ଲାଇ ସିଧା ସିଧା ଚାଲିଲେ ବଙ୍ଗଳା ଭିତରକୁ । ନିଜଓ୍ୱାନୀ ପତ୍ନୀ ପଛପଟ ବଗିଚାରେ କ'ଣ ପରିଦର୍ଶନ କରୁଥିଲେ । ସ୍ୱାମୀଙ୍କ ପ୍ରତ୍ୟାବର୍ତ୍ତନ ଆଶା କରି ବୈଠକଖାନା ଭିତର ଦେଇ ବାରଣ୍ଡାକୁ ଆସିବାମାତ୍ରେ ଆଗନ୍ତୁକ ମୁହଁରୁ ପ୍ରଶ୍ନ ଉଠିଲା, "ତୁମେ ମିସେସ୍ ନିଜଓ୍ୱାନୀ ?"

ମିସେସ୍ ନିଜଓ୍ୱାନୀଙ୍କ ମୁହଁ ଫିକା ପଡ଼ିଗଲା । ଯନ୍ତ୍ରଚାଳିତା ପରି ଫେରି ସେ ବୈଠକଖାନାର ସୋଫା ଉପରେ ପଡ଼ିଗଲେ । ସୋଫା ଭିତରୁ ମଧ୍ୟ ବକ୍ଷର ଘନ ସ୍ପନ୍ଦନ କଳିବାକୁ ଅନୁଗାମୀ ଆଗନ୍ତୁକଙ୍କର କଷ୍ଟ ହେଲା ନାହିଁ । ରୂଢ଼ କଣ୍ଠରୁ ବାହାରିଲା, "ରାକ୍ଷସୀ, ପ୍ରତୀକ୍ଷାର ପୁରସ୍କାର୍ ଏଇ ଦେଇ ଶିଖିଛୁ, ନା ?"

ମିସେସ୍ ନିଜଓ୍ୱାନୀ ସୋଫାରୁ ଉଠିଲେ । ଆଖି ଦୁଇଟିରେ ଯେପରି ବିଦ୍ୟୁତ୍ । ନିଷ୍କମ୍ପ ଅଧରରେ କହିଲେ, ଆଇନତଃ ମୁଁ ବର୍ତ୍ତମାନ ମିସେସ୍ ନିଜଓ୍ୱାନୀ, ମୋତେ ଅପମାନ ଦେବାର ଅଧିକାର ତୁମର ଆଉ ନାହିଁ । ଘରକୁ ଫେରି ମାଙ୍କୁ ପଚାରି ପାର ରାକ୍ଷସୀ କିଏ ; କୁଲିରମଣୀର ଭାଗ୍ୟ ଯେବେ ଅସୀମ ପର୍ଯ୍ୟନ୍ତ ଦୌଡ଼ିଲା ବେଳେ ତୁମର ଏ ଅତି ଆଗ୍ରହର ପ୍ରତୀକ୍ଷା କେଉଁଠି ଥିଲା ଶୁଣେ ?"

ଆଗନ୍ତୁକ ମୁହଁରେ ବାକ୍ୟ ସ୍ଫୁରିବା ଦାୟ ହେଲା । ସେ ନିସ୍ପନ୍ଦ ଠିଆ ହୋଇ ଦେଖିଲେ ମିସେସ୍ ନିଜଓ୍ୱାନୀ ପୁଣି ସୋଫାରେ ପଡ଼ି ମୁହଁ ଲୁଚାଇଲେ । ବର୍ତ୍ତମାନ ସ୍ତିମିତ କୋହ ।

କଣ୍ଠ ତାଙ୍କର ନରମ ହୋଇ ଆସିଲା । ସେ କହିଲେ, "ତୁମେ ତେବେ ସୁଖରେ ଅଛ ସୁନନ୍ଦା ; ଅତୀତର ସବୁ ଭୁଲି ଏମିତି ବଞ୍ଚିବାକୁ ଚାହଁ ତୁମେ ?"

ସୁନନ୍ଦାର ଆଖିରେ ଅଶ୍ରୁ ।

"ସୁନନ୍ଦା ନୁହେଁ, ସୁନନ୍ଦା ପୋଡ଼ି ମରିଛି ଶୈଳସୁନ୍ଦରଙ୍କ ମାଙ୍କ ଅଗ୍ନିବାଣରେ, ମୁଁ ରମଲା ନିଜଓ୍ୱାନୀ । ମୋ ସାମନାରେ ଅନନ୍ତ ଭବିଷ୍ୟତ୍—ସୁନ୍ଦର, ମଦିରା ନିଶାପରି ଉନ୍ମାଦକର, ମୁଁ ଚାହେଁ ବଞ୍ଚିବାକୁ, ଅନନ୍ତ ଜୀବନ ।"

ଉତ୍ତେଜନାର ଆଧିକ୍ୟରେ କାର୍ ଖଣ୍ଡ ଗେଟ୍ ନିକଟରୁ ସର୍ କରି ଚାଲି ଯାଇଛି, ଶ୍ରୀମତୀ ନିଜଓ୍ୱାନୀଙ୍କ ଖିଆଲ୍ ନ ଥିଲା । ଭୃତ୍ୟ ଯେତେବେଳେ ଆସି ବୈଠକଖାନାରେ ଆଲୁଅ ଦେଇଗଲା, ସେ ଫାଟକ ନିକଟକୁ ଦୌଡ଼ି ଯାଇ ଦେଖନ୍ତି ସବୁ ଶୂନ୍‌ଶାନ୍ ।

ଦୂରର ଟୀ କ୍ଷେତ୍ରଗୁଡ଼ିକ ସନ୍ଧ୍ୟାର ପ୍ରଥମ ଛାୟାରେ ଶ୍ୟାମଳତର ହୋଇ ଉଠିଛି ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ନରେନ୍ଦ୍ରମଣ୍ଡଳ ବୈଠକ

### ରାଜାମାନଙ୍କର ବ୍ରିଟେନ ପ୍ରତି ବାଣୀ

ବିକାନୀରର ମହାରାଜାଙ୍କ ସଭାପତିତ୍ୱରେ ନରେନ୍ଦ୍ରମଣ୍ଡଳର ସ୍ଥାୟୀ ପରିଷଦର ଜାନୁଆରୀ ମାସ ୧୫ ତାରିଖରେ ଯେଉଁ ବୈଠକ ହୋଇଥିଲା ତହିଁରେ ନିମ୍ନଲିଖିତ ପ୍ରସ୍ତାବ ଗୃହୀତ ହୋଇଥିଲା:—

"ଅଳ୍ପଦିନ ପୂର୍ବେ ଆଫ୍ରିକା ଏବଂ ଅଲବେନିଆଠାରେ ସାମ୍ରାଜ୍ୟବାହିନୀ ଓମିତ୍ରଶକ୍ତି କୃତିତ୍ୱର ସହିତ ଯେଉଁ ଜୟଲାଭ କରିଅଛନ୍ତି ସେଥିରେ ନରେନ୍ଦ୍ରମଣ୍ଡଳର ସ୍ଥାୟୀ ପରିଷଦ ସେମାନଙ୍କର ହୃଦୟର ଗଭୀର ଆନନ୍ଦ ଜ୍ଞାପନ କରୁଅଛନ୍ତି ଏବଂ ଉକ୍ତ ଜୟଲାଭରେ ଭାରତୀୟ ସୈନ୍ୟବାହିନୀ ଯେଉଁ ବିଶିଷ୍ଟ ଅଂଶ ନେଇ ଅଛନ୍ତି ସେଥିରେ ସେମାନେ ନିଜକୁ ଗର୍ବିତ ମନେ କରୁଅଛନ୍ତି ।

"ଉକ୍ତ ପ୍ରଶଂସନୀୟ ବିଜୟରେ ଓ ତହିଁରେ ଭବିଷ୍ୟତ ଶେଷ ଜୟଲାଭର ଯେଉଁ ସୂଚନା ଦେଖାଯାଉଛି ସେଥିରେ ଆଶାନ୍ୱିତ ହୋଇ ମହାମହିମ ବ୍ରିଟିଶ ସରକାର ଓ ବିଶେଷତଃ ନିର୍ଭୀକ ଯୋଦ୍ଧା ଓ ରାଜନୀତିକୁଶଳ ଯୁକ୍ତରାଷ୍ଟ୍ରର ପ୍ରଧାନ ମନ୍ତ୍ରୀଙ୍କୁ ଭାରତୀୟ ରାଜନ୍ୟମଣ୍ଡଳର ଆନ୍ତରିକ ଧନ୍ୟବାଦ ଜଣାଇ ଦେବା ପାଇଁ ଏହି ସ୍ଥାୟୀ ପରିଷଦ ମାନନୀୟ ବଡ଼ଲାଟଙ୍କୁ ଅନୁରୋଧ କରୁଅଛନ୍ତି ।"

ଉପରୋକ୍ତ ପ୍ରସ୍ତାବ ଗ୍ରହଣ କରିବା ବ୍ୟତୀତ ଉକ୍ତ ପରିଷଦ ରାଜନୈତିକ ପରିସ୍ଥିତି ଓ ଦେଶୀୟ ରାଜ୍ୟ ଗୁଡ଼ିକରେ ତହିଁର ପ୍ରଭାବ, ୧୯୩୯ର ଭାରତୀୟ ଷ୍ଟେଟ୍ ଫୌଜ ଯୋଜନା, ଶାସନ ସମ୍ପର୍କରେ ଦେଶୀୟ ରାଜ୍ୟ ଗୁଡ଼ିକର ସମବାୟ ନୀତିରେ ଏକତ୍ରୀକରଣ ସମ୍ପର୍କରେ କେତେଗୁଡ଼ିଏ ପ୍ରସ୍ତାବ ଗ୍ରହଣ କରିଥିଲେ । ସାଧାରଣ ଆର୍ଥିକ ସମସ୍ୟା, ଯୁଦ୍ଧ ଏବଂ ଶିଳ୍ପର ଉନ୍ନତି ଓ ଯୁଦ୍ଧୋପକରଣ ଯୋଗାଇବା ସମ୍ବନ୍ଧରେ କେତେ ଗୁଡ଼ିଏ ପ୍ରସ୍ତାବ ମଧ୍ୟ ଏହି ପରିଷଦରେ ଆଗତ ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ପରିଷଦ ସେକ୍ରେଟେରିଏଟର ବଜେଟ୍ ମଞ୍ଜୁର କରିଥିଲେ ଏବଂ ଭାରତୀୟ ଷ୍ଟେଟ୍ ଫୌଜ ପାଇଁ ରିଜର୍ଭ କର୍ମଚାରୀମାନଙ୍କର ନିର୍ବାଚନ ଓ ଟ୍ରେନିଂ ଦେବା ସମ୍ବନ୍ଧୀୟ ଯୋଜନାର ଆଲୋଚନା ମଧ୍ୟ କରିଥିଲେ ।

## ଇନ୍ଦୋର

### ଶିଳ୍ପ-ବିଦ୍ୟାଳୟ

ରାଜ୍ୟ ମଧ୍ୟରେ ଏକ କିମ୍ବା ଏକାଧିକ ଶିଳ୍ପ ଅନୁଷ୍ଠାନ ସ୍ଥାପନ କରିବାର ଏକ ଯୋଜନା ପ୍ରସ୍ତୁତ କରିବାପାଇଁ ଇନ୍ଦୋର ସରକାର ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । ସ୍ଥାନୀୟ ଅବସ୍ଥା ଦୃଷ୍ଟିରେ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉକ୍ତ ଅନୁଷ୍ଠାନ ଗୁଡ଼ିକର ଉନ୍ନତି ବିଧାନ କରିବାକୁ ହେବ । ଷ୍ଟେଟ୍ ଛାପାଖାନା, ଇନ୍ଦୋର ବିଜୁଳିବତି କାରଖାନା ଓ ଗୋଦାମମାନଙ୍କରେ ଉପରୋକ୍ତ ଅନୁଷ୍ଠାନର ଛାତ୍ରମାନଙ୍କୁ ଶିଳ୍ପ ଶିକ୍ଷା ଦେବାର ଉପଯୁକ୍ତ ହେବ କି ନା ଏବଂ ମହାରାଜା ଶିବାଜୀରାଓ ହାଇସ୍କୁଲ୍, ନରମେଲ୍ ସ୍କୁଲ୍ ଓ ହୋଲକାର କଲେଜରେ ଥିବା ସୁବିଧା ଗୁଡ଼ିକ ଶିଳ୍ପ ଅନୁଷ୍ଠାନ ପାଇଁ ବ୍ୟବହାର କରାଯାଇ ପାରିବ କି ନା ତାହା ଉକ୍ତ କମିଟି ପର୍ଯ୍ୟବେକ୍ଷଣ କରିବେ ।

### ଜଳ ସେଚନ ପାଣ୍ଠି

ସ୍ଥାୟୀ ଅର୍ଥ ପରିଷଦର ସୁପାରିସ୍ ଅନୁସାରେ ମହାରାଜା ମହୋଦୟ ୧୯୪୦-୪୧ ଠାରୁ ପ୍ରତ୍ୟେକ ବର୍ଷ ଖଲକା ଭୂମିରାଜସ୍ୱରୁ ବାର୍ଷିକ ଟ ୨,୦୦,୦୦୦ଙ୍କା ଲେଖାଏଁ ଜମା ରଖି ଗୋଟିଏ ଜଳସେଚନ ପାଣ୍ଠି ସୃଷ୍ଟି କରିବାର ପ୍ରସ୍ତାବ ଗ୍ରହଣ କରିଅଛନ୍ତି । ଉକ୍ତ ପାଣ୍ଠି ସାହାଯ୍ୟରେ ପୁରାତନ ବନ୍ଧ ଗୁଡ଼ିକର ପୁନରୁଦ୍ଧାର ଓ ନୂଆ ନୂଆ ଜଳସରବରାହର ବ୍ୟବସ୍ଥା କରାଯିବ ।

## କାଶ୍ମୀର

### ଗ୍ରାମ ସ୍ୱାୟତ୍ତଶାସନ

କାଶ୍ମୀର ସରକାର ଗ୍ରାମ୍ୟ ପଞ୍ଚାୟତ ଗୁଡ଼ିକର ସ୍ଥାନୀୟ ସ୍ୱାୟତ୍ତ ଶାସନ ସମ୍ପର୍କରେ କ୍ଷମତା ବଢ଼ାଇ ଦେଇଅଛନ୍ତି । ପ୍ରଜାସଭାରେ ଯେଉଁ ବିଲଟି ଆଗତ କରା ଯାଇଅଛି ସେଥିରେ ଗ୍ରାମ୍ୟ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତ ପ୍ରାପ୍ତବୟସ୍କ ବ୍ୟକ୍ତିମାନଙ୍କୁ ଭୋଟ ଅଧିକାର ଦେବାର ବ୍ୟବସ୍ଥା ହୋଇଅଛି । ପଞ୍ଚାୟତର ସଭ୍ୟମାନେ ପଞ୍ଚାୟତ ଅଫିସରଙ୍କ ଦ୍ୱାରା ସ୍ଥିରୀକୃତ ଅନୁପାତ ଅନୁସାରେ ନିର୍ବାଚିତ ହେବେ । ପଞ୍ଚାୟତର ବିଚାର କ୍ଷମତା ବଢ଼ାଇ ଦିଆଯିବ ଓ ଗ୍ରାମ୍ୟ ପାଣ୍ଠି ଗୁଡ଼ିକୁ ବଳଶାଳୀ କରିବା ପାଇଁ ବ୍ୟବସ୍ଥା



Digitized by srujanika@gmail.com

କରାଯିବ । ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା, ପୁସ୍ତକାଗାରର ରକ୍ଷଣାବେକ୍ଷଣ ଓ ପାନୀୟ ଜଳର ବ୍ୟବସ୍ଥା ସମ୍ବନ୍ଧରେ ପଞ୍ଚାୟତ ଗୁଡ଼ିକ ଦାୟୀ ରହିବେ । କୁଟୀର ଶିଳ୍ପର ଉନ୍ନତି, ଚିକିତ୍ସା ଓ ଅନ୍ୟାନ୍ୟ ସାଧାରଣ ହିତକର କାର୍ଯ୍ୟ ଗୁଡ଼ିକରେ ମଧ୍ୟ ସେମାନଙ୍କୁ କ୍ଷମତା ଦିଆଯିବ ।

## କୁଚବିହାର

### ପ୍ରାଥମିକ ଶିକ୍ଷା

କୁଚବିହାରର ଦରବାର ତାଙ୍କ ରାଜ୍ୟରୁ ତୁରନ୍ତ ନିରକ୍ଷରତା ଦୂର କରିବା ପାଇଁ ଅଳ୍ପ ଦିନ ହେଲା ଏକ ଯୋଜନା କରିଅଛନ୍ତି । ରାଜ୍ୟ ମଧ୍ୟରେ ପୂର୍ବରୁ ଗୋଟିଏ ପ୍ରଥମ ଶ୍ରେଣୀର କଲେଜ, ୭ ଗୋଟି ଉଚ୍ଚ-ଇଂରାଜୀ ବିଦ୍ୟାଳୟ, ୩୪ ଗୋଟି ମଧ୍ୟ-ଇଂରାଜୀ ବିଦ୍ୟାଳୟ ଓ ୬୮[illegible] ଗୋଟି ସରକାରୀ ସାହାଯ୍ୟ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ରହିଅଛି । ଏହା ଛଡ଼ା କ୍ରମାନ୍ୱୟରେ ୩୦୦ ଗୋଟି ସାହାଯ୍ୟପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ବଢାଇବାର ଯେଉଁ ପରିକଳ୍ପନା ରହିଛି ତହିଁର ଅଂଶ ରୂପେ ୧୦୦ ଗୋଟି ବିଦ୍ୟାଳୟ ବସାଇବାର ବ୍ୟବସ୍ଥା ସରକାର ଏବେ ମଞ୍ଜୁର କରିଅଛନ୍ତି । ଏହି ବିଦ୍ୟାଳୟଗୁଡ଼ିକର ପରିଚାଳନା ଓ ପରିଦର୍ଶନ ପାଇଁ ଅଧିକା କର୍ମଚାରୀ ନିଯୁକ୍ତ ହେଉଅଛନ୍ତି । ଶିକ୍ଷକମାନଙ୍କୁ ଶିକ୍ଷା ଦେବା ପାଇଁ ଗୋଟିଏ ଟ୍ରେନିଂ ସ୍କୁଲ ଖୋଲିବାର ବ୍ୟବସ୍ଥା କରା ଯାଉଅଛି । ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଏକ ଛାଞ୍ଚରେ ଗଢ଼ାଯିବ ଓ ସରଳ ଶିକ୍ଷା ପଦ୍ଧତି ଅନୁସାରେ ସେଠାରେ ଛାତ୍ରମାନଙ୍କୁ ଶିକ୍ଷା ଦିଆଯିବ । ବୟସ୍କ ବ୍ୟକ୍ତିମାନଙ୍କୁ ଶିକ୍ଷା ଦେବା ପାଇଁ ପରୀକ୍ଷା ସ୍ୱରୂପ କେତେକ କେନ୍ଦ୍ରରେ ଅବସର ବିଦ୍ୟାଳୟ ସ୍ଥାପନର ଏକ ଯୋଜନା ପ୍ରସ୍ତୁତ କରିବାର ସରକାର କଳ୍ପନା କରୁଅଛନ୍ତି ।

## କେଉଁଝର

ଜନ୍ମଦିନ ଉପଲକ୍ଷରେ ପ୍ରଜାମାନଙ୍କ ତରଫରୁ କେଉଁଝରର ରାଜା ସାହେବଙ୍କୁ ଯେଉଁ ଅଭିନନ୍ଦନ ପତ୍ର ଦିଆ ଯାଇଥିଲା ତହିଁର ଉତ୍ତରରେ ସେ ରାଜ୍ୟରେ ପ୍ରଜା ସମିତି ସ୍ଥାପନ ଓ ତାହା ଉପରେ ରାଜ୍ୟର ପ୍ରଜାମାନଙ୍କୁ ଶାସନର ଘନିଷ୍ଠ ସମ୍ପର୍କରେ ଆଣି ଅଛି ତାହା ଉଲ୍ଲେଖ କରିଥିଲେ ଏବଂ ପ୍ରଜାମାନଙ୍କର ମଙ୍ଗଳ ପାଇଁ ଦରବାର ଯେଉଁ ସବୁ ବ୍ୟବସ୍ଥାମାନ କରୁଅଛନ୍ତି ସେ ସମ୍ବନ୍ଧରେ କେତେକ ସୂଚନା ଦେଇଥିଲେ ।

ଚିକିତ୍ସାର ବ୍ୟବସ୍ଥା ସମ୍ବନ୍ଧରେ କହିବାକୁ ଯାଇ ରାଜା ସାହେବ କହିଥିଲେ "ନିକଟରେ ରାଜଧାନୀରେ ଗୋଟିଏ ଯକ୍ଷ୍ମା-ନିବାରଣ ଆଶ୍ରମ ଖୋଲା ଯାଉଅଛି । ପଡ଼ୋଶୀ ରାଜ୍ୟମାନଙ୍କରୁ ଯେଉଁ ସାହାଯ୍ୟ ମିଳିଛି ତଦ୍ୱାରା ଏହି ରୋଗାକ୍ରାନ୍ତ ୬ ଜଣ ରୋଗୀଙ୍କୁ ଚିକିତ୍ସା ଦେଇ ପାରିବା ଭଳି ଗୋଟିଏ ଆଶ୍ରମ ସ୍ଥାପିତ ହୋଇ ପାରିବ । ଏହି ବ୍ୟାଧି ଚିହ୍ନିବା ପାଇଁ ଓ ଚିକିତ୍ସା ଉଦ୍ଦେଶ୍ୟରେ ଏକ୍ସରେ ଅନୁଷ୍ଠାନ ମଧ୍ୟ ବିଶେଷ ସାହାଯ୍ୟ କରିବ । ଲର୍ଡ ନାଫିଲ୍ଡଙ୍କ ଯୋଗୁଁ ଏହି ଡାକ୍ତରଖାନାରେ ଗୋଟିଏ ଆୟରନ୍ ଲଙ୍ଗ୍ (Iron lung) ରଖା ଯାଇ ପାରିଅଛି । ଏହା ଆକସ୍ମିକ ଦୁର୍ଘଟଣା ସମୟରେ ବା ଅସ୍ତ୍ରଚିକିତ୍ସା କାଳରେ ବିଶେଷ ଆବଶ୍ୟକ । ଗତ ବର୍ଷ ରାଜ୍ୟରେ ଦୁଇଗୋଟି ଡାକ୍ତରଖାନା ଓ ଗୋଟିଏ ଆୟୁର୍ବେଦୀୟ ଔଷଧାଳୟ ଖୋଲା ଯାଇଅଛି ଏବଂ ମୁଁ ଶୁଣି ଖୁସୀ ହେଲି ଯେ ଏହି ଅନୁଷ୍ଠାନ ଗୁଡ଼ିକ ଲୋକପ୍ରିୟ ହୋଇଅଛି ଏବଂ ଅନେକ ରୋଗୀ ସେ ଗୁଡ଼ିକରେ ଚିକିତ୍ସାର ସୁବିଧା ପାଇଅଛନ୍ତି ।"

ରାଜ୍ୟରେ ବିଚାର ପୁନଃସଙ୍ଗଠିତ କରିବା ପାଇଁ ବ୍ରିଟିଶ ଭାରତର ଅଭିଜ୍ଞ ବିଚାରକଙ୍କୁ ନେଇ ଏକ ହାଇକୋର୍ଟ ସ୍ଥାପନ ସମ୍ବନ୍ଧରେ ଓ ବିଚାର ବିଭାଗକୁ ଶାସନ ବିଭାଗରୁ ପୃଥକ୍ କରି ରଖିବା ବିଷୟରେ ରାଜା ସାହେବ କହିଥିଲେ ।

## କୋହ୍ଲାପୁର

### ମହାରାଜାଙ୍କ ପରଲୋକ

ଗତ ନଭେମ୍ବର ମାସ ୨୬ ତାରିଖ ଦିନ ବୋମ୍ବାଇଠାରେ କୋହ୍ଲାପୁରର ମହାରାଜା ମହାମାନ୍ୟ ସାର୍ ଶ୍ରୀ ଶ୍ରୀ ରାଜାରାମ ଛତ୍ରପତିଙ୍କର ଅକାଳ ବିୟୋଗ ଘଟି ଯାଇଅଛି । ପୁଣ୍ୟଶ୍ଳୋକ ସ୍ୱର୍ଗତ ମହାରାଜାଙ୍କ ପ୍ରତି ସମ୍ମାନର ନିଦର୍ଶନ ସ୍ୱରୂପ ମୟୂରଭଞ୍ଜର ସ୍କୁଲ୍, କଚେରୀ ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନମାନ ନଭେମ୍ବର ୨୭ ତାରିଖ ଦିନ ବନ୍ଦ ଥିଲା ।

ସ୍ୱର୍ଗତ ମହାରାଜା ମହୋଦୟ ୧୮୯୭ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୩୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ମହାରାଷ୍ଟ୍ର ସାମ୍ରାଜ୍ୟ ସ୍ଥାପୟିତା ଶିବାଜୀଙ୍କର ବଂଶଧର ଅଟନ୍ତି । ମହାରାଜା ପ୍ରଥମେ କୋହ୍ଲାପୁରରେ ଶିକ୍ଷା ଗ୍ରହଣ କରି ପରେ ଇଂଲଣ୍ଡରେ ଶିକ୍ଷା ଗ୍ରହଣ କରିଥିଲେ । ଏଲାହାବାଦ ଇଉଇଙ୍ଗ କଲେଜରେ ସେ କୃଷି ଶିକ୍ଷା ପାଇଥିଲେ । ୧୯୧୮ରେ ମହାରାଜା ମହୋଦୟ ଗାଇକୋବାଡ଼ ବରୋଦାଙ୍କର ଭଗିନୀ ଶ୍ରୀମତୀ ତାରାବାଇଙ୍କୁ ଓ ୧୯୨୫ରେ ତାଞ୍ଜୋରର ଶ୍ରୀମତୀ ବିଜୟମାଳତୀ ଦେବୀଙ୍କୁ ବିବାହ କରିଥିଲେ । ମହାରାଜା ଅପୁତ୍ରକ ଥିଲେ ।

## ଜୟପୁର

### ଗ୍ରାମୋନ୍ନତି

ଗ୍ରାମବାସୀମାନଙ୍କୁ ଉନ୍ନତ ଧରଣର ଶସ୍ୟ ଉତ୍ପାଦନ କରିବା, ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେବା, ଭଲ ଜାତିର ଗୃହପାଳିତ ପଶୁ ରଖି ସେମାନଙ୍କର ଉନ୍ନତି ବିଧାନ କରିବା ଦିଗରେ ଉତ୍ସାହିତ କରିବା ପାଇଁ ଜୟପୁର ଗ୍ରାମୋନ୍ନତି ବିଭାଗ ଏ ବର୍ଷ ତାଙ୍କର କାର୍ଯ୍ୟର ପରିସର ବଢାଇ ଦେଇଅଛନ୍ତି । ରାଜ୍ୟର ପ୍ରତ୍ୟେକ ନିଜାମତରେ ଗୋଟିଏ ଲେଖାଏଁ ପ୍ରଦର୍ଶନୀ ହେବ ଏବଂ ସେଠାରେ



Digitized by srujanika@gmail.com

କୃଷିଜାତ ଦ୍ରବ୍ୟ ଓ ଗୃହପାଳିତ ପଶୁଗୁଡ଼ିକ ପ୍ରଦର୍ଶିତ ହେବ ଏବଂ ପ୍ରଦର୍ଶକମାନଙ୍କୁ ପୁରସ୍କାର ମଧ୍ୟ ଦିଆଯିବ । ଏହା ଛଡ଼ା ପ୍ରତ୍ୟେକ ତହସିଲରେ ଥିବା ସବୁଠାରୁ ପରିଷ୍କାର ପରିଚ୍ଛନ୍ନ ଗ୍ରାମକୁ ଟ ୭୫ ଙ୍କା ପୁରସ୍କାର ଦିଆଯିବ । ଏହି ପ୍ରଦର୍ଶନୀ ଗୁଡ଼ିକୁ ଲୋକ-ପ୍ରିୟ ଓ ମନୋହର କରିବା ପାଇଁ ସେଠାରେ ଚଳଚ୍ଚିତ୍ର ଓ ନାଟକାଭିନୟର ବ୍ୟବସ୍ଥା କରାଯିବ ଏବଂ କ୍ରୀଡ଼ା କୌତୁକର ବ୍ୟବସ୍ଥା କରାଯାଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦିଆଯିବ । ଗ୍ରାମୋନ୍ନତି ପାଇଁ ବର୍ତ୍ତମାନ ଯେଉଁ ଯୋଜନା ଅନୁଯାୟୀ କାର୍ଯ୍ୟ ଚାଲିଛି ତାହାଛଡ଼ା ଉପରୋକ୍ତ ବ୍ୟବସ୍ଥାମାନ ଅବଲମ୍ବନ କରାଯିବ ।

## ଜାମନଗର

### ବୈମାନିକ ଶିକ୍ଷା

ଜାମନଗର ସରକାର ଜାମନଗରର ଉଡ଼ାଜାହାଜ ବନ୍ଦରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୨୦୦ ଜଣ ଛାତ୍ରଙ୍କୁ ଗ୍ରାଉଣ୍ଡ ଇଞ୍ଜିନିଅରିଂ ଶିକ୍ଷା ଦେବା ପାଇଁ ଏକ ବିଦ୍ୟାଳୟ ଖୋଲି ଅଛନ୍ତି । ସେଠାରେ ଟ ୬୦,୦୦୦ ଙ୍କା ବ୍ୟୟରେ ଗୋଟିଏ ଛାତ୍ରାବାସ ଓ ଟ ୧୫,୦୦୦ ଙ୍କା ବ୍ୟୟରେ ଗୋଟିଏ ବିମାନାଶ୍ରୟ ନିର୍ମିତ ହେଉଅଛି ।

## ପାଟନା

### ହାତ ତିଆରି କାଗଜ

କୁଟୀର ଶିଳ୍ପରୂପେ ହାତ ତିଆରି କାଗଜ ପ୍ରସ୍ତୁତ କରିବାର ଉଦ୍ୟମ ପାଟନା ରାଜ୍ୟରେ କ୍ରମଶଃ ଉନ୍ନତି ଦିଗରେ ଗଲିଛି ଏବଂ ଅଦରକାରୀ କାଗଜ, ବୋବେଇ ଓ ବାଉଁଶରେ ରାଜେନ୍ଦ୍ର ଫରେଷ୍ଟ ମିଉଜିୟମଠାରେ କାଗଜ ତିଆରି କରିବାର ଯେଉଁ ପରୀକ୍ଷା ଚାଲିଥିଲା ତାହା ସଫଳ ହୋଇଛି ।

ନିଖିଳ ଭାରତ ଗ୍ରାମ ଶିଳ୍ପ ସଂଘର କାଗଜ ଶିଳ୍ପବିଶାରଦ ମିଷ୍ଟର ଉ. ପି. ଅଯ୍ୟାଦୁରାଇଙ୍କ ଉପରେ ଉକ୍ତ ଶିଳ୍ପୋନ୍ନତିର ସମସ୍ତ ଭାର ଅର୍ପଣ କରା ଯାଇଅଛି । କାଗଜ-ତିଆରି ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରିବା ପାଇଁ ଉପଯୁକ୍ତ ଛାତ୍ରମାନଙ୍କୁ ବୃତ୍ତି ଦିଆ ଯାଇଅଛି । ସରକାର ଆଶା କରନ୍ତି ଯେ ଏହି ଶିଳ୍ପର ଉନ୍ନତି ସାଧିତ ହେଲେ ଭବିଷ୍ୟତରେ ରାଜ୍ୟର ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାର ସମସ୍ୟାର ସମାଧାନରେ ଏହା ଯଥେଷ୍ଟ ସାହାଯ୍ୟ କରିବ ।

## ପାତିଆଲା

ପାତିଅଲା ରାଜ୍ୟର କୃଷି ବିଭାଗ ଜାନୁଆରୀ ୨୧ ତାରିଖରେ ଗୋଟିଏ ପ୍ରଦର୍ଶନୀ ଖୋଲିଥିଲେ । କୃଷି ବିଭାଗର ମନ୍ତ୍ରୀ ଏସ୍. ରାଘବୀର ସିଂହ ପାତିଅଲାର ମହାରାଜାଙ୍କୁ ଉକ୍ତ ପ୍ରଦର୍ଶନୀ ଉଦ୍ଘାଟନ କରିବା ନିମିତ୍ତ ଅନୁରୋଧ କରିବାକୁ ଯାଇ କହିଲେ ଯେ ଯେଉଁମାନେ ବହୁଳ ପରିମାଣରେ ଭଲ ଫଳନ୍ତ ବୃକ୍ଷର ଚାଷ କରିବାକୁ ଚାହାନ୍ତି ସେମାନଙ୍କୁ ସରକାରୀ ଉଦ୍ୟାନ-ମାନଙ୍କରୁ ଉତ୍କୃଷ୍ଟ ଫଳ ବୃକ୍ଷର ଚାରାମାନ ବିନା ମୂଲ୍ୟରେ ଦିଆଯିବ । ଉଦ୍ୟାନ କାର୍ଯ୍ୟରେ ମହାରାଜା ମହୋଦୟଙ୍କର ଯେଉଁ ବ୍ୟକ୍ତିଗତ ଆଗ୍ରହ ରହିଛି ତାହା ଫଳରେ ରାଜ୍ୟରେ ଫଳ ଚାଷର ପ୍ରସାର ପାଇଁ ଅନେକ ସୁବିଧା ମିଳି ପାରୁଅଛି । ସରକାର ପୁଣି ଫଳଚାଷୀମାନଙ୍କୁ ଆଉ କେତେ ଗୁଡ଼ିଏ ସୁବିଧା ଦେବାର ସ୍ଥିର କରିଅଛନ୍ତି । ବୃକ୍ଷରୋପଣର ପ୍ରଥମ ଚାରିବର୍ଷ ମଧ୍ୟରେ ସେମାନଙ୍କ ଠାରୁ କୌଣସି ଖଜଣା ନିଆ ଯିବ ନାହିଁ ଓ କେନାଲ ଦ୍ୱାରା ଜଳସେଚନ ନ ହେଲେ ପ୍ରଥମ ତିନି ବର୍ଷର ଭୂମିରାଜସ୍ୱ ଛାଡ଼ ଦିଆଯିବ; ବର୍ଷକରେ ଥରେ ଭୂମିରାଜସ୍ୱ ଆଦାୟ କରାଯିବ ଓ ସାଧାରଣ କୃଷି ପାଇଁ ଯେତେ ଜଳ ଆବଶ୍ୟକ ହୁଏ ତାହାର ତିନିଗୁଣ ପରିମାଣ ଜଳ ଫଳ ଚାଷ ପାଇଁ ଯୋଗାଇ ଦିଆଯିବ । ଶେଷରେ ସେ ଆଶା ପ୍ରକାଶ କରିଥିଲେ ଯେ ରାଜ୍ୟ ମଧ୍ୟରେ ଯେଉଁମାନଙ୍କର ବ୍ୟବସାୟ ଦୃଷ୍ଟିରୁ ଉଦ୍ୟାନ କରିବାର ସୁବିଧା ରହିଅଛି ସେମାନେ ଏ ସମସ୍ତ ସୁବିଧା ଗ୍ରହଣ କରି ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କରନ୍ତୁ ।

### କୁଷ୍ଠରୋଗୀମାନଙ୍କ ଲାଗି ବ୍ୟବସ୍ଥା

କୁଷ୍ଠରୋଗୀମାନେ ନାଗରିକମାନଙ୍କୁ ବିଶେଷ ବିରକ୍ତ ଓ ବ୍ୟତିବ୍ୟସ୍ତ କରୁଥିବା ହେତୁ ମହାରାଜା ମହୋଦୟ ସେମାନଙ୍କୁ ରୁଷିକେଶଠାକୁ ପଠାଇ ଦେବାର ଆଦେଶ କରିଅଛନ୍ତି ଓ ଉକ୍ତ ଆଦେଶାନୁଯାୟୀ ୪ ଗୋଟି ଲରିରେ କୁଷ୍ଠରୋଗୀଙ୍କୁ ସେଠାକୁ ପଠାଇ ଦିଆ ଯାଇଅଛି ।

ମହାରାଜା ମହୋଦୟ ଆହୁରି ମଧ୍ୟ ଆଦେଶ କରିଅଛନ୍ତି ଯେ ରାଜଧାନୀକୁ ନ ଫେରି ସେମାନେ ଯେତେ ଦିନ ପର୍ଯ୍ୟନ୍ତ ସେଠାରେ ରହିଥିବେ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କୁ ଖୋରାକ ପୋଷାକ ଦିଆ ଯାଉଥିବ ।

## ବରୋଦା

### ଶିଳ୍ପୋନ୍ନତି ପାଇଁ ସାହାଯ୍ୟ

ବରୋଦା ରାଜ୍ୟରେ ତିରିଶ ଲକ୍ଷ ଟଙ୍କା ମୂଳଧନରେ ଗୋଟିଏ କାଗଜ ତିଆରି କାରଖାନା ଶୀଘ୍ର ସ୍ଥାପିତ ହେବ । ରାଜ୍ୟ ମଧ୍ୟରେ ଶିଳ୍ପର ପ୍ରସାର ନିମନ୍ତେ ଓ ପ୍ରଜାମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ଲାଗି ସରକାର ଉକ୍ତ କାରଖାନାର ଶତକରା ୨୦ ଟି ଅଂଶ ଖରିଦ କରିବାର ସ୍ୱୀକୃତି ଦେଇ ଅଛନ୍ତି ।

ଏହା ଛଡ଼ା ତନ୍ତୀ ଓ ଗରିବ ଶ୍ରମିକମାନେ ସୂତା କାଟିବା, ଲୁଗା ବୁଣିବା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଯେପରି ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ ସେଥିପାଇଁ ସରକାର ତିନି ବର୍ଷ ସକାଶେ ବାର୍ଷିକ ଦୁଇ ହଜାର ଟଙ୍କା ଲେଖାଏଁ ସାହାଯ୍ୟ ଦେବାର ମଞ୍ଜୁର କରି ଅଛନ୍ତି ।



Digitized by srujanika@gmail.com

## ବୌଦ

### କୃଷି ଓ ଶିଳ୍ପ ପ୍ରଦର୍ଶନୀ

ଜାନୁଆରୀ ମାସ ୧୯ ତାରିଖ ଦିନ ସୋନପୁରର ମହାରାଜା ମହୋଦୟ ବୌଦ ଗଡ଼ରେ ହୋଇଥିବା ବାର୍ଷିକ କୃଷି-ଶିଳ୍ପ ପ୍ରଦର୍ଶନୀର ଦ୍ୱାରୋଦ୍ଘାଟନ କରିଥିଲେ । ଏହି ପ୍ରଦର୍ଶନୀ ଏକ ସପ୍ତାହ ପର୍ଯ୍ୟନ୍ତ ଖୋଲା ଥିଲା ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଓ ବାହାରୁ ହଜାର ହଜାର ଲୋକ ପ୍ରଦର୍ଶନୀ ଦେଖିବାକୁ ଆସିଥିଲେ । ସରକାରୀ ଚମଡ଼ା କାରଖାନା ଓ ଜେଲ ବିଭାଗରେ ପ୍ରସ୍ତୁତ ହୋଇଥିବା ନାନା ପ୍ରକାର ପଦାର୍ଥ ଛଡ଼ା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରୁ ନାନା ପ୍ରକାର କୃଷି ଓ ଶିଳ୍ପଜାତ ଦ୍ରବ୍ୟ ଏବଂ ରାଜା ସାହେବଙ୍କ ସ୍ୱହସ୍ତ ପ୍ରସ୍ତୁତ ଟୋକେଇ ଓ ମସିଣା ଇତ୍ୟାଦି ଏଠାରେ ପ୍ରଦର୍ଶିତ ହୋଇଥିଲା । କଟକର ଗରିବ ଶିଳ୍ପ କୁଟୀରରୁ ଓ ଓଡ଼ିଶାର ନାନା ସ୍ଥାନରୁ ମଧ୍ୟ ଅନେକ ଜିନିଷ ଆସିଥିଲା । ଆଠମଲ୍ଲିକ, ସୋନପୁର, ପାଟନା ଓ ମୟୂରଭଞ୍ଜ ପ୍ରଭୃତି ପ୍ରତିବେଶୀ ରାଜ୍ୟମାନେ ମଧ୍ୟ ଯୋଗ ଦେଇ ପ୍ରଦର୍ଶନୀଟିକୁ ସର୍ବାଙ୍ଗସୁନ୍ଦର କରିଥିଲେ ।

ସୋନପୁରର ମହାରାଜାଙ୍କୁ ପ୍ରଦର୍ଶନୀ ଉଦ୍ଘାଟନ କରିବା ପାଇଁ ଅନୁରୋଧ କରି ବୌଦର ରାଜା ସାହେବ ପ୍ରକାଶ କରିଥିଲେ ଯେ ଓଡ଼ିଶାର ଦେଶୀୟ ରାଜ୍ୟମାନଙ୍କର ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ଯେଉଁ ଘନିଷ୍ଠ ସମ୍ପର୍କ ଓ ବନ୍ଧୁତା ରହିଛି, ଶିଳ୍ପ ଓ କୃଷି ପ୍ରଦର୍ଶନୀ ଦ୍ୱାରା ତାହାର ପ୍ରକୃତ ସଦ୍ବ୍ୟବହାର କରିବା ଉଚିତ ।

ସୋନପୁରର ମହାରାଜା ମହୋଦୟ ପ୍ରଦର୍ଶନୀ ଉଦ୍ଘାଟନ କରି କହିଥିଲେ ଯେ ଆମ୍ଭମାନଙ୍କର ରାଜ୍ୟର ଅଧିକାଂଶ ପ୍ରଜା ବର୍ତ୍ତମାନ ସୁଦ୍ଧା ଗରିବ, ଅଶିକ୍ଷିତ ଓ ରକ୍ଷଣଶୀଳ ଅଟନ୍ତି । ଓଡ଼ିଶାର ଲୋକେ ମଧ୍ୟ ସେହିପରି ଗରିବ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କୃଷିଜୀବୀ । କୃଷିର ଅବସ୍ଥା ଏବେ ମଧ୍ୟ ଉନ୍ନତ ହୋଇ ନାହିଁ । ଆମ୍ଭମାନଙ୍କର ପ୍ରାଚୀନ ଶିଳ୍ପଗୁଡ଼ିକ ପ୍ରାୟ ଲୋପ ପାଇଅଛି ଏବଂ ବର୍ତ୍ତମାନ କେତେକ ଲୋପ ପାଇବାକୁ ବସିଛି । ତେଣୁ କୃଷି ଓ ଶିଳ୍ପର ପୁନରୁଦ୍ଧାର ଲାଗି ଓ ଗରିବ କୃଷିଜୀବୀମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ପ୍ରଦର୍ଶନୀର ମୂଲ୍ୟ ଓ ଆବଶ୍ୟକତା କେତେ ବେଶୀ ତାହା ବୁଝାଇଥିଲେ ।

## ହାଇଦ୍ରାବାଦ

### ଷ୍ଟେଟ୍ ବ୍ୟାଙ୍କ ସ୍ଥାପନ

ହାଇଦ୍ରାବାଦ ରାଜ୍ୟରେ କୃଷି ଓ ଶିଳ୍ପର କ୍ରମୋନ୍ନତି ସଙ୍ଗେ ସଙ୍ଗେ ଗୋଟିଏ ଷ୍ଟେଟ୍ ବ୍ୟାଙ୍କ ସ୍ଥାପନର ଆବଶ୍ୟକତା ଗତ କେତେ ବର୍ଷ ଧରି ଅନୁଭବ କରି ସରକାର ବର୍ତ୍ତମାନ ଗୋଟିଏ ବ୍ୟାଙ୍କ ସ୍ଥାପନ କରିବାର ସ୍ଥିର କରିଅଛନ୍ତି । ଇଣ୍ଡିଆ କମର୍ସିଏଲ ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ବିଶାରଦ ମିଷ୍ଟର ଆର୍. ଏସ୍. ପେଟନଙ୍କୁ ଉକ୍ତ ବ୍ୟାଙ୍କର ମୂଳଧନ ଓ ପରିଚାଳନା ଇତ୍ୟାଦି ବିଷୟରେ ସମସ୍ତ ବିଷୟ ନିର୍ଦ୍ଧାରଣ କରିବା ପାଇଁ କିଛିକାଳ ପାଇଁ ନିଯୁକ୍ତ କରା ଯାଇଅଛି । ସରକାର ଜମିଜମା ବନ୍ଧକ ନେଇ କୃଷକମାନଙ୍କୁ ଟଙ୍କା କରଜ ଦେବା ପାଇଁ ଅନ୍ୟ ଗୋଟିଏ ବ୍ୟାଙ୍କ ସ୍ଥାପନ କରିବାର ମଧ୍ୟ ସ୍ଥିର କରିଅଛନ୍ତି । ସମବାୟ ବ୍ୟାଙ୍କ ସାହାଯ୍ୟରେ କୃଷିର ଉନ୍ନତି ଓ ଉତ୍ପନ୍ନ ଶସ୍ୟ ବିକ୍ରିର ସୁବିଧା ପାଇଁ ଆର୍ଥିକ ସାହାଯ୍ୟ ଦେବା ନିମିତ୍ତ ସରକାରୀ କରଜର ପରିସର ବଢାଇ ଦିଆଯିବ । ଦୀର୍ଘ ମିଆଦରେ କରଜ ଗ୍ରହଣର ସୁବିଧା ଦେବା ପାଇଁ ସରକାର ଇଣ୍ଡଷ୍ଟ୍ରିଏଲ ଟ୍ରାଷ୍ଟ ଫଣ୍ଡର ପରିଚାଳନା ଭାର ଷ୍ଟେଟ୍ ବ୍ୟାଙ୍କ ଉପରେ ନ୍ୟସ୍ତ କରିବାର ସ୍ଥିର କରିଅଛନ୍ତି ।

### ଗ୍ରାମ୍ୟ ବ୍ୟାଙ୍କ

ରାଜ୍ୟର ଜମି ଜମା ସତ୍ତ୍ୱ-ବିଚ୍ଛେଦ ଓ ମହାଜନ ଆଇନର ପ୍ରଚଳନ ଫଳରେ ଗରିବ କୃଷକମାନଙ୍କର ଋଣ ଗ୍ରହଣ ସୁବିଧାରେ ବାଧା ଘଟିବାରୁ ସରକାର ସବ୍‌ଡିଭିଜନ କେନ୍ଦ୍ରମାନଙ୍କରେ ସମବାୟନୀତିରେ ଗୋଟିଏ ଗୋଟିଏ ଗ୍ରାମ୍ୟ ବ୍ୟାଙ୍କ ସ୍ଥାପନ କରିବାର ସ୍ଥିର କରିଅଛନ୍ତି । ପ୍ରତ୍ୟେକ ବ୍ୟାଙ୍କ ପଡ଼ୋଶୀ ୧୦।୧୨ଟି ଗ୍ରାମକୁ ନେଇ ତାଙ୍କର କାର୍ଯ୍ୟ ଚଳାଇବେ ଏବଂ ସ୍ଥାନୀୟ ଅବସ୍ଥାପନ୍ନ ଲୋକ ଓ ସାହୁକାରମାନଙ୍କୁ ଏ ଗୁଡ଼ିକର ପରିଚାଳନାରେ ସାହାଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବାକୁ ହେବ । ସେମାନଙ୍କୁ ବ୍ୟାଙ୍କରେ ଟଙ୍କା ଜମା ରଖିବା ପାଇଁ ବିଶେଷ ସୁବିଧା ଦିଆଯିବ । ଉକ୍ତ ବ୍ୟାଙ୍କ ଗୁଡ଼ିକରେ ଲୋକେ ଯେପରି ଟଙ୍କା ଜମା ରଖିବେ ଏଥିପାଇଁ ସରକାର ପାଞ୍ଚବର୍ଷ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶତକଡ଼ା ୪ ଟଙ୍କା ଲେଖାଏଁ ସୁଧ ଦେବାର ସ୍ଥିର କରିଅଛନ୍ତି ।

# ସମ୍ବାଦ ଓ ସଙ୍କେତ

## କେଶବଚନ୍ଦ୍ର ସେନଙ୍କ ଜନ୍ମଦିବସ

ବାରିପଦା ନବବିଧାନ ବ୍ରାହ୍ମମନ୍ଦିରରେ ନଭେମ୍ବର ୧୯ ତାରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ବ୍ରହ୍ମାନନ୍ଦ କେଶବଚନ୍ଦ୍ର ସେନଙ୍କର ୧୦୨ଶ ଜନ୍ମଦିବସ ଉପଲକ୍ଷରେ ଏକ ସାଧାରଣ ସଭା ହୋଇଥିଲା । ସହରର ଅନେକ ସରକାରୀ କର୍ମଚାରୀ, ଭଦ୍ରବ୍ୟକ୍ତି ଓ ଛାତ୍ର ସେଠାରେ ସମବେତ ହୋଇଥିଲେ । ଦେବାନ ସାହେବ ମେଜର ବି. ପି. ପାଣ୍ଡେ, ବି. ଏ., ଏଲ୍. ଏଲ୍. ବି., ଏଫ୍. ଆର. ଇ. ଏସ୍. (ଲଣ୍ଡନ) ସଭାପତିର ଆସନ ଗ୍ରହଣ କରିଥିଲେ । ଡକ୍ଟର ପ୍ରେମେନ ରାୟ, ଶ୍ରୀଯୁକ୍ତ ଲାଲ ମୋହନ ପତି ଓ ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ବାନାର୍ଜି ସେମାନଙ୍କର ବକ୍ତବ୍ୟରେ କେଶବ ଚନ୍ଦ୍ରଙ୍କର ଜୀବନୀ ଓ ଚରିତ୍ରର ସମ୍ୟକ୍ ଆଲୋଚନା କରିଥିଲେ । ସଭାପତି ମହୋଦୟ ତାଙ୍କର କ୍ଷୁଦ୍ର ଅଥଚ ସାରଗର୍ଭକ ଭାଷଣରେ କେଶବଚନ୍ଦ୍ରଙ୍କ ଚରିତ୍ରର ପ୍ରଧାନ ଗୁଣାବଳୀ ବର୍ଣ୍ଣନା କରି ତାଙ୍କ ଆଦର୍ଶର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ସେ କହିଥିଲେ, ସାମାଜିକ କୁସଂସ୍କାର ଓ ଅବର୍ଜନା ବିରୁଦ୍ଧରେ ସାହସିକ ବିଦ୍ରୋହ ଯୋଗୁଁ ଓ ସାମ୍ୟଭାବ ଏବଂ ଦୃଷ୍ଟିର ପ୍ରସାର ଲାଗି କେଶବଚନ୍ଦ୍ର କେବଳ ବଙ୍ଗଳାରେ ନୁହେଁ, ସାରା ଭାରତ-ବର୍ଷରେ ଭବିଷ୍ୟତ୍ ଦ୍ରଷ୍ଟା ଓ ସାଧୁ ଉପଦେଷ୍ଟାରୂପେ ପୂଜନୀୟ ହୋଇ ରହିବେ ।

## ଭାରତୀୟ ଐତିହାସିକ କଂଗ୍ରେସ୍ ଓ ରେକଡ଼ସ୍ କମିଶନ

ଗତ ଡିସେମ୍ବର ୧୬ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଲାହୋରଠାରେ ଭାରତୀୟ ଐତିହାସିକ କଂଗ୍ରେସର ୪ର୍ଥ ଅଧିବେଶନ ବସିଥିଲା । ମୟୂରଭଞ୍ଜ ଦରବାର ଷ୍ଟେଟ୍ ଆରକଓଲଜିଷ୍ଟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ, ବି. ଏସ୍. ସି., ଏମ୍. ଆର୍. ଏ. ଏସ୍. ଏଫ୍. ଆର୍. ଏ. ଆଇ. ଙ୍କୁ ପ୍ରତିନିଧିରୂପେ ସେଠାରେ ଯୋଗ ଦେବା ପାଇଁ ପଠାଇଥିଲେ । ଓଡ଼ିଶାର ପ୍ରାଦେଶିକ ସେକ୍ରେଟେରୀ ରୂପେ ସେ ଉକ୍ତ ଦିବସମାନଙ୍କରେ ଅନୁଷ୍ଠିତ ନ୍ୟୁମିସ୍‌ମ୍ୟାଟିକ ସମିତିର ଅଧିବେଶନରେ ମଧ୍ୟ ଯୋଗ ଦେଇଥିଲେ । ଡିସେମ୍ବର ୨୧ ଓ ୨୨ ତାରିଖରେ ବରୋଦାଠାରେ ଭାରତୀୟ ଐତିହାସିକ ରେକଡ଼ସ୍ କମିଶନର ଯେଉଁ ସପ୍ତଦଶ ଅଧିବେଶନ ହୋଇଥିଲା ତହିଁରେ ମଧ୍ୟ ଶ୍ରୀଯୁକ୍ତ ଆଚାର୍ଯ୍ୟ ମୟୂରଭଞ୍ଜ ତରଫରୁ ଯୋଗ ଦେଇଥିଲେ ।

ଭାରତ ଇତିହାସ କଂଗ୍ରେସରେ ଶ୍ରୀଯୁକ୍ତ ଆଚାର୍ଯ୍ୟ "Identification of Indrarath of Adinagar" ଶୀର୍ଷକ ଯେଉଁ ପ୍ରବନ୍ଧ ପାଠ କରିଥିଲେ ତାହା ଅକ୍ଟୋବର ସଂଖ୍ୟା ମୟୂରଭଞ୍ଜ କ୍ରନିକ୍‌ଲରେ ପ୍ରକାଶିତ ହୋଇଅଛି ।

## ଯୁଦ୍ଧ ପାଣ୍ଠିକୁ ସାହାଯ୍ୟ

ମୟୂରଭଞ୍ଜ ଯୁଦ୍ଧ ଉଦ୍ୟମ ପାଣ୍ଠିକୁ ସାହାଯ୍ୟ କରିବା ନିମିତ୍ତ ଡିସେମ୍ବର ମାସ ୧୮,୧୯ ଓ ୨୦ ତାରିଖ ରାତିରେ ଶ୍ରୀଯୁକ୍ତ କ୍ଷେତ୍ର ମୋହନ ଦାସଙ୍କର ସ୍ଥାନୀୟ ସିନେମା ଗୃହରେ 'କର୍ଣ୍ଣ' ଏବଂ 'ବର୍ଗୀ' ନାଟକ ଦ୍ୱୟ ଅଭିନୀତ ହୋଇଥିଲା ।

ଅନେକ ସରକାରୀ କର୍ମଚାରୀ ଅଭିନୟରେ ଭାଗ ନେଇଥିଲେ ଏବଂ ଅଭିନୟ ଗୁଡିକ ଚିତ୍ତାକର୍ଷକ ହୋଇଥିଲା । ମୟୂରଭଞ୍ଜ କେନ୍ଦ୍ର-ଯୁଦ୍ଧ ଉଦ୍ୟମ-କମିଟିର ଉଦ୍ଯୋଗରେ ୧୧ ଜଣ ପ୍ରତିନିଧିଙ୍କୁ ନେଇ ଗଠିତ ଏକ କମିଟି ଉପରେ ନାଟକ ପରିଚାଳନାର ଭାର ନ୍ୟସ୍ତ ଥିଲା । ରାଜଭ୍ରାତା ସାହେବ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ, ରାଜପରିବାରର ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତି, ଦେବାନ ମେଜର ବି. ପି. ପାଣ୍ଡେ ଏବଂ ସହରର ବିଶିଷ୍ଟ ବ୍ୟକ୍ତିମାନେ ଅଭିନୟ ଉପଭୋଗ କରିଥିଲେ ।

## ମେଟ୍ରିକୁଲେଶନ ପରୀକ୍ଷା କେନ୍ଦ୍ର

ପାଟନା ବିଶ୍ୱବିଦ୍ୟାଳୟ ଚଳିତ ବର୍ଷ ଠାରୁ ବାରିପଦାରେ ମେଟ୍ରିକୁଲେଶନ ପରୀକ୍ଷାର ଗୋଟିଏ କେନ୍ଦ୍ର ଖୋଲିବାର ସ୍ଥିର କରିଅଛନ୍ତି । ବିଶ୍ୱବିଦ୍ୟାଳୟର ଏ ସିଦ୍ଧାନ୍ତ ସର୍ବସାଧାରଣ ଆଦରର ସହିତ ଗ୍ରହଣ କରିଅଛନ୍ତି ।

## ଉଚ୍ଚ ଇଂରାଜି ଶିକ୍ଷାର ପ୍ରସାରର ବ୍ୟବସ୍ଥା

ମୟୂରଭଞ୍ଜରେ ଆଉ ଗୋଟିଏ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିବା ଅଭିପ୍ରାୟରେ ଶ୍ରୀମନ୍ ମହାରାଜା ମହୋଦୟ ଚଳିତ ବର୍ଷାରମ୍ଭରୁ ରାଇରଙ୍ଗପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ୮ମ ଶ୍ରେଣୀ ଖୋଲିବାର ମଞ୍ଜୁର କରିଅଛନ୍ତି । ସର୍ବସାଧାରଣ ମହାରାଜାଙ୍କର ଏ ସିଦ୍ଧାନ୍ତକୁ ଆନନ୍ଦ ଓ ଉତ୍ସାହର ସହିତ ଗ୍ରହଣ କରିଅଛନ୍ତି । ଉଚ୍ଚ ଇଂରାଜୀ ଶିକ୍ଷାର ବିସ୍ତାର ଉଦ୍ଦେଶ୍ୟରେ ଉକ୍ତ ସମୟୋପଯୋଗୀ ବ୍ୟବସ୍ଥା କରିଥିବାରୁ ରାଜ୍ୟର ବିଭିନ୍ନ ପ୍ରଜାସଭା ଗୁଡ଼ିକ ଶ୍ରୀମନ୍



Digitized by srujanika@gmail.com

ମହାରାଜାଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରସ୍ତାବମାନ ଗ୍ରହଣ କରିଅଛନ୍ତି ।


ରାଇରଙ୍ଗପୁରର ବ୍ରାହ୍ମଣଡାର୍ଡ଼ି ସବ୍‌ଡିଭିଜନର କେନ୍ଦ୍ର ଓ ଟାଟା କମ୍ପାନୀର ଲୌହ ଖଣି ସହିତ ରେଲ୍‌ଲାଇନ ଦ୍ୱାରା ସଂଯୁକ୍ତ ଥିବାରୁ ମୟୂରଭଞ୍ଜରେ ଏହା ବାଣିଜ୍ୟର ଗୋଟିଏ ପ୍ରଧାନ କେନ୍ଦ୍ର ରୂପେ ପରିଗଣିତ । ବ୍ରାହ୍ମଣଡାର୍ଡ଼ି ଏବଂ ପାଞ୍ଚପୀଡ଼ ସବ୍‌ଡିଭିଜନ ଦ୍ୱୟର ସୁବିଧାଜନକ କେନ୍ଦ୍ରରୂପେ ଏହା ଅବସ୍ଥିତ ହୋଇଥିବାରୁ ବିଦ୍ୟାଳୟଟି ଉଭୟ ସବ୍‌ଡିଭିଜନର ଛାତ୍ରମାନଙ୍କୁ ଉଚ୍ଚ ଇଂରାଜୀ ଶିକ୍ଷା ବିଷୟରେ ସୁବିଧା ଦେବ ଓ ସଙ୍ଗେ ସଙ୍ଗେ ସେମାନଙ୍କୁ ଶିଳ୍ପ ଶିକ୍ଷା ଦେବାରେ ମଧ୍ୟ ଉପଯୁକ୍ତ କ୍ଷେତ୍ର ହୋଇ ପାରିବ ।

## ପୂର୍ବାଞ୍ଚଳ ଦେଶୀୟରାଜ୍ୟର ରେସିଡେଣ୍ଟଙ୍କ ଆଗମନ

ପୂର୍ବାଞ୍ଚଳ ଦେଶୀୟରାଜ୍ୟ ସମୂହର ରେସିଡେଣ୍ଟ ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଏଲ୍. ଇ. ବାର୍ଟନ, ମିସେସ୍ ବାର୍ଟନ ଏବଂ ସେକ୍ରେଟେରୀ ମେଜର ଜି. ଏଚ୍. ଲୁକ୍ ଜାନୁଆରୀ ୯ ତାରିଖ ଦିନ ମୟୂରଭଞ୍ଜକୁ ଶୁଭାଗମନ କରିଥିଲେ । ଦେବାନ ସାହେବ ସେମାନଙ୍କୁ କୁପରୀ ରେଲ୍‌ଷ୍ଟେସନ ଠାରୁ ପାଛୋଟି ଆଣିଥିଲେ ଏବଂ ସେଠାରୁ ସମସ୍ତେ ମୋଟର ଯୋଗେ ବେଲଗଡ଼ିଆ ପ୍ରାସାଦକୁ ଆସିଲେ । ଅବସ୍ଥାନ କାଳ ମଧ୍ୟରେ ରେସିଡେଣ୍ଟ ସାହେବ ଓ ତାଙ୍କ ସେକ୍ରେଟେରୀ, ମହାରାଜା ଓ ଦେବାନ ସାହେବଙ୍କ ସହିତ କୁଲ ବାରିପଦାର କିଙ୍ଗ୍ ଏଡ଼ୱାର୍ଡ ଦାତବ୍ୟ ଚିକିତ୍ସାଳୟ, ଜେନାନା ହାସପାତାଲ, ରାସାୟନାଗାର, ପୂର୍ଣ୍ଣଚନ୍ଦ୍ର-ଶିଳ୍ପ-ସଦନ ପ୍ରଭୃତି ଅନୁଷ୍ଠାନମାନ ଦେଖିଥିଲେ ।

୧୦ ତାରିଖ ଅପରାହ୍ଣରେ ମହାରାଜା ମହୋଦୟ ରେସିଡେଣ୍ଟ ସାହେବ ଓ ମିସେସ୍ ବାର୍ଟନଙ୍କ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ରାଜବାଟୀରେ ଏକ ଭୋଜିର ଆୟୋଜନ କରିଥିଲେ । ସେଥିରେ ମହାରାଜ-କୁମାରମାନେ, ମହାରାଜ-କୁମାରୀ, ରାଜବଂଶର ସମ୍ଭ୍ରାନ୍ତ ବ୍ୟକ୍ତି, ବିଭାଗୀୟ ଉପରିସ୍ଥ କର୍ମଚାରୀ ଓ ବିଶିଷ୍ଟ ସରଦାରମାନେ ଯୋଗ ଦେଇଥିଲେ ।

୧୧ ତାରିଖ ସକାଳେ ରେସିଡେଣ୍ଟ ସାହେବ ମହାରାଜାଙ୍କ ସହିତ ଉଡ଼ା ଜାହାଜ ବନ୍ଦର ପରିଦର୍ଶନ କରିଥିଲେ ଓ ଉଡ଼ା ଜାହାଜରେ ଉଡ଼ିଥିଲେ । ସେହି ଦିନ ମିସେସ୍ ବାର୍ଟନ ଦେବାନ ସାହେବଙ୍କ ସହିତ ଜେନାନା ହାସପାତାଲ, ଲେଡି




ଦରବାର ପ୍ରକୋଷ୍ଠର ବାହାର ଦୃଶ୍ୟ । ଶ୍ରୀମାନ୍ ମହାରାଜା ମହୋଦୟ ରେସିଡେଣ୍ଟ ସାହେବ ଓ ମିସେସ୍ ବାର୍ଟନଙ୍କ ସମ୍ବର୍ଦ୍ଧନା ଦିନ ଭୋଜିକୁ ନେଇ ଯାଉଅଛନ୍ତି ।

ପ୍ରେଜାର ବାଳିକା ବିଦ୍ୟାଳୟ ଓ ସହରର ଅନ୍ୟ କେତେକ ଅନୁଷ୍ଠାନ ଦେଖିଥିଲେ । ରାତ୍ରିରେ ରେସିଡେଣ୍ଟ୍ ସାହେବ ସଦଳବଳରେ କଲିକତା ପ୍ରସ୍ଥାନ କଲେ ।

## ଓଡ଼ିଶା ଗଭର୍ଣ୍ଣରଙ୍କ ମୟୂରଭଞ୍ଜ ଶୁଭାଗମନ

ମହାମାନ୍ୟ ଓଡ଼ିଶା ଗଭର୍ଣ୍ଣର ମହୋଦୟ ଓ ଲେଡି ହବାକ୍ ସଦଳବଳରେ ଜାନୁଆରୀ ୨୪ ତାରିଖ ଦିନ ମୟୂରଭଞ୍ଜ



(୧) ସଂସ୍କାର ପରେ (୨) ସଂସ୍କାର ପୂର୍ବରୁ
କୁଞ୍ଚାଇକୁଣ୍ଡୀ ମନ୍ଦିରର ଦୃଶ୍ୟ ।

ଶୁଭାଗମନ କରିଥିଲେ । ସେମାନେ ସେ ଦିନ ବାଲେଶ୍ୱରରୁ ବାହାରି ବାରିପଦାରେ ଦିନ ସାଢ଼େ ତିନଟା ସମୟରେ ପହଞ୍ଚିଲେ । ମହାରାଜା ମହୋଦୟ ସେମାନଙ୍କୁ ବେଲଗଡ଼ିଆ ପ୍ରାସାଦରେ ଅଭ୍ୟର୍ଥନା କରିଥିଲେ ।

ଅତିଥିମାନଙ୍କର ସମ୍ବର୍ଦ୍ଧନା ଲାଗି ମହାରାଜା ମହୋଦୟ ସାଢ଼େ ଆଠଟା ବେଳେ ରାଜପ୍ରାସାଦରେ ଗୋଟିଏ ନୃ-ଭୋଜିର ଆୟୋଜନ କରିଥିଲେ । ଏଥିରେ ରାଜ ପରିବାରର ସମ୍ଭ୍ରାନ୍ତ ବ୍ୟକ୍ତି, ଦେବାନ ସାହେବ, ଅର୍ଥନୈତିକ ପରାମର୍ଶଦାତା ଓ ହାଇକୋର୍ଟର ଜଜ୍‌ମାନେ ଉପସ୍ଥିତ ଥିଲେ । ଭୋଜୀ ଉତ୍ତାରେ ମହାରାଜା ଓ ଦେବାନଙ୍କ ସହିତ ଅତିଥିମାନେ ଉଡ଼ା ଜାହାଜ ବନ୍ଦର, ସେକ୍ରେଟେରିଏଟ୍ ଏବଂ କାଉନ୍‌ସିଲ ପ୍ରକୋଷ୍ଠ ପରିଦର୍ଶନ କରିଥିଲେ ।


ତହିଁ ଆରଦିନ ସକାଳେ ଗଭର୍ଣ୍ଣର ମହୋଦୟ ଓ ଲେଡି ହବାକ୍ ମହାରାଜା ଓ ଦେବାନଙ୍କ ସଙ୍ଗେ ଖିଚିଙ୍ଗ ଅଭିମୁଖରେ ଯାତ୍ରା କଲେ । ସେଠାରେ ସେମାନେ ମୟୂରଭଞ୍ଜର ପ୍ରାଚୀନ ରାଜଧାନୀ ଓ ସୁସଜ୍ଜିତ ଯାଦୁଘରର ଶିଳ୍ପଦ୍ରବ୍ୟ ବୁଲି ଦେଖିଥିଲେ । ଚନ୍ଦ୍ରଶେଖର ଓ କୁଞ୍ଚାଇକୁଣ୍ଡୀ ଦେଉଳମାନଙ୍କର ପୁନରୁଦ୍ଧାର କାର୍ଯ୍ୟ ଦେଖି ଗଭର୍ଣ୍ଣର ମହୋଦୟ ନିରତିଶୟ ପ୍ରୀତ ହୋଇଥିଲେ ।

ମହାମାନ୍ୟ ଗଭର୍ଣ୍ଣର ମହୋଦୟ ସଦଳବଳରେ ସନ୍ଧ୍ୟା ସମୟରେ ରାଜଧାନୀକୁ ଫେରି ପର ଦିନ ସକାଳ ୯ଟା ସମୟରେ ବାଲେଶ୍ୱର ଅଭିମୁଖରେ ପ୍ରସ୍ଥାନ କଲେ ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ମାନ୍ୟବର ଗଭର୍ଣ୍ଣର ମହୋଦୟ ୧୯୩୯ ଫେବୃଆରୀ ମାସ ୫ ତାରିଖରେ ପ୍ରଥମେ ଏ ରାଜ୍ୟକୁ ଆସିଥିଲେ ।

## ଖିଚିଙ୍ଗର ପ୍ରାଚୀନ କୀର୍ତ୍ତିଗୁଡ଼ିକର ସଂରକ୍ଷଣ ଓ ପୁନରୁଦ୍ଧାର

ଖିଚିଙ୍ଗ ବର୍ତ୍ତମାନ ମୟୂରଭଞ୍ଜର ଏକ କ୍ଷୁଦ୍ର ଗ୍ରାମ ହେଲେହେଁ ଦଶମ ଓ ଏକାଦଶ ଶତାବ୍ଦୀରେ ଏହା ଏହି ରାଜ୍ୟର ପ୍ରାଚୀନ ରାଜଧାନୀ ଥିଲା । ଭାରତୀୟ ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ନିକଟରେ




ଖନନ ପୂର୍ବରୁ ଖିଚିଙ୍ଗ ଠାକୁରାଣୀ ବେଢ଼ାର ଦୃଶ୍ୟ ।



Digitized by srujanika@gmail.com

ଏ ସ୍ଥାନର ପ୍ରାଧାନ୍ୟ କ୍ରମଶଃ ବଢୁଛି । ଉକ୍ତ ଗ୍ରାମଟି ପାର୍ଶ୍ୱବର୍ତ୍ତୀ ସବ୍‌ଡିଭିଜନର କେନ୍ଦ୍ର କରଞ୍ଜିଆଠାରୁ ୧୬ ମାଇଲ ଦୂରରେ ଅବସ୍ଥିତ ଏବଂ ଏହାର ସୁରମ୍ୟ ମନ୍ଦିର, ଆମ୍ରକାନନ ଓ ପୁଷ୍କରିଣୀମାନ ଶତ ଶତ ବର୍ଷ ଧରି ମୟୂରଭଞ୍ଜର ଗୌରବମୟ ଅତୀତର ମୂକସାକ୍ଷୀରୂପେ ରହିଅଛି । ମଟର ଯୋଗେ ବାରିପଦାରୁ ଖିଚିଙ୍ଗ ସାଢେ ତିନି ଘଣ୍ଟାର ରାସ୍ତା । ଦର୍ଶକମାନଙ୍କର ସଂଖ୍ୟା ବର୍ଷକୁ ବର୍ଷ କ୍ରମେ ବଢିବାରୁ ସେମାନଙ୍କର ସୁବିଧା ପାଇଁ ସେଠାରେ ଗୋଟିଏ ଡାକବଙ୍ଗଳା ନିର୍ମିତ ହୋଇଅଛି । ଗତ କେତେକ ବର୍ଷ ମଧ୍ୟରେ ପ୍ରାଦେଶିକ ଗଭର୍ଣ୍ଣରମାନେ ଏବଂ ଭାଇସ୍ ଚାନସେଲର୍ ଓ ବିଖ୍ୟାତ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏ ସ୍ଥାନ ପରିଦର୍ଶନ କରି ଅଛନ୍ତି ।




ଖିଚିଙ୍ଗ ବଡ଼ ଦେଉଳର ପୁନର୍ନିର୍ମାଣ କାଳୀନ ଦୃଶ୍ୟ ।

୧୯୦୭-୮ ମସିହାରେ ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଆନୁକୂଲ୍ୟରେ ମିଷ୍ଟର ଏନ୍. ଏନ୍. ବୋଷ, ଏମ୍. ଆର୍. ଏ. ଏସ୍., ପ୍ରାଚ୍ୟ ବିଦ୍ୟାମହାର୍ଣ୍ଣବ ଖିଚିଙ୍ଗ ପରିଦର୍ଶନ କରି ସର୍ବପ୍ରଥମ କେତେକ ତଥ୍ୟ ଆବିଷ୍କାର କରିଥିଲେ । ସ୍ୱର୍ଗତ ଲେଫ୍‌ଟେନେଣ୍ଟ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ରାଜପଣ କାଳରେ ୧୯୨୨-୨୩ ସାଲରେ ପୁନଶ୍ଚ ଏଠାକାର କାର୍ଯ୍ୟ ଆରମ୍ଭ କରାଗଲା ଏବଂ କଲିକତାର ଭାରତୀୟ ଯାଦୁ ଘରର ପ୍ରତ୍ନତତ୍ତ୍ୱବିଭାଗୀୟ ସୁପାରିନଟେଣ୍ଡେଣ୍ଟ ରାୟ ବାହାଦୁର ଆର. ପି. ଚନ୍ଦଙ୍କ ତତ୍ତ୍ୱାବଧାନରେ ଖନନ କାର୍ଯ୍ୟ ନିୟମିତଭାବରେ ଚାଲିଲା । ଏହା ଫଳରେ କାରୁକାର୍ଯ୍ୟସମ୍ବଳିତ ଶହ ଶହ ପ୍ରସ୍ତର ଏବଂ ମୂର୍ତ୍ତି ଭୂଗର୍ଭରୁ ବାହାରିଲା । ୧୯୨୧ ସାଲଠାରୁ ଏଠାରେ ଗୋଟିଏ



Digitized by srujanika@gmail.com

ଯାଦୁଘର ନିର୍ମିତ ହୋଇଅଛି ଏବଂ ଅନେକ ମୂର୍ତ୍ତି ଓ କାରୁକାର୍ଯ୍ୟ ଖୋଦିତ ଶିଳାଖଣ୍ଡମାନ ଏଠାରେ ସଂରକ୍ଷିତ ହୋଇଅଛି ।




ଖିଚିଙ୍ଗ ବଡ ଦେଉଳର ପୁନର୍ନିର୍ମାଣ କାଳୀନ ଅନ୍ୟ ଗୋଟିଏ ଦୃଶ୍ୟ ।

୧୯୨୪-୨୫ ରେ ରାଜ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗ ଖୋଲା ଯାଇ ଖିଚିଙ୍ଗର ପ୍ରାଚୀନ କୀର୍ତ୍ତିଗୁଡ଼ିକର ସଂରକ୍ଷଣ କାର୍ଯ୍ୟରେ ମନୋନିବେଶ କରାଗଲା । ବର୍ତ୍ତମାନ ଚନ୍ଦ୍ରଶେଖର ଏବଂ କୁଟାଇଚଣ୍ଡି ମନ୍ଦିରଗୁଡ଼ିକର ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଅଛି ।

ବଡ ଦେଉଳର ପୁନରୁଦ୍ଧାର କାର୍ଯ୍ୟ ଭାରତର କେତେକ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ବହୁ ବ୍ୟୟସାପେକ୍ଷ ଓ କଷ୍ଟ-ସାଧ୍ୟ ବୋଲି ବିବେଚିତ ହେଉଥିଲେହେଁ ରାଜ୍ୟର ପ୍ରତ୍ନତତ୍ତ୍ୱ ବିଭାଗର ଯତ୍ନରେ ଏହାର ପୁନରୁଦ୍ଧାର କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲାଣି । ମନ୍ଦିରର ମୂଳଭିତ୍ତି ନିର୍ଦ୍ଧାରଣ କରି ଓ ମନ୍ଦିର ସଂକ୍ରାନ୍ତ ନାନା ବିଷୟ ପର୍ଯ୍ୟାଲୋଚନା କରି ୧୯୩୬ ସାଲରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରା ଯାଇଥିଲା । ଇତସ୍ତତଃ ବିକ୍ଷିପ୍ତ ପ୍ରସ୍ତରଗୁଡ଼ିକୁ ସଂଗ୍ରହ କରାଗଲା । ଖିଚିଙ୍ଗ ଯାଦୁଘରର କ୍ୟୁରେଟରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ମିସ୍ତ୍ରୀମାନଙ୍କୁ ଶିକ୍ଷା ଦିଆଯାଇ ଏହି ପୁନରୁଦ୍ଧାର କାର୍ଯ୍ୟରେ ନିଯୁକ୍ତ କରାଗଲା । ହଜି ଯାଇଥିବା ବା ନଷ୍ଟ ହୋଇ ଯାଇଥିବା ପ୍ରସ୍ତର ଗୁଡ଼ିକ ସ୍ଥାନରେ ନିକଟବର୍ତ୍ତୀ କେଶନା ମୁଗୁନି ପଥର ଖଣିରୁ ପ୍ରସ୍ତର ଅଣାଯାଇ ଖଞ୍ଜା ହୋଇଅଛି ଏବଂ ସେ ଗୁଡ଼ିକରେ ନକ୍ସା ବା ଖୋଦନ କାର୍ଯ୍ୟ ବାଦ୍ ଦିଆ ଯାଇଅଛି ।

ମହାମାନ୍ୟ ଓଡ଼ିଶା ଗଭର୍ଣ୍ଣର ମହୋଦୟ ଜାନୁଆରୀ ମାସ ୨୫ ତାରିଖରେ ଖିଚିଙ୍ଗ ପରିଦର୍ଶନ କରି ମୟୂରଭଞ୍ଜ ସରକାର ଯେଉଁ ପୁନରୁଦ୍ଧାର କାର୍ଯ୍ୟରେ ଲିପ୍ତ ଅଛନ୍ତି, ତତ୍ପ୍ରତି ଲକ୍ଷ୍ୟ କରି ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ ତାହା ଏଠାରେ ଉଦ୍ଧାର କରିବା ସମୀଚୀନ ହେବ ।

"ମହାରାଜାଙ୍କର ସଦୟ ସହାୟତାରେ ଖିଚିଙ୍ଗ ଦେଖିବାକୁ ସକ୍ଷମ ହୋଇ ମୁଁ ନିରତିଶୟ ପ୍ରୀତି ଲାଭ କରିଅଛି । ପ୍ରଧାନ ମନ୍ଦିରଟିର ପୁନର୍ଗଠନରେ ଯେଉଁ ଯାଗ ଅନୁଷ୍ଠିତ ହୋଇଛି ତାହା ମୁଁ ଆନନ୍ଦର ସହିତ ଲକ୍ଷ୍ୟ କରିଅଛି । ଖୁବ ସମ୍ଭବ ଏହି ଉପାୟରେ ପ୍ରଥମେ ମନ୍ଦିରଟି ନିର୍ମିତ ହୋଇଥିଲା । ଦିନେ ଯାହା ଭଗ୍ନସ୍ତୂପ ଥିଲା ତାହା କ୍ରମଶଃ ପୂର୍ବ ଅବସ୍ଥାକୁ ଫେରି ଆସୁଛି । ଏଥି ନିମନ୍ତେ ଯେଉଁ ଧୈର୍ଯ୍ୟ ଓ କୌଶଳ ପ୍ରୟୋଗ କରା ଯାଉଅଛି, ତାହାର ମୁଁ ସାଧୁବାଦ କରୁଅଛି । ସଭ୍ୟତାର ଏହି ପ୍ରାଚୀନ କେନ୍ଦ୍ରର ଅନୁସନ୍ଧାନ କରିବାକୁ ଆଉ ଯାହା ବାକି ରହିଲା ତାହା ପୂରଣ ହେବାର ଦେଖିବା ପାଇଁ ମଧ୍ୟ ମୁଁ ଅଗ୍ରହାନ୍ୱିତ ଏବଂ ଆଶାକରେଁ ଅଚିରେ ଏ ଦିଗରେ ଉଦ୍ୟମ ନିୟନ୍ତ୍ରିତ ହେବ । ଏହା ନିଶ୍ଚିତ ଯେ ଏଥିରୁ ଯେଉଁ ମୂଲ୍ୟବାନ ତଥ୍ୟ ମିଳିବାର



ବଡ଼ ଦେଉଳର କାରୁକାର୍ଯ୍ୟ ଖୋଦିତ ତୋରଣ ।

ଆଶା ତାହା ଭାରତ ଇତିହାସର ଏକ ଚମତ୍କାର ଅଧ୍ୟାୟରେ ଆଲୋକପାତ କରିବ ।"

## ପୁଷ୍ୟାଭିଷେକ ଉତ୍ସବ

ଗତ ଜାନୁଆରୀ ମାସ ୧୪ ତାରିଖ ଦିନ ଶ୍ରୀମନ୍ ମହାରାଜା ମହୋଦୟଙ୍କର ପୁଷ୍ୟାଭିଷେକ ଉତ୍ସବ ଯଥାବିଧି ସମ୍ପନ୍ନ ହୋଇଅଛି । ରାଜବାଟୀର ପ୍ରାଙ୍ଗଣରେ ସୁସଜ୍ଜିତ ଚନ୍ଦ୍ରାତପତଳେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବ ଦେଖିବା ପାଇଁ ସହରର ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ । ଶ୍ରୀମନ୍ ମହାରାଜା ମହୋଦୟ ସ୍ୱୟଂ ଉପସ୍ଥିତ ଥାଇ କୌଳିକ ରୀତି ଅନୁଯାୟୀ ପୂଜା ନିର୍ଘଣ୍ଟରେ ଯୋଗ ଦେଇଥିଲେ । ରାତିରେ କର୍ମଚାରୀ ଓ ଭଦ୍ରବ୍ୟକ୍ତିମାନଙ୍କ ପାଇଁ ରାଜପ୍ରାସାଦରେ ଏକ ଭୋଜିର ବ୍ୟବସ୍ଥା ହୋଇଥିଲା ।

## ମୟୂରଭଞ୍ଜର ଅର୍ଥନୈତିକ ସର୍ଭେ

ଷ୍ଟେଟ୍ ସେନସାସ୍ ଅଫିସରଙ୍କ ଏକ ରିପୋର୍ଟରୁ ଜଣାଯାଏ ଯେ ମୟୂରଭଞ୍ଜ ସରକାର ସେନସାସ୍ କାର୍ଯ୍ୟ ସଙ୍ଗେ ସଙ୍ଗେ ରାଜ୍ୟର ପ୍ରଜାମାନଙ୍କର ଆର୍ଥିକ ଅବସ୍ଥାର ସଠିକ୍ ବିବରଣୀ ଅବଗତ ହେବା ପାଇଁ ଏକ ଅନୁସନ୍ଧାନ ଚଳାଇଅଛନ୍ତି । ଜନଶୁମାରି କାର୍ଯ୍ୟ ସଙ୍ଗେ ସଙ୍ଗେ ଗୃହପାଳିତ ପଶୁ ଗୁଡ଼ିକର ଏକ ଶୁମାରି ହେବ ଏବଂ ଗ୍ରାମଗୁଡ଼ିକର ଆର୍ଥିକ ଅବସ୍ଥା ଜାଣିବା ପାଇଁ ନାନା ତଥ୍ୟ ସଂଗୃହୀତ ହେବ । ପ୍ରତ୍ୟେକ ଗ୍ରାମରେ ଘର ଘର ବୁଲି ସ୍ଥାନୀୟ କୁଟୀର ଶିଳ୍ପର ଅବସ୍ଥା ବିଷୟରେ ଅନୁସନ୍ଧାନ କରାଯିବ । ଏହାଛଡ଼ା ଗ୍ରାମର କେତେ ସଂଖ୍ୟକ ଗୃହସ୍ଥ କୃଷି କାର୍ଯ୍ୟ ବା ଶିଳ୍ପ କାର୍ଯ୍ୟରେ ବ୍ୟାପୃତ ଥାନ୍ତି: ଜଳସେଚନ ଓ ପାନୀୟ ଜଳର ସରବରାହ ପାଇଁ କେଉଁଠାରେ କି ସୁବିଧା ରହିଛି; ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକର ସଂଖ୍ୟା କେତେ; ଯଥାକ୍ରମେ ୧୯୬୧ ଓ ୧୯୪୧ ରେ ଆବାଦୀ ଜମିର ପରିମାଣ ଇତ୍ୟାଦି ନାନା ବିଷୟରେ ତଥ୍ୟ ସଂଗ୍ରହ କରିବାର ସରକାର ଆଶା କରନ୍ତି ।

## ଲାଭଜନକ ଉଦ୍ଭିଦ ସମ୍ବନ୍ଧରେ ଅନୁସନ୍ଧାନ

ଲାଭଜନକ ଉଦ୍ଭିଦ ସମ୍ବନ୍ଧରେ ଅନୁସନ୍ଧାନ କାର୍ଯ୍ୟ ୧୯୩୯ ଅପ୍ରେଲ ମାସ ଠାରୁ ଆରମ୍ଭ ହୋଇଅଛି ଏବଂ ଯେଉଁ ଉଦ୍ଭିଦ ଗୁଡ଼ିକ ଶିଳ୍ପ ଓ ବାଣିଜ୍ୟ ପାଇଁ ବ୍ୟବହୃତ ହୋଇ ପାରିବ ତାହା ଖୋଜ ବାହାର କରା ଯାଉଅଛି । ଯେପରି ଅତି ସାମାନ୍ୟ ଜଙ୍ଗଲଜାତ ପଦାର୍ଥ ଗୁଡ଼ିକର ମଧ୍ୟ ସୁବ୍ୟବହାର ହୋଇ ପାରିବ ଏହି ଉଦ୍ଦେଶ୍ୟରେ ଏ ଅନୁସନ୍ଧାନ ଚାଲିଛି ।

ଏ ପର୍ଯ୍ୟନ୍ତ ସଦର ଏବଂ ପାଞ୍ଚପୀଢ଼ ସବ୍‌ଡିଭିଜନର କେତେକ ସ୍ଥାନ ଛଡା ଅନ୍ୟାନ୍ୟ ସମସ୍ତ ଅଞ୍ଚଳ ଅନୁସନ୍ଧାନ କରା ଯାଇଅଛି ଓ ୭୦୦ ପ୍ରକାରର ଉଦ୍ଭିଦ ସଂଗୃହୀତ ହୋଇଅଛି । ତନ୍ମଧ୍ୟରୁ ୩୦୦ ପ୍ରକାରର ଉଦ୍ଭିଦ ଚିହ୍ନା ଯାଇଛି ଏବଂ ୧୬୨ ଗୋଟି ଔଷଧରୂପେ ତାଲିକାଭୁକ୍ତ କରା ଯାଇଅଛି । ଏ ସମସ୍ତ ପ୍ରାଥମିକ ଅନୁସନ୍ଧାନ କାର୍ଯ୍ୟ ଅଳ୍ପ ବର୍ଷକ ମଧ୍ୟରେ ଶେଷ ହେବାର ଆଶା କରାଯାଏ । ଏହା ଶେଷ ହେଲେ ପ୍ରତ୍ୟେକ ଉଦ୍ଭିଦକୁ ବିଶ୍ଳେଷଣ କରି ଦେଖାଯିବ ଓ ସେ ଗୁଡ଼ିକର ନାମ ଓ ବ୍ୟବହା[ର] ପୁସ୍ତିକାକାରରେ ପ୍ରକାଶିତ ହେବ ।

ମୟୂରଭଞ୍ଜରେ ବୈଦେଶିକ ଉଦ୍ଭିଦ ଗୁଡ଼ିକର ପ୍ରବର୍ତ୍ତନ ମଧ୍ୟ [ଏ] ଅନୁସନ୍ଧାନର ଅନ୍ୟତମ ପ୍ରଧାନ କାର୍ଯ୍ୟ । ଅଳ୍ପ କେତେ ଦିନ ମଧ୍ୟ[ରେ] ରାଜ୍ୟର ନାନା ସ୍ଥାନରେ ମେସ୍ତାପାଟ୍, ପାଇରେଥ୍ରମ୍ (କୀଟନାଶ[କ] ଉଦ୍ଭିଦ) ଚାଲମୁଗରା ପ୍ରଭୃତି କେତେକ ଉଦ୍ଭିଦ ପ୍ରବର୍ତ୍ତନ କ[ରା] ଯାଇଅଛି ଓ ସେ ଗୁଡ଼ିକ ଏଠାରେ ବେଶ୍ ବଢ଼ିବାର ଏବଂ କାଳକ୍ର[ମେ] ବେଶ୍ ଲାଭଜନକ ଫସଲ ହେବାର ଆଶା କରା ଯାଉଅଛି ।

## ଶିକ୍ଷା ବିସ୍ତାର ପାଇଁ ବୃତ୍ତିର ବ୍ୟବସ୍ଥା

ଶିକ୍ଷା ବିଭାଗର ଏକ ହିସାବରୁ ଜଣାଯାଏ ଯେ ମୟୂରଭ[ଞ୍ଜ] ସରକାର ସାଧାରଣ ଓ ବୈଷୟିକ ଶିକ୍ଷାର ପ୍ରସାର ନିମନ୍ତେ ବାର୍ଷିକ ପ୍ରାୟ ତେର ହଜାରରୁ ଅଧିକ ଟଙ୍କା ବ୍ୟୟରେ ୧୪୪ ବୃତ୍ତି ଖଞ୍ଜି ଅଛନ୍ତି । ଇଞ୍ଜିନିୟରିଂ (ସିଭିଲ, ମେକାନିକେଲ, ଇଲେକ୍ଟ୍ରିକେଲ, ଅଟୋମୋବାଇଲ) କୃଷି, ସ୍ୱାସ୍ଥ୍ୟ ଓ ଚିକିତ୍ସା, ବ୍ୟାଙ୍କିଙ୍ଗ୍ ଓ ଏକାଉଣ୍ଟେନ୍ସି, ବୟନ ଶିଳ୍ପ, ସର୍ଭେ, ରସାୟନ ଶି[ଳ୍ପ] ଓ ଭୂତତ୍ତ୍ୱ ପ୍ରଭୃତି ନାନା ବିଷୟରେ ବିଶିଷ୍ଟ ଜ୍ଞାନ ଲାଭ କରିବ[ା] ନିମନ୍ତେ ମହାରାଜା ପୂର୍ଣ୍ଣଚନ୍ଦ୍ର ମେମୋରିଏଲ ବୃତ୍ତି ପାଣ୍ଠିରୁ ଛା[ତ୍ର]ମାନଙ୍କୁ ବୃତ୍ତି ଦିଆ ଯାଉଅଛି ।

ରାଜ୍ୟରେ ସର୍ବତ୍ର ପ୍ରାଥମିକ ଶିକ୍ଷା ବିନା ବେତନରେ ଦି[ଆ] ଯାଏ ଏବଂ ଉଚ୍ଚ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କରେ ଗରିବ ଛାତ୍ରମାନଙ୍କ ବେତନ ପ୍ରାୟ ଛାଡ଼ ଦିଆ ହୁଏ । ବାରିପଦ[ା] ହାଇସ୍କୁଲ ସଂଲଗ୍ନ ଦରିଦ୍ର ଛାତ୍ରାବାସରେ ୧୪ ଜଣ ଛାତ୍ରଙ୍କୁ ବିନ[ା] ବ୍ୟୟରେ ଶିକ୍ଷା ଦିଆଯାଏ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଛା[ତ୍ର] ନିମ୍ନ ବା ଅନୁନ୍ନତ ଶ୍ରେଣୀର ଅନ୍ତର୍ଭୁକ୍ତ ।

ଏସବୁ ସୁବିଧା ଦେବା ଛଡ଼ା ଦୈବ ଓ ଉପଯୁକ୍ତ ଛାତ୍ରମାନଙ୍କ ପରୀକ୍ଷା ବା ପ୍ରବେଶ ଫି ରୂପେ ଆବଶ୍ୟକ ମତେ ସରକାର ସାହାଯ[୍ୟ] କରୁଥାନ୍ତି । ବହୁଳ ବୃତ୍ତିର ବ୍ୟବସ୍ଥା ଯୋଗୁଁ ଛାତ୍ରମାନେ ବୈଷୟିକ ବା ସାଧାରଣ ଶିକ୍ଷା ଲାଭ କରିବାର ଉତ୍ସାହ ପାଉଅଛନ୍ତି ଓ ରାଜ୍ୟରେ ସାକ୍ଷରତାର ପ୍ରସାର ବଢ଼ୁଛି, ଏଥିରେ ସନ୍ଦେହ ନାହିଁ ।

## ମଧ୍ୟ-ଇଂରାଜୀ ଓ ପ୍ରାଥମିକ ପରୀକ୍ଷା

ଗତ ନଭେମ୍ବର ମାସରେ ମୟୂରଭଞ୍ଜର ମଧ୍ୟ-ଇଂରାଜୀ ଓ ପ୍ରାଥମିକ ବିଦ୍ୟାଳୟ ସମୂହର ଯେଉଁ ବୃତ୍ତି ପରୀକ୍ଷା ହୋଇଥିଲ[ା] ସେଥିରେ ୧,୯୬୫ ଜଣ ଛାତ୍ର ଓ ୧୮୬ ଜଣ ଛାତ୍ରୀଙ୍କ ମଧ୍ୟରୁ ଯଥାକ୍ରମେ ୧,୬୦୪ ଜଣ ଓ ୧୬୨ ଜଣ ଛାତ୍ର ଛାତ୍ରୀ କୃତକାର୍ଯ୍ୟ ହୋଇ-ଅଛନ୍ତି, ଅର୍ଥାତ୍ ଶତକଡ଼ା ୮୨.୧ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ବର୍ଷ ୨,୦୧୬ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧,୬୮୧ ଜଣ ଉତ୍ତୀ[ର୍ଣ୍ଣ] ହୋଇଥିଲେ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

# CALCITHRIC VITAMIN 'D'

*Triple Salts of Calcium with 25 Units of Vitamin 'D'*

*for*

RICKETS, SCROFULA, TUBERCULOSIS AND

ALL WASTING DISEASES

# EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

---

## ଦେଶ ରକ୍ଷା ନିମନ୍ତେ ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରନ୍ତୁ

ଡିଫେନ୍ସ ଲୋନ କିଣିଲେ **ଆପଣ** ଦେଶ ରକ୍ଷା **ବ୍ୟବସ୍ଥାରେ** ସାହାଯ୍ୟ କରି ପାରିବେ । ଆପଣଙ୍କର ଦେଶ ସୁରକ୍ଷିତ ହେଲେ ଆପଣଙ୍କର ଘର, ପରିବାର-ବର୍ଗ ଓ ଧନସମ୍ପତ୍ତି ନିରାପଦ ହେବ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରିବା ସବାପେକ୍ଷା ନିରାପଦ, କାରଣ ପୂରାପୂରି ସୁଧ ସହ ପରିଶୋଧର ଦାୟିତ୍ୱ ଗଭର୍ଣ୍ଣମେଣ୍ଟ ନେଇ ଅଛନ୍ତି । ଏଥିରେ ଅର୍ଥ ନିୟୋଗ କଲେ ଦେଶ-ସେବା ଓ ସଞ୍ଚିତ ଅର୍ଥର ନିରାପତ୍ତା ଏହି ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ଏଥିଲାଗି ଆପଣଙ୍କୁ କୌଣସି ପ୍ରକାର ସ୍ୱାର୍ଥତ୍ୟାଗ କରିବାକୁ ହେବ ନାହିଁ । ଏହା ଆପଣଙ୍କର ଅର୍ଥ ସଞ୍ଚୟରେ ସାହାଯ୍ୟ କରିବ ଏବଂ ଠିକାର ବଜାରରେ ଦ୍ରବ୍ୟବୃଦ୍ଧିର ସହିତ ଏହାର କୌଣସି ସମ୍ବନ୍ଧ ରହିବ ନାହିଁ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କଲେ ଆପଣ, ଆପଣଙ୍କର ଅର୍ଥ, ପରିବାର-ବର୍ଗ ଓ ଦେଶ ସମସ୍ତ ସୁରକ୍ଷିତ ହେବ ।

---

# BHOLANATH DUTT & SONS

THE PREMIER PAPER HOUSE OF INDIA

*Tel:*—" PRIVILEGE " CALCUTTA. - PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*..anches :*—134 & 135 Old China Bazar Street, Calcutta. 64 Harrison Road, Calcutta. 1 Hewet Road, Allahabad, Chawk Benares. 58 Patuatuly, Dacca.


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

## ମୟୂରଭଞ୍ଜର ବୁଣା କାମ

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ ଓ ସୂତା** ନିର୍ମିତ ପଦାର୍ଥମାନ

## କୁଟୀର ଶିଳ୍ପ

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**

୨। ଦନ୍ତ ବୁଣା **ଚୌକି ଗଦି** ଏବ **ବିଛଣା ଗଦି**

୩। କପାସୂତାର **ଗାଲିଚ୍** ଓ ଅଭଙ୍ଗା କଟେଣ୍ଟେର

୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

## ବନ୍ୟଜାତ ଦ୍ରବ୍ୟ

୧। **ହାତୀଦାନ୍ତ**

୨। **ବୋଟେଇ ଟସର**

୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

Digitized by srujanika@gmail.com

# ଭଞ୍ଜପ୍ରଦୀପ

ବାରିପଦା, ଚୈତ୍ର ଓ ଆଷାଢ଼ ୧୩୪୮



PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual* - | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy* ,, | *0-3-0* | *(post free)* |
| | *0-5-0* | |

*Manager*— N.

# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।



ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲ, ଚଟ୍ଟଗାଙ୍ଗ୍ (୪) ପାତୁଆଟୋଲ ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୬୨/୪ ଷ୍ଟ୍ରାଣ୍ଡରୋଡ଼, ବୁରବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୁର ) ଏକ ତୋଳାକୁ—ଟ ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୫ ଅଣା**

ଏହା ଚର୍ମରୋଗନାଶକ, ରସାୟନିକ ବିଷନାଶକ, ମେଦନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


## ଡିଫେନ୍ସ ବଣ୍ଡ୍

ବାର୍ଷିକ ତିନ ଟଙ୍କା ସୁଧରେ ଶହେ ଟଙ୍କିଆ ଡିଫେନ୍ସ ବଣ୍ଡ୍ ମିଳୁଛି । ଯେଉଁମାନେ ଏହା କିଣିବାକୁ ଇଚ୍ଛା କରନ୍ତି ସେମାନେ ତାଙ୍କର ବ୍ୟାଙ୍କ ସାହାଯ୍ୟରେ କମ୍ବା ନିକଟବର୍ତ୍ତୀ ଟ୍ରେଜେରି ବା ସବ୍-ଟ୍ରେଜେରି ଜରିଆରେ ଆବେଦନ କରନ୍ତୁ ।

## ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ୍

ଦଶ ଟଙ୍କା ମୂଲ୍ୟ ଦେଇ ଗୋଟିଏ ସାର୍ଟିଫିକେଟ୍ କିଣିଲେ ୧୦ ବର୍ଷ ପରେ ଟ ୧୯୯ ଙ୍କା ମିଳିବ । ପ୍ରତ୍ୟେକ ବଡ଼ ବଡ଼ ପୋଷ୍ଟ ଅଫିସରେ ମିଳୁଅଛି ।

## ଡିଫେନ୍ସ ସେଭିଂସ୍ ବ୍ୟାଙ୍କ୍

ପ୍ରତ୍ୟେକ ପୋଷ୍ଟ ଅଫିସରେ—ଯେଉଁଠାରେ କି ସାଧାରଣ ସେଭିଂସ୍ ବ୍ୟାଙ୍କ କାରବାର ହୁଏ ସେଠାରେ ଡିଫେନ୍ସ ସେଭିଂସ୍ ବ୍ୟାଙ୍କ ଏକାଉଣ୍ଟ୍ ଖୋଲା ଯାଇ ପାରିବ ଏବଂ ଟ ୨୯ ଙ୍କା ଠାରୁ ଆରମ୍ଭ କରି ଟ ୧୦,୦୦୯ ଙ୍କା ପର୍ଯ୍ୟନ୍ତର ଏକାଉଣ୍ଟ ଖୋଲା ଯାଇ ପାରିବ । ଏଥିରେ ଶତକଡ଼ା ବାର୍ଷିକ ଟ ୨୪ ସୁଧ ମିଳିବ ।

## ଡିଫେନ୍ସ ସେଭିଂସ୍ ଷ୍ଟାମ୍ପ

ଚାରିଅଣା, ଆଠଅଣା ଓ ଏକଟଙ୍କା ମୂଲ୍ୟର ଡିଫେନ୍ସ ସେଭିଂସ୍ ଷ୍ଟାମ୍ପ ପ୍ରତ୍ୟେକ ପୋଷ୍ଟ ଅଫିସରେ ମିଳୁଛି ଓ ଏହା ସଙ୍ଗରେ ଗୋଟିଏ କାର୍ଡ ଦିଆ ଯାଉଛି । ଆପଣମାନେ ଆପଣଙ୍କ ଆର୍ଥିକ ଅବସ୍ଥାନୁସାରେ ଷ୍ଟାମ୍ପ କିଣି ଏହି କାର୍ଡରେ ଲଗାଉଥିବେ ଓ ଯେତେବେଳେ ସେ ଗୁଡ଼ିକ ଟ ୧୦ ଙ୍କାର ହୋଇଯିବ ସେତେବେଳେ ପୋଷ୍ଟ ଅଫିସରୁ ତା ବଦଳରେ ଗୋଟିଏ ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ ...ତ ଶ୍ରେଣୀ ଏବଂ ମଜୁରିଆମାନଙ୍କ ପକ୍ଷରେ ଏଥିରେ ଅର୍ଥ ଜମାଇବା ବିଶେଷ ସୁବିଧା ଜନକ ।

Digitized by srujanika@gmail.com

# ଭଞ୍ଜପ୍ରଦୀପ

ଦଶମ ଭାଗ ୩ୟ ଓ ୪ର୍ଥ ସଂଖ୍ୟା

## ସୂଚୀ-ପତ୍ର


| | | |
|---|---|---|
| | | ପୃଷ୍ଠା |
| ୧ । ଉପକ୍ରମଣିକା | ଶ୍ରୀ ମହେଶ୍ୱର ନାୟକ, ବି.ଏ. | ୧ |
| ୨ । ଦେଶର ମାଟି ( କବିତା ) | ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ, ଏମ୍.ଏ., ଡି.ଇଡି. | ୧୦ |
| ୩ । ମସ୍ତିଷ୍କ ଓ ବୁଦ୍ଧି | ଶ୍ରୀ ରାମକୃଷ୍ଣ ନନ୍ଦ, ବି.ଏ., ଡି.ଇଡି. | ୧୧ |
| ୪ । ଓଡ଼ିଆ ସାହିତ୍ୟରେ ଗଦ୍ୟଯୁଗ | ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ, ବି.ଏ. (ଲଣ୍ଡନ) | ୧୫ |
| ୫ । ସନ୍ଧ୍ୟା ଓ ଊଷା | ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା, ବି.ଏ. | ୧୭ |
| ୬ । ଫିରୋଜ ସାହାଙ୍କର ଜାଜନଗର ଅଭିଯାନ | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ବି.ଏସ୍.ସି., ଏମ୍.ଆର୍.ଏସ୍., ଏଫ୍.ଆର୍.ଏ.ଆଇ. | ୧୮ |
| ୭ । ବାଣୀ ( କବିତା ) | ଶ୍ରୀ ମହେଶ୍ୱର ନାୟକ, ବି.ଏ. | ୨୦ |
| ୮ । ନାରୀ-ସମସ୍ୟା | ଶ୍ରୀ ନବକିଶୋର ଦାସ, ବି.ଏ. | ୨୧ |
| ୯ । ମୟୂରଭଞ୍ଜର କୃଷି ଓ ଶିଳ୍ପ | ଶ୍ରୀ ରାଧାଗୋବିନ୍ଦ ଦାସ, ଏମ୍.ଏ., ବି.ଏଲ୍. | ୨୬ |
| ୧୦ । ପ୍ରତ୍ୟାଖ୍ୟାନ ( ଏକାଙ୍କିକା ) | ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ | ୨୯ |
| ୧୧ । ବୁଦ୍ଧଦେବଙ୍କ ଦେଶ | ଶ୍ରୀ କାଳନ୍ଦୀ ପାଣିଗ୍ରାହୀ, ବି.ଏ., ବି.ଇଡି. | ୩୩ |
| ୧୨ । ଦେଶୀୟ ରାଜ୍ୟ ସମାଚାର | ସ. ସ. | ୩୮ |
| ୧୩ । ସମ୍ବାଦ ଓ ସଙ୍କେତ | ସ. ସ. | ୪୨ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । ନବନିର୍ମିତ ପ୍ରଦର୍ଶନୀ ଗୃହର ଏକ ପାର୍ଶ୍ୱର ଦୃଶ୍ୟ | | ପ୍ରଚ୍ଛଦପଟ |
| ୨ । "ନରେଣ୍ଡିବା ଆଗରୁ ତନୟ ମୁଁ" | ଶିଳ୍ପୀ—ପ୍ରଶାନ୍ତ କୁମାର ମହାନ୍ତି | ୧ମ ପୃଷ୍ଠାର ସମ୍ମୁଖ |
| ୩ । ବିଭିନ୍ନ ପ୍ରାଣୀମାନଙ୍କର ମସ୍ତିଷ୍କ | | ୧୩ |
| ୪ । ଶ୍ରୀମନ୍ ମହାରାଜା ମହୋଦୟ ଓ ସମ୍ଭ୍ରାନ୍ତ ଭଦ୍ରବ୍ୟକ୍ତିମାନେ ବାର୍ଷିକ ପୋଲିସ ପରେଡ୍ ଦେଖୁଅଛନ୍ତି | | ୪୩ |
| ୫ । ଶିଶୁ ମିଳନୀରେ ସମବେତ ବାଳକ ବାଳିକାମାନେ | | ୪୪ |
| ୬ । ପାଲା ଗାଅଣ | | ୪୪ |
| ୭ । କ୍ରୀଡ଼ାକୌତୁକ ପ୍ରତିଯୋଗିତାରେ ପୁରସ୍କୃତ ବାଳକ ବାଳିକାମାନେ | | ୪୫ |
| ୮ । ପ୍ରଦର୍ଶନୀ ପ୍ରାଙ୍ଗଣ | | ୪୫ |
| ୯ । କୃଷକ ( ଚଷାଭାଇ ) | | ୪୬ |
| ୧୦ । କୃଷି ବିଭାଗର ସାହାଯ୍ୟରେ ଉତ୍ପନ୍ନ ଏକ ନୂତନ ଫସଲ | | ୪୭ |
| ୧୧ । ପ୍ରଦର୍ଶନୀରୁ ଆଣିତ କୃଷି ସମ୍ଭାରର ଏକାଂଶ | | ୪୭ |
| ୧୨ । ଶିଳ୍ପ ବିଭାଗ ଦ୍ୱାରା ପ୍ରଦର୍ଶିତ ସୂତା, ତସର ଓ ସିଲ୍କ ଲୁଗାର ସମ୍ଭାର | | ୪୮ |
| ୧୩ । ପ୍ରଦର୍ଶନୀର ଶେଷ ଉତ୍ସବର ଦୃଶ୍ୟ | | ୪୮ |
| ୧୪ । ସ୍ୱର୍ଗତ ରାୟ ବାହାଦୁର ହରଦାସ ବୋଷ | | ୪୯ |
| ୧୫ । ରଥଯାତ୍ରାର ଏକ ସାଧାରଣ ଦୃଶ୍ୟ | | |


———0———

Digitized by srujanika@gmail.com




'ନ ଦେଖିବା ଆଗରୁ ତନୟ ମୁଖ'
ଶିଳ୍ପୀ—ଶ୍ରୀ ପ୍ରଶାନ୍ତ କୁମାର ମହାନ୍ତି

ବ୍ଲକ୍ ପ୍ରେସ୍, ବାଲିପଦା ।

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

ଚୈତ୍ରପର୍ବ ଓ ରଥଯାତ୍ରା ସଂଖ୍ୟା

ଦଶମ ଭାଗ | ଚୈତ୍ର ଓ ଆଷାଢ଼, ସନ ୧୩୪୮ ସାଲ | ୩ୟ ଓ ୪ର୍ଥ ସଂଖ୍ୟା


## ତପସ୍ୱିନୀ

ଶ୍ରୀ ମହେଶ୍ୱର ନାୟକ

ସୀତା "ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ କିପରି ଦୃଢ଼ତର ଓ ଉଚ୍ଚତର କରିଥିଲେ—ବନବାସକୁ ପତିହିତସାଧିନୀ ତପସ୍ୟାରେ ପରିଣତ କରି ତପସ୍ୱିନୀରୂପେ କିପରି ଦିନ ଯାପନ କରିଥିଲେ ତାହା ପ୍ରକଟ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ ।"

ତାଙ୍କର ଉଚ୍ଚ ଚରିତ୍ର ପ୍ରକଟ କରିବାରେ କୃତକାର୍ଯ୍ୟ ହେବାର ଆଶା କବି ତ୍ୟାଗ କରିଥିଲେ—ସୀତା ଯେପରି ସ୍ୱାମୀଙ୍କର କରୁଣାଲାଭର ଆଶା ତ୍ୟାଗ କରିଥିଲେ । ତଥାପି ଫଳପ୍ରତ୍ୟାଶୀ ନ ହୋଇ କର୍ମରେ ମାନବର ଯେତିକି ଅଧିକାର ସେତିକି ନେଇ "ତପସ୍ୱିନୀ"ର କବି ଗଙ୍ଗାଧର ତପସ୍ୱିନୀ ସୀତାଙ୍କ ଉଚ୍ଚ ଚରିତ୍ର ପରିସ୍ଫୁଟ କରି ଯେଉଁ ସାଫଲ୍ୟର ମୁକୁଟ ଲାଭ କରିଅଛନ୍ତି, ତାହା ଖାଲି ଉତ୍କଳ ସାହିତ୍ୟର ନୁହେ, ବିଶ୍ୱସାହିତ୍ୟର ମଧ୍ୟ ଗର୍ବ କରିବାର ଜିନିଷ । କବିଙ୍କର ପୂର୍ବୋକ୍ତ ଉଦ୍ଦେଶ୍ୟ କେଉଁ ପରିମାଣରେ ସାଧିତ ହୋଇ ପାରିଛି, ତାହାହିଁ ଏ ପ୍ରବନ୍ଧର ଆଲୋଚ୍ୟ ବିଷୟ ।

ସୀତା ନିର୍ବାସିତା, ବିପିନ ଭିତରେ ଭାଗୀରଥୀ ବହୁଅଛି, ତାହାର କୂଳରେ ଉଭା ହୋଇ ଗାଢ଼ ମନୋଦୁଃଖରେ ସେ ଅଯୋଧ୍ୟାମୁଖରେ ଚାହିଁଥିଲେ ! ନେତ୍ର-ନୀର-ଝର ଅବିରଳ ବହି ତାଙ୍କର ବକ୍ଷ ଉପରେ ପଡୁଥିଲା ; ସତେ ଯେପରି କଷାନ୍ତ୍ରକର ଶୀକର-ସରସୀ-ଉରସରେ ପଡି ପ୍ରଦୋଷ ସାରସକୁ ସିକ୍ତ କରୁଛି । ଏହିଠାରେହିଁ କାବ୍ୟବସ୍ତୁର ଆରମ୍ଭ । ବିଷୟଟି ସେହି ମହାକାବ୍ୟ ରାମାୟଣରୁ ଗୃହୀତ । ସୁତରାଂ ଅସାଧାରଣ ବା କାହାର ଅଜଣା ନୁହେ—ବସ୍ତୁତଃ ସର୍ବଜନପ୍ରିୟତା ହିସାବରେ କହିବାକୁ ହେବ ଅତି ସାଧାରଣ ।

କାବ୍ୟର ବର୍ଣ୍ଣନୀୟ ବିଷୟ କବିଙ୍କର ନିଜ ଉଦ୍ଭାବିତ ହେଉ ବା ତାହା ସେ କାହାର ପାଖରୁ ଗ୍ରହଣ କରନ୍ତୁ, ସେଥିରେ କାବ୍ୟର କିଛି ଯାଏ ଆସେ ନା, ଯଦି ତାହା ଅବିକଳ ଚୋରି ନୁହେଁ । କିନ୍ତୁ କବିଙ୍କର ବାହାଦୁରି ସେଇଠି, ଯେଉଁଠି ସେ ଅନ୍ୟଠାରୁ ଗୃହୀତ ବିଷୟକୁ ନିଜାୟତ୍ତ କରି ପୁଣି ନିଜର ଛାପ ଦେଇ ନୂତନ କରି ଗଢି ନିଅନ୍ତି । ହୋମର୍, ସେକ୍ସପିଅର,

Digitized by srujanika@gmail.com

କାଳିଦାସ, ଉପେନ୍ଦ୍ର ଭଞ୍ଜ, ରବୀନ୍ଦ୍ର ସମସ୍ତେ ପ୍ରାଚୀନ କାବ୍ୟମାନଙ୍କରୁ ଅବାଧରେ ବିଷୟବସ୍ତୁ ଗ୍ରହଣ କରିବାକୁ ସଙ୍କୋଚ କରି ନାହାନ୍ତି । ଅଥଚ ସୁପରିଚିତ ବିଷୟ ଗୁଡ଼ିକ କାବ୍ୟକୁଞ୍ଜରେ ତାଙ୍କର ଆସନକୁ କ୍ଷୁଣ୍ଣ ନ କରି ନିଶ୍ଚିତ କରିଅଛି । ଆମ୍ଭମାନଙ୍କର "ତପସ୍ୱିନୀ"ର କବି ଗଙ୍ଗାଧର ମଧ୍ୟ ସେହି ଚିରାଚରିତ ପନ୍ଥାର ଅନୁସରଣ କରି ଉପସ୍ଥିତ କାବ୍ୟ ରଚନା କରିଅଛନ୍ତି । ପାଠକ ବା ସମାଲୋଚକଙ୍କର ଦେଖିବାର କଥା ସେ ଏଥିରେ ନିଜର କେତେ ଦୂର ଫୁଟାଇ ପାରିଛନ୍ତି ।

ନିର୍ବାସିତା, ଏକାକିନୀ, ସାର୍ଥୀସହାୟବିହୀନା ନାରୀ ନିବିଡ଼ ନିର୍ଜନ ବନରେ । ଗଭୀର ଦୁଃଖର ଦାରୁଣ ପ୍ରହାରରେ ବ୍ୟାକୁଳ, ଜର୍ଜରିତ, 'ହା ନାଥ !' ଅତି ବ୍ୟାକୁଳରେ କହି ଅବଶରେ ବସୁନ୍ଧରା ତଳେ ବସୁଁ ବସୁଁ,

"ସଂଜ୍ଞା ବିରହିତ ହୋଇ ପଡ଼ିଲେ ଉତ୍ତାନେ,
ନ ଥିଲେ ଧରିବା ପାଇଁ କେହି ସନ୍ନିଧାନେ ।"

କବିଙ୍କର କୋମଳ ପ୍ରାଣରେ ବଡ଼ ଆଘାତ ଲାଗିଲା । ସମବେଦନାରେ କବିଙ୍କ ହୃଦୟ ତରଳି ଗଲା—ଲେଖନୀ ମୁନରୁ କୋମଳ କରୁଣାବାରି ଗଳି ପଡ଼ିଲା—ସ୍ୱାଭାବିକ ସହାନୁଭୂତିର କରୁଣ କଣ୍ଠରେ କବି ଗାଇଲେ—

"ଶତ ଶତ ସେବିକା ଯା ସେବୁଥିଲେ ପଦ
କେଣେ ନ ଦେଖିଲେ ତାର ଦାରୁଣ ଆପଦ ।
ଅହୋ ! ନିୟତିର ଏହି ଇଙ୍ଗିତ କି ରୀତି !"

ଏତେ ତୀକ୍ଷ୍ଣ ଏତେ ବଡ଼ ଦୈନ୍ୟରେ ସାଧାରଣ ନାରୀ ପ୍ରତି ସୁଦ୍ଧା ଦୟା ଆସିବାର କଥା—ସୀତା ତ ସହଜେ ରାଜରାଜେଶ୍ୱରୀ । ତାଙ୍କର ଏହି ନିଃସହାୟତା କବିଙ୍କର କେବଳ ପୂର୍ବ ଦୁଇ ପଂକ୍ତିରେ ଯେପରି ମର୍ମସ୍ପର୍ଶୀ ହୋଇ ଉଠିଛି, ବର୍ଣ୍ଣନାଭଙ୍ଗୀର ସହଜ ସ୍ୱାଭାବିକ ସାରଲ୍ୟ ସେହି ପରିମାଣରେ କବିସମାଜରେ ଗଙ୍ଗାଧରଙ୍କ ଆସନକୁ ବିଶେଷିତ କରିଅଛି । କବିଙ୍କ ସଙ୍ଗେ ପାଠକର ପ୍ରାଣ ସୁଦ୍ଧା ଶୋକ କରିବାକୁ ବ୍ୟାକୁଳ ହୋଇ ଉଠିଛି ।

ସୀତାଙ୍କର ଉତ୍ତାନ ଶୟନ ଚିତ୍ରରେ ପ୍ରକୃତି ଶୋକମଗ୍ନା; ତତ୍-ସଙ୍ଗେ କବିଙ୍କର ପ୍ରକାଶକୁଶଳହସ୍ତ ସୂର୍ଯ୍ୟଙ୍କୁ ସୁଦ୍ଧା ଜଡ଼ିତ କରିବାକୁ ଛାଡ଼ି ନାହାନ୍ତି—

"ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଶୁଣି"
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ ।

ରାମଚନ୍ଦ୍ର ସୂର୍ଯ୍ୟବଂଶୀ—ତେଣୁ ସୀତା ସୂର୍ଯ୍ୟଙ୍କର କୁଳବଧୂ । କବିଙ୍କ କବିତାଚାତୁରୀ ଏହିଠାରେ ବଂଶର ପ୍ରଥମ ପୁରୁଷଙ୍କୁ ଉପସ୍ଥିତ କରାଇ ସୀତାଙ୍କର ଦୈନ୍ୟର ତୀବ୍ରତା ଅନୁଭବ କରିବାକୁ ପାଠକଙ୍କୁ ସୁଯୋଗ ଦେଇଅଛି ।

ସଂଜ୍ଞା ଲାଭ ପରେ ସୀତା ନିରାଶ—ସୀତା କାତର—ଦଶ ଦିଗ ତାଙ୍କୁ ଦେଖାଗଲା ଖାଲି ରାମଚନ୍ଦ୍ରମୟ—ପ୍ରଭୁ ବିଷଣ୍ଣହୃଦୟ ହୋଇ ବସିଛନ୍ତି । ପୁଣି ସେ ଦେଖିଲେ:—

"ଯୁଗ୍ମ କରେ ଆଗେ ଉଭା ସୁଧୀର ଲକ୍ଷ୍ମଣ
ହୋଇଛନ୍ତି ଦୁହିଁଙ୍କ ନେତ୍ର ଲୋତକ ପୂରଣ ।
ନ ପାରନ୍ତି ପୁଚ୍ଛି ରାମ ସୀତାଙ୍କ ଖବର
କହିବାକୁ ବାକ୍ୟ ସ୍ଫୁରୁ ନାହିଁ ଲକ୍ଷ୍ମଣର ।"

ସ୍ୱାମୀ, ଦେବର ଉଭୟଙ୍କ ପ୍ରାଣରେ ଯେ ଆଘାତ ଲାଗିଛି ସୀତାଙ୍କର ନିଶ୍ଚୟ ବୁଝିବାରେ ବାଧ ନାହିଁ ।

"ରବିଙ୍କ ଗୃହାନ୍ତେ ରବିକୋଳେ ରଘୁନାଥ
ନତ ମୁଖେ ବସିଛନ୍ତି ଶିରେ ଦେଇ ହାତ ।
ଦିଶିଲା ପଡ଼ନ୍ତେ ନେତ୍ର ଭାଗୀରଥୀ ପ୍ରତି
ଚାଲିଛନ୍ତି ଭଗୀରଥ ପଛେ ରଘୁପତି ।
ଗଙ୍ଗାଧାର ସମ ରାମ ନେତ୍ର ଜଳରାଶି
ତହିଁ ଯାନ୍ତି ରାମ ଥରେ ମଜ୍ଜି, ଥରେ ଭାସି ।"

କୋମଳପ୍ରାଣା ନାରୀ ପାଷାଣ ପରି, ସବୁ ସହିପାରେ । କିନ୍ତୁ ଯେଉଁଟି ମାତୃପ୍ରାଣରେ ଆଘାତ ଲାଗେ ସେଇଟି ସେ ବିଦ୍ରୋହୀ ହୋଇ ଉଠେ । ଭୂତରାଂ ଆସନ୍ନମାତୃତ୍ୱର ଭାବନା ଯେତେବେଳେ ତାଙ୍କ ପ୍ରାଣକୁ ଛୁଇଁଲା ସେ ଆଉ ସମ୍ଭାଳି ପାରିଲେ ନାହିଁ । ଶୋକର ମହା ଆବେଗରେ ତାଙ୍କ ନୟନରୁ ଅବିରଳ ଧାରାରେ ଅଶ୍ରୁ ବୃଷ୍ଟି ହେଲା । ଏହି ତ ନାରୀତ୍ୱ ! ଏହି ତ ମାତୃତ୍ୱ !!

ଶ୍ୟାମଦୂର୍ବାରେ ଶ୍ରୀରାମଚନ୍ଦ୍ରଙ୍କ ରୂପର ସାମଞ୍ଜସ୍ୟ ଲକ୍ଷ୍ୟ କରି ପାଷାଣକୁ ଯିବା ପାଇଁ ତାଙ୍କର ମନ ବଳିଲା । ହାୟରେ ନାରୀର ଅଭିମାନ ! ମାତ୍ର ପାରିଲେ ନାହିଁ । ରୋଦନର ଆବେଗ ସମ୍ଭାଳିବା ମଧ୍ୟ ତାଙ୍କ ପକ୍ଷରେ ଅସମ୍ଭବ ହୋଇ ଉଠିଲା । ଅବଳାର ବିଳାପରେ ସେ ବନ ସ୍ତବ୍ଧ କରି ଦେଲେ ।

କବିଙ୍କ ନିଜ ଭାଷାରେ ସୀତାନିର୍ବାସନକୁ ନିଜ ଭାଗ୍ୟଦୋଷ ବୋଲି ଧରି ଦେଇ ନିଜ ବାହୁନା ବିଳାପ ମଧ୍ୟରେ ଯେଉଁ ଭାବମାନ ଅଭିବ୍ୟକ୍ତ କରିଛନ୍ତି ତହିଁରେ ତାଙ୍କ ଚରିତ୍ରର ମହନୀୟତା, ତାଙ୍କ ହୃଦୟର ଅନାବିଳତା ଠିକ୍ ଅନଳରେ ପରୀକ୍ଷିତ କାଞ୍ଚନ ପରି ଅଧିକତର ଦାଉ ଦାଉ କରି ଜଳି ଉଠିଛି । ନିର୍ଯ୍ୟାତିତର ନିର୍ଯ୍ୟାତନକାରୀ ପ୍ରତି ଘୃଣା, ବିରକ୍ତି ବା ବିଦ୍ରୋହ ପ୍ରକାଶ୍ୟରେ ନ ହେଲେ ସୁଦ୍ଧା ଅନ୍ତର ବା ମନ ମଧ୍ୟରେ ଆନର ଅଜ୍ଞାତରେ ରହି ଯିବା ସ୍ୱାଭାବିକ । କିନ୍ତୁ 'ତପସ୍ୱିନୀ'ର ସୀତା—ସେ ଏହି ବିଷମ ସଙ୍କଟାକୁଳ କ୍ଷଣରେ ଶବ୍ଦଟିଏ ସୁଦ୍ଧା ଉଚ୍ଚାରଣ କରି ନାହାନ୍ତି, ଯାହା ସ୍ୱାମୀଙ୍କ ଉପରେ ରେଖାଏ ମାତ୍ର ଦୋଷ ତ୍ରୁଟିର ଛାୟା ପକାଇବ । ଅଧିକନ୍ତୁ ସ୍ୱାମୀଙ୍କର ସଦ୍‌ଗୁଣାବଳୀ ପ୍ରତ୍ୟେକ ଗୋଟିଏ ଗୋଟିଏ ସମୁଜ୍ଜ୍ୱଳ ଜ୍ୟୋତିଷ୍କ ପରି ଏହି ନିର୍ବାସିତାର ଚକ୍ଷୁ ଆଗରେ ଦେଦୀପ୍ୟମାନ । କବି ଏହି ନିଷ୍କଳଙ୍କ ଚରିତ୍ର ବଡ଼ ଦକ୍ଷତାର ସହ ଅଙ୍କଣ କରି ନିଜର ତୂଳିକାଟିକୁ ପବିତ୍ର କରିଛନ୍ତି ।

ସୀତା ନିଜ ଜୀବନରେ ସ୍ୱାମୀପ୍ରେମ ପୂର୍ଣ୍ଣଭାବରେ ଭୋଗ କରିଅଛନ୍ତି; ଯେତେଦିନ ସେ ସ୍ୱାମୀଙ୍କର ସାମୀପ୍ୟଲାଭ କରିଛନ୍ତି,

Digitized by srujanika@gmail.com

ସ୍ୱାମୀସାମୀପ୍ୟର ଯେଉଁ ମାଧୁରୀ ତାହାର ଅଭାବରେ ସେ ଆପଣାର ଜୀବନଟା ତିକ୍ତ ହୋଇ ଉଠିଛି ତାହା ସେ ଷୋଳପଣ ଅନୁଭବ କରି ପାରୁଛନ୍ତି । ସ୍ୱାମୀ ସହିତ ସୁଖର ଦିନ ଗୁଡ଼ିକ ତାଙ୍କ ମନଶ୍ଚକ୍ଷୁ ଆଗରେ ଯେତିକି ପ୍ରତିଭାତ ହେବାକୁ ଲାଗିଲା, ଆଉ ସେ ଯେତିକି ତାର ଅଭାବ ଅନୁଭବ କଲେ, ସେତିକି ସ୍ୱାମୀ ମନେ ହେଲେ ଗୋଟାଏ ଅପାର୍ଥିବ ବସ୍ତୁ—ଦେବତାର ଆଶୀର୍ବାଦ ଯେପରି ତାଙ୍କର ପ୍ରାଣକୁ ସରସ କରିବା ପାଇଁ ଯେପରି ତାଙ୍କ ସହିତ ଏହାଙ୍କର ସଂଯୋଗ ଘଟିଥିଲା । ଏତେ ବଡ଼ ପ୍ରେମପ୍ରବଣ ହୃଦୟ ଆଜି ବଜ୍ରଠୁଁ କଠିନ ହୋଇ ଉଠିବ, ଆଉ ଯେଉଁ ସ୍ୱାମୀ ପତ୍ନୀର ଫୁଲ ପରି ସୁକୁମାର ହୃଦୟରେ ଆଘାତ ଲାଗିବ ବୋଲି ମନେ ହେଲେ କଟୁ ବ୍ୟବହାର କରିବାକୁ କଷ୍ଟ ଅନୁଭବ କରନ୍ତି, ସେ ହିଁ ତାଙ୍କର ନିର୍ବାସନବିଧାନ କରିବେ, ଏଟା ଯେତିକି ତାଙ୍କର ଅନୁମାନର ଅତୀତ ହୋଇ ଉଠୁଥିଲା, ସେତିକି ତାଙ୍କର ପତି-ଅନୁରାଗ ବଳବତ୍ତର ହୋଇ ଉଠୁଥିଲା । ଦୋଷାରୋପ କରିବା ଦୂରେ ଥାଉ, ଅଣୁ ପ୍ରମାଣେ ଆକ୍ଷେପ ସୁଦ୍ଧା ନ କରି ସ୍ୱାମୀଙ୍କର ଅଚଳା ପ୍ରୀତିର ଯେଉଁ ବିଶ୍ଳେଷଣ ସୀତା ତାଙ୍କ ସେହି ଭାଗୀରଥୀ ତୀର ବନବାହୁନାରେ କରି ଯାଇଅଛନ୍ତି, ତାହାର ପଟାନ୍ତର ସୁଦୁର୍ଲଭ, ନାହିଁ କହିଲେ ହୁଏ । ଗୁଣକୀର୍ତ୍ତନ ସଙ୍ଗେ ସଙ୍ଗେ ସ୍ୱାମୀଙ୍କର ନିର୍ଦ୍ଦୋଷତ୍ୱ ଓ ନିଷ୍କଳଙ୍କତ୍ୱ ପ୍ରତିପାଦିତ କରି ଏକାନୁଗତ ପତ୍ନୀତ୍ୱର ଯେଉଁ ମହୋଚ୍ଚ ଆଦର୍ଶ ସେ ଦେଖାଇ ଯାଇଛନ୍ତି ସେହି ବିଶେଷତ୍ୱ ଯେପରି "ତପସ୍ୱିନୀ" ଆଜି ପ୍ରତି ପାଠକଙ୍କୁ ମୁଗ୍ଧ କରୁଅଛି—ନିତ୍ୟ ନୂତନ ରୂପରେ ।

ନାରୀର ସବୁ ନିକୃଷ୍ଟ ଦୁଃଖ ପତି ନିକଟରୁ ଅନ୍ତର ହେବା । ଅଥଚ ନିଜର ଦୁଃଖ ତାଙ୍କ ଆଖିରେ ପଡ଼ୁନାହିଁ; ପଡ଼ୁଛି ସ୍ୱାମୀଙ୍କର ଦୁଃଖ । ଆଉ କିଛି କହିବା ଆଗରୁ ସେ କହୁଛନ୍ତି

........."ହା ହା ପ୍ରାଣେଶ୍ୱର
କରୁଣା ସରିତ ପତି, ସ୍ନେହ ଜଳଧର,
କି ଭୁଲ୍‌ଭ୍ରମେ ଧରିଥିଲ ଅଭାଗିନୀ କର
ତା ଲାଗି ଆଲୟ ହେଲ ଦାରୁଣ ଦୁଃଖର ।"

ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ର ବନକୁ ଗଲାବେଳେ ସୀତାହିଁ ତାଙ୍କର ଅନୁଗାମିନୀ ହେବାକୁ ପ୍ରାର୍ଥିନୀ ହୋଇଥିଲେ । ଅଥଚ

"କାନନ ଭ୍ରମଣେ ପଦ ଶୃଙ୍ଖଳ ନ ମଣି
ସ୍ନେହେ ସଙ୍ଗେ ନେଲ ମୋତେ ଶିର ଚୂଡ଼ାମଣି ।"

କହିବା ଦ୍ୱାରା ସେ ସ୍ୱାମୀଙ୍କ ହୃଦୟର ଉଦାରତା ଦେଖାଇ ତାଙ୍କୁ ହିଁ ବଡ଼ ବୋଲି ପ୍ରତିପାଦିତ କରିଛନ୍ତି ।

"ଛାର ମୋର ସ୍ନେହେ ପଡ଼ି ଲଙ୍ଘି ମହାର୍ଣ୍ଣବ
ଦଶବଦନର ସଙ୍ଗେ କଲ ମହାହବ ।
ସହିଲ ତହିଁରେ କେତେ ମହାସ୍ତ୍ର ପ୍ରହାର
ମଣୁ ଥିଲ ସେ କ୍ଷତକୁ ହୃଦୟର ହାର ।

ସେ ହାର ପଦକ ପାଇଁ ଉପଯୁକ୍ତ ମଣି
ମୋତେ ରଖୁଥିଲ ତହିଁ କରି ମଧ୍ୟ ମଣି ।
କ୍ଷତ ତପ୍ତ ଗୃହିଁ ମୋର କ୍ଷୋଭ ହେଲେ ମନେ
ତୋଷୁ ଥିଲ ସଦା ସ୍ନେହ-ପୂରିତ ବଚନେ ।
ବୋଲୁଥିଲ ରଣଯଜ୍ଞେ ଦେଇ ରକ୍ତାହୁତ
ଲଭିଅଛୁ ପରା ତୋତେ ଦୁର୍ଲଭ ଅମୃତ ।"

ଏହିସବୁ ସ୍ମୃତିର ଅନୁଭାବନା ସ୍ୱରୂପ ସତୀଙ୍କ ହୃଦୟରେ
"ମେଣ୍ଟି ନାହିଁ ଅଦ୍ୟାପି ସେ ଶର ମୃଙ୍କ ଚିହ୍ନ
ମୁହିଁ ଅଭାଗିନୀ, ହାୟ ! ହୋଇଗଲି ଭିନ୍ନ ।"

ଏହି ଯେ ଭାବର ଉଦ୍ଭବ ତାହାହିଁ ତାଙ୍କର ଆସନ ସତୀ ସମାଜର ବହୁ ଉର୍ଦ୍ଧ୍ୱକୁ ଉନ୍ନୀତ କରି ଦେଇଛି । "ହାୟ ହୋଇ ଗଲି" ସ୍ଥାନରେ ଯଦି "ମୋତେ କରି ଦେଲ" ବା ସେଇପରି ଅନ୍ୟ କିଛି ବସିଥାନ୍ତା ତେବେ ତଦ୍ୱାରା ରାମଙ୍କ ଚରିତ୍ର ଉପରେ ଆକ୍ଷେପ ପଡ଼ିଥାନ୍ତା ଏବଂ ତତ୍‌ସଙ୍ଗେ ସୀତାଙ୍କ ହୃଦୟର ମହନୀୟତା କ୍ଷୁଣ୍ଣ ହୋଇ ପଡ଼ିଥାନ୍ତା । କିନ୍ତୁ କବି ତାହା ନ କରି ଲୁହାଇଛନ୍ତି "ମୁହିଁ ଅଭାଗିନୀ ହାୟ ହୋଇ ଗଲି ଭିନ୍ନ ।" ମହିଁରୁ ପାଠକେ ଜାଣିବେ, ଏହି ନିର୍ବାସନରେ ରାମଙ୍କର କନିଷ୍ଠତ୍ୱ ମଧ୍ୟ ନାହିଁ—ଅଥଚ ସୀତାଙ୍କର ଉଚ୍ଚ ଚରିତ୍ର ଫୁଟି ଉଠିଅଛି, ଉଚ୍ଚତର ଓ ଉଦାରତର ହୋଇ । ଏହାକୁହିଁ କହିବାକୁ ହେବ ପ୍ରଥମ ଶ୍ରେଣୀର ଅଭିବ୍ୟକ୍ତି । ଅନ୍ୟେତରକୁ ବଡ଼ କରି ଦେଖି ଓ ଦେଖାଇ ନିଜେ ବଡ଼ ହେବାର ମହତ୍ତ୍ୱ ଖୁବ୍ କମ୍ ଚରିତ୍ରରେ ଘଟିଥାଏ କିନ୍ତୁ ତାହାହିଁ ଘଟିଛି ସୀତାଚରିତ୍ରରେ । ପତିପ୍ରାଣା ପତ୍ନୀର ବିରହରେ ରାମଙ୍କ ପ୍ରାଣରେ ବେଦନାର ଆଘାତ ଲାଗିବ ସୀତା ବୁଝିଛନ୍ତି, ଏଣୁ ସ୍ୱଦୁଃଖରେ ଉଦାସୀନା ତାଙ୍କ ମୁଖରୁ ଅଜ୍ଞାତରେ ବାହାରି ପଡ଼ୁଛି—

"ମୋ ସ୍ମୃତି ମେଣ୍ଟାଇ ଦେବ ହୃଦୟଫଳକେ
ତା ନ କଲେ ଦୁଃଖ ହେବ ପଲକେ ପଲକେ ।"

ନିଜ ଦୁଃଖକୁ କିଛି ବୋଲି ନ ଗଣି ସ୍ୱାମୀଙ୍କର ଦୁଃଖ କିପରି ନ ହେଉ ଏହା କେତେ ଜଣ ନିର୍ବାସିତା ପତ୍ନୀ ଇଚ୍ଛା କରିବେ ?

ପବିତ୍ର ସୂର୍ଯ୍ୟବଂଶର କୁଳବଧୂ ସେ । ସେହି ବଂଶର ନିଷ୍କଳଙ୍କ କୀର୍ତ୍ତିମର୍ଯ୍ୟାଦା ସେ ଅଭିଳାଷ କରନ୍ତି ନିଜର ପ୍ରାଣବିନିମୟରେ—ନିର୍ବାସନ ତ ତୁଚ୍ଛ କଥା—

"ମୁଁ କି ଛାର; ହେଉ ତୁମ୍ଭ ପ୍ରକୃତି-ରଞ୍ଜନ
ମୁଁ ମରେଁ, ତୁମ୍ଭର ହେଉ କଳଙ୍କଭଞ୍ଜନ
ଏଥିରୁ ଜନ୍ମିବ ଯେଉଁ ଅକ୍ଷୟ କୀରତି
ହୃଦେ ରଖି, ଗଢି ତାର ଅଲୟ ମୂରତି ।
ବଂଶର ଜନକ ତୁମ୍ଭ ଏହି ଦିବାକର
ଭୁବନମଙ୍ଗଳଦାନେ ସଦା ମୁକ୍ତକର ।
ଧର୍ମାଧର୍ମସ୍ୱରୂପିଣୀ ଏହି ଭାଗୀରଥୀ,
ତୁମ୍ଭର ବଂଶର ଚିର ବିଖ୍ୟାତ କୀରତି ।
କୀର୍ତ୍ତି ଅନୁରୋଧେ ସିନା କଲ ମୋତେ ତ୍ୟାଗ
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ।"



Digitized by srujanika@gmail.com

ତାଙ୍କର ଏକମାତ୍ର ଅନୁଶୋଚନା ତାଙ୍କ ଉକ୍ତି ଅନୁସାରେ—

"ଏହି କୀର୍ତ୍ତି ପତାକାରେ ପାପିନୀର ଚିହ୍ନ
ରହିଯିବ ଏହା କିନ୍ତୁ ବିଷମ ବିଚିତ୍ର ।"

ପ୍ରସିଦ୍ଧି ଉପରେ ସ୍ଥାପିତ ସ୍ୱାମୀଙ୍କର ପ୍ରାଚୀନତମ ପବିତ୍ର କୁଳମର୍ଯ୍ୟାଦାଠାରୁ ସ୍ୱତନ୍ତ୍ରଭାବରେ ଯଦି ନିଜ ଉପରେ କଳଙ୍କ-ପସରା ଲଦି ଦିଆଯାଇଥାନ୍ତା ତେବେ ସୀତାଙ୍କର କିଛି କହିବାର ନ ଥିଲା—କିନ୍ତୁ ଏ କଳଙ୍କ ଯେ ସ୍ୱାମୀଙ୍କର ଏତେ ବଡ଼ ଗୌରବ ସହିତ ସଂଶ୍ଳିଷ୍ଟ । ସୂର୍ଯ୍ୟବଂଶର ନିଷ୍କଳଙ୍କ କୀର୍ତ୍ତିରେ ଏକମାତ୍ର ମସୀରେଖା । ଏଥିପାଇଁ ନିଜ ଉପରେ ସେ ଧିକ୍କାର ଦେଇ କହିଛନ୍ତି—

"ଧିକ ମୋ ଜୀବନ ନାଥ ! ଏକା ମୋହ ଲାଗି
ଅକଳଙ୍କ ଥାଇ ହେଲ ଅପଯଶଭାଗୀ ।"

ଆସନ୍ନମାତୃଗୌରବ ସେ ଅନୁଭବ କରିଥିଲେ । ସୁତରାଂ ତାଙ୍କର ଗର୍ଭନିହିତ "ରଘୁରେ ପ୍ରଭୁଙ୍କ କୋଳ ଭୂଷିତ କରିଥାନ୍ତେ" ଏହି ଆଶାର ବିଫଳତାରେ ତାଙ୍କର ବିମର୍ଷ ଜନ୍ମିବା ସ୍ୱାଭାବିକ । କିନ୍ତୁ ପିତା ଯାର ମହାମହାଯଶା ମହାରାଜ, ତାଙ୍କର ଜନ୍ମ ପରର ଦଶା କିଣ ହେବ ?—ଏ ଉକ୍ତି କେତେ ଲୋକର ଧୃତିକୁ ନିଷ୍କମ୍ପ ରଖିପାରିବ । ସେ ତ ସହଜେ ନାରୀ; ଭାବିଲାକ୍ଷଣି ତେଣୁ ସେ ହେଲେ ମ୍ରିୟମାଣ—ମର୍ମାହତ, ଶୋକୋଚ୍ଛ୍ୱାସରେ ତାଙ୍କ କଣ୍ଠରୁ ନିର୍ଗତ ହୋଇ ଉଠିଲା— "ଶିର ଅଙ୍ଗେ ହୁଏ ଯିନା ବଜ୍ରର ପ୍ରହାର, ହା ହା ତହିଁ ସଙ୍ଗେ ଶିରବାସୀର ସଂହାର ।" ଆହା ! ନିଜ ପାଇଁ ସେ ଯେତେ କାତର ନୁହନ୍ତି ଭାବୀ ପୁତ୍ରର ଦୁର୍ଦ୍ଦଶା ସ୍ମରଣ କରି ତହୁଁ ବଳି ଅଧୀର । ସ୍ୱାମୀଙ୍କ ଶ୍ରୀଚରଣ ଛଡ଼ା ଜୀବନର ବ୍ୟର୍ଥତା ସ୍ୱାମୀଗତପ୍ରାଣା ସେ ତୀବ୍ର ଭାବରେ ଅନୁଭବ କରି ବ୍ୟାକୁଳ ଭାବରେ କାନ୍ଦିଛନ୍ତି—

"ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି
ଅନଳ ନ ଦହେ ତନୁ କାହିଁରେ ଦହିବି ।"

ସୀତାଙ୍କୁ ନ ଜଣାଇ ନିର୍ବାସନର ବିଧାନ କରିଥିଲେ ମଧ୍ୟ ତାହା ସେ କିପରି ସ୍ୱାମୀଙ୍କର ସହୃଦୟତା ଭାବରେ ଗ୍ରହଣ କରିଛନ୍ତି—ପାଠକଲେ ପାଠକ ମୁଗ୍ଧ ଚମତ୍କୃତ ହୁଏ ଆଉ ଅକୃତ୍ରିମ ଭକ୍ତିରେ ତାଙ୍କର ସେହି ମହନୀୟ ପର୍ଯ୍ୟାଲୋଚିଲେ ନାରୀ-ସମାଜର ମସ୍ତକ ସ୍ୱତଃ ଅବନତ ହୋଇ ପଡ଼େ ।

ସେ କହିଛନ୍ତି

"ଧନ୍ୟ ନାଥ, ମୁଖ ତୁମ୍ଭ ପୀୟୂଷ ନିର୍ଝର
ହୃଦୟାଦ୍ରି ସୁଧା ହିମ ଶିଳାର ଆକର
ହେଲେହେଁ ସେ ହୃଦୟରେ ସନ୍ତାପ ପତିତ
ଅନ୍ୟ ନ ବାହାରେ ମୁଖୁଁ ଅମୃତ ବ୍ୟତୀତ ।
ସହସା ଶୁଣିଲ ମୋର ଅପବାଦ କଥା
ଅବଶ୍ୟ ହୃଦୟେ ଲାଗିଥିବ ମହା ବ୍ୟଥା ।
ତଥାପି ନ କହି ପଦେ ନିଦାରୁଣ ଭାଷା
ତ୍ୟାଗ କଲ ଦେଇ ମୋତେ ମଧୁମୟୀ ଆଶା ।"

ନିର୍ବାସନର ହେତୁ ଗୋଟି ଗୋଟି କରି ନିମ୍ନ ପ୍ରକାରେ ସେ ସ୍ୱଅର୍ଜିତ ପାପ ବୋଲି ଧରି ଦେଇ ଅଛନ୍ତି—ତାହାର ଫଳ ସ୍ୱରୂପ ଯେଉଁ ନିଷ୍ଠୁର ପତିଭକ୍ତିର ଦୃଷ୍ଟାନ୍ତ ସେ ଜଗତ ସମକ୍ଷରେ ଉପସ୍ଥାପିତ କରି ଅଛନ୍ତି ତାହାର ସମତା ଖାଲି ଉତ୍କଳସାହିତ୍ୟରେ ନୁହେଁ ବିଶ୍ୱ-ସାହିତ୍ୟରେ ମଧ୍ୟ ବିରଳ । ସେ କହିଛନ୍ତି—

୧। "ମହିମା ସାଗର ନାଥେ ମଣି ମୁଁ ଇତର
'ହାହିରେ ଲକ୍ଷ୍ମଣ' ରବ ମଣିଲି ତାଙ୍କର
ସେହି ପାପେ ସେ ନାଥଙ୍କ ମହିମା ବର୍ଦ୍ଧନ
ଲାଗି ହେଲା ଦୁଃଖିନୀର ଚିର ବିସର୍ଜନ ।"

୨। "ନୀଚ ମନେ ଲକ୍ଷ୍ମଣଙ୍କୁ କରି ନୀଚ ଜ୍ଞାନ
ବଳାତ୍କାରେ ପଠାଇଲି ପ୍ରଭୁ ସନ୍ନିଧାନ,
ଦୋଷହୀନ ଲକ୍ଷ୍ମଣଙ୍କୁ ଯେଉଁ ତିରସ୍କାର
ଦେଇଥିଲି, ପାଇଲି ତା ଯୋଗ୍ୟ ପୁରସ୍କାର ।

୩। "ଛିନ୍ନ ଶିରଟିଏ ଆଣି ପାପୀ ଦଶାନନ
ମୋ ପାପନୟନ ଅଗ୍ରେ କଲା ପ୍ରଦର୍ଶନ,
ସ୍ୱାମୀଙ୍କର ଛିନ୍ନଶିର ବୋଲି ମୁଁ ଅଧୀରେ
କାନ୍ଦିଲି ବିକଳ-ପ୍ରାଣେ ଭାସି ଅଶ୍ରୁନୀରେ,
ସେ ଶିର ଅନାଇ ଯାହା ନ ମଲି ବଦନ
ସେହି ପାପେ ହେଲି ଏବେ ଜୀବନ୍ତ ଦହନ ।"

୪। "ତୁମ୍ଭ ପଦସେବାସୁଖ ମଣି ମୁଁ ଉଦାସ
ଆଶ୍ରମ-ଦର୍ଶନ-ସୁଖ କଲି ଅଭିଲାଷ ।
ସେହି ପାପ ଶାସ୍ତିମୂଳୁ କରାଇ ଅନ୍ତର
ବୋଲୁଛି ପାପିନୀ ଯାହା ଇଚ୍ଛା ତାହା କର ।"

ଅଯୋଧ୍ୟାରେ ସପତ୍ନୀର ପ୍ରଭାବ ବଡ଼ ଗରୀୟାନ୍ । ପତିଶକ୍ତି ତା ନିକଟରେ ପରାଭବ ମାନିଛି । ଏତିକି ମଧ୍ୟ ତାଙ୍କ ନିର୍ବାସନର ଉପଲକ୍ଷ୍ୟ ବୋଲି ଧରି ନେଇ ଯାହା ସେ କହିଛନ୍ତି, ତଦ୍ୱାରା ରାମଚନ୍ଦ୍ରଙ୍କର ନିର୍ଦ୍ଦୋଷତାର ପରିସ୍ଫୁରଣ ଯେଉଁ ପରିମାଣରେ ଘଟିବାକୁ ସୁଯୋଗ ପାଇଛି, ସୀତାଙ୍କର ଚରିତ୍ରବିକାଶ ତହୁଁରୁ ବଳି ପଡ଼ିଅଛି । ସେ କହିଛନ୍ତି—

"ଅଯୋଧ୍ୟାର ରାଜଲକ୍ଷ୍ମୀ-ସୀରଭର ବଶ
ନ ହୋଇ ମୋ ସଙ୍ଗେ ଥିଲି ବହୁତ ଦିବସ
ଅସୂୟାରେ ରାଜଲକ୍ଷ୍ମୀ ଖୋଜୁଥିଲା ଦାଉ
ବହୁଦିନ ସମ୍ଭାଳି ତା ନ ପାରିଲା ଆଉ
ତା ଦୁଃଖର ସଙ୍ଗୀ ଥିଲେ ଯେଉଁ ପୁରଜନେ
ତାଙ୍କୁ ହେତୁ କରାଇଲା ମୋର ବିସର୍ଜନେ ।"

* * * *

ଯେହେତୁ ଆଗରୁ

"କୈକେୟୀଙ୍କ ପରାକ୍ରମ ଫଳିବାର ଶେଷେ
ରାଜଲକ୍ଷ୍ମୀ ବଳି ଉଭା ହେଲା ସେହି ଦେଶେ ।"

ଏହି ପ୍ରବଳ ସପତ୍ନୀ ଭାବର ଦୃଷ୍ଟାନ୍ତ ରହିଛି ।



Digitized by srujanika@gmail.com

ନାରୀର ଐହିକ, ପାରତ୍ରିକ ମହାସମ୍ପଦ ସେହି ବିଶୁଦ୍ଧି, 'ସତୀତ୍ୱ' ଉପରେ ଅଗ୍ରୋପିତ କଳଙ୍କର ଫଳ ଏଇ ଯେ ଅନ୍ୟାଯ୍ୟ ନିର୍ବାସନ, ଏଥିରେ ପାଷାଣର ପ୍ରାଣରେ ଦୁଃଖ ବିଦ୍ରୋହବହ୍ନି ମହା ପ୍ରବଳ ହୋଇ ଜଳ ଉଠିବାର କଥା ; କିନ୍ତୁ ଜନନୀ ଯାର ସର୍ବଂସହା ସେ ନିଜ ସର୍ବଂସହ ଗୁଣରେ ପତିଙ୍କର ଏଡ଼େ ବଡ଼ ଅନ୍ୟାଯ୍ୟକୁ ଦେଖିଛନ୍ତି ପତିଙ୍କର ବର୍ଜିତଅମୃସୁଖ ପ୍ରଜାରଞ୍ଜନକାରନ୍ତର ଗୋଟିଏ ଅଙ୍ଗ ସ୍ୱରୂପ—ଆଉ ଅପଣା ଭାଗ୍ୟକୁ ଗ୍ରହଣ କରିଛନ୍ତି ନିର୍ବାସନର ମୂଳ କାରଣ ବୋଲି। ତହିଁରେ ସ୍ୱାମୀଙ୍କର ନିଫଳକ୍ଷ୍ୟାତ୍ୱ ବା ନମିତ୍ତିତ୍ୱ କିଛି ନାହିଁ। ପତିପରାୟଣତାର ଏଡ଼େ ବଡ଼ ନରସ୍ପୃହା ଆଦର୍ଶ ଯେଉଁ କାବ୍ୟର ନାୟିକା ଦେଇଯାଇଛନ୍ତି— ଖାଲି ସେହି ଯେ ଏକା ସମଗ୍ର ଜଗତର ସସମ୍ଭ୍ରମ ପୂଜା ଅର୍ଘ୍ୟ ଦାବୀ କରିବେ ତାହା ନୁହେ—ତାଙ୍କରି କାବ୍ୟ ସ୍ରଷ୍ଟାଙ୍କ ଲଟି ମଧ ଗୋଟିଏ ସ୍ଥିର ଧ୍ରୁବମଣ୍ଡଳ ସୃଷ୍ଟି କରିବେ।

କେବେ କେଉଁ ଦିନ ରାମଚନ୍ଦ୍ର ଅଷ୍ଟାବକ୍ର ମୁନିଙ୍କ ଅଗରେ କହିଥିଲେ—

"ପ୍ରକୃତିରଞ୍ଜନେ ଯେବେ ହୁଏ ପ୍ରୟୋଜନ
କରିପାରେଁ ପ୍ରାଣସମା ସୀତା ବିସର୍ଜନ ।"

ସେହି ଉକ୍ତିରେ—ଉପରନ୍ତୁ ସେହି ଉକ୍ତିର ସତ୍ୟତା ସଂଘଟନରେ ସୁଦ୍ଧା ସେ ଆତ୍ମପକ୍ଷ ସମର୍ଥନପୂର୍ବକ ପ୍ରତିବାଦ କରିନାହାନ୍ତି । ବରଂ ଏକାନୁଗତିକତାର ଐକାନ୍ତିକତା ଦେଖାଇ କହିଛନ୍ତି—

"ପିତୃବାକ୍ୟ ପାଳନରେ ତୁମ୍ଭେ ଅବିମୁଖ
ପତିବାକ୍ୟ ପାଳନରେ ନ ହେବେ ମୋ ଦୁଃଖ
ତେବେ ସିନା ତୁମ୍ଭ ପତ୍ନୀ ପଦର ଭାଜନ
ମୁଁ ହେବି, ଏ କଥା କଷ୍ଟେ ବୁଝିବ ମୋ ମନ ।"

ପତିଠାରୁ ସ୍ୱତନ୍ତ୍ର ହୋଇ ପରିର କିଛି ନାହିଁ—ଏହାର ଜ୍ୱଳନ୍ତ ନିଦର୍ଶନ ଦେଇଛନ୍ତି 'ତପସ୍ୱିନୀ'ର ସୀତାହିଁ ତାଙ୍କର—

"ପରଜାରଞ୍ଜନ ବ୍ରତେ ଅଛ ତୁମ୍ଭେ ବ୍ରତୀ
ମୁଁ ସହଧର୍ମିଣୀ ତୁମ୍ଭ ପଦାଙ୍କେ ମୋ ଗତି " ଉକ୍ତିରେ।

ପାଠକ ବିସ୍ମିତ ହୋଇ ଦେଖେ ଏଥିରେ ସୀତା କିପରି ନିଜକୁ ଦେଖିଛନ୍ତି ସ୍ୱାମୀଠାରୁ ଅଭିନ୍ନହୃଦୟ ଓ ଅବିଚ୍ଛେଦ୍ୟ ଏକକ ରୂପେ ।

ଶେଷରେ ପତିଙ୍କର ଏହି ଆଚରଣକୁ ଦୋଷଦର୍ଶୀଦୃଷ୍ଟିରେ ନ ଦେଖି ଗୁଣଗ୍ରାହୀରୂପେ ତହିଁ ଉପରେ କୁସୁମ ବୃଷ୍ଟିକରି କହିଛନ୍ତି—

"ହେଉ ମୋର ନିର୍ବାସନ ପ୍ରକୃତିର ଦୋଷ
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।"

ସୀତାଙ୍କର ଉଚ୍ଛ୍ୱସିତ ଶୋକର ମହାପ୍ରବାହ ମଧ୍ୟରେ ମୁନି-କୁମାରୀଙ୍କ ଅବତାର, ଆଉ କୁମାରୀଙ୍କୁ ପାଇ ସୀତାଶୋକ କମି ନାହିଁ, ବଢ଼ିଛି । କବିର ସୂକ୍ଷ୍ମ ଅନ୍ତର୍ଦୃଷ୍ଟିକୁ ଏଡ଼ିକ ସୁଦ୍ଧା ସେ ଏଡ଼ାଇ ପାରିନାହିଁ ଏହା କବିଙ୍କର ମାନବ ପ୍ରକୃତି ଉପରେ ପ୍ରବେଶର ପୂର୍ଣ୍ଣ ପରିଚାୟକ । ରାଜରାଜେଶ୍ୱରୀଙ୍କ ତପସ୍ୱିନୀ ଜୀବନର ଆରମ୍ଭ ସେଇଠୁଁ ଯେଉଁଠୁ ବାଲ୍ମୀକି ଅଶିଷଛଳରେ ଅଥଚ ଅଜ୍ଞାତସାରରେ କହିଛନ୍ତି,

" କୁମାରୀମଣ୍ଡଳ ମଧ୍ୟରେ
ରହି ମଣ୍ଡ ମୋ ମଠ । "

ଆଉ ସେହି ଜୀବନର ପ୍ରଥମ ନିଦର୍ଶନ ପାଠକ ଦେଖେ—ନିଜ ସ୍ୱର୍ଣ୍ଣ ମନ୍ଦିର ଉମଃ ପୂର୍ଣ୍ଣକରି ବାଲ୍ମୀକି କୁଟୀର "ଉଜ୍ଜ୍ୱଳ" କଲା ପରେ ତାଙ୍କୁ ମୁନିଦୁହିତାଏ ମୃଦୁପଲ୍ଲବାସନରେ ବସାଇ ଫଳମୂଳ ଆଣି ପର୍ଣ୍ଣବାସନରେ ବାଢ଼ି ଦେଲେ ବେଳେ ଏବଂ ଅତମନାଲେ "କନ୍ୟା ଏକ ଶୁଷ୍କ କୋମଳ ନବାର ନାଳ" ଆଣି ତହିଁରେ ହରିଣ ଛାଲ ପାରି ଶଯ୍ୟା କରି ଦେଲ ବେଳେ ।

ମୁନିକୁମାରୀଙ୍କଠାରୁ ଆଦର ଅପ୍ୟାୟନ ଲାଭ କରି ଅଉ ବୃଦ୍ଧା ଅନୁକମ୍ପାଙ୍କୁ ମାତୃସମା ପାଇ ସୀତାଙ୍କର ଶୋକସ୍ରୋତର ବେଗ ବହୁ ପରିମାଣରେ କମି ଯାଇଥିଲେ ସୁଦ୍ଧା ତାର ଫଳାଫଳ ସେ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଛି । ଅଧିକନ୍ତୁ ସର୍ବଭୂତହିତ ସରଳ ସୁନ୍ଦର ମରକତପ୍ରଭବାହୁ ସ୍ୱାମୀ ଏବଂ ଜଡ଼ନିଦ୍ରା ଧନୁର୍ଦ୍ଧାରୀ ପ୍ରହରୀ ଲକ୍ଷ୍ମଣଙ୍କ କଥା ସ୍ମରଣ କରିବା ମାତ୍ରକେ ତାଙ୍କର ହିମାଳୁ ନଳିନ ସଦୃଶ ମଳିନ ନେତ୍ର ନୀରସ୍ରାବୀ ହେଉଥାଏ । ଏହି ଶୋକପିହିତ ଆନନ ମଧ୍ୟରେ ସେ ଆଶ୍ରମଧାରୀ ତମସାକୁ ଲକ୍ଷ୍ୟ କରି

'ତୋ ତୀର ତର ଆଶ୍ରୟ
ହେଲଣି ମୋର ନିଶ୍ଚୟ
ଭରସା ତୋ ଶାନ୍ତିମୟ ପଦକମଳେ ।'

କହି ତପସ୍ୱିନୀର ଜୀବନ ଗ୍ରହଣ କରିଅଛନ୍ତି । ଏହି ତପସ୍ୱିନୀ କିନ୍ତୁ Tennyson ଙ୍କ Princess ନୁହନ୍ତି କିମ୍ବା Shakespeareଙ୍କ—" a nun—a barren sister—chanting faint hymns to the cold fruitless moon "—ନୁହନ୍ତି । ଅଥବା ସକାମା ତପସ୍ୱିନୀ 'ଗିରିରାଜକୁମାରୀ' ନୁହନ୍ତି । ଏହାଙ୍କ ତପସ୍ୟା କେବଳ ସ୍ମୃତିତର୍ପଣ । ଅନୁକମ୍ପାଙ୍କ ଭାଷାରେ 'ବିଷୟ ଗହନରେ ଅନନୁରକ୍ତି—ଅଉ ରାଜସୁଖ-ବିସ୍ମୃତି ।' ଏହି ମଧୁର ତପସ୍ୟାର କଠୋରତା ଯେନ ସୀତା ଯେଉଁ ମହାତ୍ୟାଗର ସମାଧି ରଚନା କରି ଯାଇଛନ୍ତି ଅଉ 'ତପସ୍ୱିନୀର' କବି ଯେଉଁ କଳ୍ପନାବିଭବ ଯେନ ଏହି ତ୍ୟାଗ 'ତପସ୍ୟାର' ମହିମାଚନ୍ଦନରୁ ଏକ ନବକଳେବର ପ୍ରଦାନ କରି ପାରିଅଛନ୍ତି, ତାହାହିଁ ହେଉଛି କାବ୍ୟର ନିର୍ଦ୍ୱିତ୍ୱବିଶିଷ୍ଟତା ଏବଂ "ତପସ୍ୱିନୀ" ନାମକରଣର ସଫଳତା ।

ସସାରଜ୍ଞାନାନଭିଜ୍ଞା ତାପସକୁମାରୀଙ୍କ "କିପାଁ ଚକ୍ରବାକ ରାବେ ରଜନୀ ଆସିଲେ" ଏହି ଶିଶୁସୁଲଭ ସରଳ ପ୍ରଶ୍ନରେ ବ୍ୟଥିତା ହୋଇ ସୀତା ପୁଣି ଯେତେବେଳେ କହିଲେ,



Digitized by srujanika@gmail.com

"ଭରସା କରିଛି ମୋର ଅନ୍ତିମ ଜୀବନ
ତୁମ୍ଭ ସହକାରେ ଏଥି କରିବି ଯାପନ
ନ କହିବି ନିଜ କଥା ଯଦି ତୁମ୍ଭ ପାଶ
କରିବ କିରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ ।"

ସେତିକିରେ କବି ସ୍ପଷ୍ଟ ଭାବରେ ଦେଖାଇ ଦେଇ ଗଲେ—ରାଜରାଜେଶ୍ୱରୀ ଜାନକୀ କିପରି ଆପଣାକୁ ତପସ୍ୱିନୀଙ୍କ ମଧ୍ୟରୁ ଜଣେ ବୋଲି ଅବଧାରିତ କରି ସାରିଲେଣି । ଆଉ, ସେହି ପ୍ରଶ୍ନର ଉତ୍ତର ଛଳରେ ତପସ୍ୱିନୀଙ୍କର ସ୍ନେହମଧୁର ଉପଦେଶ ପ୍ରଣାଳୀ, ସେହି ତପୋନିଷ୍ଠା ଅତି ସରଳ ଅତି ସହଜ ସୁନ୍ଦର ଭାଷାରେ ଓ ରମଣୀର ସ୍ୱଭାବକୋମଳ ଅଥଚ କରୁଣ କଣ୍ଠରେ ଶୁଣାଇ ଶ୍ରୋତାଙ୍କୁ କରୁଣାବିଗଳିତ କରିଅଛନ୍ତି ଏବଂ ସଙ୍ଗେ ସଙ୍ଗେ ପାଠକର ହୃଦୟକୁ ମଧ୍ୟ ସମବେଦନାରେ ଭରି ଦେଇଛନ୍ତି ।

ଆମ୍ଭମାନଙ୍କର ଏହି ନବୀନା ତପସ୍ୱିନୀଙ୍କ ଅଭିନବ ତପସ୍ୟାର ଧାରା ହେଲା ଏହି । ଏ ତପସ୍ୟାରେ " ରାଗ, ଦମ୍ଭ, ଅହଂକାର ବା କାମପୋଷଣ " ନାହିଁ—କିମ୍ବା ଏହା ଅସୁର · ପ୍ରଭାବରେ ବା "ଦେହବଳରେ ଆତ୍ମାକର୍ଷଣ" ଉପରେ ପ୍ରତିଷ୍ଠିତ ନୁହେଁ । ଏହାର ମୂଳଭିତ୍ତି " ଶୌଚ ଆର୍ଜବ, ଶ୍ରଦ୍ଧା ଓ ଚିତ୍ତଶୁଦ୍ଧତା"ର ସମନ୍ୱୟରେ । 'ପୁଣ୍ୟ ଲତିକାର ଫୁଲ' ଏହି ତପସ୍ୟା ।

ରଥାଙ୍ଗ ପ୍ରସଙ୍ଗ ଉତ୍ଥାପନ କରି କବି ବଡ଼ ଚତୁରତା ଓ ବିଚକ୍ଷଣତା ସହ ସୀତାଙ୍କ ଆତ୍ମକାହାଣୀ ବିବୃତ କରାଇଛନ୍ତି । ଏଇ ବିବୃତି ମଧ୍ୟରେ ସୁଦ୍ଧା କ୍ଷୁମାତ୍ର ସୀତାଙ୍କ ଏକନିଷ୍ଠୋନ୍ମୁଖ ମନୋଭାବର ନିଷ୍କଳଙ୍କ ଶରତର ବାଳାରୁଣ ପରି ମନୋମୁଗ୍ଧକର ହୋଇ ଫୁଟିଛି, କିନ୍ତୁ କବିଙ୍କର ଏହା ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ବୋଧହୁଏ । ଏହା ଅପେକ୍ଷା ସତୀମୁଖରେ ରାମଙ୍କ ପ୍ରେମପ୍ରଖ୍ୟାପନ ଉଦ୍ଦେଶ୍ୟହିଁ ମହତ୍ତର ବୋଲି ମନେହୁଏ । କବି ନିଜେ ଯଦି ରାମଙ୍କ ପ୍ରେମର ବ୍ୟାଖ୍ୟା କରିଥାନ୍ତେ ତେବେ ତାହା ସେତେ ହୃଦୟଗ୍ରାହୀ ହୋଇ ନ ଥାନ୍ତା । ପ୍ରିୟାବିରହରେ ରାମଙ୍କ ଦୁରବସ୍ଥା ପାଠକ ତୃତୀୟ ସର୍ଗରେ ପାଇଛନ୍ତି । ରାଜକାର୍ଯ୍ୟରେ ଉଦାସୀନ ହୋଇ ରାମ ଭାବିଛନ୍ତି—

"ବାନପ୍ରସ୍ଥାଶ୍ରମ ହେଲେହେଁ ଉତ୍ତମ
ସମୟ ମୋ ହୋଇ ନାହିଁ
ମୋ କାର୍ଯ୍ୟେ ଭରତ ହେବାକୁ ନିରତ
ସମ୍ମତ ବା ହେବ କାହିଁ ।"

ଖାଲି ଏତିକି ନୁହେଁ—ସର୍ଗର ବେଶି ଭାଗରେ ଯଥେଷ୍ଟ ପ୍ରିୟାପ୍ରୀତି ଦେଖିବାର ସୁଯୋଗ ଆମ୍ଭେମାନେ ପାଉଁ । କିନ୍ତୁ ସେହି ପ୍ରୀତି ବ୍ୟାଖ୍ୟା ହୋଇଅଛି ଜଟିଳ ତତ୍ତ୍ୱ ଯେନ । ଏଣୁ କ୍ଳାନ୍ତିପ୍ରଦ ହେବା ସ୍ୱାଭାବିକ । କିନ୍ତୁ ରାମଙ୍କ ସରଳ ନିର୍ଦ୍ଦୋଷ ପ୍ରଣୟ-ଗାଥା ସୀତାଙ୍କ ବିରହବିଧୁର ମୁଖରୁ ନିଃସୃତ ହୋଇ ମଧୁରତର ଭାବରେ ଶ୍ରୋତୀ ଏବଂ ପାଠକ ସମ୍ମୁଖରେ ଦେଖା ଦେଇଛି ତାହାର ଅତି ସ୍ୱାଭାବିକ ଅତି ପ୍ରାକୃତିକ ପ୍ରବାହ ଓ ପ୍ରାସଙ୍ଗିକତା ଉପରେ ଚିଳେମାତ୍ର କୁଠାରଘାତ ନ କରି । ପତିଙ୍କ ସହ ବନରେ ଅବସ୍ଥାନ କରୁଥିଲା ବେଳେ ଚକ୍ରବାକର ବିରହକାତର ନୈଶରାବ ଶୁଣି ରାମ ସୀତାଙ୍କ ଆଗରେ ଯେପରି ପ୍ରୀତିବ୍ୟାଖ୍ୟା କରିଥିଲେ ଏବଂ ଅନୁଭବର ଅଭାବ ହେତୁ ବିରହବେଦନା ପ୍ରସଙ୍ଗକୁ ସୀତା ଯିପରି ଲଜ୍ଜାବନତ ବଦନରେ ହସି ଉଡ଼ାଇ ଦେଇଥିଲେ ତାହାହିଁ ଅବିକଳ ସଖୀ ଆଗରେ କହୁଁ କହୁଁ ସତୀ ପ୍ରଚ୍ଛନ୍ନରେ ନିୟତିର ପରିହାସକୁ ଅତି ସାମାନ୍ୟ ବୋଲି ଧରି ନାହାନ୍ତି—ଆଉ ନିୟତିର ସେହି ଅଲକ୍ଷିତ ଅନପେକ୍ଷମାଣା କାର୍ଯ୍ୟକାରିକା ଶକ୍ତିର ଆଧିପତ୍ୟ ପରୋକ୍ଷ ଭାବରେ ସ୍ୱୀକାର କରିବାକୁ ଭୁଲି ନାହାନ୍ତି—ତେଣୁ ସେହି ବିରହବେଦନା ସେହି ଘୋର କଷଣ 'ଜୀବନେ ମୋ ଅଧିକାର କଲା ଷୋଳପଣ' କହି ସ୍ୱୀୟ ଆତ୍ମବିସର୍ଜନ ଦ୍ୱାରା ରଥାଙ୍ଗ ରବରେ ଅଶ୍ରୁ ବୁହାଇଛନ୍ତି । ଏହି ଅତି ସାଧାରଣ ଅଥଚ ଅତି ସୂକ୍ଷ୍ମ ମାନବୀୟ ମନୋଭାବ ଗୁଡ଼ିକର ବିଶଦ୍ ବିକାଶ-ସାଧନ କରିବାକୁ ସମର୍ଥ ହୋଇ ଏବଂ ପରିତ୍ୟକ୍ତା ପତ୍ନୀମୁଖରେ ପତିହୃଦୟର ଅନୁକରଣଯୋଗ୍ୟ ପ୍ରେମପ୍ରବଣତା ପରିବର୍ଣ୍ଣିତ କରାଇ କବି କାବ୍ୟଟିକୁ ସରସ ଓ ହୃଦୟଗ୍ରାହୀ କରି ଅଛନ୍ତି ।

ଗଙ୍ଗାଧରଙ୍କ ନିପୁଣ ତୂଳିକାର ସ୍ପର୍ଶ ଲଭି କରି 'ତପସ୍ୱିନୀ'ର ସୀତାଙ୍କ ଚରିତ୍ର-ଚିତ୍ର ଆହୁରି ଏକ ବିଶିଷ୍ଟ ମହତ୍ୱରେ—ଏକ ଗରିମାମୟ ମୁକୁଟର ଔଜ୍ଜ୍ୱଲ୍ୟରେ ପ୍ରତିଭାତ ହୋଇ ପାରିଛି ଯାହା ଅନ୍ୟ କାହାର ଚିତ୍ରରେ ଦେଖିବାକୁ ମିଳେ ନାହିଁ । ତାହା ଏହି—ସୀତାଙ୍କ ଦୁଃଖଦୁଃଖିତା ସଖୀ ସହାନୁଭୂତିର ଶିଖରକୁ ଉଠି ଯେତେବେଳେ କହିଲା,

" କରି ଥିଲେ ରାଜା ଯାକୁ ଜୀବନର ଧନ
କେମନ୍ତେ ବଳିଲା ତାଙ୍କୁ ଛାଡ଼ିବାକୁ ମନ ।
ବିଧି ବିଗ୍ରହକୁ ଧିକ କାହିଁ କଲା କିସ
ଅମୃତ ଉପରେ ଆଣି ଢାଳ ଦେଲା ବିଷ ।"

ସୀତା ଉତ୍ତରରେ ପ୍ରତିବାଦ କରି

"......ସଖି ; ମୋ ଦୁର୍ବିପାକ
ଘଟାଇ ଅଛି ଏକା ମୋ ଦୁଃଖ ଯାକ
ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି

କହି ସଖୀଙ୍କ ସୁଦ୍ଧା ବିସ୍ମିତ କରି ଦେଇଛନ୍ତି । ତାପସୀ ସଖୀ ନିଶ୍ଚିତ ବୁଝିଛନ୍ତି ତାଙ୍କ କାନ୍ତଙ୍କ ହୃଦୟ " ପ୍ରେମ-ପୀୟୂଷ ନିଳୟ " ସୁତରାଂ ସତୀଙ୍କ ଚକ୍ଷୁରେ ନିର୍ବାସନ ପାଇଁ ସେ ଦାୟୀ ନୁହନ୍ତି ବୋଲି ; ବର୍ତ୍ତମାନ ବିଧି ମଧ୍ୟ ଏହି ଦୋଷରେ ଦୋଷୀ ନୁହନ୍ତି ଶୁଣି ତାଙ୍କ ବିସ୍ମୟର ସୀମା ନ ରହିବା ସ୍ୱାଭାବିକ । ଅଗ୍ରହାତି-ଶଯ୍ୟରେ ତେଣୁ ସେ ପଚାରିଲେ,

"ତୋ ପରି ସାଧ୍ୱୀ ପାଇ ଦାରୁଣ ବ୍ୟଥା
ନ ନିନ୍ଦୁ ବିଧି ଏତ ବିଚିତ୍ର କଥା "

ସୀତା ଏହାର ଉତ୍ତର ଦେବାକୁ ଯାଇ " ମୋର ଦୁଃଖ କାହାଣୀ ଶୁଣି ସବୁ ଜାଣି ପାରିବୁ " କହି ସ୍ୱନିମନ୍ତ୍ରିତ କଷଣ କଥା



Digitized by srujanika@gmail.com

ବିଶଦ୍‌ରୂପେ ଆଲୋଚନା କଲାବେଳେ ମର୍ମରେ ମର୍ମରେ ଦାରୁଣ ଅମ୍ଳାନ ତାଙ୍କ ପ୍ରାଣକୁ ନିର୍ମମ ଭାବରେ ଆଘାତ କରୁଛି । ବିଧିଙ୍କ ନିନ୍ଦା ନ କରି, ସ୍ୱାମୀଙ୍କ ଉପରେ ଅଭିମାନ ନ କରି, ଖଳ ପ୍ରଜାଙ୍କ ଅଭିଶପ୍ତ ରସନା ଉପରେ ଆକ୍ଷେପ ନ କରି ଯେ ସତୀତ୍ୱର ଚୂଡ଼ାନ୍ତ ଆଦର୍ଶ ସର୍ବାନ୍ତଃକରଣରେ ପ୍ରତିଷ୍ଠା କରି ଗଲେ ସେ ଆଜି ଦୀନା ଭିଖାରିଣୀ, ରାଜୈଶ୍ୱର୍ଯ୍ୟବଞ୍ଚିତା ତପସ୍ୱିନୀ ଏହା ଭାବିଲା କ୍ଷଣି ଆଖିର ଅଶ୍ରୁ ବାଧା ମାନେ ନା; ପ୍ରାଣ କାନ୍ଦି ଉଠେ ପ୍ରଜାରଞ୍ଜନ ନାମରେ ଅବିଚାରର ପ୍ରଶ୍ରୟୀ ଅଯୋଧ୍ୟା ରାଜଛତ୍ର ଛାୟା ଏଡ଼ାଇ ବାଲ୍ମୀକି ତପୋବନଚାରିଣୀ ସେହି ନିର୍ଯ୍ୟାତିତାର ଅଶ୍ରୁ ପ୍ରବାହରେ ଭାସି ଯିବାକୁ ।

ଏ ସମ୍ପର୍କରେ ସ୍ୱର୍ଣ୍ଣ ମୃଗର ପ୍ରଲୋଭନ କପଟ ସୀତାଙ୍କୁ ବ୍ୟସ୍ତ କଲା ଏବଂ ତାଙ୍କର ଏହି କୌତୂହଳ ଚରିତାର୍ଥ କରିବା ପାଇଁ ରାମଙ୍କ ସ୍ୱଇଚ୍ଛାରେ ସ୍ୱର୍ଣ୍ଣ ମୃଗ ଧରିବାକୁ ଅରଣ୍ୟ ମଧ୍ୟକୁ ପ୍ରସ୍ଥାନ ବଡ଼ ହୃଦୟସ୍ପର୍ଶୀ—ସୀତାଙ୍କର ଦୁର୍ବିପାକ ଯେ ସେ ଏହି ଅସମ୍ଭବ ଭିତରେ ନିଜେ ଜଡ଼ିତ ହୋଇଛନ୍ତି ଆଉ ଏହା ସ୍ୱାମୀଙ୍କର ସଦାଶୟ ଯେ ସେ ଏ ଅସମ୍ଭବକୁ ସମ୍ଭବ ମନେ କରି ପତ୍ନୀଅଭିଲାଷ ପୂରଣ ପାଇଁ ଉଦ୍‌ବିଗ୍ନ ହୋଇ ପଡ଼ିଛନ୍ତି । ତାଙ୍କ ମତରେ ସ୍ୱାମୀଙ୍କର ବା ବିଧିଙ୍କର କରିବାର ଏଥିରେ କ'ଣ ଅଛି ? ବିପଦ୍ ଯେ ତାଙ୍କର ଅଦୃଷ୍ଟ । ତତ୍‌ପରେ "ରଖ ଲକ୍ଷ୍ମଣ" ଶବ୍ଦରେ ବିପଦ୍‌ଶଙ୍କିତା ସୀତା ଲକ୍ଷ୍ମଣଙ୍କୁ ଭର୍ତ୍ସନା କରି ସ୍ୱାମୀ ସମୀପକୁ ପ୍ରେରଣ କରିବା ଦ୍ୱାରା,

"ମୋ ସୁଖ ସଉଭାଗ୍ୟ ସମ୍ପଦରାଶି
ଗଲେ ଲକ୍ଷ୍ମଣ ଗତ ସ୍ରୋତରେ ଭାସି"

କହି "ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି" ଏହି ଉକ୍ତିର ଯାଥାର୍ଥ୍ୟ ପୂର୍ଣ୍ଣରୂପେ ପ୍ରତିପାଦିତ କରିଛନ୍ତି । ବିଚିତ୍ରବାସୀ ବିପଦ ଏକ ଭଣ୍ଡ ଯୋଗୀ ( ଅର୍ଥାତ୍ ରାବଣ ) ସୀତାଙ୍କୁ ନେଇ ଗୋଟିଏ ସୁନ୍ଦର କାନନରେ ( ଅଶୋକବନ ) ରଖାଇ ସହସ୍ର ନାରୀଙ୍କୁ ଆଦେଶ ଦେଲା

" ଏହାକୁ ଜାଣି ମୋର ହୃଦୟେଶ୍ୱରୀ
ସେବା ରହିବ ହୃଦେ ଭକତି କରି ଗୋ ।"

ସୀତା ଭାବିଲେ—

" କିଏ ସେ ଯୋଗୀ ମୋତେ ଆଣିଲା କାହିଁ
କେଉଁ ପୁର ତା କିଛି ଜାଣିଲି ନାହିଁ
କେମନ୍ତେ ହେଲି ଯୋଗୀ-ହୃଦୟେଶ୍ୱରୀ
ରହିଛି ରଘୁବଧୂ ଶରୀର ଧରି ।
ମରି ତ ନାହିଁ ମୋର ଅଛି ସ୍ମରଣ
କୌଶଲ୍ୟା ସୁତ ଏକା ମୋର ଶରଣ"

*  *  *

" ସହସ୍ର ଦାସୀରେ ମୋ କି ପ୍ରୟୋଜନ
ଆଉ କି ଅଛି ମୋର ସ୍ନାନ ଭୋଜନ ।"

ସତୀର ଅଗାଧ ପତି, ଆଉ ପତ୍ନୀର ଗତି ପତି—ଏହି ମହାଆଦର୍ଶ ଏହି ପଂକ୍ତି ଗୁଡ଼ିକରୁ ପଢ଼ୁ ପଢ଼ୁ ପାଠକ ମୁଗ୍ଧ ହୁଏ, ତନ୍ମୟ ହୁଏ, ଆଉ ସତୀତ୍ୱର ଏହି ମହୋଜ୍ଜ୍ୱଳ ଜ୍ୟୋତିଷ୍କ ନିକଟରେ ପୁରୁଷର ଦମ୍ଭ ପରାଭବ ମାନେ । ପୁଣି—

" ସଖି, ମୁଁ ହେଲି ଯେଉଁ ଦିବସୁଁ ଜାତ
ପାପୀ ଦାନବ ଛୁଇଁ ଅଛି ମୋ ହାତ
ଛୁଇଁଲା ସ୍ଥଳୁଁ ବ୍ୟାପି ଉଠି ଶରୀର
ଦୁଃସହ ଜ୍ୱାଳା କରେ ପ୍ରାଣ ଅସ୍ଥିର
ମଣଇଁ ବିଷଦିଗ୍ଧ ଶରପଟଳ
ପରାୟେ ଅପବିତ୍ର ଲୋମ ସକଳ ।"

ପବିତ୍ରତା ଉପରେ ସୀତାଙ୍କର ଏହି ଆସ୍ଥା ଏବଂ ଅବଳାର ଧର୍ମବଳ ଉପରେ ଯେଉଁ ଅଖଣ୍ଡ ବିଶ୍ୱାସ ଓ ନିର୍ଭରଶୀଳତା ତାହାହିଁ ସତୀଙ୍କୁ ଆଜି ମାନବୀର ଆସନରୁ ଦେବୀର ଆସନକୁ ଉଠାଇ ଦେଇଛି । ଆଉ କାବ୍ୟରେ ଏହି ଭାବର ବିପୁଳତା ଓ ବ୍ୟାପକତା ଦେଇ ଚରିତ୍ର ଉତ୍କର୍ଷବିକାଶରେ କବି ଯେଉଁ ସାଫଲ୍ୟ ଲାଭ କରିଛନ୍ତି ତାହାରି ଫଳରେ ତାଙ୍କର କାବ୍ୟନାୟିକା ତପସ୍ୱିନୀର ସୃଷ୍ଟି ଜଗତକୁ ଏକ ନୂତନତର ରାମାୟଣ ପ୍ରଦାନ କରି ପାରିଅଛି ।

ରାମଙ୍କ ଲଙ୍କା ଜୟ ଉତ୍ତାରେ ସୀତା ଅଗ୍ନିପରୀକ୍ଷୋତ୍ତୀର୍ଣ୍ଣ ହୋଇ ପତି ସହ ଅଯୋଧ୍ୟା ପ୍ରତ୍ୟାଗମନ କଲେ । ଅଯୋଧ୍ୟାର ସୁଖ ସାଗରୋପରି ପ୍ରୀତିନାବରେ ବସି ରାଜଦମ୍ପତି ବହୁବର୍ଷର ନିର୍ବିଘ୍ନରେ କଟାଇ ଦେଲେ, ସୀତାଙ୍କ କୌଣସି ଅଭିଳାଷର ତୃପ୍ତି ଉଦୟମାତ୍ରେ ସମ୍ପନ୍ନ ହେଉଥିଲା । ଏହି ସୁଖସ୍ମୃତିର ଅନୁଭାବନା ସ୍ୱରୂପ—

" କେଜାଣି ଥିଲା ମୋର ଲଲାଟେ ବିହି
ଅସୀମ ଦୁଃଖ ଲିପି ରଖିଛି ଲିହି "

ଆଉ " ବିପଦରୂପୀ ଘୋର ବାଡବାନଳ
ଉପୁଜି ଧ୍ୱଂସ କରି ଦେବ ସକଳ"

ପୁଣି 'ଦିବସ ଶୋଭା ଶେଷ ରଞ୍ଜିତ ନଭ ପ୍ରାୟ ଭାଗ୍ୟ ଶେଷରେ ତାଙ୍କର ଗର୍ଭୋଦୟ,' 'ଦୋହଦ ପୂରଣ' ଛଳରେ ତାଙ୍କର ବନ-ନିର୍ବାସନ ଏବଂ ଅନୁଚର ଲକ୍ଷ୍ମଣଙ୍କ ଜାହ୍ନବୀତୀରରେ ବଜ୍ରାଘାତରୁ ବଳି ଦାରୁଣତର ସେହି ମର୍ମନ୍ତୁଦ ଭାଷଣ ପରେ ତାଙ୍କ ମୋହ ଯବନୀର ଉତ୍ତୋଳନ, ଏ ସବୁ ସ୍ମରଣ କରି ସୀତାଙ୍କ ଅନ୍ତର ମଧ୍ୟରେ ଯେଉଁ ଅନାଭା କୋହର ଅନଳ ଜଳି ଉଠିଲା—ତାହାରି ପ୍ରବାହରେ ଜଳି ଜଳି ସେ ତପସ୍ୟା ସାଧନ କରି ଅଛନ୍ତି ଅହରହ ପତିହିତ କାମନା କରି,

" ଏ ଜନ୍ମେ କିଛି ଦିନ ସହିଲେ ଦୁଃଖ
ଚାହିଁବି ପରଜନ୍ମେ ସ୍ୱାମୀ ଶ୍ରୀମୁଖ ।"

ପତ୍ନୀର ଏହି ପ୍ରଚ୍ଛନ୍ନ ରହସ୍ୟରୁ ଓ

" ଲୋକଲୋଚନେ କରି ଦୁଃଖ ଅର୍ଜନ
କରିଅଛନ୍ତି କାନ୍ତ ମୋତେ ବର୍ଜନ
ମୋ ଭାଗ୍ୟ ପରକାଳେ ସ୍ୱାମୀ ଦର୍ଶନେ
କ୍ଷମ ହେବ କି ? ··· ... ...



Digitized by srujanika@gmail.com

ଏଥିରୁ କବି ସ୍ପଷ୍ଟ ଦେଖାଇଛନ୍ତି ଏବଂ ପ୍ରମାଣିତ କରିଅଛନ୍ତି ସତୀଙ୍କର ସ୍ୱାମୀ ସହିତ ସମ୍ବନ୍ଧ କେବଳ ଦୈହିକ ବା ଐହିକ ନୁହେ ପାରତ୍ରିକ ଅଧିକନ୍ତୁ ଜନ୍ମାନ୍ତରିକ ।

ଆଉ ବର୍ଷାକାଳର କଣ୍ଟକଦୁର୍ଗମବନବାସିନୀ କେତକୀ ନିକଟରୁ

"ତାପସୀ ଗହନେ ହୋଇ ତପସ୍ୱିନୀ
ଲୋକପୂଜନୀୟା ହେବୁ ମନସ୍ୱିନୀ"

ଏବଂ "କି କରିବ ଲୋକଲୋଚନହରଣୀ
ନିଜ ଗୁଣ ଯେବେ ସ୍ୱର୍ଗୀୟ ଭୂଷଣ ।"

ଏହି ମହାଶିକ୍ଷା ସତୀଙ୍କ ତପସାଧନାକୁ ଦୃଢ଼ ଏକନିଷ୍ଠ କରିଅଛି ।

*  *  *  *

ଏହାପରେ କିଛି ଦିନାନ୍ତେ ସତୀଙ୍କର ଦୁଇ ଯମଜ ପୁତ୍ରଙ୍କ ଜନ୍ମ । ପୁତ୍ରମୁଖ ଅନାଇ ଚନ୍ଦ୍ର ସୂର୍ଯ୍ୟପରି ଏଇ ଦୁଇ କୁମରଙ୍କ ପ୍ରସୂତି ବୋଲି ସୀତା ନିଜକୁ ଧନ୍ୟ ମନେ କରିବାର କଥା, କିନ୍ତୁ ଯେଉଁ ଦୁଇ ନରେନ୍ଦ୍ରକୁମାର ମଣିମୟ ଘରେ ଶୋଭିଥାନ୍ତେ ଏବଂ

"ହୋଇଥାନ୍ତେ ନୃପ ଆନନ୍ଦବର୍ଦ୍ଧନ,
ଦୀନ ଦୁଃଖୀଙ୍କର ଦାରିଦ୍ର୍ୟ ଖଣ୍ଡନ ।"

ସେମାନେ ଆଜି "ଭାଗ୍ୟ ଦୋଷେ ଅହା ତାପସତନୟ
ରୂପେ ଅଣାକଲେ ତାପସ ନିଳୟ ।"

ସୁଖ ଦୁଃଖର, ଆନନ୍ଦ ବିଷାଦର ଏହି ଯୁଗପତ୍ ଅଧିକାର ସତୀଙ୍କ ତପସ୍ୟାକୁ କେବଳ ଏକା ସତୀଙ୍କର ନ କରାଇ ଜଗତର କରାଇଅଛି ।

ଦୁଇ ପୁତ୍ରରତ୍ନ ପାଇ ତପସ୍ୱିନୀଙ୍କ ତପସ୍ୟାର କଠୋରତା କିଛିପରିମାଣରେ କୋମଳ ହୋଇ ଉଠିଲା । ଜୀବନର ଏଡ଼େ ଦାରୁଣ ଆଘାତ, ଯାହାର କ୍ଷତ ସେ ପର୍ଯ୍ୟନ୍ତ ଅନ୍ତଃସ୍ଥଳରୁ ନିଭିପାରି ନାହିଁ ବରଂ ତୁଷାନଳ ପରି ଜଳୁଛି ତାହାର ଯନ୍ତ୍ରଣା ପୂର୍ଣ୍ଣରୂପେ ନ ହେଲେହେଁ ଯତ୍‌କିଞ୍ଚିତ୍ ଉପଶମ କରିପାରିଲେ, ସେ ଏହି କୁମାର ଦ୍ୱୟଙ୍କ ଶିଶୁ କ୍ରୀଡ଼ାରେ ଆପଣା ଭରପୂର ହୃଦୟର ବାତ୍ସଲ୍ୟ ଦେଇ ଏବଂ ପ୍ରଚ୍ଛନ୍ନ ପତିସ୍ମୃତିକୁ ଅଶ୍ରୁରେ ଅଭିଷିକ୍ତ କରି ; ତାଙ୍କ ଦଗ୍ଧ ଲପନରେ କେବେ ହେଲେ ହାସ ଅଙ୍କୁରିବ ସ୍ୱପ୍ନରେ ସୁଦ୍ଧା ସତୀ ଭାବି ନ ଥିଲେ । ତଥାପି ଶିଶୁଙ୍କ ସେହି ହାସ୍ୟ କ୍ରନ୍ଦନ ଭିତରେ ସତୀଙ୍କ ଅପୂର୍ବ ହାସ୍ୟର ଉଦୟ—ଏହି ସୁଖର ଭାଗ କାନ୍ତ ନେଲେ ନାହିଁ ବୋଲି ନିଜ ଭାଗ୍ୟକୁ ସେ ଯେ ନିନ୍ଦା କରୁଥାନ୍ତି, ସେହିକ୍ଷଣରେ ତାଙ୍କ ନାରୀତପସ୍ୟାର ଧାରା ଅକ୍ଷୁଣ୍ଣ ରହିଥାଏ । ଏହାପରି ସବୁ କ୍ଷେତ୍ରରେ ସ୍ୱାମୀଙ୍କ ସ୍ମୃତି ଆସି ତପସ୍ୱିନୀଙ୍କ ସମାଧି-ଅଗ୍ନିକୁ ଜଳାଇ ରଖିଛି । ଏହି ଅଖଣ୍ଡ ଚିତ୍ରରେ ଯଦି ଏହି ଲଘୁତ୍ରୁଟିର ସମାବେଶ ହୋଇ ନ ଥାନ୍ତା, ତେବେ ତପସ୍ୱିନୀଙ୍କ ତପଶ୍ଚର୍ଯ୍ୟା କ୍ଷୁଣ୍ଣ ହେବା ସଙ୍ଗେ ସଙ୍ଗେ, "ତପସ୍ୱିନୀ" ସ୍ରଷ୍ଟାଙ୍କ ସମ୍ମାନ ମଧ୍ୟ କିଛି ପରିମାଣରେ ବ୍ୟାହତ ହୋଇ ଉଠିଥାନ୍ତା ।

"ଯେଉଁ ସୀତା ରାମାୟଣ ନାୟିକ
ରାଘବ ହୃଦୟ-ହାର ନାୟିକ
ସେ ଯେ କୁମାରଙ୍କ ଗର୍ଭଧାରିଣୀ
ଭାଗୀରଥୀ ତୀର ବନଚାରିଣୀ"

କୁମାରେ ତାହା ଜାଣନ୍ତି ନାହିଁ । ଅଥଚ
"ରାମସୀତା ଗୁଣ ଗୌରବମାନ
ଅତି କୁତୂହଳେ କରନ୍ତି ଗାନ ।"

ତାହା ଶୁଣି ସୀତା ଲଜ୍ଜିତା ହୁଅନ୍ତି ଏବଂ ପ୍ରକୃତିର ଏହି ପରିହାସରେ ଏବଂ ସ୍ୱାମୀଙ୍କ ପୁତ୍ରବାତ୍ସଲ୍ୟ ସହିତ ପୁତ୍ରଙ୍କ ପିତୃଭକ୍ତି କିପରି ଖାପ ଖାଆନ୍ତା ପରୋକ୍ଷରେ ଅନୁମାନ କରିବାକୁ ପାଠକଙ୍କୁ ଅବସର ଦିଅନ୍ତି । ଯାହାହେଉ ତାଙ୍କ ଦ୍ୱୈତମୁଖୀ ତପସ୍ୟାର ଧାରା ଏକତୋମୁଖୀ ହୋଇ ଉଠିଲା ସେଇ ଦିନଠୁଁ—

"ଯେଉଁ ଦିନୁ ଛୁଟେ ଜନନୀ ଅଙ୍କ
ତେଜି ବିହରିଲେ ହୋଇ ନିଃଶଙ୍କ"

ଆଉ ସେହିଦିନୁ
"......ଜାନକୀ ତପସ୍ୟାବ୍ରତ
ଅନୁଷ୍ଠାନ କଲେ ଅନବରତ
ସମର୍ପି ମନ ସ୍ୱାମୀ ଚରଣେ
ଲାଗିଲେ ଜୀବନ ଶେଷ କରଣେ ।"

କିନ୍ତୁ ମରଜୀବନର ଏହି ତପସ୍ୟା ଉଦ୍‌ଯାପନ କରିବାକୁ ତାଙ୍କର ଏକମାତ୍ର ଅନ୍ତରାୟ ସେ ଭାବି ପାଉ ନାହାନ୍ତି କେଉଁ ଉପାୟରେ ପୁତ୍ର ଯୁଗଳଙ୍କୁ ସ୍ୱାମୀଙ୍କ ପବିତ୍ର ପାଦରେ ସମର୍ପଣ କରିବେ ।

ଏଣେ ପିତାପୁତ୍ର ମିଳନର ସୁଯୋଗ ଆପେ ଆପେ ପହଞ୍ଚିଲା । ସୀତା ବାଲ୍ମୀକିଙ୍କ ମୁଖରୁ ଅବଗତ ହେଲେ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ-ବ୍ରତୀ ହୋଇଅଛନ୍ତି ଏବଂ ଉକ୍ତ ଯଜ୍ଞରେ ମୁନିଙ୍କ ନିମନ୍ତ୍ରଣ । ସୁତରାଂ ଲବ କୁଶ ମଧ୍ୟ ଅନ୍ୟାନ୍ୟ ଶିଷ୍ୟଙ୍କ ସହ ଯଜ୍ଞ ଦେଖି ଯିବେ । ସୀତାଙ୍କ ମନରେ ଆନନ୍ଦ ଜନ୍ମିବାର କଥା କିନ୍ତୁ ତା ନ ହୋଇ "ଆକସ୍ମିକ ବ୍ୟଥା" ତାଙ୍କ ହୃଦୟକୁ ଘାରିଛି—ହେବ ନିଶ୍ଚୟ । ସୀତା ତ ଜାଣନ୍ତି ରାମଙ୍କ ହୃଦୟରେ ତାଙ୍କ ଛଡ଼ା ଅନ୍ୟ କାହାରି ସ୍ଥାନ ନାହିଁ—ଅଥଚ ଧର୍ମପତ୍ନୀ ବିନା ଅଶ୍ୱମେଧ ଯଜ୍ଞ ସମାହିତ ହୁଏ ନା । ସୁତରାଂ ରାମ ଅଶ୍ୱମେଧ ଯଜ୍ଞ ଆରମ୍ଭ କରୁଛନ୍ତି ଶୁଣି ସେ

"ଭାବିଲେ ନିଶ୍ଚୟ ରଘୁକୁଳ ଚୂଡ଼ାମଣି
ଅଙ୍କେ ବସାଇଲେ ଆଣି ଦ୍ୱିତୀୟା ରମଣୀ ।"

ତାଙ୍କର ପତ୍ନୀତ୍ୱ ଏଇଠି । କିନ୍ତୁ ଅନ୍ୟାନ୍ୟ ନାରୀର ପତ୍ନୀତ୍ୱ ଅପେକ୍ଷା ଏହାଙ୍କର ବିଶେଷତ୍ୱ ଏହି ଯେ ସେ ସାଧାରଣ ନାରୀ ପରି ନୀଚ ଈର୍ଷାରେ ଜଳି ପୋଡି ମରି ନାହାନ୍ତି । ତାଙ୍କର ଈର୍ଷା ତାଙ୍କର ଆଦର୍ଶ, ତାଙ୍କର ଏହି ଆଦର୍ଶବାଦରୁ ସେ ଧରିନେଲେ ପ୍ରଭୁଙ୍କର ନବପରିଣୀତା ଭାଗ୍ୟବତୀ ନିଶ୍ଚୟ ପୂର୍ବ ତପସ୍ୟାବଳରେ ଏତେ ସ୍ପୃହଣୀୟ ସ୍ଥାନ ଅଧିକାର କରି ପାରିଛି । ତେଣୁ ତାଙ୍କର ହୃଦୟ କାନ୍ଦି ଉଠିଲା କିପରି ସେ ସେହି ଭାଗ୍ୟବତୀର ତପୋଧାରାର ନିୟମମାନ ଜାଣି ପାରିବେ । ତାଙ୍କ ଚକ୍ଷୁରେ ରାମପ୍ରୀତି ଆକାଶପରି ଏଡ଼େ ଉଚ୍ଚ, ଏଡ଼େ ମହାନ ଏବଂ ଦେବତାର ଆଶୀର୍ବାଦ ପରି ଏଡ଼େ ଦୁର୍ଲଭ ! !



Digitized by srujanika@gmail.com

ତତ୍‌ପରେ ସେ ଏକ ନିବେଦନ ପତ୍ର ଲେଖି ବସିଲେ । ନିବେଦନଟିରେ ସେ ଧନ ରତ୍ନ ଚାହିଁ ନାହାନ୍ତି, ଚାହିଁଛନ୍ତି ସେହି କଳ୍ପିତା ଭାଗ୍ୟବତୀ—

" ପୂର୍ବେ ସେହି କରିଥିଲେ କେଉଁ ଘୋର ତପ
କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ
ଏହା ମାତ୍ର, ପ୍ରଭୋ, ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ
କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ
ତହିଁରୁ ଅଧିକ ତାହା ହେବ ମୋର ଜ୍ଞାନ ।"

ଏତେ଼ ଶୁଦ୍ଧନିର୍ମଳ ପ୍ରାଣଟି 'ଅରଣ୍ୟ ପ୍ରସୂନ'ର ଦଶା ଭଜୁଛି ଏବଂ ତାର ହେତୁ ରାମଚନ୍ଦ୍ର—ଏ କଥା ଭାବିଲେ ପାଠକର ହୃଦୟ ରାମଙ୍କ ସର୍ବଗୁଣସମ୍ପନ୍ନ, ପରିପୂର୍ଣ୍ଣ ମାନବତ୍ୱ ପ୍ରତି ମଧ ବିଦ୍ରୋହୀ ହୋଇ ଉଠେ ।

କାନ୍ତାରଗୃହିଣୀ ସତୀଙ୍କର ଦାରୁଣ କାତରତା ମର୍ମାନ୍ତିକ କରୁଣ ହୋଇ ଉଠିଛି ତାଙ୍କ ଅଶ୍ରୁସିକ୍ତ ପତ୍ରର ଶେଷକୁ ଯେତେବେଳେ ପିତୃମାତୃପରିଚୟଅନଭିଜ୍ଞ ବାଳକ ଦୁହିଁଙ୍କ କଥା ଉଲ୍ଲେଖ କରି ସେ କହିଛନ୍ତି—

" ଶୁଣାଇବେ ତୁମ୍ଭଗତ ଦୁଃଖର କାହାଣୀ
ଯା ଶୁଣିଲେ ଦୁଃଖିନୀର ହୃଦ ହୁଏ ହାଣି
ନ ଶୁଣିଲେ ତହିଁ ପ୍ରତି ଧାଉଁ ଥାଏ ମନ
ନ ହୁଅଇ କରି ତାର ଔତ୍ସୁକ୍ୟ-ଦମନ
ଧୀରବର, ସେ କଥାକୁ ଯେବେ ତବ ଶ୍ରୁତି
ଆଣିବ ଯଦ୍ୟପି ଦୀନା ବୈଦେହୀର ସ୍ମୃତି
ବୈଦେହୀର ପ୍ରଣୟୀକୁ ମଣିବ ସ୍ୱପନ
ଚାହିଁ ନବ ପ୍ରଣୟିନୀ ପ୍ରଫୁଲ୍ଲ ଲପନ, "

ଆଉ ବି ଲେଖିବେ ଭାବୁଛନ୍ତି ଲବକୁଶ ଆସି ଯେତେବେଳେ ସୀତାଙ୍କୁ ଖବର ଦିଅନ୍ତି—

" ରାମଚନ୍ଦ୍ର ଯୋଗୁଁ ଆଜ ଧନ୍ୟ ଏ ଜଗତ
ଜନ ଅପବାଦ ରାମ କଲେ ବିଭଞ୍ଜନ
ପ୍ରାଣପ୍ରଣୟିନୀ ସୀତା କରି ବିସର୍ଜନ
ଅଶ୍ୱମେଧ ଯଜ୍ଞେ ସହଧର୍ମିଣୀ ସକାଶେ
କାନନୀ ଜାନକୀ ରାମ ରଖିଛନ୍ତି ପାଶେ "

ଲବକୁଶ ଜାଣନ୍ତି ନାହିଁ ଏହି ଜଗତ୍‌ଧନ୍ୟ ରାମଚନ୍ଦ୍ର ତାଙ୍କର ପିତା ଏବଂ ଯାହାଙ୍କ ନିକଟରେ ସେମାନେ ଏହି ବିବୃତ୍ତି କରି ଯାଉଛନ୍ତି ତାଙ୍କର ସେହି ଜନନୀହିଁ ଅଭାଗିନୀ ଜାନକୀ । ସୁତରାଂ ରାମଙ୍କ ପ୍ରତି ସରକ୍ତ ପ୍ରଶଂସାରେ ତାଙ୍କ ହୃଦୟ ଉଦ୍‌ପ୍ଲୁତ କରି ନିରୁଦ୍ଦିଷ୍ଟା ଜାନକୀଙ୍କ ପ୍ରତି କାତର ସହାନୁଭୂତିରେ ଗଳି ପଡ଼ି ଯେତେବେଳେ କହିଲେ

" ଥିଲେ କି ଜନନୀ ତାଙ୍କୁ ଦୟିତା ଦୁର୍ଲଭ
ଅନ୍ୟ ଜାୟା ନ ଇଚ୍ଛିଲେ ଜାନକୀବଲ୍ଲଭ, "

ଅଉ, " କାହିଁଗଲେ ଜାନକୀ ମା ନ ଥିବେ ଜୀବନେ
ନ ପାରିଲୁଁ ଜାଣି ଏହି କଥା ରାମାୟଣେ । "

ଜାନକୀଙ୍କ ପ୍ରାଣ କ'ଣ ହୋଇଥିବ ଲେଖକ ପାଠକଙ୍କୁ ଅନୁମାନ କରିବାକୁ ଛାଡ଼ି ଦେଇଛନ୍ତି—ନିଜ ଗର୍ଭସମ୍ଭୂତ ବାଳକ ମୁଖରୁ ପ୍ରକୃତ ପରିଚୟ ଅଭାବବିଶିଷ୍ଟା ଜନନୀ ନିକଟରେ ସେହି ଜନନୀର ଦୁଃଖ କାହାଣୀ ପ୍ରକାଶ କରି ସମବେଦନା ପ୍ରକାଶ କରିବା ଶୁଣିଲେ କେଉଁ ପାଷାଣୀ ଜନନୀର ପ୍ରାଣ ନ କାନ୍ଦି ସ୍ଥିର ହୋଇ ରହିବ, ସୁତରାଂ କ୍ରୋଡ଼ରେ ପ୍ରୀତିରେ ଯେତିକ ସେ ଅପ୍ଲୁତ ହେଲେ ସେତିକ ତାଙ୍କ ମନରେ ଆତ୍ମଗ୍ଲାନି ଅଧିକାର କଲା । ସେ ଲଜ୍ଜିତା ହୋଇ ମନେ ମନେ କହିଲେ—

" ମୁଁ ସିନା ଅବଳା ଅତି ଦୁର୍ବଳହୃଦୟା
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା
ଅପରାଧ କ୍ଷମ ନାଥ କ୍ଷମାର ସାଗର
ବିଧି କଲା ମୋତେ ତୁମ୍ଭ ହୃଦୟର ଗର, "

ଯାହାହେଉ ଅନ୍ୟାନ୍ୟ ଉପଦେଶ ସଙ୍ଗେ

" ପଚାରିବେ କେହି ଯେବେ କାହାର ନନ୍ଦନ
ଉତ୍ତରେ ବୋଲିବ, 'ଆମ୍ଭେ ତପସ୍ୱିନୀ ଧନ' ।"

ଏତିକି କହି ପୁତ୍ରଦ୍ୱୟଙ୍କୁ ପିତାଙ୍କ ନିକଟକୁ ପଠାଇ ତାଙ୍କ ଜୀବନରେ ଶେଷ ମାୟାଟିକୁ ବିସର୍ଜନ ଦେଇଛନ୍ତି । ବସ୍ତୁତଃ ଏହିଠାରେହିଁ 'ତପସ୍ୱିନୀ' କାବ୍ୟର ଉପସଂହାର ।

ସ୍ଥୂଳତଃ କହିବାକୁ ଗଲେ କାବ୍ୟର ଆରମ୍ଭ ନିର୍ବାସିତା ସୀତାଙ୍କର ବିଳାପରେ ଏବଂ କାବ୍ୟର ପ୍ରକୃତ ସମାପ୍ତି ସ୍ୱାମୀଙ୍କ ନିକଟକୁ ପୁତ୍ରଙ୍କୁ ପ୍ରେରଣରେ—ଅଉ ଅନ୍ତର୍ବର୍ତ୍ତୀ ବ୍ୟବଧାନ ସତୀଙ୍କ ତ୍ୟାଗ ତପସ୍ୟା—ଯେଉଁ ତପସ୍ୟାର ମେରୁଦଣ୍ଡ ଅଚଳା ପତିଭକ୍ତି । ଯେଉଁ କେତୋଟି ବର୍ଷ ସେ ତାପସୀମାନଙ୍କ ସୌହାର୍ଦ୍ଦକୁ ସମ୍ବଳ କରି ଆଶ୍ରମରେ କଟାଇଲେ ତହିଁମଧ୍ୟରୁ ଏପରି ଦିନ ଯାଇ ନାହିଁ ଯେଉଁ ଦିନ ସତୀ ପତିସ୍ମୃତିବର୍ଜିତ ହୋଇଅଛନ୍ତି । ପ୍ରକୃତିର ପ୍ରତି ଛବିରୁ ସେ ଶିକ୍ଷା ଗ୍ରହଣ କରିଛନ୍ତି—ସ୍ୱାମୀହିଁ ସର୍ବସ୍ୱ ବୋଲି ବୁଝିବାକୁ । ପୁତ୍ରଦ୍ୱୟଙ୍କ ବାଲକ୍ରୀଡ଼ାସୁଖରେ ସୁଖୀ ହୋଇ ସ୍ମରଣ କରିଛନ୍ତି ସ୍ୱାମୀଙ୍କୁ, ସ୍ୱାମୀ ଏ ସୁଖର ଭାଗୀ ହେଲେ ନାହିଁ ବୋଲି ।

ସୀତାଙ୍କର ଏହି ପତିଭକ୍ତିର ଚିତ୍ର ସର୍ବାଙ୍ଗସୁନ୍ଦର, ଯେମିତି କରୁଣ ସେହିପରି ଚିତ୍ତାକର୍ଷକ । ସେ ଯେଉଁ ପ୍ରଦୀପ୍ତ ସତୀତ୍ୱ ଅସିଧାର ଏହି ବିରହର ହବା ଯାମିନୀ କାଟିଛନ୍ତି ତାହା ତାଙ୍କ ହାତର "ରହୁଚୂଡ଼ ପର"—ତପସ୍ୱିନୀର ଜୀବନଯାକ "ବିଷାଦ-ସାଗର ପୁଳିନରେ" ନ ବୁଡ଼ି ଫୁଟିଉଠିଛି । ସତୀଙ୍କର ଏତେ଼ ନିଷ୍କଳଙ୍କ ସତୀତ୍ୱରେ ମୁଗ୍ଧ ଅଥଚ ତାଙ୍କ ଜୀବନବ୍ୟାପୀ ଦୁଃଖରେ ନିତାନ୍ତ ବ୍ୟଥିତ ହୋଇ କବି ନିଦ୍ରାଦେବୀ ମୁଖରେ ନିଜର ବ୍ୟଥାଭାର ନିଃସୃତ କରି ପଚାରିଲେ "ପତିପ୍ରାଣା ହୋଇ ତାର ହେଲା କେଉଁ ଫଳ" ଏବଂ ମାୟାଦେବୀଙ୍କ ଦ୍ୱାରା ଦୁଃଖିନୀଙ୍କ ଭବିଷ୍ୟତ୍ ପ୍ରକଟିତ କରାଇ, ଯେତେବେଳେ ଦେଖାଇଲେ



Digitized by srujanika@gmail.com

ଜ୍ୟୋତିର୍ମୟ ରାମଚନ୍ଦ୍ର ଜ୍ୟୋତିର୍ମୟ ସିଂହାସନରେ ଜ୍ୟୋତିର୍ମୟୀ ସୀତାଙ୍କ ସହିତ ଦୁଇ ପୁତ୍ରଙ୍କୁ ନେଇ ଉପବିଷ୍ଟ;

ଆଉ– "କୋଟି କୋଟି ନରନାରୀ ମହାତୀର୍ଥ ଜ୍ଞାନ
କରି ସେ ପବିତ୍ର ତୀର୍ଥେ କରୁଛନ୍ତି ସ୍ନାନ ।"
ଏବଂ "ରଜନୀ ବାସରେ ସନ୍ଧ୍ୟା ପ୍ରଭାତ ସମୟେ
ସୁଖେ ଦୁଃଖେ, ଧନୀ, ଧନ-ହୀନର ହୃଦୟେ
ଉଚ୍ଚାରିତ ହେଉଅଛି "ଜୟ ସୀତା ରାମ"
ଶୁଣି ମୁଗ୍ଧ ହେଲେ ସତୀ ଲଲନାଲଲାମ ।"

ସେତିକବେଳେ ଯାଇ କବିଙ୍କର ବେଦନା ବ୍ୟଥିତ ପ୍ରାଣରେ କିଞ୍ଚିତ୍ ଆଶ୍ୱସ୍ତି ଆସିଲା ।

ସମଗ୍ର କାବ୍ୟରେ ଆମ୍ଭେମାନେ ଦେଖୁଁ ସୀତା ତପସ୍ୱିନୀ । ମଣିମୟ ପୁରର ହିମାଦ୍ରି ସମ ଐଶ୍ୱର୍ଯ୍ୟ-ଶିଖରରୁ ଦୈନ୍ୟର ନିମ୍ନତମ ତଳକୁ ନିକ୍ଷିପ୍ତା ସେ । ଅଥଚ ପୁତ୍ର ଜନ୍ମ ସମୟଟିକ ଛାଡ଼ି ଦେଲେ ହିନକ ପାଇଁ ହୁଦା ସେହି ଐଶ୍ୱର୍ଯ୍ୟର ମୋହ-ସ୍ମୃତି ତାଙ୍କ ପ୍ରାଣକୁ ଛୁଇଁ ନାହିଁ—ଆରୋପିତ କଳଙ୍କର ବୋଝ ଯେପରି ଆଦୌ ସେ ପ୍ରକୃତପୁଞ୍ଜ ବିରୁଦ୍ଧରେ ଉଠି ନାହାନ୍ତି ଏବଂ ଆତ୍ମ-ସମର୍ଥନ ନ କରି ହୁଦା ଲୋକାପବାଦର ଅନଧିଗମ୍ୟ ପ୍ରଦେଶର ଏକ ସୂକ୍ଷ୍ମ ନିଭୃତ କୋଣରେ ପତି ପତ୍ନୀଙ୍କର ସେହି ଯେ ଏକ ସୁମଧୁର ସଂଯୋଗର ନିରବଚ୍ଛିନ୍ନତା ତାହାର ଅମୃତ ସିଞ୍ଚନରେ କେବଳ ସ୍ମୃତି-ସମ୍ବଲ ତପୋଧାରାକୁ ସଜୀବିତ କରି ସେ ତ୍ରିଭୁବନର ଅନୁକରଣୀୟା ଓ ପୂଜନୀୟା ହୋଇଅଛନ୍ତି । ସେ ଦେଖାଇ ଯାଇଛନ୍ତି ପତ୍ନୀ ଯେଉଁଠାକୁ ଯାଉ ସେ ପତିଙ୍କର ସହବାସିନୀ । ସ୍ୱହସ୍ତୀନା ଯେ ଆକାଶର ତାରା ଆଉ ବୃକ୍ଷ ଛାୟାର ଜ୍ୟୋତିରଙ୍ଗଣକୁ ନିରାଶ୍ରୟାକୁ ଆଲୋକ କରି ତାଙ୍କର ପାତିବ୍ରତ୍ୟ ହୋଇ ଉଠିଛି ଅନିର୍ବାଣ ତାର ଜଗତରେ ଆଲୋକ । Ruskinଙ୍କ ଭାଷାରେ ସେ "infallibly faithful—incorruptibly just and pure example—strong always to sanctify even when cannot save." Othelloର Shakespeareଙ୍କ ସଙ୍ଗେ ଏକମତ ହୋଇ ଆମ୍ଭେମାନେ ଭାବୁଁ—"Oh, murderous coxcomb! what should such a world do with so good a wife?"

ଏତେ ବଡ଼ ପରିକଳ୍ପନାରେ କୃତିତ୍ୱ ଲାଭ ଯେ କୌଣସି କବି ପକ୍ଷରେ ଆତ୍ମଶ୍ଲାଘାର ବିଷୟ । ତଥାପି କବି କହୁଛନ୍ତି, "ବିଜ୍ଞ ପାଠକ ବୃନ୍ଦ, ଏଥିରେ ମୋର କୃତିତ୍ୱକୁ ଲକ୍ଷ୍ୟ ନ କରି ନିଜ ନିଜର ହୃଦୟସ୍ଥ ସୀତାଙ୍କର ଉଜ୍ଜ୍ୱଳ, ନିର୍ମଳ ଓ ପବିତ୍ର ଚରିତ୍ର-ଚିତ୍ରିତ-ସ୍ମୃତି-ପଟକୁ ଥରେ ଥରେ ଉଦ୍‌ଘାଟନ କରି ନାରୀ ହୃଦୟର ଉନ୍ନତିବିଧାନ କରିବେ, ଏହି ମାତ୍ର ଇଚ୍ଛା ।" ସତୀତ୍ୱର ଏହି ଅବଧାରଣା ଉତ୍କଳର ଗଙ୍ଗାଧରଙ୍କ ଲେଖନୀରୁ ନ ବାହାରି ଯଦି ବିଦେଶୀୟ କାହାରି ଲେଖନୀରୁ ବାହାରି ଥାନ୍ତା, ତେବେ ସେ ଆଜି ଉତ୍କଳର କବି ନ ହୋଇ ଜଗତର କବି ହୋଇଥାନ୍ତେ । ଗଙ୍ଗାଧରଙ୍କ ଦୁର୍ଭାଗ୍ୟ ଯେ ସେ ପାଶ୍ଚାତ୍ୟ ଜଗତରେ ଜନ୍ମ ଗ୍ରହଣ କରି ନାହାନ୍ତି ।

# ଦେଶର ମାଟି

**ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ**

ଏହି ମାଟିରେ ମୋହର ଜନମ,
ଏହି ମାଟିରେ ମଣିଷ ମୁହିଁ,
ମୋର ସାତ ପୁରୁଷର ଦେହର ପାଉଁଶେ
ଏ ମାଟି ସ୍ୱରଗଭୂଇଁ ।

ଏହି ମାଟିର ନୀଳାଭ ନଭେ,
ଏହି ପବନର ପ୍ରବାହରେ,
ମୋର ପିତାମହଙ୍କ ଅମର ଆତ୍ମା
ବିଚରନ୍ତି ଅଗୋଚରେ ।
ତାଙ୍କ ମଙ୍ଗଳ ଆଶିଷ ଲଭି,
ତାଙ୍କ ପାବନ ଚରଣ ଛୁଇଁ,
ଏହି ମରତଭୂଇଁରେ ଏ ମାଟି ହୋଇଛି
ଅମର ସ୍ୱରଗଭୂଇଁ ।

ଏହି ମାଟିର ଆଲୋକେ ହିନେ
ମୁହିଁ ମେଲିଛି ପ୍ରଥମେ ଆଖି;
ଏହି ମାଟିର ବୁକୁରେ "ମା", "ମା", ବୋଲି
ଉଠିଛି ପ୍ରଥମେ ଡାକି ।
ଏହି ମାଟିରେ ଉଠିଛି ଫୁଟି
ମୋର ପ୍ରେମର ମାଧବୀ ଯୂଈ !
ମୋର ଶତ ସ୍ନେହସ୍ମୃତି-ଅମରାବତୀ ଏ
ଭୂତର ସ୍ୱରଗଭୂଇଁ !



Digitized by srujanika@gmail.com

# ମସ୍ତିଷ୍କ ଓ ବୁଦ୍ଧି

**ଶ୍ରୀ ରାମକୃଷ୍ଣ ନନ୍ଦ**

ସଂସ୍କୃତ ହିତୋପଦେଶ ଓ ଇଂରାଜୀ Aesop's Fablesରୁ ଆରମ୍ଭ କରି ଆଜିକାଲିକାର ପାଠ୍ୟ ପୁସ୍ତକ ପର୍ଯ୍ୟନ୍ତ ସବୁଥିରେ ଜୀବଜନ୍ତୁମାନଙ୍କ ବୁଦ୍ଧି ଓ ବୋକାମି ସମ୍ବନ୍ଧରେ ଯେତେ ଯେତେ ଗଳ୍ପ ପ୍ରକାଶିତ ହୋଇଛି ବା ହେଉଛି, ତାକୁ ପଢିଲେ ମନେ ହୁଏ, ଇତର ଜୀବମାନେ ଠିକ୍ ଆମରି ପରି ଭାବନ୍ତି, ବୁଦ୍ଧି ଖଟାନ୍ତି, କେହି କେହି ବା ବୁଦ୍ଧି ତୁଳନା ନ କରି ବିପଦରେ ପଡ଼ନ୍ତି । ଏହି ଗଳ୍ପ ଗୁଡ଼ିକ ପଢି ପଢି ପିଲା କାହିଁକି, ବୟସ୍କ ଲୋକର ମଧ୍ୟ ଧାରଣା ଆସେ ଯେ କେତେକ ପଶୁ ବା କେତେକ ପକ୍ଷୀ ଅପେକ୍ଷାକୃତ ଅଧିକ ବୁଦ୍ଧିମାନ୍ । ଦୃଷ୍ଟାନ୍ତ ସ୍ୱରୂପ କୁହା ଯାଇପାରେ ବିଲୁଆ ବା କୁକୁରଙ୍କ କଥା । 'ବର୍ଣ୍ଣବୋଧ'ର 'ବିଲୁଆ ବଡ ଚତୁର, ପଇଡ଼ ବଡ଼ ମଧୁର' ଅନେକେ ହୁଏତ ଭୁଲି ନ ଥିବେ । 'ବିଲୁଆର ବୁଦ୍ଧି' ପ୍ରବଚନରେ ପରିଣତ ହେଲାଣି । ଏ ତ ସବୁ ଯେତେ ହେଲେ କଳ୍ପନାର ଖେଳ ଏବଂ ସୁକୁମାରମତି ବାଳକବାଳିକାମାନଙ୍କ ପାଇଁ ଅଭିପ୍ରେତ । ଏଥିରେ ସତ୍ୟତା କେତେ ଅଛି ବା ଥାଇପାରେ ତାହା ବର୍ତ୍ତମାନ ବିଚାର କରାଯାଉ ।

ଏ ସଂସାରରେ ଅଗଣିତ କୀଟପତଙ୍ଗ ଓ ପଶୁପକ୍ଷୀ ରହି ଅଛନ୍ତି । ଏ ସମସ୍ତଙ୍କର ଗତିବିଧି ନିରୀକ୍ଷଣ କରି ସେମାନଙ୍କର ବୁଦ୍ଧିବୃତ୍ତିର କଳନା କରିବା ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବ ନ ହେଲେହେଁ ସେ ଯେଉଁ କେତେକ ଗୃହପାଳିତ ଜୀବଜନ୍ତୁଙ୍କୁ ନିତି ନିତି ଆଖି ଆଗରେ ଦେଖୁଛି ବା ଯେଉଁ ଜୀବମାନଙ୍କୁ ସେହିପରି ଦେଖିବାର ସୁବିଧା ପାଉଛି, ସେମାନଙ୍କ ଗତିବିଧିରୁ ବୁଝିପାରୁଛି ଯେ କେତେକ ଜୀବ ଅପେକ୍ଷାକୃତ ଚତୁର ଓ ବୁଦ୍ଧିମାନ୍, ଆଉ କେତେକ ଓଲୁ ବା ବୋକା । ପଶୁମାନଙ୍କ ମଧ୍ୟରେ ହାତୀ, କୁକୁର, ଗୋରୁ, ବିଲୁଆ; ପକ୍ଷୀମାନଙ୍କ ମଧ୍ୟରେ କୁଆ, ବାଇଆ ଏବଂ କ୍ଷୁଦ୍ର ଜୀବମାନଙ୍କ ମଧ୍ୟରେ ପିମ୍ପୁଡ଼ି, ମହୁମାଛି ଇତ୍ୟାଦି ବେଶ୍ କୌଶଳରେ କେତେକ କାର୍ଯ୍ୟ କରିପାରନ୍ତି ବୋଲି ସେମାନଙ୍କ ବୁଦ୍ଧି ବେଶୀ ଏ ଧାରଣା ସ୍ୱତଃ ଆସିଥାଏ । ମାଙ୍କଡ଼ ମଧ୍ୟ ସେହିପରି ଗୋଟିଏ ବୁଦ୍ଧିମାନ ପ୍ରାଣୀ । କୌଣସି ଏକ ଚିଡ଼ିଆଖାନାରେ ଥରେ ଗୋଟିଏ ସିମ୍ପାଞ୍ଜି ବା ବନମନୁଷ୍ୟ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବାର ପ୍ରମାଣ ମିଳେ । ଅବଶ୍ୟ ସେ ମାଙ୍କଡ଼ଟି ଜାଣିଶୁଣି ମନୁଷ୍ୟପରି ମୃତ୍ୟୁକୁ ବରଣ କରିଥିଲା କି ଖେଳୁ ଖେଳୁ ଶେଷ ଖେଳଟା ଖେଳି ପକାଇଲା ତାହା ପାଠକମାନେ ବିଚାର କରି ଦେଖିବେ, କାରଣ ତାହା ଜାଣିବାର କୌଣସି ଉପାୟ ନାହିଁ । ତେବେ ମାଙ୍କଡ଼ର କିଛି କିଛି ବୁଦ୍ଧି ଅଛି—ଏଇଟା ବୋଧହୁଏ କେହି ଅସ୍ୱୀକାର କରିବେ ନାହିଁ । ମାଙ୍କଡ଼ ତ ଦୂରର କଥା, ଏପରିକି ଛାରପୋକ ସୁଦ୍ଧା ବିଧାତାଙ୍କର ଏ ଉତ୍କୃଷ୍ଟ ଦାନରୁ ବଞ୍ଚିତ ନୁହେ । ଜଣେ ପ୍ରାଣୀତତ୍ତ୍ୱବିତ୍ ଏ ସମ୍ପର୍କରେ ଲେଖିଛନ୍ତି—"Cleverness amongst insects is not very noticeable, but the bed-bug has given observers many surprises" ଅର୍ଥାତ୍ କୀଟମାନଙ୍କ ମଧ୍ୟରେ ଚତୁରତା ଖୁବ୍ ବେଶୀ ଦେଖା ଯାଏ ନାହିଁ, କିନ୍ତୁ ଛାରପୋକକୁ ଲକ୍ଷ୍ୟ କରି କେତେକ ଦର୍ଶକ ବିସ୍ମିତ ହୋଇ ଅଛନ୍ତି । ତା ପରେ ସେ ଗୋଟିଏ ଉଦାହରଣ ଦେଇ ଲେଖିଛନ୍ତି, ଥରେ ଗୋଟାଏ ଖଟରୁ ଛାରପୋକକୁ ବାହାର କରି ଦେଇ ସେହି ଖଟର ଚାରିଟି ଯାକ ଖୁରାକୁ ବିଷାକ୍ତ ଜଳରେ ବୁଡ଼ାଇ ରଖାଗଲା । ତା ପରେ ଦେଖାଗଲା ଛାରପୋକଟା କାନ୍ଥରେ ଚଢି, ଛାତକୁ ଉଠି, ସେଠାରୁ ଠିକ୍ ଖଟ ସିଧା ଖସି ପଡିଲା !

ଏହି ଲେଖକଙ୍କ ମତରେ ବହୁପାଦବିଶିଷ୍ଟ ପୋକ ଏବଂ ବୁଢିଆଣୀ, ଏମାନଙ୍କର ବୁଦ୍ଧି ଅପେକ୍ଷାକୃତ କମ୍ । ଥରେ ଆହାରରେ ବ୍ୟାପୃତ ଥିବା ଗୋଟିଏ ବହୁପାଦବିଶିଷ୍ଟ ପୋକର ଗଣ୍ଡିଗଡ଼ଟା କାଟି ଦେବା ପରେ ସୁଦ୍ଧା ଦେଖାଗଲା, ସେ ପୂର୍ବପରି ଖାଇବାରେ ଲାଗିଛି ଏବଂ ତାର କଟା ଅନ୍ତ ବାଟେ ପଛ ଆଡ଼ୁ ଖାଦ୍ୟଯାକ ବାହାରି ଯାଉଛି । ଏ ଅବଶ୍ୟ ଏକ ବିଚିତ୍ର ତଥ୍ୟ, କିନ୍ତୁ ଏ ଜାତୀୟ ଘଟଣା ବିରଳ ନୁହେଁ । ଏହିଠାରେ ଆମ୍ଭେମାନେ ଦେଖି ପାରିବୁଁ ମନୁଷ୍ୟ ଓ ଇତର ଜୀବ ମଧ୍ୟରେ ପାର୍ଥକ୍ୟ । ଉପରୋକ୍ତ ପୋକଟି ଗୋଟିଏ କଳ ବା machine ପରି । ପାଟିର କାର୍ଯ୍ୟ ଖାଇବା, ସେ ତାହା କରୁଛି, ଅଥଚ ଏଣେ ଗଣ୍ଡିଟା ଛିଡ଼ି ଗଲାଣି । ଯନ୍ତ୍ରଣା ଅନୁଭବ କରିବାର ଶକ୍ତି ନାହିଁ । ଉପର ସ୍ତରର ଜୀବମାନେ ଅପେକ୍ଷାକୃତ ବୁଦ୍ଧିମାନ ହେଲେହେଁ ଊଣାଅଧିକେ ଯନ୍ତ୍ରଚାଳିତ ପରି ସମସ୍ତେ କାର୍ଯ୍ୟ କରନ୍ତି । ମୂଷାକୁ ଖାଇବା ପୂର୍ବରୁ ବିରାଡ଼ି ତାକୁ ଧରି ଖେଳାଏ, ବାଘ ଆହତ ମନୁଷ୍ୟ ସଙ୍ଗେ ଖେଳେ । ଏହା ଦେଖି କେହି କେହି କହିଛନ୍ତି ଯେ ସେମାନଙ୍କର ନିଷ୍ଠୁରତା ପ୍ରବୃତ୍ତି ରହିଛି । କିନ୍ତୁ ଜାଣି ଶୁଣି ଶତ୍ରୁକୁ କଷ୍ଟ ଦେବାର ପ୍ରବୃତ୍ତି ଦାୟିତ୍ୱବୋଧସମ୍ପନ୍ନ ମନୁଷ୍ୟ ବ୍ୟତୀତ ଆଉ କାହାରି ଥିବା ପରି ମନେ ହୁଏ ନାହିଁ । ବାଇଆ ଚଢେଇ ଏତେ କୌଶଳରେ ବସା ନିର୍ମାଣ କରେ, ମହୁମାଛି ଏଡ଼େ ସୁନ୍ଦର ଓ ସମାନ କରି କୋଠରୀ ତିଆରି କରେ, ବୁଢିଆଣୀ ଏଡ଼େ ସୂକ୍ଷ୍ମ ଓ ସୁନ୍ଦର ଜାଲ ବୁଣି ପାରେ, ଅପରିଚିତ ବ୍ୟକ୍ତିଙ୍କୁ ବା ଚୋରକୁ ଦେଖି କୁକୁର ଭୁକେ, ପିମ୍ପୁଡ଼ି ବର୍ଷାଦିନ ପାଇଁ ଖାଦ୍ୟ ସଞ୍ଚୟ କରି ରଖେ— ଏ ସବୁ ଦେଖି ଆମ୍ଭେମାନେ ତାଙ୍କର ବୁଦ୍ଧିକୁ ପ୍ରଶଂସା କରୁ, କିନ୍ତୁ ଏ ସବୁ କାର୍ଯ୍ୟରେ ବୁଦ୍ଧିର ବାହାଦୁରୀ ବେଶି କଅଣ ଅଛି ! ଜୀବର ସ୍ୱାଭାବିକ ପ୍ରବୃତ୍ତି ଗୁଡ଼ିକ ମଧ୍ୟରୁ ଯାହାର ଯେଉଁଟା ବେଶି



Digitized by srujanika@gmail.com

ଶକ୍ତିଶାଳୀ, ତାହା ଆମ୍ଭମାନଙ୍କୁ ବିସ୍ମିତ କରିଥାଏ । ବୁଦ୍ଧିର ପ୍ରକୃତ ପରିଚୟ ବା ପରୀକ୍ଷା ମିଳେ—ଯେତେବେଳେ ଅବସ୍ଥା ପରିବର୍ତ୍ତନରେ ଜୀବ ନିଜକୁ ସେହିପରି ପରିଚାଳିତ କରେ; ଏହା ଯେ ଇତର ଜୀବମାନଙ୍କର ନାହିଁ ତାହା ନୁହେ; ଏହା ଖୁବ୍ ନିମ୍ନ ସ୍ତରର ମେରୁଦଣ୍ଡୀ ପ୍ରାଣୀଠାରେ ମୁଦ୍ଧା ଦେଖା ଯାଉଅଛି । କିନ୍ତୁ ମନୁଷ୍ୟର ଏ ଶକ୍ତିଟି ସବୁଠାରୁ ପ୍ରଖର ।

ଉପରଲିଖିତ ଦୃଷ୍ଟାନ୍ତ ଓ ଆଲୋଚନାରୁ ଏହାହିଁ ପ୍ରତିପନ୍ନ ହେଉଅଛି ଯେ ମନୁଷ୍ୟେତର ପ୍ରାଣୀ ସାଧାରଣତଃ ଯନ୍ତ୍ରଚାଳିତ ପରି କାର୍ଯ୍ୟ କରନ୍ତି; ତଥାପି କେତେକଙ୍କର ଚତୁରତା ବା ବୁଦ୍ଧି ସ୍ପଷ୍ଟ । ମେରୁଦଣ୍ଡୀ ପ୍ରାଣୀମାନଙ୍କ ମଧ୍ୟରେ ସ୍ତନ୍ୟପାୟୀ ଏବଂ ମେରୁଦଣ୍ଡହୀନମାନଙ୍କ ମଧ୍ୟରେ କୀଟମାନେ ଉତ୍କର୍ଷ ଲାଭ କରିଅଛନ୍ତି । ମାତ୍ର କୀଟମାନେ ସେମାନଙ୍କର ଆକୃତିର କ୍ଷୁଦ୍ରତା ଦୃଷ୍ଟିରୁ କ୍ଷୁଦ୍ରତମ ମସ୍ତିଷ୍କର ଅଧିକାରୀ—ତେଣୁ ସେମାନଙ୍କର ମସ୍ତିଷ୍କ ସ୍ୱଳ୍ପ ପରିସର ମଧ୍ୟରେ କାର୍ଯ୍ୟ କରେ । ସେମାନଙ୍କର ମସ୍ତିଷ୍କ କେତୋଟି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଅଭିପ୍ରେତ କଳଯନ୍ତ୍ର ପରି—କେବଳ ସେତିକ କାମ କରିବ, ଅନ୍ୟ କିଛି କରି ପାରିବ ନାହିଁ । କୌଣସି ଆକସ୍ମିକ ଘଟଣା ଘଟିଲେ କୀଟର କ୍ଷୁଦ୍ର ମସ୍ତିଷ୍କ ହଠାତ୍ ନିର୍ଦ୍ଦିଷ୍ଟ ପନ୍ଥା ଛାଡ଼ି ଦେଇ ଏକ ନୂତନ ମାର୍ଗକୁ ଆଶ୍ରୟ କରିବ ଏହା ଭାବିବା ଯାହା, ଷ୍ଟିମ୍ ଇଞ୍ଜିନ୍ କଳ ହଠାତ୍ ତାର କାମ ଛାଡ଼ି ଦେଇ ସିଲେଇ କଳର କାମ ଧରି ନେବ ଏହା ଭାବିବା ସେଇୟା ।

ଏହିଠାରେ ଆମ୍ଭମାନଙ୍କୁ ମସ୍ତିଷ୍କ କଅଣ ଏବଂ ତାହାର ବୁଦ୍ଧି ସହିତ କି ସମ୍ପର୍କ ଅଛି ଏହା ଆଲୋଚନା କରିବାକୁ ହେବ । ଏହା ଅବଶ୍ୟ ଗୋଟିଏ ଜଟିଳ ସମସ୍ୟା । ପ୍ରବୀଣ ବୈଜ୍ଞାନିକ ଓ ପାଶ୍ଚାତ୍ୟ ଡାକ୍ତରମାନେ ଏ ବିଷୟରେ ବହୁ ପରୀକ୍ଷା ଓ ଗବେଷଣା କରି ଯେଉଁ ମତମାନ ପ୍ରକାଶ କରିଅଛନ୍ତି, ତାହା ଅନେକ ଜଟିଳ ସମସ୍ୟାର ସମାଧାନ କରୁଥିଲେହେଁ ସମ୍ପୂର୍ଣ୍ଣ ପରିଷ୍କାର ନୁହେଁ । ବୁଦ୍ଧି ବା Intelligence ସମ୍ବନ୍ଧରେ ଅନେକ ଗ୍ରନ୍ଥ ପ୍ରକାଶିତ ହୋଇଛି; ସେଥିରେ ବହୁ ବିଚକ୍ଷଣ ଦାର୍ଶନିକ ଲେଖନୀ ଚଳାଇଛନ୍ତି । ମାତ୍ର ତାକୁ ପଢ଼ିସାରି ଜଣେ ନିଷ୍ଠାପର ଛାତ୍ର ଶେଷରେ ଅପ୍ରେପରେ କହିଲେ, "There has been no intelligent definition of intelligence" ଅର୍ଥାତ୍ 'ଏ ପର୍ଯ୍ୟନ୍ତ ବୁଦ୍ଧି ଶବ୍ଦର ଗୋଟାଏ ମୁଦ୍ଧା ସୁଚିନ୍ତିତ ସଂଜ୍ଞା ହୋଇ ପାରିଲା ନାହିଁ ।' ପୁଣି ମସ୍ତିଷ୍କର ସ୍ୱରୂପ ଓ କାର୍ଯ୍ୟକଳାପ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ନାନା ମୁନି ନାନା ମତ ପ୍ରକାଶ କରିଛନ୍ତି । ମସ୍ତିଷ୍କ ଯେ ବୁଦ୍ଧିର ଆଧାର ଏ ବିଷୟରେ ମୁଦ୍ଧା କେତେକଙ୍କର ସନ୍ଦେହ । ଏ ପ୍ରସଙ୍ଗରେ ନିମ୍ନଲିଖିତ କେତୋଟି କଥା ଉଦ୍ଧାର କରା ଯାଉଅଛି:—

"In October, 1936, the Swedish brain-surgeon, Professor Olivecrona, declared that the supreme centre of the intellect was just as much unknown to the medical world as it had ever been. He was inclined to think that the centre of intellect was not in the brain and that perhaps it was not physically present at all." ଅର୍ଥାତ୍ "୧୯୩୬ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସରେ ସ୍ୱିଡେନୀୟ ମସ୍ତିଷ୍କ-ଚିକିତ୍ସକ ପ୍ରଫେସର ଅଲିଭ୍‌କ୍ରୋନା ମତ ପ୍ରକାଶ କଲେ ଯେ ଧୀଶକ୍ତିର କେନ୍ଦ୍ର କେଉଁଠି, ଏହା ପୂର୍ବରୁ ଯେପରି ଅଜଣା ଥିଲା, ଆଜି ମୁଦ୍ଧା ଡାକ୍ତର ମହଲରେ ସେହିପରି ଅଜଣା ରହିଛି । ତାଙ୍କର ଧାରଣା—ଧୀଶକ୍ତିର କେନ୍ଦ୍ର ମସ୍ତିଷ୍କରେ ନାହିଁ ଏବଂ ଶରୀର ମଧ୍ୟରେ କେଉଁଠି ଅଛି କି ନା ସନ୍ଦେହ ।"

ଏସବୁ ପଢ଼ିଲେ ମନେ ପଡ଼େ—

'ଦୁର୍ଗମ ପଥ ଏ ଭଜନ
ଭସ୍ମେ ଭୁଜିଲେ ଯୋଗିଜନ ।'

ତଥାପି ବିଜ୍ଞାନ ନିଶ୍ଚେଷ୍ଟ ହୋଇ ବସିନାହିଁ । ମସ୍ତିଷ୍କ ଏବଂ ବୁଦ୍ଧି ଏ ଦୁଇଟି ଜଟିଳ ବିଷୟରେ ଯେଉଁ କେତେକ ପ୍ରୟୋଜନୀୟ ତଥ୍ୟ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଛି, ତାହାର କେତେକ ସୂଚନା ନିମ୍ନରେ ଦିଆଗଲା ।

ଯାହାର ମୁଣ୍ଡ ଯେତେ ବଡ଼, ତାହାର ବୁଦ୍ଧି ସେତେ ପ୍ରଖର—ଏବେ ମୁଦ୍ଧା ଏ ଧାରଣା ଆମ୍ଭମାନଙ୍କ ମଧ୍ୟରେ କେତେକଙ୍କର ଅଛି, କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ବୋଲି ବର୍ତ୍ତମାନ ପ୍ରମାଣିତ ହୋଇଅଛି । ଅନେକ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ମସ୍ତିଷ୍କ ଖୁବ୍ ବଡ଼ ଥିବାର ଦେଖାଯାଇଅଛି ସତ, କିନ୍ତୁ ତାଙ୍କର ସମକକ୍ଷ ଆଉ ଅନେକ ମନୀଷୀ ଅପେକ୍ଷାକୃତ କ୍ଷୁଦ୍ର ମସ୍ତିଷ୍କର ଅଧିକାରୀ ଥିବାର ପ୍ରମାଣ ମଧ୍ୟ ମିଳିଅଛି । ତେଣୁ ପଣ୍ଡିତମାନଙ୍କ ମତରେ ମସ୍ତିଷ୍କର ଆକାର ଅପେକ୍ଷା ଗଠନ ସଙ୍ଗେ ଧୀଶକ୍ତିର ଅଧିକତର ସମ୍ପର୍କ ଅଛି । ମସ୍ତିଷ୍କର ଓଜନ ମଧ୍ୟ କୌଣସିଠାରେ ସମାନ ନୁହେ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ମୁଦ୍ଧା ଓଜନର ତାରତମ୍ୟ ପରିଲକ୍ଷିତ ହୁଏ । ଜାତି, ବୟସ, ଲିଙ୍ଗ ଓ ଶରୀରର ଆକାର ଭେଦରେ ମସ୍ତିଷ୍କର ଓଜନ ବିଭିନ୍ନ ଦେଖା ଯାଇଥାଏ । ଡେଙ୍ଗା ଲୋକମାନଙ୍କର ମସ୍ତିଷ୍କ ସାଧାରଣତଃ ଗେଡ଼ା ଲୋକମାନଙ୍କର ମସ୍ତିଷ୍କ ଅପେକ୍ଷା ବେଶୀ ଓଜନ ଏବଂ ପୁରୁଷର ମସ୍ତିଷ୍କ ଅପେକ୍ଷା ସ୍ତ୍ରୀର ମସ୍ତିଷ୍କ ପ୍ରାୟ ଛୋଟ ଥିବାର ଦେଖାଯାଏ ।


ଜୀବଜନ୍ତୁମାନଙ୍କର ବୁଦ୍ଧି ବା ଚତୁରତା ସମ୍ବନ୍ଧରେ ଏ ପ୍ରବନ୍ଧର ପ୍ରାରମ୍ଭରେ କେତେକ କଥା ଆଲୋଚିତ ହୋଇଅଛି; ସୁତରାଂ ଏଠାରେ ସେମାନଙ୍କର ମସ୍ତିଷ୍କ ସମ୍ପର୍କରେ ଦୁଇ ଚାରି କଥା କହିବା ଅପ୍ରାସଙ୍ଗିକ ହେବ ନାହିଁ ।

ମନୁଷ୍ୟର ମସ୍ତିଷ୍କ ପରି ଜଟିଳ ଏବଂ ଅବୋଧ ସଂସାରରେ ଆଉ କିଛି ନାହିଁ । ସାଧାରଣ ଲୋକର ମସ୍ତିଷ୍କର ଓଜନ ଅଢ଼େଇ ପାଉଣ୍ଡ ବା ଏକ ସେର ଚାରି ଛଟାଙ୍କି, ଅର୍ଥାତ୍ ତାର ସମସ୍ତ ଶରୀରର ଓଜନର ପ୍ରାୟ ଷାଠିଏ ଭାଗରୁ ଏକ ଭାଗ । ସେହି ହିସାବରେ ଦେଖିଲେ ହାତୀର ମସ୍ତିଷ୍କ ସାତ ଆଠ ସେର ପର୍ଯ୍ୟନ୍ତ ଓଜନ



Digitized by srujanika@gmail.com

ଉଠିପାରେ, ମାତ୍ର ତା ଶରୀରର ସମସ୍ତ ଓଜନ ଯାହା, ମସ୍ତିଷ୍କଟି ତାର ୬୦୦ ଭାଗରୁ ଏକ ଭାଗ ମାତ୍ର । ଚିତ୍ରରେ ପ୍ରଦର୍ଶିତ ବିଭିନ୍ନ ପ୍ରାଣୀମାନଙ୍କର ମସ୍ତିଷ୍କରୁ ଦେଖାଯିବ ଯେ ମନୁଷ୍ୟର ମସ୍ତିଷ୍କ




କାହାର ମସ୍ତିଷ୍କ ବଡ଼ ?

ପ୍ରତ୍ୟୁତ୍ପନ୍ନମତିତ୍ୱ ଅର୍ଥାତ୍ ଅବସ୍ଥା ପରିବର୍ତ୍ତନ ସଙ୍ଗେ ସଙ୍ଗେ ନିଜ ମୁଣ୍ଡରୁ ବୁଦ୍ଧି ବାହାର କରି ତଦନୁଯାୟୀ କାର୍ଯ୍ୟ କରିବା ଶକ୍ତି କେବଳ ମେରୁଦଣ୍ଡୀ ପ୍ରାଣୀମାନଙ୍କଠାରେ ଦେଖାଯାଏ ଏବଂ ଏ ଶ୍ରେଣୀରେ ଆମ୍ଭେମାନେ ଯେତିକି ଉଚ୍ଚତର ସୋପାନକୁ ଉଠୁଁ, ସେତିକି ଉନ୍ନତ ମାନସିକ ଶକ୍ତିର ପ୍ରମାଣ ପାଉଁ ।


ସିମ୍ପାଞ୍ଜି ବା ବନମନୁଷ୍ୟର ମସ୍ତିଷ୍କ ଓଜନରେ ମନୁଷ୍ୟ ମସ୍ତିଷ୍କର ଏକତୃତୀୟାଂଶ । ସିଂହ ଠାରୁ ଆକାରରେ ଏତେ ଛୋଟ ହେଲେ ମଧ୍ୟ ଗୃହପାଳିତ ମାର୍ଜାରର ମସ୍ତିଷ୍କ ଅପେକ୍ଷାକୃତ ବୃହତ୍ତର । ଅଶ୍ୱର ଦେହ ତୁଳନାରେ ମସ୍ତିଷ୍କ ନାହିଁ—ଏପରି କି କୁକୁର ସଙ୍ଗେ ମଧ୍ୟ ସମକକ୍ଷ ନୁହେ ।

ମସ୍ତିଷ୍କର ଆୟତନ (general area) ସଙ୍ଗେ ମାନସିକ ଶକ୍ତିର ସମ୍ପର୍କ ଅଛି ବୋଲି ଅନେକ ପଣ୍ଡିତ ଅନୁମାନ କରନ୍ତି । ଯେଉଁ ମସ୍ତିଷ୍କରେ ଯେତେ ଅଧିକ ବକ୍ରକୁଟିଳତା ଅଛି, ତାହାର ଅପେକ୍ଷାକୃତ ଜଟିଳ ଏବଂ ପ୍ରାୟ ମୁଣ୍ଡ ଗୋଟାକ ବ୍ୟାପି ରହିଛି । କଙ୍କଡ଼ା ଏବଂ ମାଛି ପ୍ରଭୃତି ମେରୁଦଣ୍ଡହୀନ ପ୍ରାଣୀମାନଙ୍କର ମସ୍ତିଷ୍କ ଖୁବ୍ ଛୋଟ ଏବଂ ତାହା ସେମାନଙ୍କର ଗୋଡ଼ର ସଙ୍ଗମ ସ୍ଥାନରେ ରହିଥାଏ । ମେରୁଦଣ୍ଡୀ ପ୍ରାଣୀମାନଙ୍କର ମସ୍ତିଷ୍କ ଅପେକ୍ଷାକୃତ ବୃହତ୍ତର । ସେଥିପାଇଁ ବୃହତ୍ତମ କୀଟର ମସ୍ତିଷ୍କ କ୍ଷୁଦ୍ରତମ ମାଛର ମସ୍ତିଷ୍କ ଅପେକ୍ଷା ସାନ ଏବଂ ଏହି କାରଣରୁ କୀଟମାନେ କେତୋଟି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ଛଡ଼ା ଆଉ କିଛି କରିପାରନ୍ତି ନାହିଁ । ଏପରି କି ଯନ୍ତ୍ରଣା ଅନୁଭବ କରିବାର ଶକ୍ତି ସୁଦ୍ଧା ସେମାନଙ୍କର ନ ଥାଏ ।



ଘୋଡ଼ାର ମସ୍ତିଷ୍କ

ଶକ୍ତି ସେତେ ବେଶୀ, କାରଣ ସେ ମସ୍ତିଷ୍କକୁ ତଳେ ସମାନ ଭାବରେ ମେଲାଇ ରଖିଲେ ତାହା ସେତେ ଅଧିକ ଆୟତନବିଶିଷ୍ଟ ସ୍ଥାନ ଅଧିକାର କରିବ । ଏପରି ଅନୁମାନ କରିବାର ଯଥେଷ୍ଟ କାରଣ ଅଛି । ଆମ୍ଭେମାନେ ଯଦି ମନୁଷ୍ୟ ଠାରୁ ଆରମ୍ଭ କରି ମେରୁଦଣ୍ଡୀ ଶ୍ରେଣୀରେ ତଳକୁ ଓହ୍ଲାଉଁ, ତେବେ ଦେଖିବା ମସ୍ତିଷ୍କର ଗଠନ ଓ ଆକାର କ୍ରମେ ସରଳରୁ ସରଳତର ହେଉଅଛି । ପକ୍ଷୀ ଓ କେତେକ ସରୀସୃପଙ୍କର ମସ୍ତିଷ୍କର ଗଠନ ବେଶ୍ ସମାନ ଏବଂ ଚିକ୍କଣ, ତେଣୁ ସେମାନେ ସାଧାରଣତଃ ସ୍ୱଳ୍ପବୁଦ୍ଧି ଥିବାର ଦେଖାଯାନ୍ତି ।




ବିଭିନ୍ନ ପ୍ରାଣୀମାନଙ୍କର ମସ୍ତିଷ୍କ

୧। ମନୁଷ୍ୟ, ୨। କୁକୁର, ୩। ସିମ୍ପାଞ୍ଜି, ୪। ମନୁଷ୍ୟ, ୫। ସିମ୍ପାଞ୍ଜି, ୬। କୁକୁର, ୭। ବଳଦ, ୮। ହାତୀ, ୯। କୁମ୍ଭୀର, ୧୦। ହିପ୍ପୋ, ୧୧। କଙ୍ଗାରୁ, ୧୨। ଠେକୁଆ, ୧୩। ପାରା

ଉପରୋକ୍ତ ଉଦାହରଣମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ମସ୍ତିଷ୍କ ସଙ୍ଗେ ବୁଦ୍ଧି ବା ଧୀଶକ୍ତିର ଘନିଷ୍ଠ ସମ୍ପର୍କ ରହିଅଛି । ଏହା ମାନସିକ ଶକ୍ତିର କେନ୍ଦ୍ର, ସ୍ନାୟୁ-ରାଜ୍ୟର ରାଜଧାନୀ । ମନୁଷ୍ୟର ମସ୍ତିଷ୍କ ଅପେକ୍ଷାକୃତ ବଡ଼, ଜଟିଳ ଏବଂ ଭାରୀ । ସେଥିପାଇଁ ସେ ସୃଷ୍ଟିର ଶ୍ରେଷ୍ଠ



Digitized by srujanika@gmail.com

ବୁଦ୍ଧିମାନ୍ ଜୀବ । ମେରୁଦଣ୍ଡହୀନ ଜୀବର ମସ୍ତିଷ୍କ ଛୋଟ, ଲଘୁ ଏବଂ ସରଳ; ସେଥିପାଇଁ ତାର ବୁଦ୍ଧି-ବିଭବ ନାହିଁ କହିଲେ ଚଳେ ।

ଏହିଠାରେ ଆଉ ଏକ ଜଟିଳ ଏବଂ ଗୁରୁତର ପ୍ରଶ୍ନ ମନରେ ଉଠୁଛି—"ମନୁଷ୍ୟମାନଙ୍କ ଭିତରେ କିଏ କେତେ ବୁଦ୍ଧିମାନ୍ କିପରି ଚିହ୍ନିବାକୁ ହେବ ?"

'ମନୁଷ୍ୟର ବୁଦ୍ଧି' ଏହା କହିଲେ ଆମ୍ଭେମାନେ ଅନେକ ସମୟରେ ଯାହା ବୁଝୁଁ ତାହା ପ୍ରକୃତ ବୁଦ୍ଧି ନ ହୋଇ ପାରେ । ଇଂରାଜୀରେ ଯାହାକୁ Intelligence କହନ୍ତି, ଆମେ ତାକୁ ବୁଦ୍ଧି ଆଖ୍ୟା ଦେଇଥାଉଁ ।

"ବୁଦ୍ଧିର୍ମନୀଷା ଧିଷଣା ଧୀଃ ପ୍ରଜ୍ଞା ଶେମୁଷୀ ମତି,
ପ୍ରେକ୍ଷୋପଲବ୍ଧିଶ୍ଚିତ୍ ସମ୍ବିତ୍ ପ୍ରତିପଜ୍ଜ୍ଞପ୍ତି ଚେତନାଃ ।

ଅମରକୋଷରେ ବୁଦ୍ଧିର ଏହି କେତୋଟି ପ୍ରତିଶବ୍ଦ ଅଛି । ଏଗୁଡ଼ିକର ଅର୍ଥ ପ୍ରତି ଦୃଷ୍ଟି ଦେଲେ ବୁଦ୍ଧି ଖୁବ୍ ବ୍ୟାପକ ବୋଲି ବୋଧହୁଏ । 'ବୁଦ୍ଧି' ଶବ୍ଦର ବ୍ୟୁତ୍ପତ୍ତି ବୁଧ୍ + ତି; ତେଣୁ 'ବୁଝିବା ଶକ୍ତି' ଏହାହିଁ ବ୍ୟାଖ୍ୟା କରି ଯାଇ ପାରେ । ମାତ୍ର ବୁଦ୍ଧି କେବଳ ସେତିକି ନୁହେଁ । ଜଣେ ଇଂରେଜ ଦାର୍ଶନିକ ଯାହା କହିଛନ୍ତି, 'It is not understanding alone, nor the capacity to understand, for it includes the salient factor of being able to put understanding into action.' ଅର୍ଥାତ୍ କେବଳ ବୁଝିବା ଶକ୍ତି ନୁହେଁ, ବୋଧଶକ୍ତିକୁ କାର୍ଯ୍ୟରେ ପ୍ରୟୋଗ କରି ପାରିବା ଶକ୍ତି ବୁଦ୍ଧିମାନର ପ୍ରଧାନ ଗୁଣ । ସୁତରାଂ ଏହାକୁ 'all round mental efficiency' ବା ସର୍ବାଙ୍ଗୀନ ମାନସିକ ଉତ୍କର୍ଷ ନାମରେ ଅଭିହିତ କରି ଯାଇପାରେ ।

ବର୍ତ୍ତମାନ ଦେଖାଯାଉ ଆମ୍ଭେମାନେ ବୁଦ୍ଧିମାନ୍ ଲୋକଙ୍କୁ କିପରି ଚିହ୍ନୁ । ସ୍କୁଲ ଓ କଲେଜର ପରୀକ୍ଷା ଫଳ ଦେଖି ଅନେକ ବୁଦ୍ଧିମାନ୍ ଛାତ୍ର ବାଛୁ ନଥାନ୍ତି; ମାତ୍ର ସେ ପରୀକ୍ଷାରେ କେବଳ ବୁଦ୍ଧିର ପରୀକ୍ଷା ହୁଏ ନାହିଁ କି ପ୍ରକୃତ ବୁଦ୍ଧିମାନ୍ ଚିହ୍ନା ପଡ଼େ ନାହିଁ । କେତେକ ପିଲା ହୁଏ ତ ଘୋଷି ଘୋଷି ମୁଖସ୍ଥ କରି କିମ୍ବା ନିୟମିତ ଭାବରେ ଶିକ୍ଷକର ବକ୍ତୃତା ମନଯୋଗସହ ଶୁଣି ପରୀକ୍ଷାରେ ଭଲ ଉତ୍ତର ଦେଇପାରନ୍ତି, ଅଥଚ କେତେକ ଛାତ୍ର ବୁଦ୍ଧିମାନ ହେଲେହେଁ ପାଠରେ ମନଯୋଗ ଅଭାବରୁ ପରୀକ୍ଷାରେ ଭଲ କରିପାରନ୍ତି ନାହିଁ । ଏହା ବୋଲି ସେମାନଙ୍କୁ ନିର୍ବୁଦ୍ଧିଆ କହିବା ଠିକ୍ ନୁହେଁ । ସେଥିପାଇଁ Prof. Ballard 'The New Examiner' ନାମକ ପୁସ୍ତକରେ ପ୍ରଚଳିତ ପରୀକ୍ଷା ପଦ୍ଧତିର ଅସମ୍ପୂର୍ଣ୍ଣତା ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରି କହିଅଛନ୍ତି— "Examinations should not be used as the sole gauge of the success of the school or the success of the teaching;.........an intelligence examination is necessary as well as an attainments examination."

ପିଲାର ବୋଧଶକ୍ତି କେତେ ଏବଂ ସେ ଶିଖିଛି କେତେ ଉଭୟ ପରୀକ୍ଷା କରି ଯିବା ଆବଶ୍ୟକ । ଏହାର ଯୁକ୍ତିଯୁକ୍ତତା ହୃଦୟଙ୍ଗମ କରି ପାଶ୍ଚାତ୍ୟ ଶିକ୍ଷାବିତ୍‌ମାନେ ଆଜିକାଲି ପୂର୍ବ ରୀତିର ପରୀକ୍ଷା ସଙ୍ଗେ ସଙ୍ଗେ Intelligence test ବା ଧୀ-ପରୀକ୍ଷା ପ୍ରବର୍ତ୍ତନ କରାଇ ଅଛନ୍ତି । ତଦ୍ଦ୍ୱାରା 'mental capacity rather than content' ଅର୍ଥାତ୍ ଛାତ୍ରର ଜ୍ଞାନ ପରିବର୍ତ୍ତରେ ତାର ଧୀଶକ୍ତି ପରୀକ୍ଷା କରି ଯାଉଅଛି ।

ଏହି ଅଭିନବ ପରୀକ୍ଷାପଦ୍ଧତି ସମ୍ବନ୍ଧରେ ଦୁଇ କଥା କହି ପ୍ରବନ୍ଧଟି ଶେଷ କରିବି । ଯାହାର ବୋଧଶକ୍ତି ପରୀକ୍ଷା କରିବାକୁ ହେବ, ତାର ବୟସ ଅନୁପାତରେ ପ୍ରଶ୍ନ ପଚରାଯିବ । ଏ ପ୍ରଶ୍ନ ଗୁଡ଼ିକ ଖୁବ୍ ଛୋଟ କିନ୍ତୁ ସଂଖ୍ୟାରେ ବେଶୀ । ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ୩ ଘଣ୍ଟା ପାଇଁ ସାଧାରଣତଃ ଆଠ ଦଶଟି ପ୍ରଶ୍ନ ପଚରା ଯାଇପାରେ । କିନ୍ତୁ ଆମେରିକାର ଗୋଟିଏ ସୈନ୍ୟ ବିଭାଗର ପରୀକ୍ଷାରେ ଅଧଘଣ୍ଟାକରୁ କମ୍ ସମୟ ମଧ୍ୟରେ ୨୧୨ ଟି ପ୍ରଶ୍ନର ଉତ୍ତର ଦେବାକୁ ପଚରା ଯାଇଥିଲା । ଗୋଟିଏ ପ୍ରଶ୍ନର ନମୁନା ଏଠାରେ ଦିଆ ଯାଉଅଛି —"ଖାଦ୍ୟ ହିସାବରେ ବନ୍ଧା କୋବି ଅପେକ୍ଷା ଗୋମାଂସ କାହିଁକି ଭଲ ?

କାରଣ ଏହା ଅପେକ୍ଷାକୃତ ରୁଚିକର,
କାରଣ ଏହା ଅଧିକତର ପୁଷ୍ଟିକର ।
କାରଣ ଏହା ଅପେକ୍ଷାକୃତ ଦୁର୍ଲଭ ।"

ଏହିପରି ପ୍ରଶ୍ନଟି ଦିଆଅଛି । ପରୀକ୍ଷାର୍ଥୀକୁ କେବଳ ଶ୍ରେଷ୍ଠ ଉତ୍ତରଟି ବାଛି ତା ପିଠି ଗୋଟିଏ ଚିହ୍ନ ଦାଗ ଦେବାକୁ ହେବ । ଏଣେ ପରୀକ୍ଷକଙ୍କୁ କୁହାଯାଇଥିବ ଯେ ଦ୍ୱିତୀୟ ଉତ୍ତରଟି ସର୍ବୋତ୍କୃଷ୍ଟ । ଏଥିରେ ପରୀକ୍ଷକଙ୍କୁ ଭାବି ଚିନ୍ତି ଉତ୍ତରର ମୂଲ୍ୟ ନିରୂପଣ କରିବାକୁ ପଡିବ ନାହିଁ । ତାଙ୍କ ହାତରେ ସ୍କେଲ୍ ବା ମାପକାଠି ଦିଆଯାଇଛି । ସେ କେବଳ ମାପି ଦେବେ ।

ଏହି ନୂତନ ଧୀଶକ୍ତି ପରୀକ୍ଷା ଦ୍ୱାରା ପ୍ରମାଣିତ ହୋଇଛି ଯେ ମନୁଷ୍ୟର ବୁଦ୍ଧି ୧୬ ବର୍ଷ ବୟସ ପର୍ଯ୍ୟନ୍ତ ବଢେ, ମାତ୍ର ତାହା ପରେ ଆଉ ବଢେ ନାହିଁ । ତେଣିକି ସେ ଅଭିଜ୍ଞତା ଅର୍ଜନ କରେ, ବୁଦ୍ଧିକୁ ନୂତନ ପ୍ରଣାଳୀରେ ପ୍ରୟୋଗ କରି ଶିଖେ । ଆଉ ମଧ୍ୟ ଆମ ଦେଶର ସ୍ତ୍ରୀଲୋକମାନେ ଶୁଣି ଆଶ୍ୱସ୍ତ ହେବେ ଯେ ପୁରୁଷ ଓ ସ୍ତ୍ରୀ ଉଭୟେ ସମାନଭାବରେ ବୁଦ୍ଧି ଚାଳନା କରିପାରନ୍ତି ଏହା ମଧ୍ୟ ଉକ୍ତ ପରୀକ୍ଷାରୁ ପ୍ରମାଣିତ ହୋଇଅଛି ।

# ଓଡ଼ିଆ ସାହିତ୍ୟରେ ଗଦ୍ୟଯୁଗ

(୧)

ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ

## ପ୍ରାଚୀନ ଓଡ଼ିଆ ଗଦ୍ୟ—

ପ୍ରାଚୀନ ଓଡ଼ିଆ ସାହିତ୍ୟ ବୋଇଲେ ସାଧାରଣତଃ କାବ୍ୟ-ବହୁଳ ପଦ୍ୟାବଳୀ ବୁଝିବାକୁ ହେବ । ଛନ୍ଦବଦ୍ଧ ପଦ୍ୟ ଥିଲା ସେ କାଳକା ଲେଖକର ଚିନ୍ତା ପ୍ରକାଶର ପ୍ରକୃଷ୍ଟ ଉପାୟ, ଆଉ କାବ୍ୟ ଥିଲା ପଦ୍ୟର ଆଦର୍ଶ । ତେବେ ଗଦ୍ୟ ଯେ ଏ ଦେଶରେ ଚଳୁ ନ ଥିଲା ତାହା ନୁହେଁ । ଲୋକେ ନିଶ୍ଚୟ ଗଦ୍ୟରେ କଥାବାର୍ତ୍ତା କରୁଥିବେ, ମାତ୍ର ଏଥିରେ ଲେଖା ଗ୍ରନ୍ଥ ବେଶୀ ମିଳି ନାହିଁ । ସମ୍ଭବତଃ ଓଡ଼ିଆ ଗଦ୍ୟରେ ଗ୍ରନ୍ଥ ଲେଖିବା ସେ କାଳର ରୁଚିବିରୁଦ୍ଧ । ପୁଣି ପ୍ରତ୍ୟେକ ଦେଶ ଅଥବା ଜାତିର ପ୍ରାଚୀନ ସାହିତ୍ୟରେ ଏହି ପଦ୍ୟବହୁଳତା ଦେଖାଯାଏ । ଏହାର କାରଣ ପଦ୍ୟ ଜାତିର ଆଲୋଚନା ଶକ୍ତି ଅପେକ୍ଷା କଳ୍ପନା ଶକ୍ତି ଅଧିକ ଭାବରେ ପ୍ରକାଶ କରିଥାଏ । ପଦ୍ୟ ଜାତିର ଯୌବନ ସୂଚାଇ ଦିଏ ।

ପ୍ରାୟ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଓଡ଼ିଆ ଜାତି ଯୌବନରେ ଥାଉ ବା ନ ଥାଉ, ଅଧିକାଂଶ ପ୍ରାଚୀନ ଓଡ଼ିଆ ଲେଖକଙ୍କ ଆକାଂକ୍ଷା ଥିଲା ପଦ୍ୟରେ ନିଜଭାବ ପ୍ରକାଶ କରିବା, ଆଉ ଆଦର୍ଶ ଥିଲା କାଳିଦାସ, ମାଘ, ଭାରବି ପ୍ରଭୃତିଙ୍କ ସଂସ୍କୃତ କାବ୍ୟ ସଦୃଶ ଓଡ଼ିଆ କାବ୍ୟ ଲେଖିବା । ତେଣୁ ଗଦ୍ୟଗ୍ରନ୍ଥର ସଂଖ୍ୟା କମ୍ । ପୁଣି ତା ମଧ୍ୟରୁ କେତୋଟି ମାତ୍ର ଆମ୍ଭମାନଙ୍କ ଜଣା । ସେ ଗୁଡ଼ିକ ମଧ୍ୟରେ 'ମାଦଳା ପାଞ୍ଜି' 'ବତ୍ରିଶସିଂହାସନ' 'ସୋମନାଥବ୍ରତ କଥା' 'ରୁଦ୍ରସୁଧାନିଧି', ବଳରାମ ଦାସଙ୍କ 'ବ୍ରହ୍ମଗୀତା' ଜଗନ୍ନାଥ ଦାସଙ୍କ 'ତୁଳାଭିଣା' ଓ ବଡ଼ଜେନାଙ୍କ 'ଚଉର ବିନୋଦ' ସର୍ବପ୍ରଧାନ । ଏଣ୍ଡ୍ରୋ ସେକ୍‌ସନ୍‌ମାନଙ୍କ କ୍ରନିକ୍‌ଲ ଭଳି 'ମାଦଳାପାଞ୍ଜି' ଓଡ଼ିଆର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ଲେଖା ଯଯାତି କେଶରୀଙ୍କ ସମୟରେ ଆରମ୍ଭ ହୋଇଥିଲା ବୋଲି ସାଧାରଣତଃ ବୁଝାଯାଏ । ମାତ୍ର ସେ କାଳର ମୂଳ ଲେଖା ଏ ପର୍ଯ୍ୟନ୍ତ ମିଳିନାହିଁ । ପ୍ରାପ୍ତ ମାଦଳାପାଞ୍ଜିର ପ୍ରାଚୀନତମ ଅଂଶ ଗୁଡ଼ିକ ଦ୍ୱାଦଶ ଶତାବ୍ଦୀର ଲେଖା । ତେବେ ଯଯାତିଙ୍କ ସମୟର ଓଡ଼ିଆ ଭାଷା ଏକାବେଳକେ ବିଲୁପ୍ତ ହୋଇ ନାହିଁ । ଅଷ୍ଟମ ଶତାବ୍ଦୀର ବୌଦ୍ଧଗାନ ଓ 'ଦୋହାଁରୁ' ତାହାର ପରିଚୟ ମିଳେ । 'ମାଦଳାପାଞ୍ଜି' ବାଦ୍ ଅନ୍ୟାନ୍ୟ ଗଦ୍ୟ ଗ୍ରନ୍ଥଗୁଡ଼ିକ ପଞ୍ଚଦଶ ଓ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଲିଖିତ । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଏଥିରୁ କିୟଦଂଶ ଆଦର୍ଶ ପ୍ରାଚୀନ ଓଡ଼ିଆ ଗଦ୍ୟ ରୂପେ ପ୍ରକାଶ କରିଅଛନ୍ତି । ଏହାର ଭାବ ଓ ଭାଷା ଖାଣ୍ଟି ଓଡ଼ିଆ । ବିଦେଶୀୟ ବିଶେଷତଃ ପାଶ୍ଚାତ୍ୟ ପ୍ରଭାବ ଏହାକୁ ସ୍ପର୍ଶ କରିନାହିଁ । ବାକ୍ୟଗୁଡ଼ିକ ଛୋଟ, ସମୟ ସମୟରେ ଗୋଟିଏ ଶବ୍ଦରେ ଗୋଟିଏ ବାକ୍ୟ । ଉପମା ଅଳଂକାର ପ୍ରାୟ ନାହିଁ କହିଲେ ଚଳେ ।

ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ସାଧାରଣ ସାହିତ୍ୟରେ ଗଦ୍ୟର ସ୍ଥାନ ନିମ୍ନ ଥିଲେହେଁ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଏହା ଏକଛତ୍ର ରାଜତ୍ୱ ବିସ୍ତାର କରିଥିଲା । ଓଡ଼ିଆ ରାଜା ମହାରାଜାମାନଙ୍କ କଚେରୀରେ ରୁବ୍‌କାରୀ, କବାଲା, ପରବାନା, ସନନ୍ଦ ଇତ୍ୟାଦିରେ ଓଡ଼ିଆ ଗଦ୍ୟ ବ୍ୟବହୃତ ହେଉଥିଲା । ଏ ଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇ ଯାଇଛି, ଯାହା କିଛି ଅଛି ତାହା ମଧ୍ୟ ନଷ୍ଟ ହେବା ଉପରେ । ଓଡ଼ିଶାର ମଠ ଓ ମନ୍ଦିର ମାନଙ୍କରେ ଯେଉଁ ପୋଥି ବିଡ଼ା ସବୁ ଅଛି ରହିଛି ତାହାର ଅବସ୍ଥା ଦେଖିଲେ ମନରେ ଅତିଶୟ ଦୁଃଖ ଜାତ ହୁଏ । ଏବେ ଆଉ ନ ଯାଇ ପୁରୀ, ଭୁବନେଶ୍ୱର ପ୍ରଭୃତି ଓଡ଼ିଶାର ତୀର୍ଥସ୍ଥାନମାନଙ୍କରେ ଓଡ଼ିଆ ରାଜା ମହାରାଜାମାନଙ୍କର ଅନେକ ସନନ୍ଦ ପତ୍ର ପଣ୍ଡାମାନଙ୍କ ଘରେ ଦେଖାଯାଏ, ଏ ଗୁଡ଼ିକ ମଧ୍ୟ କ୍ରମଶଃ ନଷ୍ଟ ହୋଇ ଯାଉଛି । ଅଧିକାଂଶ ପଣ୍ଡାଙ୍କଠାରେ ଏକ ଶହ ବର୍ଷରୁ ଅଧିକ ପୁରୁଣା ସନନ୍ଦ ଦେଖିବାକୁ ମିଳୁ ନାହିଁ । ପଣ୍ଡାମାନେ ତଥା ଏ ଦେଶର ଶିକ୍ଷିତ ସମାଜ ଏହାର ପ୍ରତିକାର କରିବେ କି ? ପୁଣି ତଟିପତ୍ର, ଜାତକ, କବିରାଜୀ ନିଦାନ, ଖୋଦିତ ଲିପି ପ୍ରଭୃତିରେ ସଂସ୍କୃତମିଶା ଓଡ଼ିଆ ଦେଖିବାକୁ ମିଳେ । ଏ ସବୁ ସଂଗ୍ରହ କରିବା ଲୋକ ଆମ ଦେଶରେ କେତେ ଜଣ ଅବା ଏ ଗୁଡ଼ିକୁ ଅଧ୍ୟୟନ କରି ଓଡ଼ିଆ ଭାଷା କ୍ରମବିକାଶର ସ୍ୱରୂପ ନିର୍ଦ୍ଧାରଣ କରିବା ପାଇଁ ପଣ୍ଡିତ କେତେ ଜଣ ?

## ଓଡ଼ିଆ ଗଦ୍ୟରେ ପାଶ୍ଚାତ୍ୟ ପ୍ରଭାବ—

ଇଂରେଜମାନେ ଭାରତରେ ଉପସ୍ଥିତ ହେବାର କିଛି କାଳ ପରେ ଓଡ଼ିଶାକୁ ଆସି ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲେ । ସେ ସମୟରେ ସେମାନଙ୍କର ଶକ୍ତି ଓ ସଂଖ୍ୟା କମ୍ ଥିଲା । ତେଣୁ ସେମାନଙ୍କର ସଭ୍ୟତା ତଥା ଭାଷାର ପ୍ରଭାବ ଆମ ଦେଶରେ ଦେଖା ଦେବାକୁ ପ୍ରାୟ ଦୁଇଶ ବର୍ଷ ଲାଗିଥିଲା । ୧୮୦୩ ଖ୍ରୀ: ଅ:ରେ ଇଷ୍ଟଇଣ୍ଡିଆ କମ୍ପାନି ଓଡ଼ିଶା ଅଧିକାର କଲା ପରେ ଇଂରେଜ ପ୍ରଭାବ ଏ ଦେଶରେ ଦେଖା ଦେଲା । ବିଦେଶୀୟ ଶିକ୍ଷା ଓ ସଂସ୍କୃତିରେ ତିନୋଟି ପ୍ରଧାନ ପରିବର୍ତ୍ତନ ଆସିଥିଲା । ପ୍ରଥମତଃ ଇଂରେଜୀ ଭାଷାର ପ୍ରଚାର ସଙ୍ଗେ ସଙ୍ଗେ ଦେଶୀ ଭାଷାର ଉତ୍ଥାନ । ଦ୍ୱିତୀୟତଃ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ 'ବାଇବେଲ'ର ଓଡ଼ିଆ ଅନୁବାଦ, ଓଡ଼ିଆ ଛପା ଅକ୍ଷର ତିଆରି ଓ ଓଡ଼ିଆ ଛାପାଖାନା ସ୍ଥାପନ । ତୃତୀୟତଃ ବ୍ୟକ୍ତିଗତ ସାହିତ୍ୟ ଚର୍ଚ୍ଚା ପରିବର୍ତ୍ତେ ସଂଘବଦ୍ଧ ସାହିତ୍ୟ ଆଲୋଚନା । ଇଂରେଜୀ ଗଦ୍ୟଶୈଳୀ କିପରି ଭାବରେ ଆମ ଭାଷାକୁ ପ୍ରଭାବିତ କରିଛି ଓ କରୁଛି ତାହା ପ୍ରତ୍ୟେକ ଉଚ୍ଚ ଶିକ୍ଷିତ ଓଡ଼ିଆଙ୍କୁ ଭଲ ରୂପେ ଜଣା । ଏ ପ୍ରଭାବ ଆମ ଭାଷାର



Digitized by srujanika@gmail.com

ଅନେକ ମଙ୍ଗଳ କରିଛି । ଆମ ଗଦ୍ୟର ବସ୍ତୁତ ଅଧୁନା ଅପେକ୍ଷାକୃତ କମ୍ ହେଲେ ମଧ୍ୟ ପ୍ରକାଶ ଶକ୍ତି କମ୍ ନୁହେଁ । ଏ ଶକ୍ତିର ଆରମ୍ଭ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ । ଉତ୍ପତ୍ତି ଇଂରେଜ 'ବାଇବେଲ'ର ଓଡ଼ିଆ ଅନୁବାଦରୁ । ୧୮୧୧ ଖ୍ରୀ: ଅ:ରେ ଶ୍ରୀରାମପୁର ମିସନାରୀମାନେ ଇଂରେଜୀ ବାଇବେଲକୁ ଓଡ଼ିଆରେ ଅନୁବାଦ କରି ପ୍ରକାଶ କରିଥିଲେ । ଏହାପରେ ଗ୍ରୀକ୍, ଲାଟିନ, ଇଂରେଜୀ 'ବାଇବେଲ' ବହୁବାର ଓଡ଼ିଆରେ ଅନୂଦିତ ହୋଇଅଛି । ଅନୁବାଦର ଲେଖନ ରୀତି ଯେତେଦୂର ସମ୍ଭବ ଅନୂଦିତ ଭାଷାର ସ୍ୱାଭାବିକ ଶୈଳୀ ହେବା ବାଞ୍ଛନୀୟ । ମାତ୍ର 'ବାଇବେଲ'ର ପୁରାତନ ଓଡ଼ିଆ ଅନୁବାଦ ଗୁଡ଼ିକ ମୂଳ ଭାଷାର ଶୈଳୀକୁ ଛାଡ଼ି ନାହାନ୍ତି । ତେଣୁ ଏ ଗୁଡ଼ିକରେ ଇଂରେଜୀ ଭାଷାର ତଥା ଗଦ୍ୟ ଶୈଳୀର ପ୍ରଭାବ ଅତ୍ୟନ୍ତ ଅଧିକ । ଏହି ଓଡ଼ିଆ ବାଇବେଲ ପ୍ରକାଶ ଠାରୁ ଆଧୁନିକ ଓଡ଼ିଆ ଗଦ୍ୟର ଆରମ୍ଭ କହିଲେ ଚଳେ ।

ଇଂରେଜ ମିସନାରୀମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଓଡ଼ିଶାରେ ଖ୍ରୀଷ୍ଟଧର୍ମ ପ୍ରଚାର । ଏଥିପାଇଁ ସେମାନେ ଓଡ଼ିଆ ଛାପା ଅକ୍ଷର ଚଳାଇଲେ । ଇଂରେଜୀ ବାଇବେଲକୁ ଓଡ଼ିଆରେ ଅନୁବାଦ କରିଥିଲେ । ଦେଶରେ ନାନା ସ୍ଥାନରେ ଛାପାଖାନାମାନ ବସାଇଲେ ଏବଂ ପୁସ୍ତକାଳୟମାନ ସ୍ଥାପନ କଲେ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ସେମାନେ ଏହି ଯେ ପ୍ରେରଣା ଓ ସାଧନା ଦେଖାଇ ଥିଲେ ତାହା ସେମାନଙ୍କର ମହତ୍ ଉଦ୍ଦେଶ୍ୟର ପରିଚୟ ଦେଉଛି, ଆଉ ଏ କାର୍ଯ୍ୟ କରିବା ଦ୍ୱାରା ସେମାନେ ପ୍ରତ୍ୟେକ ଓଡ଼ିଆର ପୂଜାପାତ୍ର ହୋଇଛନ୍ତି । ପ୍ରାୟ ୧୫୦ ବର୍ଷ ହେଲା ଖ୍ରୀଷ୍ଟଧର୍ମ ଓଡ଼ିଶାରେ ଯେଉଁ କାର୍ଯ୍ୟ ସନ୍ତୋଷଜନକ ଭାବରେ କରି ପାରିନାହିଁ, ମିସନାରୀମାନେ ଉକ୍ତି ଖିତ କେତୋଟି କଥା ସମ୍ପାଦନ କରି ଅଯାଚିତ ଭାବରେ ଓଡ଼ିଆ ହୃଦୟକୁ କିଣି ରଖିଛନ୍ତି ।

ପାଶ୍ଚାତ୍ୟ ସାହିତ୍ୟ ବିଶେଷତଃ ଇଂରେଜୀ ସାହିତ୍ୟର ପ୍ରଭାବ ଏ ଦେଶରେ ପଡ଼ିବା ପୂର୍ବରୁ ଓଡ଼ିଆ ଲେଖକମାନେ ସଂଘବଦ୍ଧ ଭାବରେ ସାହିତ୍ୟ ଚର୍ଚ୍ଚା କରୁଥିବାର କମ୍ ଦେଖାଯାଏ । ବୈଷ୍ଣବମତାବଲମ୍ବୀ 'ପଞ୍ଚସଖା'ଙ୍କ ମଧ୍ୟରେ ମଧ୍ୟ ଏ ସଂଘବଦ୍ଧତା ନ ଥିଲା । ଇଂରେଜୀ ସାହିତ୍ୟ ଓ ଶିକ୍ଷିତ ଚିନ୍ତାଧାରା ଏ ଦେଶକୁ ପଶି ଏ ସଂଘବଦ୍ଧ ସାହିତ୍ୟ ଚର୍ଚ୍ଚାର ସୃଷ୍ଟି କଲେ । ତେଣୁ ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଏତେ ସଂଘ, ସମାଜ, ସମ୍ମିଳନୀ ଓ ସଭାର ସୃଷ୍ଟି ! ଏମାନଙ୍କର ମୁଖପତ୍ର ଗୁଡ଼ିକ ସାହିତ୍ୟ, ବିଜ୍ଞାନ, ଦର୍ଶନ, ଶିକ୍ଷା, ସଂସ୍କୃତି ପ୍ରଭୃତି ଜୀବନର ତାବତୀୟ ବିଷୟ ଓଡ଼ିଆ ଗଦ୍ୟ ଓ ପଦ୍ୟରେ ପ୍ରଧାନତଃ ଗଦ୍ୟ ଭାଷାରେ ଆଲୋଚନା କରିବାକୁ ଲାଗିଲେ । ପ୍ରାଚୀନ ଓଡ଼ିଆ ଗଦ୍ୟ ଏ ଲେଖା ଓ ଆଲୋଚନା ଦ୍ୱାରା ଅନେକ ପରିମାଣରେ ମାର୍ଜ୍ଜିତ, ପରିବର୍ତ୍ତିତ ଓ ଉନ୍ନତ ହୋଇ ଉଠିଲା ।

## ଗଦ୍ୟ ଯୁଗର ଆରମ୍ଭ—

ପଦ୍ୟ କବିର ପ୍ରକାଶିତ କଳ୍ପନା, ଗଦ୍ୟ ସାମାଜିକ ଜୀବନର ଆଲୋଚନା । ଏ ଆଲୋଚନାର ଆବଶ୍ୟକତା ଗଦ୍ୟଯୁଗ ସୃଷ୍ଟି କରେ । ଇଉରୋପର ପ୍ରତ୍ୟେକ ପ୍ରଧାନ ଦେଶରେ ଅଷ୍ଟାଦଶ ଶତାବ୍ଦୀରେ ଏହି ଗଦ୍ୟଯୁଗର ସୃଷ୍ଟି । ଭାରତରେ ଏ ଯୁଗର ଆରମ୍ଭ ପାଇଁ ଅନ୍ତତଃ ପଚିଶ ବର୍ଷ ପର୍ଯ୍ୟନ୍ତ ଲାଗିଥିଲା, ପୁଣି ଓଡ଼ିଶାରେ ପ୍ରାୟ ୧୫ ବର୍ଷ ପରେ ଗଦ୍ୟଯୁଗର ଆରମ୍ଭ । ଏ ସମୟରେ ଦୁଇଟି ମାରାତ୍ମକ ଘଟଣା ଓଡ଼ିଆ ଜୀବନକୁ ବଡ଼ ନିର୍ମମ ଭାବରେ ଆଘାତ କରିଥିଲା । ଭଗବାନ ଯାହା କରନ୍ତି ସୃଷ୍ଟିର ମଙ୍ଗଳ ପାଇଁ । ଏ ଦୁଇ ଘଟଣାରୁ ସେହିପରି ଆମର ଅଶେଷ ମଙ୍ଗଳ ହୋଇଥିଲା । ପ୍ରଥମଟି ନ'ଅଙ୍କ ଦୁର୍ଭିକ୍ଷ, ଦ୍ୱିତୀୟ ଓଡ଼ିଆ ସାହିତ୍ୟ ଓ ସଭ୍ୟତା ଲୋପ କରିବା ପାଇଁ କେତେକ ସ୍ୱାର୍ଥପର ବଙ୍ଗାଳୀଙ୍କ ଜଘନ୍ୟ ଚେଷ୍ଟା । ଦୁର୍ଭିକ୍ଷ କରାଳମୂର୍ତ୍ତି ଧରି ଦେଶକୁ ଗ୍ରାସ କଲା, ଅସଂଖ୍ୟ ନରନାରୀ ମୃତ୍ୟୁ କବଳରେ ପତିତ ହେଲେ । ଯେଉଁମାନେ ବଞ୍ଚିଲେ ସେମାନେ ମଧ୍ୟ ମୃତପ୍ରାୟ । ଏ ମର୍ମସ୍ପର୍ଶୀ ଖବର ଚାରିଆଡ଼େ ପ୍ରଚାର କରି ଲୋକଙ୍କ ସହାନୁଭୂତି ଆକର୍ଷଣ କରିବା ପାଇଁ 'ଉତ୍କଳ ଦୀପିକା'ର ପ୍ରକାଶ । ଏହାର ଗଦ୍ୟ ଭାଷା ସରଳ, ସୁବୋଧ ଓ ପ୍ରାଣସ୍ପର୍ଶୀ । ଓଡ଼ିଆ ଗଦ୍ୟର ଭବିଷ୍ୟତ ଉନ୍ନତି ଏ ପତ୍ରିକାରୁ ଜାଣି ହେଉଥିଲା । କେତେକ ସ୍ୱାର୍ଥପର ବଙ୍ଗାଳୀ ଏହା ଦେଖି ନ ପାରି ଓଡ଼ିଆଭାଷା ଏକବାରେ ଉଠାଇ ଦେଇ ଓଡ଼ିଶାରେ ବଙ୍ଗଳାଭାଷାର ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କଲେ । ଏହାର ଫଳ ହେଲା ଏ ଦେଶବାସୀ ଅନେକ ବଙ୍ଗାଳୀ, ଓଡ଼ିଆ ଓ ଦୁଇ ତିନଜଣ ଉଚ୍ଚମନା ଇଂରେଜ ଏକମତ ହୋଇ ଓଡ଼ିଆଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଓ ଓଡ଼ିଶାର ଉନ୍ନତି ପାଇଁ ଲାଗି ପଡ଼ିଲେ । ଗୌରୀଶଙ୍କର 'ଉତ୍କଳଦୀପିକା'ର ସମ୍ପାଦକ ହୋଇ ପତ୍ରିକା ପରିଚାଳନର ସମ୍ପୂର୍ଣ୍ଣ ଭାର ନେଲେ । ଫକୀରମୋହନଙ୍କ ଉଦ୍ୟମରେ ୧୮୬୮ ମସିହାରୁ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ପ୍ରକାଶ ପାଇଲା । ପୁଣି ୧୮୭୩ ମସିହାରେ 'ଉତ୍କଳ ଦର୍ପଣ' ପ୍ରକାଶର ସଙ୍ଗେ ସଙ୍ଗେ ତଦାନୀନ୍ତନ ଅଧିକାଂଶ ଓଡ଼ିଆ ଲେଖକଙ୍କ ଲେଖାଦ୍ୱାରା ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ହେବାକୁ ଲାଗିଲା । ଫକୀରମୋହନ ୧୮୬୫ରେ 'ରାଜପୁତ୍ରର ଇତିହାସ' ନାମକ ଖଣ୍ଡିଏ ଗଦ୍ୟଗ୍ରନ୍ଥ ଲେଖିଥିଲେ । ମାତ୍ର ଅର୍ଥାଭାବ ବଶତଃ ତାହା କଟକର ମିସନ୍ ପ୍ରେସ୍‌ରେ ଛପା ହୋଇ ପାରି ନ ଥିଲା । ଏହା ପରେ ସେ ଈଶ୍ୱରଚନ୍ଦ୍ରଙ୍କ ବଙ୍ଗଳା 'ଜୀବନଚରିତ'କୁ ଓଡ଼ିଆରେ ଅନୁବାଦ କରି କଲିକତା ବେପ୍‌ଟିଷ୍ଟ ମିସନ୍ ପ୍ରେସ୍‌ରେ ଛପାଇଥିଲେ । ସେ ପୁସ୍ତକ ଖଣ୍ଡି ଛାତ୍ରବୃତ୍ତି ପରୀକ୍ଷା ସକାଶେ ପାଠ୍ୟପୁସ୍ତକ ନିର୍ବାଚିତ ହେଲା । ସର୍ବୋପରି ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବଙ୍କ ସହାନୁଭୂତି ଏବଂ ରେଭେରେଣ୍ଡ ହାଲମ୍, ଜନ୍ ବିମସ୍ ପ୍ରଭୃତି ଓଡ଼ିଆ ହିତକାମୀଙ୍କ ଉଦ୍ୟମରେ ୧୮୭୦ ମସିହାରେ ବଙ୍ଗଳାର ଗଭର୍ଣ୍ଣମେଣ୍ଟ ଓଡ଼ିଆକୁ ପୃଥକ୍ ଭାଷା ବୋଲି ସ୍ୱୀକାର କରି ତାକୁ ଓଡ଼ିଶାର ସ୍କୁଲ, କଚେରୀ ପ୍ରଭୃତିରେ



Digitized by srujanika@gmail.com

ସ୍ଥାନ ଦେବାର ଆଦେଶ ଦେଲେ । ଗଭର୍ଣ୍ଣମେଣ୍ଟଙ୍କ ଏ ଆଦେଶ ସାରା ଦେଶଟାରେ ଗୋଟିଏ ଚାଞ୍ଚଲ୍ୟ ଖେଳାଇ ଦେଲା । ପ୍ରାଚୀନ ଓଡ଼ିଆ ସାହିତ୍ୟ ସମ୍ପଦକୁ ଜନସାଧାରଣରେ ପ୍ରକାଶ କରିବା ପାଇଁ କେତେ ସଭା ସମିତି, ଆଧୁନିକ ଓଡ଼ିଆ ଗଦ୍ୟ ତିଆରି କରିବା ପାଇଁ କେତେ ଆଲୋଚନା ! ରାଧାନାଥ 'ଇଟାଲୀୟ ଯୁବା'କୁ 'ଉତ୍କଳ-ଦର୍ପଣ'ରେ ପ୍ରକାଶ କରିଥିଲେ । ମଧୁସୂଦନଙ୍କ ଅସଂଖ୍ୟ ପ୍ରବନ୍ଧ ଏ ପତ୍ରିକାରେ ପ୍ରକାଶିତ ହେବାକୁ ଲାଗିଲା । ପ୍ୟାରୀ ମୋହନ ୧୮୮୦ ମସିହାରେ 'ଓଡ଼ିଶାର ଇତିହାସ' ଲେଖି ପ୍ରକାଶ କଲେ । ଏ ସମସ୍ତ ସ୍କୁଲ ଓ କଲେଜର ପାଠ୍ୟପୁସ୍ତକରୂପେ ସ୍ୱୀକୃତ ହେଲା । ରାମଶଙ୍କରଙ୍କ ପ୍ରେରଣାରେ 'ଉତ୍କଳ ମଧୁପ' ନାମକ ମାସିକ ପତ୍ରିକା କଟକରୁ ପ୍ରକାଶିତ ହେଲା, ଆଉ ସେଥିରେ ତାଙ୍କ 'ସୌଦାମିନୀ' ନାମକ ଉପନ୍ୟାସ ଧାରାବାହିକ ଭାବରେ ବାହାରିବାକୁ ଲାଗିଲା । ମୋଟ କଥାରେ କହିବାକୁ ଗଲେ ୧୮୫୦-୧୮୮୦ ମଧ୍ୟରେ ଆଧୁନିକ ଓଡ଼ିଆ ଗଦ୍ୟର ଆରମ୍ଭ ।

# ସନ୍ଧ୍ୟା ଓ ଉଷା

**ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା**

### ସନ୍ଧ୍ୟା

ଆସିଲ ହେ ପ୍ରିୟ ଯେବେ    ଏ ଦୀନ ସଦନେ
ଚଢ଼ି ତୁମ ସ୍ୱର୍ଣ୍ଣ ରଥ    ଗୋଧୂଳି ଲଗନେ;
ମିଳନ-ପୁଲକେ ପ୍ରାଣ    ଉଠିଲା ମୋ ଭରି
ନେଲ ଯେବେ ବାହୁପାଶେ    ଆଲିଙ୍ଗନ କରି ।
କପୋଳେ ଉଠିଲା ଫୁଟି    ଲଜ୍ଜା ପାଟଳିମା
ଛୁଇଁଲ ଅଧରେ ଯେବେ    ମୋ ଅଧର ସୀମା;
ଶୁଣାଇଲ କାନେ କେତେ    ମିଳନ-ସଙ୍ଗୀତ
ଉଲ୍ଲାସେ ଅଙ୍ଗ ମୋର    ହେଲା କଣ୍ଟକିତ
ସମର୍ପିଲି ପଦେ ତବ    ସର୍ବସ୍ୱ ମୋହର
ରହିଲି ପ୍ରାଣେ ହୋଇ ମୁଁ ଗୋ!    ଆନନ୍ଦେ ବିଭୋର ।
ସହସା ମୋ ସୁଖସ୍ୱପ୍ନ    ଗଲା ସିନା ଭାଜି
କହିଲ ଗୋ ଯେବେ ପ୍ରିୟ    "ଆସୁଛି ମୁଁ ଆଜି"
ବିଷାଦ-କାଳିମା ଗଣ୍ଡେ    ଦେଲା ମୋର ଦେଖା
ଅଧରୁ ମୋ ଗଲା ଲିଭି    ମୃଦୁହାସ୍ୟ ରେଖା
ଅଭିମାନେ କହିଲି ମୁଁ    "ହେ ପ୍ରିୟ ନିଷ୍ଠୁର
ଛିଣ୍ଡାଇଲ କିପାଁ । ନିଜେ    ବାନ୍ଧି ପ୍ରେମ ଡୋର ?"
କହିଲ ଆଶ୍ୱାସି ମୋରେ    "ତେଜ ବୃଥା ଖେଦ
ଛିଣ୍ଡାଇ ପାରେ କି ପ୍ରାଣ—    ବନ୍ଧନ ବିଚ୍ଛେଦ ?"
ଅଧରେ ଦେଲ ଗୋ ଯେବେ    ବିଦାୟ ଚୁମ୍ବନ
ଗଲ ଯେବେ ଦେଇ ମୋରେ    ଶେଷ ଆଲିଙ୍ଗନ
ନିଭିଗଲା ନୟନୁଁ ମୋ    ଶେଷ ଜ୍ୟୋତି ଗାର
ଦେଖିଲି ମୁଁ ଆସେ ଘୋଟି    ଘନ ଅନ୍ଧକାର
କହିଲା କିଏ ମୋ କାନେ    ଦୂର ବଂଶୀସ୍ୱନ
"ବିରହେ ତୁଟେ କି କେବେ    ହୃଦୟବନ୍ଧନ ?"

### ଉଷା

ଦୀର୍ଘ ବିରହରଜନୀ    ହେଲା ଯେବେ ଶେଷ
ଆସିଲ ହେ ପ୍ରିୟ ପାଶେ    ଧରି ନୂଆ ବେଶ
ପୋଛି ଦେଲ ବଦନୁଁ ମୋ    ବିଷାଦ-କାଳିମା
ଚୁମ୍ବନେ ଫୁଟାଇଲ    ଗଣ୍ଡେ ପାଟଳିମା
ମଳୟ ମର୍ମର ଛଳେ    କହିଲ କି କଥା!
ତୁଟିଗଲା ନିମିଷେ ମୋ    ଅନ୍ତରର ବ୍ୟଥା
ବିପୁଳ ପୁଲକେ ପ୍ରାଣ    ଉଠିଲା ମୋ ହସି
ନେଲ ଯେବେ ମୋରେ ପ୍ରିୟ    ପାଶେ ଆକର୍ଷି ।
ନୀହାର-କଣିକା ଛଳେ    ନୟନେ ମୋହର
ଅଭିମାନେ ଅଶ୍ରୁ ଯେବେ    ହେଲା ଝର ଝର
ପୋଛି ଦେଇ କରଯୁଗେ    ମୋ ବେନି ନୟନ
ସୋହାଗେ ଦେଲ ଗୋ ମୋରେ ଗାଢ଼ ଆଲିଙ୍ଗନ
କହିଲ ଗୋ ଚୁପି ଚୁପି    ଗଣ୍ଡେ ରଖି ମୁଖ
"ନ ଥିଲେ ବିରହ, କାହିଁ    ମିଳନର ସୁଖ?"
ସହସା ଉଠିଲା ଫୁଟି    ମୋ ମାନସ କଞ୍ଜ ।
ଭୁଲି ସବୁ, ବକ୍ଷେ ତବ    ପଡ଼ିଲି ମୁଁ ଢଳି
ବିହଗ-କାକଳି ଛଳେ    କହିଲି "ହେ ପ୍ରିୟ
ସଁପି ଦେଲି ସବୁ ମୋର    ନିଅ ସଖା ନିଅ"
ଆନନ୍ଦାଶ୍ରୁ ନୀରେ ହେଲା    ମୋ ନୟନ ସିକ୍ତ
ଲଭିଲି ମୁଁ ପୂର୍ଣ୍ଣ ସୁଖ    ହେଲି ଯେବେ ରିକ୍ତ ।
ଅଧରେ ଦେଲ ଗୋ ଯେବେ    ମିଳନ ଚୁମ୍ବନ
ପ୍ରେମଭରେ କଲ ମୋରେ    ଗାଢ଼ ଆଲିଙ୍ଗନ
ନୟନେ ଦେଖିଲି ଦିବ୍ୟ    ଆଲୋକର ଶିଖା
ଦେଲ ଯେବେ ପ୍ରିୟ ମୋରେ    ପ୍ରୀତିମନ୍ତ୍ର ଦୀକ୍ଷା ।



Digitized by srujanika@gmail.com

# ଫିରୋଜ ସାହାଙ୍କର ଜାଜନଗର ଅଭିଯାନ

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଦିଲ୍ଲୀର ତୁଘଲକ ବଂଶୀୟ ସୁଲତାନ ଫିରୋଜ ସାହା ଖ୍ରୀ: ୧୩୫୩ ଠାରୁ ୧୩୮୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ବଙ୍ଗଦେଶ ଓ ତତ୍ପରେ ଖ୍ରୀ: ୧୩୬୦ରେ ଓଡ଼ିଶା ଆକ୍ରମଣ କରିଥିଲେ । ତତ୍କାଳୀନ ଓଡ଼ିଶା ଜାଜନଗର ନାମରେ ପରିଚିତ ଥିଲା ବୋଲି ମୁସଲମାନ ଇତିହାସ ଲେଖକମାନଙ୍କ ଗ୍ରନ୍ଥରୁ ଜଣାଯାଏ । ସେ ସମୟରେ ଓଡ଼ିଶାରେ ଗଙ୍ଗବଂଶୀୟ ୩ୟ ବୀରଭାନୁ ଦେବ ( ଖ୍ରୀ: ୧୩୫୨-୭୮ ) ରାଜତ୍ୱ କରୁଥିଲେ । ଫାରସୀ ଭାଷାରେ 'ବ' ଅକ୍ଷର ନ ଥିବାରୁ ଗ୍ରନ୍ଥକାର ବାଧ୍ୟ ହୋଇ ତାଙ୍କ ନାମ 'ପିରଭାନ ଦେଓ' ଲେଖିଥିଲେ ଓ ସେହି ନାମ ଇଂରାଜୀ ଅନୁବାଦରେ ଅଛି । ସେ ୪ର୍ଥ ନରସିଂହ ଦେବଙ୍କ ପିତା ଥିଲେ । 'ସିରତ୍-ଇ-ଫିରୋଜସାହୀ' ନାମକ ଗୋଟିଏ ଉପାଦେୟ ଗ୍ରନ୍ଥରେ ଫିରୋଜ ସାହା କେଉଁ ବାଟରେ ବିହାରରୁ ଓଡ଼ିଶାକୁ ଆସିଥିଲେ ତାହାର ବିବରଣ ଅଛି । ମୈମନସିଂହ କଲେଜର ଇତିହାସ ଅଧ୍ୟାପକ ଶ୍ରୀଯୁକ୍ତ ଏନ୍. ବି. ରାୟ ଏ ବିଷୟରେ ଏକ ପ୍ରବନ୍ଧ ଲେଖିଅଛନ୍ତି । ମୋ ସହିତ ପତ୍ରଦ୍ୱାରା ତାଙ୍କର ଯେଉଁ ପରାମର୍ଶ ହୋଇଥିଲା ସେଥିରୁ ଜଣା ଯାଇଅଛି ଯେ ଫିରୋଜ ମାନଭୂମର ଶିଖରଭୂମ, ଝିଟଙ୍ଗନଗର ବା କେଉଁଝର ଓ କଲକଲା ବାଟେ କଟକ ଯାଇଥିଲେ ।

ଫିରୋଜ ସାହାଙ୍କର ରାଜତ୍ୱ ବିଷୟରେ ଫାରସୀ ଭାଷାର 'ତାରିଖ-ଇ-ଫିରୋଜସାହୀ' ଏକ ଅମୂଲ୍ୟ ଗ୍ରନ୍ଥ । ଏହି ନାମରେ ଦୁଇଟି ଗ୍ରନ୍ଥ ଅଛି । ଗୋଟିଏ ଗ୍ରନ୍ଥର ଲେଖକ ସାମସ୍-ଇ-ସିରାଜ୍ ଓ ଅନ୍ୟଟିର ଲେଖକ ବାରନି । ଏହି ଦୁଇଟି ଗ୍ରନ୍ଥ ଏ ପର୍ଯ୍ୟନ୍ତ ଇଂରାଜୀରେ ଅନୁବାଦିତ ହୋଇନାହିଁ । ଇଲିଅଟ୍ ଓ ଡାଉସନ ( Elliot and Dowson ) ସାହେବଦ୍ୱୟଙ୍କ ଲିଖିତ ଭାରତ ଇତିହାସ ୩ୟ ଖଣ୍ଡରେ ଜାଜନଗର ଅଭିଯାନ ସମ୍ବନ୍ଧରେ ଯାହା ଲେଖା ହୋଇଅଛି ତାହାହିଁ ଫାରସୀ ନ ଜାଣିବା ଐତିହାସିକମାନଙ୍କର ସମ୍ବଳ ହୋଇଅଛି । ଫାରସୀ ଗ୍ରନ୍ଥରୁ ଜାଜନଗର ଅଭିଯାନ ବୃତ୍ତାନ୍ତର ଅଂଶଟି ମୁନସି ମହମ୍ମଦ ଏନାମୁଲହକ୍‌ଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ କରାଇ ଥିଲି, ଏଣୁ ମୁଁ ତାଙ୍କଠାରେ କୃତଜ୍ଞ । ତଳେ ତାହା ମୁଦ୍ରିତ ହେଲା । ଏହି ଗ୍ରନ୍ଥରେ ଥିବା ଓଡ଼ିଶାର ସବୁ କଥା ମୁନସିଙ୍କ ଦ୍ୱାରା ଅନୁବାଦିତ ହେଲା ପର ଜଣା ଯାଉନାହିଁ । କାରଣ ଇଲିଅଟ ଓ ଡାଉସନ୍‌ଙ୍କ ଗ୍ରନ୍ଥର ନିମ୍ନୋକ୍ତ ବିବରଣ ଓଡ଼ିଆ ଅନୁବାଦରେ ନାହିଁ । ବିବରଣଟି ତଳେ ଉଦ୍ଧୃତ ହେଲା :—

"Those who accompanied the Sultan relate that the numbers of animals of every kind were so great that no one cared to take these. Two *jitals* (about 2 annas) was the price of a horse; as for cattle, no one would buy them. Sheep were found in such countless numbers, that at every halt great numbers were slaughtered. If any were not required, they were left behind, because a plentiful supply was sure to be found at the next stage. The author has mentioned these matters to show the prosperity of the country. He has further been informed that the inhabitants had spacious houses and fine gardens, they had even gardens and walks within their houses, and fruit trees, flowers etc.. were cultivated therein."

ସୁଲତାନଙ୍କ ସଙ୍ଗରେ ଯାଇଥିବା ଲୋକମାନେ କହିଅଛନ୍ତି— ନାନା ଜାତି ପଶୁର ସଂଖ୍ୟା ଦେଶରେ ଏତେ ଅଧିକ ଯେ ସେଗୁଡ଼ିକୁ କାହାରି ନେବାର ଦରକାର ନାହିଁ । ଘୋଡ଼ା ଗୋଟାକର ଦାମ ଦୁଇ ଜିତଲ ( ଆଧୁନିକ ଦୁଇ ଅଣା ) । ଗୋରୁ ମହିଷିଙ୍କୁ କେହି ପଇସା ଦେଇ କିଣନ୍ତି ନାହିଁ । ଛେଳି, ମେଣ୍ଢା ଏତେ ବହୁତ ମିଳନ୍ତି ଯେ ପ୍ରତ୍ୟେକ ଚଟି ଯାଗାରେ ଅସଂଖ୍ୟ ଛେଳିମେଣ୍ଢା ମରା ଯାଇଥିଲା । ଯେଉଁଗୁଡ଼ିକ ମରା ଯାଉ ନ ଥିଲା, ସେଗୁଡ଼ିକ ସେଠାରେ ଛାଡ଼ି ଦିଆ ଯାଉଥିଲା । କାରଣ ପରବର୍ତ୍ତୀ ଚଟିରେ ଅପର୍ଯ୍ୟାପ୍ତ ସରବରାହ ମିଳିବାର ଠିକ ଥିଲା । ଗ୍ରନ୍ଥକାର ଏହି ସବୁର ବିଶଦ ବର୍ଣ୍ଣନା କରି ଦେଶର ଧନ ପରିମାଣର ସୂଚନା ଦେଇଥିଲେ । ସେ ଆହୁରି ଶୁଣିଥିଲେ ଯେ ଅଧିବାସୀମାନଙ୍କର ବଡ଼ ବଡ଼ ଘର ଓ ସୁନ୍ଦର ସୁନ୍ଦର ବଗିଚା ଥିଲା । ଲୋକମାନଙ୍କର ଘରର ହତା ଭିତରେ ରାସ୍ତା ଓ ବଗିଚା ଥିଲା; ଏହିସବୁ ବଗିଚା ଫୁଲଗଛ ଓ ଫଳଗଛ ଦ୍ୱାରା ପୂର୍ଣ୍ଣ ଥିଲା ।

ଓଡ଼ିଶାର ସେହି ଧନ ସମ୍ପତ୍ତି ଆଜି ନାହିଁ—ଯେଉଁଠାରେ ଦିନେ ଶସ୍ୟର ଦାମ ନ ଥିଲା, ସେଠାରେ ଏବେ ଟଙ୍କାରେ ୧୦ ସେର ଚାଉଳ ମିଳୁ ନାହିଁ । ଗୋରୁ ମହିଷି, ଛେଳି ମେଣ୍ଢା, ଅବସ୍ଥା କହିଲେ ନ ସରେ । ଘିଅ ଅନ୍ୟ ପ୍ରଦେଶରୁ ଲକ୍ଷ ଲକ୍ଷ ମହଣ ଆସି ବିକ୍ରୀତ ହେଉଅଛି । ପ୍ରାଚୀନ ଲେଖାରୁ ପ୍ରମାଣିତ ହୁଏ ଯେ ଓଡ଼ିଶାରେ ଭଲ ଭଲ ଘୋଡ଼ା ମିଳୁଥିଲେ । ଖ୍ରୀ: ୧୩୬୦ ରେ ଘୋଡ଼ା ଗୋଟାକ ଦୁଇ ଅଣାରେ ମିଳୁଥିଲା ।



Digitized by srujanika@gmail.com

ଫୁଲ ଓ ଫଳ ତଥା ବଡ଼ ବଡ଼ ଘର ଓ ସୁନ୍ଦର ବଗିଚ୍ ଦେଖିବାକୁ ସ୍ୱପ୍ନ । ୭୦୦ ବର୍ଷ ଭିତରେ ଓଡ଼ିଶାରେ ଘୋର ଅର୍ଥନୈତିକ ପରିବର୍ତ୍ତନ ଘଟିଅଛି । ଦେଶର ପୂର୍ବ ଅବସ୍ଥା ଲୋକେ ଭୁଲି ଯାଇଅଛନ୍ତି ମାତ୍ର ଇତିହାସ ତାଙ୍କୁ ସମ୍ବାଦ ରଖି କହୁଅଛି ଯେ 'କର୍ପୂର ଉଡ଼ି ଯାଇଛି—କନା ଖଣ୍ଡିକ ମାତ୍ର ପଡ଼ିଅଛି ।'

ନିମ୍ନୋକ୍ତ ବିବରଣଟି ସାମସ୍-ଇ-ସିରାଜଙ୍କ "ତାରିଖ-ଇ-ଫିରୋଜ ସାହି" ନାମକ ଫାରସି ଗ୍ରନ୍ଥରୁ ଅନୂଦିତ ହୋଇଅଛି ।

ଫିରୋଜ ସାହା ଈଶ୍ୱରଙ୍କ କୃପାରୁ ବିଜୟୀ ହୋଇ ବଙ୍ଗ ଦେଶରୁ ଜୌନପୁର ସହରକୁ ଫେରି ଆସିଲେ । ତହୁଁ ସେ ଜାଜନଗର ଅଭିମୁଖରେ ଯାତ୍ରା କରିବାର ଇଚ୍ଛା କଲେ । ସଙ୍ଗରେ ଥିବା କର୍ମଚାରୀମାନେ ମାଲ ଓ ଅସବାବ୍ ଗୁଡ଼ିକ ସଜବାଜ୍ କରି ବୋହାଇ କଲେ ଏବଂ ସେଗୁଡ଼ିକର ତତ୍ତ୍ୱ ନେବା ପାଇଁ ସେମାନଙ୍କୁ ଆଗରୁ ପଠାଇ ଦେଲେ । ସମସ୍ତ ଆୟୋଜନ ହେବା ପରେ ବିନା ବିଶ୍ରାମରେ ଦବାଗ୍ନି ଗତି ବିହାର ଭିତରେ ଜାଜନଗର ଅଞ୍ଚଳକୁ ଆସିଲେ । ସେ ଦେଖିଲେ ଯେ ଜାଜନଗରର ଲୋକମାନେ ସୁଖରେ କାଳଯାପନ କରୁଅଛନ୍ତି ଏବଂ ବାଗବଗିଚ୍ ଗୁଡ଼ିକ ପୁଷ୍ପ ଓ ପଲ୍ଲବରେ ଶୋଭିତ ହୋଇଅଛି । ଏହା ଦେଖି ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଏବଂ କହିଲେ ଯେ ଜାଜନଗର କୃଷିପ୍ରଧାନ ଦେଶ ଏବଂ ସେଠାରେ ଅଧିକ ପରିମାଣରେ ଶସ୍ୟାଦି ଉତ୍ପାଦିତ ହୁଏ । ଫିରୋଜ ସାହା ଅତି ପ୍ରଫୁଲ୍ଲ ଚିତ୍ତରେ ବନାରସୀ* ମୁକାମରେ ପହଞ୍ଚିବାର ଇଚ୍ଛା ପ୍ରକାଶ କଲେ । ବନାରସୀରେ ସ୍ୱାଧୀନ ରାଜାମାନଙ୍କର ରାଜପ୍ରାସାଦ ଅଛି । ସେତେବେଳେ ଜାଜନଗରର ରାଜା ଅଦୀଶ୍ୱର କୌଣସି କାରଣ ବଶତଃ ବନାରସୀରେ ନ ରହି ଅନ୍ୟ ସ୍ଥାନରେ ରହିଥିଲେ । ଫିରୋଜ ସାହା ଆସି ବନାରସୀରେ ଉପସ୍ଥିତ ହେଲେ । ବନାରସୀ କିଲ୍ଲାର ଆୟତନ ୩୦ କ୍ରୋଶ ଅଟେ । ପ୍ରତି କ୍ରୋଶରେ ଲୋକମାନେ ବାସ କରନ୍ତି । ଲୋକମାନେ କହନ୍ତି ଯେ ଏଠାକାର ସ୍ୱଜାମାନେ ବ୍ରାହ୍ମଣ ଅଟନ୍ତି ଏବଂ ଯେଉଁ ରାଜା ସିଂହାସନାରୋହଣ କରନ୍ତି ସେ ଆନନ୍ଦୋତ୍ସବର ଚିହ୍ନ ସ୍ୱରୂପ ସେହି କିଲ୍ଲାରେ ଗୋଟିଏ ପଟ୍ଟୁାଘର ନିର୍ମାଣ କରନ୍ତି । ଏହି କାରଣରୁ ଏ କିଲ୍ଲାଟି ଅନେକ ବଡ଼ ଦେଖାଯାଏ ।

ଯେତେବେଳେ ଜାଜନଗର ରାଜା ଶୁଣିଲେ ଯେ ଫିରୋଜ ସାହା ଜାଜନଗରକୁ ସୈନ୍ୟ ଘେନି ଆସିଅଛନ୍ତି ସେ ଭୀତ ହୋଇ ଗୁପ୍ତ ଭାବରେ ନଦୀ (ଫାରସିରେ ଦରିଆ) ପାର ହୋଇ ଗଡ଼ ଛାଡ଼ି ଚାଲିଗଲେ । ଲୋକମାନେ ମଧ୍ୟ ଭୀତ ହୋଇ ଏବେ କେଉଁଆଡ଼େ ଦେଶରୁ ପଳାଇ ଗଲେ ଏବଂ କେତେକ ପାହାଡ଼ ଗୁମ୍ଫା-ମାନଙ୍କରେ ଆଶ୍ରୟ ନେଲେ ଓ କେତେକ ବନ୍ଦୀ ହେଲେ ।

ଫିରୋଜ ସାହାଙ୍କ ସୈନ୍ୟମାନେ ଅସୁମାରି ପଶୁଆଦି ଲୁଟିପାଟି କରି ଆଣିଲେ । ଜାଜନଗରକୁ ପଶୁ ଓ ଶସ୍ୟାଦିରେ ପରିପୂର୍ଣ୍ଣ ଦେଖି ଫିରୋଜ ସାହା ବଡ଼ ଦୁଃଖର ସହିତ ପ୍ରକାଶ କଲେ ଯେ ଏଠାରେ ଜଣେ ହେଲେ ମୁସଲମାନର ବାସସ୍ଥାନ ନାହିଁ । ଏଠାକାର ସମସ୍ତ ବାସିନ୍ଦା ହିନ୍ଦୁ ଅଟନ୍ତି । ଫିରୋଜ ସାହା ବନାରସୀରୁ ବାହାରି ଜାଜନଗର ରାଜାଙ୍କର ପଶ୍ଚାତ୍‌ଗାମୀ ହୋଇ ତାଙ୍କୁ ଧରିବାର ଇଚ୍ଛା କଲେ । ରାଜା ମଜଲୁର ଏହାଙ୍କ ଆସିବା ପୂର୍ବରୁ ଗଡ଼ ଛାଡ଼ି କେଉଁଆଡ଼େ ପଳାଇ ଯାଇ ନଦୀ ମଧ୍ୟରେ ଥିବା କୌଣସି ପଠାରେ ଗୁପ୍ତ ଭାବରେ ରହିଥିଲେ । ପଳାଇ ଯିବା ବେଳେ ଗୋଟିଏ ମସ୍ତ ଓ ରତ୍ନଙ୍କର ହାତୀଙ୍କୁ ଦ୍ୱାର ଦେଶରେ ରଖି ଯାଇଥିଲେ । ଅନ୍ୟ କୌଣସି ହାତୀ ତାହାର ସମ୍ମୁଖରେ ଠିଆ ହେବାକୁ ଭୟ ପାଉଥିଲା । ରାଜାଙ୍କ ଦ୍ୱାର ଏପରି ଭାବରେ ହାତୀ ଛାଡ଼ି ଯିବାର କାରଣ ଏହି ଯେ ଫିରୋଜ ସାହାଙ୍କ ସୈନ୍ୟମାନେ ଏହାର ତାମସା ଦେଖିବାକୁ ରହିଗଲେ ତାଙ୍କର ପଶ୍ଚାତ୍‌ଗାମୀ ହୋଇ ପାରିବେ ନାହିଁ । ତିନିଦିନ ପର୍ଯ୍ୟନ୍ତ ଫିରୋଜ ସାହାଙ୍କ ଲୋକମାନେ ସେହି ହାତୀଟିକୁ ଧରିବାକୁ ଚେଷ୍ଟା କଲେ, ମାତ୍ର କୌଣସି ମତେ ତାଙ୍କୁ ଧରି ପାରିଲେ ନାହିଁ । ତହୁଁ ଫିରୋଜ ସାହା ତିନି ଦିନ ପରେ ତାଙ୍କୁ ଗୁଳି କରି ଦେବା ପାଇଁ ହୁକୁମ ଦେବାରୁ ତାଙ୍କୁ ଗୁଳି କରି ଦିଆଗଲା । ତତ୍‌ପରେ ଫିରୋଜ ସାହା ଆପଣା ସୈନ୍ୟମାନଙ୍କ ସଙ୍ଗରେ ଘେନି ଗଡ଼ ଭିତରେ ପଶିଲେ ଓ ଶୁଣିଲେ ଯେ ଏହାର ନିକଟରେ ଗୋଟିଏ ଜଙ୍ଗଲ ଅଛି । ଉକ୍ତ ଜଙ୍ଗଲରେ ସାତ ଗୋଟି ହାତୀ ଏବଂ ଗୋଟିଏ ହାତୁଣୀ ଅଛନ୍ତି । ଫିରୋଜ ସାହା ଏହା ଶୁଣିଲା ମାତ୍ରେ ଇଚ୍ଛା ପ୍ରକାଶ କଲେ ଯେ ଆଗେ ଏ ହାତୀମାନଙ୍କୁ ଧରିବା, ତତ୍‌ପରେ ରାଜାଙ୍କର ପଶ୍ଚାତ୍‌ଗାମୀ ହେବା ।

ଫିରୋଜ ସାହା ଜଙ୍ଗଲୀ ହାତୀମାନଙ୍କର ଖବର ପାଇ ଅନେକ ସୈନ୍ୟ ସଙ୍ଗରେ ଘେନି ଜଙ୍ଗଲକୁ ଗଲେ । ପ୍ରାୟ ୧୦।୧୧ କ୍ରୋଶ ପର୍ଯ୍ୟନ୍ତ ହାତୀମାନେ ଘର କରି ରହିଥିଲେ । ଫିରୋଜ ସାହାଙ୍କ ହୁକୁମ ମାତ୍ରେ ସମସ୍ତ ଚାକର ଓ ସୈନ୍ୟମାନେ ସେ ଜଙ୍ଗଲରେ କାଠ-ଗଡ଼ା ବାନ୍ଧିଲେ ଏବଂ ତହିଁରେ ଦୁଇଗୋଟି ରାସ୍ତା ରଖିଲେ । କାଠ-ଗଡ଼ା ଚଉଡ଼ାରେ ୧୦ ଗଜ ଓ ଉଚ୍ଚରେ ୭ ଗଜ । ସମୁଦାୟ ଜଙ୍ଗଲକୁ କାବୁଅ କରି ଦିଆଗଲା ଓ ତହିଁରେ ଦୁଇଗୋଟି ରାସ୍ତା ଖୁବ୍ ଦୃଢ଼ କରି ରଖା ଗଲା । ଉକ୍ତ କାଠଗଡ଼ା ଯପରି ଦୃଢ଼ ଭାବରେ ରହିବ ତତ୍‌ସମ୍ବନ୍ଧରେ ପ୍ରତିଦିନ ଫିରୋଜ ସାହା ସେଠାକୁ ଯାଇ ଅନେକ ତାକିଦ୍ କରୁଥିଲେ । ବିଶେଷ ଯତ୍ନର ସହିତ କାଠଗଡ଼ାର କାର୍ଯ୍ୟ ଶେଷ ହେଲା । ବଡ଼ ବଡ଼ କେତେ ଗୁଡ଼ିଏ ଚତୁର ପୋଷାହାତୀ ଅଣାଗଲା ଓ କେତେ ଗୁଡ଼ିଏ ଗୁଲ୍ଲକ

* ବନାରସୀର ସଂସ୍କୃତ ନାମ ବାରାଣସୀ—ତାହା ଅପଭ୍ରଂଶ ହୋଇ ବର୍ତ୍ତମାନ କଟକର ବରାଣସୀ ହୋଇଅଛି ।



Digitized by srujanika@gmail.com

ମାହୁତ ଉକ୍ତ ହାତୀମାନଙ୍କ ଉପରେ ଚଢ଼ିଲେ । ଜଙ୍ଗଲର ଏକ ଦିଗରୁ ଅନେକ ଲୋକ ଢୋଲ, ବାଜା ଓ ତୂରୀ ଆଦି ବଜାଇ ଜଙ୍ଗଲ ଭିତରକୁ ପଶିଲେ । ଜଙ୍ଗଲ ମଧ୍ୟରେ ବୁଲୁଥିବା ସେହି ଆଠଟି ହାତୀ ଢୋଲ ଆଦିର ଶବ୍ଦ ଓ ଲୋକଙ୍କ ଚହଲ ଶୁଣି ମଇଦାନ ଆଡ଼କୁ ପଳାଇଲେ । ପଳାଇବା ସମୟରେ ଯେଉଁ ବଡ଼ ବଡ଼ ଗଛ ତାଙ୍କ ସାମନାରେ ପଡ଼ୁଥିଲା ସେଗୁଡ଼ିକୁ ମୂଳରୁ ଉପାଡ଼ି ଦେଉଥିଲେ । ଯେତେବେଳେ ହାତୀମାନେ ଜଙ୍ଗଲର ସୀମାକୁ ଆସିଲେ, ଲୋକମାନେ କାଠଗଡ଼ା ଉପରେ ଚଢ଼ି ଖୁବ୍ ପାଟି କଲେ ଓ ଢୋଲ ଆଦି ବଜାଇଲେ । ଏଥିରେ ଚମକି ଯାଇ ହାତୀମାନେ ଜଙ୍ଗଲ ଭିତରକୁ ପଳାଇଗଲେ । କ୍ରମାଗତ ଏହିପରି କେତେ ଦିନ କଲା ଉତ୍ତାରୁ ହାତୀସବୁ ଥକି ଯାଇ ଖାଇବା ପିଇବା ଛାଡ଼ି ଦେଲେ ଏବଂ ଅତିଶୟ ଦୁର୍ବଳ ହୋଇ ପଡ଼ିଲେ । ସେମାନଙ୍କର ପାଦ ପକାଇବାର ଶକ୍ତି ରହିଲା ନାହିଁ । ଏହି ସମୟରେ ଯେଉଁ ମାହୁତମାନେ ଗଛ ଉପରେ ଚଢ଼ିଥିଲେ ସେମାନେ ହାତୀମାନଙ୍କ ପିଠି ଉପରକୁ ଡେଇଁ ପଡ଼ିଲେ ଏବଂ ପ୍ରତ୍ୟେକକୁ ଜଞ୍ଜିରରେ ବାନ୍ଧି ପକାଇଲେ । ଫିରୋଜ ସାହା ଏହିପରି ଭାବରେ ଉକ୍ତ ଆଠଟି ହାତୀ ଧଇଲେ । ଏହା ଉତ୍ତାରୁ ଫିରୋଜ ସାହା ରାଜାଙ୍କ ପାଖକୁ ଯିବାର ଚେଷ୍ଟା କଲେ ଏବଂ ଗଡ଼କୁ ଫେରି ଆସିଲେ । ଗଡ଼ଟି ଅତି ସୁନ୍ଦର ଓ ଅତିଶୟ ମଜବୁତ୍ । ରାଜା ମଜକୁର ଉକ୍ତ ଗଡ଼ ମଧ୍ୟରେ ଶ୍ରୀଜଗନ୍ନାଥଙ୍କର ପଥର ମୂର୍ତ୍ତି ରଖିଥିଲେ ଏବଂ ଉକ୍ତ ଠାକୁର ତାଙ୍କର ଇଷ୍ଟଦେବତା ଥିଲେ । ଫିରୋଜ ସାହା ଉକ୍ତ ଶ୍ରୀଜଗନ୍ନାଥ ମୂର୍ତ୍ତିକୁ ଆପଣା ସଙ୍ଗେ ଦିଲ୍ଲୀକୁ ନେଇ ଯାଇଥିଲେ ।

ରାଜା ଯେଉଁ ଦ୍ୱୀପରେ ଲୁଚି ରହିଥିଲେ ଫିରୋଜ ସାହା ଧରିବା ମାନସରେ ସେଠାକୁ ଯିବାର ଚେଷ୍ଟା କଲେ । ରାଜା ମଜକୁର ଭୟଭୀତ ହୋଇ କେତେକ ଜଣ ପାତ୍ରଙ୍କୁ ଫିରୋଜ ସାହାଙ୍କ ନିକଟକୁ ପଠାଇଥିଲେ ଏବଂ ସେମାନେ ଫିରୋଜ ସାହାଙ୍କ ନିକଟକୁ ଆସି ଅତି ବିନୟ ଭାବରେ ରାଜାଙ୍କ ଅବସ୍ଥା ଜଣାଇଲେ । ରାଜାଙ୍କର ୬୦ ଜଣ ପାତ୍ର ଥିଲେ । ଏମାନେ ଯୁଦ୍ଧରେ ସୈନ୍ୟମାନଙ୍କ ଆଗରେ ଥାଆନ୍ତି ଓ ଦେଶ ରକ୍ଷା କରନ୍ତି । ରାଜାଙ୍କର ପାଞ୍ଚ ଜଣ ପାତ୍ର ଫିରୋଜ ସାହାଙ୍କ ନିକଟକୁ ଯାଇ ଅତି ବିନୟ ଭାବରେ ରାଜାଙ୍କ ସମସ୍ତ ଅବସ୍ଥା ସାହା ମଜକୁରଙ୍କୁ ଜଣାଇଲେ ଏବଂ କହିଲେ "ରାଜା ଆପଣଙ୍କର ଆଜ୍ଞାଧୀନ ଅଟନ୍ତି । ଶ୍ରୀ ହଜୁରଙ୍କର ଆଜ୍ଞାଧୀନ ପ୍ରତି କି ଆଜ୍ଞା ହେଉଅଛି ?"

ଫିରୋଜ ସାହା ପାତ୍ରମାନଙ୍କର ଏପରି କଥା ଶ୍ରବଣ କରି ଅତି ନମ୍ର ଭାବରେ କହିଲେ "ମୋର ଏ ଉଦ୍ଦେଶ୍ୟ ନ ଥିଲା ଯେ ମୁଁ ତୁମ୍ଭର ରାଜାଙ୍କୁ ହତ୍ୟା କରି ତାଙ୍କର ଦେଶ ଜୟ କରିବି । ମୁଁ କେବଳ ହାତୀ ଧରିବାକୁ ଆସିଥିଲି କାରଣ ମୁଁ ଶୁଣିଥିଲି ଯେ ଜାଜନଗରରେ ଅନେକ ହାତୀ ଅଛନ୍ତି । ତୁମ୍ଭର ରାଜା ମୋର ଠାକୁ ଆସିବାର ଜାଣିପାରି ନିଜେ ଭୟଭୀତ ହୋଇ ଗଡ଼ଛାଡ଼ି ପଳାଇଗଲେ ଏବଂ ନଦୀ ଭିତରେ ଥିବା ଟାପୁରେ ଯାଇ ଲୁଚିଲେ ।" ରାଜା ପାତ୍ରମାନଙ୍କଠାରୁ ଏପରି ବାକ୍ୟ ଶ୍ରବଣ କରି ଫିରୋଜ ସାହାଙ୍କ ନିକଟକୁ ଖୁବ୍ ଭଲ ଭଲ ୬୦ ଘର ହାତୀ ପଠାଇଦେଲେ ଏବଂ ପ୍ରତିଜ୍ଞା କଲେ କି ପ୍ରତିବର୍ଷ ମାଲଗୁଜାରି ସ୍ୱରୂପ କେତେ ଗୁଡ଼ିଏ ହାତୀ ପଠାଇ ଦିଆ ଯାଉଥିବ । ଫିରୋଜ ସାହା ମଧ୍ୟ ରାଜାଙ୍କ ସକାଶେ ଅନେକ ଗୁଡ଼ିଏ ଜରିକାମ କରା ହୋଇଥିବା ପୋଷାକ ପଠାଇ ଦେଲେ ଏବଂ ଯେଉଁ ପାତ୍ରମାନେ ତାଙ୍କ ନିକଟକୁ ରାଜାଙ୍କ ପକ୍ଷରୁ ଡଗର ସ୍ୱରୂପ ଆସିଥିଲେ ସେମାନଙ୍କୁ ମଧ୍ୟ ଜରି ପୋଷାକ ଦେଲେ । ତତ୍ପରେ ଫିରୋଜ ସାହା ଅତି ଆନନ୍ଦ ସହିତ ଆପଣା ଦେଶକୁ ଫେରିଗଲେ । ଏହିପରି ଫିରୋଜ ସାହା ଲକ୍ଷ୍ନୌତି (ଲକ୍ଷ୍ମଣାବତୀ) ଓ ଜାଜନଗରକୁ ଜୟ କଲେ । ଦିଲ୍ଲୀକୁ ଫେରି ଆସିବା ସମୟରେ ତାଙ୍କ ସଙ୍ଗରେ ୭୩ ଘର ହାତୀ ଆଣିଥିଲେ । ଉପରୋକ୍ତ ଦୁଇ ଦେଶରେ ଫିରୋଜ ସାହା ଦୁଇ ବର୍ଷ ସାତ ମାସ ରହିଥିଲେ ।

# ବାଣୀ

**ଶ୍ରୀ ମହେଶ୍ୱର ନାୟକ**

ବାଣୀ, ବାଣୀ, ବାଣୀ
ଅତୀତର କୋଳେ କେବେ ଆପଣେ ମା ବିକଶିଲୁ
(ଅଛ) ବୀଣା-ରସନା-ରାଣୀ ।୦।

ଅମୁହାଁ ଦେଉଳ କୋଣେ ସାଗରିକା ବାଳା
ଗୋପନେ ଲୁଚାଇ ରଖେ ମଣି ମୁକ୍ତା ମାଳା
ଅଗଣିତ ଚିତ୍ତ ଦଳ
ତୁ ଦେଉ ମା ପଥ କଳ
ତବ ଉପାସକ ମନ ଜାଣି ।୧।

ଦେଶେ ଦେଶେ ନରେ ନରେ ଯେତେ ବ୍ୟବଧାନ
ଜନନୀ ତୁ ଦେଇ ତହିଁ ପୀରତି ସଧାନ
ପ୍ରଥମ ମଳୟ ସନେ
ଆଜି ତେଣୁ ଏ ଭୁବନେ
କଣ୍ଠେ କଣ୍ଠେ ଅରଚନା ବାଣୀ ।୨।



Digitized by srujanika@gmail.com

# ନାରୀ-ସମସ୍ୟା

**ଶ୍ରୀ ନବକିଶୋର ଦାସ**

ସମାଜର ସମ୍ୟକ୍ ମଙ୍ଗଳ ଚିନ୍ତା ହିଁ ଆମର କର୍ତ୍ତବ୍ୟ । ସମାଜର ପରିସ୍ଥିତି ଯେପରି ଜଟିଳ, ସମସ୍ୟାର ସମାଧାନ ମଧ୍ୟ ସେହିପରି ଜଟିଳ । ତଥାପି ଜୀବନ୍ତ ସମାଜ ଗତିଶୀଳ ହେବା ବାଞ୍ଛନୀୟ । ଗତି ଜୀବନର ପ୍ରମାଣ । ସକଳ ଗତି, ପରିବର୍ତ୍ତନ, ପରିବର୍ଦ୍ଧନ ମଧ୍ୟରେ ମାତ୍ର ଦୁଇଟି ପ୍ରାଣୀ ବହୁ ଦିନୁ ପରସ୍ପରର ସୁଖ ଦୁଃଖରେ ଜଡ଼ିତ; ସେମାନେ ନର ଏବଂ ନାରୀ । ମନୁଷ୍ୟ ତାର ଆଦିମ ସଭ୍ୟତାର ବହୁ ସ୍ତର ତ୍ୟାଗ କରିଛି । ମାତ୍ର ଅତୀତ ପୂର୍ଣ୍ଣ ମୃତ ନୁହେଁ । ବର୍ତ୍ତମାନ ସମାଜ-ଗଠନରେ ଅତୀତର ପ୍ରଭାବ ରହିଛି । ତେଣୁ ସମାଜରେ ଆଦର୍ଶ ନିରୂପଣ ବେଳେ ଏ ଯୁଗ ନୁହେଁ, ବହୁ ଯୁଗର ଆଦର୍ଶ କଥା ଭାବିବାକୁ ହେବ । ନାନା ଆଦର୍ଶର ଦ୍ୱନ୍ଦ୍ୱ ସମାଜରେ ସତତ ବିଦ୍ୟମାନ । କିନ୍ତୁ ଏହି ଦ୍ୱନ୍ଦ୍ୱ, ପ୍ରତିକ୍ରିୟା ଏବଂ ପରସ୍ପର ନୀତି-ଆଦର୍ଶର ସଂଘର୍ଷ ମଧ୍ୟରେ ନାରୀ ତଥା ନରଙ୍କ ଆଦର୍ଶ ସମାଜରେ ପ୍ରତିଷ୍ଠିତ ହେବା ଉଚିତ ।

## ଭାରତରେ ଅତୀତ ନାରୀ—

ଭାରତୀୟ ସଂସ୍କୃତି ବହୁ ପ୍ରାଚୀନ । ପ୍ରାଚୀନତା ପଛରେ ବହୁଦର୍ଶିତା ଅଛି । ଭାରତରେ ନାରୀ-ଜୀବନର କି ଆଦର୍ଶ ଥିଲା, ତାହାର ବିଚାର ଇତିହାସ ଦିଗରୁ ହେବା ଉଚିତ । ପୁରାଣ, କାବ୍ୟ ନାଟକର ଉପାଖ୍ୟାନମାନଙ୍କରୁ ଆମ୍ଭେମାନେ ପ୍ରାଚୀନ ଭାରତ ନାରୀର କିଛି ସନ୍ଧାନ ପାଉଁ । ସେମାନେ କଅଣ ସୁବର୍ଣ୍ଣ-ଯୁଗରେ ଥିଲେ ? ସୁବର୍ଣ୍ଣ-ଯୁଗ ସଂସାରରେ ନାହିଁ । ସେମାନଙ୍କର ଅଭାବ ଥିଲା, ଅସୁବିଧା ଥିଲା; ସୁଆଦର୍ଶ ମଧ୍ୟ ଜୀବନରେ ନାରୀମାନେ ପାଳୁଥିଲେ । ଭାରତରେ ପ୍ରେମର ଆଦର୍ଶ ଥିଲା ଶୁଦ୍ଧସ୍ୱତା । ଶୁଦ୍ଧସ୍ୱତା-ହୀନ ପ୍ରେମର ଆଦର୍ଶ ଭାରତୀୟ ସଂସ୍କୃତିର ପରମ୍ପରା ଧାରାରେ ନ ଥିଲା । ନଳ ଦମୟନ୍ତୀ, ହରିଶ୍ଚନ୍ଦ୍ର ଶୈବ୍ୟା, ସାବିତ୍ରୀ ସତ୍ୟବାନ୍ କିମ୍ବା ରାମ ସୀତା ସମସ୍ତଙ୍କ ଚରିତ୍ରରେ ଆମ୍ଭେମାନେ ଗୋଟିଏ ଆଦର୍ଶ ଦେଖୁଁ । ଏ ଆଦର୍ଶରେ ନାରୀ ନରର ପୂଜକ । ନର, ଦେବତା । ସତୀତ୍ୱ ନାରୀର ଶ୍ରେଷ୍ଠ ଧର୍ମ । ନାରୀ ସ୍ୱାମୀ ଦେବତାଙ୍କୁ ସନ୍ତୁଷ୍ଟ କରିବାକୁ ସବୁ ତ୍ୟାଗ କରି ପାରେ । ସ୍ୱାମୀ ସ୍ୱଳ୍ପାୟୁ—ଏହା ଜାଣି ସୁଦ୍ଧା ନାରୀ ଦ୍ୱିତୀୟ ବିବାହ ପାଇଁ ବନ୍ଦୋବସ୍ତ ନ କରି ଯମଙ୍କୁ ଭେଟି ସ୍ୱାମୀର ପ୍ରାଣରକ୍ଷା ମାଗିବା ଯାଏଁ ଯାଉଥିଲେ । ସାବିତ୍ରୀ ଭାରତୀୟ ନାରୀ-ଜୀବନର ଏକ ଅମୃତ ଆଦର୍ଶ ।

ସ୍ୱାମୀର ଅତ୍ୟାଚାର, ଅନ୍ୟାୟ, ପାପ, ପୀଡ଼ନ ସବୁ ନାରୀ ମୁଣ୍ଡ ନୁଆଁଇ ସହିଛି । ନାରୀ କଅଣ ଅବଳା ବା ଦୁର୍ବଳା ବୋଲି ଏ ପରିସ୍ଥିତି ? ନାରୀର ଏହି ଅହିଂସା କ'ଣ ଦୁର୍ବଳର ଅହିଂସା ? ପ୍ରାଚୀନ ହିନ୍ଦୁ ସମାଜରେ ବହୁବିବାହର ନିନ୍ଦା ନାହିଁ । ଏକ ପତ୍ନୀ ବ୍ରତର ଧାରଣା ସ୍ପଷ୍ଟ ନୁହେଁ । ବେଶ୍ୟା ଗମନ ମନ୍ଦ ହେଲେ, ବହୁବିବାହିତପତ୍ନୀ ଗମନ ଦୋଷାବହ ନୁହେଁ । ପୁଣି ପ୍ରାଜାପତ୍ୟ ସଙ୍ଗେ ସଙ୍ଗେ ଗାନ୍ଧର୍ବ ବିବାହ ରହିଛି । ସାବିତ୍ରୀ-ସତ୍ୟବାନ୍, ଶକୁନ୍ତଳା-ଦୁଷ୍ମନ୍ତ ଏହାର ସ୍ମାରକ । ଅସବର୍ଣ୍ଣ ବିବାହ ମଧ୍ୟ ସେକାଳରେ ପ୍ରଚଳିତ ଥିଲା । କେହି କେହି ନାରୀ ବିଦ୍ୟା ଅର୍ଜନ କରି ପ୍ରସିଦ୍ଧି ଲାଭ କରିଥିଲେ । ଏହି ପ୍ରାଚୀନ ଜୀବନ ପଦ୍ଧତିର ଧର୍ମ-ଜୀବନରେ ନାରୀ ମାୟା । ତେଣୁ ସନ୍ନ୍ୟାସୀ ନାରୀଙ୍କୁ ପରିତ୍ୟାଗ କରିବା ଉଚିତ । ନାରୀ ଯୋଗୁଁ ବୌଦ୍ଧ-ସଙ୍ଘର ଅଧଃପତନ । ପୁଣି ମୁସଲମାନ ରାଜତ୍ୱରେ ସେହି ପ୍ରାଚୀନ ହିନ୍ଦୁ-ଧାରାକୁ ବଞ୍ଚାଇ ରଖିବାର ପ୍ରୟାସ । ଗତି ନାହିଁ, ବରଂ ଅତିବୃଦ୍ଧିର ସଂରକ୍ଷଣ ପାଇଁ ସବୁଠି ବାଡ଼ର ପ୍ରୟୋଜନ ହୋଇଛି । ଯୁବତୀ କନ୍ୟାମାନେ କୌଣସି ଯବନ ଦ୍ୱାରା ଆକ୍ରାନ୍ତ ହେବାର ଭୟର ନିରାକରଣ ଲାଗି ବାଲ୍ୟ-ବିବାହର ସୃଷ୍ଟି । କାଳେ ନାରୀର ରୂପରେ ଯବନ ଆକୃଷ୍ଟ ହୋଇ ଯିବେ, ସେଥିପାଇଁ ମୁହଁରେ ଓଢ଼ଣା ରୂପକ ପରଦା ଟାଣି ଦିଆ ଗଲା । ରାସ୍ତା ଘାଟରେ ନାରୀମାନେ ଅବାଧରେ ବୁଲିଲେ ଯବନ ଆକ୍ରମଣର ଆଶଙ୍କା ଅଛି, ତେଣୁ ନାରୀକୁ ଘରେ ଆବଦ୍ଧ କରି ରଖା ଗଲା । ଯେଉଁଠି ସୀତା ରାମଙ୍କ ସଙ୍ଗରେ ପଞ୍ଚବଟୀରେ ରହିବାକୁ ରାଜି ହୋଇ ଘରୁ ବାହାରି ଗଲେ, ସେ ସହଧର୍ମିଣୀର ଦୃଷ୍ଟାନ୍ତ ମୁସଲମାନ ଯୁଗରେ ନାହିଁ । ଧର୍ମ ପାଇଁ ମୀରାବାଈ ସ୍ୱାମୀ ଛାଡ଼ି ବୈଷ୍ଣବୀ ହୋଇ ଯାଇଥିଲେ । ପୁଣି ବଙ୍ଗରେ ତନ୍ତ୍ର ପୂଜାରେ ନାରୀ ସାଧକର ଏକ ଅଙ୍ଗ ହେଲା । ଭାରତୀୟ ନାରୀର ଏ ହେଲା ଅତୀତର ଅତି ସଂକ୍ଷିପ୍ତ ଇତିବୃତ୍ତ । ଏ ଆମ ଭାରତୀୟ ସମାଜର ପ୍ରଚ୍ଛଦପଟ । ଏହା କଅଣ ନାରୀତ୍ୱ ବିକାଶର ପୂର୍ଣ୍ଣତା ସୂଚାଏ ? ମାନବ ଅନନ୍ତ ପୂର୍ଣ୍ଣତା-ପଥର ଯାତ୍ରୀ । ମାତ୍ର ସଂସାରରେ ପୂର୍ଣ୍ଣତା ନାହିଁ, ହେଲେହେଁ ମାନଦଣ୍ଡ ଆମର ଲକ୍ଷ୍ୟ ହେବା ଉଚିତ ।

## ଏ ଯୁଗର ନାରୀ ଆଦର୍ଶ—

ବର୍ତ୍ତମାନ ଭାରତୀୟ ସମାଜରେ ଏକ ବାହାରୁ ଧକ୍କା ଆସି ବାଜିଛି । ଇଂରେଜ ରାଜତ୍ୱରେ ପାଶ୍ଚାତ୍ୟ ଶିକ୍ଷା ଓ ଆଦର୍ଶ ଭାରତୀୟ ସମାଜକୁ କେତେକ ପରିମାଣରେ ପ୍ରଭାବିତ କରୁଛି । ଏ ପ୍ରଭାବର ଫଳାଫଳ ଏଠାରେ ବିଚାର୍ଯ୍ୟ ନୁହେଁ । ମାତ୍ର ଏହି ଆଦର୍ଶର ଧକ୍କା ଯୋଗୁଁ ବର୍ତ୍ତମାନ ସମାଜର ନାରୀ ନର ସଙ୍ଗେ ସମାନ ଆସନ ପାଇବାକୁ ଦାବୀ କରୁଛି । ନାରୀ ନରର ଦାସୀ ନୁହେଁ, ସହଚରୀ । ଏହା ଏକ ସୁଆଦର୍ଶ, ଅର୍ଦ୍ଧାଙ୍ଗିନୀ ପରିକଳ୍ପନା ପଛରେ ମଧ୍ୟ ଏହି ଭାବ ଥିଲା । ରାମ ବନକୁ ଗଲାବେଳେ ସୀତା ରାମଙ୍କ ସଙ୍ଗେ ସମଦଶା ଭୋଗ କରିବାକୁ ବାହାରି ପଡ଼ିଥିଲେ ।



Digitized by srujanika@gmail.com

ମାତ୍ର କିପରି ଭାରତୀୟ ସମାଜରେ ନାରୀ ତାର ଉଚ୍ଚ ସ୍ଥାନ ହରାଇଲା, ତାହା ଗବେଷଣାର ବିଷୟ । କେହି କେହି ପରଦାପ୍ରଥା ବା ନାରୀର ଅବରୁଦ୍ଧ ପ୍ରଥାକୁ ଏହାର ଏକ କାରଣ ବୋଲି ଧରନ୍ତି । କେହି କେହି ନାରୀର ଅର୍ଥନୀତିକ ସ୍ୱାଧୀନତାର ଦୋହି ଦେଇ କହନ୍ତି ନାରୀର ଅର୍ଥନୀତିକ ପରାଧୀନତା ଏ ବିପର୍ଯ୍ୟୟର କାରଣ । ଏଯୁଗର ନାରୀ ଆଦର୍ଶ ଆଲୋଚନା କରିବାକୁ ଗଲେ ପ୍ରଥମରୁ ଦେଖିବା ଉଚିତ, ବର୍ତ୍ତମାନ ନାରୀ ଆନ୍ଦୋଳନରେ କି ଆଦର୍ଶ ବା ସମସ୍ୟା ପାଇଁ ଉଠୁଛି ।

୧ । ବିବାହ ପିତା ମାତା ଠିକ୍ ନ କରି ଯୁବକ, ଯୁବତୀ ଠିକ୍ କରିବା ଉଚିତ । ଅର୍ଥାତ୍ ପ୍ରେମ-ବିବାହ ସମାଜରେ ଦରକାର । ଏହାକୁ ପ୍ରାଚୀନ ଭାରତରେ ଗାନ୍ଧର୍ବ ବିବାହ କହୁଥିଲେ ।

୨ । ପରଦା ପ୍ରଥା ଉଠି ଯାଉ । ପରଦା ଶବ୍ଦଟା ବଡ଼ ବ୍ୟାପକ । ମାତ୍ର ଆନ୍ଦୋଳନକାରୀଙ୍କ ମତ. ଯେ ସଭା ସମିତି, ଥିଏଟର, ବାଇସ୍କୋପ, କିମ୍ବା ରାସ୍ତା, ଘାଟ, ଗାଡ଼ି ପ୍ରଭୃତିରେ ନରଙ୍କ ସାମନାରେ ନାରୀ ଓଢଣା ଟାଣି ଏକ ଚଳନ୍ତି ଅମୁହାଁ ଦେଉଳ ନ ହେଉ ।

୩ । ସହଶିକ୍ଷା ପୁଣି ଆଉ ଗୋଟିଏ ଉଦ୍ଦା । ନର, ନାରୀ ଉଭୟ ଏକତ୍ର ପାଠ ପଢ଼ିବେ, ହସିବେ, ବୁଲିବେ, ଖେଳିବେ । ଏହାର ପରୀକ୍ଷା ପ୍ରାଥମିକ ସ୍କୁଲଠାରୁ କଲେଜ ଯାଏ ଗତି କରିବାରେ ମିଳିବ ।

୪ । ଆର୍ଥିକ ଅଧିକାର ବା ଆର୍ଥିକ ସ୍ୱାଧୀନତା—ହିନ୍ଦୁ ଘରେ ନାରୀମାନେ ପୁଅଭଳି ସମ୍ପତ୍ତିରେ ଅଧିକାରିଣୀ ହେବେ । ଏହା ବ୍ୟତୀତ ନାରୀମାନେ ବିବାହ କଲେ ମଧ୍ୟ ନିଜେ ବହି ଲେଖି, ମାଷ୍ଟ୍ରାରୀ କରି, କିରାଣୀ ହୋଇ ରୋଜଗାର କରିବେ । ନାରୀର ଅର୍ଜିତ ସମ୍ପତ୍ତି ନରର ନୁହେଁ । ନର ଏବଂ ନାରୀ ମନ ଖୁସିରେ ମିଳିବେ, ଘର କରିବେ, କେହି କାହାର ଅଧୀନ ନୁହନ୍ତି ।

୫ । ମୁକ୍ତମିଳନ ଏବଂ ବିବାହ-ବିଚ୍ଛେଦ—ବାପ ମା ଯେପରି ଝିଅ ଝିଅଙ୍କ ବିବାହ ପାଇଁ ମୁଣ୍ଡ ଘୂରେଇବେ ନାହିଁ, ସେପରି ବିବାହ-ବିଚ୍ଛେଦ ପାଇଁ ନାରୀ ଅଧିକାର ପାଇବ । ଅର୍ଥାତ୍ ନର ନାରୀକୁ ଛାଡ଼ପତ୍ର ଦେଇ ପାରିବ, ଏବଂ ନାରୀ ମଧ୍ୟ ନରକୁ ।

୬ । ରାଜନୀତିକ ଅଧିକାର—ଅନେକ ଶିକ୍ଷିତା ନାରୀ ଆଜିକାଲି ସଭାସମିତିରେ ଯୋଗ ଦେଉଛନ୍ତି, ନରଙ୍କ ଭଳି ସମାଜର ଦାୟିତ୍ୱ ନିଜ ମୁଣ୍ଡ ଉପରେ ବହନ କରୁଛନ୍ତି ଏବଂ ଭୋଟରେ ନରଙ୍କ ସଙ୍ଗେ ସମାନ ରାଜନୀତିକ ଅଧିକାର ପାଇବାକୁ ଦାବୀ କରୁଛନ୍ତି । ବ୍ୟବସ୍ଥାପକ ସଭାରେ, ସାହିତ୍ୟ ସମାଜରେ, ସ୍କୁଲ୍ ପରିଚାଳନା କମିଟିରେ, ମନ୍ତ୍ରୀ ହେବାରେ ନରଙ୍କଠାରୁ ନାରୀମାନେ ଭାଗ ଖୋଜୁଛନ୍ତି ।

୭ । ଶିକ୍ଷା ଅଧିକାର—ବାଳକଙ୍କ ଭଳି ବାଳିକାଙ୍କର ଶିକ୍ଷା ପ୍ରତି ସରକାରଙ୍କର ଦୃଷ୍ଟି ଦେବା ଦରକାର । ଏଥି ପାଇଁ ଦେଶରେ ଏହା ବିନା ବେତନରେ ମଧ୍ୟ ଦିଆ ଯାଉଛି ।

କେହି କେହି ଚରମପନ୍ଥୀ ଆନ୍ଦୋଳନକାରୀ କହୁଛନ୍ତି, ଘର ଭାଙ୍ଗିଦିଅ, ବିବାହ ଉଠାଇ ଦିଅ, ଇତ୍ୟାଦି । କିନ୍ତୁ ଏ ଦେଶରେ କଥା ସେତେଦୂର ଯାଇ ନାହିଁ । ନର ନାରୀଙ୍କ ଅବାଧ ମିଳନ, ପରଦା-ପ୍ରଥାର ଧ୍ୱଂସ ସାଧନ, ସହଶିକ୍ଷା, ପ୍ରେମ-ବିବାହ ଏମିତି କେତେ ଗୁଡ଼ିଏ ଉଦ୍ଦା ନାରୀ ଆନ୍ଦୋଳନରେ ମୁଖ୍ୟ ଭାବରେ ବିଶେଷ ପ୍ରଚାର ହେଉଛି ।

## ମଧ୍ୟବିତ୍ତ ଶ୍ରେଣୀରେ ଏ ଆଦର୍ଶର ଫଳାଫଳ—

ଏଥିରୁ କେଉଁ ଆଦର୍ଶ ଏ ଦେଶରେ ନାହିଁ, କେଉଁ ଆଦର୍ଶ ସମାଜର କଲ୍ୟାଣ ପାଇଁ ଦରକାର; ଏହାର ସମାଲୋଚନା ହେବା ବାଞ୍ଛନୀୟ । ସତୀଦାହ ପ୍ରଥା ଏ ଯୁଗରେ ନାହିଁ । ଅସ୍ପୃଶ୍ୟତା କ୍ରମେ ଲୋପ ପାଉଛି । ସମୁଦ୍ର ପାରି ହେଲେ ଆଜି ଆଉ କେହି ଜାତି-ବାସନ୍ଦ ହେଉ ନାହାନ୍ତି । ବିଧବା ବିବାହ ( ବିଧବା ଏବଂ ବିପତ୍ନୀକ ଏକ ପାର୍ଥକ୍ୟ ସୃଷ୍ଟି ହୋଇଛି ) ଦେଶରେ ଅଳ୍ପ ବହୁତ ଚଳିଲାଣି, ଯୁବତୀ ବିବାହ ପାଇଁ ଆଇନ ପ୍ରଣୀତ ହେଲାଣି, ବାଳିକାମାନେ ପାଠ ପଢ଼ିଲେଣି, ଗ୍ରାଜୁଏଟ୍ କଲେଣି, ତେଣୁ ଯୁଗର ଆଦର୍ଶ ସମାଜରେ ଅଚଳନ୍ତି ଟଙ୍କା ଭଳି ମହାଜନ ବାକ୍ସର ଖୋଳରେ ବନ୍ଦ ହୋଇ ରହି ନାହିଁ । ନାରୀ-ମାନେ ଭାରତରେ ମନ୍ତ୍ରୀ ଓ ବ୍ୟବସ୍ଥାପକ ହେଲେଣି । କିନ୍ତୁ ନାରୀତ୍ୱ, ସତୀତ୍ୱ ନଷ୍ଟ ହେଲା ବୋଲି ହୁରି ମଧ୍ୟ ଏ ଦେଶରେ ବନ୍ଦ ହୋଇ ନାହିଁ । ସମସ୍ତ ଶିକ୍ଷିତ ବ୍ୟକ୍ତି ନାରୀ-ଆନ୍ଦୋଳନର ଏହି ଆଦର୍ଶମାନଙ୍କ ପୂର୍ଣ୍ଣ ସପକ୍ଷରେ କି ନା କହିବା କଷ୍ଟକର । ସବୁ ଶିକ୍ଷିତ ଯୁବକମାନେ ଯଦି ପ୍ରେମ-ବିବାହ କରୁଥାଆନ୍ତେ, ତେବେ ବିବାହ-ହାଟରେ ଯୌତୁକ ପାଇଁ ଏତେ ଭରି ସୁନା, ଏତେ ବାଟଖର୍ଚ୍ଚ, ଆଗରୁ ବାପ ଭାଇ ବସି ଜବାବ ଛଡ଼ାଉ ନ ଥାନ୍ତେ କିମ୍ବା ଏତେ ବାଡ଼ୁଅ ଝିଅ ବହୁତ ବର୍ଷ ଯାଏ ବାପଘରେ ରହି ଦହଗଞ୍ଜ ଭୋଗ କରୁ ନ ଥାନ୍ତେ । ପରଦାପ୍ରଥା ପୂର୍ଣ୍ଣ ଉଠି ଯାଇଥିଲେ, ସିନେମା, ଥିଏଟର, ପ୍ରଦର୍ଶନୀମାନଙ୍କରେ ନାରୀମାନଙ୍କ ପାଇଁ ମଶାରି ବା ଚକ୍ ଟଙ୍ଗା ସ୍ୱତନ୍ତ୍ର ସ୍ଥାନମାନ ରଖା ଯାଉ ନ ଥାନ୍ତା । ପ୍ରତ୍ୟେକ ପୁରୁଷ ନିଜ ସ୍ତ୍ରୀ ସହିତ ଆନନ୍ଦରେ ବସି ଥିଏଟର, ସିନେମା ଦେଖନ୍ତେ, ଏବଂ ସେମାନଙ୍କ ପାଖରେ ସେମାନଙ୍କ ପୁତ୍ର କନ୍ୟାମାନେ ବସୁଥାଆନ୍ତେ । ସହଶିକ୍ଷା ସମାଜର ପୂର୍ଣ୍ଣ ସହାନୁଭୂତି ପାଇଥିଲେ କଲେଜରେ ଶହ ଶହ ଯୁବକଙ୍କ ମଧ୍ୟରେ ଛଅ ସାତଟି ଯୁବତୀ ଅଗଣିତ କଟାକ୍ଷର କୋପରେ ଥରହର ହେଉ ନଥାନ୍ତେ । ଗ୍ରାମେ ଗ୍ରାମେ ବାଳିକା ଏବଂ ବାଳକ ବିଶେଷଣ ଭିନ୍ନ ଭିନ୍ନ ସ୍କୁଲ ପଛରେ ନଲଗି ପରିଦର୍ଶକମାନଙ୍କ କାମର କିଛି ଲାଘବ କରି ଥାଆନ୍ତା, କିମ୍ବା ପରିଦର୍ଶକ ଓ ପରିଦର୍ଶିକା ଜଣକ, ପ୍ରଦେଶ ଓ୍ୱାରି ଆଉ ଶିକ୍ଷା ବିଭାଗରେ ଅସ୍ଥାନ



Digitized by srujanika@gmail.com

ପାଇ ନ ଥାନ୍ତେ ! ଆଉ ଟଙ୍କା କଉଡ଼ି କଥା କାହିଁକି ବିଚାରକୁ ଆଣିବା । ଆଇନରେ 'ସ୍ତ୍ରୀଧନ' ବୋଲି ଗୋଟିଏ ଧନର ବିଭାଗ ଥିଲେ ମଧ୍ୟ, ସବୁ ସ୍ୱାମୀ ଜାଣନ୍ତି ଯେ ତାଙ୍କ ସ୍ତ୍ରୀଙ୍କ ଗହଣା ବାକ୍ସର ପ୍ରକୃତ ମାଲିକ କିଏ ? ସମ୍ପତ୍ତି ପ୍ରଶ୍ନ ତ ନ ଉଠିବା ଉଚିତ । କାରଣ ଏ ବିଷୟରେ ହିନ୍ଦୁ ଆଇନ ଆଜିଯାଏ ବଦଳି ନାହିଁ । ଆଜି ମୁକ୍ତମିଳନ ପାଇଁ ବହୁ ଶିକ୍ଷିତ ଯୁବକମାନଙ୍କ ଇଚ୍ଛା ହେଉଥିଲେ ମଧ୍ୟ, ସେମାନେ ବିବାହ ହାଟରେ ସଚଳ କମ୍ପାନୀର ଅଂଶ ଭଳି ବେଶ୍ ବିକ୍ରି ହେବାକୁ ପସନ୍ଦ କରୁଛନ୍ତି । ଏହାର ନମୁନା ପ୍ରତି ବିବାହ-ମାସରେ ଗ୍ରାମ ସହର-ମାନଙ୍କରେ ଦେଖିବାକୁ ମିଳୁଛି । ବିବାହ-ବିଚ୍ଛେଦ କାଟିକର ପାଠ । ରାଜନୀତିକ ଅଧିକାର ନାରୀମାନେ କିଛି କିଛି ପାଇଛନ୍ତି ; ଏହା ଠିକ୍ ସଂଖ୍ୟା ଅନୁପାତରେ ନୁହେଁ କିନ୍ତୁ । ଏହି ଯେଉଁ ତଥ୍ୟ ଦିଆଗଲା, ଏଥିରୁ ବେଶ୍ ଅନୁମିତ ହେବ ନାରୀ ସମସ୍ୟା ବିଷୟରେ କିମତ ମତ-ପାର୍ଥକ୍ୟ ଏଦେଶରେ ଅଛି । ଆଧୁନିକ ମଧ୍ୟବିତ୍ତ ଏବଂ ସହରର ପ୍ରଗତିଶୀଳା ନାରୀମାନେ ଯେଉଁ ସବୁ ସୁବିଧା-ସୁଯୋଗ ଚାହୁଁଛନ୍ତି, ସେ ବିଷୟରେ ଆମ ସମାଜରେ, ଦେଶରେ ପୂର୍ଣ୍ଣ ଲୋକମତ ଗଠିତ ହୋଇ ନାହିଁ । କିମ୍ବା ନାରୀ-ମାନେ ଲୋକମତ ପୂରା ସେମାନଙ୍କ ଆଡ଼କୁ ଆଣି ପାରି ନାହାନ୍ତି । କିନ୍ତୁ ଏହା ସଙ୍ଗେ ସଙ୍ଗେ ମନେ ରଖିବା ଉଚିତ ଯେ ଆମ ଦେଶର ଏମିତି ଏକ ଶ୍ରେଣୀର ନାରୀ ଅଛନ୍ତି,—ସେମାନଙ୍କ ସଂଖ୍ୟା ଅତି ଅଧିକ—ଯାହାଙ୍କ ମଧ୍ୟରେ ଏହି ସବୁ ଅତି ପ୍ରଗତିଶୀଳ ନାରୀ-ଆନ୍ଦୋଳନକାରୀଙ୍କ ବହୁ ଆଦର୍ଶ ପାଳିତ ହୁଏ ।

ସଂଖ୍ୟାଧିକ ନାରୀଙ୍କର ସାମାଜିକ ଗତି—

ଆମ ଦେଶରେ ଆଦିମ ନର ନାରୀଙ୍କ ମଧ୍ୟରେ 'ଢିନାପଲା' ଅର୍ଥାତ୍ ପ୍ରେମ-ବିବାହ ଅଛି । ଭୂୟାଁ, ହୋ, ଜୁଆଙ୍ଗ, କନ୍ଧ, ବାଥୁଡ଼ି ପ୍ରଭୃତି ଜାତିମାନଙ୍କର ଯୁବକ ଯୁବତୀଙ୍କର ପ୍ରେମ ସେମାନଙ୍କ ସାମାଜିକ ଉତ୍ସବ, ନୃତ୍ୟ, ଗୀତରୁ ଆରମ୍ଭ ହୁଏ । ଅବଶ୍ୟ ଆଜି କାଲି ପଣ-ପ୍ରଥା ଏମାନଙ୍କ ସମାଜକୁ କିଛି ଆସିଛି, ମାତ୍ର ପଣଟା କନ୍ୟା-ପିତା ନିଏ ବର-ପିତାଠାରୁ । ମାତ୍ର ଅନ୍ୟ ଶ୍ରେଣୀର ମଧ୍ୟବିତ୍ତଙ୍କ ଠାରୁ ନିମ୍ନସ୍ଥ ଜନସମାଜରେ ବିବାହ ପ୍ରାୟ ପ୍ରାଜାପତ୍ୟ ମତରେ ଅନୁଷ୍ଠିତ ହୁଏ । କିନ୍ତୁ ପରଦାପ୍ରଥା ଏମାନଙ୍କର ଏକାବେଳେକେ ନାହିଁ । ନର ନାରୀ ଉଭୟଙ୍କୁ ବାହାରେ କଠିନ ପରିଶ୍ରମ କରିବାକୁ ପଡ଼େ । ତେଣୁ ଏପରି କି ନବବଧୂକୁ ମଧ୍ୟ ବିଲରେ ଖଟି ପେଟ ପୋଷିବାକୁ ପଡ଼େ । ଏମାନେ ତ ଶିକ୍ଷାବିବର୍ଜିତା, ଆଉ ସହଶିକ୍ଷା ପ୍ରଶ୍ନ ଉଠିବ କିମିତି ? ମଧ୍ୟରେ ଅବାଧ ମିଳନ ବା ଚଳପ୍ରଚଳନର ସେମିତି ବାଧା ବା ପ୍ରତିବନ୍ଧକ ନ ଥାଏ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ । ଶ୍ରମିକମାନଙ୍କର ଯାହା ସମ୍ପତ୍ତି ତା ପ୍ରତିଦାନର ମଜୁରୀ । ତେଣୁ ଏ ଦିଗରେ ମଜୁରିଆର ନାରୀ ସ୍ୱାଧୀନ । ମାତ୍ର ଘରେ ପୁରୁଷହିଁ ମାଲିକ । ମୁକ୍ତ-ମିଳନ, ବିବାହ-ବିଚ୍ଛେଦ କେତେକ ପରିମାଣରେ ଏମାନଙ୍କ ମଧ୍ୟରେ ଅଛି ।

ବିଚାରର ଦିଗ—

ବର୍ତ୍ତମାନ ଆମଦେଶର ନାରୀଙ୍କ ଅବସ୍ଥା, ପରିସ୍ଥିତି, ଆଦର୍ଶ ବିଷୟରେ ଆମ୍ଭେମାନେ କିଛି ଜାଣି ଥାଇଁ । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ସ୍ୱାଧୀନ ଭାବରେ ଚିନ୍ତା କରିବା ଉଚିତ ଯେ ନାରୀମାନେ କେଉଁ କେଉଁ ସୁବିଧା ସୁଯୋଗ ପାଇବା ଉଚିତ । କିମ୍ବା ଅନ୍ୟ ଭାବରେ କହିଲେ ନାରୀ ଆନ୍ଦୋଳନର ଯେଉଁ ସବୁ ଆଦର୍ଶ କଥା ଉଠୁଛି, ତାହାର ପ୍ରୟୋଜନୀୟତା କେତେ ଦୂର ? ନାରୀ ଆନ୍ଦୋଳନରେ ଉଠୁଥିବା ନାନା ଦାବିର ସପକ୍ଷ ଓ ବିପକ୍ଷରେ ନାନା କଥା କୁହାଯାଇ ପାରିବ । ଯେଉଁ ଦେଶରେ ଭାଇବୋହୂ ଦେଢ଼ଶୁରର ଛାଇ ପଡ଼ିଲେ ଗାଧୋଇବା ଦରକାର, ସେ ଦେଶରେ ପରଦାପ୍ରଥା ସପକ୍ଷରେ ହଠାତ୍ ପ୍ରବଳ ଜନମତ ମଧ୍ୟବିତ୍ତ ଶ୍ରେଣୀରେ କିମିତି ଗଠିତ ହେବ ? ପରଦାପ୍ରଥା କ୍ରମେ ଏ ଦେଶରେ ଭାଙ୍ଗି ଯାଉଛି । ନାରୀମାନେ ଏବେ ରେଳରେ, ମଟରରେ, ନରମାନଙ୍କ ସଙ୍ଗେ ବସି ଯାଉଛନ୍ତି, ଯଦିଚ ରେଳରେ ଏକ ଏକ ସ୍ୱତନ୍ତ୍ର ଡବା ନାରୀମାନଙ୍କ ପାଇଁ ରହିଛି । ଏ ଦେଶରେ ତୀର୍ଥକ୍ଷେତ୍ରରେ, ଯାତ୍ରାରେ, ମେଲାରେ ମଧ୍ୟ ନାରୀମାନେ ନରମାନଙ୍କ ଭଳି ବାହାରେ ବୁଲି ସବୁ ପରିଦର୍ଶନ କରନ୍ତି । ତେଣୁ ପରଦାପ୍ରଥା ଯେ କ୍ରମେ ଦେଶରେ ଆହୁରି ଶିଥିଳ ହୋଇଯିବ, ଏଥିରେ ସନ୍ଦେହ ନାହିଁ ।

ସହଶିକ୍ଷା ସମସ୍ୟାଟା ଟିକିଏ ଅଡୁଆ । ବାଳକ ବାଳିକାଙ୍କ ଶିକ୍ଷା ଧାରାରେ ପାର୍ଥକ୍ୟ ରଖିବା ଉଚିତ । ସମାଜରେ ନର ଏବଂ ନାରୀଙ୍କୁ ଏକ ସମାନ କାର୍ଯ୍ୟ କରିବାକୁ ପଡ଼େ ନାହିଁ । ଉଭୟ ଏକ କାର୍ଯ୍ୟ କରିବାକୁ ଅଭିପ୍ରେତ ନୁହନ୍ତି । କେହି କହି ପାରନ୍ତି ଏବଂ ଯୁକ୍ତି କରି ପାରନ୍ତି ଯେ ନାରୀମାନେ ବୋଇତ ବାହିବେ, ବ୍ୟୋମଯାନ ଚଳାଇବେ, କିରାଣୀ ହେବେ ଇତ୍ୟାଦି । ଏହା ପ୍ରଗତିର ଚିହ୍ନ ହୋଇ ପାରେ । ମାତ୍ର ମନେ ରଖିବା ଉଚିତ ଯେ ନାରୀ ଗୃହର ରାଣୀ । ନାରୀର କର୍ମକ୍ଷେତ୍ର—ଗୃହ; ଯେପରି ନରର କର୍ମକ୍ଷେତ୍ର ପଡ଼ିଆ, ବିଲ, କାରଖାନା । ଏହି କାର୍ଯ୍ୟ ବିଭାଗ ହେତୁ ସେମାନଙ୍କ ଶିକ୍ଷାର ପାର୍ଥକ୍ୟ ରହିବ । ମାତ୍ର ପ୍ରାଥମିକ ଶ୍ରେଣୀରେ ବାଳକ ବାଳିକାମାନଙ୍କର ପ୍ରାଥମିକ ଗଣିତ, ସାହିତ୍ୟ, ଇତିହାସ ପ୍ରଭୃତି ଜ୍ଞାନ ଅର୍ଜନ ପାଇଁ ଏକତ୍ର ଅଧ୍ୟୟନରେ କୌଣସି ବାଧା ନାହିଁ । ତଥାପି ବାଳିକାମାନଙ୍କର ଏହି ସମୟରେ ମଧ୍ୟ କିଛି ସ୍ୱତନ୍ତ୍ର ଦିଗରେ ଦୃଷ୍ଟି ଦେବା ଉଚିତ । କେହି କେହି ପ୍ରାଚୀନ-ପନ୍ଥୀ ବ୍ରହ୍ମଚାରୀ ଅଛନ୍ତି, ଯେଉଁମାନେ କି ଏ ଅବସ୍ଥାରେ ମଧ୍ୟ ବାଳକ ବାଳିକାମାନଙ୍କର ସ୍ୱଚ୍ଛନ୍ଦ ମିଳନ ପସନ୍ଦ କରନ୍ତି ନାହିଁ । ମାତ୍ର ସଂସାର ବ୍ରହ୍ମଚର୍ଯ୍ୟାଶ୍ରମ ନୁହେଁ, କିମ୍ବା ଏହା ସମସ୍ତଙ୍କୁ ସନ୍ନ୍ୟାସ ଶିକ୍ଷା ଦେବା ପାଇଁ ଅଭିପ୍ରେତ ନୁହେଁ । ନାରୀର ଆର୍ଥିକ ଅଧିକାର ଓ ଆର୍ଥିକ ସ୍ୱାଧୀନତା ବିଷୟ ଆଲୋଚନା ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ ।

ପୁଣି 'ମୁକ୍ତ ମିଳନ' । ବିବାହ କ'ଣ ଏକ ଚୁକ୍ତି ନା ମଧୁର ପ୍ରେମର ପରିଣତି ? ପ୍ରେମର ଆଦର୍ଶ ଗୃହସ୍ଥତା ନା କେବଳ ପ୍ରେମ, ଏହି



Digitized by srujanika@gmail.com

ସବୁ ଚିନ୍ତା କରିବାର ବିଷୟ । ବିବାହ-ବିଚ୍ଛେଦ ସେଠିଠି ସମ୍ଭବପର ହେବ, ଯେଉଁଠି ବିବାହ ଦୁଇ ଆତ୍ମାର ମିଳନ ନୁହେଁ । ହିନ୍ଦୁ ସମାଜରେ ବିବାହ ଧର୍ମ ସହିତ ଜଡ଼ିତ । ମୁସଲମାନ ସମାଜରେ 'ନିକା' ଅଛି, ଛାଡ଼ପତ୍ର ବି ଅଛି । ଛାଡ଼ିବା କିମ୍ବା ଠାଇଁ ପ୍ରଥା ହିନ୍ଦୁ ସମାଜରେ ମଧ୍ୟ ଅଳ୍ପ ବହୁତ ଦେଖାଯାଏ । ସମାଜର ବନ୍ଧନ ଦୃଢ଼ୀଭୂତ ହୋଇଛି କେବଳ ମଧ୍ୟବିତ୍ତ ଶ୍ରେଣୀରେ । ପ୍ରେମ-ବିବାହ ବା 'ମୁକ୍ତ ମିଳନ' ବିଷୟରେ ଟିକିଏ ପରିଷ୍କାର କଥା ଚିନ୍ତା କରିବାକୁ ହେବ । ଗ୍ରାମମାନଙ୍କରେ ଯୁବକ ଯୁବତୀଙ୍କ ପ୍ରେମ-ବିବାହ ପାଇଁ ସେତେ ସୁବିଧା ନ ଥାଏ । ଗ୍ରାମମାନଙ୍କରେ କନ୍ୟାମାନେ କେବଳ ନିଜର କୁଟୁମ୍ବର ଅତି ନିକଟ ସମ୍ପର୍କୀୟ ଯୁବକଙ୍କୁ ମାତ୍ର ଦେଖନ୍ତି । ଏପରି କ୍ଷେତ୍ରରେ ପ୍ରେମ-ବିବାହ ପ୍ରଶ୍ନ ଉଠେ ନାହିଁ । ଯେଉଁଠି ସହରରେ ଏହା ସମ୍ଭବପର ହୁଏ, ସେଠାରେ ପ୍ରେମ-ବିବାହ କ୍ରମେ କ୍ରମେ ତାର ଅସ୍ଥାନ ଜମାଉଛି । ପୁଣି ଏ ସମ୍ପର୍କରେ ଆଉ ଗୋଟିଏ ଯୁକ୍ତି ବଢ଼ା ଯାଏ । ଯୁକ୍ତିଟି ଏହିପରି:—ମନେକର ଗୋଟିଏ ଯୁବକ ବା ଯୁବତୀଙ୍କୁ ତାହାଙ୍କର ସଙ୍ଗୀ ବାଛିବାକୁ ସୁବିଧା ଦିଆଗଲା । ତେବେ ଯୁବକ ବା ଯୁବତୀ ଉଭୟେ ପ୍ରଥମରୁ କେତେ ଗୁଡ଼ିଏ ବ୍ୟକ୍ତିଙ୍କ ମଧ୍ୟରୁ ତାଙ୍କର ଇଚ୍ଛାମତ ଜଣକୁ ବାଛିବେ । ହୁଏତ ଗୋଟିଏ ଯୁବକ ସାତଟି ଯୁବତୀ ଦେଖି, ପ୍ରଥମରୁ ପାଞ୍ଚଟିକୁ ଛାଡ଼ି ଷଷ୍ଠକୁ ବାଛିବେ । ସେହିପରି ଯୁବତୀଙ୍କ ପକ୍ଷରେ ହୋଇ ପାରେ । କିନ୍ତୁ ପ୍ରଶ୍ନ ହେଉଛି, ଏହି ବଞ୍ଚିବଛି, ପ୍ରାଣ ପରୀକ୍ଷା ପରଖିରେ ଯଦି କୌଣସି ଯୌନ-ଦୁର୍ଘଟଣା ଘଟେ ! ଯଦି ସମାଜ ଏହି ପ୍ରାଣ-ପରୀକ୍ଷା ପରଖି ପାଇଁ ସ୍ୱାଧୀନତା ଦେବ, ତେବେ ଏହି ଦୁର୍ଘଟଣାକୁ ମଧ୍ୟ ଆଖି ବୁଜି ଦେବ । ପୁଣି ଯୁକ୍ତିକାରୀ କହନ୍ତି ଯେ ଏହା ଦ୍ୱାରା ଯୁବକ, ତଥା ଯୁବତୀଙ୍କ ତରଳମତିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏକ ବିଚଳିତ ଅବସ୍ଥାରେ ରଖିବାକୁ ଛାଡ଼ି ଦିଆଯାଏ । ଅନ୍ୟ ପକ୍ଷରେ ପିତା-ମାତା, ବର—କନ୍ୟା ନିର୍ଦ୍ଧାରଣ କଲା ବେଳେ ଏ ବିପଦ ନ ଥାଏ । କନ୍ୟା ଜାଣେ ଯେ ଅମୁକ ବ୍ୟକ୍ତି ତାର ସ୍ୱାମୀ ଏବଂ ଯୁବକ ଜାଣନ୍ତି ଯେ ଅମୁକ ଯୁବତୀ ତାଙ୍କ ସ୍ତ୍ରୀ । ପ୍ରେମର ଟଳମଳ ହେବାର କୌଣସି ପ୍ରୟୋଜନ ପଡ଼େ ନାହିଁ । ତା ପରେ ଯେତେବେଳେ ଉଭୟ ଘର କରନ୍ତି, ସେତେବେଳେ ପ୍ରାଜାପତ୍ୟ ତଥା ଗାନ୍ଧର୍ବ ବିବାହ ଉଭୟେ ମତରେ ସମଦଶା । ଛାଡ଼ପତ୍ର, ବିବାହ-ବିଚ୍ଛେଦ ବିରୁଦ୍ଧରେ ମଧ୍ୟ ସେମିତି ମତ ଉଠେ । ଏହାର ଅସଦ୍‌ବ୍ୟବହାର ସମାଜରେ ହେବ । ଶୀଘ୍ର ଉଭୟ ନର ନାରୀ ଏହାର ସୁଯୋଗ ନେବେ ।

ନାରୀମାନଙ୍କର ରାଜନୀତିକ ଅଧିକାର ବିଷୟରେ ଆଜିକାଲି ବିଶେଷ ଆପତ୍ତି ନାହିଁ । ଭୋଟରେ ନାରୀ ନରଭଳି ସମାନ ଅଧିକାର କ୍ରମେ ପାଉଛି । ଯେତେବେଳେ ଭୋଟ ଅଧିକାର ସମସ୍ତ ପ୍ରାପ୍ତବୟସ୍କ ନର ନାରୀଙ୍କୁ ଦିଆ ଯିବାକୁ ପ୍ରଶ୍ନ ଉଠୁଛି, ସେତେ-ବେଳେ ଧନ ନାରୀର ବିଶେଷ ରାଷ୍ଟ୍ରୀୟ ଅଧିକାରରେ ବାଧା ଦେବ ନାହିଁ । କିନ୍ତୁ ନାରୀମାନେ ଗ୍ରହିବେ କି ? ସେମାନଙ୍କ ଶ୍ରେଣୀର ବ୍ୟବସ୍ଥାପକ ସଭାମାନଙ୍କରେ ସଂଖ୍ୟାନୁପାତରେ ସ୍ଥାନ ଛାଡ଼ି ଦିଆଯାଉ ? ସେତେବେଳେ ସମାଜରେ କି ଅବସ୍ଥା । ଉପୁଜିବ, ତାହା ଭାବିବାର କଥା । କିନ୍ତୁ ପୃଥିବୀରେ ଆଜିଯାଏ କୌଣସି ଦେଶରେ ଏ ପରିସ୍ଥିତି ଆସି ନାହିଁ । ନାରୀ ମଧ୍ୟରେ ପ୍ରାୟ ଏ ଶ୍ରେଣୀ-ଚୈତନ୍ୟ ଆସୁନାହିଁ, ନ ଆସିବା ଉଚିତ । କାରଣ ନାରୀର ସେ ଶକ୍ତି ନାହିଁ, କିମ୍ବା ତାହାର ସେ ପ୍ରକୃତ କ୍ଷେତ୍ର ନୁହେଁ ବୋଲି ମୋର ଧାରଣା । ଯଦି ଘରେ ବସି ଯେ କୌଣସି ନାରୀ ତାଙ୍କର ସ୍ୱାମୀକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇ ପାରନ୍ତି, ତେବେ ଭୋଟ ଲଢେଇରେ ପଣି ଟଙ୍କା ଖର୍ଚ୍ଚ କରି ବ୍ୟବସ୍ଥାପକ ସଭାର ସଭ୍ୟ ହୋଇ ବିଲ୍ ପାସର କି ପ୍ରୟୋଜନ ? ଯେ ତ୍ରିଗୁଣ ରଜ୍ଜୁ କଟାକ୍ଷରେ ଧରି ଘରେ ଘରେ ନରହରଙ୍କୁ ନଚାଇ ପାରନ୍ତି, ସେ ଲର୍ଡ୍ସ ଅସେମ୍ବ୍ଲିରେ ଭୋଟପାଇବାକୁ କାହିଁକି ଯିବେ ? ଆଉ ଶିକ୍ଷା ସମସ୍ୟାଟା ମଧ୍ୟ ବଡ଼ ଜଟିଳ । ବର୍ତ୍ତମାନ ନାରୀ ଶିକ୍ଷା କଥା ତେଣିକି ଥାଉ ନର-ଶିକ୍ଷା ମଧ୍ୟ ବହୁଳ ଭାବରେ ଏ ଦେଶରେ ଚାଲିପାରି ନାହିଁ । ଆମର ଶିକ୍ଷା ତ ଦେଶରେ ଖୁବ୍ ବହୁଳ ଭାବରେ ପ୍ରଚଳିତ ହେବା ବାଞ୍ଛନୀୟ । ଏଥିପାଇଁ ନର ନାରୀର ପାର୍ଥକ୍ୟ ନାହିଁ, କିନ୍ତୁ ଶିକ୍ଷା-ଧାରାରେ ନର ନାରୀଙ୍କ ମଧ୍ୟରେ ବ୍ୟବଧାନ ରହିବା ସମୀଚୀନ ।

## ନାରୀ ଓ ଆର୍ଥନୀତିକ ପରିସ୍ଥିତି—

ନର ଏବଂ ନାରୀ ମଧ୍ୟ ଅର୍ଥନୀତିକ ଶ୍ରେଣୀ-ଚୈତନ୍ୟ ଉଦ୍ଭାବନ ଉଠାଇବା ଅସୁନ୍ଦର ଏବଂ ଅପ୍ରାକୃତିକ । ଘରେ ପିତା ମାତା ଉଭୟଙ୍କ ଲକ୍ଷ୍ୟ ଗୃହର ମଙ୍ଗଳ ସାଧନ । ଏ ବିଷୟରେ ସମାଜରେ ପ୍ରତିଦ୍ୱନ୍ଦୀ ପ୍ରଶ୍ନ ଉଠାଇବା ବିପଜ୍ଜନକ । ନାରୀ ନରର ପ୍ରତିଦ୍ୱନ୍ଦୀ ନୁହେଁ । ନର ନାରୀର ପ୍ରତିଦ୍ୱନ୍ଦୀ ନୁହେଁ । ଦ୍ୱିଚକ୍ରାକାର ଶକଟ ଚକ୍ରର କେଉଁ ପାଖ ଅପ୍ରୟୋଜନୀୟ ? କେଉଁ ଅଂଶ କାହାଠାରୁ ଉଚ୍ଚତର ? ସୃଷ୍ଟି ଚକ୍ରର ନର ଏବଂ ନାରୀ ଏକ ଅଚ୍ଛେଦ୍ୟ ଅଂଶ । ଉଭୟଙ୍କର ମିଳନ, ସାହଚର୍ଯ୍ୟ ସମାଜକୁ ସୁନ୍ଦର, ସଜୀବ ଏବଂ ସର୍ବାଙ୍ଗସୁନ୍ଦର କରିବାକୁ ସକ୍ଷମ । ଆମ ଦେଶରେ ମଧ୍ୟବିତ୍ତ ଗୃହସ୍ଥଙ୍କ ଘରେ ନାରୀମାନେ ପଦାରେ କାମ କରନ୍ତି ନାହିଁ, କିନ୍ତୁ ଅନ୍ୟ ଶ୍ରେଣୀର ଲୋକମାନେ ବାହାରେ କାମ କରନ୍ତି । ବାହାରେ କିମ୍ବା ଘରେ କାମ କରିବାରେ ବିଶେଷ ପାର୍ଥକ୍ୟ ନାହିଁ, କିନ୍ତୁ ପ୍ରକୃତ ପ୍ରୟୋଜନୀୟତା ନାରୀର କର୍ମପରିପୂରଣତାରେ । ମଧ୍ୟବିତ୍ତ ଶ୍ରେଣୀର ପୁରୁଷମାନଙ୍କର ଯେପରି ବାହାରେ କାମ କରିବା ଉଚିତ, ସେପରି ନାରୀମାନେ ଘରେ କାମ ନିଜ ହାତରେ କରିବା ଦରକାର । ଘରେ ନିଜ ହାତରେ ନାରୀ ରୋଷେଇ କଲେ, ଘର କାମ କଲେ, ଅବସର ସମୟରେ କୁଟୀର କଳାରେ ମନୋନିବେଶ କଲେ ଗୃହର ଆର୍ଥିକ ଅବସ୍ଥାର ନିଶ୍ଚୟ କିଛି ପରିବର୍ତ୍ତନ ହେବାର ସୁଯୋଗ ମିଳନ୍ତା । ଯଦି ଶିଶୁ ଲାଳନପାଳନ ଧାଈ ଉପରେ ଛାଡ଼ି ଦିଆଯାଏ, ରୋଷେଇ କାମ



Digitized by srujanika@gmail.com

ପୁଷ୍ପାଶ୍ରୀ ହାତରେ, ତେବେ ନାରୀର କାମ ଘରେ ଆଉ କଅଣ ? ଉପନ୍ୟାସ ପଠନ, ସିନେମା ଦର୍ଶନ ଏବଂ ସ୍ୱପ୍ନ ଦର୍ଶନ କିମ୍ବା ମୌଜ କର୍ମଠ ବୃଣା ସିନା ସାର ! ଏ ଯଥେଷ୍ଟ ନୁହେଁ । ମଧ୍ୟବିତ୍ତ ଶ୍ରେଣୀର ନାରୀମାନେ କ୍ରମେ ଆଳସ୍ୟପରାୟଣା ହୋଇ ଯାଉଛନ୍ତି । ଏଥିରେ କେହି ମଧ୍ୟବିତ୍ତ ଶ୍ରେଣୀର ନାରୀ ଅପମାନ ବୋଧ ନ କରିବା ଉଚିତ । ଏହା ବାସ୍ତବ ଘଟଣା । ଗୃହରେ ଗୃହିଣୀ ନାରୀ ଯେପରି ଗୃହକର୍ମ କରିବା ଦରକାର, ସେପରି ସଂସ୍କୃତିର ସ୍ୱର୍ଣ୍ଣ-ପ୍ରଦୀପ ଘରେ ଘରେ ଜାଳି ରଖିବା ଉଚିତ । ଶ୍ରମିକ ନାରୀ ବହୁତ ପରିଶ୍ରମ କରେ, ତାହାର ଅବସର ଅଳ୍ପ । ମଧ୍ୟବିତ୍ତ ଶ୍ରେଣୀର ନାରୀ ଅଳ୍ପ ପରିଶ୍ରମ କରେ, ଅବସର ବହୁତ । ଶ୍ରମିକ-ନାରୀଙ୍କୁ ଅବସର କିଛି ବେଶୀ ଦେବା ଯେପରି ସମାଜ-ବିକାଶ ପାଇଁ ଲୋଡ଼ା, ମଧ୍ୟବିତ୍ତ ନାରୀଙ୍କୁ କର୍ମରେ ପ୍ରବର୍ତ୍ତାଇବା ସେହିପରି ସମାଜ ପକ୍ଷରେ ଦରକାରୀ ।

## ନାରୀ ଓ ଗୃହକଳା—

ନାରୀର ସୌନ୍ଦର୍ଯ୍ୟବୋଧ ଏକ ଶ୍ରେଷ୍ଠ ଗୁଣ । ନାରୀର ଅବସର କଳା-କର୍ମରେ ନିୟୋଜିତ ହେବା ବାଞ୍ଛନୀୟ । ଏ ଦିଗରେ ଆମ ଦେଶରେ ଏକ ପରମ୍ପରା ଅଛି । ଚିତା ଅଙ୍କିବା, ରଙ୍ଗ ମୁରୁଜରେ ରଙ୍ଗକୋଠି ଅଙ୍କିବା, ଫୁଲଘର ତୋଳିବା, ଗୀତ ଗାଇବା, ପ୍ରଭୃତି ନାନା ଆନନ୍ଦଦାୟକ କାର୍ଯ୍ୟ ନାରୀର ଅବସରକୁ ସୁଖମୟ କରିବାକୁ ଅଭିପ୍ରେତ । ନାରୀ କଳା-କୁଶଳ ହେବା ବାଞ୍ଛନୀୟ । ଚଉଷଠି ନ ହେଲେ ଚଉଦ କଳାରେ ଅନ୍ତତଃ ନାରୀ ନିପୁଣା ହେବା ତ ଦରକାର । ଚୋପେଇ କରିବା, ସୂତା କାଟିବା, ଶିଶୁର ଯତ୍ନ ନେବା, ଲାଳନ ପାଳନ କରିବା, ମାଳା ଗୁନ୍ଥିବା, ଗୀତ ଗାଇବା, ଅବସର ସମୟରେ କାରୁକଳାର ଉତ୍କର୍ଷ ସାଧନ କରିବା ବା କ୍ଷୁଦ୍ର କ୍ଷୁଦ୍ର ଗୃହ-ଶିଳ୍ପରେ ମନ ନିବେଶ କରିବାରେ ନାରୀ ଅଗ୍ରଣୀ ହେବା ଦରକାର । ଏ ଦିଗରେ ପୁରୁଷର ମଧ୍ୟ ଦାୟିତ୍ୱ ଅଛି । ନାରୀର ଗୃହକଳା ସହିତ ଘନିଷ୍ଠ ସମ୍ପର୍କ । ଏହା ନାରୀର ଚିତ୍ତକୁ ଆନନ୍ଦମୟ କରିବା ସଙ୍ଗେ ସଙ୍ଗେ ଉନ୍ନତି ପଥରେ ନେବ, ଏହା ନିଶ୍ଚୟ କଥା ।

## ନାରୀଶିକ୍ଷା—

ନାରୀର ଏହି ସମସ୍ତ ପରିସ୍ଥିତି ଏବଂ ସମସ୍ୟାକୁ ଦୃଷ୍ଟି ରଖି ନାରୀ-ଶିକ୍ଷାର ନୀତି ନିର୍ଦ୍ଧାରିତ ହେବା ବାଞ୍ଛନୀୟ । ଜାତୀୟତା ଏବଂ ସଂସ୍କୃତିର ଆଦର୍ଶ ସେ ଶିକ୍ଷାରେ କିପରି ଫୁଟିବ, ଏବଂ ନାରୀ ଗୃହସ୍ଥତା ଆଦର୍ଶରେ କିପରି ସୁପ୍ରଭାବିତ ହେବ, ଏହା ସ୍ୱତନ୍ତ୍ର ଭାବରେ ଆଲୋଚିତ ହେବା ଆବଶ୍ୟକ । ସମାଜରେ ନାରୀର ଆଦର୍ଶ ଯାହା, ସେ ଆଦର୍ଶ ଦିଗରେ ତା ଜୀବନ କେତେଦୂର ନିୟନ୍ତ୍ରିତ ହୋଇ ପାରିବ, କିପରି ନିୟନ୍ତ୍ରିତ ହେବ, ନାରୀର ମନସ୍ତତ୍ତ୍ୱ କଅଣ, ଏ ସବୁ ଦିଗରେ ଦୃଷ୍ଟି ଦେଇ ଦେଶରେ ଏକ ବଳିଷ୍ଠ ନାରୀ-ଶିକ୍ଷା-ନୀତି ପ୍ରଚଳିତ ହେବା ଉଚିତ । ତାହା ନ ହୋଇ କେବଳ ଗଡ୍ଡଳିକା ପ୍ରବାହରେ ଭାସିଗଲେ ଉପାଣି ବୃଥା ହେବ, ଏବଂ ସମାଜର ସମସ୍ତ ଆଦର୍ଶ ଓ ନୀତିର ସମାଧି ଗଢ଼ିବାକୁ ପଡ଼ିବ । ଭାରତରେ କିରାଣୀଗଢ଼ା ଶିକ୍ଷାରେ ନାରୀ ଶିକ୍ଷିତା ହେଲେ, ନାରୀ କିରାଣୀ ହୋଇ ପାରେ; ସୁଗୃହିଣୀ ତ ହେବ ନାହିଁ ? ଭାରତୀୟ ନାରୀ କିରାଣୀ ହେବାକୁ ଚାହେଁ ନା ସୁଗୃହିଣୀ ହେବାକୁ ଚାହେଁ; ଶିକ୍ଷା ସର୍ବଦା ଅନ୍ତର ମାନବର ବିକାଶର ପଥ ପରିଷ୍କାର କରିବା ଉଚିତ ।

ନାରୀ ଏକ ପୁତ୍ତଳିକା ନୁହେଁ, କିମ୍ବା ସେ ଏକ ପ୍ରଦର୍ଶନୀର ଚାରୁକଳା ବିଭାଗରେ ପ୍ରଦର୍ଶିତ ହେବାର ବସ୍ତୁ ନୁହେଁ । ନାରୀର ବ୍ୟକ୍ତିତ୍ୱ ଅଛି । ସମାଜ ଗଠନରେ ସେ ବ୍ୟକ୍ତିତ୍ୱର ପ୍ରୟୋଜନ ଅଛି । ଶିଶୁ ଜନ୍ମ କରିବାର କଳ କିମ୍ବା ଘରକାମ କରିବାର ଦାସୀ ନାରୀ ନୁହେଁ । ନର ଓ ନାରୀ ସମାଜଚକ୍ରର ଦୁଇଟି ଚକ୍ରାର୍ଦ୍ଧ । ଉଭୟଙ୍କର ମିଳନ, ସୁସଂଗଠନ ଓ ସୁପରିଚାଳନା ଦ୍ୱାରା ସମାଜର ମଙ୍ଗଳ ଏବଂ ଅଭିବୃଦ୍ଧି ନିର୍ଭର କରେ । ତେଣୁ ନର ଏବଂ ନାରୀ ଉଭୟ ସ୍ୱାଧୀନ ଭାବରେ ଏହି ଗୁରୁ ନାରୀ-ସମସ୍ୟା ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଅନ୍ତୁ, ଏବଂ ସମାଜର ମଙ୍ଗଳଦୃଷ୍ଟିରେ ଏ ସମସ୍ୟାର ସମାଧାନ କରନ୍ତୁ, ଏହାହିଁ ଏକାନ୍ତ ପ୍ରୟୋଜନୀୟ । ଯାହା ସମାଜ ପକ୍ଷେ ଶିବ, ସତ୍ୟ ଏବଂ ସୁନ୍ଦର ତାହା ନାରୀ ଏବଂ ନର ଉଭୟ ପ୍ରଫୁଲ୍ଲ ପ୍ରାଣରେ ବରଣ କରି ନେଇ ସମାଜ ଗଠନରେ ମନ ନିବେଶ କରନ୍ତୁ । ସୃଷ୍ଟି-ଚକ୍ର ନର ଓ ନାରୀଙ୍କ ଚିର ମଧୁ-ମିଳନରେ ରହସ୍ୟମୟ, ପୁଣ୍ୟମୟ ହେବା ସଙ୍ଗେ ସଙ୍ଗେ ପ୍ରେମମୟ ଏବଂ ସୁଖମୟ ହୋଇ ଉଠୁ ।



Digitized by srujanika@gmail.com

# ମୟୂରଭଞ୍ଜର କୃଷି ଓ ଶିଳ୍ପ

ଶ୍ରୀମନ୍ ମହାରାଜା ମହୋଦୟଙ୍କ ଚତ୍ୱାରିଂଶ ଜନ୍ମୋତ୍ସବ ଉପଲକ୍ଷରେ ଅନୁଷ୍ଠିତ ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀର ଶେଷ ଉତ୍ସବରେ ଡେଭଲପମେଣ୍ଟ ଡିପାର୍ଟମେଣ୍ଟର ଡାଇରେକ୍ଟର ମହୋଦୟ ନିମ୍ନଲିଖିତ ଭାଷଣଟି ଦେଇଥିଲେ ।

"ସଭାପତି ମହୋଦୟ, ଭଦ୍ରମହିଳା-ବୃନ୍ଦ ଓ ଭଦ୍ରମଣ୍ଡଳୀ,

ପ୍ରଦର୍ଶନୀର ଶେଷ ଉତ୍ସବ ଦିବାହରେ ଆପଣମାନଙ୍କୁ ଅଭିନନ୍ଦନ କରିବାର ସୁଯୋଗ ପାଇ ମୁଁ ବିଶେଷ ଆନନ୍ଦ ଅନୁଭବ କରୁଅଛି । ଏହି ମେଳାର ସାଫଲ୍ୟ ଆପଣମାନଙ୍କର ସଦିଚ୍ଛା, ସହାନୁଭୂତି ଓ ସହଯୋଗ ଉପରେ ଅନେକ ପରିମାଣରେ ପ୍ରତିଷ୍ଠିତ । ସଭାପତିଙ୍କ ଗଭୀର ଶ୍ରଦ୍ଧା ଓ ସଦୁପଦେଶ-ପୂର୍ଣ୍ଣ ସହାନୁଭୂତି ଯୋଗୁଁ ଏବଂ ସର୍ବୋପରି ବହୁବିଧ କର୍ତ୍ତବ୍ୟରେ ନିଯୁକ୍ତ ଥାଇ ମଧ୍ୟ ଆଜି ଏ ସଭାର ପୁରୋଧା ରୂପେ କାର୍ଯ୍ୟ ନିର୍ବାହ କରିବାକୁ ସମ୍ମତ ହୋଇ ଥିବାରୁ ମୁଁ ତାଙ୍କ ନିକଟରେ ବିଶେଷ ଭାବରେ କୃତଜ୍ଞ । ଯେଉଁ ବନ୍ଧୁମାନେ ଆମ୍ଭମାନଙ୍କୁ ନାନା ଭାବରେ ସାହାଯ୍ୟ କରିଛନ୍ତି ଏବଂ ପ୍ରଦର୍ଶନୀ କାର୍ଯ୍ୟରେ ଅକୁଣ୍ଠିତ ଚିତ୍ତରେ ନିଜକୁ ନିୟୋଗ କରିଅଛନ୍ତି, ଏହି ସୁଯୋଗରେ ମୁଁ ସେମାନଙ୍କଠାରେ ମଧ୍ୟ କୃତଜ୍ଞତା ଅର୍ପଣ କରୁଅଛି । ବର୍ଷକୁ ବର୍ଷ ଏପରି ପ୍ରଦର୍ଶନୀ କରାଇବାର ଆବଶ୍ୟକତା ବିଷୟରେ ଯେଉଁମାନେ ଜିଜ୍ଞାସୁ, ଉତ୍ତରରେ ମୁଁ ସେମାନଙ୍କୁ ଏତିକି କହିବି ଯେ ଆମ୍ଭ-ମାନଙ୍କର ପ୍ରଜାପ୍ରିୟ ମହାରାଜାଙ୍କର ଶୁଭ ଜନ୍ମୋତ୍ସବ ଉପଲକ୍ଷେ ଯେଉଁ ଆନନ୍ଦଦାୟକ କାର୍ଯ୍ୟ-ନିର୍ଘଣ୍ଟ ସ୍ଥିର କରାଯାଏ, ଏହି ପ୍ରଦର୍ଶନୀଟି ତାହାର ଏକ ବିଶିଷ୍ଟ ଅଙ୍ଗ । ତା ଛଡ଼ା ଏଥିରେ ଆଉ ଏକ ଗୂଢ଼ ଉଦ୍ଦେଶ୍ୟ ନିହିତ ରହିଛି ଯାହା କୌଣସି ଉନ୍ନତିଶୀଳ ଶାସନତନ୍ତ୍ର ଉପେକ୍ଷା କରି ପାରିବେ ନାହିଁ ।

ରାଜ୍ୟରେ ଶାନ୍ତିରକ୍ଷଣ ଓ ରାଜସ୍ୱ ଆଦାୟ ପ୍ରତ୍ୟେକ ଶାସନର ଅଙ୍ଗରୂପେ ଅବଶ୍ୟ ରହିବ । ମାତ୍ର ଯେ କୌଣସି ଉନ୍ନତିଶୀଳ ଶାସନ ପ୍ରଣାଳୀ କେବଳ ଏହି କେତେଗୋଟି ଅତି ପ୍ରୟୋଜନୀୟ କାର୍ଯ୍ୟଦ୍ୱାରା ସନ୍ତୁଷ୍ଟ ହୋଇ ରହି ପାରିବ ନାହିଁ । ତାର କାର୍ଯ୍ୟ-ଧାରା ମାନବୀୟ କର୍ମ କ୍ଷେତ୍ରର ଅନେକ ବିସ୍ତୃତ ପରିସର ପରିଗ୍ରହ କରିବା ସ୍ୱାଭାବିକ । ଦେଶର ନରନାରୀ, ବାଳକ ବାଳିକା ପ୍ରଭୃତିଙ୍କ ଖାଦ୍ୟ ପରିଧେୟାଦି ମୌଳିକ ଅଭାବମାନ ମୋଚନ କରିବାରେ ଯେଉଁ ସଂଗଠନର ପ୍ରୟୋଜନ ତାହା ସେପରି ଶାସନ କଦାପି ଏଡ଼ିଦେଇ ପାରିବ ନାହିଁ ।

ଆମ୍ଭମାନଙ୍କର ପ୍ରୟୋଜନୀୟ ଖାଦ୍ୟ ପଦାର୍ଥମାନ କ୍ଷେତରୁ ଉତ୍ପାଦନ କରାଯାଏ ଓ କୃଷିହିଁ ଏ ଦେଶରେ ବହୁ ସଂଖ୍ୟକ ଲୋକଙ୍କର ପ୍ରଧାନ ବ୍ୟବସାୟ; ସୁତରାଂ ଏହାର ଉନ୍ନତି ବିଧାନ ବିଷୟରେ ଆମ ଦେଶରେ କୌଣସି ଉନ୍ନତିଶୀଳ ଶାସନ ଉଦାସୀନ ରହିବା ସମ୍ଭବ ନୁହେଁ । କୃଷି, ବାଣିଜ୍ୟ ଓ ଯାତାୟାତ ପାଇଁ ଆମ୍ଭମାନଙ୍କୁ ଗୋ-ମହିଷାଦି ପଶୁମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ସ୍ୱାସ୍ଥ୍ୟ-ସଂସ୍ଥାପନ ସକାଶେ ମଧ୍ୟ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟମାନଙ୍କର ଆବଶ୍ୟକତା ଅତି ବେଶୀ । ଏଣୁ ପଶୁ ସଂରକ୍ଷଣ, ଉନ୍ନତି ଓ ଚିକିତ୍ସାର ଆବଶ୍ୟକତା ସହଜରେ ଅନୁମେୟ । ମନୁଷ୍ୟର ଅଭାବ ପୂରଣ ଦିଗରୁ ଦେଖିଲେ ଖାଦ୍ୟ ପରେ ପରିଧେୟର ଆବଶ୍ୟକତା ପ୍ରଧାନ । ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଜମି ଉପରେ ମଧ୍ୟ ବେଶି ଚାପ ପଡ଼େ ଓ କୃଷିର ଆୟ କ୍ରମେ କମିଯାଏ । ଏହି ଚାପ କମାଇବା ପାଇଁ ଏବଂ କୃଷିର ହ୍ରାସଶୀଳ ଆୟକୁ ପୂରଣ କରିବା ପାଇଁ ନାନା ପ୍ରକାର ଶିଳ୍ପର ସାହାଯ୍ୟ ନେବାକୁ ହୁଏ । ଏଥିପାଇଁ ଗ୍ରାମ ଓ କୁଟୀର ଶିଳ୍ପ ଗୁଡ଼ିକର ସଂଗଠନ ଆବଶ୍ୟକ ହୋଇଥାଏ । କୃଷି ଓ କୁଟୀର-ଶିଳ୍ପମାନଙ୍କର ସଂଗଠନ ଓ ଉନ୍ନତି ସକାଶେ ଅର୍ଥ ଓ ବିକ୍ରୟର ସୁବିଧା ଆବଶ୍ୟକ । ଏହି ଦୁଇଟି ପ୍ରଧାନ ସମସ୍ୟାର ସମାଧାନ କେବଳ ସମବାୟ ନୀତିରେ ହିଁ ସୁଚାରୁ ରୂପେ ସମ୍ପନ୍ନ ହୋଇପାରେ । ତା ଛଡ଼ା ଗ୍ରାମର ଲୋକସାଧାରଣ ଯେଉଁ ଅଗଣିତ ଦୁଃଖ-ଦାରିଦ୍ର୍ୟ ଭୋଗ କରୁଅଛନ୍ତି, କେବଳ ସୁପରିଚାଳିତ ସହଯୋଗ ଜରିଆରେ ହିଁ ସେହିସବୁ ଦୁଃଖ-ଦାରିଦ୍ର୍ୟର ସମାଧାନ ସମ୍ଭବପର ହୋଇ ପାରିବ । ମୟୂରଭଞ୍ଜରେ ଏହି ସବୁ ନାନାବିଧ ଲୋକ-ହିତକର କାର୍ଯ୍ୟକଳାପର ପର୍ଯ୍ୟବେକ୍ଷଣ ସକାଶେ ଯେଉଁ ଡେଭଲପମେଣ୍ଟ ଡିପାର୍ଟମେଣ୍ଟ ପ୍ରତିଷ୍ଠିତ ହୋଇଅଛି ସେହି ଡିପାର୍ଟମେଣ୍ଟ ଦ୍ୱାରା ଏହି ପ୍ରଦର୍ଶନୀର ଯୋଜନା ଏବଂ ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ପୂର୍ବୋକ୍ତ ଜୀବନ ମରଣ ସମସ୍ୟା ଗୁଡ଼ିକୁ ଅନ୍ତତଃ ବର୍ଷକେ ଥରେ ସର୍ବସମକ୍ଷରେ ଉପସ୍ଥାପିତ କରିବା ଏବଂ ସନସାଧାରଣଙ୍କୁ ନିଜ ନିଜର ଆର୍ଥିକ ସମସ୍ୟା ସମାଧାନ କରିବା ପାଇଁ ବିହିତ ଶିକ୍ଷାର ବ୍ୟବସ୍ଥା କରିବା ।

ସର୍ବାଧିକ ଲୋକଙ୍କର ସର୍ବତୋଭାବେ ଆର୍ଥିକ ଉନ୍ନତି ସାଧନ ହିଁ ଏହି ସବୁ ଯୋଜନାର ଲକ୍ଷ୍ୟ—କେବଳ ଜଣ କେତେକଙ୍କୁ ଧନଶାଳୀ କରିବା ଏହାର ଉଦ୍ଦେଶ୍ୟ ନୁହେଁ । ସରକାର ମଧ୍ୟ ଏଥିରୁ କୌଣସି ଆର୍ଥିକ ଲାଭ କରିବାକୁ ଚାହାନ୍ତି ନାହିଁ ।



Digitized by srujanika@gmail.com

କାରଣ ରାଜସ୍ୱ ଭଣ୍ଡାରରୁ କମ ଖର୍ଚ୍ଚ ହୋଇ ଯେତେ ବେଶୀ ଲୋକ-ହିତକର କାର୍ଯ୍ୟ ସାଧିତ ହୋଇପାରେ ସେତେ ଭଲ ବୋଲି ମନେ କରନ୍ତୁ ।

ମୟୂରଭଞ୍ଜରେ କୃଷିର ଉନ୍ନତି କଲେ କୌଣସି ସୁଚିନ୍ତିତ କର୍ମଯୋଜନା ପ୍ରସ୍ତୁତ କରିବାକୁ ହେଲେ ରାଜ୍ୟର ପ୍ରଧାନ ଫସଲ ଧାନର ଉନ୍ନତି ପାଇଁ ଅବଶ୍ୟ ବ୍ୟବସ୍ଥା କରିବାକୁ ହେବ । ତା ଛଡ଼ା ଧାନ କଟା ପରେ ଦ୍ୱିତୀୟ ଫସଲର ବିସ୍ତୃତ ଚାଷ, ଅନ୍ୟାନ୍ୟ ଲାଭଜନକ ନୂଆ ଫସଲର ଚାଷ, ଯେଉଁ ଡାହି-ଜମିସବୁ ପଡିତ ରହିଛି କିମ୍ବା ଦୁଇ ପାଞ୍ଚ ବର୍ଷକେ ଥରେ ଅଯତ୍ନରେ ଚାଷ ହେଉଛି ସେହି ସବୁ ଡାହିଜମିର ପୂର୍ଣ୍ଣ ସଦ୍‌ବ୍ୟବହାର ଏବଂ ଜଳସରବରାହର ସୁବିଧା ଥିବା ଉର୍ବର ସ୍ଥଳୀମାନ କପର ଆହୁରି ଭଲ ଓ ଲାଭଜନକ ଭାବରେ ଚାଷ କରାଯାଇ ପାରିବ ସେଥିପାଇଁ ମଧ୍ୟ ବିଧାନ କରିବାକୁ ହେବ ।

ଚାଷକୁ ଲାଭଜନକ କରିବାକୁ ହେଲେ ଯାହା ଯାହା ଅବଶ୍ୟକ ଅର୍ଥାତ୍ ଜମି କେର ପରିମାଣ, ଉଚିତ ଓ ସାମୟିକ କର୍ଷଣ, ଉନ୍ନତ ବିହନ, ଯଥେଷ୍ଟ ସାର ପ୍ରଭୃତି ବିଷୟ ଏଠାରେ ଆଲୋଚନା କରିବା ଅବଶ୍ୟକ ନୁହେଁ । କେବଳ ଗୋଟିଏ ବିଷୟ ମୁଁ ଏଠାରେ ଉଲ୍ଲେଖ କରିବି । ସେ ବିଷୟଟି ଅତି ସାଧାରଣ ହୋଇଥିଲେ ମଧ୍ୟ ଭୁଲିଯିବା ସହଜ । ଜଳ ହେଉଛି ଉଦ୍ଭିଦର ପ୍ରାଣ ; ଏଣୁ କୃଷିର ସର୍ବାଙ୍ଗୀନ ଉନ୍ନତି ଜଳସେଚନର ସୁବ୍ୟବସ୍ଥା ବ୍ୟତିରେକେ ସମ୍ଭବ ନୁହେଁ । ଅତଏବ ଗୋଟାଏ ନିର୍ଦ୍ଧାରିତ କାର୍ଯ୍ୟପନ୍ଥା ଅନୁସରଣ କରି କ୍ରମେ ଅଧିକରୁ ଅଧିକ ଜଳସେଚନର ବ୍ୟବସ୍ଥା କରିବା ଉଚିତ । ମୟୂରଭଞ୍ଜ ଏକ ଉଚ୍ଚାବଚ ରାଜ୍ୟ ଏବଂ ଏଠାରେ ଯହିଁ ତହିଁ ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ନଦୀ ନାଳ ରହିଅଛି । ଏପରି ଅବସ୍ଥାରେ ସୁବୃହତ୍ ଓ ଅଧିକତର ଉପଯୋଗୀ ନୂତନ ଜଳାଧାରମାନଙ୍କର ବ୍ୟବସ୍ଥା ହେବା ପୂର୍ବରୁ କ୍ଷୁଦ୍ର କ୍ଷୁଦ୍ର ବନ୍ଧ ବା ଜଳଭଣ୍ଡାରମାନ ନିର୍ମାଣ କରି ଜଳସେଚନର ବ୍ୟବସ୍ଥା କରିବା ସବୁଠାରୁ ସଙ୍ଗତ ଓ ସହଜସାଧ୍ୟ ବୋଲି ମନେ ହୁଏ ।

ଏହାଛଡ଼ା ଆହୁରି ଗୋଟିଏ ବିଶେଷ ଦରକାରୀ ବିଷୟ ହେଉଛି ବିକ୍ରୟ-ବ୍ୟବସ୍ଥା । ଏହି ବ୍ୟବସ୍ଥାର ଅଭାବରେ କୃଷିଜୀବୀ କେବେହେଁ ତା ଫସଲର ପୂର୍ଣ୍ଣ ମୂଲ୍ୟ ପାଇ ପାରିବ ନାହିଁ ।

ଆଗରୁ କୁହାଯାଇ ଅଛି ଯେ ଆମର କୃଷି, ବାଣିଜ୍ୟ ଓ ଯାତାୟାତର ବ୍ୟବସ୍ଥା ପାଇଁ ଆମ୍ଭମାନଙ୍କୁ ବର୍ତ୍ତମାନ ଗୋ-ମହିଷାଦିଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ଅନ୍ତତଃ ଆହୁରି ଅନେକ ଦିନ ପର୍ଯ୍ୟନ୍ତ ଏ ବ୍ୟବସ୍ଥା ରହିବ । ସୁତରାଂ ଗୋ-ମହିଷାଦିଙ୍କ ଉନ୍ନତି ବିନା କୃଷିର ଉନ୍ନତି ମଧ୍ୟ ଅସମ୍ଭବ । ଗୋଜାତିର ସର୍ବାଙ୍ଗୀନ ଉନ୍ନତି ସକାଶେ ଅବଶ୍ୟକ—ଖାଦ୍ୟ, ଯତ୍ନ ଓ ପାଳନ । ତନ୍ମଧ୍ୟରୁ ଖାଦ୍ୟ ସମସ୍ୟା, ମୟୂରଭଞ୍ଜର ସବୁଠୁ ବଡ଼ ସମସ୍ୟା । ଅତଏବ ଏହାର ସମାଧାନ ସର୍ବାଗ୍ରେ ଅବଶ୍ୟକ । ଗ୍ରାମ ଗହଳରେ ଯେଉଁଟି ଗୋଚର ଥିବା ଭାବରେ ଓ ଯତ୍ନ ବିନା ମୃତପ୍ରାୟ, ସେଠି ଲାଗିଥା ଖଣ୍ଡ ଯୋଗି ଉନ୍ନତି ଚେଷ୍ଟା କରିବାରେ ଫଳ ନାହିଁ । ଏହି ଜଟିଳ ସମସ୍ୟା ସମାଧାନର ଉପାୟ ହେଉଛି ଯଥେଷ୍ଟ ଜମି ଗୋଚରେ ପାର୍ଚ୍ଚ ରଖିବା, ଗାଁରେ ଏଣେ ତେଣେ ଥିବା ଗୋଚର ଜମିମାନ ଏକାଠି କରିବା ଏବଂ ଦିନେଦିନ ଓ ବେଳି ଗୋରୁ ଚରାଇ ଗୋଚର ଜମିର ଘାସକୁ ନଷ୍ଟ ନ କରିବା । ସଙ୍ଗେ ସଙ୍ଗେ ପ୍ରଚାର ଦ୍ୱାରା ଲୋକସାଧାରଣଙ୍କୁ ଏହା ମଧ୍ୟ ବୁଝାଇବା ଦରକାର ଯେ ଗୁଡାଏ ଅକର୍ମଣ୍ୟ ଗୋରୁ ପୋଷିବାରେ କ୍ଷତି ଛଡ଼ା ଲାଭ ନାହିଁ । ଦୁଃଖର ବିଷୟ ମୟୂରଭଞ୍ଜରେ ଗୁଡାଏ ଅକର୍ମଣ୍ୟ ଗୋରୁ ପୋଷିବା ଚାଷୀମାନଙ୍କର ଗୋଟିଏ ବଦଭ୍ୟାସ । ଏହାଦ୍ୱାରା ଗୋରୁଙ୍କ ଖାଦ୍ୟର ଅଭାବ ଅନେକ ପରିମାଣରେ ବଢ଼ୁଛି ।

ସେହିପରି, ଶିଳ୍ପର ଉନ୍ନତି ବିଧାନ ସକାଶେ କୌଣସି ସୁଚିନ୍ତିତ କର୍ମଯୋଜନା ପ୍ରସ୍ତୁତ କରିବାକୁ ହେଲେ ଖାଲି ଯେ ଉପସ୍ଥିତ ଶିଳ୍ପଗୁଡ଼ିକର ପୁନରୁଦ୍ଧାର କରିବା ପ୍ରତି ଲକ୍ଷ୍ୟ ରହିବ ତା ନୁହେଁ, ଗ୍ରାମଗୁଡ଼ିକୁ ଯଥାସମ୍ଭବ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଲୋକସାଧାରଣଙ୍କର ଖାଦ୍ୟ, ପରିଧେୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଅଭାବ ପୂରଣ ସକାଶେ ଯେଉଁ ଶିଳ୍ପ ଅନୁଷ୍ଠାନମାନ ଦରକାର ତାହା ଗଢିବାକୁ ହେବ । ଯେଉଁଠାରେ ଯେଉଁ କଞ୍ଚାମାଲ ମିଳେ ତାହାକୁ ସେଠାରୁ ରପ୍ତାନି ନ କରି ତହିଁରେ ଜିନିଷ ପ୍ରସ୍ତୁତ କରି ଉତ୍ପନ୍ନ ଦ୍ରବ୍ୟଗୁଡ଼ିକ ରପ୍ତାନି କରିବାର ବ୍ୟବସ୍ଥା କରିବାକୁ ହେବ । କାରଣ କଞ୍ଚାମାଲ ରପ୍ତାନି ଅର୍ଥ କାମ କରିବା ଲୋକଙ୍କ ମୁହଁରୁ ଗ୍ରାସ କାଢି ନେବା । ଯେଉଁଥିରେ ସାଧାରଣଙ୍କର ବେକାର ସମସ୍ୟାର ସୃଷ୍ଟି ହେବ ସେପରି ବ୍ୟକ୍ତିଗତ ବ୍ୟବସାୟମାନ ଯେପରି ପୁଷ୍ଟ ନ ହୁଏ ତତ୍ପ୍ରତି ଦୃଷ୍ଟି ଦେବା ମଧ୍ୟ ଶିଳ୍ପ ବିଭାଗର କର୍ତ୍ତବ୍ୟ । ଗ୍ରାମ୍ୟ ଶିଳ୍ପମାନଙ୍କର ଉନ୍ନତି ସଙ୍ଗେ ସଙ୍ଗେ ସେମାନଙ୍କର ସଂରକ୍ଷଣ ସକାଶେ ଆବଶ୍ୟକ ଅନୁଯାୟୀ ଆମଦାନି ଶୁଳ୍କ ମଧ୍ୟ ବସାଇବା ଉଚିତ । ଏହି କ୍ଷେତ୍ରରୁ ଯେଉଁ ଅଧିକ ଆୟ ହେବ ତାହା ଶିଳ୍ପ ବିଭାଗର ଖର୍ଚ୍ଚ ତୁଲାଇବାରେ ବ୍ୟୟିତ ହୋଇ ପାରିବ ।

ଯେଉଁ ବିଷୟମାନ ଆଲୋଚିତ ହେଲା ସେ ସମସ୍ତ ବା ତହିଁରୁ କୌଣସି କୌଣସି ଉପାୟ ଦ୍ୱାରା କୃଷି ବିଭାଗର ଯତ୍ନରେ ମୟୂରଭଞ୍ଜର ଚାଷ ଜମିରୁ ମାଣକରା ଯଦି ୧ ଗୌଣୀ ମାତ୍ର ଅଧିକ ଫସଲ ଆମଦାନୀ କରାଯାଇ ପାରିବ ତେବେ ଏ ରାଜ୍ୟର ଅଧିକା ସମ୍ପଦ ବର୍ଷକୁ ବର୍ଷ ଅପରିମେୟ ହୋଇ ଉଠିବ ।

ସମବାୟ ସଂଗଠନ ଦ୍ୱାରା ଯଦି କେବଳ ଧାନ ଫସଲର ବିକ୍ରୟ ବ୍ୟବସ୍ଥା କରା ଯାଇ ପାରିବ ଏବଂ ତଦ୍ୱାରା ବିକ୍ରୟଲବ୍ଧ ଆୟରେ ଟଙ୍କା ପ୍ରତି ମାତ୍ର ଅଣାଏଁ ବେଶୀ ମିଳିବ ତେବେ

ଲୋକଙ୍କର ହାତକୁ ଯେଉଁ ଅଧିକା ଧନ ବର୍ଷକେ ଆସିବ ତାହାଦ୍ୱାରା ସମଗ୍ର ସମବାୟ ବିଭାଗର ବ୍ୟୟଭାର ଦଶକି ଦଶକି ଧରି ସହଜରେ ତୁଲାଇ ହେବ ।

ସେହିପରି ଯଦି ଶିଳ୍ପ ବିଭାଗ ତାର କାର୍ଯ୍ୟର ପରିସର ବଢାଇବା ଦ୍ୱାରା ଲୋକପ୍ରତି ଦୈନିକ ପଇସାଏ ହିସାବରେ ଆୟ ବଢାଇ ପାରେ, ତେବେ ମୟୂରଭଞ୍ଜରେ ଦୈନିକ ପ୍ରାୟ ୫୧୫,୫୦୦୮ ଅଧିକା ଆୟ ହେବ ।

ମୁଁ ଜାଣେ ଏ ଗୁଡିକ କେବଳ ଆଦର୍ଶ ଓ କେବେହେଁ ପୁରାପୁରି କାର୍ଯ୍ୟରେ ପରିଣତ ହୋଇ ପାରିବ ନାହିଁ । କିନ୍ତୁ ଏପରି ଆଦର୍ଶ ସମ୍ମୁଖରେ ରଖି କାର୍ଯ୍ୟ କରିଯିବା ଯେ ଖୁବ୍ ବାଞ୍ଛନୀୟ, ଏ ବିଷୟରେ ବୋଧ ହୁଏ ଆପଣମାନେ ମୋ ସହିତ ଏକମତ ହେବେ । ଏ କ୍ଷେତ୍ରରେ ଡେଭଲପ୍‌ମେଣ୍ଟ ଡିପାର୍ଟମେଣ୍ଟ ଯାହା କିଛି କରି ପାରିଛି ତାହା ଏକାବେଳେକେ ଉପେକ୍ଷଣୀୟ ନୁହେଁ ।

କୃଷି ବିଭାଗର ଯତ୍ନରେ ବେଶୀ ଫଳନ୍ତ ଓ ଅନାବୃଷ୍ଟିରୁ ରକ୍ଷା ପାଇବା ଭଳି ନାନା ଜାତି ଧାନର ଚାଷ ବର୍ତ୍ତମାନ ମୟୂରଭଞ୍ଜରେ ବର୍ଷକୁ ବର୍ଷ ବଢିଚାଲିଛି । ଗୋଲଆଳୁ ଓ ଆଖୁ ଚାଷର ପ୍ରସାର ବଢୁଛି । ଡାହି ଜମିର ଚାଷ ଓ ଧାନ ଅମଳ ପରେ ଦ୍ୱିତୀୟ ଫସଲ ଚାଷକୁ ସଫଳ କରିବା ଦିଗରେ ଏ ବିଭାଗର କର୍ମଚାରୀମାନେ ଗଭୀର ମନୋନିବେଶ କରିଅଛନ୍ତି ଓ ଏଥିପାଇଁ ଯେଉଁ ପରୀକ୍ଷାମାନ ହୋଇ ଯାଇଛି ତାହାର ଫଳ ଆଶାଜନକ ।

ବହୁ ବାଧା ବିଘ୍ନ ସତ୍ତ୍ୱେ ସମବାୟ ବିଭାଗ ଗ୍ରାମୋନ୍ନତି ଦିଗରେ ନାନାବିଧ ହିତ ସାଧନ କରିବାରେ ଲାଗିଅଛି । ଧୀର ଅଥଚ ନିଶ୍ଚିତ ଭାବରେ ସ୍ୱଳ୍ପବିତ୍ତ ଲୋକଙ୍କର ସହଯୋଗ ଦ୍ୱାରା ନିଜନିଜର ଅଭାବ ପୂରଣ ପାଇଁ ଏବଂ ନିଜଠାରୁ ଦରିଦ୍ର ଭାଇମାନଙ୍କର ଅଭାବ ମୋଚନ ପାଇଁ ଯେଉଁ ମୂଳଧନ ଆଜି ପର୍ଯ୍ୟନ୍ତ ସଂଗୃହୀତ ହୋଇ ପାରିଛି ତା'ର ପରିମାଣ ଟଙ୍କାରେ ୫୮୫,୩୦୪।୵୪ ଏବଂ ଧାନରେ ୧୩୫୧ ପୌଣି ୧୫ ଗୌଣି ୭୨ ବିସ୍ତା, ଯାହାର ମୂଲ୍ୟ ହେବ ୫୧୧,୬୧୮୯ ।

ଶିଳ୍ପ ବିଭାଗର ଚେଷ୍ଟାରେ ମୟୂରଭଞ୍ଜର ମୃତକଳ୍ପ ଦୁଇ ଗୋଟି ପ୍ରଧାନ ଶିଳ୍ପ ଲାହା ଓ ତସର ଚାଷର ପୁନରୁଦ୍ଧାର ହୋଇ ପାରିଛି । ମାଲ୍‌ବେରୀ, ସିଲ୍କ, ପଶମ ଓ ଉଚ୍ଚ ଦରର ସୂତାଲୁଗା ବୁଣିବା ଓ ରଙ୍ଗ କରିବା ଏହି ଶିଳ୍ପ ବିଭାଗର ଜରିଆରେ ପ୍ରସାର ଲାଭ କରି ସୁଖ୍ୟାତି ଅର୍ଜନ କରିବାକୁ ସକ୍ଷମ ହୋଇଅଛି । ପାଖ ଆଖରେ ଏହି ଲୁଗାଗୁଡ଼ିକ ବିଶେଷ ଆଦର ପାଉଛି ଏବଂ ଭାରତରେ ଓ ଭାରତ ବାହାରେ ମଧ ଏଥିପାଇଁ ଚାହିଦା ଅକୃଷ୍ଟ ହୋଇଅଛନ୍ତି ।

ଏତିକ କିନ୍ତୁ ଆଦର୍ଶ ଲାଭର ତେର ନିମ୍ନ ସ୍ତରରେ । ପ୍ରଧାନତଃ ତିନି ଗୋଟି କାରଣରୁ ଏହା ଅପେକ୍ଷା ଅଧିକ ଫଳ ଏ ପର୍ଯ୍ୟନ୍ତ ଲାଭ୍ ହୋଇ ପାରି ନାହିଁ । ପ୍ରଥମରେ ଲୋକସାଧାରଣଙ୍କ ମଧ୍ୟରେ ଶିକ୍ଷାର ଅଭାବ ; ଦ୍ୱିତୀୟରେ ନେତୃସ୍ଥାନୀୟ ବ୍ୟକ୍ତି-ମାନଙ୍କର ସାହାଯ୍ୟ, ସହାନୁଭୂତି ଏବଂ ସେମାନଙ୍କ ମଧ୍ୟରେ ସଂଗଠନର ଅଭାବ ; ତୃତୀୟରେ ପାଣ୍ଠିର ଅଭାବ ।

ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଶିକ୍ଷାର ଅଭାବ । ଶିକ୍ଷା ଅର୍ଥ କେବଳ ସାକ୍ଷରତା ନୁହେଁ । ପ୍ରକୃତ ଶିକ୍ଷାର ପ୍ରସାର ଆଜି ସବୁଠାରୁ ବେଶୀ ଲୋଡ଼ା । ଯାହାଙ୍କ ପେଟକୁ ଦାନା ନାହିଁ ତାଙ୍କ ପକ୍ଷରେ ରାଜନୀତି ଚର୍ଚ୍ଚା ବିଡ଼ମ୍ବନା ମାତ୍ର । ଜନସାଧାରଣଙ୍କ ଦାରିଦ୍ର୍ୟ ମୋଚନ ହେଉଛି ସର୍ବାପେକ୍ଷା ଗୁରୁତମ ସମସ୍ୟା । ଆସନ୍ତୁ ସମସ୍ତେ ମିଳିତ ହୋଇ ଲୋକେ କିପରି ଭଲ ଖାଇ ପିଇ ସୁଖରେ ରହି ପାରିବେ ସେହି ଉପାୟ ତାଙ୍କୁ ବତାଇବା । ସ୍ୱତଃପ୍ରବୃତ୍ତ ହୋଇ ଆତ୍ମତ୍ୟାଗ ବ୍ରତରେ ପୁରାପୁରି ଦୀକ୍ଷିତ ନ ହୋଇ ପାରିଲେ ଏପରି ବିଶାଳ ପୁନର୍ଗଠନ କାର୍ଯ୍ୟକୁ ହାତରେ ନେଇ ସଫଳ କରିବା ଆଦୌ ସମ୍ଭବପର ନୁହେଁ । ସେଥିପାଇଁ ରାଜ୍ୟର କଲ୍ୟାଣ ନିମନ୍ତେ ସ୍ୱତଃପ୍ରବୃତ୍ତ ଓ ଅକ୍ଲାନ୍ତ ସେବା ବ୍ରତରେ ଆମ୍ଭମାନଙ୍କ ଯୁବଜନଙ୍କୁ ଉଦ୍‌ବୁଦ୍ଧ କରିବା ସର୍ବାଦୌ ଆବଶ୍ୟକ ।"



Digitized by srujanika@gmail.com

# ପ୍ରତ୍ୟାଖ୍ୟାନ

[ ଏକାଙ୍କିକା ]

ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ

ପୂର୍ବାଭାସ—

ମାନବମନର ଲାଳସା ଓ ପ୍ରବୃତ୍ତି ସହିତ ଜ୍ଞାନ ଓ ବିବେକର ସଂଘର୍ଷ ଦେଖାଇବା ଏ ଏକାଙ୍କିକାର ଉଦ୍ଦେଶ୍ୟ । ତେଣୁ ଏଥିରେ ଇତିହାସର ସତ୍ୟ ଖୋଜିବା ନିଷ୍ପ୍ରୟୋଜନ ।

ଉଜ୍ଜୟିନୀ ସ୍ଥିତ ମହାକାଳ ମନ୍ଦିର ଅଗଣାର ଏକ କୋଣକୁ ଲଗା ବକୁଳ ବୃକ୍ଷଟିଏ । ତା'ର ମୂଳରେ ଗୋଟିଏ ମର୍ମର ବେଦୀ । ଆକାଶରେ ଚନ୍ଦ୍ର ଥିଲେ ମଧ୍ୟ ବେଦୀଟି ଦୂରରୁ ଅସ୍ପଷ୍ଟ । ଗୁରୁଦତ୍ତ ଉଜ୍ଜୟିନୀର ବିଦ୍ୟାପୀଠରେ ଦର୍ଶନ ଓ ବେଦାନ୍ତ ଅଧ୍ୟୟନ କରନ୍ତି । ତାଙ୍କର ମୁଖ ମଣ୍ଡଳରେ ବ୍ରହ୍ମଚର୍ଯ୍ୟର ଅନନ୍ୟ ଆଭା । ଲଲାଟରେ ତିଳକ ଓ ସ୍କନ୍ଧରେ ଶୁଭ୍ର ଉପବୀତ ଉଚ୍ଚ ବଂଶର ପରିଚାୟକ । ଗୈରିକ ବସନ ଓ ଉତ୍ତରୀୟ ମଧ୍ୟରୁ ଦେହର ଉଜ୍ଜ୍ୱଳ ଗୌରକାନ୍ତି ବାହାରକୁ ସ୍ପଷ୍ଟ ।

ନାୟିକା ମାୟା ଅନିନ୍ଦ୍ୟସୁନ୍ଦରୀ ତରୁଣୀ ; ମହାକାଳ ମନ୍ଦିରର ଦେବଦାସୀ ।

ଘଟନା ସମୟ କୌଣସି ଏକ ରଜନୀର ପ୍ରଥମ ପ୍ରହର । ସ୍ଥାନ ସେହି ବକୁଳ ତଳ—କ୍ଷୀଣ ଜ୍ୟୋତ୍ସ୍ନାରେ ଚନ୍ଦ୍ରାଲୋକିତ ମର୍ମର ବେଦୀ । ମାୟା ଚକ୍ଷୁରେ ଲୋତକ ଦେଖି ଗୁରୁଦତ୍ତ ତାହାର କାରଣ ଜିଜ୍ଞାସା କରନ୍ତେ—

ମାୟା—ପଚାରୁଛ କାହିଁ ପାଇଁ ଏ ମୋର ନୟନେ
ଝରେ ଏଥି ଅଶ୍ରୁରାଶି ? ଲାଜ ଅବରଣେ
ନ ପାରେଁ ସମ୍ଭାଳି ଆଜ;...କସ ହେବ ଜାଣି
ଅଭିଶପ୍ତା ଦୁଃଖିନୀର କରୁଣ କାହାଣୀ ?

ଗୁରୁଦତ୍ତ—ଆଜ ନୁହେ । ବହୁବାର ଦେଖିଛି ଗୋପନେ
ଅର୍ଦ୍ଧନିମୀଳିତ ନେତ୍ରେ ଧ୍ୟାନସ୍ଥ ଆସନେ
ଥାଏଁ ଯେବେ ଭୁଲି ସବୁ ସଂସାର ଜଞ୍ଜାଳ,
ମନେ ଧାୟି ଚୁବରାଟ ମୂର୍ତ୍ତି ମହାକାଳ,
ସହସା ଭାଙ୍ଗି ମୋ ଧ୍ୟାନ ଉଠେ ରଣରଣି
ତବ ପଦ ନୂପୁରର ସମୋହନ ଧ୍ୱନି;
ହଜିଯାଏ ନେତ୍ରପଥୁଁ ମୂର୍ତ୍ତି ମହାକାଳ,
ନାହିଁ ଫୁଟେ ସ୍ତୋତ୍ର କଣ୍ଠେ । ଶତ ସ୍ୱପ୍ନ ଜାଲ
ବେଢି ମୋତେ ଚଉଦିଗୁଁ ରଖେ ଯଥା ଛନ୍ଦି,
ନିଜର ଅଜ୍ଞାତେ ନିଜେ ହୁଏଁ ତହିଁ ବନ୍ଦୀ ।
ନୃତ୍ୟ କଟିମେଖଳାର ଦେଖେଁ ମୁହିଁ ତବ
ଅଧର ଭଙ୍ଗିମା ଚାରୁ, ଲାସ୍ୟ ଅଭିନବ ।
ଦୁର୍ବାର ସେ ରୂପ ମୋହେ ରୂପସୀ ଗୋ ତବ
ଅନ୍ତରେ ଉପୁଜେ ମୋର ବିରାଟ ତାଣ୍ଡବ ।
କିଏ ତୁମେ ଭାଗ୍ୟବତୀ ରୂପସୀ ଦୁଲାଳୀ,
କାହା କଥା ଭାଳି ଏଥି ଅଶ୍ରୁ ଯାଅ ଢାଳି ?
କେତେ ବାର ନୃତ୍ୟ ଶେଷେ ଦେଖିଛି ଗୋପନେ
ଦୁର୍ବାର ଅଶ୍ରୁର ଉତ୍ସ ଏ ତବ ନୟନେ ।

ମାୟା—'ଭାଗ୍ୟବତୀ ?' ମୁହିଁ ! ଆଜ ଶୁଣି ତବ ମୁଖେ
ଅଦ୍ଭୁତ ଏ ବାଣୀ ମୁଁ ଯେ ମରିଯାଏଁ ଦୁଃଖେ ।
ସମାଜର ମଧ୍ୟେ ମୋର ନାହିଁ ଭଲେ ସ୍ଥାନ
ନାହିଁ ଜାଣେ ଜାତି ଗୋତ୍ର ବଂଶ ଅଭିମାନ ।
ଦେବତା ମନ୍ଦିରେ ଏଥି ନିତି ରାଜାଦେଶେ
ଗୀତ ତାଳେ ରଚେଁ ନୃତ୍ୟ ସନ୍ଧ୍ୟାରତି ଶେଷେ,
ଏଇ ପରିଚୟ—'ମାୟା' ନାମ—ମୁଁ ଅଭାଗୀ
ଏତେ ବ୍ୟସ୍ତ କିପାଁ ଆଜ ଏ ଦୁଃଖିନୀ ଲାଗି ?

ଗୁରୁଦତ୍ତ—ମାୟା ! ମାୟା ! ତୁମେ କେଉଁ ସ୍ୱପ୍ନରାଜ୍ୟ ମାୟା ?
କି କୁହୁକେ ମୋ ହୃଦୟେ ପକାଇଛ ଛାୟା
ନାହିଁ ଜାଣେଁ । କିନ୍ତୁ ଏଥି ଆସି ନିତି ନିତି
ଉତ୍ତରରେ ତୋଳେଁ ଯେବେ ଉପାସନା ଗୀତି
କଣ୍ଠେ ମୋର, ସ୍ଥିର ମନେ ଚାହିଁ ଏକ ଧ୍ୟାନେ
ଦେବତା ବିଗ୍ରହେ, ଅତି ଧୀରେ ନାହିଁ ଜାଣେ
କି କୁହୁକେ ଏଇ ତବ କୁରଙ୍ଗ ନୟନ
ଓଗାଳେ ମୋ ଦୃଷ୍ଟିପଥ; ମୋର ଜ୍ଞାନ ମନ
ସବୁ ହୁଏ ମୋହାବିଷ୍ଟ ।

ମାୟା—............ସେ ମୋର ସୌଭାଗ୍ୟ,
ତୁମେ ହୁଅ ମୋହାବିଷ୍ଟ ଭୁଲି ବଇରାଗ୍ୟ ।
ଏକାନ୍ତେ ଏ ଚନ୍ଦ୍ରେ ବହୁ ତବ ଲାଗି ପ୍ରୀତି
ଶଙ୍କିତ ପର୍ଯ୍ୟାସମ ମରେଁ ସିନା ନିତି,
ପଡ଼େ ଯେବେ ତବ ସୌମ୍ୟ ପ୍ରଶାନ୍ତ ବଦନ
ଅଭାଗୀର ଦୃଷ୍ଟିପଥେ । ଏଥି ଅଗଣନ
ଯାତ୍ରୀ ଆସିଯାନ୍ତି ଚଳ, କାହାର ସନ୍ଧାନ
ରଖି ନାହିଁ କେବେ ମୁଁ ତ, ଦେଇନି ଧିଆନ
କାହା ପ୍ରତି ସୁନ୍ଦର ହେ ହୋଇ ଅନୁରାଗୀ,
ବାସନା ଜାଗିନି ଚନ୍ଦ୍ରେ କେବେ କାହା ଲାଗି ।
କେତେ ରାଜସୁତ, କେତେ ଧନିକ ସନ୍ତାନ,
ସମାଜ-ଶାସକ କେତେ ନର ଭାଗ୍ୟବାନ



Digitized by srujanika@gmail.com

ଫେରିଛନ୍ତି ଜଣେ ଜଣେ ପୁରଦ୍ୱାରୁଁ ନିତି,
କାହା ପାଶେ ଏ ଅଭାଗୀ ବାଢ଼ି ନାହିଁ ପ୍ରୀତି ।
ବକ୍ଷ ପୁଟେ ସାଜିଛି ଯେ ନିଭୃତ ଆସନ,
ବସିବାକୁ କେହି ଜଣେ ହୋଇନ ଭାଜନ
ଅହେ ସୌମ୍ୟ ଚିହ୍ନି । ନିତି ଜାଳିଛି ଜାଗର
କାହା ପଥ ଚାହିଁ ଚାହିଁ ଜାଣ କି ସୁନ୍ଦର ?

ଗୁରୁଦତ୍ତ—ବୃଥା ଏତେ କଷ୍ଟ, ନାରୀ, ସହ କାହିଁ ପାଇଁ ?
ଉଜାଗରେ ବସି ଏତେ ରଜନୀ ପୁହାଇ
କହ ତ କି ଲଭ ? ଦ୍ୱାରେ ଧନୀକ ସୁଭଗ
ଉପଗତ ଯଦି ନିତି, ପୁଣି ଅପାରଗ
ଲଭିବାକୁ କୃପାଦୃଷ୍ଟି ଧନ ମାନ ବଳେ,
ଫେରି ଯାନ୍ତି ଜଣେ ଜଣେ ଅଭିମାନଭରେ,
କି ଯୋଗ୍ୟତା ଦେଖି ମୋର କହ ତ, ରୂପସି,
ଜାଳିଛ ଜାଗର, ନିଶି ପୁହାଇଛ ବସି ?

ମାୟା—ହେ ନିର୍ମମ ! ନ ବୁଝିଲ ନାରୀର ଅନ୍ତର ?
ଜୀବନ ଅଟେ କି ତାର ଏତିକି ଇତର,
ବସିବ ବାଛି ସେ ପ୍ରୀତି ସକଳ ପଦ୍ମରେ
ଯେ ହେବ ଯାଚକ ତାର ? ସୁକୋମଳ ଦଳେ
ସରୋଜର ବର୍ଣ୍ଣ, ଯଥା ଅଳି, ନାରୀମନ
ସେହି ସମ ଅଟେ ଜାଣ, ବାରେ ତା ନୟନ
ଲାଗେ ଯହିଁ ଥରେ । ସେଇ ନିମେଷକ ଦେଖା
ବୁକୁପଟେ ରହିଯାଏ ଚିରକାଳ ଲେଖା ।

ଗୁରୁଦତ୍ତ—କେବେ ସେ ପ୍ରଥମ ଦେଖା ତୁମ ସାଥେ ମୋର ?
ଯାହା ଘେନି ତୁମ ପ୍ରାଣେ ଏଇ ନିଶା ଘୋର
ଉପୁଜିଛି ରୂପସି ଗୋ—ଅଛିକି ସ୍ମରଣ
କେଉଁଠାର ଦର୍ଶନର ପ୍ରଥମ ଲଗନ ?

ମାୟା—ସେ ଯେ ଏକ ଜ୍ୟୋତ୍ସ୍ନାମୟୀ ବାସନ୍ତୀ ଯାମିନୀ,
ମନ୍ଦିର ଚତ୍ୱରେ ତୋଳି ମଧୁର ରାଗିଣୀ
ଗାଉଥିଲି ଗୀତ ଏଥି ସଙ୍ଗିନୀଙ୍କ ମେଳେ
କୁସୁମେ କବରୀ ସାଜି । ତୁମେ ସଙ୍ଗୀ ମେଳେ
ଥିଲ ଉଭା ଅତି ପାଶେ ପ୍ରଶାନ୍ତ ନୟନେ,
ସ୍କନ୍ଧେ ଶୁଭ୍ର ଉପବୀତ, ଗୈରିକ ବସନେ
ମଣ୍ଡି ଅଙ୍ଗ; ଭାଲପଟେ ସୁଠାମ ତିଳକ,
ଦୀର୍ଘ ବାହୁ, ସୌମ୍ୟ ମୁଖ ଗାମ୍ଭୀର୍ଯ୍ୟ-ବ୍ୟଞ୍ଜକ ।
ସହସା ପଡ଼ିଲା ଯେବେ ଅଭାଗୀ ନୟନେ
ସ୍ନିଗ୍ଧ ତବ ଦୃଷ୍ଟିରେଖା ଅମୃତ ଲଗନେ,
ହଜିଗଲା କଣ୍ଠୁ ମୋର ସକଳ ରାଗିଣୀ,
ମରି ଗଲି ଲାଜେ ମୁହିଁ । ଆରେକ ସଙ୍ଗିନୀ
ବାଲିକି ସେ ଭାବ ମୋର ଅତି କୁତୁହଳେ
ଅଙ୍ଗୁଳିର ମୃଦୁସ୍ପର୍ଶ ଦେଇ ମୋର ଗଳେ
ଚମକାଇ ଦେଲା ମୋତେ । ଦେଖିଲି ଚକିତେ
ସଙ୍ଗିନୀଏ ପରସ୍ପରେ ନୟନେ ଇଙ୍ଗିତେ
କୁହା କୁହି ସେହି କଥା ; ନ ଥିଲା ମୋ ଚିତ୍ତ
ଲୁଚାଇବି ସେ ବାସନା, ବୁକୁର ସେ ଜ୍ୱାଳା ।
ସେ କି କେବେ ହୁଏ ଭୁଲି ? ସେ ଦିନୁ ଅଭାଗୀ
ଜୀବନ—ଦେବତା ପାଶେ ଆସି ଅଛି ମାଗି
ଏକଇ କରୁଣା.........

ଗୁରୁଦତ୍ତ— ଥାଉ, ନାହିଁ ପ୍ରୟୋଜନ,
ବୁଝିଛି ସକଳ ମୁହିଁ ; କିନ୍ତୁ ଅକାରଣ
ସହିଲ ଏ କଷ୍ଟ ଯିନା ଆଗୋ ଗୁରୁଣୀ ଲେ,
ଏ ଯେ ଅତି ଅସମ୍ଭବ ନ ଭାବିଲ ତିଳେ ?
ଏଡ଼ିବାକୁ ଲାଗି ମୁଁ ଯେ ସକଳ ବନ୍ଧନ,
ଛାଡ଼ି ସୁଖ, ଭୁଲି ସ୍ନେହ, ବନ୍ଧୁ ପରିଜନ—
ସକଳ ମମତା କାଟି, ମୁକତି ସୋପାନ
ଆସି ଅଛି ଖୋଜି, ଯହିଁ ଚିର ଅବସାନ
ଲଭଇ ଲାଳସା ବହ୍ନି, ଏ ଧରଣୀ ପୃଷ୍ଠ—
ରେଣୁ ସ୍ପର୍ଶ ଲଭି ଯାର ସେ ପଦ ଅମୃତ
ଦରଶନ ଲାଗି ମୋର ଯେତେକ ସାଧନା,
ସବୁ କରି ପଣ୍ଡ, ଖାଲି ସମ୍ଭୋଗ ବାସନା—
ଚରିତାର୍ଥ ହେବ ଲକ୍ଷ୍ୟ ? ହାୟ ମୂଢ଼ ନାରୀ;
କେଉଁ ଭ୍ରମ କଲ ଥରେ ନ ପାରିଲ ଭାଳି ?

ମାୟା—ଭ୍ରମ ? ମୋର ! ଏ କି ତବ ଅନ୍ତରର ବାଣୀ ?
ଅଥବା ଏ ଅଭାଗୀର ଘାତସ୍ଥାନ ଜାଣି
ଲଗାଉଛ ଚୂନ ଛୁଞ୍ଚା ? ପାରିବ କି କହି—
ସଙ୍ଗୀମେଳ ଆଢୁଆଳେ କେତେ ରହି ରହି
ଲୋଲୁପ ନୟନେ ତବ ଚାଳ ମୋର ଅଙ୍ଗେ ?
କେବେ ଅତି ସନ୍ତର୍ପଣେ ମୋହନ ଭ୍ରୂଭଙ୍ଗେ
ଅନାଅ ନୟନେ ହେଲେ ଭେଟ ଏକାନ୍ତରେ,
ସେ କଟାକ୍ଷପାତେ ଦୀନା ଅଭାଗୀ ଅନ୍ତରେ
ବିରାଟ ତରଙ୍ଗରାଶି ଉଠଇ ଉଦ୍‌ବେଳ ।
ଜର୍ଜ୍ଜରିତ ମାୟାମୁଗ୍ଧ ନେଶ ବେନି ମେଲି
ଚାହିଁ ତବ ମୁଖେ ଦେବେ ହସୁଛ ଗୋପନେ ।
ବାସନା ପଢ଼ଇ ଧରା ସତୃଷ୍ଣନୟନେ ।
ଏ ସକଳ ଅଟେ ଭ୍ରମ ?

ଗୁରୁଦତ୍ତ— ସ୍ୱପ୍ନ ବିଳାସିନି !
ଦେଖିଛ ସ୍ୱପନ ଖାଲି ଦିବସ ଯାମିନୀ ।
କରିଅଛ ବିଚରଣ ଖାଲି କଳ୍ପଲୋକେ
ମାୟାମୋହେ ହୋଇ ଅନ୍ଧ ; ଏ ସଂସାର-ପଙ୍କେ
ଜାଣନା କି ଅଛି ଏଥି ଜୀବନ ବାସ୍ତବ
ଧରି ଅତି ରୁକ୍ଷ ବେଶ । ଯହିଁ ପରାଭବ
ଲଭେ ମାନବର ଶତ କଳ୍ପନା ସ୍ୱପନ,
ବ୍ୟର୍ଥତା ବହଇ ଯାର ମାନବ ଜୀବନ ।



Digitized by srujanika@gmail.com

ମାୟା– ଏତେ ଯଦି ହୁଅ ବ୍ୟସ୍ତ ହେନ ବାସ୍ତବତା,
ଅଭର୍ଗରେ କିପାଁ ଏତେ କର ହଠହଠା
ପ୍ରାଣ ମନ କର ବନ୍ଦୀ—ଶୁଭ୍ର ତା ଜୀବନେ
ନୀଳ ନବଘନ ଛବି ତା ଚିତ୍ତ ଗଗନେ
ଯାଅ ଅଙ୍କି ? ଛଳନାର ଏତେ କଉଶଳ
ଜାଣ ତୁମେ ? ଶିଶୁ ଯଥା ଦଳି ପୁଷ୍ପଦଳ
ମହାସୁଖେ କରେ କ୍ରୀଡ଼ା, ତୁମେ କି ତେସନେ
ବାସନାର ବହ୍ନି ରଚି ଜଳାଇ ଜୀବନେ
ଅଭାଗୀର, ପାଦେ ଦଳି ଯିବ ହେ ନିଷ୍ଠୁର ?
ଗୁରୁଦତ୍ତ—ମାୟା ! ଏ ଜୀବନ-ପଥ ଅଟଇ ବନ୍ଧୁର
ତୀକ୍ଷ୍ଣ କୁଶାଙ୍କୁରପୂର୍ଣ୍ଣ; ପଥିକର ପାଦ
ପ୍ରତି ପଦେ ଲଭେ କ୍ଷତ, ଗୁରୁ ଅବସାଦ
ଆସେ ଘେରି ଚଉଦିଗୁଁ କୁହେଳିକା ଯଥା
ବଢ଼ାଇ କ୍ଷତର ବ୍ୟଥା ।
ମାୟା— କେତେ ଚତୁରତା
ଛଳନାରେ ଅନ୍ତରରେ କରୁଛ ବରଣ ?
ଏ ଭବେ କୁସୁମ ପଥେ କାହାର ଚରଣ
ଚଳେ ଚିରକାଳ ? ଅବା କାହାର ଜୀବନ
ପାଷାଣ ପିହିତ ଚିର ? ପୂର୍ଣ୍ଣିମା ଲଗନ
ଆସେ ଅମାନିଶା ଅନ୍ତେ । ନୁହେ କି ତେସନ
ଏ ଜୀବନ ଭବେ ? ତେଣୁ ଏ ତବ ଯୌବନ
ଆଉଁ ପୂର୍ଣ୍ଣ ପାର ଯେତେ କର ଉପଭୋଗ ।
କିବା କ୍ଷତି ତହିଁ କହ ?
ଗୁରୁଦତ୍ତ— ରଖ ଅନୁଯୋଗ,
ନ ପାରିବ ରଖି ମୁହିଁ ଏ ତବ ମିନତି ।
ଏ ତବ ସାନ୍ନିଧ ମୋର ସକଳ ଶକତି
ନିଏ ଧୀରେ ହରି ଅତି ଧୀରେ କଉଶଳେ,
ଫଣୀ ପରିଭବ ମାନେ ଯଥା ମନ୍ତ୍ରବଳେ ।
ଦେଖିଛି ମୁଁ ବିଦ୍ୟାପୀଠେ ଯେବେ ମେଲି ବସେ
ଦର୍ଶନ ବେଦାନ୍ତ ଆଦି ଏକାଗ୍ର ମାନସେ
ଏକାନ୍ତ ଆଗ୍ରହେ ରଚି ପବିତ୍ର ଆସନ
ଫିଙ୍ଗି ଦୂରେ ଯୌବନର କଳ୍ପନା ସ୍ୱପନ,
ନାହିଁ ପାରେ ବୁଝି ତହିଁ ମଧ୍ୟେ କି କୁହୁକେ
ଏ ବୁଭୁକ୍ଷୁ ଚକ୍ଷୁ ତବ କିବା କଉତୁକେ
ରଚେ ଲୀଳା ଦର୍ଶନର ଶୁଷ୍କ ପୃଷ୍ଠା ପରେ !
ଲୋଡ଼ଇ ଆଶ୍ରୟ ପୁଣି ଏ ମୋର ଅନ୍ତରେ
ଅତି କଉଶଳେ·········
ମାୟା— କିଏ ରଚିଲା କୁହୁକ ?
ଆହେ ସୌମ୍ୟ ? ଏଇ ତବ ରୂପ ତବ ମୁଖ,
ଯେ ଦିନୁଁ ପଡ଼ିଲା ଏଥି ଅଭାଗୀ ନୟନେ
ପ୍ରାଣ ମନ କର ବନ୍ଦୀ—ସେଦିନୁଁ ଜୀବନେ
କି ରୂପେ କଟେ ମୋ କାଳ···ବୁଝିବ କେସନେ ?
ଅଭାଗିନୀ ବଞ୍ଚେ ଦିନ କେବଳ ସ୍ୱପନେ ।
ଗୁରୁଦତ୍ତ—ବଞ୍ଚିଛ ସ୍ୱପନେ···ଏ ଯେ ବଡ଼ ଅଦଭୁତ,
ଏ ତବ ରହସ୍ୟ ନାହିଁ ପାରେଁ ବୁଝି ମୁଁ ତ !
ବେଦାନ୍ତ ଦର୍ଶନ ମଧ୍ୟେ ପଢ଼ି ନାହିଁ କାହିଁ
ସ୍ୱପ୍ନେ ବଞ୍ଚି ପାରେ ପ୍ରାଣୀ । ମାତ୍ର କାହିଁ ପାଇଁ
ଜାଗେ ମନେ ଆଜ ଏକ ଅଦ୍ଭୁତ ଚେତନା ;
ଆଶା ସ୍ୱପ୍ନ ନୁହେ ବୃଥା, ଜୀବନ-କଳ୍ପନା
ନୁହେ ସବୁ ଅକାରଣ ।···ଏ ବଡ଼ ଅଦ୍ଭୁତ
କେବେ କେଉଁ ଶାସ୍ତ୍ର ମଧ୍ୟେ ପଢ଼ି ନାହିଁ ମୁଁ ତ !
କଳ୍ପନା-ସ୍ୱପନେ ଯେବେ ଜୀବନ ମଙ୍ଗଳ,
ତୁଚ୍ଛ ମୋର ଶାସ୍ତ୍ର-ଜ୍ଞାନ ବିଫଳ ସକଳ !
ତେବେ ଆଉ କିସ ଲାଭ ବେଦାନ୍ତ ଦର୍ଶନେ !
ଭ୍ରମିଛି ମୁଁ ଅନ୍ଧକାରେ ଖାଲି ଅକାରଣେ !
ମାୟା—କି ଭାବୁଛ ସୁନ୍ଦର ହେ ? ମଣ କି ଅଦ୍ଭୁତ !
ଜୀବନର ବ୍ୟଥା ଗ୍ଲାନି ହୁଏ ପରାଭୂତ
କଳ୍ପନା ସ୍ୱପନ ପାଶେ । ପ୍ରଥମ ଦର୍ଶନ
ଆରମ୍ଭିଲା ବକ୍ଷପୁଟେ ଯେ ନବ ସ୍ପନ୍ଦନ
ଭ୍ରମର କଳ୍ପନା ଯେନ, ଯେ ମଧୁ ରାଗିଣୀ
ଗୁଞ୍ଜରିଲା ଚିତ୍ତେ ମୋର ଦୁଃଖ ବ୍ୟଥା-ଜିଣି,
ସେ ଦିନୁ ଅନ୍ତରେ ଯେଉଁ ଅଭୟ ଆଶ୍ୱାସ
ଲଭିଛି ଗୋପନେ······ଆଉ ନୋହି ମୁଁ ନିରାଶ
ସାଜିଛି କୁସୁମ ଶେଯ ତବ ପଥ ଚାହିଁ ।
କିସ ତାର ପରିଣତି କେବେ ଭାଳ ନାହିଁ ।
ବିହରୁଛି କଳ୍ପଲୋକେ ସ୍ୱପ୍ନ ଅନୁସରି ।
ଜୀବନ-ଆନନ୍ଦ ଯେତେ ଅଛି ତହିଁ ଭରି,
ଗୁରୁଦତ୍ତ—ଭ୍ରାନ୍ତ, ଭ୍ରାନ୍ତ, ମହାଭ୍ରାନ୍ତ ! କଳ୍ପନା ସ୍ୱପନ
ସବୁ ମୋହ, ଅନ୍ଧକାରେ ଭ୍ରମି ଅକାରଣ
ସେ ମୋହେ ହୋଇଛ ଅନ୍ଧ, କି ତାର ମହତ୍ତ୍ୱ
ଏ ଜୀବନେ ବୁଝସି ଗୋ ? ରଖ ସ୍ୱପ୍ନତତ୍ତ୍ୱ ।
ବେଦାନ୍ତ-ଦର୍ଶନ-ଜ୍ଞାନ ଜୀବନ-ମଙ୍ଗଳ !
କଳ୍ପନା-ସ୍ୱପନ ମହାଭ୍ରାନ୍ତ ଏ ସକଳ ।
ସ୍ୱପ୍ନେ ଯେନ ଥାଅ ତୁମେ ମୋହାନ୍ଧ ରମଣୀ
ଏ ସକଳ ଭ୍ରାନ୍ତମୋହେ ଜୀବନ-ସରଣୀ
ନ କରିବ କଣ୍ଟକିତ, ଦୁର୍ଗମ, ବନ୍ଧୁର
ସବୁ ବସି ଦେଖେଁ ଦୂରେ ନିୟତି ନିଷ୍ଠୁର ।
ଥାଅ ତୁମେ, ଚଳିଲି ମୁଁ·········
ମାୟା—········ଦଣ୍ଡେ ରହ କ୍ରୂର ।
ଏଇ ସୌମ୍ୟ ରୂପ ତଳେ ଏଡ଼ିକି ନିଷ୍ଠୁର
ପାଲଟିଛି ହିଆ ତବ ? ଥରେ ଯାଅ ଶୁଣି
ଅଭାଗୀ ଅନ୍ତର ବାଣୀ !···କିଏ ଜାଣେ ପୁଣି



Digitized by srujanika@gmail.com

ନ ହୋଇବ ଭେଟ ଅବା ଏହି ଶେଷ ଦେଖା
ତବ ସାଥେ । ଭାଲପଟେ ନୟନର ଲେଖା
ଅଦ୍ଭୁତ ସେ............

ଗୁରୁଦତ୍ତ—......ଧନ୍ୟ ତୁମେ ଅଦ୍ଭୁତ ରମଣୀ !
ଯୌବନ ଶକାରେ ଏ ଜୀବନ ସ୍ୱପ୍ନ ମଣି
ହରାଇଛ ସବୁ ଜ୍ଞାନ, ପଡ଼ିଅଛ ଆପେ
ମୋହ ଜାଲେ ଅଭାଗିନୀ, ମୋତେ ସେହି ପାପେ
ଓଟାରିବା ଲାଗି ତେବେ ଏ ତବ କୌଶଳ ?
ଅସମ୍ଭବ ; ଏ ବାସନା ହେବନି ସଫଳ
କେବେ ତବ । .........

ମାୟା— ଅଭାଗୀର ନାହିଁଟି କୌଶଳ
କିଛି ଏଥି । ମାତ୍ର ପ୍ରୀତି ସେନେହ ସକଳ
କେସନେ କହୁଛ ଖାଲି ମିଥ୍ୟା, ଭ୍ରାନ୍ତି, ମୋହ ?
ଜୀବନ ଲଭଇ ତହିଁ ଯାତନା ଦୁଃସହ ?
ଆଦର ମମତା ପ୍ରାଣେ ସବୁ ଅକାରଣ ;
ସାର୍ଥକ କେବଳ ତୁମ ବେଦାନ୍ତ ଦର୍ଶନ ?
ତା ବିନା ସମ୍ଭବ ନୁହେ ଜୀବନେ ଆନନ୍ଦ ?
କାହିଁ ଏଥି ମାନୁ ନାହିଁ ତଲେ ତ ଅବୋଧ—
ମନ ମୋର ?...ନାହିଁ ନାହିଁ ଅଗୋ ପ୍ରିୟତମ
ତୁମ ସେ ଦର୍ଶନ ମିଥ୍ୟା, ଶାସ୍ତ୍ରଜ୍ଞାନ ଭ୍ରମ ।
ମନେ ଅଛି କେତେ ଦିନ ଲୋଲୁପ ନୟନେ
ପଥପାର୍ଶ୍ୱ ପୁରେ ମମ ବସି ବାତାୟନେ
ଦେଖିଛି ମୁଁ ଫେରି ତୁମେ ସାରି ତବ ସ୍ନାନ,
ଉତ୍କଣ୍ଠି ହୋଇ ମୁଁ ଶୁଣେ ତବ ସ୍ତୋତ୍ର ଗାନ
ମୁଗ୍ଧା ମୁହିଁ । ବସି ତହିଁ ସେହି ବାତାୟନେ,
ସକଳ ଜଞ୍ଜାଲ ଭୁଲି ତୁମରି ସ୍ୱପନେ
ରହେଁ ବୁଡ଼ି, କେବେ ଅବା ଦିନ ଯାଏ ପାହି,
ଦରଶନ ଆଶେ ତବ ଥାଏଁ ପଥ ଚାହିଁ ।
ସଙ୍ଗୀଗଣ ମେଳେ ସେବେ ସାନ୍ଧ୍ୟ ସମୀରଣ
ଯାଅ ତୁମେ ସୁନ୍ଦର ହେ—ଅଭାଗୀ ନୟନ
ଆକୁଳ ଆବେଗଭରେ ଦେଖଇ ସକଳ ।
ପଡ଼ିଗଲେ ଥରେ ତବ ନୟନ ଯୁଗଳ
ନେତ୍ରେ ମୋର ଜାଗି ଉଠେ ସର୍ବାଙ୍ଗେ ପୁଲକ,
ନୈରାଶ୍ୟ ତମିର ଭେଦ ଫୁରନ୍ତ ଆଲୋକ
ଉଠେ ଜଳ । ମଣେ ମୁହିଁ ଧନ୍ୟ ମୋ ଜୀବନ ;
ଦେଖେଁ ସତ ବିମୋହନ ଆଶାର ସ୍ୱପନ,
ସେ କଥା ବୁଝିବ କାହୁଁ ତୁମେ ହେ ନିର୍ମମ ?
ଦର୍ଶନ ବେଦାନ୍ତ ଯୋଗେ ଚିତ୍ତେ ମହା ଭ୍ରମ
ଉପୁଜିଛି ତବ ; ତେଣୁ ରମଣୀ-ମମତା
ମଣ ମିଥ୍ୟା, ନାହିଁ ପାର ବୁଝି ତାର ବ୍ୟଥା ।

ଗୁରୁଦତ୍ତ—ମାୟା ! ମାୟା ! ସତେ ତୁମେ ବଡ଼ ମାୟାବିନୀ
ବାସନା-ବିମୁଖ ଏ ମୋ ମନ ନେଲ କିଣି
କେଡ଼େ କଉଶଳେ...କଲ ବନ୍ଦୀ ମୋର ପ୍ରାଣ,
କାହିଁ ତେବେ କହ ମାୟା ଶାନ୍ତିର ସୋପାନ ?
ବିରାଟ ତାଣ୍ଡବ ଆଜି ଜାଗେ ମୋ ଜୀବନେ,
ଦେଖେଁ ମୁଁ ଅଦ୍ଭୁତ ସ୍ୱପ୍ନ ଜାଗ୍ରତ ନୟନେ ।
ଆସ ମାୟା ତୁମ ପାଇଁ ଅଛି ଅଙ୍କ ଜାଗି
ଏ ମୋର ଅନ୍ତର ; ତହିଁ ସ୍ଥାନ ତୁମ ଲାଗି
ଆସ ଏଥି...
ଆସ ମାୟା...
ଏ ବକୁଳ ତଳେ...
ଜୀବନର ଜୟଗୀତ ମହାସୁଖ ଭୋଳେ
ଆସ ଗୋ ଗାଇବା ଆଜି............
ତୁମରି ସ୍ୱପନ
ସବୁ ଆଜି ପୂର୍ତ୍ତି ମାୟା...ଆନନ୍ଦ ଜୀବନ ।
ଆଉ କି ଭାବୁଛ କହ ?

ମାୟା— ଧନ୍ୟ ମୋ ଜୀବନ ।
ଆଉ କି ଭାବିବି ପୁଣି ? ସକଳ ସ୍ୱପନ
ସଫଳ ଆଜି ଗୋ ମୋର । ପୂର୍ତ୍ତିତା ରାଗିଣୀ
ଉଚ୍ଛୁଳେ ପରାଣେ ଆଜି ସବୁ ବ୍ୟଥା ଜିଣି ।
ଦେଖ ଗୋ ଅଦୂରେ ମୃଦୁମଳୟ ପବନ
କବା କଉତୁକେ ଚୁମି କୁସୁମ ଲପନ
ରଚେ କ୍ରୀଡ଼ା, ଏଇ ତୁମ ଚପଳ ଅଧର
ଛୁଏଁ ଯଥା ଗଣ୍ଡ ମୋର ପୁଲକେ ବିଭୋର ।
ଆଜିର ଏ ଅନୁଭୂତି ଜଗାଏ ମୋ ମନେ,
ଜୀବନ-ଆନନ୍ଦ ପୂର୍ଣ୍ଣ କଳ୍ପନା ସ୍ୱପନେ ।
ଶୁଷ୍କ-ଶାସ୍ତ୍ରଜ୍ଞାନ ପ୍ରାଣେ ବଢାଏ ଅଶାନ୍ତି,
ସମ୍ଭୋଗ-ବାସନା ଦଳ ଚିତ୍ତେ ମହାଭ୍ରାନ୍ତି
ଉପୁଜାଏ, ଦେହ ମନେ ରଚେ ବ୍ୟବଧାନ ।
ଆଜି ତାର ପରାଜୟ ; ଭ୍ରାନ୍ତି ଅବସାନ ।

ଗୁରୁଦତ୍ତ—କାହିଁ ମାୟା, ଲଭିନି ତ ଭ୍ରାନ୍ତି ଅବସାନ,
କାହିଁ ତବ ସେ ରାଗିଣୀ ପୂର୍ତ୍ତିତାର ଗାନ ?
ସ୍ୱପନର ସଫଳତା, କାହିଁ କହ ମାୟା—
ସେ ଆନନ୍ଦ ବାର୍ତ୍ତା ? ଏ ଯେ ଯୌବନର ମାୟା
ଏହି ତ ଅଶାନ୍ତ ବକ୍ଷେ ଚଞ୍ଚଳତା ତବ
ଗାଢେ ଅଛିଭରି, ତବ କୁସୁମ-ପଲ୍ଲବ-
ଗଣ୍ଡେ ହଏଁ ଆଙ୍କି ଶତ ଅର୍ଥାର ଚୁମ୍ବନ,
ଏହିତ ଇନ୍ଦ୍ରିୟ-ଲୀଳା, ବିକୃତ ଜୀବନ ;
ଯୁଝିଅଛି ସାଥେ ଯାର ସମସ୍ତ ଜୀବନେ
ରୁଦ୍ଧ କର ଚିତ୍ତ ମୋର ମୁକତ ସ୍ୱପନେ ।



Digitized by srujanika@gmail.com

ଏଯେ ମାୟା କାମନାର ଦୁର୍ବିଷହ ଶେଳ
ଧାଉଛି ଅନ୍ତର·····ଛାଡ଼, ନାହିଁ ଅଉ ବେଳ
ମୁକ୍ତ କର ବାହୁବନ୍ଧ, ଛାଡ଼ ଦିଅ କରି.
ଦୁର୍ଦ୍ଦାନ୍ତ ଏ ରିପୁ ପାଶେ ପରାଜୟ ମୋର
ଦେଖି ଆଜ ଅଟ୍ଟହାସେ ହସଇ ନିୟତି,
ଲୋଡ଼ୁଛି ମୁଁ ରମଣୀର କ୍ଷଣିକ ପିରତି ।
ଛିନ୍ନ କର ମାୟା ଆଜ ତବ ମାୟା ପାଶ,
ଯିବି ଖୋଜି ଜୀବନର ସେ ଅଜ୍ଞାତ-ବାସ ;
ଯହିଁ ମୁଁ ପାରିବି ଭୁଲି ଏ ତବ ଲୋଚନ,
ଏଇ ଚଳ ଚଳ ନେତ୍ର, ପୁଷ୍ପିତ ଯୌବନ···
ପାଶୋରିବି ରୂପତୃଷ୍ଣା । ବେଦାନ୍ତ ଦର୍ଶନ—
ଯେଉଁ ମୁଁ ଯାପିବି ସୁଖେ ଏ ମୋର ଜୀବନ ।
ତହିଁ ମୋର ଜୀବନର ସକଳ ଆଦର୍ଶ
ହେବ ପୂର୍ଣ୍ଣ. ସାଧିବି ମୁଁ ଚରମ ଉତ୍କର୍ଷ

ଏ ଅମ୍ବାର । ଛାଡ଼ ମୋତେ, ମୁକତି ଆଲୋକ—
ହସେ ଦୂରେ, ତହିଁ ମୋର ସକଳ ପୁଲକ ।
ବାସନା-ବିକାର ଯେଉଁ ମୋହାନ୍ଧ ରୂପସି
ଥାଅ ଏଥି, ଦୁର୍ଭାଗ୍ୟର ଦିନ ଗଣି ବସି ।

( ପ୍ରସ୍ଥାନ )

ମାୟା—ମୁକତି ଆସ୍ୱାଦ ଖାଲି ବେଦାନ୍ତ ଦର୍ଶନେ
ଅଛି ଲଭି ? ତାଏ ଏଥି ସବୁ ଅକାରଣେ
ଜୀବନ-ମମତା-ପ୍ରୀତି ? ତେଣୁ ହେ ନିଷ୍ଠୁର
ଅଭାଗୀର ସବୁ ଆଶା କରିଗଲ ଚୂର ?
ସବୁ ମାୟା ତୁଚ୍ଛ, ଯେଉଁ ମୁକତି ସ୍ୱପନ
ସେ କେଉଁ ଅଜ୍ଞାତ-ବାସେ ପଠିବ ଦର୍ଶନ !
ଅଭାଗୀର ଯେ ସକଳ ମମତା, ମିନତି,
ପ୍ରତ୍ୟାଖ୍ୟାନ ହେଲା ତାର ଶେଷ ପରିଣତି ?

# ବୁଦ୍ଧଦେବଙ୍କ ଚରିତ୍ର

**ଶ୍ରୀ ଦାଲିଆ ପାଣିଗ୍ରାହୀ**

ଅବତାର ପୁରୁଷମାନଙ୍କ ଜୀବନଚରିତ ଆଲୋଚନା କରି, ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମର ତତ୍ତ୍ୱର ତୁଳନା କରି ନିଜ ଧର୍ମକୁ ସର୍ବୋଚ୍ଚ ସ୍ଥାନ ଦେଇ ଅନ୍ୟ ଧର୍ମକୁ ଘୃଣା କରିବା, ପୁଣି ଧର୍ମ ଧର୍ମ ମଧ୍ୟରେ ସାମଞ୍ଜସ୍ୟ ଦେଖିବାକୁ ଅକ୍ଷମ ହୋଇ ଧର୍ମରେ ଭେଦଭାବ ଓ ସାମ୍ପ୍ରଦାୟିକ ସଙ୍କୀର୍ଣ୍ଣତା ବୃଦ୍ଧି କରିବା ଅପରିପକ୍ୱ ମସ୍ତିଷ୍କର ଗୋଟିଏ ଭ୍ରାନ୍ତିମୂଳକ ଅଭିଳାଷ । ତଦ୍ୱାରା ସମାଜର ମଙ୍ଗଳ ହୁଏ ନାହିଁ । ମହାପୁରୁଷମାନେ ସମାଜକୁ କାଳୋଚିତ ଆଦର୍ଶ ଦେଖାଇଥାନ୍ତି । ପ୍ରତ୍ୟେକ ଆଦର୍ଶ ଗ୍ରହଣଯୋଗ୍ୟ, ପ୍ରତ୍ୟେକ ଆଦର୍ଶରେ ସେହି ଏକ ନୀତି, ସେହି ଏକ ସତ୍ୟ ନିହିତ ଥାଏ । ଅବସ୍ଥାବିଶେଷରେ ରୂପଟି କେବଳ ଭିନ୍ନ ହୋଇଥାଏ । ତେଣୁ ଅସାର ଧର୍ମବାଦ ଦ୍ୱାରା କୌଣସି କଲ୍ୟାଣ ସାଧିତ ହୁଏ ନାହିଁ ବରଂ ସମାଜର ଆଧ୍ୟାତ୍ମିକ ଗତି ବହୁଦୂର ପଛକୁ ପଡିଯାଏ ।

ବୁଦ୍ଧଦେବଙ୍କ ଜୀବନାଦର୍ଶ ଯଦି ଗୋଟିଏ ପଦରେ ପ୍ରକାଶିତ ହୋଇପାରେ ତେବେ ସେହି ପଦଟି "ଅହିଂସା" । ଏହି ଭିତ୍ତି ଉପରେ ବୌଦ୍ଧ ଧର୍ମର ପ୍ରକାଣ୍ଡ ସୌଧ ପ୍ରତିଷ୍ଠିତ । ଦୟା, କରୁଣା, ଶାନ୍ତି ସେହି ସୌଧର ଉପାଦାନ । "ଅହିଂସା ପରମୋଧର୍ମ" ଏହି ଉକ୍ତିଟିରେ ବୌଦ୍ଧ ଧର୍ମର ସକଳ ତତ୍ତ୍ୱ ନିହିତ । ଗାୟତ୍ରୀ ମନ୍ତ୍ରୋଚାରଣ ଦ୍ୱାରା ନିଜକୁ ପରମ ଜ୍ୟୋତି ସଙ୍ଗେ ମିଶାଇବା ନିମନ୍ତେ ଯେଉଁ ଜାତିର ଦୈନିକ ପ୍ରାର୍ଥନା, ସମଗ୍ର ବସୁଧାକୁ ନିଜର କୁଟୁମ୍ବ ଜ୍ଞାନ କରି "ସର୍ବେବ ସୁଖିନଃ ଭବନ୍ତୁ" ବୋଲିବା ଯେଉଁ ଜାତିର ଚିରନ୍ତନ ଅଭ୍ୟାସ, ଯେଉଁ ଜାତି ପ୍ରକୃତିର ମୋହନ ଶୋଭାରେ ବିଭୋର ହୋଇ ସରଳ ପ୍ରାଣରେ ଏକମାତ୍ର ବିଶ୍ୱସ୍ରଷ୍ଟାଙ୍କ ସନ୍ଧାନରେ ଉଦ୍ୟତ ଥିଲା ସେହି ବୈଦିକ ଆର୍ଯ୍ୟ ଜାତିର ଧର୍ମ, ଦୀକ୍ଷା ଓ ଦର୍ଶନ କ୍ରମେ ଯଜ୍ଞରେ ପର୍ଯ୍ୟବସିତ ହେଲା । କେତେ ନୀରସ, ପ୍ରାଣହୀନ ଓ ଆଡମ୍ବରପୂର୍ଣ୍ଣ ଯଜ୍ଞରେ କ୍ରମେ କ୍ରମେ ଆର୍ଯ୍ୟର ସେହି ପୁରାତନ ସରଳତାପୂର୍ଣ୍ଣ ମଧୁମୟ ଜୀବନ ବିଲୁପ୍ତ ହେବାକୁ ବସିଲା । ରାଜାମାନେ ସ୍ୱର୍ଗରେ ଯାଇ ବସିବା ଅଭିପ୍ରାୟରେ ଯଜ୍ଞ କରିବାକୁ ଆରମ୍ଭ କଲେ । ବ୍ରାହ୍ମଣମାନେ ଯାଜ୍ଞିକ ହେଲେ । ଯଜ୍ଞରେ ଲକ୍ଷ ଲକ୍ଷ ପ୍ରାଣୀ ବଧ କରାଗଲା । ଭୋଜି ଭାତରେ ଦେଶ ଭାସିଲା । ଧର୍ମର ସାରଲ୍ୟ, ଜୀବନର ପବିତ୍ରତା, ଚରିତ୍ରର ମହତ୍ତ୍ୱ ପ୍ରତି ଆଉ କାହାରି ଦୃଷ୍ଟି ରହିଲା ନାହିଁ । ଯଜ୍ଞାନୁଷ୍ଠାନର ମାହାତ୍ମ୍ୟହିଁ ସାମାଜିକ ଗୌରବର ମାପକାଠି ହେଲା । ପ୍ରାଣୀ ବଧରେ କାହାର ଆଉ ଦ୍ୱିଧା ରହିଲା ନାହିଁ, ଧର୍ମ ନାମରେ ହିଂସା କରି ସ୍ୱର୍ଗ ରାଜ୍ୟରେ ଆଗତୁରା ସ୍ଥାନ ରଖିବା ପାଇଁ ଯଜ୍ଞଠାରୁ ବଳି ଅନୁଷ୍ଠାନ ତତ୍କାଳୀନ ସମାଜରେ ଆଉ କିଛି ରହିଲା ନାହିଁ । ଯଜ୍ଞରେ ପୌରୋହିତ୍ୟ କରିବାର ଅଧିକାର କେବଳ ବ୍ରାହ୍ମଣ ହାତରେ ରହିଲା । ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ବିବାଦ ବ୍ରାହ୍ମଣମାନଙ୍କ ଏହି ଏକଚାଟିଆ ଅଧିକାରର

ସୂଚନା । ଯଜ୍ଞାନୁଷ୍ଠାନରେ ଲୋକେ ଏତେଦୂର ବିଶ୍ୱାସପରାୟଣ ହୋଇ ପଡ଼ିଲେ ଯେ ସେଥି ନିମନ୍ତେ ନିୟମ କାନୁନ ମଧ୍ୟ ଗଠିତ ହୋଇଥିଲା ।

ମାତ୍ର ଏହି କର୍ମକାଣ୍ଡବହୁଳ, ନୀରସ ନିୟମବଦ୍ଧ ଓ ହିଂସାତ୍ମକ ଯଜ୍ଞ ବିରୁଦ୍ଧରେ କ୍ରମେ ସମାଜରେ ବିରକ୍ତି ଉଦୟ ହେଲା । ଧର୍ମ ନାମରେ ଜୀବହିଂସାର ନିଷ୍ଠୁରତା ଲୋକେ ହୃଦୟଙ୍ଗମ କଲେ । ଧର୍ମର ସେହି ପୁରାତନ ସରଳ ଭାବ ପ୍ରତି ପୁନର୍ବାର ସମାଜର ଇଚ୍ଛା ଜନ୍ମିଲା । ଏହି ଇଚ୍ଛାର ଅଭିବ୍ୟକ୍ତି ହୋଇଥିଲା ଉପନିଷଦ୍ ଯୁଗରେ । ଏ ସମ୍ପର୍କରେ ବିଶ୍ୱବିଖ୍ୟାତ ଦାର୍ଶନିକ ସାର୍ ରାଧାକୃଷ୍ଣ ଲେଖିଛନ୍ତି, " The revival of spirituality was the need of the age immersed in formalism. In the Upanishads we find a return to the fresh springs of spiritual life. They declare that the soul will not obtain salvation by the performance of sacrifices. ...........···The uselessness of ritual, the futility of sacrifices are brought out. God is to be honoured by spiritual worship and not external ceremony. We cannot save ourselves by praising God. We cannot impress him by sacrifices." ( *The philosophy of the Upanishads, 2nd edition* )

ଉପନିଷଦ୍‌ରେ ଯଜ୍ଞାନୁଷ୍ଠାନ, ଅନୁଷ୍ଠାନିକ ବୈଧାନିକତା ଓ ହିଂସାର ଯଥେଷ୍ଟ ନିନ୍ଦା ହୋଇଛି ସତ୍ୟ; ମାତ୍ର ଯଜ୍ଞକୁ ସମାଜରୁ ଏକାବେଳକେ ଉନ୍ମୂଳିତ କରିବାକୁ ଚେଷ୍ଟା କରାଯାଇ ନାହିଁ । କାରଣ ସେପରି ଚେଷ୍ଟା କରିବାକୁ ସଂସ୍କାରକମାନେ ସାହସ କରି ନ ଥିଲେ । ସଂସ୍କାରକମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିଲା; ସେମାନେ ଜାଣିଥିଲେ ଯେ ପ୍ରଚଳିତ ଅନୁଷ୍ଠାନକୁ ଏକବାର ନିର୍ମୂଳ କରିବାର ଚେଷ୍ଟା କଦାଚ ସଫଳ ହେବ ନାହିଁ, ତେଣୁ ସେମାନେ ଧୀରେ ଧୀରେ ଲୋକ-ମାନଙ୍କୁ ବୁଝାଇ ସୁଝାଇ ସାମାଜିକ ପରିବର୍ତ୍ତନ ଆଣିବାକୁ ଠିକ କଲେ ଏବଂ ଅନୁଷ୍ଠାନକୁ ନିନ୍ଦା ନ କରି ତାହାର ଭିନ୍ନ ପ୍ରକାର ଅର୍ଥ କରିବାକୁ ଲାଗିଲେ । ସଂସ୍କାରକମାନଙ୍କୁ ସବୁ ଯୁଗରେ ଏହି ପଥ ଅନୁସରଣ କରିବାକୁ ହୋଇଥାଏ । ସମାଜରେ ବିପ୍ଳବ ଘଟାଇ କୌଣସି ପରିବର୍ତ୍ତନ ଆଣିବା ଅପେକ୍ଷା ଶିକ୍ଷା ଓ ପ୍ରଚାରର ଦ୍ୱାରା ଲୋକମାନଙ୍କର ଜ୍ଞାନକୁ ମାର୍ଜିତ କରି ସେହି ପରିବର୍ତ୍ତନ ଆଣି ପାରିଲେ ତାହା କୃତକାର୍ଯ୍ୟ ହେବା ଅଧିକ ସମ୍ଭବ । ବିପ୍ଳବାତ୍ମକ ପରିବର୍ତ୍ତନ ମଧ୍ୟ ସମୟରେ ଆବଶ୍ୟକ ହୋଇଥାଏ । ଶ୍ରୀକୃଷ୍ଣ ଶିଶୁପାଳର ଶତ ଦୋଷ କ୍ଷମା କଲା ପରେ ବଧ କରିବାକୁ ଯେପରି ବାଧ୍ୟ ହୋଇଥିଲେ ସେହିପରି ସ୍ୱାର୍ଥପର କେତେ ଲୋକଙ୍କ ସୁବିଧା ବିଗ୍ରହ ନ କରି ସମାଜର ସମୃଦ୍ଧି କଲ୍ୟାଣ ନିମନ୍ତେ ହଠାତ୍ ଅପ୍ରତ୍ୟାଶିତ ଭାବରେ ପରିବର୍ତ୍ତନ କରିବାର ଆବଶ୍ୟକତା ସମୟ ସମୟରେ ଉପଲବ୍ଧ ହୋଇଥାଏ ।

ଉପନିଷଦ୍‌ର ଭାବ ବିପ୍ଳବାତ୍ମକ ହୋଇ ନ ଥିବାରୁ ଏବଂ ଋଷିମାନେ ଯାଜ୍ଞିକମାନଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ଭାବରେ ଅଗ୍ରସର ହେବାକୁ ସାହସ ନ କରିବାରୁ ସମାଜରେ ଯଜ୍ଞାନୁଷ୍ଠାନ-ଜନିତ ଉତ୍ପାତ ଲୋପ ହେଲା ନାହିଁ । ଉପନିଷଦ୍ ସଂସ୍କାର ନିମନ୍ତେ ଭାବ କେବଳ ପ୍ରଦାନ କଲା, ମାତ୍ର ତାହା କାର୍ଯ୍ୟରେ ପରିଣତ କରିବା ପାଇଁ କିଛି ଉପାୟ ଦେଲା ନାହିଁ । ଭାବର ପରିବର୍ତ୍ତନ ହେଲେ ଅଳ୍ପେ ଅଳ୍ପେ ତାହା କାର୍ଯ୍ୟରେ ପରିଣତ ହେବ, ଏହାହିଁ ବୋଧହୁଏ ସେମାନଙ୍କର ଧାରଣା ଥିଲା । ପୁଣି ସେମାନେ ଆଧ୍ୟାତ୍ମିକତାରେ ଏତେଦୂର ବିଭୋର ହୋଇଥିଲେ ଯେ ସମାଜର ତତ୍କାଳୀନ ଅବସ୍ଥା ତାଙ୍କୁ ଅର୍ଥାତ୍ କରି ପାରି ନ ଥିଲା । ତଥ୍ୟ ଓ ସରଳତା ପ୍ରଦାନ କରି ସେମାନେ ନିଶ୍ଚିନ୍ତ ରହିଲେ । ଉପନିଷଦରେ ମୈତ୍ରୀଭାବ, ଆତ୍ମା ଓ ପରମାତ୍ମାର ଏକତା, ଆଧ୍ୟାତ୍ମିକ ଜୀବନର ସୂକ୍ଷ୍ମାଦର୍ଶ ଓ ବ୍ରହ୍ମ, ପ୍ରକୃତି ଓ ମାନବର ସମ୍ବନ୍ଧ ପ୍ରଭୃତି ଉଚ୍ଚ ଚିନ୍ତାକୁ ଉପଲବ୍ଧି କରି ସେ ସବୁକୁ ମନୁଷ୍ୟର ଚିନ୍ତାରାଜ୍ୟରୁ ଆଣି ବାସ୍ତବ ଜଗତରେ ଉପସ୍ଥାପିତ କରିବାର ଭାର ବୁଦ୍ଧଦେବଙ୍କ ଉପରେ ପଡ଼ିଲା । ଘାତପ୍ରତିଘାତ ସହ୍ୟ କରି, ବୈଦିକ ବୈଧାନିକତାକୁ ଭେଦ କରି, ବ୍ୟକ୍ତିଗତ ଓ ଦଳଗତ ସ୍ୱାର୍ଥକୁ ପଦଦଳିତ କରି ଉପନିଷଦ୍‌ର ଉଚ୍ଚ ଚିନ୍ତା ବୁଦ୍ଧଦେବଙ୍କ ହସ୍ତରେ ଗୋଟିଏ ନୂତନ ରୂପ ଗ୍ରହଣ କଲା । ସାମାଜିକ ଚିନ୍ତାଧାରା କାଳକ୍ରମେ କିପରି ଜଣେ ମହାପୁରୁଷଙ୍କ ଦ୍ୱାରା ପ୍ରକାଶିତ ହୁଏ ବୁଦ୍ଧଦେବ ତହିଁର ଗୋଟିଏ ପ୍ରକୃଷ୍ଟ ଦୃଷ୍ଟାନ୍ତ । ଅବତାରବାଦ ମୂଳରେ ଏହି ସାମାଜିକ ତତ୍ତ୍ୱର ଅନୁସନ୍ଧାନ କରି ପାରିଲେ ଅବତାର ସମ୍ବନ୍ଧୀୟ ନାନା ଅମୂଳକ ଧାରଣା ତିରୋହିତ ହୁଏ । ବୁଦ୍ଧଦେବଙ୍କ ଧର୍ମ କିପରି ଉପନିଷଦ୍ ଦର୍ଶନର ଚୂଡ଼ାନ୍ତ ତାହା ଦେଖାଇବାକୁ ଯାଇ ଜଣେ ପ୍ରାଜ୍ଞ ଦାର୍ଶନିକ ଲେଖିଛନ୍ତି, "To elaborate the general ideal of self-realisation into a comprehensive scheme of life, was the work of the great teacher Buddha. It is only by affiliating the ethics of Buddhism to the metaphysics of the Upanishads that we can pass behind the silence of Buddha and get into touch with the philosophical ideas which ruled his mind."

ଉପନିଷଦ୍‌ର ଚିନ୍ତାଧାରା ଓ ବୁଦ୍ଧଦେବଙ୍କ କାର୍ଯ୍ୟକଳାପ କିପରି ପରସ୍ପର ସଂଲଗ୍ନ ତାହା ଉପନିଷଦ୍ ଓ ବୌଦ୍ଧଧର୍ମକୁ ମିଳାଇ ଦେଖିଲେ ଜଣାଯାଏ । ବୁଦ୍ଧଦେବ ଉପନିଷଦ୍ ତତ୍ତ୍ୱକୁ କେବଳ ଗବେଷଣା ପ୍ରକୋଷ୍ଠରେ ଆବଦ୍ଧ ନ ରଖି ସାଧାରଣଙ୍କ



Digitized by srujanika@gmail.com

ବ୍ୟବହାରରେ ଲଗାଇଥିଲେ, କାରଣ ଗବେଷଣା ଫଳରେ ଯେଉଁ ତତ୍ତ୍ୱ ଆବିଷ୍କୃତ ହୁଏ ତାହା ଜୀବନରେ ବ୍ୟବହୃତ ନ ହେଲେ ମୂଲ୍ୟହୀନ ଓ ଅର୍ଥଶୂନ୍ୟ ହୁଏ । ଯେ କୌଣସି ତତ୍ତ୍ୱ ସାଧାରଣ ଲୋକଙ୍କ ଉପଯୋଗରେ ନ ଲାଗି କତିପୟ ଲୋକଙ୍କ ନିକଟରେ ଆବଦ୍ଧ ରହିଲେ ମଧ୍ୟ ସମାଜର କିଛି ମଙ୍ଗଳ ହୁଏ ନାହିଁ, ଗଣତନ୍ତ୍ର ଶାସନର ଏହାହିଁ ମୂଳନୀତି । ବୁଦ୍ଧଦେବ ଧର୍ମରାଜ୍ୟରେ ଏହି ଗଣତାନ୍ତ୍ରିକ ନୀତି ପ୍ରଚଳନ କରି ଉପନିଷଦ୍‌ର ଉଚ୍ଚ ଚିନ୍ତାକୁ ସାଧାରଣ ମାନବର ବ୍ୟବହାରରେ ଲଗାଇଥିଲେ । ଅଭିଜାତ୍ୟର ଅଭିମାନ, ମାନସିକ ଉତ୍କର୍ଷତାର ଦର୍ପ, ରାଜକୁଳର ଭୋଗ-ବିଳାସର ମୋହ ଓ ଯୌବନର ଇନ୍ଦ୍ରିୟଲାଳସାର ଆକର୍ଷଣକୁ ପଦଦଳିତ କରି ଶାକ୍ୟ ରାଜକୁମାର ଉପନିଷଦ୍ ଧର୍ମକୁ ବୈଦିକ ତପୋବନରୁ ଆଣି ନାଗରିକ ସଭ୍ୟତା ମୁଗ୍ଧ, ସାମ୍ରାଜ୍ୟ ପିପାସାକୁଳ, ପାର୍ଥିବ ଭାବସଙ୍କୁଳ ମଗଧବାସୀ ତଥା ଭାରତବାସୀଙ୍କ ନିକଟରେ ଉପସ୍ଥାପିତ କଲେ । ନାରକୀୟ ହିଂସା ଭାବର ପ୍ରାବଲ୍ୟହିଁ ବୁଦ୍ଧାବତାରର ପ୍ରଧାନ ଆବଶ୍ୟକତା । ଦେବଦତ୍ତବିଦ୍ଧ ପକ୍ଷୀଟିର ପ୍ରାଣ ଦାନ କରି ବୁଦ୍ଧଦେବ ବୌଦ୍ଧଧର୍ମର ବୀଜ ବପନ କଲେ । ଅହିଂସା ଧର୍ମ କ୍ଷତ୍ରିୟୋଚିତ ନୁହେ ବୋଲି କେତେ ପଣ୍ଡିତଙ୍କର ଅଭିମତ । ମାତ୍ର ବୁଦ୍ଧଦେବ ରାଜକୁମାର ହୋଇ, ରଣନିପୁଣ ଥାଇ ଜଗତକୁ ଦେଖାଇ ଥିଲେ ଯେ ସେହି କ୍ଷତ୍ରିୟର ଲୌହସମ ବକ୍ଷର ନିଭୃତକନ୍ଦରରେ ଯେଉଁ ହୃଦୟଟି ଅଛି ତାହା ହିଂସା-ପ୍ରବଣ ନୁହେ । କ୍ଷତ୍ରିୟ କଣ ମନୁଷ୍ୟ ନୁହେଁ ? ଦୟା ମାନବର ପ୍ରଥମ କର୍ତ୍ତବ୍ୟ । ମାତାର ଦୟା ବିନା ଶିଶୁ ବଞ୍ଚିବା ଅସମ୍ଭବ । ସହାନୁଭୂତି ଓ କରୁଣା ଅଭାବରେ ସୃଷ୍ଟି ଅଚଳ । ତେବେ କ୍ଷତ୍ରିୟ ହେଲା ବୋଲି କଣ ମନୁଷ୍ୟ ରାକ୍ଷସ ପରି କ୍ରୂର ହେବ ?

ବାଲ୍ୟକାଳରେ ଯେଉଁ ଦୟା ଭାବ ଆହତ ପକ୍ଷୀଟିକୁ ନିଷାଦର କ୍ରୂର ଶରାଘାତରୁ ବଞ୍ଚାଇ ଥିଲା, ଯୌବନ କାଳରେ ସେହି ଭାବହିଁ ସାରା ମାନବ ଜାତିକୁ ସାଂସାରିକ ଦୁଃଖଶୋକରୁ ପରିତ୍ରାଣ କରିବାକୁ ବ୍ୟାକୁଳ ହେଲା । ଆହା ! ମନୁଷ୍ୟକୁ କେତେ କ୍ଲେଶ, କେତେ ଦୁଃଖ, କେତେ ଯନ୍ତ୍ରଣା ସହିବାକୁ ହୁଏ । ଯୌବନ, ସୌନ୍ଦର୍ଯ୍ୟ, ବଳ, ସ୍ୱାସ୍ଥ୍ୟ ସବୁ କ୍ଷଣକରେ ଚାଲିଯାଏ ଓ ତାହାର ସ୍ଥାନରେ ଦେଖାଦିଏ ଜରା, ବ୍ୟାଧି ଓ ଶେଷରେ ମୃତ୍ୟୁ । ଏହାର କ'ଣ ପ୍ରତିକାର ନାହିଁ ? ଯଦି ଥାଏ ତେବେ କାହିଁକି ତାର ଅନ୍ୱେଷଣ କରା ନ ଯିବ ? ଏହି ଭାବ ଶାକ୍ୟସିଂହଙ୍କ ହୃଦୟକୁ ସଜୋରରେ ଆଘାତ କଲା । କାହା ପାଇଁ ଏହି ଅନ୍ୱେଷଣ ? କାହାପାଇଁ ନିବିଡ଼ ଅରଣ୍ୟରେ ସେହି ଛ'ବର୍ଷର କଠୋର ତପସ୍ୟା ? ଏହା ଠାରୁ ବଳି ଦୟାର ଆଦର୍ଶ ଆଉ କେଉଁଠାରେ ଅଛି ? ନିର୍ବାଣ ପ୍ରାପ୍ତ ବୁଦ୍ଧଦେବ କହିଲେ, "ଆସ ମାନବ ଜାତି, ଅମୃତର ଦ୍ୱାର ମୁଁ ଖୋଲି ଦେଲି; ସେହି ଅମୃତରାଜ୍ୟରେ ପ୍ରବେଶ କର ।" ଏହାଠାରୁ ବଳି ସ୍ୱାର୍ଥତ୍ୟାଗ ଓ ପରୋପକାର ଅନ୍ୟତ୍ର ସମ୍ଭବ-? ମନୁଷ୍ୟର ଦେବତ୍ୱରେ ବୁଦ୍ଧଦେବଙ୍କର ଯଥେଷ୍ଟ ବିଶ୍ୱାସ ଥିଲା । ମାନବ ଆତ୍ମାର ବିକାଶସାଧନରେ ସେ ବ୍ରତୀ ହେଲେ । ଧର୍ମ ଓ ଜୀବନ ମଧ୍ୟରେ ପାର୍ଥକ୍ୟ ନ ରଖି ଦୁଇଟି ସଂଯୋଗ କରିବାକୁ ସେ ଚେଷ୍ଟା କଲେ । ଧର୍ମର ଗଭୀର ତତ୍ତ୍ୱ, ଦର୍ଶନର ଉଚ୍ଚତମ ଚିନ୍ତା ଓ ଯୋଗର ଦୁରୂହ ଉପାୟ ସାଧାରଣ ମନୁଷ୍ୟର ବହୁ ଦୂରରେ ଥିଲା । ବୁଦ୍ଧଦେବ ଜ୍ଞାନ, କର୍ମ ଓ ଭକ୍ତିକୁ କୌଣସି ଗୋଟିଏ ଗୋଷ୍ଠୀ ମଧ୍ୟରେ ଆବଦ୍ଧ ନ ରଖି ସମସ୍ତଙ୍କୁ ସମାନ ଭାବରେ ବଣ୍ଟନ କରିବା ବ୍ୟବସ୍ଥା କଲେ । ସେ ଜାଣିଥିଲେ ଯେ ଧର୍ମ-ନୀତିକୁ ଅନୁସରଣ କରି ଜୀବନକୁ ଭବବନ୍ଧନରୁ ମୁକ୍ତ କରିବା ନିମନ୍ତେ ମନୁଷ୍ୟର ସାଧାରଣ ସାଂସାରିକ ଜୀବନରେ ମଧ୍ୟ ଯଥେଷ୍ଟ ସୁଯୋଗ ଅଛି ଯାହାର ସମୁଚିତ ବ୍ୟବହାର ଦ୍ୱାରା ସେ ଜୀବନକୁ ଆଧ୍ୟାତ୍ମିକ ରାଜ୍ୟକୁ ଉନ୍ନୀତ କରି ପାରିବ ।

"ହତ୍ୟା" ଏହି ପଦ ଲୋପ କରିବାକୁ ତତ୍ପର ବୁଦ୍ଧଦେବ ବଦ୍ଧପରିକର ହୋଇଥିଲେ । ତାଙ୍କ ପ୍ରଚାର ଫଳରେ ଦେଶବ୍ୟାପୀ ଯଜ୍ଞ ରହିତ ହେଲା, ଲୋକେ ମାଂସ ଭକ୍ଷଣରୁ ବିରତ ହେଲେ, ଲକ୍ଷ ଲକ୍ଷ ପ୍ରାଣୀଙ୍କ ଜୀବନ ରକ୍ଷିତ ହେଲା । ଭାରତର ରାଜନୀତି କ୍ଷେତ୍ରରେ ମଧ୍ୟ ବୁଦ୍ଧଦେବ ଅହିଂସା ନୀତି ଭୁଲି ନ ଥିଲେ । ତାଙ୍କ ଉପଦେଶ ହେତୁ ଅଜାତଶତ୍ରୁ ଲିଚ୍ଛବିମାନଙ୍କ ସହିତ ଯୁଦ୍ଧ ନ କରି ସନ୍ଧି କରିଥିଲେ । ତାଙ୍କର ପ୍ରବଳ ପ୍ରଚାର ବଳରେ ଦୟାର ଭାବ ସମଗ୍ର ଦେଶରେ ବ୍ୟାପ୍ତ ହେଲା । ଏହାର ପୂର୍ଣ୍ଣ ବିକାଶ ହେଲା ଅଶୋକଙ୍କ ରାଜତ୍ୱରେ । ପ୍ରାଣୀବଧ ଓ ଯୁଦ୍ଧ ବନ୍ଦ କରି ଅଶୋକ ଜଗତକୁ ଗୋଟିଏ ଅପୂର୍ବ ଆଦର୍ଶ ଦେଖାଇ ଥିଲେ । ବୁଦ୍ଧଦେବ ଓ ଅଶୋକଙ୍କ ଅହିଂସା ନୀତି ଅଭାବରୁ ରକ୍ତଲୋଲୁପ ଜାତିବାଦ ଦାବାନଳ ପରି ଚାରିଆଡ଼େ ଜଳୁଅଛି ।

ସରଳତା ବୁଦ୍ଧଦେବଙ୍କ ଚରିତ୍ରର ଅନ୍ୟ ଏକ ଭୂଷଣ । ବେଶଭୂଷା, କଥାବାର୍ତ୍ତା, ପାନାହାର ସବୁଥିରେ ସେ ସରଳ ଥିଲେ । ସେ ସର୍ବଦା ଗୈରିକ ବସନ ଧାରଣ କରୁଥିଲେ ଏବଂ ଶତ ସହସ୍ର ଶିଷ୍ୟ ପରିବେଷ୍ଟିତ ହୋଇ ମଧ୍ୟ ନିଜେ ନିଜର ପରିଧେୟ ପରିଷ୍କାର କରୁଥିଲେ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନିମନ୍ତେ ତାଙ୍କର କୌଣସି ପ୍ରକାର ଯାନ ବାହାନ ଆବଶ୍ୟକ ହେଉ ନ ଥିଲା । ରାଜାମାନଙ୍କର ଉପଦେଷ୍ଟା ହୋଇ ସୁଦ୍ଧା ସେମାନଙ୍କଠାରୁ ନିଜର ସୁଖ ସୁବିଧା ନିମନ୍ତେ ସେ କଦାଚିତ କୌଣସି ଅର୍ଥ ଗ୍ରହଣ କରୁ ନ ଥିଲେ । ଯାହାର ବଦାନ୍ୟତା ଉପରେ ସହସ୍ର ସହସ୍ର ଭିକ୍ଷୁକ ନିର୍ଭର କରି ରହୁଥାନ୍ତି, ସେହି ଶାକ୍ୟ ରାଜକୁମାର ରାଜଗୃହ ଓ ଶ୍ରାବସ୍ତିର ରାଜଦାଣ୍ଡରେ, ଏପରିକି ସ୍ୱ ନଗରୀ କପିଳବାସ୍ତୁରେ ମଧ୍ୟ ଭିକ୍ଷା କରିବାକୁ ଲଜ୍ଜା ବୋଧ କଲେ ନାହିଁ । ସେ ସମସ୍ତଙ୍କ ସଙ୍ଗେ ସରଳଭାବରେ କଥାବାର୍ତ୍ତା କରୁଥିଲେ । ସମସ୍ତଙ୍କଠାରେ ତାଙ୍କର ସ୍ନେହ ଓ ଅନୁକମ୍ପା ଥିଲା । ପରର ଦୁଃଖ ଲାଘବରେ ସେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସେ ରାଜା ପ୍ରଜା, ଧନୀ, ନିର୍ଦ୍ଧନ ସମସ୍ତଙ୍କୁ ସମାନ ଭାବରେ ଆଦର କରୁଥିଲେ । ସଂଘର ନେତା ହୋଇଥିଲେ ମଧ୍ୟ ତାଙ୍କ ମନରେ ତିଳେ ହେଲେ ଗର୍ବ ବା ଅହଙ୍କାର ନ ଥିଲା । ସେ ଦେବଦତ୍ତ ସଦୃଶ ପ୍ରକାଶ୍ୟ ଶତ୍ରୁକୁ



Digitized by srujanika@gmail.com

ମଧ୍ୟ ସଂଘ ଭିତରେ ସ୍ଥାନ ଦେବାକୁ କୁଣ୍ଠିତ ନ ଥିଲେ । ଯେତେ ଦୂର ସମ୍ଭବ ଅନ୍ୟର ମତ ବା ପରାମର୍ଶ ଗ୍ରହଣ କରିବାକୁ ସେ ତତ୍ପର ଥିଲେ । ମାତ୍ର ତାହା ବୋଲି ସେ କାହାରିକୁ ସନ୍ତୋଷ କରିବା ନିମନ୍ତେ ନିଜର ଅଭିମତ ପରିବର୍ତ୍ତନ କରୁ ନ ଥିଲେ । ସେ ଅନନ୍ଦର ସହିତ ପ୍ରତିବାଦୀଙ୍କ ସହିତ ଯୁକ୍ତିତର୍କରେ ରତ ହେଉଥିଲେ ପୁଣି ଅନ୍ୟ ପକ୍ଷର ମତ ପ୍ରତି ତାଚ୍ଛିଲ୍ୟ ପ୍ରଦର୍ଶନ କରୁ ନ ଥିଲେ । ସରଳଭାବରେ ବାଦବିବାଦ କରି ସେ ନିଜ ମତ ପ୍ରତିଷ୍ଠା କରୁଥିଲେ ଓ ପ୍ରତିପକ୍ଷ ମନରେ କଦାଚ ଆଘାତ ଦେଉ ନ ଥିଲେ ।

ଅମାନୁଷିକତା କିମ୍ବା ଅପ୍ରାକୃତିକତା ତାଙ୍କଠାରେ କିଛି ନ ଥିଲା । "ମୁଁ ଅବତାର ପୁରୁଷ, ମୋତେ ଦଣ୍ଡବତ୍ ପୂଜା କର" ଏପରି ସେ କେବେ କାହାକୁ କହି ନାହାନ୍ତି । ପ୍ରତ୍ୟେକ ବ୍ୟକ୍ତି "ବୁଦ୍ଧ" ଓ "ନିର୍ବାଣ" ଲାଭ କରିବା ସମ୍ଭବ ଏହା ତାଙ୍କର ଧାରଣା ଥିଲା । ସେ ଆଧ୍ୟାତ୍ମିକ ସାଧନା ନିମନ୍ତେ କୌଣସି ପୁରୋହିତ ବା ଗୁରୁର ଅପେକ୍ଷାରେ ରହିବାକୁ ଉପଦେଶ ଦେଇ ନାହାନ୍ତି । ଗୁରୁ କେବଳ ପଥ ପ୍ରଦର୍ଶକ ମାତ୍ର ପଥରେ ଚାଲିବା ପାଇଁ ବ୍ୟକ୍ତିଗତ ଅଧ୍ୟବସାୟ ଲୋଡ଼ା । ବ୍ୟକ୍ତିଗତ ସାମର୍ଥ୍ୟରେ ବୁଦ୍ଧଦେବଙ୍କ ଏତେଦୂର ବିଶ୍ୱାସ ଥିଲା ଯେ ସେ ଶିଷ୍ୟମାନଙ୍କୁ ତାଙ୍କ ଉପରେ ନିର୍ଭର କରି ନିଶ୍ଚିନ୍ତ ହୋଇ ରହିବାକୁ ମନା କରୁଥିଲେ । ଗୁରୁଙ୍କଠାରେ ଆତ୍ମସମର୍ପଣ କରି ନିଶ୍ଚେଷ୍ଟ ହୋଇ ରହିବାର ନୀତିର ବୁଦ୍ଧଦେବ ନିନ୍ଦା କରୁଥିଲେ । ଧର୍ମକୁ ଦୁରୂହ ଗବେଷଣା ତତ୍ତ୍ୱ ନ କରି ସାଧାରଣମାନବର ସହଜଲଭ୍ୟ କରିଥିବାରୁ ବୌଦ୍ଧ ଧର୍ମ ଅଳ୍ପ ଦିନରେ ଜଗଦ୍‌ବ୍ୟାପୀ ହୋଇ ପାରିଥିଲା । ଅତି-ମାନୁଷିକଶକ୍ତି ପ୍ରଦର୍ଶନ ଦ୍ୱାରା ଲୋକମାନଙ୍କୁ ଚମତ୍କୃତ କରିବାକୁ ବୁଦ୍ଧଦେବ ଘୃଣା କରୁଥିଲେ । ସେ ଜୀବନକୁ ପବିତ୍ର କରିବା ଉଦ୍ଦେଶ୍ୟରେ ଯେଉଁ ପନ୍ଥା ଆବିଷ୍କାର କରିଥିଲେ ସେଥିରେ ପାର୍ଥିବ ସାଂସାରିକତା ନ ଥିଲା, କି ନିଷ୍ଠୁର ଯୋଗ ସାଧନା ନ ଥିଲା । ଭୌତିକତାରେ ମଗ୍ନ ହୋଇ ଶରୀରଭାବରେ ମଜ୍ଜି ରହି ଆତ୍ମାର ସନ୍ଦେଶ ବିସ୍ମୃତ ନ ହେବା ପାଇଁ ବୁଦ୍ଧଦେବ କହୁଥିଲେ, ମାତ୍ର ସେଥି ସଙ୍ଗେ ସଙ୍ଗେ ଆତ୍ମସଂଯମ ନାମରେ ଶରୀରକୁ ବୃଥା କଷ୍ଟ ଦେବାକୁ ସେ ବାରମ୍ବାର ମନା କରୁଥିଲେ । ଏହି ଉଭୟ ଦିଗ ତ୍ୟାଗ କରି ଶରୀର ଧାରଣ କରି ଧର୍ମ ସାଧନ କରିବାକୁ ସେ ୨୦ ଗୋଟି ନିୟମ ପ୍ରଣୟନ କଲେ । ସେହି ନିୟମଗୁଡ଼ିକ ଉପରେ ସେ ବୌଦ୍ଧ ସଂଘକୁ ଗଠନ କଲେ ଓ ସେ ନିଜେ ସେହି ନିୟମ ପାଳନ କରି ଜଗତକୁ ଗୋଟିଏ ଜୀବନ୍ତ ଆଦର୍ଶ ଦେଖାଇଲେ ।

ବୁଦ୍ଧଦେବ ଆଜନ୍ମ ବ୍ରହ୍ମଚାରୀ ନ ଥିଲେ, ଦଶ ବର୍ଷ କାଳ ଗାର୍ହସ୍ଥ୍ୟ ଜୀବନ ନିର୍ବାହ କରି ସନ୍ତାନ ଲାଭ ପରେ ଗୃହତ୍ୟାଗୀ ହେଲେ । ବୌଦ୍ଧ ମାନେ ଗୃହତ୍ୟାଗୀ ହେବାକୁ ସେ କହୁ ନ ଥିଲେ । ସଂଘର ନିୟମ ଅନୁସାରେ ପିତା ମାତାଙ୍କ ବିନାନୁମତିରେ କେହି ହେଲେ ବୌଦ୍ଧ ଭିକ୍ଷୁ ହୋଇ ପାରିବେ ନାହିଁ । ଧର୍ମ-ପାଳନ ନିମନ୍ତେ ସଂଘରେ ରହି ଭିକ୍ଷୁ ହେବା ବାଧ୍ୟତାମୂଳକ ନ ଥିଲା । ସଂଘ ବାହାରେ ରହି ମଧ୍ୟ ଅନେକ ଲୋକ ଉପାସକ ରୂପେ ବୌଦ୍ଧ ଧର୍ମର ଆଶ୍ରୟ ଗ୍ରହଣ କରିଥିଲେ । ଏହି ଭାବରେ ଯେତେ ସୁବିଧାରେ ଲୋକେ ଆଧ୍ୟାତ୍ମିକ ଓ ନୀତିମୟ ଜୀବନ ଲାଭ କରିବେ ସେଥିରେ ସମସ୍ତ ପ୍ରକାର ସୁବିଧା ବୁଦ୍ଧଦେବ ଜଗତକୁ ଦେଇ ଥିଲେ ।

ବୁଦ୍ଧଦେବ ନିଜେ ଭିକ୍ଷୁ ଥିଲେ ଓ ତାଙ୍କଠାରେ ସଂସାରାସକ୍ତି ଜମା ନ ଥିଲା । ତଥାପି ସେ ସଂସାରକୁ ଘୃଣା ଚକ୍ଷୁରେ ଦେଖୁ ନ ଥିଲେ । ଯେଉଁ ସଂସାରର ଦୁଃଖ ନାଶ ନିମନ୍ତେ ସେ ନିଜ ଜୀବନ ଉତ୍ସର୍ଗ କରିଥିଲେ ସେହି ସଂସାରକୁ ଘୃଣା କରିବା ତାଙ୍କ ପକ୍ଷରେ ଅସମ୍ଭବ । ପିତା ମାତା, ପତ୍ନୀ ପୁତ୍ର, ବନ୍ଧୁବାନ୍ଧବ ସମସ୍ତଙ୍କଠାରେ ତାଙ୍କର ଭକ୍ତି, ପ୍ରୀତି ଓ ସ୍ନେହ ଅଚ୍ଛେଦ୍ୟ ରହିଥିଲା । ସେ କାହାରିକୁ କେବେ ହେଲେ ତୁଚ୍ଛ ଜ୍ଞାନ କରୁ ନ ଥିଲେ । ଧର୍ମଧ୍ୱଜୀ ହୋଇ ରାଜ୍ୟ ସଂକ୍ରାନ୍ତ ଆଲୋଚନା କରିବାକୁ ସେ କଦାଚ ନାସା-କୁଞ୍ଚନ କରୁ ନ ଥିଲେ । ମାନବଜୀବନରେ ଜ୍ଞାନ ଓ କର୍ମର ସ୍ଥାନ କେତେ ଉଚ୍ଚ ବୁଦ୍ଧଦେବଙ୍କ ଜୀବନ ଓ କାର୍ଯ୍ୟକଳାପ ଆଲୋଚନା କଲେ ଜଣାଯାଏ । ସେ ଏକାଧାରରେ ଜ୍ଞାନ ଓ କର୍ମର ସାଧକ ଥିଲେ ।

ବୁଦ୍ଧଦେବ ନିରୀଶ୍ୱରବାଦୀ ବୋଲି ଅବହମାନକାଳରୁ ଗୋଟିଏ କିମ୍ବଦନ୍ତୀ ଚଳି ଆସୁଅଛି । "ବୁଦ୍ଧଦେବେର ନାସ୍ତିକତା"ରେ ବିଖ୍ୟାତ ବଙ୍ଗୀୟ ଲେଖକ ହୀରେନ୍ଦ୍ର ନାଥ ଦତ୍ତ ଏହି ମୂଢ଼ ବିଶ୍ୱାସକୁ ଖଣ୍ଡନ କରିଅଛନ୍ତି । ବେଦର ନିନ୍ଦା କରିଯାଇ ଅଛି ବୋଲି ବୁଦ୍ଧଦେବଙ୍କ ବିରୁଦ୍ଧରେ ଗୋଟିଏ ପ୍ରଧାନ ଅଭିଯୋଗ । ମାତ୍ର ଏହି ଅଭିଯୋଗରେ ଗୀତା ଓ ଉପନିଷଦ୍ ମଧ୍ୟ ଅଭିଯୁକ୍ତ । କାରଣ ଅନେକ ସ୍ଥାନରେ ବେଦର ଅନେକ କଥା ଗୀତା ଓ ଉପନିଷଦ୍‌ରେ ଖଣ୍ଡିତ ହୋଇ ଅଛି । ସାକାର ପୂଜାରେ ବୁଦ୍ଧଦେବଙ୍କ ଅବିଶ୍ୱାସ ତାଙ୍କ ବିରୁଦ୍ଧରେ ଅନ୍ୟ ଏକ ଅଭିଯୋଗ । ମାତ୍ର ଉପନିଷଦ୍‌ର ବ୍ରହ୍ମ ସାକାର ନୁହନ୍ତି, ପ୍ରତିମାପୂଜା କିମ୍ବା ଅବତାରବାଦ ବୁଦ୍ଧଦେବଙ୍କ ବେଳକୁ ଆର୍ଯ୍ୟ ପ୍ରାଣକୁ ସ୍ପର୍ଶ କରି ନ ଥିଲା । ତେଣୁ ତାଙ୍କ ପକ୍ଷେ ଉକ୍ତ ପ୍ରକାର ପୂଜା ଅସମ୍ଭବ । ଏ ପ୍ରକାର ନାସ୍ତିକତାର ଅଭିଯୋଗ ଯୀଶୁ, ମହମ୍ମଦ ପ୍ରଭୃତି ଧର୍ମସ୍ଥାପୟିତା ଓ ଉପନିଷଦ୍ ରଚୟିତା ଋଷିମାନଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ । ବୁଦ୍ଧଦେବ ଥରେ ହେଲେ ଈଶ୍ୱରଙ୍କ ଅସ୍ତିତ୍ୱରେ ଅବିଶ୍ୱାସ ପ୍ରକାଶ କରି ନାହାନ୍ତି । ସେ ଯେପରି ନିଜ ଜୀବନକୁ ସରଳ ଓ ପବିତ୍ର କରିଥିଲେ, ତାଙ୍କ ହୃଦୟରେ ଯେପରି କରୁଣାର ବିମଳ ଧାରା ଅବିରଳ ବହୁଥିଲା, ସେ ଯେପରି ଧ୍ୟାନରତ ହୋଇ ଅମିତ ଆନନ୍ଦ ଓ ଶାନ୍ତି ଉପଭୋଗ କରି ପାରୁଥିଲେ, ସେଥିରୁ ତାଙ୍କର ନାସ୍ତିକତା ପ୍ରତିପାଦିତ ହୁଏ ନାହିଁ । ପ୍ରାଣଶକ୍ତିକୁ ବୁଦ୍ଧଦେବ ବିଶେଷ ଗୌରବ ଦେଉଥିଲେ । ଏହି ପ୍ରାଣଶକ୍ତିହିଁ ଆତ୍ମା ନାମରେ ଅଭିହିତ । ଆତ୍ମା ଓ



Digitized by srujanika@gmail.com

ପରମାତ୍ମାଙ୍କ ଐକ୍ୟ ଉପନିଷଦ୍‌ର ସାରତତ୍ତ୍ୱ । ଏହି ତତ୍ତ୍ୱ ବୁଦ୍ଧଦେବ ସମ୍ୟକଭାବେ ହୃଦୟଙ୍ଗମ କରିଥିଲେ । ଏହା ଉପରେ ତାଙ୍କର ସାର୍ବଜନୀନ ମୈତ୍ରୀଭାବ ପ୍ରତିଷ୍ଠିତ ହୋଇଥିଲା । ଆତ୍ମାର ମୋକ୍ଷ ଯାହା, ବୁଦ୍ଧଦେବଙ୍କ ନିର୍ବାଣ ତାହା; ତାହାହିଁ ବ୍ରହ୍ମବିହାର । କାମ ଚିନ୍ତା ଓ ଦ୍ୱେଷରହିତ ହୋଇ ସମଗ୍ର ବିଶ୍ୱ ପ୍ରତି ଅଗାଧ ମୈତ୍ରୀ ଭାବ ପୋଷଣ କରି; ସବୁବେଳେ ଚେତନ ଓ ଅଚେତନ ଅବସ୍ଥାରେ ଏହି ମୈତ୍ରୀ ଭାବରେ ମଗ୍ନ ରୁହ, ଏହା ବୁଦ୍ଧଦେବଙ୍କର ଉପଦେଶ ଥିଲା ।

ବୁଦ୍ଧଦେବ ନିଜର ବ୍ୟକ୍ତିଗତ ପ୍ରତିଷ୍ଠା ବା ପ୍ରାଧାନ୍ୟ ପାଇଁ ତିଳେ ହେଲେ ଲାଳାୟିତ ନ ଥିଲେ । ସଙ୍ଘର ନିୟମ ପାଳନ ପ୍ରତି ସେ ଯେତେଦୂର ଉଦ୍‌ଗ୍ରୀବ ଥିଲେ ନିଜଠାରେ ଶିଷ୍ୟମାନଙ୍କର ଭକ୍ତି ସମ୍ବନ୍ଧେ ସେତେଦୂର ଅମନୋଯୋଗୀ ଥିଲେ । ଶିଷ୍ୟମାନେ ସେମାନଙ୍କ ଜୀବନ ସୁମାର୍ଗରେ ଚଳାଇଲେ ତାଙ୍କର ଯଥେଷ୍ଟ ଗୌରବ ହେଲା ବୋଲି ସେ ମନେ କରୁଥିଲେ । ସେ ନିଜକୁ କେବେହେଲେ ସର୍ବେସର୍ବା ବୋଲି ଭାବୁ ନ ଥିଲେ । ତାଙ୍କ ପରେ ସଙ୍ଘ କପରି ଚାଳିତ ହେବ ଏହି ଆଶଙ୍କା ତାଙ୍କୁ କେତେବେଳେ ବିବ୍ରତ କରି ନ ଥିଲା । କାରଣ ସେ ସମସ୍ତଙ୍କ କ୍ଷମତାରେ ବିଶ୍ୱାସୀ ଥିଲେ । ତାଙ୍କ ମତରେ ବ୍ୟକ୍ତି ମାତ୍ରେ ନିଜେ ନିଜର ଆଲୋକ । ତେଣୁ "ଆତ୍ମଦୀପ" ହେବା ପାଇଁ ସେ ସମସ୍ତଙ୍କୁ ଉପଦେଶ ଦେଇଥିଲେ । ଜଣେ ବ୍ୟକ୍ତିର ପୂଜାରେ ଧର୍ମ ପର୍ଯ୍ୟବସିତ ହେଲେ ଲୋକେ କପରି ନିଶ୍ଚେଷ୍ଟ ହୋଇ ଆତ୍ମ-ପ୍ରତ୍ୟୟ ହରାଇ ଅନ୍ଧବିଶ୍ୱାସୀ ହୋଇ ଯିବେ ତାହା ସେ ଉତ୍ତମ ରୂପେ ଜାଣି ଥିବାରୁ ପ୍ରିୟଶିଷ୍ୟ ଆନନ୍ଦଙ୍କୁ ତାଙ୍କର କୌଣସି ସ୍ମୃତି ରଖିବାକୁ ସେ ବାରମ୍ବାର ମନା କରିଥିଲେ । ସେ କହିଲେ "ଆନନ୍ଦ, ସଙ୍ଘର ନିୟମହିଁ ସଙ୍ଘକୁ ବଞ୍ଚାଇ ରଖିବ । ମୋର ଏହି ମର ଦେହର ଅବଶିଷ୍ଟ ଅଂଶ ପୂଜା କରି ତୁମ୍ଭମାନଙ୍କ ପଥ କଣ୍ଟକିତ କର ନାହିଁ । ସଙ୍ଘର ନିୟମ ଓ ସତ୍ୟହିଁ ମୋର ସ୍ମୃତି ସ୍ୱରୂପ ହୋଇରହୁ।" ଏପରି ମହାତ୍ୟାଗର ଦୃଷ୍ଟାନ୍ତ ବିଶ୍ୱଇତିହାସରେ ଅତି ଦୁର୍ଲଭ ।

ବୁଦ୍ଧଦେବ ଯେଉଁ ଧର୍ମ ପ୍ରଚାର କରିଥିଲେ ସେଥିରେ ସେ କିଛି ଜଟିଳତା ରଖି ନ ଥିଲେ । ସରଳ ଭାବରେ ଜୀବନ ନିର୍ବାହ କଲେ ଆପେ ଆପେ ଧର୍ମ ପାଳିତ ହେବ । ଧର୍ମ ଏପରି କୌଣସି ଗୋଟିଏ ବାହାରର ବସ୍ତୁ ନୁହେ ଯେ ତାହା କେଉଁଠାରୁ ଆଣି ନିଜ ଶରୀରରେ ରଖିବାକୁ ହେବ । ସ୍ୱଭାବ ହିଁ ଧର୍ମ, ଜୀବନ ଚଳଣିହିଁ ଧର୍ମ, ବାଳକ ତାହାର ଆହାର ଖାଇଲା ବେଳେ ଶରୀରରେ ସେହି ଆହାରର କାର୍ଯ୍ୟ ବିଷୟ ଚିନ୍ତା କରି ନ ଥାଏ । ମାତ୍ର ତାହା ଆପେ ଆପେ ଶରୀର ଭିତରକୁ ଯାଇ ରକ୍ତ ଓ ତେଜରେ ପରିଣତ ହୋଇ ବାଳକର ଜୀବନକୁ ଶକ୍ତିଶାଳୀ କରେ । ବୁଦ୍ଧଦେବଙ୍କ ଧର୍ମ ସେହିପରି । ସକାଳୁ ସଞ୍ଜ ଯାଏଁ ମୈତ୍ରୀ ଅବସ୍ଥାରେ ନିଜକୁ ରଖି ଯେଉଁ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟ କରିଯାଏ ତା ପକ୍ଷରେ ପୁସ୍ତକଗତ ଧର୍ମର ଆବଶ୍ୟକତା ରହେ ନାହିଁ; ଧର୍ମ ତା ପକ୍ଷରେ କେତେଗୁଡ଼ିଏ ନିୟମ କାନୁନର ଗ୍ରନ୍ଥ ନ ହୋଇ ବାସ୍ତବ ଜୀବନର ଆବଶ୍ୟକତା ହୋଇ ପଡ଼େ । କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ପର୍ବ ପର୍ବାଣି ପାଳନ କଲେ ବା ଦିନକୁ ଚାରି ଥର କୌଣସି ମନ୍ତ୍ର ଉଚ୍ଚାରଣ କଲେ ସେହି ଧର୍ମ ସାଧିତ ହୁଏ ନାହିଁ । ବୁଦ୍ଧଦେବଙ୍କ ଧର୍ମ ବାହ୍ୟ ଧର୍ମ ନୁହେ; ତାହା ଅନ୍ତରର ଧର୍ମ । ସେହି ଧର୍ମ ଆମର ପ୍ରତ୍ୟେକ କର୍ମ, ପ୍ରତ୍ୟେକ ଚିନ୍ତା ଓ ପ୍ରତ୍ୟେକ ଆଚରଣରେ ପାଳନ କରିବାକୁ ହେବ । ତାହା ପୋଷାକ ପରି ବାହ୍ୟରେ ଧାରଣ କଲେ ଜୀବନର କିଛି ଉପକାରରେ ଆସିବ ନାହିଁ ।

ବୁଦ୍ଧଦେବଙ୍କର ଗୋଟିଏ ପ୍ରଧାନ ଲକ୍ଷ୍ୟ ଧର୍ମଜଗତରୁ ପ୍ରବଞ୍ଚନା ନିର୍ବାସନ କରିବା । ଧର୍ମ ନାମରେ କେତେ ବ୍ୟକ୍ତି ସ୍ୱୟଂ ଭଗବାନଙ୍କ ଆଖିରେ ଧୂଳି ମାରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ସେମାନେ ଜାଣି ପାରନ୍ତି ନାହିଁ ଯେ ଅନ୍ୟକୁ ପ୍ରବଞ୍ଚନା କରିବା ଓ ଆତ୍ମ-ପ୍ରବଞ୍ଚନା ମଧ୍ୟରେ କିଛି ପ୍ରଭେଦ ନାହିଁ । ଆତ୍ମପ୍ରବଞ୍ଚନା କରି ସେ କାଳର ଲୋକେ ଭାବୁଥିଲେ ଯେ ଯାଗ-ଯଜ୍ଞଦ୍ୱାରା ସେମାନଙ୍କର ଧର୍ମ ପାଳିତ ହେବ ମାତ୍ର ସେପରି ଅନୁଷ୍ଠାନ ଗୁଡ଼ିକର ଅସାରତା ପ୍ରତିପାଦନ କରି ବୁଦ୍ଧଦେବ ସରଳ, ହୃଦୟ-ସ୍ପର୍ଶୀ ଓ ସତ୍ୟ ଧର୍ମ ପ୍ରଚାର କଲେ । ଏହି ବିଷୟ ଆଲୋଚନା କରି ଜଣେ ଲେଖକ କହିଛନ୍ତି, "And he (Buddha) broke off them (disciples) the belief that out-ward righteousness of conduct will deliver a man, or that safety lies in rites and ceremonies, for truly a man can never say within himself, "I have placated the Gods and may now go my way in peace." ବାହ୍ୟଶୁଦ୍ଧିରେ ତୃପ୍ତ ହେଲେ ପ୍ରକୃତ ଧର୍ମ ଲାଭ ହେବ ନାହିଁ ସେଥି ନିମନ୍ତେ ଅନ୍ତଃଶୁଦ୍ଧି ଆବଶ୍ୟକ । ଉପନିଷଦ୍‌ର ଏହି ସମସ୍ତ ଭାବ ବୁଦ୍ଧଦେବଙ୍କ ଧର୍ମ ଓ ନୀତିରେ ବରାବର ରହିଥିଲା । ବୁଦ୍ଧଦେବ ଉପନିଷଦ୍ ଧର୍ମର ପ୍ରତିନିଧିସ୍ୱରୂପ ଥିଲେ । ସେ ଉପନିଷଦ୍‌ର ତତ୍ତ୍ୱକୁ କାର୍ଯ୍ୟରେ ଓ ବ୍ୟବହାରରେ ଦେଖାଇ ଥିଲେ । ଉପନିଷଦ୍ ଗୁଡ଼ିକରେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧେ ନିଃସନ୍ଦେହ ବିଶ୍ୱାସ ଥିଲାବେଳେ ବୁଦ୍ଧଦେବଙ୍କ ଧର୍ମକୁ ନାସ୍ତିକତା ଆଖ୍ୟା ଦେବା ଆଦୌ ସମୀଚୀନ ନୁହେ । ବୁଦ୍ଧଦେବଙ୍କ ଧର୍ମ ସୁଦୂର ପାଶ୍ଚାତ୍ୟକୁ ଯାଇ ସେଠା ଧର୍ମ-ରାଜ୍ୟରେ ବହୁ ପ୍ରଭାବ ବିସ୍ତାର କରିଥିଲା । ଖ୍ରୀଷ୍ଟିୟାନ ଧର୍ମର କରୁଣା ଭାବ ଓ ସାର୍ବଜନୀନ ମୈତ୍ରୀ, ଇସଲାମର ସାମ୍ୟବାଦ ଓ ସାର୍ବଜନୀନ ଭ୍ରାତୃତ୍ୱରେ ବୌଦ୍ଧଧର୍ମର ପ୍ରଭାବ ଦେଖିବାକୁ ମିଳେ ।

ବୁଦ୍ଧଦେବଙ୍କ ଚରିତ୍ର ଅତୁଳନୀୟ, ମୈତ୍ରୀ ଅଦ୍ୱିତୀୟ ଓ ଜୀବନ ଆଦର୍ଶସ୍ଥାନୀୟ । ତାଙ୍କ ନୀତି ପାଳିତ ହେଲେ ଆଧୁନିକ ଜଗତର ଅନେକ ସମସ୍ୟାର ସହଜ ସମାଧାନ ହେବ ଏଥିରେ ସନ୍ଦେହ ନାହିଁ । ବୁଦ୍ଧଙ୍କ ଶରଣ ଗ୍ରହଣହିଁ ଜଗତରେ ଶାନ୍ତି ସ୍ଥାପନର ଏକମାତ୍ର ମାର୍ଗ । କୌଣସି ପ୍ରକାର ସାମ୍ପ୍ରଦାୟିକ ସଙ୍କୀର୍ଣ୍ଣତା ପୋଷଣ ନ କରି ମାନବ ଜାତିକୁ କହିବାକୁ ହେବ "ବୁଦ୍ଧଂ ଶରଣଂ ଗଚ୍ଛାମି" ।

# ଦେଶୀୟ ରାଜ୍ୟ ସମାଚାର

## ବରୋଦା

### ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ଦାନ

ବରୋଦାର ମହାରାଜା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ବାର୍ଷିକ ପନ୍ଦର ହଜାର ଟଙ୍କା ଲେଖାଏଁ ଦାନ କରିବାର ପ୍ରତିଶ୍ରୁତି ଦେଇଅଛନ୍ତି । ଉକ୍ତ ଟଙ୍କାରେ ଭାରତର ସଂସ୍କୃତି ଓ ଇତିହାସର ଗବେଷଣା ନିମିତ୍ତ ଏକ ଅଧ୍ୟାପକ ପଦର ସୃଷ୍ଟି କରାଯିବ ଏବଂ ଗବେଷଣାକାରୀ ଛାତ୍ରମାନଙ୍କୁ ବୃତ୍ତି ମଧ୍ୟ ଦିଆଯିବ ।

### ଶିଳ୍ପର ଉନ୍ନତି

ଶିଳ୍ପୋନ୍ନତି ଦିଗରେ ଅଗ୍ରଗତି ଲାଭ କରିଥିବା ବ୍ରିଟିଶ୍ ଭାରତର ବିଭିନ୍ନ ପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ବରୋଦା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି । ବରୋଦା କଳକାରଖାନା ଆଇନ୍ ଅନୁଯାୟୀ ବର୍ତ୍ତମାନ ୧୯୦ ଗୋଟି କଳକାରଖାନା ରାଜ୍ୟ ମଧ୍ୟରେ ଚାଲୁଅଛି ଓ ସେଗୁଡ଼ିକରେ ପ୍ରାୟ ୩୮,୦୦୦ ଲୋକ କାର୍ଯ୍ୟ କରୁଅଛନ୍ତି । ରାଜ୍ୟର ଲୋକ ସଂଖ୍ୟା ଅନୁପାତରେ ଶତକଡ଼ା ୧·୫ ଜଣ ଉକ୍ତ କାରଖାନାମାନଙ୍କରେ କାର୍ଯ୍ୟ ପାଇଛନ୍ତି । ରାଜ୍ୟର ଶିଳ୍ପ ଗୁଡ଼ିକ ମଧ୍ୟରେ ଲୁଗା, ରସାୟନ ଦ୍ରବ୍ୟ, ଲୁହା, ସିମେଣ୍ଟ୍, ଲୁଣ, ଚିନି, ଦିଆସିଲି ଓ ରବର ପ୍ରଧାନ ।

ବୟନ ଶିଳ୍ପ ବରୋଦାର ପ୍ରଧାନ ଶିଳ୍ପ । ରାଜ୍ୟରେ ୧୬ ଗୋଟି ଲୁଗା କଳରେ ପ୍ରାୟ ତିନି କୋଟିରୁ ଅଧିକ ଟଙ୍କା ମୂଳଧନ ରୂପେ ନିୟୋଜିତ ହୋଇଅଛି ।

ରାଜ୍ୟରେ ଶିଳ୍ପର କ୍ରମ-ପ୍ରସାର ପାଇଁ ସାଧାରଣଙ୍କୁ ଉତ୍ସାହିତ କରିବା ନିମିତ୍ତ ସରକାର ସୁବିଧାଜନକ ସର୍ତ୍ତରେ ଟଙ୍କା ଦାଦନ ଦେଉଅଛନ୍ତି । ବରୋଦା ସହରରେ ଦିଆସିଲିର ଏକ କାରଖାନା ଖୋଲିବା ପାଇଁ ସରକାର ମିଷ୍ଟର ଜି. ବି. ଗାନପୁଲେଙ୍କୁ ପଚିଶ ହଜାର ଟଙ୍କା ଋଣ ଦେଇଅଛନ୍ତି । ପ୍ରଥମ ଦୁଇ ବର୍ଷରେ ଉକ୍ତ ଟଙ୍କା ଉପରେ କୌଣସି ସୁଧ ପଡ଼ିବ ନାହିଁ ଓ ଏହି ଋଣ ପରିଶୋଧ କରିବା ପାଇଁ ସେ ବାର ବର୍ଷ ସମୟ ପାଇବେ । ଫାଇଲ ଓ ଘୋଡ଼ାର ଫିତା ପ୍ରସ୍ତୁତ ପାଇଁ ଏକ କାରଖାନା ଖୋଲିବା ନିମିତ୍ତ ସରକାର ମିଷ୍ଟର ଏମ୍. ଏସ୍. ଢୋରିବଲ୍ଲିଙ୍କୁ ପାଞ୍ଚ ହଜାର ଟଙ୍କା ଋଣ ଦେଇଅଛନ୍ତି ।

ଅମ୍ରେଲିଠାରେ ପଶମ ଶିଳ୍ପର ଉନ୍ନତି ପାଇଁ ସରକାର ଏ ବର୍ଷ ଆର୍ଥିକ ସାହାଯ୍ୟ ଦାନ କରିଅଛନ୍ତି । ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ମେଣ୍ଢା ଓ ଛେଳି ଦେହରୁ ପଶମ ସଂଗ୍ରହର ଉପାୟ ଓ ପଶମ ଶିଳ୍ପର ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ପାଳକମାନଙ୍କୁ ଶିକ୍ଷା ଦେବା ପାଇଁ ସରକାର ସ୍ଥିର କରିଅଛନ୍ତି ।

## ଭୂପାଲ

### ନୂତନ ଲଙ୍ଗଳ

ଭୂପାଲ ରାଜ୍ୟର କୃଷି ବିଭାଗୀୟ ଡିରେକ୍ଟର ଓ ରସାୟନବିତ୍ ମିଷ୍ଟର ଜାଫର ଅଲି ଖାଁ ଷ୍ଟେଟ୍ ରସାୟନାଗାରରେ ଏକ ପ୍ରକାର ନୂତନ ଧରଣର ଲଙ୍ଗଳ ଆବିଷ୍କାର କରି ଥିବାର ପ୍ରକାଶ । ଗହମ ଓ ଅନ୍ୟାନ୍ୟ ରବି ଫସଲ ଚାଷ ପାଇଁ ଏହି ଲଙ୍ଗଳ ଦେହରେ ଗୋଟିଏ ଅସନ ଲାଗିଛି ଓ ପଂକ୍ତିରେ ବୀଜ ବପନର ସୁବିଧା ରହିଛି । ଦେଶରେ ସାଧାରଣତଃ ଯେଉଁ ଲଙ୍ଗଳ ବ୍ୟବହୃତ ହୁଏ ତଦପେକ୍ଷା ଏହି ନୂତନ ଲଙ୍ଗଳ ବା ବୁଖାର ଦ୍ୱାରା ଅନେକ କମ୍ ସମୟରେ ଓ ବଳଦ ଗୁଡ଼ିକର ସାମାନ୍ୟ ଶକ୍ତି ପ୍ରୟୋଗରେ କାର୍ଯ୍ୟ ହୋଇ ପାରିବ ଏବଂ ଖର୍ଚ୍ଚ ମଧ୍ୟ ପ୍ରାୟ ଅର୍ଦ୍ଧାଂଶ କମିଯିବ । ଏହାଛଡ଼ା ଏହାର ମୂଲ୍ୟ ମଧ୍ୟ ବେଶୀ ନୁହେଁ ।

## ବୌଦ

### ଖନିଜ ଦ୍ରବ୍ୟର ଅନୁସନ୍ଧାନ

ବୌଦ ରାଜ୍ୟରେ ଖନିଜ ଦ୍ରବ୍ୟର ଅନୁସନ୍ଧାନ କାର୍ଯ୍ୟ ଚାଲି ଅଛି ଏବଂ ଉକ୍ତ ଅନୁସନ୍ଧାନର ପ୍ରାଥମିକ ଅବସ୍ଥାରେ ଯାହା ଆବିଷ୍କୃତ ହୋଇଅଛି ତାହା ବେଶ୍ ଆଶା ଓ ଉତ୍ସାହଜନକ ବୋଲି ଜଣାଯାଏ । ଷ୍ଟେଟ୍ ଭୂତତ୍ତ୍ୱବିଦ୍ ମିଷ୍ଟର ପି. କେ. ରାୟ ପ୍ରକାଶ କରିଅଛନ୍ତି ଯେ ଶୀତଳପାଣି ଓ ଦଶପଲ୍ଲା ସୀମା ନିକଟରେ ଯେଉଁ ଲୌହଘଟିତ ମେଙ୍ଗାନିଜ୍ ମିଳୁ ଅଛି ତାହା ଭିଜାଗାପଟମ୍‌ରେ ମିଳୁ ଥିବା ମେଙ୍ଗାନିଜ୍ ସଦୃଶ । ଉକ୍ତ ସ୍ଥାନଟି ମହାନଦୀ କୂଳରେ ଏବଂ କଟକ ଠାରୁ ୮୫ ମାଇଲ ଦୂରରେ ଅବସ୍ଥିତ ।

ମେଙ୍ଗାନିଜ୍ ଛଡ଼ା ରାଜ୍ୟରେ ଅଭ୍ରର ଖଣି ମଧ୍ୟ ରହିଅଛି । ତନ୍ନ ତନ୍ନ କରି ରାଜ୍ୟର ବିଭିନ୍ନାଞ୍ଚଳ ଅନୁସନ୍ଧାନ କଲେ କ୍ରୋମାଇଟ୍ ଓ ଏବେସ୍ଟସ୍ ପ୍ରଭୃତି ମୂଲ୍ୟବାନ ଧାତୁ ମିଳିବାର ଷ୍ଟେଟ୍ ଆଶା କରନ୍ତି ।



Digitized by srujanika@gmail.com

## କୁଚବିହାର

### ଶିଳ୍ପୋନ୍ନତି

ରାଜ୍ୟର ଆର୍ଥିକ ଅବସ୍ଥାର ଉନ୍ନତି ବିଧାନ କରିବା ନିମିତ୍ତ କୁଚବିହାର ଦରବାର କୁଟୀର ଶିଳ୍ପ ଗୁଡ଼ିକର ପୁନରୁଦ୍ଧାର ଓ ଉନ୍ନତି ଦିଗରେ ମନୋନିବେଶ କରିଅଛନ୍ତି । କେତେ ଜଣ ଶିକ୍ଷିତ ଓ ଉପଯୁକ୍ତ କର୍ମଚାରୀ ନେଇ ରାଜ୍ୟର ଚତୁର୍ଥ ମନ୍ତ୍ରୀଙ୍କ ସାକ୍ଷାତ୍ ତତ୍ତ୍ୱାବଧାନରେ ୧୯୩୮ ସାଲରେ ଶିଳ୍ପର ଉନ୍ନତି କଳ୍ପେ ଗୋଟିଏ ପୃଥକ୍ ବିଭାଗ ସ୍ଥାପିତ ହୋଇଥିଲା । ସରକାର ବର୍ତ୍ତମାନ ବର୍ଷରେ ଅନ୍ତତଃ ଛଅ ମାସ ପାଇଁ ମଫସଲରେ ପ୍ରଚାର କାର୍ଯ୍ୟ କରିବା ପାଇଁ ଓ ଲୋକମାନଙ୍କ ନିକଟରେ ବିଭିନ୍ନ ଶିଳ୍ପର କାର୍ଯ୍ୟ ପ୍ରଣାଳୀ ଓ ନମୁନା ପ୍ରଦର୍ଶନ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାର ସ୍ଥିର କରିଅଛନ୍ତି । ଶିଳ୍ପ ବିଭାଗରେ ଖୋଟ ବୁଣା, ଛଲାଇ କାର୍ଯ୍ୟ, ସାବୁନ, ବାଡ଼ ଓ ଦଉଡ଼ି ଇତ୍ୟାଦି ତିଆରି କରିବା ପାଇଁ ଭିନ୍ନ ଭିନ୍ନ ବିଭାଗ ରହିଛି ।

### ପାନୀୟ ଜଳସରବରାହ

ପଶ୍ଚିମ ଅଞ୍ଚଳରେ ପାନୀୟ ଜଳର ଅଭାବ ଦୂର କରିବା ପାଇଁ ଗ୍ରାମମାନଙ୍କରେ କେତେ ଗୁଡ଼ିଏ ପକ୍କା କୂଅ ଖନନ କରିବା ପାଇଁ ମହାରାଜା ଭୂପ ବାହାଦୁର ପ୍ରଚୁର ଅର୍ଥ ମଞ୍ଜୁର କରିଅଛନ୍ତି । ୧୯୩୯-୪୦ ସୁଦ୍ଧା ପ୍ରାୟ ଟ ୧୮,୦୦୦ ଙ୍କା ବ୍ୟୟରେ ୧୭୫ ଗୋଟି କୂଅ ଖୋଳା ଯାଇଥିଲା । ୧୯୪୦-୪୧ ରେ ଟ ୧୨,୨୯୪ ଙ୍କା ବ୍ୟୟରେ ଆହୁରି ୯୮ ଗୋଟି କୂଅ ଖୋଳା ଯାଇଛି । କୂଅ ସଂଖ୍ୟା ବୃଦ୍ଧି କରିବା ପାଇଁ ଆହୁରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସରକାର ଯୋଜନା ପ୍ରସ୍ତୁତ କରି ଅର୍ଥ ମଞ୍ଜୁର କରିବାର ସ୍ଥିର କରିଅଛନ୍ତି ।

## ଗୋଆଲିୟର

### ଗ୍ରାମ୍ୟ ଶିଳ୍ପ

ଗ୍ରାମବାସୀମାନେ ଯେପରି ନିଜ ହାତରେ ସୂତା କାଟି ବିଭିନ୍ନ ପ୍ରକାର ହାତ ବୁଣା ପଶମ ଦ୍ରବ୍ୟ ପ୍ରସ୍ତୁତ କରି ପାରିବେ ଏଥିପାଇଁ ମହାରାଜା ସିନ୍ଧିଆ ତିରିଶ ହଜାର ଟଙ୍କା ମଞ୍ଜୁର କରିବାର ଘୋଷଣା କରିଅଛନ୍ତି । ଗ୍ରାମବାସୀମାନଙ୍କୁ ଅଠା ପ୍ରସ୍ତୁତ କରିବା ଓ କାଗଜ ତିଆରି କରିବା ସମ୍ବନ୍ଧରେ ଶିକ୍ଷା ଦେବାଲାଗି ଦଶ ହଜାର ଟଙ୍କା ମଞ୍ଜୁର ହୋଇଅଛି । ୧୯୩୬ ମସିହାରେ ମହାରାଜା ମହୋଦୟ ଗାଦିପ୍ରାପ୍ତି ସମୟରେ ଗ୍ରାମ ସଂଗଠନ ପାଇଁ ଏକ କୋଟି ଟଙ୍କା ମଞ୍ଜୁର କରିଥିଲେ ।

## ହାଇଦ୍ରାବାଦ

### ପ୍ରାଥମିକ ଶିକ୍ଷା

ଗତ ଫେବୃୟାରୀ ମାସ ୧୬ ତାରିଖ ଦିନ ନିଜାମଙ୍କ କର୍ଯ୍ୟ-ନିର୍ବାହକସଭାର ସଭାପତି ସାର୍ ଅକବର ହାଇଦରୀ ତୋଣ୍ଡୀକଲ ପ୍ରାଥମିକ ବିଦ୍ୟାଳୟର ଦ୍ୱାରୋଦ୍ଘାଟନ କରି କହିଥିଲେ "ନିରକ୍ଷରତା ଦୂରୀକରଣ ଦିଗରେ ପ୍ରାଥମିକ ଶିକ୍ଷାର ପ୍ରସାରହିଁ ପ୍ରଥମ ପନ୍ଥା ବୋଲି ମୁଁ ମନେ କରେଁ ଏବଂ ଯେ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି—କି ବୃଦ୍ଧ କି ବାଳକ—ଲେଖି ପଢ଼ି ଜାଣି ନାହାନ୍ତି ଓ ନିରକ୍ଷରତାରୂପ ଅଭିଶାପ ସମୂଳେ ବିନଷ୍ଟ ନ ହୋଇଛି ସେ ପର୍ଯ୍ୟନ୍ତ ନିୟମିତ ଭାବରେ ଆମ୍ଭମାନଙ୍କର ଉଦ୍ୟମ ଚଳାଇବା ଉଚିତ ।"

ଦ୍ୱାରୋଦ୍ଘାଟନୀ କାର୍ଯ୍ୟ ଶେଷ କରି ସାର୍ ଅକବର ହାଇଦରୀ କହିଲେ "ବର୍ତ୍ତମାନ ଅବସ୍ଥାରେ କେବଳ ପ୍ରାଥମିକ ବିଦ୍ୟାଳୟ ବସାଇ ବା ତାହାର ସଂଖ୍ୟା ବଢ଼ାଇ ଆମ୍ଭମାନଙ୍କର ସନ୍ତୁଷ୍ଟ ରହିବା ଉଚିତ ନୁହେ । ମାତ୍ର ଯେଉଁ ଉପାୟ ଅବଲମ୍ବନ କଲେ ବାଳକବାଳିକା ଓ ପୂର୍ଣ୍ଣବୟସ୍କ ବ୍ୟକ୍ତିମାନେ ଶିକ୍ଷା ଲାଭ କରି ପାରିବେ ସେହି ସବୁ ପନ୍ଥା ଆମ୍ଭମାନଙ୍କର ସାହସର ସହିତ ନିର୍ଦ୍ଧାରଣ କରିବା ଉଚିତ । ଉଦାହରଣ ସ୍ୱରୂପ ଶିକ୍ଷାର ବିସ୍ତାର ପାଇଁ ଚଳଚ୍ଚିତ୍ର, ରେଡିଓ ଓ ଗ୍ରାମୋଫୋନ ପ୍ରଭୃତିର ବହୁଳ ପ୍ରଚଳନ କରିବାକୁ ହେବ ।"

### ଯକ୍ଷ୍ମାନିବାରଣ ସଂଘ

ଯକ୍ଷ୍ମାରୂପ ଜଟିଳ ବ୍ୟାଧିର ନିରାକରଣ ଓ ଚିକିତ୍ସା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଶିକ୍ଷା ଦେବା ଲାଗି ଓ ଏହି ବ୍ୟାଧିକୁ ପ୍ରତିରୋଧ କରିବା ନିମିତ୍ତ ପାଣ୍ଠି ସଂଗ୍ରହ କରି ସ୍ଥାନୀୟ ସାଧାରଣ ସ୍ୱାସ୍ଥ୍ୟ ବିଭାଗକୁ ସାହାଯ୍ୟ କରିବା ପାଇଁ ହାଇଦ୍ରାବାଦରେ ଏକ ଯକ୍ଷ୍ମାନିବାରଣ ସଂଘ ସ୍ଥାପିତ ହୋଇଅଛି । ରାଜ୍ୟର ଚାରିଆଡ଼େ ଶାଖା ସଂଘ ସ୍ଥାପନରେ ଉକ୍ତ ସଂଘ ସାହାଯ୍ୟ କରୁଅଛନ୍ତି । ସଂଘ ରାଜ୍ୟର ଯକ୍ଷ୍ମା ସଂକ୍ରାନ୍ତ ଏକ ଅନୁସନ୍ଧାନ କାର୍ଯ୍ୟ ଚଳାଇବେ ଏବଂ ଭାରତ ଓ ଭାରତ ବାହାରେ ଯେଉଁ ଯକ୍ଷ୍ମା ସମ୍ବନ୍ଧୀୟ ଗବେଷଣା ଚାଲିଛି ତହିଁରେ ମଧ୍ୟ ସହାୟତା କରିବାର ସଂଘ ଆଶା ପୋଷଣ କରନ୍ତି ।

## ଇନ୍ଦୋର

### ଶିକ୍ଷା ପ୍ରଦର୍ଶନୀ

ଇନ୍ଦୋର ଶିକ୍ଷା ବିଭାଗର ଡିରେକ୍ଟର ଇନ୍ଦୋର ଠାରେ ଯେଉଁ ସର୍ବ ପ୍ରଥମ ଶିକ୍ଷା ପ୍ରଦର୍ଶନୀର ଯୋଗାଡ଼ କରିଥିଲେ ତାହାର ଦ୍ୱାରୋଦ୍ଘାଟନ କାର୍ଯ୍ୟ ଗତ ଜାନୁୟାରୀ ୨୯ ତାରିଖରେ ରାଜ୍ୟର ପ୍ରଧାନ ବଜୀରପଦ ରାୟ ବାହାଦୁର ରଙ୍ଗିଲାଲଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । କିଙ୍ଗ୍ ଏଡୁଆର୍ଡ଼ ପ୍ରାସାଦରେ ପ୍ରାୟ ୨୦,୦୦୦ ଗୋଟି ପଦାର୍ଥ ପ୍ରଦର୍ଶିତ ହୋଇଥିଲା ଏବଂ ୬୮ ଗୋଟି ଅନୁଷ୍ଠାନ ଏହି ପ୍ରଦର୍ଶନୀରେ ଯୋଗ ଦେଇଥିଲେ ।

ଶିକ୍ଷା-ବିଭାଗର ଡିରେକ୍ଟର ତାଙ୍କର ପ୍ରାରମ୍ଭ ଭାଷଣରେ ପ୍ରଦର୍ଶନୀର ନିମ୍ନଲିଖିତ ଉଦ୍ଦେଶ୍ୟମାନ ପ୍ରକାଶ କରିଥିଲେ ।



Digitized by srujanika@gmail.com

(୧) ଛାତ୍ରମାନଙ୍କ ମଧ୍ୟରେ ରଚନା ଶକ୍ତି ଜାଗ୍ରତ କରି ତାହାର ଉନ୍ନତି ଦିଗରେ ସେମାନଙ୍କୁ ଉତ୍ସାହିତ କରିବା; (୨) ଛାତ୍ର ଓ ଶିକ୍ଷକମାନଙ୍କର ସାଧାରଣ ଜ୍ଞାନ ବଢ଼ାଇବା; (୩) ବିଭିନ୍ନ ଅନୁଷ୍ଠାନ ସହିତ ତୁଳନାର ସୁବିଧା ଦେଇ ପରସ୍ପରର କାର୍ଯ୍ୟ-କୁଶଳତାର ଉତ୍କର୍ଷ ସାଧନ କରିବା; (୪) ଛାତ୍ରମାନଙ୍କ ମଧ୍ୟରେ କୌତୂହଳ ଓ ପ୍ରକୃତ ଶିକ୍ଷାନୁରାଗ ଜାଗ୍ରତ କରିବା ପାଇଁ କେଉଁ ଶିକ୍ଷାଦାନ ପ୍ରଣାଳୀ ଓ ସାମଗ୍ରୀମାନ ଶିକ୍ଷକମାନଙ୍କର ସାହାଯ୍ୟକାରୀ ହେବ ତାହାର ଆଦର୍ଶ ଶିକ୍ଷକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଏବଂ (୫) ଅନୁଷ୍ଠାନ ଗୁଡ଼ିକର ଉତ୍ପନ୍ନ ପଦାର୍ଥଗୁଡ଼ିକର ପ୍ରକାର ସାଧାରଣଙ୍କୁ ଜଣାଇ ଦେବା । ପ୍ରଦର୍ଶନୀରେ ୮୩ ଗୋଟି ପୁରସ୍କାର ଓ ୧୦୨ ଗୋଟି ପ୍ରଶଂସାପତ୍ର ଦିଆ ଯାଇଥିଲା । ପ୍ରଦର୍ଶିତ ପଦାର୍ଥମାନଙ୍କ ମଧ୍ୟରେ ଲୁଗା, ଚିତ୍ର, ମୃଣ୍ମୟ ପାତ୍ର, ଚିତ୍ରିତ କାଚପାତ୍ର, ସୂଚି କର୍ମ, କାଳଘଡ଼ିର ସ୍ପ୍ରିଙ୍ଗଦ୍ୱାରା ଚାଳିତ ପଙ୍ଖା ଓ ଟ୍ରିଚାର୍ଟ ମୋଟରରେ ଚାଳିତ ଇଞ୍ଜିନ ଉଲ୍ଲେଖଯୋଗ୍ୟ ।

## କାଶ୍ମୀର

### ମନ୍ଦିରମାନଙ୍କରେ ପାଠଶାଳା ସ୍ଥାପନର ଯୋଜନା

ରାଜ୍ୟର ହିନ୍ଦୁମାନଙ୍କ ମଧ୍ୟରେ ସଂସ୍କୃତ ଓ ହିନ୍ଦି ଶିକ୍ଷାର ପ୍ରସାର ପାଇଁ ଧର୍ମାର୍ଥ ବିଭାଗ ରାଜ୍ୟର ପ୍ରତ୍ୟେକ ହିନ୍ଦୁ ମନ୍ଦିରରେ ପାଠଶାଳା ସ୍ଥାପନର ଯୋଜନା ମଞ୍ଜୁର କରିଅଛନ୍ତି । ଧର୍ମାର୍ଥ ବିଭାଗର ସ୍ଥାପୟିତା ସ୍ୱର୍ଗତ ମହାରାଜା ରଣବୀର ସିଂହଙ୍କ ଅଭିପ୍ରାୟ ଅନୁସାରେ ରାଜ୍ୟରେ ସଂସ୍କୃତ ଓ ହିନ୍ଦି ଶିକ୍ଷାର ପ୍ରଚାର କରିବା ଏ ବିଭାଗର ପ୍ରଧାନ କାର୍ଯ୍ୟ । ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରଥମେ ଜାମୁ ପ୍ରଦେଶରେ ଦୁଇ ଗୋଟି ପାଠଶାଳା ସ୍ଥାପିତ ହୋଇଥିଲା ।

ଧର୍ମାର୍ଥ ସଭାର ସଭାପତି ଏ ବିଷୟରେ ଆଗ୍ରହର ସହିତ ଲାଗି ପଡ଼ିଅଛନ୍ତି । ସଭାରେ ଏହି ମର୍ମରେ ଏକ ନିର୍ଦ୍ଧାରଣ ଗୃହୀତ ହୋଇଅଛି ଯେ ଉକ୍ତ ସଭାଦ୍ୱାରା ପରିଚାଳିତ ରାଜ୍ୟର ସମସ୍ତ ହିନ୍ଦୁ ମନ୍ଦିର ଅଳ୍ପ କେତେକ ବର୍ଷ ମଧ୍ୟରେ ହିନ୍ଦି ଓ ସଂସ୍କୃତ ଶିକ୍ଷା ଦାନର ଗୋଟିଏ ଗୋଟିଏ କେନ୍ଦ୍ର ହୋଇ ଉଠିବ । ଏହି ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରତ୍ୟେକ ମନ୍ଦିରର ମହନ୍ତ ଏବଂ ପୂଜାରୀମାନେ ଶିକ୍ଷକର କାର୍ଯ୍ୟ କରିବେ ଏବଂ ପ୍ରତ୍ୟେକ ପାଠଶାଳାର ଛାତ୍ର ସଂଖ୍ୟା ଅନୁପାତରେ ସେମାନଙ୍କୁ ପାରିଶ୍ରମିକ ଦିଆଯିବ । ଧର୍ମାର୍ଥ ବିଭାଗ ବିନା ମୂଲ୍ୟରେ କାଗଜ କଲମ ଓ ବହି ଆଦି ଯୋଗାଇବେ । ପରୀକ୍ଷା ସ୍ୱରୂପ ନଅ ଗୋଟି ମନ୍ଦିରରେ ଉକ୍ତ ଯୋଜନାର କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ ।

## ମହୀଶୂର

### ଗ୍ରାମୋନ୍ନତି କାର୍ଯ୍ୟ

ମହୀଶୂର ସରକାର ମଫସଲ ଗ୍ରାମସମୂହର ରାସ୍ତାଗୁଡ଼ିକୁ ପ୍ରଧାନ ରାସ୍ତା ଗୁଡ଼ିକ ସହିତ ସଂଯୁକ୍ତ କରୁଅଛନ୍ତି । ଗ୍ରାମୋନ୍ନତି କାର୍ଯ୍ୟର ଏହା ଏକ ବିଶିଷ୍ଟ ଅଙ୍ଗ ଓ ସରକାର ଏଥିପାଇଁ କେନ୍ଦ୍ରୀୟ ଗ୍ରାମ-ରାସ୍ତା ପାଣ୍ଠିକୁ ୪ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ରାଜସ୍ୱ ସଚିବ ଏକ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରି-ଅଛନ୍ତି ଏବଂ ଜରୁରୀ ଆବଶ୍ୟକତା ଦୃଷ୍ଟିରେ ରାସ୍ତା ଘାଟର ନିର୍ମାଣ ଓ ମରାମତି କାର୍ଯ୍ୟ ଆରମ୍ଭ କରା ଯାଇଅଛି ।

### ଶିକ୍ଷିତ ବେକାରମାନଙ୍କ ପାଇଁ ବ୍ୟବସ୍ଥା

ଇରୁଇନ୍ କେନାଲ, ମାର୍କୋନାହାଲି ଓ ଅୟ୍ୟାନପୁର ଜଳ-ଭଣ୍ଡାର ନିକଟବର୍ତ୍ତୀ ଜଳସେଚନୋପଯୋଗୀ ଜମିମାନଙ୍କରେ ଘରଦ୍ୱାର କରି ରହିବା ପାଇଁ ଶିକ୍ଷିତ ବେକାରମାନଙ୍କୁ ସରକାର କୃଷି ଉପନିବେଶମାନ ସ୍ଥାପନ କରିବା ପାଇଁ ଉତ୍ସାହିତ କରୁଅଛନ୍ତି । ପ୍ରଥମେ ଇରୁଇନ କେନାଲ ଅଞ୍ଚଳରେ ଉପନିବେଶ ସ୍ଥାପନ ଆରମ୍ଭ କରାଯାଇ ସେଠାରେ ୨୦ ଜଣ ଶିକ୍ଷିତ ଯୁବକଙ୍କୁ ଆବଶ୍ୟକୀୟ ସୁବିଧା ଦେଇ ରଖିବାର ସ୍ଥିର ହୋଇଅଛି ।

### ଧାନଚାଷ ପ୍ରସାରର ବ୍ୟବସ୍ଥା

ରାଜ୍ୟରେ ପ୍ରୟୋଜନୀୟ ପଦାର୍ଥ ଗୁଡ଼ିକ ଯେପରି ପ୍ରଚୁର ପରିମାଣରେ ମିଳିବ ସେଥିପାଇଁ ସରକାର ଅଟଳ ଉଦ୍ୟମ କରୁଅଛନ୍ତି ଓ ଧାନ ଚାଷର ବୃଦ୍ଧି ପାଇଁ ଏକ ଯୋଜନା ମଞ୍ଜୁର କରିଅଛନ୍ତି ।

ବର୍ତ୍ତମାନ ମହୀଶୂର ବାର୍ଷିକ ୫୦ ଲକ୍ଷରୁ ୧୦୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ଧାନ ବାହାରକୁ ପଠାଏ । ରାଜ୍ୟର ୨୦ ଟି ତାଲୁକରେ ବହୁଫଳନ୍ତ ଉନ୍ନତ ଜାତିର ଧାନ ଚାଷର ପାଞ୍ଚବର୍ଷିଆ ଯୋଜନା ଫଳରେ ସରକାର ବାହାରୁ ଆସୁଥିବା ଧାନର ବାର୍ଷିକ ପରିମାଣ କମାଇବାର ଆଶା କରନ୍ତି ।

### ବୟନ ଶିଳ୍ପ

ମହୀଶୂର ସରକାର ଏକ କମିଟି ଗଠନ କରି ହସ୍ତବୟନ ଶିଳ୍ପର ପୁନଃ ସଂସ୍କାର ଓ ତନ୍ତୀମାନଙ୍କର ପ୍ରସ୍ତୁତ ବସ୍ତ୍ରଗୁଡ଼ିକର ବିକ୍ରୟ ନିୟନ୍ତ୍ରଣ ସମ୍ବନ୍ଧରେ ପୁନରାୟ ବିଚାର କରି ଦେଖିବା ପାଇଁ ଆଦେଶ କରି ଅଛନ୍ତି ।

### ବିକ୍ରୟ ନିୟନ୍ତ୍ରଣ ବ୍ୟବସ୍ଥା

ରାଜ୍ୟର କୃଷିଜାତ ଦ୍ରବ୍ୟଗୁଡ଼ିକର ବିକ୍ରୟର ସୁବ୍ୟବସ୍ଥା କରିବା ନିମିତ୍ତ ନିୟମାନୁବଦ୍ଧ ମାର୍କେଟ୍ ଓ କେନ୍ଦ୍ର ସ୍ଥାପନ, ରପ୍ତାନିର ସୁବ୍ୟବସ୍ଥା ସେଗୁଡ଼ିକର ସଂରକ୍ଷଣ ଏବଂ ବଜାର ଖବର ଇତ୍ୟାଦି ଜାଣିବାର ସୁବିଧା ପାଇଁ ସରକାର ପରୀକ୍ଷା ସ୍ୱରୂପ ପାଞ୍ଚ ବର୍ଷ ପାଇଁ ଗୋଟିଏ ବିକ୍ରୟ ନିୟନ୍ତ୍ରଣ ବିଭାଗ ଖୋଲିବାର ଆଦେଶ କରି ଅଛନ୍ତି । ହର୍ଟିକଲଚର ବିଭାଗର ଡିରେକ୍ଟର ଏ ବିଭାଗର ପ୍ରଧାନ କର୍ମଚାରୀ ରୂପେ ନିଯୁକ୍ତ ହୋଇଅଛନ୍ତି । ଉକ୍ତ ବିଭାଗ ଦୁଗ୍ଧ ସରବରାହ କରିବେ; ବଜାର-ଦରର ସମ୍ବାଦ ଯୋଗାଇବେ, ଏବଂ ରେଲ ମାସୁଲ କମାଇବାର



Digitized by srujanika@gmail.com

ଓ ନିୟମିତ ମାପ ବା ଓଜନର ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପନ୍ଥା ନିରୂପଣ କରିବେ ।

### ପକ୍ଷୀ ପାଳନ

ରାଜ୍ୟରେ ଗୋଟିଏ 'ପୋଲ୍‌ଟ୍ରି ଫାର୍ମ' ସ୍ଥାପନ କରିବା ବିଷୟରେ କୃଷି ବିଭାଗର ଡିରେକ୍ଟର ଯେଉଁ ସୁପାରିସ୍ ଦେଇଥିଲେ ତାହା ସରକାର ମଞ୍ଜୁର କରିଅଛନ୍ତି । ଉକ୍ତ ବିଭାଗ ଅଣ୍ଡା ଯେପରି ସୁବିଧାରେ ବିକ୍ରୀ ହୋଇ ପାରିବ ଏବଂ କୁକ୍କୁଟ ପାଳନ ସମବାୟ ପ୍ରଣାଳୀରେ ଗୋଟିଏ ଶିଳ୍ପରୂପେ ଲୋକପ୍ରିୟ ହେବ ତାହାର ଉପାୟ ନିର୍ଦ୍ଧାରଣ କରିବେ ।

## ନବନଗର

### ଶିଳ୍ପ ଓ ଚିକିତ୍ସା

ମିଲ ଫେଡର ସଭାପତି ସେଠ ନନ୍ଦଦାସ ହରିଦାସ ଅହମେଦାବାଦଠାରେ ନବନଗରର ଜାମ ସାହେବଙ୍କୁ ଏକ ଭୋଜି ଦେଇଥିଲେ ଏବଂ ତାଙ୍କ ରାଜ୍ୟର ନାନାବିଧ ଉନ୍ନତି ବିଷୟ ଉଲ୍ଲେଖ କରି ଜାମ ସାହେବଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମାନନୀୟ ଜାମ ସାହେବ ସେଠାରେ ବ୍ୟବସାୟୀମାନଙ୍କୁ ଯୁଦ୍ଧ ପରେ ତାଙ୍କ ରାଜ୍ୟକୁ ଆସି ଶିଳ୍ପାନୁଷ୍ଠାନ ଖୋଲିବା ପାଇଁ ଆବେଦନ କରିଥିଲେ ।

ଜାମ ସାହେବ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ ସେ ରାଜ୍ୟରେ ଗୋଟିଏ ଆୟୁର୍ବେଦୀୟ କଲେଜ ସ୍ଥାପନର ଇଚ୍ଛା କରନ୍ତି ଓ ସେଥିପାଇଁ ସେ ସେମାନଙ୍କର ଉପଦେଶ ଲୋଡ଼ନ୍ତି । ଲୋକମାନଙ୍କର କଲ୍ୟାଣ ଏବଂ ଉନ୍ନତି ପାଇଁ ବିଜ୍ଞାନର ଆବଶ୍ୟକତା ରହିଛି ଏଥିରେ ସେ ବିଶ୍ୱାସ କରନ୍ତି ବୋଲି ପ୍ରକାଶ କରିଥିଲେ ।

## ପାଟନା

### ଗ୍ରାମୋନ୍ନତି ଯୋଜନା

ପାଟନାର ମହାରାଜା ମହୋଦୟ ତାଙ୍କ ରାଜ୍ୟରେ ଗ୍ରାମୋନ୍ନତି କାର୍ଯ୍ୟ ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଅଛନ୍ତି ବୋଲି ପ୍ରକାଶ । ଉକ୍ତ ଯୋଜନାରେ ଗ୍ରାମର ଉନ୍ନତି, ପୁଷ୍କରିଣୀ, ଗ୍ରାମ-ପୁସ୍ତକାଳୟ ଓ ପାଠାଗାରର ଉନ୍ନତି ସମ୍ପର୍କୀୟ ପରିକଳ୍ପନା ବ୍ୟତୀତ ନିର୍ବାଚିତ କେନ୍ଦ୍ର ଗୁଡ଼ିକରେ ନାନା ପ୍ରକାର ଉତ୍ସବ, ମେଳା ଯାଦୁଘର ଓ ସ୍ଥାୟୀ ପ୍ରଦର୍ଶନୀମାନଙ୍କର ବ୍ୟବସ୍ଥା କରି ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚୁର କାର୍ଯ୍ୟ ଚଳାଇବା, ଶିକ୍ଷକ, ସମବାୟ ବିଭାଗର କର୍ମୀ ଓ ସ୍ୱେଚ୍ଛାସେବକମାନଙ୍କ ପାଇଁ ବାର୍ଷିକ ଗ୍ରୀଷ୍ମ-ବିଦ୍ୟାଳୟ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗ୍ରାମୋନ୍ନତି ସଙ୍ଘମାନ ସ୍ଥାପନ କରିବାର ବ୍ୟବସ୍ଥା ସନ୍ନିବେଶିତ ହୋଇଅଛି ।

ଏ ସମ୍ବନ୍ଧରେ ପାଞ୍ଚ ବର୍ଷ ବ୍ୟାପୀ ଏକ କର୍ମଯୋଜନା ପ୍ରସ୍ତୁତ କରିବା ପାଇଁ ଗ୍ରାମୋନ୍ନତି କମିଟିକୁ ଆଦେଶ ଦିଆ ଯାଇଅଛି ।

## ତ୍ରିବାଙ୍କୁଡ଼

### ନାରୀ ପୋଲିସ

ଦୁଇ ବର୍ଷ ହେଲା ତ୍ରିବାଙ୍କୁଡ଼ ଷ୍ଟେଟ୍‌ରେ ଏକ ନାରୀ ପୋଲିସ ଫୌଜ ଗଢ଼ା ଯାଇଅଛି । ନାରୀ କନେଷ୍ଟବଲମାନଙ୍କୁ ଠିକ୍ ପୁରୁଷମାନଙ୍କ ପରି କଠିନ ଟ୍ରେନିଂ ଗ୍ରହଣ କରିବାକୁ ହୁଏ । ବ୍ୟାୟାମ, ପରେଡ୍, ବନ୍ଧୁକ ଡ୍ରିଲ, ଗୁଳି କରିବା, ଲାଠି ଖେଳିବା ଇତ୍ୟାଦି ସେମାନଙ୍କ ଶିକ୍ଷାର ଅନ୍ତର୍ଭୁକ୍ତ । ଏହା ଛଡ଼ା ସେମାନଙ୍କୁ ପୋଲିସର ସମସ୍ତ ଆଦବ କାଇଦା ମଧ୍ୟ ଶିକ୍ଷା ଦିଆଯାଏ । ସେମାନେ ତାଙ୍କର ଖାକି ଶାର୍ଟବ୍ଲାଉଜ, ମୋଜା, ଚଟି ଓ ନୀଳ ଫୋରେଜ ଟୋପି ପରିଧାନରେ ବେଶ୍ ସୁନ୍ଦର ଦେଖାଯାନ୍ତି ।

ସେମାନଙ୍କର ସଂଖ୍ୟା ଓ ଦରମା ବୃଦ୍ଧି ପ୍ରସ୍ତାବରୁ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମନେ ହୁଏ । ବେଶ୍ୟାବୃତ୍ତି ଓ ଅନ୍ୟାନ୍ୟ ତଦ୍ରୂପ କେତେ ଗୁଡ଼ିଏ ସାମାଜିକ ବିଷୟରେ ଯେଉଁ ଆଇନ ପ୍ରଣୟନର ପ୍ରସ୍ତାବ ହେଉଅଛି, ତାହା କାର୍ଯ୍ୟରେ ପରିଣତ ହେଲେ ନାରୀ ପୋଲିସମାନେ ରାଜ୍ୟର ଶାନ୍ତିରକ୍ଷା ଓ ଶାସନ କ୍ଷେତ୍ରରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବାର ଆଶା କରାଯାଏ ।

## କୋଚିନ

### ସ୍ୱର୍ଗତ ମହାରାଜା

ଗତ ଅପ୍ରେଲ ମାସ ୨୬ ତାରିଖରେ କୋଚିନର ମହାରାଜା ସାର୍ ଶ୍ରୀ ରାମ ବର୍ମା ତାଙ୍କର ୮୦ ବର୍ଷ ବୟସରେ ସ୍ୱର୍ଗାରୋହଣ କଲେ । ତାଙ୍କର ମୃତ୍ୟୁରେ ଭାରତୀୟ ରାଜନ୍ୟ ମଣ୍ଡଳରୁ ଜଣେ ସଦାଶୟ ଓ ଦୟାଳୁ ନୃପତିଙ୍କର ତିରୋଭାବ ହେଲା । ସ୍ୱର୍ଗତ ମହାରାଜା ୧୯୩୨ ସାଲ ମାର୍ଚ୍ଚ ମାସରେ ଗାଦି ପାଇଥିଲେ ଏବଂ ତାଙ୍କର ଶିକ୍ଷା, ସରଳତା ଓ ଧର୍ମ ବିଶ୍ୱାସ ଯୋଗୁଁ ସେ ତାଙ୍କର ପ୍ରଜାମାନଙ୍କର ଭକ୍ତିଭାଜନ ହୋଇଥିଲେ । ତାଙ୍କ ରାଜତ୍ୱକାଳ ମଧ୍ୟରେ ସୁଯୋଗ୍ୟ ଦେବାନ ସାର ଶାନମୁଖମ୍ ଚେଟିଙ୍କ ଦ୍ୱାରା ଉଦ୍ଭାବିତ କେତେଗୁଡ଼ିଏ ଯୋଜନା ବିଶେଷ ଉଲ୍ଲେଖଯୋଗ୍ୟ । ବ୍ୟବସ୍ଥାପକ ସଭାର ନିର୍ବାଚିତ ମନ୍ତ୍ରୀଙ୍କୁ କେତେଗୁଡ଼ିଏ ବିଭାଗର ଭାର ଦେବା ଏକ ଉଲ୍ଲେଖଯୋଗ୍ୟ ସଂସ୍କାର ।

ରାଜକୁମାର କେରଳ ବର୍ମା ବର୍ତ୍ତମାନ ରାଜପଦର ଅଧିକାରୀ ଏବଂ ସେ ତାଙ୍କର ୬୬ ବର୍ଷ ବୟସରେ ଗାଦି ପାଇ ଅଛନ୍ତି । ସେ ସୁଶିକ୍ଷିତ ଏବଂ ବିଶିଷ୍ଟ ଚିକିତ୍ସକ । କୋଚିନ ରାଜବଂଶର ପରମ୍ପରାକ୍ରମେ ସେ ସରଳ ଓ କଠୋର ଜୀବନ ଯାପନ କରୁଅଛନ୍ତି ଏବଂ ଅନେକ ପ୍ରଜାହିତକର ଯୋଜନାରେ ବିଶିଷ୍ଟ ଅନୁରାଗ ଦେଖାଇ ଅଛନ୍ତି ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ଦେବାନଙ୍କ ଗସ୍ତ

ମୟୂରଭଞ୍ଜର ଦେବାନ ମେଜର ବି. ପି. ପାଣ୍ଡେ, ବି. ଏ., ଏମ୍. ଏଲ୍. ବି., ଏଫ୍. ଆର. ଇ. ଏସ୍. (ଲଣ୍ଡନ) ଫେବ୍ରୁୟାରୀ ମାସର ମଧ୍ୟ ଭାଗରେ ପାଞ୍ଚପିଢ଼ ସବ୍-ଡିଭିଜନରେ ଗସ୍ତ-କରି କରଞ୍ଜିଆ, ଖିଚିଙ୍ଗ, ଯଶିପୁର, ଶୁକୁଲି, ଅଦ୍ଭୁତ, ଠାକୁରମୁଣ୍ଡା, ରାଇରଙ୍ଗପୁର ପ୍ରଭୃତି ଗ୍ରାମଗୁଡ଼ିକ ଦେଖିଥିଲେ। ସେ ଉକ୍ତ ସବ୍-ଡିଭିଜନର ପ୍ରାୟ ସମସ୍ତ ଅଫିସ, ହସ୍ପିଟାଲ, ପାଠଶାଳା, ଡାକ୍ତରଖାନା, ଥାନା ଓ ଆଉଟ୍‌ପୋଷ୍ଟ, ମଠ ଏବଂ ଫରେଷ୍ଟ ପାହ୍-ଅଫିସମାନ ପରିଦର୍ଶନ କରିଥିଲେ। ସେଠାରେ ସମସ୍ତ ବନ୍ଧ ଓ ପୁଷ୍କରିଣୀ ଗୁଡ଼ିକର ଖନନ ଓ ମରାମତି ଚାଲିଥିଲା ଏବଂ ନୂତନ ବନ୍ଧ ଓ ପୁଷ୍କରିଣୀ ପାଇଁ ଯେଉଁ ଯେଉଁ ସ୍ଥାନ ନିର୍ବାଚିତ ହୋଇଅଛି ତାହା ମଧ୍ୟ ସେ ଦେଖିଥିଲେ। ଖିଚିଙ୍ଗର ପୁରାତନ ମନ୍ଦିର-ଗୁଡ଼ିକର ସଂସ୍କାର ପାଇଁ ଯେଉଁ ଆବଦପୁର ଓ କେଶନା ପଥର ଖଣିରୁ ପ୍ରସ୍ତରମାନ ସଂଗୃହୀତ ହୋଇଥିଲା ଦେବାନ ସାହେବ ସେ ଖଣିଦ୍ୱୟ ପରିଦର୍ଶନ କରିଥିଲେ। ଶୁଣାଯାଏ ଯେ ସେ କରଞ୍ଜିଆ ଏବଂ ଆଉ କେତେକ ସ୍ଥାନରେ ଦରିଦ୍ର-ବସତିମାନ ବୁଲି ଦେଖିଥିଲେ ଏବଂ ପ୍ରଜାମାନଙ୍କର ସଂସର୍ଗରେ ଆସି ସେମାନଙ୍କର ହାଉ-ଗୁହାରି ନିଜେ ଶୁଣିଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ସ୍ୱର୍ଗାରୋହଣ ଦିବସ

ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବଙ୍କର ଊନବିଂଶ ସ୍ୱର୍ଗାରୋହଣ ଦିବସ ଉପଲକ୍ଷରେ ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରକୋଷ୍ଠରେ ଫେବୃଆରୀ ୨୨ ତାରିଖ ଦିନ ସନ୍ଧ୍ୟାବେଳେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜର ଦେବାନ ମେଜର ବି. ପି. ପାଣ୍ଡେ ସଭାପତିର ଆସନ ଅଳଙ୍କୃତ କରିଥିଲେ। ବିଶିଷ୍ଟ ନାଗରିକ ଓ ଛାତ୍ରମାନେ ଉପସ୍ଥିତ ଥିଲେ।

ଶ୍ରୀଯୁକ୍ତ ଲାଲମୋହନ ପତି, ଗୋପବନ୍ଧୁ ପଟ୍ଟନାୟକ, ତ୍ରିଲୋଚନ ଦାସ ଓ ନଗେନ୍ଦ୍ର ନାଥ ବାନାର୍ଜି ପ୍ରମୁଖ ସଭାସଦ୍‌ମାନେ ସ୍ୱ ସ୍ୱ ବକ୍ତୃତାରେ ଦାର୍ଶନିକ ମହାରାଜାଙ୍କର ଗୁଣ ଗାନ କରି ତାଙ୍କର ସ୍ୱଳ୍ପ ଶାସନ କାଳ ମଧ୍ୟରେ ମୟୂରଭଞ୍ଜ ସୁଶୃଙ୍ଖଳ ଶାସନ ଲାଗି କିପରି ବିଶେଷ ଖ୍ୟାତି ଲାଭ କରି ପାରିଛି ଓ ଭାରତବର୍ଷରେ ସୁଶାସିତ ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି ତାହା ଉଲ୍ଲେଖ କରିଥିଲେ। ତାଙ୍କର ମଧୁର ସରଳତା, ଅଗାଧ ପାଣ୍ଡିତ୍ୟ ଏବଂ ପ୍ରଜାସାଧାରଣଙ୍କର ନୈତିକ ଓ ବୈଷୟିକ ଅଭ୍ୟୁତ୍ଥାନ ନିମନ୍ତେ ନିରନ୍ତର ପ୍ରଚେଷ୍ଟା ଲାଗି ସେ ଆଜି ଅମର ହୋଇଅଛନ୍ତି।

ସଭାପତି ସଂକ୍ଷେପରେ ରାଜର୍ଷିଙ୍କର ଗୁଣାବଳି ବର୍ଣ୍ଣନ କରିବାକୁ ଯାଇ କହିଲେ ଯେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ନାମ ମୟୂରଭଞ୍ଜ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିଛି। ସେ ଆଧୁନିକ ମୟୂରଭଞ୍ଜର ଜନକ ଏବଂ ଭଞ୍ଜରାଜ୍ୟର ଚେତନ ଅଚେତନ ପ୍ରତ୍ୟେକ ବସ୍ତୁରେ ତାଙ୍କର ଆତ୍ମା ଜାଗ୍ରତ ରହିଛି। ଉପସଂହାରରେ ସଭାପତି ପ୍ରାର୍ଥନା କଲେ ଯେ, ପୁଣ୍ୟଶ୍ଳୋକ ରାଜର୍ଷିଙ୍କର ମହାନ୍ ଆତ୍ମା ଶାସକ, ପ୍ରଜା ଓ ରାଜ୍ୟ ଉପରେ ଆଶିଷ ବର୍ଷଣ କରୁ ଏବଂ ସେମାନଙ୍କୁ ମହତ୍ତର ଲକ୍ଷ୍ୟ ଅଭିମୁଖରେ ପରିଚାଳିତ କରୁ।

ଅଥର୍ବ ବେଦରୁ ଗୋଟିଏ ସ୍ତୋତ୍ର ପଠିତ ହେବା ପରେ ସଭା ଭଙ୍ଗ ହେଲା।

## ମହାରାଜାଙ୍କ ଜନ୍ମୋତ୍ସବ

ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ, କେ. ସି. ଆଇ. ଇ. ଙ୍କର ଚତ୍ୱାରିଂଶ ଜନ୍ମୋତ୍ସବ ଉପଲକ୍ଷରେ ଗତ ଫେବୃୟାରୀ ୨୭ ତାରିଖରେ ମୟୂରଭଞ୍ଜରେ ଏକ ଆନନ୍ଦର ଢେଉ ଖେଳି ଯାଇଥିଲା। ଆବାଳବୃଦ୍ଧବନିତା ସମସ୍ତେ ଏ ଉତ୍ସବ ଉପଭୋଗ କରିଥିଲେ ଏବଂ ଏହା ଏକ ଜାତୀୟ ଉତ୍ସବରୂପେ ପ୍ରତିପାଳିତ ହୋଇଥିଲା। ରାଜ୍ୟର ସମସ୍ତ କାର୍ଯ୍ୟାଳୟ, କଚେରୀ ଓ ଅନୁଷ୍ଠାନମାନ ଏତଦୁପଲକ୍ଷେ ବନ୍ଦ ଥିଲା ଏବଂ ସରକାରୀ ଅଫିସ ଓ ଅନୁଷ୍ଠାନ ଉପରେ ମୟୂରଭଞ୍ଜ ପତାକା ଉଡ଼ୁଥିଲା।

ଉତ୍ସବ ଦିନର ରମଣୀୟ ପ୍ରାକ୍କାଳରେ ସମସ୍ତ ନାଗରିକଙ୍କ ହୃଦୟରେ ଏକ ନୂତନ ସ୍ପନ୍ଦନ ଖେଳି ଯାଇଥିଲା। ପ୍ରଭାତ ହେଲାକ୍ଷଣି ମନ୍ଦିରମାନଙ୍କରେ ପୂଜା ଓ ଆରତି ଅନୁଷ୍ଠିତ ହୋଇଥିଲା ଓ ମହାରାଜାଙ୍କର ଦୀର୍ଘଜୀବନ ଓ ଶ୍ରୀବୃଦ୍ଧି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ମଧୁମୟ ପୁଣ୍ୟଦିବସ ରାଜ୍ୟର ସର୍ବତ୍ର ପବିତ୍ରତା ଓ ସମାରୋହ ସହକାରେ ବ୍ୟାପକ ଭାବରେ ପାଳିତ ହେବା ଲାଗି ଆଗରୁ ବିହିତ ବନ୍ଦୋବସ୍ତ କରାଯାଇଥିଲା ଏବଂ ଉତ୍ସବର ପରିଚାଳନା ପୂର୍ବ ପୂର୍ବ ବର୍ଷ ପରି ଜନ୍ମୋତ୍ସବ କମିଟି ଉପରେ ନ୍ୟସ୍ତ ଥିଲା। ମୟୂରଭଞ୍ଜର ରାଜଧାନୀ ବାରିପଦାରେ ଏହି ଉତ୍ସବ ଅତି ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା।



Digitized by srujanika@gmail.com

ପୂର୍ବାହ୍ନ ସାତଟା ସମୟରେ ବାରିପଦାର ନାଗରିକମାନେ ସ୍ଥାନୀୟ ପୋଲିସ ମଇଦାନରେ ସମବେତ ହୋଇଥିଲେ । ଦେବାନ ସାହେବଙ୍କ ସଭାପତିତ୍ୱରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା । ମୟୂରଭଞ୍ଜ ପତାକା ଉତ୍ତୋଳନ ଓ ସମ୍ମାନସୂଚକ ତୋପ ଧ୍ୱନି ପରେ ସଭାର କାର୍ଯ୍ୟ ଆରମ୍ଭ ହେଲା । ମୟୂରଭଞ୍ଜର ଜାତୀୟ ଗୀତ ବ୍ୟାଣ୍ଡ ବାଦ୍ୟରେ ବାଜି ଥିଲା ଏବଂ ତାହାରି ତାଲେ ତାଲେ ପୋଲିସ ଫୌଜ ପତାକା ଅଭିବାଦନ କରିଥିଲେ । ତତ୍ପରେ



ଶ୍ରୀମାନ୍ ମହାରାଜା ମହୋଦୟ ଓ ସମ୍ଭ୍ରାନ୍ତ ଭଦ୍ରଲୋକମାନେ ବାର୍ଷିକ ପୋଲିସ୍ ପେରେଡ୍ ଦେଖୁଛନ୍ତି ।

ବୈଦିକ ସ୍ତୋତ୍ରମାନ ଉଚ୍ଚାରିତ ହେଲା ଏବଂ ମହାରାଜାଙ୍କ ଉପରେ ଆଶିଷ ବର୍ଷଣ କରି ଶ୍ଳୋକମାନ ପଠିତ ହେଲା । ସଭାପତି ମହୋଦୟ ମହାରାଜା ଚାଳିଶ ବର୍ଷରେ ପ୍ରବେଶ କରୁଥିବାରୁ ତାଙ୍କୁ ଅଭିନନ୍ଦନ କରି ଏକ ପ୍ରସ୍ତାବ ଆଗତ କଲେ । ସଭାସ୍ଥ ସମସ୍ତେ ଦଣ୍ଡାୟମାନ ହୋଇ ପ୍ରସ୍ତାବଟି ଗ୍ରହଣ କରିଥିଲେ ।

ଜନ୍ମୋତ୍ସବ କମିଟିର ଆନୁକୂଲ୍ୟରେ ୮ଟା ୧୫ ମିନିଟରେ "ଗୁପ୍ତାର୍ଥସନ୍ଧାନ" ଆରମ୍ଭ ହେଲା । ନଗରର ବହୁ ଯୁବକଙ୍କୁ ଏହା ଅପରିସୀମ ଆମୋଦ ଯୋଗାଇ ଥିଲା ।

ବିଶିଷ୍ଟ ନାଗରିକମାନେ ଏବଂ ଦେବାନ ସାହେବ ପ୍ରମୁଖ ପ୍ରଧାନ କର୍ମଚାରୀବୃନ୍ଦ ରାଜଦର୍ଶନ ନିମନ୍ତେ ଦିବା ୧୦ ଘଟିକା ସମୟରେ ରାଜପ୍ରାସାଦରେ ଉପଗତ ହେଲେ । ଦେବାନ ମହାରାଜାଙ୍କୁ ଅଭିବାଦନ ଜଣାଇଲେ ଏବଂ ସାଧାରଣ ସଭାରେ ଗୃହୀତ ପ୍ରସ୍ତାବଟି ମହାରାଜାଙ୍କଠାରେ ଅର୍ପଣ କଲେ । ମହାରାଜା ମହୋଦୟ ତାଙ୍କର ସ୍ୱଭାବସୁଲଭ ସରଳତାର ସହିତ ଅଭିନନ୍ଦନପତ୍ରଟି ଗ୍ରହଣ କରିଥିଲେ । ତତ୍ପରେ କୌଳିକ ବିଧି ଅନୁଯାୟୀ କିଚକେଶ୍ୱରୀ ଦେବୀଙ୍କ ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଥିଲା ।

ଅବଶିଷ୍ଟ ଦିବା ଭାଗରେ ଏକ ଘଟନାକର୍ଷୀ ନିର୍ଘଣ୍ଟ ଅନୁଷ୍ଠିତ ହେଲା । ପ୍ରଦର୍ଶନୀ ପ୍ରାଙ୍ଗଣରେ ଦିବା ୧୧ଟା ସମୟରେ ସ୍ଥାନୀୟ ଫରେଷ୍ଟ କ୍ଲବର ଉଦ୍ୟୋଗରେ ଏକ ଗୃହପାଳିତ ପଶୁପକ୍ଷୀ ପ୍ରଦର୍ଶନୀର ଉଦ୍‌ଘାଟନ ହେଲା । ନାନା ଜାତିର ଷଣ୍ଢ, ମହିଷ, ଛେଳି, କୁକୁଡ଼ା ଓ ଅନ୍ୟାନ୍ୟ ଗୃହପାଳିତ ପଶୁପକ୍ଷୀ ଏ ପ୍ରଦର୍ଶନୀକୁ ଆନୀତ ହୋଇଥିଲେ ।

ଅପରାହ୍ଣ ସମୟରେ ପୋଲିସ ମଇଦାନରେ ବାର୍ଷିକ ପୋଲିସ ପେରେଡ୍ ଅନୁଷ୍ଠିତ ହୋଇଥିଲା । ଶ୍ରୀମାନ୍ ମହାରାଜା ମହୋଦୟ ସଭାପତିର ଆସନ ଅଲଙ୍କୃତ କରିଥିଲେ । ରାଜପରିବାରର ସମ୍ଭ୍ରାନ୍ତ ବ୍ୟକ୍ତି ଓ ନଗରର ଗଣ୍ୟମାନ୍ୟ ଲୋକେ ସଭାରେ ଉପସ୍ଥିତ ଥିଲେ । [illegible] ପୋଲିସ ଫୌଜ ପେରେଡ୍ ଦେଖାଇବା ପରେ ଗତ ବର୍ଷ ପୋଲିସ ବିଭାଗର ଯେଉଁ କର୍ମଚାରୀମାନେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ ସେମାନଙ୍କୁ ମହାରାଜା ମହୋଦୟ ସ୍ୱହସ୍ତରେ ପୁରସ୍କାର ବିତରଣ କରିଥିଲେ । ପୋଲିସ ବିଭାଗ ଅତିଥିମାନଙ୍କୁ ଏକ ଚା-ଭୋଜୀ ଦେଇଥିଲେ ।

ଡେଭେଲପ୍‌ମେଣ୍ଟ ବିଭାଗର ଉଦ୍ୟୋଗରେ ଅନୁଷ୍ଠିତ ମୟୂରଭଞ୍ଜ କୃଷି ଓ ଶିଳ୍ପ ପ୍ରଦର୍ଶନୀ ସନ୍ଧ୍ୟା ୬ଟା ସମୟରେ ଉଦ୍‌ଘାଟିତ ହୋଇଥିଲା ।

ସେ ଦିନ ସନ୍ଧ୍ୟାବେଳେ ନଗରର ପ୍ରତି ଗୃହ ଆଲୋକମାଳାରେ ବିଭୂଷିତ ହୋଇ ଏକ ଅନିର୍ବଚନୀୟ ଶୋଭା ଧାରଣ କରିଥିଲା । ନଗରସଙ୍କୀର୍ତ୍ତନ ସହର ପରିକ୍ରମଣ କରିଥିଲା । ଆଦିମ ଅଧିବାସୀମାନେ ମଧ୍ୟ ଉତ୍ସବରେ ସେମାନଙ୍କର ଭାଗ ନେଇଥିଲେ । ବାଦ୍ୟ ଓ ଗୀତ ଲହରୀରେ ସାରା ରାତି ସହରଟି ମୁଖରିତ ହୋଇଥିଲା ।

ରାତିରେ ନଗରର କର୍ମଚାରୀ ଓ ଭଦ୍ରଲୋକମାନେ ରାଜପ୍ରାସାଦରେ ଏକ ଭୋଜୀକୁ ନିମନ୍ତ୍ରିତ ହୋଇଥିଲେ ।


ବିଭିନ୍ନ ସବ୍-ଡିଭିଜନ କେନ୍ଦ୍ରରେ ମଧ୍ୟ ଏ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

୨୮ ତାରିଖ ଦିନ ଉତ୍ସବ ଉପଲକ୍ଷରେ ଜନ୍ମୋତ୍ସବ କମିଟି ବାରିପଦାରେ ଅନେକ ଦୁଃଖୀରଙ୍କୀ, ପୁରୁଷ, ସ୍ତ୍ରୀ ଓ ବାଳକ ବାଳିକାଙ୍କୁ ଭୋଜୀ ଦେଇଥିଲେ । ଦେବାନ ସାହେବ ତାଙ୍କ ଆବାସରେ ନଗରର ବିଶିଷ୍ଟ ଭଦ୍ରବ୍ୟକ୍ତି ଓ କର୍ମଚାରୀମାନଙ୍କୁ ଗୋଟିଏ ଚା-ଭୋଜୀ ଦେଇଥିଲେ । ମହାରାଜା ମହୋଦୟ ମୁଖ୍ୟ ଅଭ୍ୟାଗତ ଥିଲେ । ରାଉତରାୟ ସାହେବ ଶ୍ରୀଦାମ ଚନ୍ଦ୍ର ଭଞ୍ଜ



Digitized by srujanika@gmail.com

ଦେବ ପ୍ରମୁଖ ରାଜପରିବାରର ସମ୍ଭ୍ରାନ୍ତ ବ୍ୟକ୍ତିଗଣ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ଭୋଜୀ ସମୟରେ ବ୍ୟାଣ୍ଡବାଦ୍ୟ ବାଜିଥିଲା । ପୁରସ୍କାରମାନ ବିତରଣ କରିଥିଲେ । ଶିଶୁମାନଙ୍କ ମଧ୍ୟରେ ଖେଳନା, ଫଳ ଓ ମିଷ୍ଟାନ୍ନ ମଧ୍ୟ ବଣ୍ଟା ଯାଇଥିଲା ।



ଶିଶୁମିଳନରେ ସମବେତ ବାଳକ ବାଳିକାମାନେ ।

ଫଟୋ—ଶ୍ରୀଯୁକ୍ତ ସୀତାନାଥ ମହାନ୍ତି

ମାର୍ଚ୍ଚ ୧୦ ତାରିଖ ଠାରୁ କ୍ରମାଗତ ସାତରାତ୍ରି ଧରି ଜୁବିଲି ଲାଇବ୍ରେରୀ ପଡ଼ାରେ ପାଲା ଗାଆଣ ହୋଇଥିଲା । ଅନେକ କର୍ମଚାରୀ ଓ ନାଗରିକଙ୍କୁ ଏହା ଆମୋଦ ଯୋଗାଇ ଥିଲା ।

୨ ତାରିଖ ଦିନ ପୋଲିସ ପଡ଼ିଆରେ ପୂର୍ଣ୍ଣଚନ୍ଦ୍ର-ସ୍କୁଲ କ୍ରୀଡ଼ା-ପ୍ରତିଯୋଗିତା ଅନୁଷ୍ଠିତ ହୋଇ-ଥିଲା । ମେଜର ପାଣ୍ଡେ ଏ ଉତ୍ସବରେ ସଭାପତି ହୋଇ ପୁରସ୍କାର ବିତରଣ କରିଥିଲେ । ସ୍ଥାନୀୟ ଇଉନାଇଟେଡ ବ୍ରାଦାରହୁଡ଼୍ କ୍ଲବର ଶ୍ରୀଯୁକ୍ତ ଏଇଚ. କେ. ସାମଲ ସର୍ବଶ୍ରେଷ୍ଠ ପ୍ରତିଯୋଗୀର ରୌପ୍ୟ ପଦକ ପାଇଥିଲେ । ପୋଲ୍ ଭଲ୍ଟ ଏବଂ ଅବଷ୍ଟାକଲ୍ ଦୌଡ଼ ବଡ଼ କୌତୁକପ୍ରଦ ହୋଇଥିଲା ।

ସ୍ଥାନୀୟ କର୍ମଚାରୀ ଓ ଭଦ୍ର ବ୍ୟକ୍ତିମାନେ ମିଳି ରାତିରେ ଭିକ୍ଟୋରିଆ ଡ଼ାଇମଣ୍ଡ ଜୁବିଲି ଲାଇବ୍ରେରୀ ପ୍ରାଙ୍ଗଣରେ 'ମରହଟ୍ଟା ମେବାର' ନାମକ ଏକ ନାଟକ ଅଭିନୟ କରିଥିଲେ । ମହାରାଜା ମହୋଦୟ ଏବଂ ରାଜ-ପରିବାରର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଅଭିନୟଟି ଚିତ୍ତାକର୍ଷକ ହୋଇଥିଲା ।

ମାର୍ଚ୍ଚ ୧ ତାରିଖ ଉପରୋକ୍ତ ଲାଇବ୍ରେରୀ ପ୍ରାଙ୍ଗଣରେ ଫ୍ରେଣ୍ଡସ୍ ରିକ୍ରିଏସନ୍ କ୍ଲବର ଉଦ୍ଯୋଗରେ ଏକ ଶିଶୁ-ମିଳନୀ ଅନୁଷ୍ଠିତ ହୋଇଥିଲା । ମିଳନୀରେ ୩୦୦ ସୁନ୍ଦର ସୁସ୍ଥ ଓ ପ୍ରଫୁଲ୍ଲ ଶିଶୁ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଓ ଚତୁରତା ଦୃଷ୍ଟିରୁ ସେମାନଙ୍କୁ ପୁରସ୍କାର ଦିଆ ଯାଇଥିଲା । ଦେୱାନ ସାହେବ




ପାଲା ଗାଉଣ ।

ଫଟୋ—ଶ୍ରୀଯୁକ୍ତ ସୀତାନାଥ ମହାନ୍ତି



Digitized by srujanika@gmail.com

ଉପର ଓଳ ଜୁବୁଲି ଲାଇବ୍ରେରୀ ପ୍ରାଙ୍ଗଣରେ ଫରବାର୍ଡ କ୍ଲବ ବାଳକବାଳକାମାନଙ୍କ ପାଇଁ କ୍ରୀଡ଼ାକୌତୁକର ଅୟୋଜନ



ଫରୱାର୍ଡ କ୍ଲବ ତରଫରୁ ଅନୁଷ୍ଠିତ କ୍ରୀଡ଼ାକୌତୁକର ପ୍ରତିଯୋଗିତାରେ ପୁରସ୍କୃତ ବାଳକ ବାଳିକାମାନେ ।

ବେଳେ ଯାମସେଦପୁର ଟାଟା ଆଇରନ୍ ଏଣ୍ଡ୍ ଷ୍ଟିଲ ଓ୍ୱାର୍କସ୍‌ର ଜେନେରେଲ ମେନେଜର ଶ୍ରୀଯୁକ୍ତ ଜେ. ଜେ. ଗାନ୍ଧିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ଉତ୍ସବରେ ମହାରାଜା, ରାଜ-ପରିବାରର ସମ୍ଭ୍ରାନ୍ତ-ବ୍ୟକ୍ତି, ଦେୱାନ ସାହେବ ଓ ବହୁ ସଂଖ୍ୟକ ନାଗରିକ ଉପସ୍ଥିତ ଥିଲେ ।

ଶ୍ରୀଯୁକ୍ତ ଗାନ୍ଧିଙ୍କୁ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ନିମନ୍ତେ ଅନୁରୋଧ କରିବାକୁ ଯାଇ ଡେଭଲପ୍‌ମେଣ୍ଟ ବିଭାଗର ଡିରେକ୍ଟର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ କହିଥିଲେ ଯେ ଏହି ଶୁଭ ଲଗ୍ନରେ ଶିଳ୍ପ, କୃଷି ଓ ଗୃହ-କଳାର ଏକ ପ୍ରଦର୍ଶନୀ ଖୋଲିବାର କଳ୍ପନା ସର୍ବପ୍ରଥମ ୧୯୩୫ ମସିହାରେ ଫଳବତୀ ହେଲା । ସେହି ସମୟରୁ ଏହା ଆମୋଦ ପ୍ରମୋଦର ଆବେଷ୍ଟନୀ ମଧ୍ୟରେ ଶିକ୍ଷାଦାନ ଲାଗି ଏକ ବାର୍ଷିକ ଅନୁଷ୍ଠାନ ହୋଇ ଉଠିଛି ।

ପୃଥିବୀର ଯେଉଁ ଗୁରୁତର ଘଟଣାର ସ୍ମୃତିରେ ଏହି

କରିଥିଲେ । ସେଥିରେ ଅନେକ ବାଳକ-ବାଳିକା ଯୋଗ ଦେଇଥିଲେ । ଡେଭଲପ୍‌ମେଣ୍ଟ ବିଭାଗର ଡିରେକ୍ଟର ମହୋଦୟ ସଭାପତି ହୋଇ ପୁରସ୍କାର ବିତରଣ କରିଥିଲେ ।

ମାର୍ଚ୍ଚ ୫ ତାରିଖ ଦିନ କୃଷି-ଶିଳ୍ପ ପ୍ରଦର୍ଶନୀ ବନ୍ଦ ହେବା ସଙ୍ଗେ ସଙ୍ଗେ ଜନ୍ମୋତ୍ସବର ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ମୟୂରଭଞ୍ଜ କୃଷି ଶିଳ୍ପ ପ୍ରଦର୍ଶନୀ

ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ମହୋଦୟଙ୍କ ତତ୍ତ୍ୱାରଂଶ ଜନ୍ମୋତ୍ସବର ନାନା ଆନନ୍ଦ ଉତ୍ସବ ମଧ୍ୟରେ ମୟୂରଭଞ୍ଜର କୃଷି-ଶିଳ୍ପ ପ୍ରଦର୍ଶନୀ ଫେବ୍ରୁୟାରୀ ୨୬ ତାରିଖ ଦିନ ସନ୍ଧ୍ୟା-



ପ୍ରଦର୍ଶନୀ ପ୍ରାଙ୍ଗଣ । ଫଟୋ—ଶ୍ରୀଯୁକ୍ତ ସୀତାନାଥ ମହାନ୍ତି



Digitized by srujanika@gmail.com

ପ୍ରଦର୍ଶନୀର ଆୟୋଜନ କରା ଯାଇଅଛି ତାହା ଉଲ୍ଲେଖ କରି ଶ୍ରୀଯୁକ୍ତ ଦାସ କହିଥିଲେ, "ଏହି ଇଉରୋପୀୟ ସମର ନାଜୀ ଓ ଫାସିଷ୍ଟମାନଙ୍କର ରାଜ୍ୟାଧିକାର ପିପାସାରୁ ଜନ୍ମିଛି ଏବଂ ଏକାକୀ ବ୍ରିଟେନ୍ ସେମାନଙ୍କ ସହିତ ବୀରତ୍ୱ ଓ ସଫଳତାର ସହିତ ଲଢ଼ୁଛି । ପୃଥିବୀର ଚାରିଆଡ଼େ ଏହି ଯୁଦ୍ଧର ପ୍ରତିକ୍ରିୟା ମାଡ଼ିଗଲାଣି । ଏହା ଜଗତରେ ବାଣିଜ୍ୟ ବ୍ୟବସାୟର ସାଧାରଣ ଗତିକୁ ସମ୍ପୂର୍ଣ୍ଣରୂପେ ବିଶୃଙ୍ଖଳ କରି ଦେଇଛି । କେତେକ ପ୍ରୟୋଜନୀୟ ଦ୍ରବ୍ୟ ପାଇବାରେ ଅତ୍ୟନ୍ତ କଠିନ ହେବାରୁ ଆମର ଶିଳ୍ପ ଓ କୃଷି ଉପରେ ଦାରୁଣ ଆଘାତ ବାଜିଛି । ଯୁଦ୍ଧର ପ୍ରୟୋଜନ ତୁଲାଇବାକୁ ଯାଇ ଦେଶର ସୀମାବଦ୍ଧ ଆର୍ଥିକ ବିଭବ ଉପରେ ଚାପ ପଡ଼ିଛି ଏବଂ ଏ ବର୍ଷ ଏହି ପ୍ରଦର୍ଶନୀ ପରିଚାଳନା କରିବାକୁ ଯାଇ ଆମ୍ଭମାନଙ୍କୁ ଏହି ସବୁ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି ।" ସେ ଡେଭଲପ୍‌ମେଣ୍ଟ ବିଭାଗର କେତେକ କର୍ମଚାରୀଙ୍କର ଉତ୍ସାହ ଓ ଅଧ୍ୟବସାୟ ଏବଂ ମୟୂରଭଞ୍ଜ ବାହାରର ବନ୍ଧୁମାନଙ୍କର ସହାନୁଭୂତି ଲାଗି ଆନନ୍ଦ ପ୍ରକାଶ କରିଥିଲେ । ପାଟନା, ଦଶପଲ୍ଲା ଓ ବୌଦ୍ଧ ଦରବାରମାନେ ଏଥିରେ ଯୋଗ ଦେଇ ଉତ୍ସାହିତ କରିଥିବାରୁ ସେ ସେମାନଙ୍କର କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ସେ କ୍ରମେ ଅନ୍ୟାନ୍ୟ ପ୍ରତିବେଶୀ ରାଜ୍ୟମାନଙ୍କର ସହଯୋଗ ପାଇ ପାରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ମହାରାଜା ସାହେବ, ଭଦ୍ରବୃନ୍ଦ ଓ ଭଦ୍ର ମହିଳାମାନଙ୍କୁ ସମ୍ବୋଧନ କରି ଶ୍ରୀଯୁକ୍ତ ଗାନ୍ଧୀ କହିଥିଲେ :—

"ମହାରାଜା ସାହେବ ! ଆପଣଙ୍କର ଜନ୍ମ ଦିବସ ଉପଲକ୍ଷରେ ମୁଁ ଆପଣଙ୍କୁ ମୋର ସହୃଦୟ ଅଭିବାଦନ ଜଣାଉଅଛି । ଆପଣଙ୍କର ଅଭିଜ୍ଞ ଓ କରୁଣାମୟ ଶାସନ ଦ୍ୱାରା ପ୍ରଜାମାନଙ୍କର ହିତ ସାଧନ କରିବା ଲାଗି ଆପଣ ଦୀର୍ଘକାଳ ପରମାୟୁ ଲାଭ କରନ୍ତୁ ।

"ମହିଳାଗଣ ଓ ଭଦ୍ର ମଣ୍ଡଳୀ, ଆପଣମାନେ ମୋ ସହିତ ଏକମତ ହେବେ ଯେ ମୟୂରଭଞ୍ଜ ରାଜ୍ୟର ରାଜଧାନୀ ବାରିପଦା ଦେଖିବା ଲାଗି ଏହାଠାରୁ ବଳି ମଧୁର ସମୟ ମୁଁ ବାଛି ପାରି ନ ଥାନ୍ତି । କେତେ ବର୍ଷ ତଳେ ମୁଁ ରାଞ୍ଚିପୁର ଯାଉଥିବା ସମୟରେ ଏହି ରାଜଧାନୀ ଅତିକ୍ରମ କରି ଯାଇଥିଲି । କିନ୍ତୁ ଏପରି ଦଣ୍ଡକର ଦେଖା—ବିଶେଷତଃ ଗୋଟିଏ ସୁନ୍ଦର ସ୍ଥାନ ପକ୍ଷରେ—ଯଥେଷ୍ଟ ନୁହେଁ । ଆପଣମାନଙ୍କ ମଧ୍ୟରୁ ଅନେକ ଏ ସ୍ଥାନର ଚମତ୍କାର ଅବସ୍ଥିତି ଓ ମହାରାଜା ସାହେବ ଯେଉଁ ସୁବିଧା-ସୁଯୋଗ ଦେଇଛନ୍ତି ସେ ସମସ୍ତ ନିଜେ ଦେଖି ଯିବାର ବାସନା ସ୍ୱଭାବତଃ ଥିଲା । ଏଣୁ ମହାରାଜାଙ୍କ ପକ୍ଷରୁ ମେଜର ପାଣ୍ଡେ ଯେତେବେଳେ ଏହି ଶୁଭ ଲଗ୍ନରେ ବାରିପଦାକୁ ଆସି ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବ ସମ୍ପାଦନ କରିବାକୁ ମୋତେ ନିମନ୍ତ୍ରଣ କଲେ ମୁଁ ଅତ୍ୟନ୍ତ ଆନନ୍ଦର ସହିତ ତାହା ଗ୍ରହଣ କଲି । ଆପଣଙ୍କର ସଦୟ ନିମନ୍ତ୍ରଣ ନିମନ୍ତେ, ମହାରାଜା ସାହେବ, ମୁଁ ଆପଣଙ୍କଠାରେ କୃତଜ୍ଞ ।

"ଆପଣମାନେ ସମସ୍ତେ ଜାଣିଥିବେ, ମୟୂରଭଞ୍ଜର ଗୋରୁମହିଷାଣୀ ଲୌହଖଣି ସର୍ବପ୍ରଥମେ ଆମ୍ଭମାନଙ୍କର ଦୃଷ୍ଟିପଥାରୂଢ଼ ହୁଏ । ପ୍ରଧାନତଃ ଏହି ଆବିଷ୍କାର ହିଁ ଯାମସେଦପୁରରେ ଆମର ଲୌହ କାରଖାନା ସ୍ଥାପନ କରିବା ନିମନ୍ତେ ପ୍ରେରଣା ଦେଇଥିଲା । ତତ୍‌ପରେ ରାଜ୍ୟର ଅନ୍ୟତ୍ର ମଧ୍ୟ ଖଣି ଆବିଷ୍କୃତ ହେଲା । ତନ୍ମଧ୍ୟରୁ ଆଜିକାଲି ବାଦାମପାହାଡ଼ ଓ ସୁଲେଇପାଟରେ କାର୍ଯ୍ୟ ଚାଲିଛି । ଏହିରୂପେ ଆମ୍ଭମାନଙ୍କୁ ଲୌହ ପ୍ରସ୍ତର ଯୋଗାଉଥିବା ଖଣି ଗୁଡ଼ିକ ମଧ୍ୟରୁ ତିନୋଟି ମୟୂରଭଞ୍ଜରେ ଅବସ୍ଥିତ ।

"ମୁଁ ଆନନ୍ଦର ସହିତ ପ୍ରକାଶ କରେଁ ଯେ ଷ୍ଟିଲ କମ୍ପାନୀର ପ୍ରାରମ୍ଭ କ୍ଷଣରୁ ମୟୂରଭଞ୍ଜ ସହିତ ଆମ୍ଭମାନଙ୍କର ସମ୍ପର୍କ ମଧୁର ଓ



କୃଷକ । ଫଟୋ—ଶ୍ରୀଯୁକ୍ତ ସୀତାନାଥ ମହାନ୍ତି
ପନ୍ଦର ବର୍ଷ ବୟସ୍କ ଜଣେ ବାଳକ ଦ୍ୱାରା ପ୍ରଦର୍ଶିତ ମାଟିର ମଡ଼େଲ ।

ସହୃଦୟ ରହିଅଛି ଏବଂ ଭବିଷ୍ୟତରେ ମଧ୍ୟ ତାହା ସେହିପରି ରହିବା ସମ୍ବନ୍ଧରେ ମୋର ଅଣୁମାତ୍ର ସଂଶୟ ନାହିଁ ।"

ରାଜପରିବାରର ସମ୍ଭ୍ରାନ୍ତବ୍ୟକ୍ତି ଓ ଦେବାନଙ୍କ ସଙ୍ଗେ ମହାରାଜା ମହୋଦୟ ଓ ଶ୍ରୀଯୁକ୍ତ ଗାନ୍ଧୀ ପ୍ରଦର୍ଶନୀର ଦ୍ରବ୍ୟମାନ




Digitized by srujanika@gmail.com

ପର୍ଯ୍ୟବେକ୍ଷଣ କରିବାରେ ପ୍ରାୟ ଏକ ଘଣ୍ଟା ଅତିବାହିତ କଲେ । ସେମାନେ ଦଶପଲ୍ଲା, ପାଟଣା, ଖଣ୍ଡପଡ଼ା, ବୌଦ ଓ ମୟୂରଭଞ୍ଜ ରାଜ୍ୟର ଜିନିଷ ଗୁଡ଼ିକର ସାଜସଜ୍ଜା ଦେଖି ଅତ୍ୟନ୍ତ ପ୍ରୀତ ହୋଇଥିଲେ ।

ଏକ ସପ୍ତାହକାଲ ପ୍ରଦର୍ଶନୀଟି ସାଧାରଣତଃ ଦିନ ୨ ଟା ଠାରୁ ରାତି ୯ ଟା ପର୍ଯ୍ୟନ୍ତ ଖୋଲା ରହୁଥିଲା ଓ ପ୍ରତିଦିନ ବହୁସଂଖ୍ୟକ ଲୋକ ଏହା ଦେଖିବାକୁ ରୁଣ୍ଡ ହେଉଥିଲେ ।

ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନର ପ୍ରାଙ୍ଗଣରେ ମହା-ସମାରୋହରେ ମେଳାଟି ବସିଥିଲା । ପୂର୍ବ ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ପ୍ରଦର୍ଶନୀର ବ୍ୟବସ୍ଥା ଓ ସାଜସଜ୍ଜା ଅଧିକ ସୁନ୍ଦର ଓ ସନ୍ତୋଷଜନକ ହୋଇଥିଲା । ରାଜ୍ୟର ସର୍ବାଞ୍ଚଳରୁ ପ୍ରଦର୍ଶକମାନେ ସେମାନଙ୍କର କୃଷି ଓ ଶିଳ୍ପଜାତ ଉତ୍କୃଷ୍ଟ ଜିନିଷମାନ ନେଇ ଆସିଥିଲେ ।

ଷ୍ଟଲଗୁଡ଼ିକ ବିଭିନ୍ନ ଶ୍ରେଣୀରେ ବିଭକ୍ତ ଥିଲା । କୃଷି-ବିଭାଗରେ କେନ୍ଦ୍ର କୃଷି-ଫାର୍ମ, ଆଦର୍ଶ କୃଷି-କ୍ଷେତ୍ର ଓ ସାଧାରଣ



ପ୍ରଦର୍ଶନୀକୁ ଆଣୀତ କୃଷି-ସମ୍ଭାରର ଏକାଂଶ ।

କୃଷକମାନଙ୍କ ଉଦ୍ୟମରେ ଉତ୍ପନ୍ନ ନାନାଜାତୀୟ ଶସ୍ୟ ଗୋଟିଏ ସ୍ଥାୟୀ ସ୍ଥଳରେ ସଜ୍ଜିତ କରି ରଖା ଯାଇଥିଲା । ତନ୍ମଧ୍ୟରୁ ଫଳ, ଶାକସବ୍‌ଜି, ଉତ୍କୃଷ୍ଟ ଧାନ, ଡାଲି, ଚିନା-ବାଦାମ, ଆଖୁ ଓ ଗୁଡ଼ ଇତ୍ୟାଦି ପ୍ରଧାନ । ପ୍ରଦର୍ଶନୀକୁ ଆସିଥିବା କୁଟୀର-ଶିଳ୍ପସମୂହ ମଧ୍ୟରେ କପା ଜିନିଷ, ହସ୍ତକର୍ମ, କଂସା ପିତ୍ତଳର ବାସନ ଓ ଇଟା-ଗୁଡ଼ ଇତ୍ୟାଦି ପ୍ରଧାନ । ପୂର୍ଣ୍ଣଚନ୍ଦ୍ର ଶିଳ୍ପସଦନ ଓ ତଖତପୁର ଫାର୍ମରେ ତିଆରି ରେଶମ ଓ ପଶମ ଦ୍ରବ୍ୟମାନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ପଲ୍ଲୀ-କେନ୍ଦ୍ରମାନଙ୍କରୁ ଆସିଥିବା ସୂତା ଓ ତସର-



ଏବେ ବର୍ଷରେ ବୃଦ୍ଧ ମାତ୍ରେ ମୂଆ ଯନ୍ତ୍ର ପାରୁ ନାହିଁ । କୃଷି ବିଭାଗ ସାହାଯ୍ୟରେ ଉତ୍ପନ୍ନ ଏକ ନୂତନ ଫସଲ ଆମଦାନୀ କରି ପ୍ରଦର୍ଶନୀକୁ ଆଣିଛି । ସଙ୍ଗରେ ପୁଅ, ନାତି ଓ ଅଣନାତିମାନେ ।

ଲୁଗା ଗୁଡ଼ିକରୁ ମ୍ରିୟମାଣ ଶିଳ୍ପର ପୁନରୁତ୍ଥାନ ଦିଗରେ ଶିଳ୍ପ-ବିଭାଗର ଉଦ୍ୟମ କି ଭଳି ସଫଳ ହୋଇଅଛି ତାହା ଜଣା ପଡ଼ୁଥିଲା । ବୌଦର ଟେବୁଲ-ଚଦର ଓ ତକିଆ ଏବଂ ପାଟଣା ଷ୍ଟେଟର ସୁରୁଚିସମ୍ପନ୍ନ ଦ୍ୱାରପର୍ଦ୍ଦା ଓ ଦରି ଚିତ୍ତାକର୍ଷକ ହୋଇଥିଲା । ରାଜ୍ୟର ପଶୁଚିକିତ୍ସା, ଉଦ୍ଭିଦ-ତତ୍ତ୍ୱ, ଫରେଷ୍ଟ, ଜେଲ ଓ ଶିକ୍ଷା-ବିଭାଗ ଗୁଡ଼ିକ ମଧ୍ୟ ପ୍ରଦର୍ଶନୀରେ ଯୋଗ ଦେଇଥିଲେ । ସ୍କୁଲବିଭାଗରେ ଅନେକ ସୁନ୍ଦର ସୁନ୍ଦର ଜିନିଷ ରଖା ଯାଇଥିଲା । ମୋଫସଲ ବିଦ୍ୟାଳୟମାନଙ୍କରୁ ଚିତ୍ର, ମାନଚିତ୍ର, କୁଟୀରଶିଳ୍ପ ପ୍ରଭୃତି ଅନେକ ଜିନିଷ ସଂଗୃହୀତ ହୋଇଥିଲା ପୁଷ୍ପ-ପ୍ରଦର୍ଶନୀ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା ।

କୃଷି-ବିଭାଗ ଓ ଶିଳ୍ପ ବିଭାଗର ଉଦ୍ୟମରେ ପଲ୍ଲୀବାସୀଙ୍କୁ ଉନ୍ନତ କୃଷି ପ୍ରଣାଳୀ ଓ ବୟନ ଶିଳ୍ପ ବୁଝାଇ ଦେବାର ବନ୍ଦୋବସ୍ତ କରି ଯାଇଥିଲା ।

ପ୍ରଦର୍ଶନୀର ଶେଷ ଉତ୍ସବ ମାର୍ଚ୍ଚ ୫ ତାରିଖରେ ସୁସଜ୍ଜିତ ମଣ୍ଡପ ତଳେ ଅନୁଷ୍ଠିତ ହୋଇଥିଲା । ରାଜକର୍ମଚାରୀ, ଛାତ୍ର ଓ ନାଗରିକମାନେ ବହୁ ସଂଖ୍ୟାରେ ସେଠାରେ ସମବେତ ହୋଇ ଥିଲେ । ଦେବାନ ସାହେବ ସଭାପତିର ଆସନ ଅଳଂକୃତ



Digitized by srujanika@gmail.com

କରିଥିଲେ। ଡେଭଲପମେଣ୍ଟ ବିଭାଗର ଡିରେକ୍ଟର ମହୋଦୟ ତାଙ୍କ ରିପୋର୍ଟରେ ରାଜ୍ୟର ପ୍ରଜାମାନଙ୍କୁ ସାହାଯ୍ୟ କରିବା ପାଇଁ



ଶିଳ୍ପ ବିଭାଗ ଦ୍ୱାରା ପ୍ରଦର୍ଶିତ ସ୍ଥଳ, ଚମଡ଼ା ଓ ଶିଳ୍ପ ବିଭାଗ ସମ୍ଭାର।

କୃଷି ଓ ଶିଳ୍ପ ବିଭାଗ ଯେଉଁ ଯେଉଁ ଉଦ୍ୟମ କରୁଅଛନ୍ତି ତାହା ବର୍ଣ୍ଣନା କରିଥିଲେ। ତାଙ୍କର ପ୍ରାନ୍ତ ଭାଷଣ ଏହି ସଂଖ୍ୟାର ଅନ୍ୟତ୍ର ପ୍ରକାଶିତ ହୋଇଅଛି।

ସଭାପତି ମେଜର ବି. ପି. ପାଣ୍ଡେ ତାଙ୍କର ଅଭିଭାଷଣରେ ପ୍ରଦର୍ଶନୀର ଉଦ୍‌ଯୋକ୍ତାମାନଙ୍କର ଉତ୍ସାହ ଓ କର୍ତ୍ତବ୍ୟପରାୟଣତାକୁ ପ୍ରଶଂସା କରିଥିଲେ ଏବଂ ପାଟନା, ବୌଦ, ଖଣ୍ଡପଡ଼ା ଓ ଦଶପଲ୍ଲା ରାଜ୍ୟମାନେ ପ୍ରଦର୍ଶନୀକୁ ନାନା ଦ୍ରବ୍ୟ ପଠାଇ ସାଫଲ୍ୟ-ମଣ୍ଡିତ କରିଥିବାରୁ ଏବଂ ଶ୍ରୀଯୁକ୍ତ ଜେ. ଜେ. ଗାନ୍ଧି ନାନା କାର୍ଯ୍ୟ-ନିର୍ବନ୍ଧ ସତ୍ତ୍ୱେ ପ୍ରଦର୍ଶନୀର ଦ୍ୱାରୋଦ୍‌ଘାଟନ ସମ୍ପାଦନ କରିଥିବାରୁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ଓ ଶିଳ୍ପର ଉନ୍ନତି ଦିଗରେ ମୟୂରଭଞ୍ଜର ପ୍ରତିଷ୍ଠା ବିଷୟର ଉଲ୍ଲେଖ କରି ସେ କହିଥିଲେ "ଲୋକଙ୍କର ଅର୍ଥନୈତିକ ଜୀବନରେ ଯେଉଁ ପୁରୁଣା ନୀତି ଅନୁସୃତ ହେଉଥିଲା ତାହା ଅନେକ ଦିନରୁ ପରିତ୍ୟକ୍ତ ହୋଇଅଛି ଏବଂ ସରକାର ଶକ୍ତି ଅନୁଯାୟୀ ପ୍ରଜାର ମଙ୍ଗଳ କଲ୍ପେ ସର୍ବବିଧ ସୁବିଧା ଯୋଗାଇଦେବା ଉଚିତ, ଏହା ସର୍ବବାଦୀସମ୍ମତ ହୋଇଅଛି। ଏହି ପ୍ରାଚ୍ୟ ଧାରଣା ନୂତନ ପରିକଳ୍ପିତ ଅର୍ଥନୀତିର କାରଣ ହୋଇ ପାଶ୍ଚାତ୍ୟ ଶାସନତନ୍ତ୍ରରେ ଆଗ୍ରହ ଲାଭ କରିଅଛି। ସମସ୍ତର ଗୁରୁତ୍ୱ ପ୍ରାଚ୍ୟଖଣ୍ଡର ବିଶେଷତଃ ଭାରତର ଶାସନତନ୍ତ୍ରରେ ଏ ଧରଣର ପରିବର୍ତ୍ତନ ଅବଶ୍ୟ ଅପେକ୍ଷା କରୁଅଛି।"

ସେ ଆହୁରି କହିଥିଲେ "ମଧ୍ୟଯୁଗରୁ ଅର୍ଥନୀତିର ଏହି ଯେଉଁ ଆଧୁନିକ ପରିବର୍ତ୍ତନ ଘଟିଛି ତାହା ଫଳରେ ପୃଥିବୀର ଅର୍ଥ-ନୀତିରେ ଭାରତ ନିଃସନ୍ଦେହ ଭାବରେ ସ୍ଥାନ ପାଇଅଛି. ମାତ୍ର ଏ ପରିବର୍ତ୍ତନ ସତ୍ତ୍ୱେ ପଲ୍ଲୀହିଁ ଭାରତରେ ଅର୍ଥନୈତିକ ମୂଳଦୁଆ ହୋଇ ରହିଛି। ଏହି ପରିବର୍ତ୍ତନ ବହୁ ପ୍ରକାରରେ ପଲ୍ଲୀସମୂହର ଅର୍ଥନୈତିକ କଳକବଜାକୁ ଓଲଟ ପାଲଟ କରି ଦେଇଛି। ବର୍ତ୍ତମାନ ଭାରତକୁ ବାହାରର ଦେଶ ଗୁଡ଼ିକ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ୁଛି ଓ ଫଳରେ ଅନେକ ଗୃହଶିଳ୍ପ—ଯାହା ଲାଗି ଏ ଦେଶ ଖ୍ୟାତ ଲଭି ଥିଲା ଓ ପଲ୍ଲୀଗୁଡ଼ିକ ଯହିଁର ଉତ୍ପାଦନ କେନ୍ଦ୍ର ଥିଲା—ଲୁପ୍ତ ହେବାକୁ ବସିଛି। ଭାରତ ସେଥିପ୍ରତି ନଜର ନ ଦେଇ କ୍ରମେ ବାହାରର ଶିଳ୍ପାନୁଷ୍ଠାନଗୁଡ଼ିକୁ ପଣ୍ୟଦ୍ରବ୍ୟ ଯୋଗାଇବାରେ ବ୍ୟସ୍ତ। ପଲ୍ଲୀଗୁଡ଼ିକ ବାହାରର ଅର୍ଥନୀତି ଆଡ଼କୁ ଅବାଧରେ ଟାଣି ହୋଇ ଯିବା ସଙ୍ଗେ ସଙ୍ଗେ ନିଜର ଆର୍ଥିକ ଆତ୍ମନିର୍ଭରଶୀଳତା



ପ୍ରଦର୍ଶନୀର ଶେଷ ଉତ୍ସବ। ଉତ୍ସବର ପୁରୋଧା ବି. ପି. ପାଣ୍ଡେ ଆସୀନ।
ବାମରେ ଡେଭଲପ୍‌ମେଣ୍ଟ୍ ବିଭାଗର ଡିରେକ୍ଟର
ଶ୍ରୀଯୁକ୍ତ ଆର୍. କେ. ଦାସ ଦଣ୍ଡାୟମାନ।



Digitized by srujanika@gmail.com

ହରାଇ ବସିଛନ୍ତି । ଏହି ପରିବର୍ତ୍ତନର ବିଷମୟ ଫଳ ସ୍ପଷ୍ଟ ଭାବରେ ଦେଖା ଯାଉଅଛି ଓ ବର୍ତ୍ତମାନ କୃଷି ଓ ଶିଳ୍ପର ଉନ୍ନତି ଫେରାଇ ଆଣି ଗ୍ରାମ୍ୟ ଅର୍ଥନୀତିର ପୁନଃ ପ୍ରତିଷ୍ଠା କରିବା କର୍ତ୍ତବ୍ୟ । ଅତୀତରେ ଯେଉଁ ଆନୁଷଙ୍ଗିକ ଶିଳ୍ପ ଗୁଡ଼ିକରେ କୃଷକ ଅଧିକ ଆୟର ପନ୍ଥା ପାଉଥିଲେ ସେଗୁଡ଼ିକ ପୁନଶ୍ଚ ସର୍ବତୋଭାବେ ପ୍ରତିଷ୍ଠା କରିବା ବିଧେୟ । କୃଷକକୁଳର ଦୁଃଖକର ଅସ୍ଥାନ ବିଷୟ ଆମ୍ଭମାନଙ୍କୁ ବେଶ୍ ଜଣା; ସେମାନଙ୍କର ଅଜ୍ଞତା ଓ ନିରକ୍ଷରତା ଏ ଦିଗରେ ଉନ୍ନତିର ପ୍ରତିବନ୍ଧକ ହୋଇ ରହିଛି । ତେଣୁ ଯେ ପର୍ଯ୍ୟନ୍ତ ବାହାରୁ ସାହାଯ୍ୟ ସେମାନେ ନ ପାଇଛନ୍ତି ସେ ପର୍ଯ୍ୟନ୍ତ ଅନ୍ଧକାରମୟ ଭବିଷ୍ୟତରୁ ସେମାନଙ୍କୁ ରକ୍ଷା କରିବା ଅସମ୍ଭବ । କୃଷକକୁଳର ମଙ୍ଗଳ ନିମିତ୍ତ ଯେ କୌଣସି ଅର୍ଥନୈତିକ ଯୋଜନା ପ୍ରସ୍ତୁତ କଲାବେଳେ ସେଥିରେ ସେମାନଙ୍କର କୃଷି ଓ ଶିଳ୍ପ ଦିଗରେ ସ୍ୱଳିତ କ୍ରିୟାକଳାପରେ ସମନ୍ୱୟ ରଖିବାର ଚେଷ୍ଟା ହେବା ଉଚିତ । ଭାରତ କୃଷିପ୍ରଧାନ ଦେଶ; ତେଣୁ ଉତ୍କୃଷ୍ଟ ଉପାୟରେ କୃଷି ଉତ୍ପାଦନର ବ୍ୟବସ୍ଥା କରିବା ଆମ୍ଭମାନଙ୍କର ସର୍ବାଦୌ କର୍ତ୍ତବ୍ୟ । ପୁଣି କୁଟୀର ଶିଳ୍ପର ଉନ୍ନତି କଳ୍ପେ ସମସ୍ତେ ଯତ୍ନବାନ ହେବା ଉଚିତ, କାରଣ ଏ ଗୁଡ଼ିକହିଁ କୃଷକକୁ ଆନୁଷଙ୍ଗିକ ବ୍ୟବସାୟ ଯୋଗାଇଥାଏ । କେବଳ ଅକ୍ଲାନ୍ତ ଚେଷ୍ଟାହିଁ ଗ୍ରାମ୍ୟ ଜୀବନର ହତଶ୍ରୀ ଅବସ୍ଥା ଦୂରାଇ ପାରିବ ।”

ଶେଷରେ ଦେବାନ ସାହେବ ମୟୂରଭଞ୍ଜ ରାଜବଂଶ ଚିରଦିନ ଶିଳ୍ପ ଓ କଳାର ପୃଷ୍ଠପୋଷକତା କରି ଆସି ଅଛନ୍ତି ବୋଲି କହିଥିଲେ ଏବଂ ହିତକର, ପ୍ରଗତିଶୀଳ ଓ ବଦାନ୍ୟ ଶାସନ ଦ୍ୱାରା ପ୍ରଜାକୁଳଙ୍କର ସୁଖସମୃଦ୍ଧି ପାଇଁ ଭଗବାନ ଭକ୍ତଭଞ୍ଜନ ମହାରାଜାଙ୍କୁ ଦୀର୍ଘଜୀବନ ଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ ।

## ସ୍ୱର୍ଗତ ରାୟ ବାହାଦୂର ହରିଦାସ ବୋଷ

ମୟୂରଭଞ୍ଜର ଅବସର ପ୍ରାପ୍ତ ଷ୍ଟେଟ୍‌ଜଜ୍ ରାୟବାହାଦୁର ହରିଦାସ ବୋଷ ମାର୍ଚ୍ଚ ୪ ତାରିଖ ଅପରାହ୍ନରେ ୭୬ ବର୍ଷ ବୟସରେ ସ୍ୱର୍ଗାରୋହଣ କଲେ । ସ୍ୱର୍ଗତ ଆତ୍ମା ପ୍ରତି ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ୫ ତାରିଖ ରାଜ୍ୟର ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନମାନ ବନ୍ଦ ଥିଲା ।

ରାୟ ବାହାଦୁର ବୋଷ ୧୮୭୪ ମସିହା ଜାନୁଆରୀ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୮୯୮ ମସିହାରେ ସହକାରୀ ଷ୍ଟେଟ୍ ଜଜ୍ ରୂପେ ଷ୍ଟେଟ ସରକାରରେ ପ୍ରବେଶ ଲାଭ କରିଥିଲେ । ମାତ୍ର ସ୍ୱୀୟ ପ୍ରତିଭା ବଳରେ ସେ ଅଳ୍ପକାଳ ମଧ୍ୟରେ ଅର୍ଥାତ୍ ୧୯୦୫ ମସିହାରେ ଷ୍ଟେଟ୍‌ଜଜ ପଦକୁ ଉନ୍ନୀତ ହୋଇଥିଲେ । ତାଙ୍କର ୩୦ ବର୍ଷ କାର୍ଯ୍ୟ କାଳରେ ସେ ବିଭିନ୍ନ ପଦରେ କାର୍ଯ୍ୟ କରି ଯାଇଅଛନ୍ତି । ସ୍ୱଳ୍ପକାଳ ପାଇଁ ସେ ଏହି ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟ୍ ଓ ଦେବାନ ଭାବରେ କାର୍ଯ୍ୟ କରିଥିଲେ ଏବଂ ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ରାଜତ୍ୱ କାଳରେ ସେ ଷ୍ଟେଟ୍ କାଉନ୍‌ସିଲର ଜଣେ ସଭ୍ୟ ଥିଲେ । ଭାରତ ସରକାର ତାଙ୍କୁ ୧୯୦୧ ମସିହାରେ ରାୟ ବାହାଦୁର ପଦବୀରେ ଭୂଷିତ କରିଥିଲେ ।

ସରକାରୀ ଚାକିରୀରେ ଏକ ଉଚ୍ଚସ୍ଥାନ ଲାଭ କରିଥିଲେ ମଧ୍ୟ ରାଜ୍ୟର ପ୍ରଜାସାଧାରଣଙ୍କ ନିକଟରେ ତାଙ୍କର ସ୍ନେହ ଊଣା ନ



ସ୍ୱର୍ଗତ ରାୟ ବାହାଦୁର ହରିଦାସ ବୋଷ୍ ।

ଥିଲା । ଅକ୍ଲାନ୍ତ ପରିଶ୍ରମ, ବିଶିଷ୍ଟ ଦାୟିତ୍ୱ-ଜ୍ଞାନ ଏବଂ ଦୃଢ଼-କର୍ତ୍ତବ୍ୟନିଷ୍ଠା ଓ ନିର୍ମଳ ଚରିତ୍ର ଯୋଗୁଁ ସେ ସମସ୍ତଙ୍କର ପୂଜ୍ୟ ହୋଇଥିଲେ ।

ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ ଏବଂ ନାତି ଓ ନାତୁଣୀ-ମାନେ ଅଛନ୍ତି । ତାଙ୍କର ପତ୍ନୀ ପୂର୍ବରୁ ଇହଲୀଳା ସାଙ୍ଗ କରିଥିଲେ ।

## ଜାତୀୟ ପ୍ରାର୍ଥନା ଦିବସ

ମହାମହିମ ଭାରତ ସମ୍ରାଟଙ୍କର ଅଭିପ୍ରାୟ ଅନୁଯାୟୀ ମାର୍ଚ୍ଚ ୨୩ ତାରିଖ ରବିବାର ମୟୂରଭଞ୍ଜର ସର୍ବତ୍ର ଜାତୀୟ ଦିବସ-ରୂପେ ପ୍ରତିପାଳିତ ହୋଇଥିଲା । ବ୍ରିଟିଶ ଶକ୍ତିର ଜୟଲାଭ କାମନା କରି ସମସ୍ତ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାଗୁଡ଼ିକରେ ପୂଜା



Digitized by srujanika@gmail.com

ଓ ପ୍ରାର୍ଥନାମାନ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିବସମାନଙ୍କରେ ବଳ ଦେବା ପାଇଁ ଓ ବାଟ ଦେଖାଇବା ଲାଗି ଏବଂ ଯେଉଁ ଅନୁଗ୍ରହ ମିଳି ସାରିଛି ସେଥିଲାଗି ଭଗବାନଙ୍କଠାରେ କୃତଜ୍ଞତା ଜ୍ଞାପନ କରି ପ୍ରାର୍ଥନା କରା ଯାଇଥିଲା ।

## ଯୁଦ୍ଧ ପାଇଁ ମହାରାଜାଙ୍କ ଦାନ

ଶ୍ରୀମନ୍ ମହାରାଜା ମହୋଦୟ ମହାମାନ୍ୟ ବଡ଼ଲାଟଙ୍କ ଯୁଦ୍ଧ ପାଣ୍ଠିକୁ ସମ୍ପ୍ରତି ଟ୫୦,୦୦୦ଙ୍କା ଦାନ କରି ଅଛନ୍ତି । ଉକ୍ତ ପାଣ୍ଠିକୁ ମହାରାଜା ପ୍ରଥମେ ନିଜର ଡି-ଏଚ୍ ୯୦ ଡ୍ରେଗନ୍ ଫ୍ଲାଇ ନାମକ ପାଞ୍ଚ ଜଣ ବସି ପାରିବା ଭଳି ଏକ ବିମାନ ଦାନ କରିଥିଲେ । ମହାରାଜା ମହୋଦୟ ଏତଦ୍‌ବ୍ୟତୀତ ରେଡ୍ କ୍ରସ ଏବଂ ଅନ୍ୟାନ୍ୟ ପାଣ୍ଠିକୁ ତିନି ହଜାରରୁ ଅଧିକ ଟଙ୍କା ଦାନ କରିଅଛନ୍ତି । ସେ ଶତକରା ତିନି ଟଙ୍କା ସୁଧ ବିଶିଷ୍ଟ ଟ୬୨,୫୦୦ ମୂଲ୍ୟର ଯୁଦ୍ଧ ବଣ୍ଡ କ୍ରୟ କରିଅଛନ୍ତି ଏବଂ ଆହୁରି ପ୍ରାୟ ୩୦,୦୦୦ ମୂଲ୍ୟର ଏତାଦୃଶ ବଣ୍ଡ୍ କିଣିବା ପାଇଁ ଆଦେଶ କରି ଅଛନ୍ତି ।

ଦେଶ ରକ୍ଷା ନିମିତ୍ତ ଜରୁରୀ ବିଧି ବ୍ୟବସ୍ଥା କରିବା ବ୍ୟତୀତ ମହାରାଜା ମହୋଦୟ ନାତ୍ସୀମାନଙ୍କ ଦୌରାତ୍ମ୍ୟ ବିରୁଦ୍ଧରେ ପ୍ରବଳ ପ୍ରଚାର ପାଇଁ ଏକ ଯୋଜନା ପ୍ରସ୍ତୁତ କରିଅଛନ୍ତି । ସେ ପାକ୍ଷିକ ଷ୍ଟେଟ ଗେଜେଟ୍ ସହିତ ଗୋଟିଏ ଯୁଦ୍ଧ ସମ୍ବନ୍ଧୀୟ କ୍ରୋଡ଼ପତ୍ର ପ୍ରକାଶ କରିବାର ଆଦେଶ ଦେଇଅଛନ୍ତି । ଗସ୍ତ କରୁଥିବା କର୍ମଚାରୀମାନେ ରାଜ୍ୟର ପ୍ରଧାନ ପ୍ରଧାନ ଗ୍ରାମଗୁଡ଼ିକରେ ମିତ୍ରଶକ୍ତି ସପକ୍ଷରେ ସମସ୍ତଙ୍କର ଜନମତ ଦୃଢ଼ କରୁଅଛନ୍ତି । ଯୁଦ୍ଧ କାର୍ଯ୍ୟର ସୁପରିଚାଳନା ପାଇଁ ରାଜ୍ୟରେ ଗୋଟିଏ ଯୁଦ୍ଧ କମିଟି ପ୍ରତିଷ୍ଠିତ ହୋଇଅଛି ।

## ପ୍ରାଚୀନ ତାମ୍ର ଫଳକ

ଷ୍ଟେଟ୍ ଆର୍କିଓଲଜିଷ୍ଟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କ ଏକ ବିବୃତିରୁ ପ୍ରକାଶ ଯେ ବ୍ରାହ୍ମଣପାଟ୍ଟୀ ସବ୍ ଡିଭିଜନରେ ଗୋଟିଏ ତାମ୍ର ଫଳକ ମିଳିଅଛି । ଏହି ଫଳକଟି ଡେଲଟାଙ୍ଗିଆ ଗ୍ରାମର ଜଣେ ଟୋକାଏ ପ୍ରଥମେ ପାଇଥିବାର ଜଣା ପଡ଼େ । ଆର୍କିଓଲଜିଷ୍ଟଙ୍କ ମତରେ ଏହାହିଁ ବ୍ରାହ୍ମଣପାଟ୍ଟୀ ସବ୍ ଡିଭିଜନରୁ ପ୍ରାଗୈତିହାସିକ ବସ୍ତୁର ପ୍ରଥମ ଆବିଷ୍କାର ।

୧୯୩୫-୩୬ ସାଲରେ ଖିଚିଙ୍ଗଠାରେ ଗୋଟିଏ ଫଳକ ମିଳିଥିଲା ଓ ତତ୍‌ପୂର୍ବେ ୧୯୧୬ ସାଲରେ ରାଜ୍ୟରେ ଅନେକଗୁଡ଼ିଏ ତାମ୍ର ଫଳକ ମିଳିଥିଲା । ବର୍ତ୍ତମାନ ଯେଉଁ ଫଳକଟି ମିଳିଅଛି ତାହାର ଗଡ଼ପଦାର (ବାଲେଶ୍ୱର) ଅନୁଶାସିତ ତାମ୍ରଫଳକ ଓ କଲିକତା ଯାଦୁଘରେ ଥିବା ଝାଟିବଣି (ମେଦିନୀପୁର)ର ତାମ୍ର ଫଳକ ସହିତ ସାଦୃଶ୍ୟ ରହିଛି ।

## ଶିକ୍ଷାବିଭାଗର ଡିରେକ୍ଟର

ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର ଶ୍ରୀଯୁକ୍ତ ଏସ୍. ସି. ତ୍ରିପାଠୀ, ଆଇ. ଇ. ଏସ୍ ଅପ୍ରେଲ ୮ ତାରିଖରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଶ୍ରୀଯୁକ୍ତ ତ୍ରିପାଠୀ ରାଜପ୍ରାସାଦରେ ଆତିଥ୍ୟ ଗ୍ରହଣ କରିଥିଲେ ଓ ସ୍ଥାନୀୟ ଷ୍ଟେଟ୍ ସେକ୍ରେଟେରିଏଟ୍, କାଉନ୍‌ସିଲ ପ୍ରକୋଷ୍ଠ, ହାଇକୋଟ, ଅନ୍ୟାନ୍ୟ ଅନୁଷ୍ଠାନ ଓ ଦର୍ଶନୀୟ ସ୍ଥାନମାନ ବୁଲି ଦେଖିଥିଲେ । ଓଡ଼ିଶା କୃଷି ବିଭାଗର ଡେପୁଟି ଡିରେକ୍ଟର ଡକ୍ଟର ଡି. କେ. ବାଦାମିଙ୍କ ସହିତ ଶ୍ରୀଯୁକ୍ତ ତ୍ରିପାଠୀ ଶ୍ୟାମାଖୁଣ୍ଟାର କୃଷି ଫାର୍ମ ମଧ୍ୟ ପରିଦର୍ଶନ କରିଥିଲେ ।

## ଚୈତ୍ର ପର୍ବ

ଚୈତ୍ରପର୍ବ ଓ ତହିଁର ଆନୁଷଙ୍ଗିକ ଉତ୍ସବସମୂହ ଏ ବର୍ଷ ଯଥାବିଧି ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା । ଛଉନାଚ ଅପ୍ରେଲ ୧୦ ତାରିଖ ରାତିରେ ଆରମ୍ଭ ହୋଇ ପରବର୍ତ୍ତୀ ଦୁଇ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳମାନଙ୍କରୁ ଓ ବ୍ରିଟିଶ୍ ଜିଲ୍ଲାମାନଙ୍କରୁ ହଜାର ହଜାର ଦର୍ଶକ ବାରିପଦାରେ ରୁଣ୍ଡ ହୋଇଥିଲେ । ତାଳଚେର, ଝଣ୍ଡପଡ଼ା, ନୀଳଗିରି, ଆଠମଲ୍ଲିକ, ଦଶପଲ୍ଲା, ବାମଣ୍ଡା, ପାରଳାକିମେଦି ଓ କାଶୀପୁରର ରାଜାମାନେ, କନିକାର ଟିକାୟତ ଓ ତାଳଚେରର ପଟ୍ଟାୟତ ଏହି ଉତ୍ସବ ଉପଲକ୍ଷରେ ମହାରାଜାଙ୍କର ଅତିଥି ହୋଇଥିଲେ । ଓଡ଼ିଶା ଶିକ୍ଷା-ବିଭାଗର ଡିରେକ୍ଟର ଶ୍ରୀଯୁକ୍ତ ଏସ୍. ସି. ତ୍ରିପାଠୀ, ଓଡ଼ିଶା କୃଷି-ବିଭାଗର ଡେପୁଟି ଡିରେକ୍ଟର ଡକ୍ଟର ବାଦାମୀ ଓ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ବି. ଶିବରମଣ ମଧ୍ୟ ଉତ୍ସବକୁ ନିମନ୍ତ୍ରିତ ହୋଇଥିଲେ ।

ଏବର୍ଷ ରଙ୍ଗମଞ୍ଚର ସାଜସଜ୍ଜାରେ ବିଶେଷ ଉଲ୍ଲେଖ-ଯୋଗ୍ୟ ପରିବର୍ତ୍ତନ ଘଟି ନଥିଲେ ହେଁ କେତେକ ନୂତନ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ନୃତ୍ୟକାରୀମାନେ ପୂର୍ବ ପୂର୍ବବର୍ଷ ପରି ଦୁଇ ଦଳରେ ବିଭକ୍ତ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ବେଶ୍ ପ୍ରତିଯୋଗିତା ଦେଖା ଯାଇଥିଲା ।

ମୟୂରଭଞ୍ଜ ବହୁକାଳରୁ ଛଉନାଚ ପାଇଁ ବିଖ୍ୟାତ । ମୟୂରଭଞ୍ଜର ପାଇକମାନଙ୍କର ନୃତ୍ୟ (War dance) ୧୯୧୨ ସାଲରେ ସ୍ୱର୍ଗତ ମହାମହିମ ଭାରତ ସମ୍ରାଟଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଷ୍ଟେଟସ୍‌ମ୍ୟାନ ଖବର କାଗଜ ଏହା ଏକ ଦର୍ଶନୀୟ ନୃତ୍ୟ ବୋଲି ଅଭିମତ ପ୍ରକାଶ କରିଥିଲେ । ସ୍ୱର୍ଗୀୟ ସମ୍ରାଟ୍ ପଞ୍ଚମ ଜର୍ଜ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଯେଉଁ ପତ୍ର ଲେଖିଥିଲେ ସେଥିରେ ସେ ଉକ୍ତ ନୃତ୍ୟ ବିଷୟ ଉଲ୍ଲେଖ କରିଥିଲେ । ଏହି ଛଉନାଚ ଭାରତୀୟ ନୃତ୍ୟ କଳାରେ ବର୍ତ୍ତମାନ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି ।

## ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ମହାରାଜାଙ୍କ ଦାନ

ପୁଣ୍ୟଶ୍ଲୋକ ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତି ଓ ଦର୍ଶନ ପ୍ରୀତି ଅକ୍ଷୟ କରି ରଖିବା ଉଦ୍ଦେଶ୍ୟରେ ଶ୍ରୀମନ୍ ମହାରାଜା ମହୋଦୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ବାର୍ଷିକ ୧୮ ହଜାର ଟଙ୍କା ଦାନର ପ୍ରତିଶ୍ରୁତି ଦେଇ ଅଛନ୍ତି । ଏହି ଟଙ୍କାରେ ସ୍ୱର୍ଗତ



Digitized by srujanika@gmail.com

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବଙ୍କ ନାମରେ ସଂସ୍କୃତ ଓ ଭାଷାର ଗବେଷଣା ଲାଗି ବିଶ୍ୱବିଦ୍ୟାଳୟରେ ଏକ ବିଶିଷ୍ଟ ବ୍ୟବସ୍ଥା ହୋଇଅଛି । ସେଥିପାଇଁ ଜଣେ ଭାଷାବିତ୍ ଓ ସଂସ୍କୃତଜ୍ଞ ଅଧ୍ୟାପକ ନିଯୁକ୍ତ ହେବେ ଓ ଗବେଷଣା କରିବା ଲାଗି ତାଙ୍କ ଅଧୀନରେ ବୃତ୍ତିଭୋଗୀ ଛାତ୍ର ରହିବେ । ବିଶ୍ୱବିଦ୍ୟାଳୟ କୃତଜ୍ଞତାର ସହିତ ମହାରାଜାଙ୍କର ଏହି ଦାନ ଗ୍ରହଣ କରି ଅଛନ୍ତି ଏବଂ ମୟୂରଭଞ୍ଜର ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଏସ୍. ମୁଖାର୍ଜିଙ୍କୁ ଜୁଲାଇ ୧ ତାରିଖଠାରୁ ଅଧ୍ୟାପକରୂପେ ନିଯୁକ୍ତ କରି ଅଛନ୍ତି । ବିଶ୍ୱବିଦ୍ୟାଳୟରେ ସଂସ୍କୃତ ସମ୍ବନ୍ଧୀୟ ଗବେଷଣାର ନିର୍ଦ୍ଧାରଣମାନ "ମୟୂରଭଞ୍ଜ ଗ୍ରନ୍ଥମାଳା"ରୂପେ ପ୍ରକାଶିତ ହେବ ।

## ଖିଚିଙ୍ଗରେ କଳସ ସ୍ଥାପନ ଉତ୍ସବ

ଗତ ଅପ୍ରେଲ ୨୦ ତାରିଖ ଦିନ ଖିଚିଙ୍ଗ ବଡ଼ ଦେଉଳର କଳସ ସ୍ଥାପନ ଉତ୍ସବ ବିଧିମତେ ଅନୁଷ୍ଠିତ ହୋଇଥିଲା । ସ୍ୱୟଂ ମହାରାଜା ମହୋଦୟ ଉପସ୍ଥିତ ଥାଇ ଉତ୍ସବର ମାଙ୍ଗଳିକ କ୍ରିୟା ସମ୍ପନ୍ନ କରିଥିଲେ । ପୁରୁଣା ଓ ଭଙ୍ଗା ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ କୌଣସି ନକ୍ସା ଓ ଆବଶ୍ୟକୀୟ ବିବରଣର ବିନା ସାହାଯ୍ୟରେ ୧୯୩୬-୩୭ ମସିହାରେ ଆରମ୍ଭ କରା ଯାଇଥିଲା । ସ୍ଥାନୀୟ ମିସ୍ତ୍ରୀମାନଙ୍କ ସାହାଯ୍ୟରେ ହିଁ କାର୍ଯ୍ୟଟି ସମ୍ପନ୍ନ ହୋଇଅଛି । ଖିଚିଙ୍ଗ ଯାଦୁଘରର କ୍ୟୁରେଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ ଶିକ୍ଷାପ୍ରାପ୍ତ ହୋଇଥିଲେ । ଇତସ୍ତତଃ ବିକ୍ଷିପ୍ତ ହୋଇ ପଡ଼ିଥିବା ନାନା କାରୁକାର୍ଯ୍ୟ ଖଚିତ ପ୍ରସ୍ତରଗୁଡ଼ିକ ସଂଗ୍ରହ କରି ମନ୍ଦିରର ପୁନର୍ନିର୍ମାଣ କାର୍ଯ୍ୟରେ ଲଗା ଯାଇଅଛି ଓ ହଜି ଯାଇ ଥିବା ସ୍ଥଳରେ ନୂଆ ପଥର ଯୋଗ କରା ଯାଇଅଛି ।

## ବାରିପଦା ସାହିତ୍ୟ ସମାଜ

ଶ୍ରୀମନ୍ ମହାରାଜା ମହୋଦୟଙ୍କର ତ୍ରୟୋଦଶ ବାର୍ଷିକ ରାଜ୍ୟାଭିଷେକ ଉତ୍ସବ ଉପଲକ୍ଷରେ ବାରିପଦା ସାହିତ୍ୟ ସମାଜର ଉଦ୍ୟୋଗରେ ଏକ ସାଧାରଣ ସଭା ଆହୂତ ହୋଇଥିଲା । ଏହି ସଭାରେ ଆଲୋଚ୍ୟ ବିଷୟ ଥିଲା—ମେଟ୍ରିକୁଲେଶନ ପାଠ୍ୟକ୍ରମରେ ସଂସ୍କୃତ ଅବଶ୍ୟ ପାଠ୍ୟ ହୋଇ ରହୁ । ସହରର ଅନେକ ଭଦ୍ରବ୍ୟକ୍ତି, ଛାତ୍ର ଓ ଶିକ୍ଷକ ଏହି ସଭାରେ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଦିବ୍ୟସିଂହ ପାଣିଗ୍ରାହୀ ସଭାପତି ହୋଇଥିଲେ । ରାଜ୍ୟାଭିଷେକ ଦିବସରେ ମହାରାଜାଙ୍କୁ ଅଭିବାଦନ ଜଣାଇ ଓ ତାଙ୍କର ଦୀର୍ଘଜୀବନ ଓ ସମୃଦ୍ଧି ପ୍ରାର୍ଥନା କରି ପ୍ରଥମେ ଏକ ନିର୍ଦ୍ଧାରଣ ଗୃହୀତ ହେଲା । ତା ପରେ ସହରର ବିଶିଷ୍ଟ ସାହିତ୍ୟିକମାନଙ୍କ ଦ୍ୱାରା ଲିଖିତ କେତେଗୋଟି ପ୍ରବନ୍ଧ ପଠିତ ଓ ଆଲୋଚିତ ହେଲା । ସଭାର ଅଧିକାଂଶ ଏହି ମତ ପ୍ରକାଶ କଲେ ଯେ—ଉଚ୍ଚ ଇଂରାଜୀ ବିଦ୍ୟାଳୟ ସମୂହରେ ସଂସ୍କୃତ ଇଚ୍ଛାଧୀନ ବିଷୟ ରୂପେ ଗୃହୀତ ହେବାରେ ଏକ ଗୁରୁତର ଜାତୀୟ କ୍ଷତି ଘଟିବ ଏବଂ ବିଶେଷରେ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରୁ ଭାଷାର ଉନ୍ନତି ପଥରେ ଏହା ଏକ ଅନ୍ତରାୟ ହେବ ।

## ପୂର୍ଣ୍ଣଚନ୍ଦ୍ରପୁର ପାଠଶାଳା

ଗତ ଅପ୍ରେଲ ୨୪ ତାରିଖରେ ଦେବାନ ସାହେବଙ୍କ ସଭାପତିତ୍ୱରେ ପୂର୍ଣ୍ଣଚନ୍ଦ୍ର ପାଠଶାଳାର ତ୍ରୟୋଦଶ ସାମ୍ବତ୍ସରିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ହୋଇଥିଲା । ଛାତ୍ରମାନଙ୍କ ବ୍ୟତୀତ ବହୁ ମହିଳା ଓ ଭଦ୍ରବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ ।

ଦରିଦ୍ର ଓ ଅନୁନ୍ନତ ବାଳକବାଳିକାମାନଙ୍କର ଶିକ୍ଷା ଉଦ୍ଦେଶ୍ୟରେ ବିଦ୍ୟାଳୟଟି ସ୍ଥାପିତ ହୋଇ କ୍ରମୋନ୍ନତି ପଥରେ ଅଗ୍ରସର ହେଉଅଛି । ବାଳକବାଳିକାମାନେ ଏଠାରେ ବିନା-ବେତନରେ ଶିକ୍ଷା ଲାଭ କରନ୍ତି ଏବଂ ବୟସ୍ଥ ବ୍ୟକ୍ତିମାନଙ୍କ ନିରକ୍ଷରତା ଦୂରୀକରଣ ପାଇଁ ବିଦ୍ୟାଳୟରେ ଗୋଟିଏ ଅବୈତନିକ ନୈଶବିଦ୍ୟାଳୟ ମଧ୍ୟ ସଂଲଗ୍ନ ହୋଇଅଛି ।

ସଭାପତି ମହୋଦୟ ତାଙ୍କର ଅଭିଭାଷଣରେ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଥିଲେ:—

"ବାସ୍ତବରେ ଏହିପରି ଅନୁଷ୍ଠାନ ଗୁଡ଼ିକର କ୍ରମୋନ୍ନତି ଦେଖିଲେ ଜଣାଯାଏ ଆମ ସହରର ସାଧାରଣ ଲୋକେ ଦିନକୁ ଦିନ ଅଧିକରୁ ଅଧିକ ପରିମାଣରେ ସେମାନଙ୍କର ନାଗରିକ ଦାୟିତ୍ୱ ହୃଦୟଙ୍ଗମ କରୁଅଛନ୍ତି ଏବଂ ଆଜକାଲିକାର ଦୁଃସମୟରେ ବେକାର ସମସ୍ୟାର ସମାଧାନରେ ଯଥାସମ୍ଭବ ସାହାଯ୍ୟ କରୁ-ଅଛନ୍ତି । ଏହି ଅନୁଷ୍ଠାନ ବଢ଼େଇ କାମ ଓ ବୟନଶିଳ୍ପ ପ୍ରଭୃତି କଳା ଓ ହସ୍ତଶିଳ୍ପ ଶିକ୍ଷା ଦେଇ ଛାତ୍ରମାନଙ୍କୁ ବୈଷୟିକ ପ୍ରେରଣା ଦେବାର ଉଦ୍ଦେଶ୍ୟ ଆଖି ଆଗରେ ରଖିଥିବାରୁ ମୁଁ ନିଶ୍ଚିତ ରୂପେ କହିପାରେଁ ଯେ ଏହା ଗୋଟିଏ କଠିନ କର୍ତ୍ତବ୍ୟ ସାଧନ କରୁଛି—ଯାହାର ଗୁରୁତ୍ୱ ସମ୍ବନ୍ଧରେ ବେଶି କହିବା ନିଷ୍ପ୍ରୟୋଜନ । ବାସ୍ତବରେ ଆଜକାଲି ଉଚ୍ଚ ଶିକ୍ଷା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଘଟେ । ତେଣୁ କେବଳ ଏହି ଧରଣର ଅନୁଷ୍ଠାନ ଗୁଡ଼ିକର ଆବଶ୍ୟକତା ବେଶୀ ଉପଲବ୍ଧ ହେଉଅଛି ।

"ଅନୁନ୍ନତ ଶ୍ରେଣୀର ବାଳକବାଳିକାମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବା ଏହି ଅନୁଷ୍ଠାନର ଆଉ ଗୋଟିଏ ସନ୍ତୋଷଜନକ ଦିଗ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଅଭିଭାବକମାନେ ଯେଉଁ ଅଜ୍ଞତା ଓ ରକ୍ଷଣଶୀଳତାରେ ବୁଡ଼ି ରହିଛନ୍ତି, ତହିଁରୁ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଅନୁଷ୍ଠାନର ପରିଚାଳକମାନଙ୍କୁ ଅବଶ୍ୟ ବହୁ ଆୟାସ ସ୍ୱୀକାର କରିବାକୁ ପଡ଼ିଥିବ ।"

ଦେବାନ ସାହେବ ପରିଚାଳକମାନଙ୍କୁ ସମସ୍ତ ବାଧାବିଘ୍ନ ଏଡ଼ି ନିଜର ଲକ୍ଷ୍ୟ ପଥରେ ଅଶାନ୍ତ ଭାବରେ ଅଗ୍ରସର ହେବା ପାଇଁ ଅନୁରୋଧ କରିଥିଲେ ।

## ସାମ୍ବତ୍ସରିକ ଶ୍ରାଦ୍ଧ

ଗତ ଅପ୍ରେଲ ୨୮ ତାରିଖ ଦିନ ସ୍ୱର୍ଗତ ଲେଫ୍ଟନେଣ୍ଟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବଙ୍କର ତ୍ରୟୋଦଶ ସାମ୍ବତ୍ସରିକ ଶ୍ରାଦ୍ଧ ଯଥାରୀତି ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣଚନ୍ଦ୍ର ମନ୍ଦିରଟି ପୁଷ୍ପମାଳା, ପତାକା ଓ ତୋରଣ ଦ୍ୱାରା ସୁଶୋଭିତ ହୋଇଥିଲା । ସମସ୍ତ ଦିନ



Digitized by srujanika@gmail.com

ପୂଜା ଓ ସଂକୀର୍ତ୍ତନ ଚାଲିଥିଲା ଏବଂ ଉତ୍ସବର ପ୍ରତ୍ୟେକ ଅଙ୍ଗ ମାନନୀୟା ବଡ଼ ମହାରାଣୀ ସ୍ୱୟଂ ପର୍ଯ୍ୟବେକ୍ଷଣ କରିଥିଲେ । ଅପରାହ୍ଣରେ ହଜାର ହଜାର ଦୀନ ଦରିଦ୍ରଙ୍କୁ ଭୋଜନ ଦିଆ ଯାଇଥିଲା । ରାତ୍ରିରେ ମନ୍ଦିରଟି ନାନା ରଙ୍ଗର ବିଜୁଳି ଆଲୁଅରେ ବିଚିତ୍ର ଭାବରେ ସଜ୍ଜିତ ହୋଇ ସର୍ବସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ପୁଣ୍ୟଶ୍ଳୋକ ମହାରାଜାଙ୍କର ସ୍ମୃତି ପ୍ରତି ସମ୍ମାନ ଦେଖାଇବା ଲାଗି ସହରର ବହୁ ଭଦ୍ରବ୍ୟକ୍ତି ମନ୍ଦିରରେ ରୁଣ୍ଡ ହୋଇଥିଲେ ।

## ଗୋ-ମଙ୍ଗଳ

ଡେଭଲପ୍‌ମେଣ୍ଟ ବିଭାଗର ଆନୁକୂଲ୍ୟରେ ମୟୂରଭଞ୍ଜର ଗୋ-ଜାତିର କଲ୍ୟାଣ ସମ୍ପର୍କରେ ଆଲୋଚନା କରିବା ଲାଗି ଗତ ଅପ୍ରେଲ ୩୦ ତାରିଖରେ ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରକୋଷ୍ଠରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମାନନୀୟ ଦେବାନ ସାହେବ ସଭାପତିର ଆସନ ଅଲଙ୍କୃତ କରିଥିଲେ । ଜିଲ୍ଲା ସାହେବ ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ଭଞ୍ଜ ଦେଓ, ହାଇକୋର୍ଟର ପ୍ରଧାନ ବିଚାରପତି ରାୟବାହାଦୁର ଏମ୍. ଏନ୍. ଦାସ ପ୍ରମୁଖ ସମ୍ଭ୍ରାନ୍ତ ଓ ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ଏଥିରେ ଯୋଗ ଦେଇଥିଲେ ।

ନିଖିଳ ଭାରତ ଗୋଶାଳା ସମିତିର ସଭ୍ୟ ପଣ୍ଡିତ ରାଧାନାଥ ମିଶ୍ର ଗୋପାଳନର ଆବଶ୍ୟକତା ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଥିଲେ । ସେ କହିଥିଲେ ଯେ ଗୋ-ମଙ୍ଗଳ ପ୍ରତି ଲୋକଙ୍କ ଅନାସ୍ଥା ଯୋଗୁଁ ଦେଶରେ ଶାରୀରିକ ଓ ଆର୍ଥିକ ଅବସ୍ଥାର ଅବନତି ଘଟୁଅଛି । ଖାଣ୍ଟି ଦୁଗ୍ଧର ଅଭାବରୁହିଁ ଭାରତବର୍ଷରେ ଶିଶୁମୃତ୍ୟୁର ହାର ବଢ଼ିଅଛି । ଖାଦ୍ୟାଭାବ ଓ ଅଯତ୍ନ ବଶତଃ ଅକର୍ମଣ୍ୟ ହୋଇ ପଡ଼ିଥିବା ଗୋରୁ ଗାଈଗୁଡ଼ିକୁ କଂସାଇ ଖାନାକୁ ପଠାଇବା କେବଳ ଯେ ଆର୍ଥିକ କ୍ଷତି ତାହା ନୁହେଁ—ତାହା ଏକ ପାପ ।

ନିଖିଳ ଭାରତ ଗୋଶାଳା ସମିତିର ସେକ୍ରେଟେରୀ ପଣ୍ଡିତ ଚୁନିଲାଲ ମାଳବୀୟ ତାଙ୍କର ଅତି ହୃଦୟଗ୍ରାହୀ ଭାଷଣରେ କହିଥିଲେ ଯେ ଭଲ ଦୁଧ ବା ଭଲ ଘିଅ ବର୍ତ୍ତମାନ ଓଡ଼ିଶାରେ ସ୍ୱପ୍ନ । ଏହାର କାରଣ ଗୋଜାତି ପ୍ରତି ଲୋକମାନଙ୍କର ଅଯତ୍ନ ବ୍ୟତୀତ ଆଉ କିଛି ନୁହେଁ । ଲୋକମାନେ ଗୋରୁଗାଈଙ୍କୁ ପୂରା ଖାଇବାକୁ ନ ଦେଇ ଓ ତାଙ୍କ ପଛରେ ଖୁବ୍ କମ୍ ଖର୍ଚ୍ଚ କରି ତାଙ୍କଠାରୁ ଯେତେ ବେଶୀ କାର୍ଯ୍ୟ ଆଦାୟ କରି ଯାଇପାରେ ତାହା କରିବାକୁ ଉଦ୍‌ଗ୍ରୀବ ନାହିଁ । ଏଥିରେ ଭଲ ଦୁଧ ବା ଘିଅ ଆସିବ କିପରି ? ସେ କହିଥିଲେ ଯେତେ ଗୋରୁ ଗାଈଙ୍କୁ ଖାଇବାକୁ ଦେଇ ହେବ ତାଠୁଁ ଅଧିକ ପୋଷିବା ଅତି ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ଭାରତ ଦୁଇଟି ଧନ ଉପରେ ନିର୍ଭର କରେ—ଗୋଧନ ଓ କୃଷିଧନ ଏବଂ କୃଷିଧନର ଗୋଧନ ସହିତ ଘନିଷ୍ଠ ସମ୍ପର୍କ ରହିଛି ।

କୃଷି ବିଭାଗର ଅଫିସର ଶ୍ରୀଯୁକ୍ତ ସୀତାନାଥ ମହାନ୍ତି ମେଜିକ୍ ଲଣ୍ଠନ ସାହାଯ୍ୟରେ ଭଲ ଜାତିର ଷଣ୍ଢ କିପରି ବାଛିବା ଉଚିତ, କିପରି ଘାସ ଓ ଗୋରୁର ସବୁଜ ଖାଦ୍ୟ ସବୁଦିନ ସତେଜ ରଖା ଯାଇପାରେ ଓ ଗୋଜାତି ଦ୍ୱାରା କୃଷି ଓ କୃଷକର କିପରି ଉନ୍ନତି ହୋଇ ପାରେ ତାହା ବୁଝାଇଥିଲେ ।

ସଭାପତି ମହୋଦୟ ତାଙ୍କର ବକ୍ତବ୍ୟରେ ପ୍ରାଚୀନ ହିନ୍ଦୁମାନଙ୍କର ଜୀବନରେ ଗୀତା, ଗାୟତ୍ରୀ ଓ ଗୋ-ର ସ୍ଥାନ କଥା ଉଲ୍ଲେଖ କରି ଆଲୋଚ୍ୟ ବିଷୟର ଆର୍ଥିକ ଦିଗ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଗୋ-ଜାତିର ଉନ୍ନତି କଲେ ତାଙ୍କର ବ୍ୟକ୍ତିଗତ ସାହାଯ୍ୟ ଓ ସହାନୁଭୂତି ଉଦ୍‌ଯୋକ୍ତାମାନଙ୍କୁ ସର୍ବଦା ମିଳିବ ବୋଲି ସୂଚନା ଦେଇ ସେ କହିଲେ, ଯଦି ସର୍ବସାଧାରଣ ଚେଷ୍ଟାରେ ଗୋଟିଏ ସୁଚିନ୍ତିତ ଯୋଜନା କାର୍ଯ୍ୟକାରୀ ହେବ ତେବେ ଅବଶ୍ୟ ସରକାର ତହିଁରେ ଯଥୋପଯୁକ୍ତ ସହାୟତା କରିବେ ।

ସର୍ବସାଧାରଣଙ୍କ ସାହାଯ୍ୟରେ ବାରିପଦାରେ ଗୋଟିଏ ଗୋ-ଶାଳା ସ୍ଥାପନ କରି ମାନନୀୟ ମହାରାଜାଙ୍କୁ ଏ ଉଦ୍ୟମରେ ଯଥୋପଯୁକ୍ତ ସାହାଯ୍ୟ କରିବା ନିମିତ୍ତ ନିବେଦନ କରିବାର ଏକ ନିର୍ଦ୍ଧାରଣ ସଭାରେ ଗୃହୀତ ହେଲା । ଗୋ-ଶାଳାର ତତ୍ତ୍ୱ ନେବାପାଇଁ ଓ ଲୋକସାଧାରଣଙ୍କୁ ଗୋ-ମଙ୍ଗଳ ଶିକ୍ଷାଦେବା ଉଦ୍ଦେଶ୍ୟରେ ସରକାରୀ, ବେସରକାରୀ ଓ ବିଭିନ୍ନ ସ୍ୱାର୍ଥର ଲୋକଙ୍କୁ ନେଇ ଗୋଟିଏ କମିଟି ଗଢ଼ାଯାଉ ବୋଲି ଅନ୍ୟ ଏକ ପ୍ରସ୍ତାବ ମଧ୍ୟ ସଭାରେ ଗୃହୀତ ହୋଇଥିଲା ।

## ସେନ୍‌ସାସ୍ ସୁପାରିନ୍‌ଟେଣ୍ଡେଣ୍ଟ

ମୟୂରଭଞ୍ଜ ସରକାର ନିଜ ବ୍ୟୟରେ ଜନଗଣନା କାର୍ଯ୍ୟର ଯେଉଁ ସମସ୍ତ କାଗଜ-ପତ୍ର ତାମିଲ କରୁଅଛନ୍ତି ତାହା ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଓଡ଼ିଶାର ସେନ୍‌ସସ ସୁପରିନ୍‌ଟେଣ୍ଡେଣ୍ଟ ମିଷ୍ଟର ଆର୍. ସି. ଏସ୍. ବେଲ୍, ଆଇ. ସି. ଏସ୍. ମେ ୧୫ ତାରିଖରେ ବାରିପଦା ଆସିଥିଲେ । ଦେବାନ ସାହେବଙ୍କ ସଙ୍ଗେ ସେ ସେନ୍‌ସେସ୍ ଅଫିସ ପରିଦର୍ଶନ କରି ଷ୍ଟେଟ୍ ସେନ୍‌ସେସ୍ ଅଫିସରଙ୍କ ଅନୁସରଣ ନିମନ୍ତେ କେତେକ ପ୍ରୟୋଜନୀୟ ଉପଦେଶ ଦେଇଥିଲେ । ମଧ୍ୟାହ୍ନରେ ମିଷ୍ଟର ବେଲ୍ ଶ୍ରୀମନ୍ ମହାରାଜା ମହୋଦୟଙ୍କ ସହିତ ସାକ୍ଷାତ କରିଥିଲେ । ସେହିଦିନ ରାତିରେ ସେ ବାରିପଦାରୁ ପ୍ରସ୍ଥାନ କଲେ ।

ମିଷ୍ଟର ବେଲ୍ ପ୍ରଥମେ ୧୯୪୦ ଜୁଲାଇ ମାସରେ ପ୍ରାରମ୍ଭିକ ରେଜିଷ୍ଟରମାନ ପ୍ରସ୍ତୁତ ହେଉଥିଲା ବେଳେ ବାରିପଦାକୁ ଆସିଥିଲେ ।

## ଉଦ୍ଭିଦ ଓ ଉଦ୍ଭିଦଜାତ ଦ୍ରବ୍ୟର ଯାଦୁଘର

ଜୁନ ୫ ତାରିଖ ବୁଧବାର ସକାଳ ୧୧ ଟା ସମୟରେ ଶ୍ରୀମନ୍ ମହାରାଜା ମହୋଦୟ ଉଦ୍ଭିଦ ଓ ଉଦ୍ଭିଦଜାତ ଦ୍ରବ୍ୟର ଯାଦୁଘରର ଦ୍ୱାରୋଦ୍‌ଘାଟନ କରିଥିଲେ । ସ୍ଥାନୀୟ ବିଶିଷ୍ଟ କର୍ମଚାରୀ ଓ ଭଦ୍ରଲୋକମାନେ ଉତ୍ସବରେ ଉପସ୍ଥିତ ଥିଲେ । ଉତ୍ସବଟି ମିଉଜିଅମ ସଲଗ୍ନ ଜୁବିଲି ଲାଇବ୍ରେରୀର ପାଠାଗାରରେ ଅନୁଷ୍ଠିତ ହୋଇଥିଲା ।



Digitized by srujanika@gmail.com

୧୯୩୯ ଏପ୍ରିଲଠାରୁ ରାଜ୍ୟର ବନଜାତ ଓ ଅନ୍ୟାନ୍ୟ ଉଦ୍ଭିଦ ସମ୍ପର୍କରେ ଯେଉଁ ଅନୁସନ୍ଧାନ ଓ ଗବେଷଣା ଚାଲିଛି ତାହାର ଫଳରେ ଉପରୋକ୍ତ ଯାଦୁଘରର ପ୍ରତିଷ୍ଠା ସମ୍ଭବପର ହୋଇଛି । ଭାରତୀୟ ଯାଦୁଘରର ଶ୍ରୀଯୁକ୍ତ ଏସ୍. ଏନ୍. ବଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶରେ ଏ ଗବେଷଣା କାର୍ଯ୍ୟ ଚାଲିଛି । ରାଜ୍ୟରେ ବନ୍ୟଭାବରେ ଜନ୍ମୁଥିବା ବହୁ ଲାଭଜନକ ଉଦ୍ଭିଦର ପ୍ରାଥମିକ ଗବେଷଣାରୁ ଜଣାଯାଉଛି ଯେ ଯଥାଯଥ-ରୂପେ ସେଗୁଡିକର ବ୍ୟବହାର କରାଗଲେ ତହିଁରୁ ଯଥେଷ୍ଟ ଉପକାର ମିଳି ପାରିବ । ଏପର୍ଯ୍ୟନ୍ତ ୬୦୦ ସରିକି ଉଦ୍ଭିଦ ସଂଗୃହୀତ ହୋଇଛି ଓ ତନ୍ମଧ୍ୟରୁ ୧୫୦ ରୁ ଅଧିକ ଔଷଧରୂପେ ବ୍ୟବହାର ହୋଇ ପାରିବ ବୋଲି ଜଣାଯାଉଛି । ପରୀକ୍ଷା ଓ ଅନୁସନ୍ଧାନର ଶେଷ ଫଳ ଚଳିତ ବର୍ଷର ଶେଷ ଭାଗରେ ଭାରତ ସରକାରଙ୍କଦ୍ୱାରା ଏକ ପୁସ୍ତିକାକାରରେ ପ୍ରକାଶିତ ହେବାର ଆଶା କରାଯାଏ ।


ଅନୁସନ୍ଧାନର ଅନ୍ୟ ଗୋଟିଏ ଦିଗ ବିଶେଷ ଭାବରେ ଲକ୍ଷ୍ୟ କରିବା ଉଚିତ । ତାହା ହେଉଛି, ମୟୂରଭଞ୍ଜର ନାନା ସ୍ଥାନରେ କେତେଗୁଡ଼ିଏ ଲାଭଜନକ ବିଦେଶୀ ଉଦ୍ଭିଦର ପ୍ରବର୍ତ୍ତନ କରାଇବା । ଏ ଉଦ୍ଦେଶ୍ୟରେ କେତେଗୁଡ଼ିଏ ସ୍ଥାନରେ ପରୀକ୍ଷା ଆରମ୍ଭ କରାଯାଇଛି ଓ ସେଠାରେ ଯେଉଁ କେତୋଟି ଉଦ୍ଭିଦରେ ପରୀକ୍ଷା ସଫଳ ହୋଇଛି ତନ୍ମଧ୍ୟରୁ ମେସ୍ତାପାଟ (ବସ୍ତା, ଦଉଡ଼ି ପ୍ରଭୃତି ତିଆରି କରିବାରେ ବ୍ୟବହୃତ ହୁଏ), ପାଇରେଥ୍ରମ (କେନିଆରୁ ଆନୀତ ଏକ ପ୍ରକାର କୀଟନାଶକ ଭେଷଜ ଉଦ୍ଭିଦ), ମାଲବେରୀ (ଜାପାନରେ ଏଥିରୁ କାଗଜ ପ୍ରସ୍ତୁତ ହୁଏ), ପଶୁମାନଙ୍କର ଖାଦ୍ୟ ହେବା ଯୋଗ୍ୟ ଏକ ପ୍ରକାର ଘାସ, ରୋଲମୁଗରା, ଭିଙ୍କଟେଲିସ୍, ବେଲେଡୋନା ଏବଂ ଅନ୍ୟାନ୍ୟ ପ୍ରୟୋଜନୀୟ ଔଷଧ ଗଛ ଉଲ୍ଲେଖଯୋଗ୍ୟ । ସିଙ୍କୋନା ଚାଷ କରିବା ନିମନ୍ତେ ପାହାଡ଼ିଆ ଅଞ୍ଚଳମାନଙ୍କରେ ବର୍ତ୍ତମାନ ସ୍ଥାନ ଅନ୍ୱେଷଣ କରାଯାଉଛି ।

ଶ୍ରୀଯୁକ୍ତ ବଲ ଯେଉଁ ରିପୋର୍ଟ ପାଠ କରିଥିଲେ ତହିଁରେ ସେ ଉଦ୍ଭିଦ ସମ୍ପର୍କୀୟ ଗବେଷଣାର ଆବଶ୍ୟକତା ଓ ଫଳାଫଳ ସଂକ୍ଷେପରେ ବର୍ଣ୍ଣନା କରି କହିଥିଲେ ଯେ ରାଜ୍ୟରେ ବହୁ ମୂଲ୍ୟବାନ ଉଦ୍ଭିଦ ସମ୍ପଦ ରହିଛି । ଗତ ଦୁଇ ବର୍ଷ ମଧ୍ୟରେ ୬୦୦ ପ୍ରକାର ଉଦ୍ଭିଦରୁ ୨୦୦୦ ନମୁନା ସଂଗୃହୀତ ହୋଇଅଛି ।

ଯାଦୁଘର ଉନ୍ମୋଚନ କରିବାକୁ ଯାଇ ଶ୍ରୀମନ୍ ମହାରାଜା ମହୋଦୟ କହିଲେ ଯେ ରାଜ୍ୟରେ ଲୁଚାଲୁଚି ଆକାରରେ ଯେଉଁ ପ୍ରାକୃତିକ ସମ୍ପଦ ରହିଛି ଓ ତନ୍ମଧ୍ୟରୁ ଯେଉଁଗୁଡ଼ିକ ରାଜ୍ୟ ମଧ୍ୟରେ ଓ ବାହାରେ ଔଷଧରୂପେ ବା ଅନ୍ୟ ଭାବରେ ବ୍ୟବହୃତ ହୁଏ ତହିଁର ଅନୁସନ୍ଧାନ କରି ସେଗୁଡ଼ିକର ଗୁଣ ଓ ବ୍ୟବହାର ଲୋକଙ୍କ ସମକ୍ଷରେ ଉପସ୍ଥାପିତ କରିବା ବର୍ତ୍ତମାନ ଗବେଷଣାର ଲକ୍ଷ୍ୟ । ସେ କହିଲେ ଯେ ବର୍ତ୍ତମାନ ଯେଉଁ କାର୍ଯ୍ୟ ଚାଲିଛି ତାହା ଆଉ କିଛି ଦିନ ଚାଲିବ ଏବଂ ରାଜ୍ୟର ଉଦ୍ଭିଦ ଓ ବନଜାତ ଦ୍ରବ୍ୟର ଭିନ୍ନ ଭିନ୍ନ ଅନୁଶୀଳନ ଓ ପରୀକ୍ଷା ଫଳରେ କେତେଗୁଡ଼ିଏ ବିସ୍ମୃତ ତଥ୍ୟ ଆମ୍ଭେମାନେ ପୁଣି ମନେ ପକାଇବୁଁ ଓ ଜନସାଧାରଣ ତହିଁରୁ ବହୁତ ଉପକାର ପାଇବେ ।

## ମୟୂରଭଞ୍ଜ ରଥଯାତ୍ରା

ମୟୂରଭଞ୍ଜର ସର୍ବ ପ୍ରଧାନ ଜାତୀୟ ମହୋତ୍ସବ ରଥଯାତ୍ରା ଏ ବର୍ଷ ମହାସମାରୋହ ଓ ଆଡ଼ମ୍ବର ସହିତ ସମ୍ପନ୍ନ ହୋଇଥିଲା ।



ରଥଯାତ୍ରାର ଏକ ସାଧାରଣ ଦୃଶ୍ୟ ।

ଏହି ଉତ୍ସବ ୧୧ ଦିନ ଧରି ଚାଲିଥିଲା ଏବଂ ରାଜ୍ୟର କଚେରୀ, କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକ ଏତଦୁପଲକ୍ଷେ ୬ ଦିନ ବନ୍ଦ ଥିଲା ।



Digitized by srujanika@gmail.com

ମହାରାଜା ମହୋଦୟ କୌଳିକପ୍ରଥାନୁଯାୟୀ ଉତ୍ସବର ପ୍ରତ୍ୟେକ ଅଙ୍ଗରେ ଯୋଗ ଦେଇଥିଲେ । ବିରାଟ ଜନତାର ଶୋଭାଯାତ୍ରାରେ ରଥ ଗୁଡ଼ିକ ଟଣା ଯାଇଥିଲା । ଆଠମଲ୍ଲିକର ରାଜା ସାହେବ ଉତ୍ସବ ଉପଭୋଗ କରିଥିଲେ । ପ୍ରଥମ ଦୁଇ ଦିନ ଅର୍ଥାତ୍ ଜୁଲାଇ ୨୬ ଓ ୨୭ ତାରିଖ ପାଗ ବେଶ ଭଲଥିଲା । ତତ୍ପରେ ପାଗର ଅବସ୍ଥା ଟିକିଏ ଖରାପ ଦେଖାଗଲା ଓ ଯାତ୍ରୀ ସଂଖ୍ୟା କ୍ରମେ କ୍ରମେ କମିଲା । ଏ ବର୍ଷ ଗୁଣ୍ଡିଚାରେ ଯେଉଁ ଜନସମାଗମ ହୋଇଥିଲା ତାହା ଗତ କେତେ ବର୍ଷ ଧରି ଦେଖା ଯାଇ ନ ଥିଲା । ଅନୁମାନରେ ଯାତ୍ରୀ ସଂଖ୍ୟା ପ୍ରାୟ ୩୦,୦୦୦ରୁ ଊଣା ନ ଥିଲା । ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିଲେହେଁ ନିକଟବର୍ତ୍ତୀ ମୋଗଲବନ୍ଦୀ ଜିଲ୍ଲା ଓ ଦେଶୀୟ ରାଜ୍ୟମାନଙ୍କରୁ ମଧ୍ୟ ଅନେକ ଯାତ୍ରୀ ଆସିଥିଲେ । ବାରିପଦା ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ବିଭାଗର ସାହାର୍ଯ୍ୟରେ ଯେଉଁ ପ୍ରତିଷେଧକ ବ୍ୟବସ୍ଥାମାନ ଅବଲମ୍ବନ କରିଥିଲେ ତାହା ଫଳରେ କୌଣସି ପ୍ରକାର ସଂକ୍ରାମକ ରୋଗ ଦେଖା ଯାଇ ନ ଥିଲା । କୌଣସି ପ୍ରକାର ଦୁର୍ଘଟଣାର ସମ୍ବାଦ ମିଳି ନାହିଁ ।

## ମୟୂରଭଞ୍ଜ ଯୁଦ୍ଧ ଉଦ୍ୟମ କମିଟି

ଜୁଲାଇ ୧୦ ତାରିଖରେ ଷ୍ଟେଟ୍ ସେକ୍ରେଟେରିଏଟ୍‌ରେ ମୟୂରଭଞ୍ଜ ଯୁଦ୍ଧ-ଉଦ୍ୟମ କମିଟିର ଏକ ବୈଠକ ହୋଇଥିଲା । ଶ୍ରୀମାନ୍ ମହାରାଜା ମହୋଦୟ ରାଜ୍ୟର ପ୍ରଜାପୁଞ୍ଜଙ୍କୁ ଯୁଦ୍ଧ ଉଦ୍ୟମରେ ଅଧିକତର ସାହାଯ୍ୟ କରିବା ଲାଗି ଅନୁରୋଧ କରି ତାଙ୍କର ବାର୍ତ୍ତାରେ କହିଥିଲେ, "ଆମ୍ଭର ବନ୍ଧୁ ଓ ମିତ୍ରପକ୍ଷଙ୍କ ଆଦର୍ଶହିଁ ସଭ୍ୟ ମାନବଜାତିର ଆଦର୍ଶ; ଆମ୍ଭେମାନେ କଥାରେ ଅବା କାର୍ଯ୍ୟରେ ତହିଁରେ ବିଘ୍ନ ଘଟାଇବାକୁ ଦେବୁ ନାହିଁ ଏବଂ ଆମେ ଅତୀତରେ ଯେପରି ଗୌରବର ସହିତ ଆରଦ୍ଧର ପରମ୍ପରା ରକ୍ଷା କରିଥାଇଁ ଭଗବାନଙ୍କ ଆଶୀର୍ବାଦରେ ତାହା ବର୍ତ୍ତମାନ ସୁଦ୍ଧା ସେହିପରି ବଜାୟ ରଖିବୁଁ ।" ମହାରାଜା ରାଜନ୍ୟ ମଣ୍ଡଳର ଏକ ସଭାରେ ଯୋଗ ଦେବା ପାଇଁ କଲିକତା ଯାଇଥିବାରୁ ଦେବାନ ସାହେବ ତାଙ୍କର ବାର୍ତ୍ତାଟି ପଢ଼ି ଶୁଣାଇ ଦଇଥିଲେ ।

ନାତ୍ସୀ ଦୌରାତ୍ମ୍ୟଙ୍କୁ ଆଉ ଅଧିକ କାଳ ପ୍ରଶ୍ରୟ ଦେବାରେ ଯେଉଁସବୁ ବିପଦ ରହିଅଛି ଏବଂ ଭାରତବର୍ଷ ମଧ୍ୟ କିପରି କ୍ରମେ କ୍ରମେ ରଣାଙ୍ଗନର ଅତି ଅଳ୍ପ ଦୂରତା ମଧ୍ୟକୁ ଆସି ଯାଉଛି ତାହା ଉକ୍ତ ବାର୍ତ୍ତାରେ ବିଶଦ ଭାବରେ ଉଲ୍ଲେଖ କରା ଯାଇଥିଲା । ପୂର୍ବାଞ୍ଚଳ ଓ ଆଫ୍ରିକା ରଣାଙ୍ଗନରେ ଇଂଲଣ୍ଡର ବିଜୟ ଲାଭ କଥା କହିବାକୁ ଯାଇ ମହାରାଜା ମହୋଦୟ ନିଶ୍ଚିତରୂପେ ପ୍ରକାଶ କରିଥିଲେ ଯେ ଯୁଦ୍ଧର ପରିଣାମ ମିତ୍ର ଶକ୍ତିର ବିଜୟ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ପରିଶେଷରେ ମହାରାଜା ମହୋଦୟ ପ୍ରଜାମାନଙ୍କର ଯୁଦ୍ଧ-ଉଦ୍ୟମର ସାଧୁବାଦ କରି କହିଥିଲେ ଯେ ବିଗତ ବନ୍ୟା ବିପ୍ଳବ ସତ୍ତ୍ୱେ ସେମାନେ ଧୀର ଅଥଚ ସ୍ଥିର ଭାବରେ କର୍ତ୍ତବ୍ୟର କଠୋର ଆହ୍ୱାନ ଶୁଣି ଅଛନ୍ତି ଓ ଶତ୍ରୁର ସମୂଳ ବିନାଶ ପର୍ଯ୍ୟନ୍ତ ସେମାନେ ଅଧିକରୁ ଅଧିକତର ସାହାଯ୍ୟ ଯୋଗାଇବେ ବୋଲି ମହାରାଜା ଆଶା ପୋଷଣ କରିଥିଲେ ।

କମିଟିରେ ପୂର୍ବ ବୈଠକର ବିବରଣୀ ପଠିତ ଓ ଗୃହୀତ ହୋଇଥିଲା । ସରକାରୀ ଓ ବେସରକାରୀ ଲୋକେ ଯେଉଁ ସହଯୋଗ ଓ ସହାନୁଭୂତି ଦେଖାଇ ଅଛନ୍ତି କମିଟି ତହିଁର ପ୍ରଶଂସା କରିଥିଲେ । ମହାମାନ୍ୟ ବଡ଼ଲାଟଙ୍କ ଯୁଦ୍ଧ ପାଣ୍ଠିକୁ ଟ ୫,୦୦୦ ଓ ମହାମାନ୍ୟା ଲିନ୍‌ଲିଥ୍‌ଗୋଙ୍କ ସିଲଭର ଟ୍ରିଙ୍କେଟ ପାଣ୍ଠିକୁ ଟ ୧୦୧ ଙ୍କା ପଠାଇବା ପାଇଁ କମିଟି ସଭାପତିଙ୍କୁ ଅନୁରୋଧ କରିଥିଲେ ।

## ମ୍ୟୁନିସିପାଲିଟି ନିର୍ବାଚନ

ଜୁଲାଇ ୧୩ ତାରିଖରେ ବାରିପଦା ମ୍ୟୁନିସିପାଲିଟିର କମିସନର ନିର୍ବାଚନ ଶେଷ ହେଲା । ସହରର ଅଧିକାଂଶ ଭୋଟଦାତା ନିର୍ବାଚନରେ ଯୋଗ ଦେଇଥିଲେ ଏବଂ ଭୋଟ ପାଇଁ ବିରିଅଡ଼େ ତୁମୁଳ ପ୍ରଚାର ଓ ଆନ୍ଦୋଳନ ଦେଖା ଯାଇଥିଲା ।

୧୯୦୫ ମସିହାରେ ଏହି ମ୍ୟୁନିସିପାଲିଟି ପ୍ରତିଷ୍ଠା ହୁଏ । ୧୧ ଜଣ କମିସନର ମଧ୍ୟରୁ ୮ ଜଣ ଭୋଟଦାତାମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ଏବଂ ଚେୟାରମେନ୍ ସମେତ ୩ ଜଣଙ୍କୁ ସରକାର ମନୋନୀତ କରନ୍ତି ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

# CALCITHRIC VITAMIN 'D'

*Triple Salts of Calcium with 25 Units of Vitamin 'D'*

*for*

RICKETS, SCROFULA, TUBERCULOSIS AND

ALL WASTING DISEASES

---

# EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

---

## ଦେଶ ରକ୍ଷା ନିମନ୍ତେ ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରନ୍ତୁ

ଡିଫେନ୍ସ ଲୋନ କିଣିଲେ **ଆପଣ** ଦେଶ ରକ୍ଷା **ବ୍ୟବସ୍ଥାରେ** ସାହାଯ୍ୟ କରି ପାରିବେ । ଆପଣଙ୍କର ଦେଶ ସୁରକ୍ଷିତ ହେଲେ ଆପଣଙ୍କର ଘର, ପରିବାର-ବର୍ଗ ଓ ବିଷୟ-ସମ୍ପତ୍ତି ନିରାପଦ ରହିବ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରିବା ସର୍ବାପେକ୍ଷା ନିରାପଦ, କାରଣ ପୂର୍ବାପୂର ସୁଧ ସହ ପରିଶୋଧର ଦାୟିତ୍ୱ ଗଭର୍ଣ୍ଣମେଣ୍ଟ ନେଇ ଅଛନ୍ତି । ଏଥିରେ ଅର୍ଥ ନିୟୋଗ କଲେ ଦେଶ-ସେବା ଓ ସଞ୍ଚିତ ଅର୍ଥର ନିରାପତ୍ତି ଏହି ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ଏଥିପାଇଁ ଆପଣଙ୍କୁ କୌଣସି ପ୍ରକାର ସ୍ୱାର୍ଥତ୍ୟାଗ କରିବାକୁ ହେବ ନାହିଁ । ଏହା ଆପଣଙ୍କର ଅର୍ଥ ସଞ୍ଚୟରେ ସାହାଯ୍ୟ କରିବ ଏବଂ ଚୋରା ବଜାରରେ ମୂଲ୍ୟବୃଦ୍ଧିର ସହିତ ଏହାର କୌଣସି ସମ୍ବନ୍ଧ ରହିବ ନାହିଁ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କଲେ ଆପଣ, ଆପଣଙ୍କର ଅର୍ଥ, ପରିବାର-ବର୍ଗ ଓ ଦେଶ ସମସ୍ତ ସୁରକ୍ଷିତ ହେବ ।

---

# BHOLANATH DUTT & SONS

THE PREMIER PAPER HOUSE OF INDIA

PRIVILEGE" CALCUTTA. - PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

134 & 135 Old China Bazar Street, Calcutta 64 Harrison Road.

Hewet Road, Allahabad. Chawk Benares. 58 Patuatuly, Dacca.


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ** ଓ **ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧ । ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ ଦରୀ

୨ । ଉନ୍ନତ ବୁଣା ଟେକି ଗଦି ଏବ ବିଛଣା ଗଦି

୩ । କପାସୂତାର ଗାଲିଚା ଓ ଅଭଙ୍ଗା କଣ୍ଟେଇ

୪ । ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଅଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର ଉତ୍କୃଷ୍ଟ ଜିନିଷ

**ବନ୍ୟଜାତ ଦ୍ରବ୍ୟ**

୧ । ହାତୀଦାନ୍ତ

୨ । ବୋଟେଗେଇ ଟସର

୩ । ଶାଳ, ପିଆଶାଳ, ଶିଶୁ ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪ । ଉତ୍କୃଷ୍ଟ କୁସୁମୀ ଓ ରଙ୍ଗଣୀ ଲାହା ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଟପରା ଇତ୍ୟାଦ

Digitized by srujanika@gmail.com